ବଙ୍ଗଳା ବିଭାଗର	ମୁଁ ଏଇ ବଙ୍ଗଳା ବିଭାଗର ଛାତ୍ର ।
ଅସମୀୟା ବିଭାଗର	ମୁଁ ଏଇ ଅସମୀୟା ବିଭାଗର ଛାତ୍ର ।
ଭାଷାକେନ୍ଦ୍ରର	ମୁଁ ଏଇ ଭାଷାକେନ୍ଦ୍ରର ଛାତ୍ର ।
ଆପଣ	ଆପଣ ଏଇ ଭାଷାକେନ୍ଦ୍ରର ଛାତ୍ର ।
ତମେ	ତମେ ଏଇ ଭାଷାକେନ୍ଦ୍ରର ଛାତ୍ର ।

Digitized by srujanika@gmail.com

(f) କିଛି ଲୋକ ଓଡ଼ିଶା ବାହାରର ।

ସବୁଲୋକ	ସବୁଲୋକ ଓଡ଼ିଶା ବାହାରର ।
ସବୁଛାତ୍ର	ସବୁଛାତ୍ର ଓଡ଼ିଶା ବାହାରର ।

V. Transformation drill (Change into question, changing intonation)

(a) ତୁମେ ଓଡ଼ିଆ ବିଭାଗର ଛାତ୍ର ।
ତୁମେ ଓଡ଼ିଆ ବିଭାଗର ଛାତ୍ର ?

(b) ଆପଣ ବଙ୍ଗଳା ବିଭାଗର ଛାତ୍ର ।
ଆପଣ ବଙ୍ଗଳା ବିଭାଗର ଛାତ୍ର ?

(c) ତୁମ ଘର ଭୁବନେଶ୍ୱରରେ ।
ତୁମ ଘର ଭୁବନେଶ୍ୱରରେ ?

(d) ଆପଣ ଆସାମର ଲୋକ ।
ଆପଣ ଆସାମର ଲୋକ ?

(e) ଏଇଟା ଓଡ଼ିଆ କ୍ଲାସରୁମ ।
ଏଇଟା ଓଡ଼ିଆ କ୍ଲାସରୁମ ?

VI. Response drill

1. (a) ଏଇଟା ଓଡ଼ିଆ କ୍ଲାସ ?
ହଁ, ଏଇଟା ଓଡ଼ିଆ କ୍ଲାସ ।

(b) ତୁମେ କଣ ଏଇଠାର ଲୋକ ?
ହଁ, ମୁଁ ଏଇଠାର ଲୋକ ।

2. (a) ସେଇଟା ବଙ୍ଗଳା କ୍ଲାସ ?
ନା, ସେଇଟା ଲାଇବ୍ରେରୀ ।

(b) ବଙ୍ଗଳା ବିଭାଗର ସବୁ ଛାତ୍ର କଣ ଓଡ଼ିଶାର ?
ନା, କିଛି ଲୋକ ଓଡ଼ିଶା ବାହାରର ।

3. (a) ତୁମ ଘର କୋଉଠି ?
ମୋ ଘର କଟକରେ ।

(b) ଆପଣଙ୍କ ଭାଷାକେନ୍ଦ୍ର କୋଉଠି ?
ଆମ ଭାଷାକେନ୍ଦ୍ର ଲକ୍ଷ୍ମୀସାଗରରେ ।

Digitized by srujanika@gmail.com

Exercises

1. Substitute the underlined words by selecting appropriate words from inside the brackets:

    (a) ଏଇଟା କଣ ଓଡ଼ିଆ କ୍ଲାସ ? (ସେଇଟା, ସେଇ, ସବୁ)
    (b) ମୁଁ ଏଇ ବଙ୍ଗଳା ବିଭାଗର ଛାତ୍ର । (ସେଇଟା, ସେଇ, ସବୁ)
    (c) ସେଇ ଘରଟି ବଙ୍ଗଳା କ୍ଲାସରୁମ । (ଏଇଟା, ଏଇ, ସବୁ)
    (d) ଆପଣ ଓଡ଼ିଶାର ଲୋକ । (ତୁମେ, ମୁଁ, ଆପଣଙ୍କ)
    (e) ମୋ ଘର କଟକରେ । (ଆପଣ, ମୁଁ, ତମ)
    (f) ମୁଁ ଏଇଠାର ବାସିନ୍ଦା । (ତମ, ଆପଣ, ମୋ)
    (g) ତୁମେ କୋଉ ବିଭାଗର ଛାତ୍ର ? (ଲୋକ, ଅଧ୍ୟାପକ, ଲେଖକ)
    (h) ତୁମେ ଗୌହାଟୀର ବାସିନ୍ଦା । (ଭାଷାକେନ୍ଦ୍ର, ଲୋକ, ସହର)

2. Fill up the blanks:

    (a) ଏଇଟା..............ଓଡ଼ିଆ କ୍ଲାସ ?
    (b) ଆପଣ........ବିଭାଗର ଛାତ୍ର ?
    (c) ଆପଣଙ୍କ ଘର........?
    (d) ଆପଣ.........ଲୋକ ?
    (e) ସେଇଟା............ପୂର୍ବାଞ୍ଚଳ ଭାଷାକେନ୍ଦ୍ର ?
    (f) ତମ ଭାଷାକେନ୍ଦ୍ରର ନାଁ.....?
    (g) ଓଡ଼ିଆ ବିଭାଗର ଛାତ୍ର...........।
    (h) ମୁଁ.............ବିଭାଗର ଛାତ୍ର ।
    (i) କିଛି.............ଓଡ଼ିଶା ବାହାରର ।
    (j) ବଙ୍ଗଳା ବିଭାଗର ଘର......।

3. Transform the following sentences into questions, using intonation:

    (a) ତୁମ ଘର ଭୁବନେଶ୍ବରରେ ।
    (b) ଓଡ଼ିଆ କ୍ଲାସର ଛାତ୍ର ବେଶୀ ।
    (c) ମୁଁ ଆସାମର ଲୋକ ।
    (d) ଆପଣ ଭାଷାକେନ୍ଦ୍ରର ଛାତ୍ର ।
    (e) ତୁମେ ଅସମୀୟା ବିଭାଗର ଛାତ୍ର ।

Digitized by srujanika@gmail.com

(f) ବଙ୍ଗଳା କ୍ଲାସର ଘର ବେଶୀ ।
(g) ଆପଣ ଏଇଠାର ବାସିନ୍ଦା ।

4. Answer the following:

(a) ଆପଣ କୋଉ ବିଭାଗର ଛାତ୍ର ?
(b) ଏଇଟା କଣ ଭାଷାକେନ୍ଦ୍ର ?
(c) ଏ ଭାଷାକେନ୍ଦ୍ରର ପୂରା ନାଁ କ'ଣ ?
(d) ତୁମେ କଣ ଏଇଠାର ଲୋକ ?
(e) ବଙ୍ଗଳା ବିଭାଗର ସବୁଛାତ୍ର କଣ ଓଡ଼ିଶାର ?

Grammatical Note

1. (i) The demonstrative pronouns like ଏଇଟା, ସେଇଟା, ସେଇ, ଏଇ and ଏ etc. are introduced.

(ii) Questions eliciting answers can be either 'yes' or 'no' or of explanatory type. But usually this 'yes or no' type answers are followed by an explanation which may be either in affirmative or in negative. The question eliciting explanatory answers are either in affirmative or negative. In giving explanatory type of answers, 'yes' or 'no' are not to be used.

ଏଇଟା କଣ ଓଡ଼ିଆ କ୍ଲାସ ?	Is this the Oriya class ? (Yes, and explanation)
ହଁ, ଏଇଟା ଓଡ଼ିଆ କ୍ଲାସ ।	Yes, this is the Oriya class. (Yes, and explanation)
ତମେ କଣ ଓଡ଼ିଶା ବାହାରର ଲୋକ ?	Are you from outside Orissa ? (Yes, and explanation)
ହଁ, ମୁଁ ଓଡ଼ିଶା ବାହାରର ଲୋକ ।	Yes, I am from outside Orissa.
ନା, ମୋ ଘର କଟକରେ ।	No, my house is at Cuttack. (No, and explanation)

Digitized by srujanika@gmail.com

ନାଁ, ମୁଁ ଓଡ଼ିଶା ବାହାରର ଲୋକ ନୁହେଁ ।	No, I am not from outside Orissa. (No, and explanation) *see* Lesson 3
ତମେ କୋଉ ବିଭାଗର ଛାତ୍ର ?	You are from which department? (explanatory answer)
ମୁଁ ବଙ୍ଗଳା ବିଭାଗର ଛାତ୍ର ।	I belong to Bengali department. (explanatory answer)
ତମେ ବଙ୍ଗଳା ବିଭାଗର ଛାତ୍ର ?	Are you a student of Bengali department ?
ନା, ମୁଁ ଓଡ଼ିଆ ବିଭାଗର ଛାତ୍ର ।	No, I am a student of Oriya department.

It is to be remembered that କେଉଁ or କୋଉ as an interrogative adjective has to follow the referential animate or inanimate nouns. But when the referent is a locational noun like ଠି or ଠାରୁ the interrogative adjective with the referent, occurs as one word.

ଆପଣଙ୍କ ଘର କୋଉଠି/କେଉଁଠି ?	Where is your home ?
ତୁମେ କୋଉଠାର/କେଉଁଠାର ଲୋକ ?	Where are you from ?

Questions can be asked by changing intonation. In writing, the intonation is marked out by a question mark '?'. Questions using intonation always elicit 'yes or no' type answers.

ଏଇଟା ଓଡ଼ିଆ କ୍ଲାସ ?	Is this Oriya class ?
ତୁମେ ଏଇଠାର ଲୋକ ?	Are you from this place ?
ହଁ ।	Yes.
ନା ।	No.

Digitized by srujanika@gmail.com

(iii) The interrogative structure ସେଇଟା ବଙ୍ଗଳା କ୍ଲାସ ? can elicit four types of responses as follows :

ସେଇଟା ବଙ୍ଗଳା କ୍ଲାସ ? Is that Bengali class ?	ହଁ, ସେଇଟା ବଙ୍ଗଳା କ୍ଲାସ । Yes, that is Bengali class.
	ନା, ସେଇଟା ଓଡ଼ିଆ କ୍ଲାସ । No, that is Oriya class.
	ନା, ସେଇଟା ବଙ୍ଗଳା କ୍ଲାସ ନୁହଁ । No, that is not Bengali class.
	ନା, ସେଇଟା ବଙ୍ଗଳା କ୍ଲାସ ନୁହଁ, ସେଇଟା ଓଡ଼ିଆ କ୍ଲାସ । No, that is not Bengali class, that is Oriya class.

2. Use of ଟ and ଟି, ଟା and ଟି function as definite articles in this lesson. Use of ଟି is more personal and intimate than the use of ଟା । ଟା is always used with time divisions where ଟି is never used with the time divisions.

(i)	ଛଟା/ସାଢ଼େ ଛଟା		six/half past six (relating to time)
	ଗୋଟାଏ/ସାଢ଼େ ଗୋଟାଏ		one/half past one (relating to time)
(ii)	ଦଶଟା ବହି	ten books	(relating to things)
	ଦଶଟି ବହି	ten books	

It is to be pointed out in this context that in Oriya ଏକଟି or ଏକଟା are never used, instead it is always ଗୋଟିଏ or ଗୋଟାଏ, meaning one. The time 1.00 P.M. or 1.00 A.M. is always described as ଗୋଟାଏ but never ଗୋଟିଏ, 1.30 P.M. or 1.30 A.M. and 2.30 P. M. or 2.30 A. M. are described as ସାଢ଼େଗୋଟାଏ

Digitized by srujanika@gmail.com

or ଦେଢ଼ଟା and ସାଢ଼େଦି'ଟା or ଅଢ଼େଇଟା respectively. ଦେଢ଼ is one and half and ସାଢ଼େ is always plus half. ସାଢ଼େ is always used in the time context to mean half past, where as ଦେଢ଼ can be used for other things to mean one and half, and ଅଢ଼େଇ to mean two and half, in local counting.

ଦେଢ଼ଟା ଆମ୍ବ	One and half mango
ଅଢ଼େଇଟା କଦଳୀ	two and half bannanas

3. ତୁମେ is the 2nd person polite singular pronoun while ତମେ of ତୁମେ is a variant. ତୁମେମାନେ or ତମେମାନେ is the 2nd person polite plural pronoun where ମାନେ is the plural marker. ସମସ୍ତେ is the plural pronoun to mean 'all' for human beings only. ସବୁ, the plural referent, is also to mean 'all' for both animate and inanimate objects. It occurs more frequ-ently as an adjective.
4. କିଛି is used to mean 'some' for both animate and inanimate.
5. ବେଶୀ and କମ୍ are opposite words.
6. ହଁ and ନା as two responses can be considered as sentences conveying complete meaning in particular contexts.
7. ଓ is a connective to mean 'and'. Also ଆଉ and ଏବଂ function as connectives in Oriya. ଆଉ is used as a term of continuation in a narrative description. ଆଉ also means 'more'.

Cultural Note

1. ବାବୁ as both polite and honorific term is usually added to a name or surname. At times it is used as a term of address by a person of low status to a person of higher status.
2. It is customary that a person has always two names. One is his nick-name which is invariably used by family members and the other his good-name or polite-name for all official purposes, or for all outside purposes. The nick-name in Oriya is called ଡାକ ନାଁ and the good-name is called ପୁର ନାଁ or ଭଲ ନାଁ.

Digitized by srujanika@gmail.com

UNIT I

LESSON 3

Meeting of two friends

ଦୁଇ ବନ୍ଧୁଙ୍କ ଭେଟ

ସରୋଜ : ଆରେ ଅଶୋକ ଯେ! ନମସ୍କାର । କଣ ସବୁ ଭଲ ?

सरोज आरे अशोक जे ! नमस्कार ।
कण सबु भल ?

Saroj : Hallo, Asok, *namaskar*.
Is everything good ?

ଅଶୋକ : ନମସ୍କାର ! ହଁ, ଏକପ୍ରକାର ଭଲ । ତୁମ ସାଙ୍ଗରେ ସେ କିଏ ?
ସେ କଣ ତୁମ ସାନ ଭଉଣୀ ?

अशोक नमस्कार ! हँ एकप्रकार भल ।
तुम सांगरे से किए ?
से कण तुम सान भउणीं ?

Asok : *Namaskar*. Yes, somehow good.
Who is she with you ?
Is she your younger sister ?

ସରୋଜ . ନା, ସେ ମୋ ସାନ ଭଉଣୀ ନୁହଁ ।
ସେ ମୋ ଭଣିଜୀ । ତା ନାଁ ଗୀତା ।

सरोज ना, से मो सान भउणी नुहँ ।
से मोर भाणिजी ।
ता नाँ गीता ।

Saroj : No, she is not my younger sister.
She is my niece.
Her name is Gita.

ଅଶୋକ : ତୁମ ବଡ଼ଭାଇ ଏବେ କୋଉଠି ?

अशोक : तुम बड़ भाई एबे कोउठि ?

Asok : Where is your elder brother now?

ସରୋଜ : ସେ ଏବେ-ଦିଲ୍ଲୀରେ । ତାଙ୍କ ଚାକିରୀ ସେଇଠି ।
ଆଚ୍ଛା ଅଶୋକ ତୁମ ବସା ଏଠି କୋଉଠି ?

सरोज से एबे दिल्लीरे । तांक चाकिरी सेइठि ।
आच्छा अशोक तुम बसा एठि कोउठि ?

Saroj : He is now in Delhi.
His service is there.
Well, Asok, where is your quarters here ?

Digitized by srujanika@gmail.com

ଅଶୋକ : ମୋ ବସା ଏଇ ରାସ୍ତା ସେ ପାଖରେ ।
ଏଠିକି ଅତି ପାଖ । ତୁମେ ଏଆଡ଼େ
କୁଆଡ଼େ ?
अशोक मो बसा एई रास्ता से पाखरे ।
एठिकि अति पाख । तुमे एआड़े
कुआड़े ?

Asok : My quarters is on the otherside of the road. It's very near to this place. What brings you here ?

ସରୋଜ : ଏଇ ବଜାର ଆଡ଼େ । ଆଚ୍ଛା ନମସ୍କାର ।
सरोज एई बजार आड़े ।
आच्छा नमस्कार ।

Saroj : I'm going to the market.
Well, *namaskar*.

ଅଶୋକ : ନମସ୍କାର ।
अशोक नमस्कार ।

Asok : *Namaskar*.

Variation

A : ସେ କିଏ ?
से किए ?

A : Who is he ?

B : ସେ ମୋ ସାନ ଭାଇ ।
से मो सान भाई ।

B : He is my younger brother.

A : ତାରି ନାଁ କଣ ଅଜୟ ?
तारि नां कण अजय ?

A : Is his name Ajay ?

B : ନା, ତା ନାଁ ଅଜୟ ନୁହଁ ।
ତା ନାଁ ସୁଶାନ୍ତ ।
ना, ता नाँ अजय नुहँ ।
ता नाँ सुशान्त ।

B : No, his name is not Ajay.
His name is Susanta.

A : ତମେ ବର୍ତ୍ତମାନ କୋଉଠି ?
तमे बर्त्तमान कोउठि ?

A : Where are you now ?

B : ମୁଁ ବର୍ତ୍ତମାନ ପୁରୀରେ ।
मुं बर्त्तमान पुरीरे ।

B : I am now at Puri.

A : ତାଙ୍କ ଘର କୋଉଠି ?
तांक घर कोउठी ?

A : Where is his house ?

Digitized by srujanika@gmail.com

B ତାଙ୍କ ଘର ଏଇ ନିକଟରେ ।
ଏଠୁ ଅଳ୍ପ ଦୂର ।
तांक घर एई निकटरे ।
एठु अल्प दूर ।

B : His house is nearby.
Only a small distance from here.

Vocabulary :

ଅତି	very
ଅଳ୍ପ ଦୂର	a small distance
ଆଚ୍ଛା	allright
ଆରେ	hallo (also *see* Gr. Note)
ଏଆଡ଼େ	in this direction
ଏକ ପ୍ରକାର	in a way, somehow
ଏଠିକି	to this place
ଏଠାରୁ	from this place
ଏବେ	now
କିଏ	who
କୁଆଡ଼େ	where (direction)
କେଉଁଠି	where (place)
ଚାକିରୀ	service, job
ତା	his or her (fam.)
ତାରି	his only or her only
ତାଙ୍କ	his/her (hon.)

ତୁମ ସାଙ୍ଗରେ	with you
ନିକଟରେ	near
ନୁହେଁ	not
ପାଖ	near
ବଜାରଆଡ଼େ	to the market
ବଡ଼ ଭାଇ	elder brother
ବର୍ତ୍ତମାନ	now
ବସା	lodgings or quarters
ଭଲ	all right
ଭଣିଜୀ	niece
ଯେ	an expression of unexpected presence.
ରାସ୍ତା	road
ସାନ ଭଉଣୀ	younger sister
ସେ	he or she (fam.)
ସେଇଠି	there

Drills

I. Pronunciation drill.

Group 1. /ଚ/ca/

ଚକ	କିଚକ	ପାଶ୍ଚାତ୍ୟ
ରୁଚି	ପାଚିଲ୍ଲ	ଆଶ୍ଚର୍ଯ୍ୟ

Digitized by srujanika@gmail.com

ଚଞ୍ଚଳ
ଚିନି
ଚୁଡ଼ା
ବିଚାର
ସଙ୍କୋଚ
ପ୍ରଚୁର
ନିଶ୍ଚୟ
ପଶ୍ଚିମ

Group 2. /ଛ/cha/

ଛକ
ଛେପ
ଛୁଆ
ଛେଳି
ଛାତ
ମିଛୁଆ
ପାଛୋଟି
ବିଛୁଆଟି
ପଛୁଆ
ଭଛୁକ
ମାଛ
କିଛି
ମାଛି
କାଛୁ
ଆଛା

II Repetition drill

model :

Teacher ଆରେ ଅଶୋକ ଯେ! ନମସ୍କାର ।
କଣ ସବୁ ଭଲ ?

Student ଆରେ ଅଶୋକ......

All the sentences in the lesson are to be repeated following the above model with proper intonation.

III Build up drill

ଭଲ ?
ସବୁ ଭଲ ?
କଣ ଭଲ ?
କଣ ସବୁ ଭଲ ?

କିଏ ?
ସେ କିଏ ?
ସାଙ୍ଗରେ କିଏ ?
ସାଙ୍ଗରେ ସେ କିଏ ?
ତୁମ ସାଙ୍ଗରେ ସେ କିଏ ?

ନୁହଁ ।
ଭଉଣୀ ନୁହଁ ।
ସାନ ଭଉଣୀ ନୁହଁ ।
ମୋ ସାନ ଭଉଣୀ ନୁହଁ ।
ସେ ମୋ ସାନ ଭଉଣୀ ନୁହଁ ।
ନା, ସେ ମୋ ସାନ ଭଉଣୀ ନୁହଁ ।

ଭଣିଜୀ ।
ମୋ ଭଣିଜୀ ।
ସେ ମୋ ଭଣିଜୀ ।

Digitized by srujanika@gmail.com

ସାନ ଭଉଣୀ ?
ତୁମ ସାନ ଭଉଣୀ ?
କିଏ ତୁମ ସାନ ଭଉଣୀ ?
ସେ କିଏ ତୁମ ସାନ ଭଉଣୀ ?

ଗୀତା ।
ନାଁ ଗୀତା ।
ତା ନାଁ ଗୀତା ।

କେଉଁଠି ?
ଏବେ କେଉଁଠି ?
ବଡ଼ଘର କେଉଁଠି ?
ବଡ଼ଘର ଏବେ କେଉଁଠି ?
ତୁମ ବଡ଼ଘର ଏବେ କେଉଁଠି ?

ପାଖ ।
ଅତି ପାଖ ।
ଏଠିକି ପାଖ ।
ଏଠିକି ଅତି ପାଖ ।

ଦିଲ୍ଲୀରେ ।
ଏବେ ଦିଲ୍ଲୀରେ ।
ସେ ଦିଲ୍ଲୀରେ ।
ସେ ଏବେ ଦିଲ୍ଲୀରେ ।

କୁଆଡ଼େ ?
ଏଥିଆଡ଼େ କୁଆଡ଼େ ?
ତୁମେ କୁଆଡ଼େ ?
ତୁମେ ଏଥିଆଡ଼େ କୁଆଡ଼େ ?

ସେଇଠି ।
ଘୁକିରୀ ସେଇଠି ।
ତାଙ୍କ ଘୁକିରୀ ସେଇଠି ।

ବଜାରଆଡ଼େ ।
ଏଇ ଆଡ଼େ ।
ଏଇ ବଜାରଆଡ଼େ ।

କେଉଁଠି ?
ଏଠି କେଉଁଠି ?
ବସା ଏଠି କେଉଁଠି ?
ତୁମ ବସା ଏଠି କେଉଁଠି ?
ଆଚ୍ଛା, ଅଶୋକ ତୁମ ବସା ଏଠି କେଉଁଠି ?

ପାଖରେ ।
ସେ ପାଖରେ ।
ଘଣ୍ଟା ସେପାଖରେ ।
ଏଇ ଘଣ୍ଟା ସେପାଖରେ ।
ମୋ ବସା ଘଣ୍ଟା ସେପାଖରେ ।
ମୋ ବସା ଏଇ ଘଣ୍ଟା ସେପାଖରେ ।

Digitized by srujanika@gmail.com

IV Substitution drill

(a) ତୁମ ସାଙ୍ଗରେ ସେ କିଏ ?

ତା	ତା ସାଙ୍ଗରେ ସେ କିଏ ?
ତାଙ୍କ	ତାଙ୍କ ସାଙ୍ଗରେ ସେ କିଏ ?
ଆପଣଙ୍କ	ଆପଣଙ୍କ ସାଙ୍ଗରେ ସେ କିଏ ?
ଅଶୋକଙ୍କ	ଅଶୋକଙ୍କ ସାଙ୍ଗରେ ସେ କିଏ ?

(b) ତୁମ ବଡ଼ ଘର ଏବେ କୋଉଠି ?

ତା	ତା ବଡ଼ ଘର ଏବେ କୋଉଠି ?
ତାଙ୍କ	ତାଙ୍କ ବଡ଼ ଘର ଏବେ କୋଉଠି ?
ସରୋଜଙ୍କ	ସରୋଜଙ୍କ ବଡ଼ ଘର ଏବେ କୋଉଠି ?
ଆପଣଙ୍କ	ଆପଣଙ୍କ ବଡ଼ ଘର ଏବେ କୋଉଠି ?

(c) ସେ ଏବେ ଦିଲ୍ଲୀରେ ।

କଟକରେ ।	ସେ ଏବେ କଟକରେ ।
ପୁରୀରେ ।	ସେ ଏବେ ପୁରୀରେ ।
ଆସାମରେ ।	ସେ ଏବେ ଆସାମରେ ।

(d) ଆଚ୍ଛା, ଅଶୋକ ତୁମ ବସା ଏଠି କୋଉଠି ?

ଘର	ଆଚ୍ଛା, ଅଶୋକ ତୁମ ଘର ଏଠି କୋଉଠି ?
ଅଫିସ	ଆଚ୍ଛା, ଅଶୋକ ତୁମ ଅଫିସ୍ ଏଠି କୋଉଠି ?
ଲାଇବ୍ରେରୀ	ଆଚ୍ଛା, ଅଶୋକ ତୁମ ଲାଇବ୍ରେରୀ ଏଠି କୋଉଠି ?
ଶିକ୍ଷାକେନ୍ଦ୍ର	ଆଚ୍ଛା, ଅଶୋକ୍ ତୁମ ଶିକ୍ଷାକେନ୍ଦ୍ର ଏଠି କୋଉଠି ?

(e) ଏଠିକି ଅତି ପାଖ ।

ଖୁବ୍	ଏଠିକି ଖୁବ୍ ପାଖ ।
ଭାରି	ଏଠିକି ଭାରି ପାଖ ।

(f) ଏଇ ବଜାର ଅଛି ।

ସ୍କୁଲ	ଏଇ ସ୍କୁଲ ଅଛି ।
ଅଫିସ୍	ଏଇ ଅଫିସ୍ ଅଛି ।
ଲାଇବ୍ରେରୀ	ଏଇ ଲାଇବ୍ରେରୀ ଅଛି ।
ବସା	ଏଇ ବସା ଅଛି ।

Digitized by srujanika@gmail.com

V. Transformation drill.

1. Change into question form using କଣ.

(a) ସେ ତା ସାନ ଭଉଣୀ ।
ସେ କଣ ତା ସାନ ଭଉଣୀ ?

(b) ସେ ଏବେ ଦିଲ୍ଲୀରେ ।
ସେ କଣ ଏବେ ଦିଲ୍ଲୀରେ ?

(c) ତା ନାଁ ଗୀତା ।
ତା ନାଁ କଣ ଗୀତା ?

(d) ତାଙ୍କ ଚାକିରୀ ସେଇଠି ।
ତାଙ୍କ ଚାକିରୀ କଣ ସେଇଠି ?

(e) ତାଙ୍କ ଘର ଏଇ ନିକଟରେ ।
ତାଙ୍କ ଘର କଣ ଏଇ ନିକଟରେ ?

2. Change into question form using proper intonation.

(a) ସେ ତା ସାନ ଭାଇ ।
ସେ ତା ସାନ ଭାଇ ?

(b) ତା ନାଁ ସୁଶାନ୍ତ ।
ତା ନାଁ ସୁଶାନ୍ତ ?

(c) ତାଙ୍କ ଘର ଏଠିକି ଅତି ପାଖ ।
ତାଙ୍କ ଘର ଏଠିକି ଅତି ପାଖ ?

(d) ସବୁ ଭଲ ।
ସବୁ ଭଲ ?

3. Change into negative.

(a) ସେ ମୋ ସାନ ଭଉଣୀ ।
ସେ ମୋ ସାନ ଭଉଣୀ ନୁହଁ ।

(b) ତା ନାଁ ଗୀତା ।
ତା ନାଁ ଗୀତା ନୁହଁ ।

Digitized by srujanika@gmail.com

4. Change into interrogative—negative.

(a) ତା ନାଁ କଣ ଅଜୟ ?
ତା ନାଁ କଣ ଅଜୟ ନୁହଁ ?

(b) ସେ କଣ ତା ସାନ ଭଉଣୀ ?
ସେ କଣ ତା ସାନ ଭଉଣୀ ନୁହଁ ?

VI. Response drill.

(a) ସେ କିଏ ?
ସେ ମୋ ଭାଇ ।

(b) କଣ ତୁମର ସବୁ ଭଲ ?
ହଁ, ଭଲ ।

(c) ତାଙ୍କ ଘର କଣ ଏଠାରୁ ଅଳ୍ପ ଦୂର ?
ହଁ, ତାଙ୍କ ଘର ଏଠାରୁ ଅଳ୍ପ ଦୂର ।

(d) ଆପଣଙ୍କ ବଡ଼ ଭାଇ ଏବେ କୋଉଠି ?
ମୋ ବଡ଼ ଭାଇ ଏବେ କଲିକତାରେ ।

(e) ତୁମ ସାନ ଭଉଣୀ ନାଁ କ'ଣ ?
ମୋ ସାନ ଭଉଣୀ ନାଁ ଗୀତା ।

Exercises

1. Choose appropriate words from within the brackets and substitute the underlined words :

(a) ଆପଣଙ୍କ ସାଙ୍ଗରେ ସେ କିଏ ? (ଆମେ, ସେ, ତାଙ୍କ)
(b) ତା ବଡ଼ଭାଇ ଏବେ କୋଉଠି ? (ସେ, ଆପଣ, ତୁମ)
(c) ତୁମ ଘର କଣ ଏଠୁ ବେଶୀ ଦୂର ? (ମୁଁ, ତାଙ୍କ, ଆପଣ)
(d) ତା ନାଁ ସଙ୍ଗୀତା । (ତୁ, ସେ, ମୋ)
(e) ସେ ମୋ ସାନ ଭାଇ । (ମୁଁ, ତୁମେ, ତୁମ)
(f) ତା ଝିଅରୀ ସେଇଠି । (ସେ, ମୋ, ମୁଁ)
(g) ଗୀତା ଆପଣଙ୍କ ସାନ ଭଉଣୀ । (ତା, ତୁମେ, ମୁଁ)
(h) ଆପଣଙ୍କ ଘର କୋଉଠି ? (ତୁ, ତୁମେ, ତୁମ)

Digitized by srujanika@gmail.com

2. Fill up the blanks with suitable words :

(a) ରମା ମୋ..............................ଭଉଣୀ ।
(b) ମୋ ଘର ଏଠୁ..............................ଦୂର ।
(c) ତାଙ୍କ ଘର ଏଠାରୁ ....ପାଖ ।
(d) ତା..............................ଭାଇ ନାଁ ଅଶୋକ ।
(e) ଦିଲ୍ଲୀ ଖୁବ୍ ....ସହର ।

3. Negate the following sentences :

(a) ମୋ ଘର ଏଠୁ ବହୁତ ଦୂର ।
(b) ତମେ ମୋ ସାନ ଭାଇ ।
(c) ଆମ ରାଜଧାନୀ ନାଁ ଭୁବନେଶ୍ୱର ।
(d) ତମ ନାଁ ଅଶୋକ ।
(e) ତୁମ ଭାଷାକେନ୍ଦ୍ର ଏଠୁ ଅଳ୍ପ ଦୂର ।

4. Fill up the blanks with suitable possessive pronouns (use only once) :

(a) ସେ..............................ସାନ ଭାଇ ନୁହଁ ।
(b) ....ଘର କଣ ଏଠୁ ବେଶୀ ଦୂର ?
(c) ....ଘର କୋଉଠି ?
(d) ....ସାଙ୍ଗରେ ସେ କିଏ ?
(e) ....ନାଁ କ'ଣ ?

5. Frame ten meaningful sentences from the following table :
model : ଆପଣଙ୍କ ନାଁ କ'ଣ ?

ଆପଣଙ୍କ	ନାଁ	କ'ଣ ?
ତମ	ଘର	କିଏ ?
ତାଙ୍କ	ଭାଷାକେନ୍ଦ୍ର	କୋଉଠି ?
ମୋ	ସାନଭାଇ	
ଆମ		

Digitized by srujanika@gmail.com

6. Answer the following :

(a) ତୁମେ ବର୍ତ୍ତମାନ କୋଉଠି ?
(b) ତୁମ ସାନଭଇ ଏବେ କୋଉଠି ?
(c) ତୁମ ଘର କଣ ଏଠୁ ବେଶୀ ଦୂର ?
(d) ତୁମ ପାଖରେ ସେ କିଏ ?
(e) ତାଙ୍କ ନାଁ କଣ ଅଶୋକ ?

Grammatical Notes

1. Here ସେ is used to mean unexpected presence. Other uses of ସେ will be discussed later at appropriate points.

2. ତୁମ is the oblique base of 2nd person polite singular to which the possessive marker ର is added. ର is deleted when the possessive pronoun takes the adjectival position.

ଏ ତୁମ ଘର ।	This is your house.
ଏ ଘର ତୁମର ।	This house is yours.

3.(i) ସେ is 3rd person singular pronoun for both honorific and familiar, animate and inanimate referents. ସେ also functions as a demonstrative pronoun referring to inanimate objects.

ସେ ଜିନିଷଟା କୋଉଠି ? Where is that thing ?

ସେ has a colloquial variant form ସିଏ referring to 'that man' or 'that woman'.

(ii) (a) ତା is the oblique base of familiar ସେ to which post-positions are added and from where the possessive marker ର may be deleted. ତାଙ୍କ is the honorific and plural oblique base of honorific ସେ.

Digitized by srujanika@gmail.com

ତା ଘର	His house.	hon.	ତାଙ୍କ ଘର	His house.
ତା ନାଁ	His name.	plu.	ତାଙ୍କ ନାଁ	His name.

(b) –ର is suffixed to emphasize the possessive pronouns like ମୋରି, ତୋରି, ତୁମରି, ତାରି, ତାଙ୍କରି etc. It can be used with 1st person singular, 2nd person singular polite possessive pronouns, and 3rd person singular honorific possessive pronouns. –ର cannot be used with 2nd person honorific singular and plural and 3rd person plural possessive.

The demonstrative pronoun ସେ can also take post-positions to refer to place and direction of place with the intervention of locational referent like ଠ, ଆଡ଼, ପାଖ etc.

ସେଠିକି	there	ସେଆଡ଼େ	towards that side
ସେଠାକୁ	to that place	ସେଇଆଡ଼େ	towards that side
ସେଠାରୁ	from there (place)	ସେଇଆଡ଼କୁ	towards that direction.
ସେଠି	there	ସେ ପାଖକୁ	to that side.
ସେଇଠି	there		

Note: The post-position କି is variant of the post-position କୁ, after nouns or pronouns ending in –ର sound.

ପୁରୀକି	to Puri	ଏଠିକି	here
ଗୌହାଟୀକି	to Gauhati	ସେଠିକି	there

4. ଏ is a definite demonstrative pronoun to take post-positions with the locational nouns like ସେ to refer place and direction etc.

Digitized by srujanika@gmail.com

ଏଠିକି	here (place)	ଏଆଡ଼େ	in this direction.
ଏଠାକୁ	to this place		
ଏଠୁ	from here	ଏଇଆଡ଼େ	in this direction.
ଏଠାରୁ	from here		
ଏଇଠି	here		
ଏଠି	here		

Note : ଏ and ସେ as demonstrative pronouns refer to 'this' and 'that' with opposite meanings.

5. ଆଡ଼େ is a post-pcsition to refer direction.

6. (i) କିଏ is an interrogative pronoun. In a normal and familiar situation it enquires about the person who is unknown. Therefore we ask ସେ କିଏ ? or simply କିଏ ସେ ? But when କିଏ is used with other pronouns like ମୁଁ, ଆପଣ or ତୁମେ it refers to extra-ordinary situations.

(ii) କୁଆଡ଼େ is an interrogative word. When post-positions are added to refer to place and direction, it becomes କୁଆଡ଼.

କୁଆଡ଼େ	where
କୁଆଡ଼କୁ	to where
କୁଆଡ଼ରୁ	from where
କୁଆଡ଼ର	of where

7. ପର is used as an emphasis word. In familiar and intimate relations it can also be used for interrogation and completion of the sentence. It is very much in use in conversation.

8. The negative verb ନୁହେଁ is usually used to negate the equational sentence. ନୁହଁ is a variation of ନୁହେଁ. In plural and honorific constructions ନୁହେଁ becomes ନୁହଁନ୍ତି. Note the following changes in using negative ନୁହେଁ with different pronouns

Digitized by srujanika@gmail.com

ମୁଁ ନୁହେଁ / ନୁହଁ ।	I am not.
ଆମେ ନୁହଁ / ନୋହୁଁ ।	We are not.
ତୁ ନୁହେଁ/ନୁହଁ ।	You are not.
ତମେ ନୁହଁ ।	You are not.
ଆପଣ ନୁହଁନ୍ତି ।	You are not.
ସେ (fam.) ନୁହେଁ/ନୁହଁ ।	He is not.
ସେ (hon.) ନୁହଁନ୍ତି ।	He is not.
ସେମାନେ ନୁହନ୍ତି ।	They are not.

Note: For ଆମେ exclusive and inclusive *see* L–7, Gr. Note.

Cultural Note

1. When two friends meet on the road it is a common practice to enquire about each other by asking କଣ ଭଲ ? and the reply is usually ହଁ ଭଲ ।
2. In Orissa the eldest brother is usually addressed as ବଡ଼ ଭାଇ or simply ଭାଇ by younger ones. The other elder brothers are addressed by their name or position as per birth joined with the word ଭାଇ.

ମଝିଆ ଭାଇ	middle brother
ସାନ ଭାଇ	youngest brother
ବାବୁ ଭାଇ ବିନୁ ଭାଇ	(by prefixing names)

3. In Orissa the word ଘର is used to mean one's own home whereas the word ବସା is used to refer to one's temporary settlement. The word ଘର is also used for rooms in Oriya.

Digitized by srujanika@gmail.com

UNIT I

LESSON 4

Buying Books

ବହି କିଣା

ରାମବାବୁ : ତମ ଦୋକାନରେ କ'ଣ ସବୁ ଭଲ ଉପନ୍ୟାସ ଅଛି ?

रामबाबु : तम दोकानरे क'ण सबु भल उपन्यास अछि ?

Rambabu : What are the good novels in your shop ?

ବହି ଦୋକାନୀ : ଅନେକ ଭଲ ଉପନ୍ୟାସ ଅଛି । ଆପଣଙ୍କର କାହା ବହି ଦରକାର ?

बहि दोकानी अनेक भल उपन्यास अछि । आपणंकर काहा बहि दरकार ?

Book-Seller There are many good novels. Whose books do you want ?

ରାମବାବୁ : ମୋର କାହ୍ନୁବାବୁଙ୍କ 'ବାଲିରଜା' ଦରକାର । ଗୋପୀବାବୁଙ୍କ 'ପରଜା' ବହି ବି ଦରକାର ।

रामबाबु : मोर कान्हुबाबुंक 'बालिराजा' दरकार । गोपीबाबुंक 'परजा' बहि बि दरकार ।

Rambabu : I need 'Baliraja' of Kanhubabu. I also need Gopibabu's 'Paraja'.

ବହି ଦୋକାନୀ : 'ପରଜା' ବହିଟି ନାହିଁ । କାହ୍ନୁବାବୁଙ୍କ 'ବାଲିରଜା' ଅଛି । ଗୋପୀବାବୁଙ୍କ 'ମାଟିମଟାଳ' ଅଛି । ଏଗୁଡ଼ିକ ଆପଣଙ୍କର ଦରକାର ?

बहि दोकानी : 'परजा' बहिटि नाहिं । कान्हुबाबुंक 'बालिराजा' अछि । गोपीबाबुंक 'माटिमटाल' अछि । एगुड़िक आपणंकर दरकार ?

Book-Seller : I don't have 'Paraja'. I have Kanhu babu's 'Baliraja'. I have Gopibabu's 'Matimatala'. Do you need these ?

ରାମବାବୁ : ହଁ, 'ମାଟିମଟାଳ' ଓ 'ବାଲିରଜା' ଦୁଇଟାଯାକ ଦରକାର ।

रामबाबु : हँ, 'माटिमटाल' ओ 'बालिराजा' दुइटाजाक दरकार ।

Rambabu : Yes, I need both 'Matimatala' and 'Baliraja'.

Digitized by srujanika@gmail.com

ବହି ଦୋକାନୀ : ଆଚ୍ଛା ହଉ ।
बहि दोकानी   आच्छा हुउ ।

Book-Seller : All right.

Variation

A : ତମ ବଗିଚାରେ କ'ଣ କ'ଣ ଫୁଲଗଛ ଅଛି ?
तम बगिचारे क'ण क'ण फुलगछ अछि ?

A : What flower plants do you have in your garden ?

B : ବହୁତ ପ୍ରକାରର ଫୁଲଗଛ ଅଛି ।
बहुत प्रकारर फुलगछ अछि ।

B : There are many flower plants.

A : ହେନା, ରଜନୀଗନ୍ଧା ଆଉ ମଲ୍ଲୀଗଛ ଅଛି ?
हेना, रजनीगंधा आउ मल्ली गछ अछि ?

A : Do you have henna, tube rose and jasmine.

B : ହଁ । ଏ ଗଛଗୁଡ଼ାକ ତମର ନାହିଁ ?
हुँ । ए गछगुड़ाक तमर नाहि ?

B : Yes. Don't you have these plants ?

A : ନା, ସେଗୁଡ଼ିକ ନାହିଁ ।
ना, सेगुड़िक नाहिँ ।

A : No. Not those.

B : ତମର ଏ ଗଛତକ ଦରକାର ?
तमर ए गछतक दरकार ?

B : Do you need these plants ?

A : ହଁ, ସେଗୁଡ଼ାକ ମୋର ଦରକାର ।
हुँ, सेगुड़ाक मोर दरकार ।

A : Yes, I need those plants.

Vocabulary

ଅଛି	is	ନାହିଁ	is not
ଅନେକ	many	ଫୁଲଗଛ	flower plant
ଆଉ	and, more, again	ବହି	book
କାହାର/କାହା	whose	ବହୁତ ପ୍ରକାରର	of many types
ଏଗୁଡ଼ିକ	these	ଭଲ	good
ଏଗଛ ଗୁଡ଼ାକ	all these plants	ମଲ୍ଲୀ	jasmine
ଗଛତକ	all the trees	ରଜନୀଗନ୍ଧା	tube rose
ଦରକାର	want, need	ସେଗୁଡାକ	those
ଦୁଇଟାଯାକ	(all) two, both	ସେଗୁଡ଼ିକ	those
ଦୋକାନ	shop	ହେନା	henna

Digitized by srujanika@gmail.com

Drills

I. Build-up drill.

ଅଛି ?
ଉପନ୍ୟାସ ଅଛି ?
ଭଲ ଉପନ୍ୟାସ ଅଛି ?
କ'ଣ ସବୁ ଉପନ୍ୟାସ ଅଛି ?
କ'ଣ ସବୁ ଭଲ ଉପନ୍ୟାସ ଅଛି ?
ତମ ଦୋକାନରେ କ'ଣ ସବୁ ଅଛି ?
କ'ଣ ଅଛି ?
କ'ଣ ସବୁ ଅଛି ?
ତମ ଦୋକାନରେ କ'ଣ ସବୁ ଭଲ ଉପନ୍ୟାସ ଅଛି ?

ଅଛି ।
ଉପନ୍ୟାସ ଅଛି ।
ଭଲ ଉପନ୍ୟାସ ଅଛି ।
ଅନେକ ଉପନ୍ୟାସ ଅଛି ।
ଅନେକ ଭଲ ଉପନ୍ୟାସ ଅଛି ।

ଦରକାର ?
ବହି ଦରକାର ?
ଆପଣଙ୍କର ବହି ଦରକାର ?
କାହା ବହି ଦରକାର ?
ଆପଣଙ୍କର କାହା ବହି ଦରକାର ?

ଦରକାର ।
'ବାଲିଗଡ଼ା' ଦରକାର ।
ମୋର କାହ୍ନୁବାବୁଙ୍କ 'ବାଲିଗଡ଼ା' ଦରକାର ।

ଦରକାର ।
'ପରଜା' ବହି ବି ଦରକାର ।
ଗୋପୀବାବୁଙ୍କ ବହି ବି ଦରକାର ।
ଗୋପୀବାବୁଙ୍କ 'ପରଜା' ବହି ବି ଦରକାର ।

ନାହିଁ ।
ବହିଟି ନାହିଁ ।
'ପରଜା' ବହିଟି ନାହିଁ ।

ଅଛି ।
'ବାଲିଗଡ଼ା' ଅଛି ।
କାହ୍ନୁବାବୁଙ୍କ 'ବାଲିଗଡ଼ା' ଅଛି ।

ଅଛି ।
'ମାଟିମଟାଳ' ଅଛି ।
ଗୋପୀବାବୁଙ୍କ 'ମାଟିମଟାଳ' ଅଛି ।

ଦରକାର ?
ଆପଣଙ୍କର ଦରକାର ?
ଏଗୁଡ଼ିକ ଆପଣଙ୍କର ଦରକାର ?

ଦରକାର ।
ଦୁଇଟାଯାକ ଦରକାର ।
'ବାଲିଗଡ଼ା' ଦରକାର ।
'ମାଟିମଟାଳ' ଦରକାର ।
'ମାଟିମଟାଳ' ଓ "ବାଲିଗଡ଼ା' ଦୁଇଟାଯାକ ଦରକାର ।

ନାହିଁ ?
ତମର ନାହିଁ ?
ଗଛଗୁଡ଼ାକ ତମର ନାହିଁ ?
ଏଗୁଡ଼ାକ ନାହିଁ ?
ଏ ଗଛଗୁଡ଼ାକ ତମର ନାହିଁ ?

Digitized by srujanika@gmail.com

ନାହିଁ ।	ଦରକାର ।
ସେଗୁଡ଼ିକ ନାହିଁ ।	ମୋର ଦରକାର ।
ନା, ସେଗୁଡ଼ିକ ନାହିଁ ।	ସେଗୁଡ଼ାକ ଦରକାର ।
	ହଁ, ଦରକାର ।
ଦରକାର ?	ହଁ, ମୋର ଦରକାର ।
ଗଛତକ ଦରକାର ?	ହଁ ସେଗୁଡ଼ାକ ମୋର ଦରକାର ।
ଏତକ ଦରକାର ?	
ଏ ଗଛତକ ଦରକାର ?	

II. Repetition drill

model

Teacher ତମ ଦୋକାନରେ ବହି ଅଛି ?

Student ତମ ଦୋକାନରେ ବହି ଅଛି ?

All the sentences in the lesson are to be repeated following the above model.

III. Substitution drill

(a) ତମ ଦୋକାନରେ କ'ଣ ସବୁ ଭଲ ଉପନ୍ୟାସ ଅଛି ?

ଆପଣଙ୍କ	ଆପଣଙ୍କ ଦୋକାନରେ କ'ଣ ସବୁ ଭଲ ଉପନ୍ୟାସ ଅଛି ?
ତାଙ୍କ	ତାଙ୍କ ଦୋକାନରେ କ'ଣ ସବୁ ଭଲ ଉପନ୍ୟାସ ଅଛି ?
ତା	ତା ଦୋକାନରେ କ'ଣ ସବୁ ଭଲ ଉପନ୍ୟାସ ଅଛି ?

(b) ଅନେକ ଉପନ୍ୟାସ ଅଛି ।

ବହି	ଅନେକ ବହି ଅଛି ।
ମାଗାଜିନ୍	ଅନେକ ମାଗାଜିନ୍ ଅଛି ।

Digitized by srujanika@gmail.com

(c) ଆପଣଙ୍କର କାହା ବହି ଦରକାର ?

ତୁମର	ତୁମର କାହା ବହି ଦରକାର ?
ତୋର	ତୋର କାହା ବହି ଦରକାର ?
ତାଙ୍କର	ତାଙ୍କର କାହା ବହି ଦରକାର ?
ତାର	ତାର କାହା ବହି ଦରକାର ?

(d) ଏଗୁଡ଼ିକ ଆପଣଙ୍କର ଦରକାର ?

ସେଗୁଡ଼ିକ	ସେଗୁଡ଼ିକ ଆପଣଙ୍କର ଦରକାର ?
ଏଗୁଡ଼ାକ	ଏଗୁଡ଼ାକ ଆପଣଙ୍କର ଦରକାର ?
ସେଗୁଡ଼ାକ	ସେଗୁଡ଼ାକ ଆପଣଙ୍କର ଦରକାର ?
ଏ ଗଛଗୁଡ଼ିକ	ଏ ଗଛଗୁଡ଼ିକ ଆପଣଙ୍କର ଦରକାର ?
ସେ ଗଛଗୁଡ଼ିକ	ସେ ଗଛଗୁଡ଼ିକ ଆପଣଙ୍କର ଦରକାର ?
ଏ ବହିଗୁଡ଼ାକ	ଏ ବହିଗୁଡ଼ାକ ଆପଣଙ୍କର ଦରକାର ?
ସେ ବହିଗୁଡ଼ାକ	ସେ ବହିଗୁଡ଼ାକ ଆପଣଙ୍କର ଦରକାର ?

(e) 'ମାଟିମଟାଳ' ଓ 'ବାଲିଗଛା' ଦୁଇଟାଯାକ ଦରକାର ।

ସବୁଯାକ	'ମାଟିମଟାଳ' ଓ 'ବାଲିଗଛା' ସବୁଯାକ ଦରକାର ।

(f) ଏ ଗଛଗୁଡ଼ାକ ତମର ନାହିଁ ?

ଏ ଗଛତକ	ଏ ଗଛତକ ତମର ନାହିଁ ?
ଏ ଗଛଯାକ	ଏ ଗଛଯାକ ତମର ନାହି ?
ସେ ଗଛଗୁଡ଼ାକ	ସେ ଗଛଗୁଡ଼ାକ ତମର ନାହିଁ ?
ସେ ଗଛତକ	ସେ ଗଛତକ ତମର ନାହିଁ ?
ସେ ଗଛଯାକ	ସେ ଗଛଯାକ ତମର ନାହିଁ ?
ଏ ସବୁ	ଏ ସବୁ ତମର ନାହିଁ ?
ସେ ସବୁ	ସେ ସବୁ ତମର ନାହିଁ ?

IV. Transformation drill

1. Change into negative using ନାହିଁ

(a) ଅନେକ ଭଲ ଉପନ୍ୟାସ ଅଛି ।

ଅନେକ ଭଲ ଉପନ୍ୟାସ ନାହିଁ ।

Digitized by srujanika@gmail.com

(b) କାହ୍ନୁବାବୁଙ୍କ 'ବାଲିରଜା' ବହି ଅଛି ।
କାହ୍ନୁବାବୁଙ୍କ 'ବାଲିରଜା' ବହି ନାହିଁ ।

(c) ଆପଣଙ୍କର ଏ ବହିଗୁଡ଼ିକ ଦରକାର ।
ଆପଣଙ୍କର ଏ ବହିଗୁଡ଼ିକ ଦରକାର ନାହିଁ ।

(d) 'ମାଟିମଟାଳ' ଓ 'ବାଲିରଜା' ଦୁଇଟାଯାକ ଦରକାର ।
'ମାଟିମଟାଳ' ଓ 'ବାଲିରଜା' ଦୁଇଟାଯାକ ଦରକାର ନାହିଁ ।

(e) ଏଗୁଡ଼ାକ ଆପଣଙ୍କର ଦରକାର ।
ଏଗୁଡ଼ାକ ଆପଣଙ୍କର ଦରକାର ନାହିଁ ।

2. Change into question form using appropriate intonation. (*i.e.* interrogation marker '?')

(a) ବହୁତ ପ୍ରକାରର ଫୁଲଗଛ ଅଛି ।
ବହୁତ ପ୍ରକାରର ଫୁଲଗଛ ଅଛି ?

(b) ରଜନୀଗନ୍ଧା ଆଉ ମଲ୍ଲୀଗଛ ଅଛି ।
ରଜନୀଗନ୍ଧା ଆଉ ମଲ୍ଲୀଗଛ ଅଛି ?

(c) ସେଗୁଡ଼ିକ ତମ ଘରେ ନାହିଁ ।
ସେଗୁଡ଼ିକ ତମ ଘରେ ନାହିଁ ?

(d) ଏସବୁ ଫୁଲଗଛ ନାହିଁ ।
ଏସବୁ ଫୁଲଗଛ ନାହିଁ ?

(e) ତମର ଏ ଗଛଟକ ଦରକାର ।
ତମର ଏ ଗଛଟକ ଦରକାର ?

3. Change from singular to plural.

(a) ଏଇଟା କାହା ବହି ?
ଏଗୁଡ଼ିକ କାହାବହି ?

(b) ଏଇଟା କ'ଣ ?
ଏଗୁଡ଼ାକ କ'ଣ ?

(c) ସେଇଟି କାହା ଘର ?
ସେଗୁଡ଼ିକ କାହା ଘର ?

Digitized by srujanika@gmail.com

(d) ସେଇଟା କଣ ବହି ?
ସେଗୁଡ଼ିକ କଣ ବହି ?

(e) ଏ ବହିଟି କାହାର ?
ଏ ବହିଗୁଡ଼ିକ କାହାର ?

(f) ସେ କଲମଟି ତମର ?
ସେ କଲମଗୁଡ଼ିକ ତମର ?

(g) ଏ ଘରଟା ଆପଣଙ୍କର ?
ଏ ଘରଗୁଡ଼ାକ ଆପଣଙ୍କର ?

(h) ସେ ଖାତାଟା କାହାର ?
ସେ ଖାତାଗୁଡ଼ାକ କାହାର ?

(i) ଏ ପେନ୍‌ସିଲ୍‌ଟି କାହାର ?
ଏ ପେନ୍‌ସିଲ୍‌ଯାକ କାହାର ?
ଏ ପେନ୍‌ସିଲ୍‌ତକ କାହାର ?

V. Response drill

(a) ତମ ଦୋକାନରେ କ'ଣ ସବୁ ବହି ଅଛି ?
ବହୁତ ବହି ଅଛି ।

(b) ଆପଣଙ୍କର କାହା ବହି ଦରକାର ?
ମୋର କାହ୍ନୁବାବୁଙ୍କ ବହି ଦରକାର ।

(c) ତମ ଘରେ କ'ଣ ସବୁ ଫୁଲଗଛ ଅଛି ?
ବହୁତ ପ୍ରକାରର ଫୁଲଗଛ ଅଛି ।

(d) ତମର ଫୁଲଗଛ ଦରକାର ?
ହଁ, ମୋର ଫୁଲଗଛ ଦରକାର ।

(e) ତମର କ'ଣ ଦରକାର ?
ମୋର ଫୁଲଗଛ/ବହି ଦରକାର ।

Exercises

1. Substitute the underlined words by suitable words from within the brackets :

(a) ତମ ଦୋକାନରେ କ'ଣ ସବୁ ଭଲ ଉପନ୍ୟାସ ଅଛି ? (ଆପଣଙ୍କ, ମୁଁ, ତମେ)

Digitized by srujanika@gmail.com

(b) ଆପଣଙ୍କର କାହା ବହି ଦରକାର ? (ତୁ, ତାଙ୍କର, ତମ)
(c) ତମର ଫୁଲଗଛ ଦରକାର ? (ତୋର, ତାଙ୍କ, ଆପଣ)
(d) ଅନେକ ଭଲ ଉପନ୍ୟାସ ଅଛି । (ଫୁଲଗଛ, ମାଟିମଟାଳ, ଗୋପୀବାବୁ)
(e) ବହୁତ ପ୍ରକାରର ଫୁଲଗଛ ଅଛି । (ରଜନୀଗନ୍ଧା, ଦହି, ପରଜା)

2. Fill up the blanks :

(i) (a) ଅନେକ......................ଉପନ୍ୟାସ ଅଛି ।
(b) ବହୁତ ପ୍ରକାରର......................ଅଛି ।
(c) ଦୋକାନରେ 'ପରଜା'......................ନାହିଁ ।
(d) ମୋର ରଜନୀଗନ୍ଧା ଫୁଲ......................ଦରକାର ।
(e) ମୋର 'ମାଟିମଟାଳ'............ ....ବାଲିଗଡ଼ା ଦୁଇଟା ....ଦରକାର ।
(f) ମୋର ହେନା, ରଜନୀଗନ୍ଧା ....,ମଲ୍ଲୀ......................ଦରକାର ।
(g) ଆପଣଙ୍କର......................ବହି ଦରକାର ?
(h) ଏଇଟା......................ବହି ?
(i) ସେଇଟା......................ଘର?
(j) ଆପଣଙ୍କର..... ....?
(k) ତମର......................ସବୁ ଭଲ ଉପନ୍ୟାସ ଅଛି ?
(l) ଆପଣଙ୍କର......................ଦରକାର ?
(m) ତମ ଦୋକାନରେ......................ସବୁ ଜିନିଷ ଅଛି ?
(n) ଆପଣଙ୍କ ଘରେ ଫୁଲଗଛ......................?
(o) ଆମ ଘରେ ବହୁତ ପ୍ରକାରର ଫୁଲଗଛ........... ।

(ii) (a) ଏ ବହିଟି ....?
(b) ଏଇ କଲମଟି କଣ ....?
(c) ସେ ବହି ....ଉମେଶର ।
(d) ସେଇ......................କାହା ଖାତା ?
(e) ଏ ଫୁଲ......................କାହାର ଦରକାର ?

3. Use appropriate post-positions to fill up the blanks :

(a) ମୋ ଦୋକାନ......................ଭଲ ଉପନ୍ୟାସ ଅଛି ।
(b) ମୋ......................ଦୁଇଟିଯାକ ବହି ଦରକାର ।
(c) କାହ୍ନୁବାବୁ......................'ବାଲିଗଡ଼ା' ବହି ଅଛି ।

Digitized by srujanika@gmail.com

(d) ଆପଣ......................ବହିଟି ଦରକାର ।
(e) ତମ ଘର......................ଫୁଲଗଛ ନାହିଁ ।
(f) ତମ......................ଏ ଗଛ ଦରକାର ?
(g) ତାଙ୍କ......................ବହୁତ ପ୍ରକାର......................ବହି ଅଛି !
(h) ଏ ବହିଟି......................ଗୋଟିଏ ପୃଷ୍ଠା ନାହିଁ ।

4. Transform the following into negative :

(a) ମୋର 'ପରଜା' ବହିଟି ଅଛି ।
(b) ଦୋକାନରେ ଅନେକ ଭଲ ଉପନ୍ୟାସ ଅଛି ।
(c) ତାଙ୍କ ଘରେ ବହୁତ ଫୁଲଗଛ ଅଛି ।
(d) ଆପଣଙ୍କର ବହି ଦରକାର ।
(e) ତମର ଏ ଗଛତକ ଦରକାର ?
(f) ମୋର ରଜନୀଗନ୍ଧା ଫୁଲ ଦରକାର ।
(g) ମୋର ଦରକାର ।
(h) ତମର ଦରକାର ।

5. Answer the following :

(a) ଆପଣଙ୍କର କାହା ବହି ଦରକାର ?
(b) ତମ ଦୋକାନରେ କ'ଣ କ'ଣ ବହି ଅଛି ?
(c) ଆପଣଙ୍କର କ'ଣ ଦରକାର ?
(d) ଆପଣଙ୍କର କ'ଣ ସବୁ ଫୁଲଗଛ ଅଛି ?
(e) ତମର 'ବାଲିଗଜା' ବହି ଦରକାର ?

Grammatical Note

1. The verb ଅଛ- is 'to be' or 'to exist' to which the person-number suffix is added. The suffix -ଇ (-i) is added to the verb ଅଛ- to refer to animate singular referents and to all inanimate singular and plural referents.

ମୋର ଗୋଟିଏ କୁକୁର ଅଛି ।	I have a dog.
ଆମ ବଗିଚାରେ ବହୁତ ଗଛ ଅଛି ।	There are many plants in our garden.

Digitized by srujanika@gmail.com

The suffix -ଅନ୍ତି is added to the verb stem for 2nd person honorific singular and plural and 3rd person animate plural referents.

ଆପଣ ଅଛନ୍ତି ।	You are.	2nd person honorific
ଆପଣମାନେ ଅଛନ୍ତି ।	You are.	2nd person honorific plural
ଲୋକମାନେ ଅଛନ୍ତି ।	There are people.	3rd person animate plural

The use of auxiliary verb ଅଛ is sometime defective and irregular. ଥ ('th–') is the variant of ଅଛ in past and future tenses.

2. The verb ଅଛ- has the negative counterpart ନାହିଁ-, the negative verb, to which the necessary person-number suffix is added in a negative construction. The parallel formations of the verbs ଅଛି and ନାହିଁ are as follows :

I am.	ମୁଁ ଅଛି ।	ମୁଁ ନାହିଁ ।	I am not.
We are. (excl)	ଆମେ ଅଛୁ ।	ଆମେ ନାହୁଁ ।	We are not.
We are. (incl)	ଆମେ ଅଛେ ।	ଆମେ ନାହେଁ ।	(not very much in use) We are not.
You are.	ତୁ ଅଛୁ ।	ତୁ ନାହୁଁ ।	You are not.
You are.	ତମେ ଅଛ ।	ତମେ ନାହଁ ।	You are not.
You are.	ଆପଣ ଅଛନ୍ତି ।	ଆପଣ ନାହାନ୍ତି ।	You are not. (-ଆନ୍ତି is a variant of -ଅନ୍ତି)

Note: The negative ନାହିଁ becomes ନାଇଁ in spoken form. ନାହିଁ has a variant ନ- which always occurs with all other verb stems and takes person-number suffixes.

Digitized by srujanika@gmail.com

ମୁ ଯାଏ ନାହିଁ । I do not go.
ମୁଁ ଯାଏନି ।
ମୁଁ ଯାଏ ନାଇଁ ।

This variant ନି should not be confused with negative indeclinable ନି.

3. ଦରକାର and ଉଚିତ etc. function as adverbs.

4. ବି is a particle used pre-verbally to emphasise the preceding noun or pronoun or a noun clause.

ମୋର 'ପରଜା' ବହି ବି ଦରକାର ।	I need *Paraja* too.
ମୋର ବି 'ପରଜା' ବହି ଦରକାର ।	I also need *Paraja*.

ମୋର ପରଜା ବହି ବି ଦରକାର, ବାଲିରଜା ବହି ବି ଦରକାର ।
I need *Paraja*, I need *Baliraja* too.

5. The word ଭଲ has various functions in Oriya. In the first place it is an adjective to qualify a noun.

ଭଲ ଲୋକ ।	a good man.
ଭଲ କଥା ।	a good saying.
ଭଲ ଜିନିଷ ।	a good thing.

But ଭଲକଥା at times means all right. Similarly ଭଲ ନାଁ refers to one's real name against one's nickname.

ତମ ଭଲ ନାଁ କ'ଣ ?	What is your real name ?
ମୋ ଭଲ ନାଁ ଜୟନ୍ତ ଦାସ ।	My real name is Jayant Das.

ଭଲ like ଦରକାର can be used as an adverb.

କ'ଣ ତମର ସବୁ ଭଲ ?	Well, are you all right?
ହଁ, ମୋର ସବୁ ଭଲ ।	Yes, I am all right.

6. (i) -କ is added to the measures of time, space and things and indicates specificity in singular number.

Digitized by srujanika@gmail.com

ଦିନ	day
ଦିନକ	a day, one day
ମୁଁ ଦିନକ ପାଇଁ ଯିବି ।	I shall go for a day.
ଘଣ୍ଟାକ କେତେ ମିନିଟ ?	How many minutes make an hour ?
ଟଙ୍କାକ କେତେ ପଇସା ?	How many paise make a rupee ?
ବୋଝକ କେତେ ଦାମ୍ ?	What's the price of this load ?

Note the –କ constructions of time :

(a)	ବର୍ଷକ ବାରମାସ/ଛଅଋତୁ/୩୬୫ ଦିନ।	A year has twelve months/ six seasons/365 days.
(b)	ମାସକ ତିରିଶି ଦିନ ।	A month has thirty days.
(c)	ଦିନକ ଚବିଶ ଘଣ୍ଟା ।	A day has twenty-four hours.
(d)	ଘଣ୍ଟାକ ଷାଠିଏ ମିନିଟ ।	An hour has sixty minutes.
(e)	ମିନିଟକ ଷାଠିଏ ସେକେଣ୍ଡ ।	A minute has sixty seconds.

(ii) ତକ and ଯାକ are plural markers and are added to nouns and demonstrative pronouns like ଏ and ସେ to indicate specificity in number. Frequency of ଯାକ is more than ତକ and ଯାକ can be added after the base formed by -କ and ତକ.

ତକ		ଯାକ	
ଏତକ	this much	ସବୁଯାକ	all those/all these
ସେତକ	that much	ଦିନଯାକ	whole day
ସବୁତକ	all these	ଟଙ୍କାଯାକ	all the money
ସେତକ ଦିନ/ ଦିନତକ	all those days whole day	ଗୋଟାଯାକ/ ଗୋଟାକଯାକ	entirely (whole of)
ଟଙ୍କାତକ	all the money	ଦିନକଯାକ	the whole day
ବୋଝତକ	all the loads	ମାସକଯାକ	the whole month
ଭତତକ	the whole of rice	ସେତକଯାକ	all those

7. କାହା is an interrogative adjective. But when କାହା is used for describing possession or belongingness and is used

Digitized by srujanika@gmail.com

in the end of the interrogative sentence it becomes କାହାର. କାହା or କାହାର can be used in negative sentences also.

ଏଇଟା କାହା ବହି ?/ ଏଇଟା କାହାର ବହି ?	Whose book is this ?
ଏ ବହିଟି କାହାର	Whose book is this ?
ସେ କାହା କଥା ଶୁଣୁନି ।	He is not listening to anybody.
ସେ କାହାର କଥା ଶୁଣୁନି ।	He is not listening to anybody.

8. Like ଯାକ and ତକ, ଗୁଡ଼ା, ଗୁଡ଼ିକ and ଗୁଡ଼ାକ as plural markers can be used with both nouns and demonstrative pronouns like ଏ and ସେ. But the use of plural markers in Oriya is very irregular.

Cultural Note

1. ଗୋପୀବାବୁ The famous writer Shri Gopinath Mohanty of Orissa, writes novels in Oriya. He also writes short stories and literary essays. He has also worked on tribal languages of Orissa. ଅମୃତର ସନ୍ତାନ and ପରଜା are two well known novels on the life of the tribal people. He has received Central Sahitya Akademy Award for the novel ଅମୃତର ସନ୍ତାନ and Bharatiya Jnanapitha Award for the novel ମାଟିମଟାଳ in the years 1955 and 1974 respectively. He was born in 1914 in Cuttack district.

2. କାହ୍ନୁ ବାବୁ : The well known writer Sri Kanhu Charan Mohanty of Orissa, writes novels in Oriya. He is the elder brother of Sri Gopinath Mohanty and he has also received Sahitya Akademy Award (1958) for his book କା । ବାଲିଘରା is one of his first novels.

Digitized by srujanika@gmail.com

Learn Numerals

1	୧	ଏକ	ପ୍ରଥମ	first
2	୨	ଦୁଇ	ଦ୍ୱିତୀୟ	second
3	୩	ତିନି	ତୃତୀୟ	third
4	୪	ଚାରି	ଚତୁର୍ଥ	fourth
5	୫	ପାଞ୍ଚ	ପଞ୍ଚମ	fifth
6	୬	ଛଅ	ଷଷ୍ଠ	sixth
7	୭	ସାତ	ସପ୍ତମ	seventh
8	୮	ଆଠ	ଅଷ୍ଟମ	eighth
9	୯	ନଅ	ନବମ	ninth
10	୧୦	ଦଶ	ଦଶମ	tenth

Digitized by srujanika@gmail.com

UNIT I

LESSON 5

(Revision Lesson)

Meeting of Two Persons

ଦୁଇ ଜଣଙ୍କ ସାକ୍ଷାତ

ପ୍ରଶାନ୍ତ : ନମସ୍କାର ।
प्रशान्त : नमस्कार ।

Prasanta : *Namaskar*

ଅମୀୟ : ନମସ୍କାର ।
अमीय नमस्कार ।

Amiya : *Namaṣkar*

ପ୍ରଶାନ୍ତ : ଆପଣ କୁଆଡ଼େ ?
प्रशान्त आपण कुआड़े ?

Prasanta : Why are you here ?

ଅମୀୟ : ମୋର ଭାଷାକେନ୍ଦ୍ରରେ କାମ ଅଛି ।
ଆପଣ କଣ ଏବେ ଭାଷାକେନ୍ଦ୍ରର ଛାତ୍ର ?
अमीय : मोर भाषाकेन्द्ररे काम अछि ।
आपण क'ण एबे भाषाकेन्द्रर छात्र ?

Amiya : I have some work in the Language Centre. Are you a student of the Language Centre, now ?

ପ୍ରଶାନ୍ତ : ନା, ମୁଁ ଏଇ ଲକ୍ଷ୍ମୀସାଗର ସ୍କୁଲର ଶିକ୍ଷକ ।
ଆପଣଙ୍କର ଭୁବନେଶ୍ୱରରେ ଘର ଅଛି ?
प्रशान्त : ना, मुं एइ लक्ष्मीसागर स्कुलर शिक्षक ।
आपणंकर भुवनेश्वररे घर अछि ?

Prasanta : No. I am a teacher of Laxmisagar School.
Do you have a house at Bhubaneswar ?

ଅମୀୟ : ନା, ମୋର ଭୁବନେଶ୍ୱରରେ ଘର ନାହିଁ ।
ମୋର କଲିକତାରେ ଘର ଅଛି ।
ମୋ ଚାକିରୀ ସେଇଠି ।
अमीय : ना, मोर भुवनेश्वररे घर नाहिँ ।
मोर कलिकतारे घर अछि । मो चाकिरी सेईठि ।

Amiya : No, I don't have a house at Bhubaneswar.
I have a house in Calcutta.
I serve there.

Digitized by srujanika@gmail.com

ପ୍ରଶାନ୍ତ : କଲିକତା କଣ ଖୁବ୍ ବଡ଼ ସହର ?
प्रशान्त कलिकता कण खुब बड़ सहर ?

Prasanta : Is Calcutta a very big city ?

ଅମୀୟ : ହଁ, କଲିକତା ବଡ଼ ସହର । ଆପଣଙ୍କ ସାଙ୍ଗରେ ସେ କିଏ
अमीय हँ कलिकता बड़ सहर ।
आपणंक सांगरे से किए ?

Amiya : Yes. Calcutta is a big city.
Who is he with you ?

ପ୍ରଶାନ୍ତ : ସେ ମୋ ବଡ଼ ଭାଇ । ସେ ଜଣେ ଲେଖକ । ତାଙ୍କର ଓଡ଼ିଆରେ ଅନେକ ଉପନ୍ୟାସ ଅଛି । ବହୁତ ଗଳ୍ପ ବି ଅଛି ।
प्रशान्त से मो बड़ भाई । से जणे लेखक ।
तांकर ओड़िआरे अनेक उपन्यास अछि । बहुत गल्प बि अछि ।

Prasanta : He is my elder brother.
He is a writer.
He has written many novels in Oriya. He has many stories too.

ଅମୀୟ : ତାଙ୍କ ନାଁ କ'ଣ ?
अमीय तांक नाँ क'ण ?

Amiya : What is his name ?

ପ୍ରଶାନ୍ତ : ତାଙ୍କ ନାଁ ବସନ୍ତ ପଟ୍ଟନାୟକ । ଆଚ୍ଛା ହଉ, ନମସ୍କାର । ପରେ ଦେଖାହେବ ।
प्रशान्त तांक नाँ बसन्त पट्टनायक ।
आच्छा हउ, नमस्कार । परे देखा हेब ।

Prasanta : His name is Basanta Pattanaik.
O.K., *namaskar*.
See you later.

ଅମୀୟ . ନମସ୍କାର ।
अमीय नमस्कार ।

Amiya : *Namaskar*.

Exercises

1. Fill up the blanks with suitable words :
   (i) Use one word only once—

   (a) ....ନାଁ କ'ଣ ?
   (b) ....ଘର କୋଉଠି ?
   (c) ସେ.............................. ସାଙ୍ଗ ।
   (d) ....ନାଁ ମୀନାକ୍ଷୀ ।
   (e) ....ଘର ଭୁବନେଶ୍ୱରରେ ।

Digitized by srujanika@gmail.com

(ii) Use one pronoun only once—

(a) ....କିଏ ?
(b) ....ଜଣେ ସ୍କୁଲ ଶିକ୍ଷକ ।
(c) ....ଜଣେ ଲେଖକ ।
(d) ....ଓଡ଼ିଶାର ଲୋକ ।
(e) ....ମୋ ସାନ ପୁଅ ।

(iii) Use suitable words—

(a) ମୋହନ ମୋ..................ଭାଇ ।
(b) ଏଇଟା ମୋ..................ବହି ।
(c) ଭୁବନେଶ୍ୱର ଗୋଟିଏ.............ସହର ।
(d) ତୁମ ଘର ଏଠୁ..............ଦୂର ।
(e) ବଙ୍ଗଳା କ୍ଲାସର ଘରଟି..................ବଡ଼ ।
(f) ସେ ଜଣେ ....ଶିକ୍ଷକ ।
(g) ତାଙ୍କ ....ନାଁ ସୁଚିତ୍ରା ।
(h) ସେ ଜଣେ ....ଲେଖକ ।
(i) କଲିକତା ଖୁବ୍ ....ସହର ।
(j) ମୋର ....ଉପନ୍ୟାସ ଦରକାର ।

2. Substitute the underlined words by appropriate words from inside the brackets :

(i) (a) ଆପଣଙ୍କ ନାଁ କ'ଣ ? (ଆପଣ, ମୁଁ, ତୁମ)
(b) ମୋର ଭୁବନେଶ୍ୱରରେ ଘର ନାହିଁ । (ମୋ, ଆପଣଙ୍କର, ତୁମେ)
(c) ମୋ ଘର କଲିକତାରେ । (ତାଙ୍କ, ତୁମେ, ମୁଁ)
(d) ତାଙ୍କ ନାଁ ବସନ୍ତ ଦାସ । (ଆପଣଙ୍କ, ତୁମେ, ମୁଁ)
(e) ଏ ଘରଟି ତାଙ୍କର । (ଆପଣଙ୍କ, ମୋର, ତୁମ)
(f) ଏଇ ଗପବହିଟି ତୁମର । (ତାର, ମୋ, ତାଙ୍କ)
(g) ତୋ ଘର କୋଉଠି ? (ତୁମ, ତୁ, ମୁଁ)
(h) ଏ ପେନ୍ସିଲଟି ତୋର । (ମୋ, ତାର, ତୁମ)

(ii) (a) ମୁଁ ଜଣେ ସ୍କୁଲ ଶିକ୍ଷକ । (ତୁମର, ସେ, ମୋ)
(b) ତୁ ଜଣେ ଛାତ୍ର । (ତୁମ, ମୁଁ, ଆପଣଙ୍କ)

Digitized by srujanika@gmail.com

(c) ସେ ମୋ ବଡ଼ଭାଇ । (ମୁଁ, ତୁମେ, ତୋ)

(d) ଆପଣ ଜଣେ ଲେଖକ । (ମୋ, ସେ, ତୁମର)

(e) ତୁମେ ଏଇଠାର ବାସିନ୍ଦା । (ମୁଁ, ତୁମ, ତା)

(iii) (a) ମୁଁ ଭାଷାକେନ୍ଦ୍ରର ଛାତ୍ର । (ଅଧ୍ୟାପକ, ଲେଖକ)

(b) ସେ କଲେଜର ଅଧ୍ୟାପକ । (ଛାତ୍ର, ଲୋକ)

(c) ତୁମେ ଭୁବନେଶ୍ୱରର ଲୋକ । (ଅଧ୍ୟାପକ, ବାସିନ୍ଦା)

(d) ତୁ ମୋ ସାନଭାଇ । (ବଡ଼ଭାଇ, ସାନଭଉଣୀ)

(e) ଆପଣ କଣ ଜଣେ ଲେଖକ ? (ଅଧ୍ୟାପକ, ଲୋକ)

(f) ମୋ ଘର ଭୁବନେଶ୍ୱରରେ । (ଭାଷାକେନ୍ଦ୍ରରେ, ପୁରୀରେ)

(g) ଆପଣ ଓଡ଼ିଶାର ଲୋକ । (ଦିଲ୍ଲୀର, କଲେଜର)

(h) ଦିଲ୍ଲୀ ଖୁବ ବଡ଼ ସହର । (ରାଜଧାନୀ, ଟାଉନ)

(i) ସେଇଟା ଭାଷାକେନ୍ଦ୍ରର ଲାଇବ୍ରେରୀ । (ଅଫିସ୍, ଲୋକ)

(j) ମୋ ବଡ଼ ଭାଇ ଏବେ ଦିଲ୍ଲୀରେ । (ବର୍ତ୍ତମାନ, ଏଇଠି)

3. Use appropriate post-positions (select from the following list) :

(ଙ୍କ, ଙ୍କର, ର, ରେ, କି, ଆଡ଼େ)

(a) ସେ ମନ୍ଦିର ...ଅଛି ।

(b) ତୁମେ ଭାଷାକେନ୍ଦ୍ର ....ଛାତ୍ର ।

(c) ତାଙ୍କ ଘର ଦିଲ୍ଲୀ ।

(d) ଆପଣ..... ....ପୁଅ ନାଁ କ'ଣ ?

(e) ତା....... ...ଭୁବନେଶ୍ୱର..... ... .ଗୋଟିଏ ଘର ଅଛି ।

(f) ଆପଣ ମୋ....... ....ବଡ଼ଭାଇ ।

(g) ତୁମ ଘର ଏଠି. . .. . ଅଚି ପାଖ ।

(h) ଏ ବହିଟି ଆପଣ ।

Digitized by srujanika@gmail.com

4. Complete the following sentences selecting the appropriate interrogative words from the following list :

(କଣ, କ'ଣ, କୋଉ, କୋଉଠି, କୋଉଠାରୁ, କିଏ, କୁଆଡ଼େ, କାହା)

(a) ତୁମେ......................ଓଡ଼ିଶାର ଲୋକ ?
(b) ଆପଣଙ୍କ ନାଁ.......................... ?
(c) ତାଙ୍କ ଘର .... ?
(d) ଆପଣ..........................କ୍ଲାସର ଛାତ୍ର ?
(e) ସେ ....ଲୋକ ?
(f) ସେ ....?
(g) ତୁ ଏଆଡ଼େ .... ?
(h) ଏଇଟା......................ବହି ?
(i) ଆପଣ............................ଏଠି ?

5. Transform the following sentences into negatives :

(a) ମୋର ଭୁବନେଶ୍ୱରରେ ଘର ଅଛି ।
(b) ମୋର ତୁମ ପାଖରେ କାମ ଅଛି ।
(c) ତମର ଏ ବହିତକ ଦରକାର ।
(d) ଆପଣଙ୍କର ଏ ବହି ଦରକାର ।
(e) ମୁଁ ଭାଷାକେନ୍ଦ୍ରର ଅଧ୍ୟାପକ ।
(f) ଆପଣ ଜଣେ ଶିକ୍ଷକ ।
(g) ଆମେ ଭାଷାକେନ୍ଦ୍ରର ଛାତ୍ର ।
(h) ତମେ ଆସାମର ଲୋକ ।

6. Answer the following :

(i) Give reply in negative—

(a) ଆପଣଙ୍କର କଣ ଭୁବନେଶ୍ୱରରେ ଘର ଅଛି ?
(b) ତୁମର କଣ ଓଡ଼ିଆରେ ବହୁତ ଗପ ଅଛି ?
(c) ତାର ଭାଷାକେନ୍ଦ୍ରରେ କାମ ଅଛି ?

Digitized by srujanika@gmail.com

(d) ଆପଣ କଣ ଭଷାକେନ୍ଦ୍ରର ଅଧ୍ୟାପକ ?
(e) ରୀତା କଣ ତୁମ ସାଙ୍ଗ ?

(ii) Give reply in affirmative—

(a) ତୁମ ଘରେ କଣ ଫୁଲଗଛ ଅଛି ?
(b) ତୁମର କଣ ଗପବହି ଦରକାର ?
(c) ଆପଣ କଣ ଜଣେ ଲେଖକ ?

7. Answer the following : (Give the answers in complete sentences)

(a) ଆପଣଙ୍କ ନାଁ କ'ଣ ?
(b) ଆପଣଙ୍କ ଅଧ୍ୟାପକଙ୍କ ନାଁ କ'ଣ ?
(c) ଆପଣଙ୍କ ଘର କୋଉଠି ?
(d) ଆପଣ ବର୍ତ୍ତମାନ କୋଉଠି ?
(e) ଆପଣଙ୍କ ପାଖରେ ସେ କିଏ ?
(f) ସେ କୋଉଠାର ଲୋକ ?
(g) ଆପଣ କୋଉ ବିଭାଗର ଛାତ୍ର ?
(h) ଏଇଟି କାହା ବହି ?
(i) ଆପଣଙ୍କ ଘର କଣ ଭୁବନେଶ୍ୱରରେ ?
(j) ଆପଣ ଓଡ଼ିଶାର ଲୋକ ?

8. Make separate sentences using the following words :

ମୁଁ, ତୁମେ, ଘର, ସହର, ଆପଣଙ୍କ, ତାଙ୍କର, କଣ, କ'ଣ, କିଏ, କାହା

Parts of the body

ଅଣ୍ଟା	waist
ଆଙ୍ଗୁଠି	finger
ଆଣ୍ଠୁ	knee
ଆଖି	eye
ଓଠ	chin
କପାଳ	forehead
କାନ	ear

Digitized by srujanika@gmail.com

ଗାଲ	cheek
ଗୋଡ	leg
ଛାତି	chest
ଜଂଘ	thigh
ଜିଭ	tongue
ଦାନ୍ତ	tooth
ନଖ	nail
ନାକ	nose
ନାକପୁଡା	nostril
ଓଠ	lip
ପାଟି	mouth
ପାଦ	foot
ପାପୁଲି	palm
ପେଟ	belly
ବାଳ	hair
ବାହୁ	arm
ବେକ	neck
ମୁଣ୍ଡ	head
ହାତ	hand

Digitized by srujanika@gmail.com

UNIT I

LESSON 6

When the Mother goes to the Temple

ମା' ଯେତେବେଳେ ମନ୍ଦିରକୁ ଯାଏ

ବୁଲୁ : ମା, ତୁ କୁଆଡ଼େ ଯାଉଛୁ ?
बुलु मा, तु कुआड़े याउछु ?

Bulu : Mother, where are you going ?

ବୁଲୁମା : ମୁଁ ମନ୍ଦିରକୁ ଯାଉଛି ।
बुलुमा मुं मदिरकु याउछि ।

Bulu's Mother : I am going to the temple .

ବୁଲୁ : ତୁ କୋଉ ମନ୍ଦିରକୁ ଯାଉଛୁ ?
बुलु : तु कोउ मंदिरकु याउछु ?

Bulu : To which temple are you going ?

ବୁଲୁମା : ମୁଁ ଲିଙ୍ଗରାଜ ମନ୍ଦିରକୁ ଯାଉଛି ।
बुलुमा मुं लिंगराज मंदिरकु याउछि ।

Mother : I am going to the Lingaraj temple.

ବୁଲୁ : ଆଜି ଲିଙ୍ଗରାଜ ମନ୍ଦିରରେ କ'ଣ ହେଉଛି କି ?
बुलु आजि लिंगराज मंदिररे क'ण हेउछि कि ?

Bulu : Is there anything happening in the Lingaraj temple to-day ?

ବୁଲୁମା : ନାହିଁ କିଛି ହେଉନି । ଆଜି ତୋ ଜନ୍ମଦିନ । ସେଥିପାଇଁ ପୂଜା କରିବାକୁ ଯାଉଛି ।
बुलुमा : नाइँ किछि हेउनि । आजि तो जन्मदिन । सेथिपाइँ पूजा करिबाकु जाउछि ।

Mother : No, nothing. To-day is your birthday. That is why I am going to worship.

ବୁଲୁ : ତୁ କ'ଣ ଭୋଗ କରିବାକୁ ନେଉଛୁ ?
बुलु तु क'ण भोग करिबाकु नेउछु ?

Bulu : What are you taking as offering ?

ବୁଲୁମା : ଏଇ କିଛି ଫଳ ଆଉ କୋରା ଉଖୁଡ଼ା ନଉଛି ।
बुलुमा : एइ किछि फल आउ कोरा उखुड़ा नउछि ।

Mother : (I am) taking some fruits and *kora ukhuda*.

Digitized by srujanika@gmail.com

Variation

A : କୁନି କୁଆଡ଼େ ଯାଉଛୁ ?
कुनि कुआड़े याउछु ?

A : Kuni, where are you going ?

B : ମୁଁ ସ୍କୁଲ ଯାଉଛି ।
मुं स्कुल याउछि ।

B : I am going to the school.

ଆମ ସ୍କୁଲରେ ମ୍ୟାଜିକ ହେଉଛି ।
आम स्कुलरे म्याजिक हेउछि ।

There is a magic show in our school.

ମୁଁ ମ୍ୟାଜିକ ଦେଖିବାକୁ ଯାଉଛି ।
मुं म्याजिक देखिबाकु याउछि ।

I am going to see the magic show.

ତୁ କୁଆଡ଼େ ଯାଉଛୁ କି ?
तु कुआड़े याउछु कि ?

Where are you going ?

A : ମୁଁ ବୁଲି ଯାଉଛି ।
मुं बुलि याउछि ।

A : I am going for a walk.

B : ଆଜି ତୋ ସ୍କୁଲ ଛୁଟି (କି) ?
आजि तो स्कुल छुटि (कि) ?

B : Is your school closed to-day ?

A : ହଁ ଆଜି ମୋ ସ୍କୁଲ ଛୁଟି ।
हँ आजि मो स्कुल छुटि ।

A : Yes, my school is closed to-day.

Vocabulary

ଆଉ	and
ଆଜି	to-day
କିଛି	some
କୁଆଡେ	where
କୁନି	Kuni (a nick name)
କୋରାଉଖୁଡ଼ା	*Kora ukhuda* (a special type of offering to Lord Lingaraj).
ଛୁଟି	leave, holiday
ଜନ୍ମଦିନ	birthday
ତୁ	you (familiar, intimate)
ତୋ	your
ଦେଖିବାକୁ	to see
ନାହିଁ	no, nothing
ନେଉଛୁ	(you are) taking
ପୂଜା କରିବାକୁ	to worship
ଫଳ	fruits
ବନ୍ଦ	closed
ବୁଲି	for a walk

Digitized by srujanika@gmail.com

ବୁଲୁ	Bulu (a nick name)	ମ୍ୟାଜିକ୍	magic (show)
ବୁଲୁ ମା	Bulu's mother	ଯାଉଛୁ	(are) going
ଭୋଗ	offerings to the God	ସେଥିପାଇଁ	for that
ମନ୍ଦିରକୁ	to the temple	ଲିଙ୍ଗରାଜ ମନ୍ଦିର	Lord Lingaraja's temple (at Bhubaneswar)

Drills

I Repetition drill.

model

Teacher ମା, ତୁ କୁଆଡେ ଯାଉଛୁ ?
Student ମା, ତୁ କୁଆଡେ ଯାଉଛୁ ?

All the sentences in the lesson are to be repeated following the above model.

II Build up drill.

ଯାଉଛୁ ।
କୁଆଡ଼େ ଯାଉଛୁ ?
ତୁ କୁଆଡ଼େ ଯାଉଛୁ ?
ମା, କୁଆଡ଼େ ଯାଉଛୁ ?
ମା, ତୁ ଯାଉଛୁ ?
ମା, ତୁ କୁଆଡ଼େ ଯାଉଛୁ ?

ଯାଉଛି ।
ମନ୍ଦିରକୁ ଯାଉଛି ।
ମୁଁ ଲିଙ୍ଗରାଜ ମନ୍ଦିରକୁ ଯାଉଛି ।

ଯାଉଛି ।
ମନ୍ଦିରକୁ ଯାଉଛି ।
ମୁଁ ଯାଉଛି ।
ମୁଁ ମନ୍ଦିରକୁ ଯାଉଛି ।

ହେଉଛି କି ?
କ'ଣ ହେଉଛି କି?
ଲିଙ୍ଗରାଜ ମନ୍ଦିରରେ କ'ଣ ହେଉଛି କି ?
ଆଜି କ'ଣ ହେଉଛି କି ?
ଆଜି ଲିଙ୍ଗରାଜ ମନ୍ଦିରରେ କ'ଣ ହେଉଛି କି ?

ଯାଉଛୁ ?
ମନ୍ଦିରକୁ ଯାଉଛୁ ?
ତୁ ମନ୍ଦିରକୁ ଯାଉଛୁ ?
କୋଉ ମନ୍ଦିରକୁ ଯାଉଛୁ ?
ତୁ କୋଉ ମନ୍ଦିରକୁ ଯାଉଛୁ ?

ହେଉନି ।
କିଛି ହେଉନି ।
ଆଜି ହେଉନି ।
ଆଜି କିଛି ହେଉନି ।

Digitized by srujanika@gmail.com

ଜନ୍ମଦିନ ।
ତୋ ଜନ୍ମଦିନ ।
ଆଜି ଜନ୍ମଦିନ ।
ଆଜି ତୋ ଜନ୍ମଦିନ ।

ଯାଉଛି ।
ପୂଜାକରିବାକୁ ଯାଉଛି ।
ସେଥିପାଇଁ ଯାଉଛି ।
ସେଥିପାଇଁ ପୂଜାକରିବାକୁ ଯାଉଛି ।

ନେଉଛୁ ?
ଭୋଗ କରିବାକୁ ନେଉଛୁ ?
କ'ଣ କରିବାକୁ ନେଉଛୁ ?
କ'ଣ ନେଉଛୁ ?
କ'ଣ ଭୋଗ କରିବାକୁ ନେଉଛୁ ?

ତୁ ନେଉଛୁ ?
ତୁ କ'ଣ ନେଉଛୁ ?
ତୁ କ'ଣ କରିବାକୁ ନେଉଛୁ ?
ତୁ କ'ଣ ଭୋଗ କରିବାକୁ ନେଉଛୁ ?

ନଉଛି ।
କୋରଉଖୁଡ଼ା ନଉଛି ।
କିଛି ଫଳ ଆଉ କୋରଉଖୁଡ଼ା ନଉଛି ।
କିଛି ଫଳ ନଉଛି ।
ଏଇ କିଛି ଫଳ ନଉଛି ।
ଏଇ କିଛି ଫଳ ଆଉ କୋରଉଖୁଡ଼ା ନଉଛି ।

III Substitution drill.

(a) ତୁ କୁଆଡ଼େ ଯାଉଛୁ ?

ଆସୁଛୁ	ତୁ କୁଆଡ଼େ ଆସୁଛୁ ?
ନଉଛୁ	ତୁ କୁଆଡ଼େ ନଉଛୁ ?
ଦେଖୁଛୁ	ତୁ କୁଆଡ଼େ ଦେଖୁଛୁ ?

Note—It is to be noted that the present continuous forms of all the verbs cannot be substituted with the interrogative words. The use of some verbs will distort the meaning of the sentences.

(b) ମୁଁ ମନ୍ଦିରକୁ ଯାଉଛି ।

ଘରକୁ	ମୁଁ ଘରକୁ ଯାଉଛି ।
ସ୍କୁଲକୁ	ମୁଁ ସ୍କୁଲକୁ ଯାଉଛି ।
କ୍ଲାସକୁ	ମୁଁ କ୍ଲାସକୁ ଯାଉଛି ।
ବଜାରକୁ	ମୁଁ ବଜାରକୁ ଯାଉଛି ।

Digitized by srujanika@gmail.com

(c) ତୁ କୋଉ ମନ୍ଦିରକୁ ଯାଉଛୁ ?

ଘରକୁ	ତୁ କୋଉ ଘରକୁ ଯାଉଛୁ ?
ଅଫିସକୁ	ତୁ କୋଉ ଅଫିସକୁ ଯାଉଛୁ ?
ଦୋକାନକୁ	ତୁ କୋଉ ଦୋକାନକୁ ଯାଉଛୁ ?

(d) ଆଜି ଲିଙ୍ଗରାଜ ମନ୍ଦିରରେ କ'ଣ ହେଉଛି କି ?

ସୂଚନାଭବନରେ	ଆଜି ସୂଚନାଭବନରେ କ'ଣ ହେଉଛି କି ?
ରବୀନ୍ଦ୍ରମଣ୍ଡପରେ	ଆଜି ରବୀନ୍ଦ୍ରମଣ୍ଡପରେ କ'ଣ ହେଉଛି କି ?
ଭାଷାକେନ୍ଦ୍ରରେ	ଆଜି ଭାଷାକେନ୍ଦ୍ରରେ କ'ଣ ହେଉଛି କି ?

(e) ଆଜି ତୋ ଜନ୍ମଦିନ ।

ମୋ	ଆଜି ମୋ ଜନ୍ମଦିନ ।
ତୁମ	ଆଜି ତୁମ ଜନ୍ମଦିନ ।
ଆପଣଙ୍କ	ଆଜି ଆପଣଙ୍କ ଜନ୍ମଦିନ ।
ତା	ଆଜି ତା ଜନ୍ମଦିନ ।
ତାଙ୍କ	ଆଜି ତାଙ୍କ ଜନ୍ମଦିନ ।

(f) ସେଥିପାଇଁ ପୂଜା କରିବାକୁ ଯାଉଛି ।

ଭୋଗ	ସେଥିପାଇଁ ଭୋଗ କରିବାକୁ ଯାଉଛି ।
କାମ	ସେଥିପାଇଁ କାମ କରିବାକୁ ଯାଉଛି ।

IV Transformation drill (to make negatives using ନି).

(a) ମୁଁ ମନ୍ଦିରକୁ ଯାଉଛି ।
ମୁଁ ମନ୍ଦିରକୁ ଯାଉନି ।

(b) ଲିଙ୍ଗରାଜ ମନ୍ଦିରରେ ପୂଜା ହେଉଛି ।
ଲିଙ୍ଗରାଜ ମନ୍ଦିରରେ ପୂଜା ହେଉନି ।

(c) ମୁଁ ଭୋଗ କରିବାକୁ ଉଷ୍ଣୁଡ଼ା ନଉଛି ।
ମୁଁ ଭୋଗ କରିବାକୁ ଉଷ୍ଣୁଡ଼ା ନଉନି ।

V Response drill.

(a) ମା, ତୁ କୁଆଡ଼େ ଯାଉଛୁ ?
ମୁଁ ମନ୍ଦିରକୁ ଯାଉଛି ।

Digitized by srujanika@gmail.com

(b) ମା, କୋଉ ମନ୍ଦିରକୁ ଯାଉଛନ୍ତି କି ?
ଲିଙ୍ଗରାଜ ମନ୍ଦିରକୁ ଯାଉଛନ୍ତି ।

(c) ଆଜି ଲିଙ୍ଗରାଜ ମନ୍ଦିରରେ କ'ଣ ହେଉଛି କି ?
ଆଜି ଲିଙ୍ଗରାଜ ମନ୍ଦିରରେ କିଛି ହେଉନି ।

(d) ତୁ କ'ଣ ଭୋଗ କରିବାକୁ ନେଉଛୁ କି ?
କୋଉ ଉଖୁଡ଼ା ଭୋଗ କରିବାକୁ ନେଉଛି ।

Exercises

1. Fill up the blanks choosing appropriate verbs from inside the brackets :

(i) (a) ତୁ କୁଆଡ଼େ ....? (ଯାଉଛ, ଯାଉଛି, ଯାଉଛୁ)
(b) ମୁଁ ସ୍କୁଲକୁ ....।(ଯାଉଛୁ, ଯାଉଛ, ଯାଉଛି)
(c) ଆଜି ସ୍କୁଲରେ କ'ଣ ....? (ହେଉଛ, ହେଉଛି, ହେଉଛୁ)
(d) ତୁ କ'ଣ ....? (ନେଉଛି, ନେଉଛୁ, ନେଉଛ)
(e) ଆମ ସ୍କୁଲରେ ମ୍ୟାଜିକ୍..............................।(ହେଉଛ, ହେଉଛି, ହେଉଛୁ)

(ii) (a) ବୁଲୁ କୁଆଡ଼େ ....? (ଖେଳୁଛ, ଯାଉଛନ୍ତି, କରୁଛନ୍ତି)
(b) ସ୍କୁଲରେ କ'ଣ..................?(ହେଉଛି, କରୁଛ, ଯାଉଛି)
(c) କୁନି ମ୍ୟାଜିକ୍.............................. ।(ଦେଖୁଛି, ଶୁଣୁଛି, ଯାଉଛି)
(d) ମା କ'ଣ....................................? (ଯାଉଛି, କରୁଛି, ହେଉଛି)

2. Fill up the blanks with suitable present continuous verb forms :

(i) (a) କୁନି ମ୍ୟାଜିକ ....।
(b) ମା ପୂଜା ....।
(c) ମୁଁ ସ୍କୁଲ ....।
(d) ତୁ ବୁଲି..............................।
(e) ମନ୍ଦିରରେ ଘଣ୍ଟା ....।

(ii) (a) ମୁଁ ପୂଜା କରିବାକୁ ....।
(b) ତୁ ଫଳ ଭୋଗ କରିବାକୁ ....।

Digitized by srujanika@gmail.com

(c) ବୁଲୁ ମ୍ୟାଜିକ୍ ଦେଖିବାକୁ ....।
(d) କୁନି ସିନେମା ଦେଖିବାକୁ ....।

(iii) Use the infinitive form of the given verb +କୁ in the blank place (the first one is done for you):

(a) ମୁଁ ପୂଜା କରିବାକୁ ଯାଉଛି ।
(b) ତୁ ଭେଗ କିଣି .. ..ଯାଉଛୁ ।
(c) ବୁଲୁ ମ୍ୟାଜିକ୍ ଦେଖି ....ଆସୁଛି ।
(d) କୁନି ସିନେମା ଦେଖି ....କହୁଛି ।
(e) ମୁଁ ଫଳ ବିକି.......................ନଉଛି ।
(f) ମା କ'ଣ ନେ....................ଯାଉଛି ?
(g) ତମେ ଖାତା ଦେ.................ଯାଉଛ ।

3. Transform the following into negative :

(a) ମୁଁ ଛବି ଦେଖୁଛି ।
(b) ମୁନା ବହି ପଢୁଛି ।
(c) ତୁ ଭଷା ଶିଖୁଛୁ ।
(d) ମନ୍ଦିରରେ ପୂଜା ହେଉଛି ।
(e) ସ୍କୁଲରେ ପଢ଼ା ହେଉଛି ।

4. Make sentences using the following :

ଦେଖୁଛି, ଆଙ୍କୁଛି, ଶୁଣୁଛି, ଯାଉଛୁ, କରୁଛୁ, ଲେଖୁଛୁ

5. Answer the following :

(a) ତୁ କ'ଣ କରୁଛୁ ?
(b) ମନ୍ଦିରରେ କ'ଣ ହେଉଛି ?
(c) କୁନି କୁଆଡ଼େ ଯାଉଛି ?

6. Make sentences using the present continuous forms of the following verbs with ମୁଁ and ତୁ as separate subjects :

ଯିବା, ଆସିବା, ଖାଇବା, ପିଇବା, ଦେଖିବା, ନାଚିବା, କିଣିବା, ଶୋଇବା, ବସିବା, ଆଣିବା, କହିବା

Digitized by srujanika@gmail.com

Grammatical Notes

1. The present continuous tense is formed as follows : verb stem + tense marker 'u' (ଉ) + auxiliary + person number suffix, ଯା + ଉ + ଅଛ + ଇ = ଯାଉଛି । ଉ is the present continuous or the imperfect tense marker.

   The subjects of the structures introduced in the lesson are 1st person singular personal pronoun ମୁଁ, 2nd person familiar singular pronoun ତୁ, and 3rd person inanimate singular objects.

   We have three types of structures here—

   (a) subject + interrogative marker + verb

   (b) subject + object + verb

   (c) subject + interrogative marker + verb + interrogative marker (for emphasis).

ତୁ କୁଆଡ଼େ ଯାଉଛୁ ?	Where are you going ?
ମୁଁ ମନ୍ଦିରକୁ ଯାଉଛି ।	I am going to the temple.
ମନ୍ଦିରରେ କ'ଣ ହେଉଛି କି?	Is anything happening in the temple ?

Note The plural form of 2nd person familiar singular is ତମେମାନେ or ତମେସବୁ.

2. କି is used as an interrogative marker. କି can also be used as an interrogative adjective.

As interrogative adjective		As interrogative marker	
କି ବହି ?	which book ?	ତୁ ଖାଇବୁ କି ?	Will you eat ?
କି କଥା ?	which thing ?	ତୁ ଯିବୁ କି ?	Will you go ?

ସେ କି ଘର ଲୋକ ? Which family does he come from ?

Digitized by srujanika@gmail.com

3. କୁ as a post position can be added to nouns, pronouns and verbs (including infinitives) to suggest relation of purpose, direction and destination.

ଘରକୁ	to home
ତାକୁ	to him
ଯିବାକୁ	to go

4. ନାହିଁ can be treated as a variant of negative reply ନା. The variant ନି of ନାହିଁ can be added to finite verbs in simple present, simple past and simple future tenses to negate the positive sentence.

Past		Present		Future	
ମୁଁ ଗଲି ।	I went.	ମୁଁ ଯାଏ ।	I go.	ମୁଁ ଯିବି ।	I will go.
ମୁଁ ଗଲିନି/ ନାହିଁ	I did not go.	ମୁଁ ଯାଏନି/ ନାହିଁ	I do not go.	ମୁଁ ଯିବିନି/ନାହିଁ ।	I will not go.

Note : There are some verbs like ଦେବା, ନେବା, ହେବା, which at times take the form of ଦବା, ନବା and ହବା, respectively, in conversation and colloquial form.

ଦେଉଛି	giving	ନେଉଛି	taking	ହେଉଛି	being
ଦଉଛି		ନଉଛି		ହଉଛି	

Cultural Note

The famous Lingaraj temple of Lord Shiva is situated at Bhubaneswar. The massive temple is famous for its beautiful architecture and carvings. This temple was built around 1115 A.D. In the Lingaraj temple *kora* and *ukhuda* are offered to the Lord during worship. This offering is called *bhoga* and this *bhoga* is especially prepared for the Lord. *Kora* is prepared from grated coconut and sugar, and *ukhuda* is prepared from popped rice and molasses.

Digitized by srujanika@gmail.com

Learn Numerals

11	୧୧	ଏଗାର	ଏକାଦଶ	eleventh
12	୧୨	ବାର	ଦ୍ୱାଦଶ	twelveth
13	୧୩	ତେର	ତ୍ରୟୋଦଶ	thirteenth
14	୧୪	ଚଉଦ	ଚତୁର୍ଦ୍ଦଶ	fourteenth
15	୧୫	ପନ୍ଦର	ପଞ୍ଚଦଶ	fifteenth
16	୧୬	ଷୋଳ	ଷୋଡ଼ଶ	sixteenth
17	୧୭	ସତର	ସପ୍ତଦଶ	seventeenth
18	୧୮	ଅଠର	ଅଷ୍ଟାଦଶ	eighteenth
19	୧୯	ଊଣେଇଶ	ଊନବିଂଶ	nineteenth
20	୨୦	କୋଡ଼ିଏ	ବିଂଶ	twentieth

Digitized by srujanika@gmail.com

UNIT I

LESSON 7

Conversation between two Trainees

ଦୁଇ ପ୍ରଶିକ୍ଷାର୍ଥୀଙ୍କ ଭିତରେ କଥାବାର୍ତ୍ତା

ସୁରବାବୁ : ବ୍ରଜବାବୁ, ଆପଣ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ? ଆପଣଙ୍କ ସାଙ୍ଗରେ ସେମାନେ ସମସ୍ତେ କିଏ ?

सूरबाबु ब्रजबाबु, आपण एते सकालु कुआड़े जाउछन्ति ? आपणंक सांगरे सेमाने समस्ते किए ?

Surababu : Brajababu, where are you going so early in the morning ? Who are they with you ?

ବ୍ରଜବାବୁ : ଆମେ ବଜାରକୁ ଯାଉଛୁ । ଏମାନେ ସମସ୍ତେ ମୋର ବନ୍ଧୁ । ଆମେ ସମସ୍ତେ ଏକାଠି ବଙ୍ଗଳା ଭାଷା ଶିଖୁଛୁ । ଆପଣ କ'ଣ କରୁଛନ୍ତି କି ?

ब्रजबाबु आमे बजारकु जाउछु । एमाने समस्ते मोर बंधु । आमे समस्ते एकाठि बंगला भाषा शिखुछु । आपण क'ण करुछन्ति कि ?

Brajababu : We are going to the market. They are all my friends. We are together learning Bengali language. Are you doing anything ?

ସୁରବାବୁ : ନା, ମୁଁ କିଛି କରୁନି ।

सूरबाबु : ना मुं किछि करुनि ।

Surababu : No, I am not doing anything.

ବ୍ରଜବାବୁ : ଆପଣଙ୍କର ଆଜି ଛୁଟି କି ?

ब्रजबाबु आपणंकर आजि छुटि कि ?

Brajababu : Is it your holiday to-day ?

ସୁରବାବୁ : ନା, ଛୁଟି ନୁହେଁ । ମୁଁ ଆଜି ଛୁଟିନେଇ ଘରେ ଅଛି ।

सूरबाबु ना, छुटि नुहें । मुं आजि छुटि नेई घरे अछि ।

Surababu : No, It's not a holiday. I have taken leave to-day to stay at home.

Digitized by srujanika@gmail.com

ବ୍ରଜବାବୁ : ଆପଣ ଆଜି ସନ୍ଧ୍ୟାରେ ସୂଚନା ଭବନ ଯାଉଛନ୍ତି ? ମୋ ବନ୍ଧୁମାନେ ସନ୍ଧ୍ୟା-ବେଳେ ସୂଚନା ଭବନ ଯିବାକୁ ଚାହୁଁଛନ୍ତି ।

ब्रजबाबु आपण आजि संध्यारे सूचनाभवन जाउछन्ति ? मो बंधुमाने संध्या-बेले सूचना भवन जिबाकु चाहुँ-छन्ति ।

Brajababu : Are you going to Soochana Bhavan to-day evening ? My friends want to go to Soochana Bhavan in the evening.

ସୁରବାବୁ : ମୋର ଟିକେ ଅନ୍ୟ କାମ ଅଛି । ସୂଚନା ଭବନରେ ଆଜି କ'ଣ ହେଉଛି କି ?

सूरबाबु : ना, मोर टिके अन्य काम अछि । सूचना भवनरे आजि क'ण हेउछि कि ?

Surababu : (No) I have got some other work to do. What is going to be done at Soochana Bhavan today ?.

ବ୍ରଜବାବୁ : ସୂଚନା ଭବନରେ ଆଜି ଓଡ଼ିଶୀ ନାଚ ହେଉଛି । ଆଚ୍ଛା ହଉ, ଆମର ଡେରି ହେଉଛି । ଆମେ ତେବେ ଆସୁଛୁ । ନମସ୍କାର ।

ब्रजबाबु : सूचना भवनरे आजि ओड़िशी नाच हेउछि । आच्छा हउ, आमर ड़ेरि हेउछि । आमे तेबे आसुछु । नमस्कार ।

Brajababu : There is going to be Odissi dance to-day at Soochana Bhavan. O.K. We are getting late. Let us go. *Namaskar.*

ସୁରବାବୁ : ନମସ୍କାର ।

सूरबाबु : नमस्कार ।

Surababu : *Namaskar.*

Variation

A : ଆପଣମାନେ କୁଆଡ଼େ ଯାଉଛନ୍ତି ?
आपणमाने कुआड़े जाउछन्ति ?

A : Where are you going ?

B : ଆମେ ପାରେଡ଼ ପଡ଼ିଆକୁ ଯାଉଛୁ ।
आमे पारेड़ पड़िआकु जाउछु ।

B : We are going to the Parade field.

Digitized by srujanika@gmail.com

A : ପାରେଡ୍ ପଡ଼ିଆରେ କ'ଣ ହେଉଛି ?
पारेड़ पड़िआरे क'ण हेउछि ?

A : What is going on in the Parade field.

B : ଆଜି ଚାରିଟାବେଳେ କଂଗ୍ରେସ ପାର୍ଟିର ସଭା ହେଉଛି ।
ଆପଣ ଯାଉଛନ୍ତି ?
आजि चारिटाबेले कंग्रेस पार्टिर सभा हेउछि । आपण जाउछन्ति ?

B : There is a meeting of the Congress Party at four.
Are you going ?

A : ନା, ମୁଁ ଯାଉନି । ମୁଁ ବର୍ତ୍ତମାନ କଟକ ଯାଉଛି ।
ସେମାନେ ଆପଣଙ୍କର ବନ୍ଧୁ ?
ना, मुं जाउनि । मुं बर्त्तमान कटक जाउछि ।
सेमाने आपणङ्कर बन्धु ?

A : No, I am not going.
I am going to Cuttack now.
Are they your friends ?

B : ନା, ସେମାନେ ବନ୍ଧୁ ନୁହଁନ୍ତି । ସେମାନେ ମୋର ଛାତ୍ର ।
ना, सेमाने बन्धु नुहन्ति । सेमाने मोर छात्र ।

B : No, they are not my friends.
They are my students.

Vocabulary

ଅନ୍ୟ	other	ଡେରି	late
ଆପଣମାନେ	you (plural)	ତେବେ	then
ଆମର	our	ନୁହେଁ	not
ଆମେ	we	ବଜାର	market
ଆସୁଛୁ	(are) coming	ଯାଉନି	(is) not going
ଏକାଠି	together	ଯାଉଛନ୍ତି	(are) going
ଏତେ	so much	ଶିଖୁଛୁ	(are) learning
ଏମାନେ	these men	ସକାଳୁ	in the morning
ଓଡ଼ିଶୀନାଚ	Odisi dance	ସଭା	meeting
କାମ	work	ସମସ୍ତେ	all
ଘରେ	at home	ସନ୍ଧ୍ୟା	evening
ଛୁଟି	leave	ସାଙ୍ଗରେ	with
ଟିକେ	a little	ସେମାନେ	they

Digitized by srujanika@gmail.com

Drills

I Build up drill

ଯାଉଛନ୍ତି ?
କୁଆଡ଼େ ଯାଉଛନ୍ତି ?
ସକାଳୁ ଯାଉଛନ୍ତି ?
ସକାଳୁ କୁଆଡ଼େ ଯାଉଛନ୍ତି ?
ଏତେ ସକାଳୁ ଯାଉଛନ୍ତି ?
ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?

ଆପଣ ଯାଉଛନ୍ତି ?
ଆପଣ ସକାଳୁ ଯାଉଛନ୍ତି ?
ଆପଣ ଏତେ ସକାଳୁ ଯାଉଛନ୍ତି ?
ଆପଣ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?
ବ୍ରଜବାବୁ, ଆପଣ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?

କିଏ ?
ସେମାନେ କିଏ ?
ସାଙ୍ଗରେ ସେମାନେ ସବୁ କିଏ ?
ଆପଣଙ୍କ ସାଙ୍ଗରେ ସେମାନେ ସବୁ କିଏ ?

ଯାଉଛୁ ।
ବଜାରକୁ ଯାଉଛୁ ।
ଆମେ ଯାଉଛୁ ।
ଆମେ ବଜାରକୁ ଯାଉଛୁ ।

ବନ୍ଧୁ ।
ମୋର ବନ୍ଧୁ ।
ସମସ୍ତେ ବନ୍ଧୁ ।
ସମସ୍ତେ ମୋର ବନ୍ଧୁ ।
ଏମାନେ ସମସ୍ତେ ବନ୍ଧୁ ।
ଏମାନେ ବନ୍ଧୁ ।
ଏମାନେ ମୋର ବନ୍ଧୁ ।
ଏମାନେ ସମସ୍ତେ ମୋର ବନ୍ଧୁ ।

ଶିଖୁଛୁ ।
ବଙ୍ଗଳା ଭଷା ଶିଖୁଛୁ ।
ଏକାଠି ବଙ୍ଗଳା ଭଷା ଶିଖୁଛୁ ।
ଏକାଠି ଶିଖୁଛୁ ।
ସମସ୍ତେ ଏକାଠି ଶିଖୁଛୁ ।
ସମସ୍ତେ ଏକାଠି ଶିଖୁଛୁ ।
ସମସ୍ତେ ଶିଖୁଛୁ ।
ଆମେ ଶିଖୁଛୁ ।
ଆମେ ଏକାଠି ଶିଖୁଛୁ ।
ଆମେ ସମସ୍ତେ ଶିଖୁଛୁ ।
ଆମେ ସମସ୍ତେ ଏକାଠି ବଙ୍ଗଳା ଭଷା ଶିଖୁଛୁ ।

ଯାଉଛନ୍ତି କି ?
କୁଆଡ଼େ ଯାଉଛନ୍ତି କି ?
କଣ କୁଆଡ଼େ ଯାଉଛନ୍ତି କି ?
ଆପଣ କଣ କୁଆଡ଼େ ଯାଉଛନ୍ତି କି ?

ଯାଉନି ।
କୁଆଡ଼େ ଯାଉନି ।
ମୁଁ ଯାଉନି ।
ମୁଁ କୁଆଡ଼େ ଯାଉନି ।
ନା, ମୁଁ କୁଆଡ଼େ ଯାଉନି ।

ଛୁଟି କି ?
ଆଜି ଛୁଟି କି ?
ଆପଣଙ୍କର ଛୁଟି କି ?
ଆପଣଙ୍କର ଆଜି ଛୁଟି କି ?

ନୁହେଁ ।
ଛୁଟି ନୁହେଁ ।
ନା, ଛୁଟି ନୁହେଁ ।

Digitized by srujanika@gmail.com

ଅଛି ।
ଘରେ ଅଛି ।
ଛୁଟିନେଇ ଘରେ ଅଛି ।
ଆଜି ଛୁଟି ନେଇ ଘରେ ଅଛି ।
ମୁଁ ଆଜି ଛୁଟି ନେଇ ଘରେ ଅଛି ।

ଯାଉଛନ୍ତି ?
ସୂଚନା ଭବନ ଯାଉଛନ୍ତି ?
ସନ୍ଧ୍ୟାରେ ଯାଉଛନ୍ତି ?
ଆଜି ଯାଉଛନ୍ତି ?
ଆଜି ସନ୍ଧ୍ୟାରେ ସୂଚନା ଭବନ ଯାଉଛନ୍ତି ?
ଆପଣ ଆଜି ଯାଉଛନ୍ତି ?
ଆପଣ ସନ୍ଧ୍ୟାରେ ଯାଉଛନ୍ତି ?
ଆପଣ ଆଜି ସନ୍ଧ୍ୟାରେ ସୂଚନା ଭବନ ଯାଉଛନ୍ତି ?

ଚାହୁଁଛନ୍ତି ।
ଯିବାକୁ ଚାହୁଁଛନ୍ତି ।
ସନ୍ଧ୍ୟାବେଳେ ସୂଚନାଭବନ ଯିବାକୁ ଚାହୁଁଛନ୍ତି ।
ବନ୍ଧୁମାନେ ସନ୍ଧ୍ୟାବେଳେ ସୂଚନାଭବନ ଯିବାକୁ ଚାହୁଁଛନ୍ତି ।
ମୋ ବନ୍ଧୁମାନେ ସନ୍ଧ୍ୟାବେଳେ ସୂଚନାଭବନ ଯିବାକୁ ଚାହୁଁଛନ୍ତି ।

ଅଛି ।
କାମ ଅଛି ।
ଅନ୍ୟ କାମ ଅଛି ।
ଟିକେ କାମ ଅଛି ।
ମୋର ଅନ୍ୟ କାମ ଅଛି ।
ମୋର ଟିକେ ଅନ୍ୟ କାମ ଅଛି ।
ନା, ମୋର ଟିକେ ଅନ୍ୟ କାମ ଅଛି ।

ହେଉଛି ।
ନାଚ ହେଉଛି ।
ଓଡ଼ିଶୀନାଚ ହେଉଛି ।
ଆଜି ଓଡ଼ିଶୀନାଚ ହେଉଛି ।
ସୂଚନା ଭବନରେ ଆଜି ଓଡ଼ିଶୀନାଚ ହେଉଛି ।

ହେଉଛି ।
ଡେରି ହେଉଛି ।
ଆମର ଡେରି ହେଉଛି ।
ଆଚ୍ଛା ହଉ, ଆମର ଡେରି ହେଉଛି ।

ଆସୁଛୁ ।
ତେବେ ଆସୁଛୁ ।
ଆମେ ଆସୁଛୁ ।
ଆମେ ତେବେ ଆସୁଛୁ ।

II Substitution drill

(୧) ଆପଣଙ୍କ ସାଙ୍ଗରେ ସେମାନେ ସବୁ କିଏ ?

ଏମାନେ	ଆପଣଙ୍କ ସାଙ୍ଗରେ ଏମାନେ ସବୁ କିଏ ?
ସମସ୍ତେ	ଆପଣଙ୍କ ସାଙ୍ଗରେ ସେମାନେ ସମସ୍ତେ କିଏ ?
ତୁମ	ତୁମ ସାଙ୍ଗରେ ସେମାନେ ସବୁ କିଏ ?
ତାଙ୍କ	ତାଙ୍କ ସାଙ୍ଗରେ ସେମାନେ ସବୁ କିଏ ?
ତା	ତା ସାଙ୍ଗରେ ସେମାନେ ସବୁ କିଏ ?

Digitized by srujanika@gmail.com

(b) ଆପଣ ଆଜି ସନ୍ଧ୍ୟାରେ ସୂଚନା ଭବନ ଯାଉଛନ୍ତି ?

ରବୀନ୍ଦ୍ରମଣ୍ଡପ	ଆପଣ ଆଜି ସନ୍ଧ୍ୟାରେ ରବୀନ୍ଦ୍ରମଣ୍ଡପ ଯାଉଛନ୍ତି ?
କଳାମଣ୍ଡପ	ଆପଣ ଆଜି ସନ୍ଧ୍ୟାରେ କଳାମଣ୍ଡପ ଯାଉଛନ୍ତି ?
ସିନେମା	ଆପଣ ଆଜି ସନ୍ଧ୍ୟାରେ ସିନେମା ଯାଉଛନ୍ତି ?

(c) ସୂଚନା ଭବନରେ ଆଜି ଓଡ଼ିଶୀନାଚ ହେଉଛି ।

ସିନେମା	ସୂଚନା ଭବନରେ ଆଜି ସିନେମା ହେଉଛି ।
ଡ୍ରାମା	ସୂଚନାଭବନରେ ଆଜି ଡ୍ରାମା ହେଉଛି ।
ମିଟିଂ	ସୂଚନା ଭବନରେ ଆଜି ମିଟିଂ ହେଉଛି ।

(d) ଆପଣ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?

ଆପଣମାନେ	ଆପଣମାନେ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?
ସେମାନେ	ସେମାନେ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?
ଏମାନେ	ଏମାନେ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?
ବନ୍ଧୁମାନେ	ବନ୍ଧୁମାନେ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?

III Substitution-Agreement drill

(a) ଆପଣ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?

ତୁ	ତୁ ଏତେ ସକାଳୁ କୁଆଡ଼େ ଯାଉଛୁ ?
ମୁଁ	ମୁଁ ଏତେ ସକାଳୁ କୁଆଡ଼େ ଯାଉଛି ?
ଆମେ excl.	ଆମେ ଏତେ ସକାଳୁ କୁଆଡ଼େ ଯାଉଛୁ ?
ସେମାନେ	ସେମାନେ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ।

(b) ଆମେ ବଜାରକୁ ଯାଉଛୁ ।

ସେମାନେ	ସେମାନେ ବଜାରକୁ ଯାଉଛନ୍ତି ।
ଆପଣମାନେ	ଆପଣମାନେ ବଜାରକୁ ଯାଉଛନ୍ତି ।
ବନ୍ଧୁମାନେ	ବନ୍ଧୁମାନେ ବଜାରକୁ ଯାଉଛନ୍ତି ।

(c) ଆପଣ କଣ କୁଆଡ଼େ ଯାଉଛନ୍ତି କି ?

ତୁ	ତୁ କଣ କୁଆଡ଼େ ଯାଉଛୁ କି ?
ମୁଁ	ମୁଁ କଣ କୁଆଡ଼େ ଯାଉଛି କି ?
ବନ୍ଧୁମାନେ	ବନ୍ଧୁମାନେ କଣ କୁଆଡ଼େ ଯାଉଛନ୍ତି କି ?

Digitized by srujanika@gmail.com

IV. Transformation drill

1. Transformation into negative using the negative verb ନୁହେଁ—

(a) ଆପଣଙ୍କ ପୁଅ ନାଁ ମନୁ ।
ଆପଣଙ୍କ ପୁଅ ନାଁ ମନୁ ନୁହଁ ।

(b) ଏମାନେ ସମସ୍ତେ ମୋର ବନ୍ଧୁ ।
ଏମାନେ ସମସ୍ତେ ମୋର ବନ୍ଧୁ ନୁହନ୍ତି ।

(c) ସେମାନେ ମୋର ଛାତ୍ର ।
ସେମାନେ ମୋର ଛାତ୍ର ନୁହଁନ୍ତି ।

(d) ସେ ମୋର ଛାତ୍ର ।
ସେ ମୋର ଛାତ୍ର ନୁହେଁ ।

(e) ତମର ଆଜି ଛୁଟି ।
ତମର ଆଜି ଛୁଟି ନୁହେଁ ।

2. Transformation into negative using ନାହିଁ—

(a) ମୋର ଅନ୍ୟକାମ ଅଛି ।
ମୋର ଅନ୍ୟ କାମ ନାହିଁ ।

(b) ମୁଁ ଆଜି ଘରେ ଅଛି ।
ମୁଁ ଆଜି ଘରେ ନାହିଁ ।

(c) ମୁଁ ବଜାରକୁ ଯାଉଛି ।
ମୁଁ ବଜାରକୁ ଯାଉନି ।

(d) ଆମେ ପାରେଡ୍ ପଡ଼ିଆକୁ ଯାଉଛୁ ।
ଆମେ ପାରେଡ୍ ପଡ଼ିଆକୁ ଯାଉନୁ ।

(e) ଆପଣ ସୂଚନା ଭବନ ଯାଉଛନ୍ତି ।
ଆପଣ ସୂଚନା ଭବନ ଯାଉନାହାନ୍ତି ।

(f) ବନ୍ଧୁମାନେ ସୂଚନା ଭବନ ଯିବାକୁ ଚାହୁଁଛନ୍ତି ।
ବନ୍ଧୁମାନେ ସୂଚନା ଭବନକୁ ଯିବାକୁ ଚାହୁଁ ନାହାନ୍ତି ।

(g) ସୂଚନା ଭବନରେ ଓଡ଼ିଶୀନାଚ ହେଉଛି ।
ସୂଚନା ଭବନରେ ଓଡ଼ିଶୀନାଚ ହେଉନି ।

(h) ପାରେଡ୍ ପଡ଼ିଆରେ ସଭା ହେଉଛି ।
ପାରେଡ୍ ପଡ଼ିଆରେ ସଭା ହେଉନି ।

Digitized by srujanika@gmail.com

3. Transformation into interrogative using କି—

(a) ଆପଣଙ୍କର ଆଜି ଛୁଟି ।

ଆପଣଙ୍କର ଆଜି ଛୁଟି କି ?

(b) ସେ ଛୁଟି ନେଇ ଘରେ ଅଛି ।

ସେ ଛୁଟି ନେଇ ଘରେ ଅଛି କି ?

(c) ଆପଣମାନେ ବଜାରକୁ ଯାଉଛନ୍ତି ।

ଆପଣମାନେ ବଜାରକୁ ଯାଉଛନ୍ତି କି ?

(d) ସେମାନେ ମୋର ବନ୍ଧୁ ନୁହଁନ୍ତି ।

ସେମାନେ ମୋର ବନ୍ଧୁ ନୁହଁନ୍ତି କି ?

(e) ଆଜି ତୁମର ଛୁଟି ନାହିଁ ।

ଆଜି ତୁମର ଛୁଟି ନାହିଁ କି ?

V. Response drill

(i) (a) ଆପଣ ଏତେ ସକାଳୁ କୁଆଡ଼େ ଯାଉଛନ୍ତି ?

ମୁଁ ବଜାରକୁ ଯାଉଛି ।

(b) ସେମାନେ ସମସ୍ତେ କିଏ ?

ସେମାନେ ସମସ୍ତେ ମୋର ବନ୍ଧୁ ।

(ii) (a) ପାରେଡ଼ ପଡ଼ିଆରେ କ'ଣ ହେଉଛି କି ?

ପାରେଡ଼ ପଡ଼ିଆରେ ସଭା ହେଉଛି ।

(b) ଆପଣଙ୍କର ଆଜି ଛୁଟି କି ?

ନା, ମୋର ଆଜି ଛୁଟି ନୁହେଁ ।

ହଁ, ମୋର ଆଜି ଛୁଟି ।

(c) ସେମାନେ ଆପଣଙ୍କର ବନ୍ଧୁ ?

ନା, ସେମାନେ ମୋର ବନ୍ଧୁ ନୁହଁନ୍ତି ।

ହଁ, ସେମାନେ ମୋର ବନ୍ଧୁ ।

Digitized by srujanika@gmail.com

Exercises

1. Fill up the blanks choosing appropriate verb-forms from inside the brackets :

   (a) ମୁଁ ବଜାର.................. । (ପଢୁଛି, ଯାଉଛି, ଖାଉଛି)
   (b) ଆମେ ଭଷା........................ । (ଦେଖୁଛ, ଆସୁଛ, ଶିଖୁଛୁ)
   (c) ଆପଣ କଟକ........................ । (ଯାଉଛନ୍ତି, ରହୁଛନ୍ତି, କରୁଛନ୍ତି)
   (d) ଆପଣମାନେ କାମ........................ । (ଯାଉଛନ୍ତି, ପଢୁଛନ୍ତି, କରୁଛନ୍ତି)
   (e) ତୁ ପାଠ........................ । (ଯାଉଛ, କରୁଛୁ, ପଢୁଛୁ)

2. Substitute the underlined words by words given in the brackets changing the verb-forms wherever necessary. See the model given below.

   ମୁଁ ସୂଚନା ଭବନକୁ ଯାଉଛି । (ଆମେ)
   ଆମେ ସୂଚନା ଭବନକୁ ଯାଉଛୁ ।

   (a) ମୁଁ ଭଷା ଶିଖୁଛି । (ଆପଣ)
   (b) ଆମେ ବୁଲି ଯାଉଛୁ । (ତୁ)
   (c) ତୁ ଛବି ଦେଖୁଛୁ । (ମୁଁ)
   (d) ତୁ ପାଠ ପଢୁଛୁ ।(ଆମେ)
   (e) ଆପଣ ସଭକୁ ଯାଉଛନ୍ତି । (ମୁଁ)
   (f) ଆପଣମାନେ ବଙ୍ଗଳା ଭାଷା କହୁଁଛନ୍ତି । (ଆମେ)
   (g) ସେମାନେ ସ୍କୁଲରେ ପଢୁଛନ୍ତି । (ଆପଣ)
   (h) ସେମାନେ ଆପେଲ ଖାଉଛନ୍ତି । (ତୁ)
   (i) ଆମେ ଓଡ଼ିଆ ଶିଖୁଛୁ । (ସେମାନେ)
   (j) ମୁଁ ପୂଜା କରୁଛି । (ସେମାନେ)

3. Fill up the blanks with suitable present continuous verb forms :

   (a) ମୁଁ ଭତ .... ।
   (b) ବୁଲୁ ଛବି .... ।
   (c) ଆପଣ ପୂଜା........................ ।
   (d) ସୂଚନା ଭବନରେ ନାଚ ।
   (e) ପଡ଼ିଆରେ ଖେଳ........................ ।

Digitized by srujanika@gmail.com

4. (i) Use the post-position କୁ in the following sentences :

(a) ମୁଁ ମନ୍ଦିର .... ଯାଉଛି ।
(b) ସେ ଷ୍ଟେସନ ....ଯାଉଛି ।
(c) ସେମାନେ ଫଳ ଆଣିବା ....ଯାଉଛନ୍ତି ।
(d) ବୁଲୁ ନାଚ ଦେଖିବା........... .... ଆସୁଛି ।
(e) ତୁ ଖେଳ ପଡ଼ିଆ .... ଯାଉଛୁ ।

(ii) Use the post-position ରେ in the following sentences :

(a) ବୁଲୁ ପଡ଼ିଆ........................ ଖେଳୁଛି ।
(b) ସେ ମାର୍କେଟ .... ବହି କିଣୁଛି ।
(c) ସୂଚନା ଭବନ........................ ନାଚ ହେଉଛି ।
(d) ସିନେମା ହଲ........................ସେମାନେ ସିନେମା ଦେଖୁଛନ୍ତି ।
(e) ସେଠା..............................କ'ଣ ହେଉଛି ?

5. Replace the underlined verbs by the verbs given in the brackets and make necessary changes in the subject-places :

model :

ଆପଣ ସ୍କୁଲ ଯାଉଛନ୍ତି । (ଯାଉଛି)
ମୁଁ ସ୍କୁଲ ଯାଉଛି ।

(a) ମୁଁ ଛବି ଦେଖୁଛି । (ଦେଖୁଛୁ)
(b) ତୁ ବୁଲି ଯାଉଛୁ । (ଯାଉଛନ୍ତି)
(c) ସେମାନେ ସିନେମା ଦେଖୁଛନ୍ତି । (ଦେଖୁଛି)
(d) ଆପଣ କାମ କରୁଛନ୍ତି ।(କରୁଛି)
(e) ଆମେ ବଲ୍ ଖେଳୁଛୁ । (ଖେଳୁଛୁ)
(f) ସେମାନେ ଘରକୁ ଯାଉଛନ୍ତି । (ଯାଉଛନ୍ତି)
(g) ତୁ ଛବି ଆଙ୍କୁଛୁ । (ଆଙ୍କୁଛୁ)
(h) ମୁଁ ବହି ପଢୁଛି । (ପଢୁଛନ୍ତି)

6. Transform the following sentences into negative :

(i) (a) ସେ ମୋର ବନ୍ଧୁ ।
(b) ଆଜି ତୁମର ଛୁଟି ।
(c) ସେମାନେ କଟକର ଲୋକ ।

Digitized by srujanika@gmail.com

(d) ଆପଣ ଭାଷାକେନ୍ଦ୍ରର ଛାତ୍ର ।

(e) ଏମାନେ ସମସ୍ତେ ଶିକ୍ଷକ ।

(f) ଆପଣ ଜଣେ ଲେଖକ ।

(ii) (a) ଆପଣଙ୍କର କଟକରେ ଘର ଅଛି ।

(b) ସେମାନେ ପାରେଡ୍ ପଡ଼ିଆକୁ ଯାଉଛନ୍ତି ।

(c) ତୁମର ଦୁଇଟା ବହି ଅଛି ।

(d) ମୁଁ ଘରକୁ ଯାଉଛି ।

(e) ଭାଷାକେନ୍ଦ୍ରରେ ପଢ଼ା ହେଉଛି ।

(f) ତୁ ଭାତ ଖାଉଛୁ ।

(g) ଆପଣ ଗପ ଶୁଣୁଛନ୍ତି ।

(h) ଆପଣମାନେ ପୁରୀ ଯାଉଛନ୍ତି ।

(i) ସେଠାରେ ସଭା ହେଉଛି ।

(j) ଏଠାରେ କୁନି ନାଚୁଛି ।

7. Transform the following sentences into interrogatives using କି :

(a) ତୁ ଫଳ ବିକୁଛୁ ।

(b) ଆପଣ ଘର ଖୋଜୁଛନ୍ତି ।

(c) ସେମାନେ ସେଠାରେ ରହୁଛନ୍ତି ।

(d) ବନ୍ଧୁମାନେ ଆଜି ଆସୁଛନ୍ତି ।

(e) ମୁଁ ମନ୍ଦିରକୁ ଯାଉଛି ।

8. Answer the following

(a) ଆପଣଙ୍କ ପାଖରେ ସେମାନେ କିଏ ?

(b) ଆପଣମାନେ କ'ଣ କରୁଛନ୍ତି ?

(c) ଆପଣଙ୍କର ଆଜି ଛୁଟି କି ?

(d) ଆପଣ ଏଇଠାର (ଏଠିକାର) ଛାତ୍ର କି ?

(e) ସୂଚନା ଭବନରେ କ'ଣ ହେଉଛି ?

(f) ସେମାନେ କଣ ସୂଚନା ଭବନକୁ ଯାଉଛନ୍ତି ?

Digitized by srujanika@gmail.com

5. There are five meaningful sentences in the following table. Make out the sentences and write them separately :

ମୁଁ	କଲେଜରେ	ପଢୁଛନ୍ତି
ତୁ	ଭାଷାକେନ୍ଦ୍ରର	ଅଛି
ତୁମେ	ଘରେ	ଛାତ୍ର
ଆପଣ	ମନ୍ଦିରକୁ	ଲୋକ
ସେ	ଭୁବନେଶ୍ୱରର	ଯାଉଛୁ

Grammatical Note

1. There are 3 persons for personal pronouns which have singular as well as plural forms in Oriya. They are as follows :

	Singular	Plural
1st person	ମୁଁ I	ଆମେ We *pl*
2nd person	ତୁ you *fam. sing.*	ତୁମେ/ତୁମେମାନେ you *pl.*
	ତୁମେ you *pol. sing.*	ତୁମେ/ତୁମେମାନେ you *pl.*
	ଆପଣ you *hon. sing.*	ଆପଣମାନେ you *pl.*
3rd person	ସେ He *hon. sing.*	ସେମାନେ they *pl.*
	ସେ He *fam. sing.*	

Note: The 1st person plural ଆମେ has a variant ଆମ୍ଭେ which is at times used as 1st person singular in aristocratic and royal situations. The person speaks for himself as ଆମ୍ଭେ instead of ମୁଁ. This use is mainly found in old Oriya literature.

ଆମ୍ଭେ ଏ ଦେଶର ରଜା । I am the king of this kingdom.

Like ଆମ୍ଭେ the 2nd person ତୁମେ has a variant ତୁମ୍ଭେ the use of which is also restricted to old Oriya literature.

Digitized by srujanika@gmail.com

2. All the personal pronouns have their oblique bases to which post-positions are added. They are as follows :

Singular pronoun	Oblique base	Plural pronoun	Oblique base
ମୁଁ	ମୋ—	ଆମେ	ଆମ
ତୁ	ତୋ	ତୁମେମାନେ	ତୁମମାନ—
ତୁମେ—/ତମେ	ତୁମ—/ତମ	ତୁମେମାନେ	ତୁମମାନ—
ଆପଣ	ଆପଣ—	ଆପଣମାନେ	ଆପଣମାନ—
ସେ fam.	ତା—	ସେମାନେ	ସେମାନ—
ସେ hon.	ତାଙ୍କ —		

3. ମାନେ is the plural marker for both nouns and pronouns. To take post-positions ମାନେ drops ଏ and becomes ମାନ/ମାନେ is usually used for human beings and non-human living beings. But the use of plural markers in Oriya is irregular in both animate and inanimate referents.

ଛାତ୍ରମାନେ/ଛାତ୍ରମାନଙ୍କର	the students/of the students.
ଘୋଡ଼ାମାନେ/ଘୋଡ଼ାମାନଙ୍କର	the horses/of the horses.
ନଦୀମାନେ/ନଦୀମାନଙ୍କର	the rivers/of the rivers.
ଭାଷାମାନେ/ଭାଷାମାନଙ୍କର	the languages/of the languages etc.

4. (i) The present continuous verb form is formed as follows : verb stem + present continuous tense marker 'u' (ଉ)+ auxiliary+person marker. The 2nd person honorific singular and plural pronouns take the person marker ଅନ୍ତି.

ଆପଣ ଯାଉଛନ୍ତି ।	You are going.
ଆପଣମାନେ ଯାଉଛନ୍ତି ।	You are going.

(ii) The 1st person plural pronoun may be exclusive or inclusive while using verbs. When the person talked to is excluded, it is exclusive and when the person talked

Digitized by srujanika@gmail.com

to is included, it is inclusive. In all forms of past, present and future tenses the 1st person plural exclusive suffix is ‘-u’ ଉ

Exclusive

ଆମେ ଅଛୁ ।	We are. (present)
ଆମେ ଯାଉ ।	We go. (present, habitual)
ଆମେ ଗଲୁ ।	We went. (past)
ଆମେ ଯିବୁ ।	We will go. (future)

The first person plural inclusive suffix is ‘-e’ (-ଏ) in all forms of present and past tenses and ‘-a’ (-ଆ) in all forms of future tenses

Inclusive

ଆମେ ଅଛେ ।	We are. (present)
ଆମେ ଯାଇଛେ ।	We have gone. (present perfect)
ଆମେ ଯାଉଛେ ।	We are going. (present continuous)
ଆମେ ଗଲେ ।	We went. (simple past)
ଆମେ ଯାଇଥିଲେ ।	We had gone. (past perfect)
ଆମେ ଯାଉଥିଲେ ।	We were going. (past continuous)
ଆମେ ଯିବା ।	We shall go. (simple future)
ଆମେ ଯାଇଥିବା ।	We shall have gone. (future perfect)
ଆମେ ଯାଉଥିବା ।	We shall be going. (future continuous)

5. ସମସ୍ତେ and ସବୁ are Oriya plural pronouns. But ସମସ୍ତେ is used for human and nonhuman beings whereas ସବୁ can be used for all human, non-human and inanimate things. ସମସ୍ତ is the oblique base of ସମସ୍ତେ to take post-positions.

Digitized by srujanika@gmail.com

ସମସ୍ତେ ଯାଉଛନ୍ତି ।	All are going.
ସମସ୍ତ ଲୋକ ଯାଉଛନ୍ତି ।	All men are going.
ଏଠି ସମସ୍ତଙ୍କର ଘର ଅଛି ।	All have their houses here.
ସମସ୍ତଙ୍କୁ ଭେଟ ଦେଇଛି ।	I have given offering to all.
ଆମେ ସବୁ ଯାଉଛୁ ।	We all are going.

6. The equational sentences are negated by using the negative verb ନୁହେଁ. In honorific and plural constructions it becomes ନୁହଁନ୍ତି.

Note : The negative verb ନୁହେଁ has a variant ନୁହଁ which is more frequent in spoken form. But with 1st person plural and 2nd person familiar-polite singular it invariably occurs as ନୁହଁ.

ଆମେ ନୁହଁ ।	We are not.
ତମେ ନୁହଁ ।	You are not.

7. The participial constructions are formed with the non-finite verb. The non-finite is formed by adding perfect aspect '-i' (-ଇ) to the verb stem. The participle remains the same irrespective of the tense of the verb and person number of the subject in the sentence. The construction of the non-finite with the perfect aspect of the verb stem is called perfect-participle.

The action indicated by the perfect participle is usually independent of the main finite verb.

ମୁଁ ଛୁଟି ନେଇ ଘରେ ଅଛି ।	I am at home taking leave.
ମୁଁ ବହିନେଇ ଘରକୁ ଯାଉଛି ।	Taking the book I am going home.

The perfect participial construction can be referred to as participial clause. Participial clauses can be multiplied indefinitely.

Digitized by srujanika@gmail.com

ମୁଁ ଟଙ୍କା ନେଇ, ବଜାରକୁ ଯାଇ, ପରିବା ଆଣି ଘରକୁ ଯାଉଛି ।

I am going home after going to the market with money and buying vegetables.

8. The word ଟିକେ in Oriya refers to various meanings depending on its use. ଟିକେ is the variation of ଟିକିଏ meaning 'a little' or 'small'

ମୋର ଟିକେ ବଜାରରେ କାମ ଅଛି ।	I have some small work in the market.
ଏଠୁ ଟିକେ ଦୂରରେ ମୋ ଘର ।	My house is a little away from this place.
ମୋତେ ପିଇବାକୁ ଟିକେ ପାଣି ଦିଅ ।	Please give me a little water to drink.
ଏତେ ଟିକେ କଥାରେ ରାଗିବା ଉଚିତ ନୁହେଁ ।	One should not get angry with for such a small matter.
ସେ ବହିଟା ଟିକେ ଦେଖିବାକୁ ନେଇଛି ।	I have taken that book just to see.

In the above examples the difference of meaning in using the word ଟିକେ is clear. In the first example ଟିକେ refers to some work in the market. In the second example it refers to a little distance. In the third example it is used as a request for a glass of water. The fourth example refers to the casualness of the topic whereas in the fifth one the book has been taken for casual inspection.

The word ଟିକେ can always be replaced by the word ଟିକିଏ. Both the words are related to the word ଟିକି meaning 'small'. But whereas ଟିକି always refers to small size, ଟିକେ or ଟିକିଏ has various shades of meaning depending on the use.

9. କି is an iterrogative marker. କି is also a non-specific interrogative-adjective to refer to inanimate objects depending on situations. But at times it occurs before

Digitized by srujanika@gmail.com

animate nouns with the optional elision of the inanimate reference.

ତୁମେ କୁଆଡ଼େ ଯାଉଛ କି ?	Are you going anywhere ?
କି ବହି ପଢୁଛ ?	What book are you reading ?
କି ଘର ପିଲା ?	The boy from which caste ?
କି ପିଲା ?	What type of boy ?
କି ଲୋକ ତୁମେ ?	What type of man you are ?

Cultural Note

1. In Orissa, in official level, ଛୁଟି refers to both holidays and any other type of leave.

2. At Bhubaneswar the Govt. Information Centre building is named as ସୂଚନା ଭବନ from where the daily news of the A. I. R. as well as other special news is broadcast. It has also an 'auditorium and a library.

3. Odisi is the well-known classical dance of Orissa.

Learn Numerals

୨୧	ଏକୋଇଶ୍
୨୨	ବାଇଶ୍
୨୩	ତେଇଶ୍
୨୪	ଚବିଶ୍
୨୫	ପଚିଶ୍
୨୬	ଛବିଶ୍
୨୭	ସତେଇଶ୍
୨୮	ଅଠେଇଶ୍
୨୯	ଅଣତିରିଶ୍
୩୦	ତିରିଶ୍

Digitized by srujanika@gmail.com

UNIT I

LESSON 8

Meeting of two Ex-trainees at Puri

ଦୁଇ ପୂର୍ବତନ ଶିକ୍ଷାର୍ଥୀଙ୍କ ପୁରୀରେ ସାକ୍ଷାତ

ରାଘବନ୍ : ଆରେ, ଆପଣଙ୍କୁ ତ ଚିହ୍ନିଲାପରି ଲାଗୁଛି ? ଆପଣ କଣ ଭାଷାକେନ୍ଦ୍ରର ଛାତ୍ର କି ?

राघवन् : आरे आपणंकु त चिह्निलापरि लागुछि ? आपण कण भाषा-केन्द्रर छात्र कि ?

Raghaban : Hallo, It seems I know you ? Are you a student of the Language Centre ?

କେଶବ : ମୁଁ ବର୍ତ୍ତମାନର ଛାତ୍ର ନୁହେଁ, ପାଞ୍ଚବର୍ଷ ତଳର ଛାତ୍ର । ଆପଣଙ୍କୁ ବି ଚିହ୍ନିଲାପରି ଲାଗୁଛି । ଆଚ୍ଛା, ଆପଣଙ୍କ ନାଁ କ'ଣ ?

केशब : मुं वर्त्तमानर छात्र नुहेँ, पाँच वर्ष तलर छात्र । आच्छा आपणंक नाँ क'ण ?

Keshaba : I am not a student now. I was a student five years ago. It seems I also know you. Well, what's your name ?

ରାଘବନ୍ : ମୋ ନାଁ ପି. ରାଘବନ୍ । ମୁଁ ବି ଚାରିବର୍ଷ ତଳର ଛାତ୍ର । ଦୁଇ ବର୍ଷ ତଳେ ରିଫ୍ରେସର କୋର୍ସରେ ବୋଧେ ଆପଣଙ୍କୁ ଦେଖିଛି । ଆପଣଙ୍କ ନାଁ କ'ଣ କି ?

राघबन् : मो नाँ पि. राघबन् । मुं बि चारिबर्ष तलर छात्र । दुई बर्ष तले रिफरेसर कोर्सरे बोधे आपणंकु देखिछि । आपणंक नाँ क'ण कि ?

Raghaban : My name is P. Raghaban. I was also a student four years ago. Perhaps I met you two years ago in the Refresher Course. What's your name ?

କେଶବ : ମୋ ନାଁ କେଶବ ଦାସ । ଆପଣ ବୋଧେ କେରଳର ଲୋକ ?

केशब : मो नाँ केशब दास । आपण बोधे केरलर लोक ?

Keshaba : My name is Keshaba Das. Are you from Kerala ?

Digitized by srujanika@gmail.com

ରାଘବନ୍ : ମୁଁ କେରଳର ଲୋକ ନୁହେଁ, ମହୀଶୂରର ।
ଆପଣଙ୍କ ଘର କଣ ଆସାମ ?
राघवन् मुं केरलर लोक नुहें, महीसूरर ।
आपणंक घर कण आसाम ?

Raghaban : No, I am not from Kerala, I am from Mysore. Do you belong to Assam ?

କେଶବ : ନା, ମୋ ଘର ଆସାମ ନୁହେଁ, ମୋ ଘର କଲିକତା । ମୁଁ ବଙ୍ଗାଳୀ ।
केशब ना, मो घर आसाम नुहें, मो घर कलिकता । मुं बंगाली ।

Keshaba : No, I don't belong to Assam. I belong to Calcutta. I am a Bengali.

ରାଘବନ୍ : ଆପଣ କାହିଁକି ପୁରୀ ଆସିଛନ୍ତି ?
राघवन् : आपण काहिँकि पुरी आसिछन्ति ?

Raghaban : Why have you come to Puri ?

କେଶବ : ମୁଁ ଜଗନ୍ନାଥ ଦର୍ଶନ ପାଇଁ ଆସିଛି । ଆପଣ କାହିଁକି ଆସିଛନ୍ତି ?
केशब मुं जगन्नाथ दर्शन पाइँ आसिछि । आपण काहिँकि आसिछन्ति ?

Keshaba : I have come to visit Lord Jagannath. Why have you come ?

ରାଘବନ୍ : ମୁଁ ଗୋଟାଏ କାମରେ ଆସିଛି । ଆପଣଙ୍କ ସାଙ୍ଗରେ ସେ କିଏ ? ଆପଣଙ୍କ ବଡ଼ଭାଇ କି ?
राघवन् मुं गोटाए कामरे आसिछि । आपणंक संगरे से किए ? आपणंक बड़ भाई कि ?

Raghaban : I have come on a piece of work. Who is he with you ? Is he your elder brother ?

କେଶବ : ନା, ସେ ମୋ ବଡ଼ଭାଇ ନୁହଁନ୍ତି । ସେ ମୋ ଦାଦା ।
केशब : ना, से मो बड़भाई नुहन्ति । से मो दादा ।

Keshaba : No, he is not my elder brother. He is my uncle.

Variation

A : ଆପଣମାନେ ବୋଧହୁଏ ଭୁବନେଶ୍ୱରର ଲୋକ ନୁହଁନ୍ତି ?
आपणमाने बोधहुए भुवनेश्वरर लोक नुहन्ति ?

A : Perhaps you do not belong to Bhubaneswar ?

Digitized by srujanika@gmail.com

B : ନା, ଆମେ ଭୁବନେଶ୍ୱରର ଲୋକ ନୋହୁଁ, ଆମେ ସମସ୍ତେ କେରଳର । ना, आमे भुवनेश्वरर लोक नोहुँ, आमे समस्ते केरलर ।	B : No, we do not belong to Bhubaneswar. We are all from Kerala.
A : ସେମାନେ ଆପଣଙ୍କର ବନ୍ଧୁ କି ? सेमाने आपणङ्कर बन्धु कि ?	A : Are they your friends ?
B : ନା, ସେମାନେ ଆମର ବନ୍ଧୁ ନୁହଁନ୍ତି, ଆମର ସମ୍ପର୍କୀୟ । ना, सेमाने आमर बन्धु नुहन्ति, आमर सम्पर्कीय ।	B : No, they are not our friends, they are our relatives.
A : ସେମାନେ କାହିଁକି ଭୁବନେଶ୍ୱର ଆସିଛନ୍ତି ? सेमाने काहिँकि भुवनेश्वर आसिछन्ति ?	A : Why have they come to Bhubaneswar ?
B : ସେମାନେ ବୁଲି ଆସିଛନ୍ତି । सेमाने बुलि आसिछन्ति ।	B : They have come to visit the place.

Vocabulary

ଆରେ	(Expression of familiarity)
କାହିଁକି	why
ଗୋଟାଏ କାମରେ	on a piece of work
ଚିହ୍ନିଲା ପରି	as if known
ଜଗନ୍ନାଥ ଦର୍ଶନ	to visit Lord Jagannath
ଦାଦା	uncle (father's younger brother)
ଦୁଇବର୍ଷ ତଳର	two years ago
ଦେଖିଛି	has/have seen
ପାଞ୍ଚବର୍ଷ ତଳର	five years ago
ବଡଭାଇ	elder brother

Digitized by srujanika@gmail.com

ବୁଲି (ବାକୁ)	to visit
ବୋଧେ	perhaps
ସମ୍ପର୍କୀୟ	relatives

Drills

I Build up drill—

ଲାଗୁଛି ?
ଚିହ୍ନିଲାପରି ଲାଗୁଛି ?
ଆପଣଙ୍କୁ ତ ଚିହ୍ନିଲାପରି ଲାଗୁଛି ?
ଆରେ, ଆପଣଙ୍କୁ ତ ଚିହ୍ନିଲାପରି ଲାଗୁଛି ?

ଛାତ୍ର ।
ପାଞ୍ଚବର୍ଷ ତଳର ଛାତ୍ର ।
ମୁଁ ନୁହେଁ ।
ମୁଁ ଛାତ୍ର ନୁହେଁ ।
ବର୍ତ୍ତମାନର ଛାତ୍ର ନୁହେଁ ।
ମୁଁ ବର୍ତ୍ତମାନର ଛାତ୍ର ନୁହେଁ ।
ମୁଁ ବର୍ତ୍ତମାନର ଛାତ୍ର ନୁହେଁ, ପାଞ୍ଚ ବର୍ଷ ତଳର ଛାତ୍ର ।

କ'ଣ ?
ନାଁ କ'ଣ ?
ଆପଣଙ୍କ ନାଁ କ'ଣ ?
ଆଚ୍ଛା, ଆପଣଙ୍କ ନାଁ କ'ଣ ?

ଦାସ ।
କେଶବ ଦାସ ।
ନାଁ କେଶବ ଦାସ ।
ମୋ ନାଁ କେଶବ ଦାସ ।

ଲୋକ ?
କେରଳର ଲୋକ ?
ବୋଧେ କେରଳର ଲୋକ ?
ଆପଣ କେରଳର ଲୋକ ?
ଆପଣ ବୋଧେ କେରଳର ଲୋକ ?

ନୁହେଁ ।
ଲୋକ ନୁହେଁ ।
ମୁଁ ନୁହେଁ ।
ମୁଁ କେରଳର ଲୋକ ନୁହେଁ ।
ମୁଁ କେରଳର ଲୋକ ନୁହେଁ, ମହୀଶୂରର ।

ଆସାମ ?
କଣ ଆସାମ ?
ଆପଣଙ୍କ ଘର କଣ ଆସାମ ?

କଲିକତା ।
ଘର କଲିକତା ।
ମୋ ଘର କଲିକତା ।

ନୁହେଁ ।
ଆସାମ ନୁହେଁ ।
ଘର ଆସାମ ନୁହେଁ ।
ମୋ ଘର ଆସାମ ନୁହେଁ ।
ନା, ମୋ ଘର ଆସାମ ନୁହେଁ, ମୋ ଘର କଲିକତା ।

ଆସିଛନ୍ତି ?
ପୁରୀ ଆସିଛନ୍ତି ?
କାହିଁକି ପୁରୀ ଆସିଛନ୍ତି ?
ଆପଣ କାହିଁକି ପୁରୀ ଆସିଛନ୍ତି ?
କାହିଁକି ପୁରୀ ଆସିଛନ୍ତି ?
ଆପଣ କାହିଁକି ପୁରୀ ଆସିଛନ୍ତି ?

Digitized by srujanika@gmail.com

ଆସିଛି ।
ଦର୍ଶନ ପାଇଁ ଆସିଛି ।
ଜଗନ୍ନାଥ ଦର୍ଶନ ପାଇଁ ଆସିଛି ।
ମୁଁ ଦର୍ଶନ ପାଇଁ ଆସିଛି ।
ମୁଁ ଜଗନ୍ନାଥ ଦର୍ଶନ ପାଇଁ ଆସିଛି ।

ବଡ଼ଭାଇ କି ?
ଆପଣଙ୍କ ଭାଇକି ?
ଆପଣଙ୍କ ବଡ଼ଭାଇ କି ?

ଆସିଛି ।
ମୁଁ ଆସିଛି ।
କାମରେ ଆସିଛି ।
ଗୋଟାଏ କାମରେ ଆସିଛି ।
ମୁଁ ଗୋଟାଏ କାମରେ ଆସିଛି ।

ନୁହଁନ୍ତି ।
ବଡ଼ଭାଇ ନୁହଁନ୍ତି ।
ମୋ ବଡ଼ଭାଇ ନୁହଁନ୍ତି ।
ସେ ମୋ ବଡ଼ଭାଇ ନୁହଁନ୍ତି ।
ନା, ସେ ମୋ ବଡ଼ଭାଇ ନୁହଁନ୍ତି ।

କିଏ ?
ସେ କିଏ ?
ସାଙ୍ଗରେ କିଏ ?
ସାଙ୍ଗରେ ସେ କିଏ ?
ଆପଣଙ୍କ ସାଙ୍ଗରେ ସେ କିଏ ?

ଦାଦା ।
ମୋ ଦାଦା ।
ସେ ମୋ ଦାଦା ।

II Substitution drill

(a) ଆରେ, ଆପଣଙ୍କୁ ତ ଚିହ୍ନିଲାପରି ଲାଗୁଛି ?

ଚିହ୍ନିବାପରି	ଆରେ, ଆପଣଙ୍କୁତ ଚିହ୍ନିବାପରି ଲାଗୁଛି ?
ତୁମକୁ	ଆରେ, ତୁମକୁ ତ ଚିହ୍ନିଲାପରି ଲାଗୁଛି ?
ତୋତେ	ଆରେ, ତୋତେ ତ ଚିହ୍ନିଲାପରି ଲାଗୁଛି ?
ତାଙ୍କୁ	ଆରେ, ତାଙ୍କୁ ତ ଚିହ୍ନିଲାପରି ଲାଗୁଛି ?
ସେମାନଙ୍କୁ	ଆରେ, ସେମାନଙ୍କୁ ତ ଚିହ୍ନିଲାପରି ଲାଗୁଛି ?

(b) ମୁଁ ବି ଗୁରିବର୍ଷ ତଳର ଛାତ୍ର ।

ଦୁଇବର୍ଷ	ମୁଁ ବି ଦୁଇବର୍ଷ ତଳର ଛାତ୍ର ।
ତିନିବର୍ଷ	ମୁଁ ବି ତିନିବର୍ଷ ତଳର ଛାତ୍ର ।
ପାଞ୍ଚବର୍ଷ	ମୁଁ ବି ପାଞ୍ଚବର୍ଷ ତଳର ଛାତ୍ର ।
ଛଅବର୍ଷ	ମୁଁ ବି ଛଅବର୍ଷ ତଳର ଛାତ୍ର ।
ଦଶବର୍ଷ	ମୁଁ ବି ଦଶବର୍ଷ ତଳର ଛାତ୍ର ।
ଆମେ	ଆମେ ବି ଗୁରିବର୍ଷ ତଳର ଛାତ୍ର ।
ତୁମେ	ତୁମେ ବି ଗୁରିବର୍ଷ ତଳର ଛାତ୍ର ।

Digitized by srujanika@gmail.com

	ଆପଣ	ଆପଣ ବି ଗୃରିବର୍ଷ ତଳର ଛାତ୍ର ।
	ସେ	ସେ ବି ଗୃରିବର୍ଷ ତଳର ଛାତ୍ର ।
	ସେମାନେ	ସେମାନେ ବି ଗୃରିବର୍ଷ ତଳର ଛାତ୍ର ।
(c)	ସେ ମୋ ବଡ଼ଭାଇ ନୁହଁନ୍ତି ।	
	ଦାଦା	ସେ ମୋ ଦାଦା ନୁହଁନ୍ତି ।
	ବାପା	ସେ ମୋ ବାପା ନୁହଁନ୍ତି ।
	ବଡ଼ଭଉଣୀ	ସେ ମୋ ବଡ଼ଭଉଣୀ ନୁହଁନ୍ତି ।
(d)	ସେ ମୋ ଦାଦା ।	
	ଭାଇ	ସେ ମୋ ଭାଇ ।
	ମାମୁଁ	ସେ ମୋ ମାମୁଁ ।
	ମାଉଁ	ସେ ମୋ ମାଉଁ ।

III Substitution-Agreement drill

(a)	ମୁଁ ବର୍ତ୍ତମାନର ଛାତ୍ର ନୁହେଁ ।	
	ସେ *fam.*	ସେ ବର୍ତ୍ତମାନର ଛାତ୍ର ନୁହେଁ ।
	ସେ *hon.*	ସେ ବର୍ତ୍ତମାନର ଛାତ୍ର ନୁହଁନ୍ତି ।
	ତୁମେ	ତୁମେ ବର୍ତ୍ତମାନର ଛାତ୍ର ନୁହଁ ।
	ତୁ	ତୁ ବର୍ତ୍ତମାନର ଛାତ୍ର ନୁହଁ ।
	ଆମେ	ଆମେ ବର୍ତ୍ତମାନର ଛାତ୍ର ନୋହୁଁ/ନୁହଁ ।
	ସେମାନେ	ସେମାନେ ବର୍ତ୍ତମାନର ଛାତ୍ର ନୁହଁନ୍ତି ।
(b)	ମୁଁ କେରଳର ଲୋକ ନୁହେଁ, ମହୀଶୂରର ।	
	ଆମେ	ଆମେ କେରଳର ଲୋକ ନୋହୁଁ, ମହୀଶୂରର ।
	ତୁ	ତୁ କେରଳର ଲୋକ ନୁହଁ, ମହୀଶୂରର ।
	ତୁମେ	ତୁମେ କେରଳର ଲୋକ ନୁହଁ, ମହୀଶୂରର ।
	ଆପଣ	ଆପଣ କେରଳର ଲୋକ ନୁହଁନ୍ତି, ମହୀଶୂରର ।
	ସେ *fam.*	ସେ କେରଳର ଲୋକ ନୁହେଁ, ମହୀଶୂରର ।
	ସେ *hon.*	ସେ କେରଳର ଲୋକ ନୁହଁନ୍ତି, ମହୀଶୂରର ।
	ସେମାନେ	ସେମାନେ କେରଳର ଲୋକ ନୁହଁନ୍ତି, ମହୀଶୂରର ।
(c)	ଆପଣ କାହିଁକି ପୁରୀ ଆସିଛନ୍ତି ?	
	ଆପଣମାନେ	ଆପଣମାନେ କାହିଁକି ପୁରୀ ଆସିଛନ୍ତି ?
	ତୁ	ତୁ କାହିଁକି ପୁରୀ ଆସିଛୁ ?

Digitized by srujanika@gmail.com

ତମେ	ତମେ କାହିଁକି ପୁରୀ ଆସିଛ ?
ମୁଁ	ମୁଁ କାହିଁକି ପୁରୀ ଆସିଛି ?
ଆମେ *excl.*	ଆମେ କାହିଁକି ପୁରୀ ଆସିଛୁ ?
ଆମେ *incl.*	ଆମେ କାହିଁକି ପୁରୀ ଆସିଛେ ?
ସେ *fam.*	ସେ କାହିଁକି ପୁରୀ ଆସିଛି ?
ସେ *hon.*	ସେ କାହିଁକି ପୁରୀ ଆସିଛନ୍ତି ?
ସେମାନେ	ସେମାନେ କାହିଁକି ପୁରୀ ଆସିଛନ୍ତି ?

IV Transformation drill

1. Transformation into negative—

(a) ମୁଁ କେରଳର ଲୋକ ।
ମୁଁ କେରଳର ଲୋକ ନୁହେଁ ।

(b) ଆପଣଙ୍କ ଘର ଆସାମ ।
ଆପଣଙ୍କ ଘର ଆସାମ ନୁହେଁ ।

(c) ଆପଣଙ୍କ ଘର ଆସାମ ।
ଆପଣଙ୍କ ଘର ଆସାମ ନୁହେଁ ।

(d) ମୋ ନାଁ କେଶବ ଦାସ ।
ମୋ ନାଁ କେଶବ ଦାସ ନୁହଁ ।

(e) ମୋ ନାଁ ପି. ରଘବନ୍ ।
ମୋ ନାଁ ପି. ରଘବନ୍ ନୁହଁ ।

(f) ସେ ମୋ ବଡ଼ଭାଇ ।
ସେ ମୋ ବଡ଼ଭାଇ ନୁହଁନ୍ତି ।

2. Transformation into interrogative, using କି—

(a) ଆପଣ ଘଣ୍ଟାକେନ୍ଦ୍ରର ଛାତ୍ର ।
ଆପଣ ଘଣ୍ଟାକେନ୍ଦ୍ରର ଛାତ୍ର କି ?

(b) ମୁଁ କେରଳର ଲୋକ ।
ମୁଁ କେରଳର ଲୋକ କି ?

(c) ସେ ମୋ ଦାଦା ।
ସେ ମୋ ଦାଦା କି ?

(d) ଆପଣଙ୍କ ନାଁ କ'ଣ ?
ଆପଣଙ୍କ ନାଁ କ'ଣ କି ?

(e) ଆପଣଙ୍କ ଘର କଣ ଆସାମ ?
ଆପଣଙ୍କ ଘର କଣ ଆସାମ କି ?

(f) ଆପଣ କାହିଁକି ଆସିଛନ୍ତି ?
ଆପଣ କାହିଁକି ଆସିଛନ୍ତି କି ?

(g) ଆପଣଙ୍କ ସାଙ୍ଗରେ ସେ କିଏ ?
ଆପଣଙ୍କ ସାଙ୍ଗରେ ସେ କିଏ କି

(h) ମୁଁ କେରଳର ଲୋକ ନୁହେଁ ।
ମୁଁ କେରଳର ଲୋକ ନୁହେଁ କି ?

(i) ସେ ମୋ ବଡ଼ଭାଇ ନୁହଁନ୍ତି ।
ସେ ମୋ ବଡ଼ଭାଇ ନୁହଁନ୍ତି କି ?

(j) ସେମାନେ ଆମର ବନ୍ଧୁ ନୁହଁନ୍ତି ।
ସେମାନେ ଆମର ବନ୍ଧୁ ନୁହଁନ୍ତି କି ?

Digitized by srujanika@gmail.com

V Response drill

1. Negative reply—

(a) ଆପଣ କଣ କଲେଜର ଛାତ୍ର କି ?
ନା, ମୁଁ କଲେଜର ଛାତ୍ର ନୁହଁ ।

(b) ଆପଣଙ୍କ ନାଁ କଣ କେଶବ ଦାସ ?
ନା, ମୋ ନାଁ କେଶବ ଦାସ ନୁହେଁ ।

(c) ତାଙ୍କ ଘର କଣ ଆସାମ କି?
ନା, ତାଙ୍କ ଘର ଆସାମ ନୁହଁ ।

(d) ସେ କଣ ଆପଣଙ୍କ ବଡ଼ ଭାଇ ?
ନା, ସେ ମୋ ବଡ଼ ଭାଇ ନୁହଁନ୍ତି ।

(e) ସେମାନେ ଆପଣଙ୍କର ବନ୍ଧୁ କି ?
ନା, ସେମାନେ ଆମର ବନ୍ଧୁ ନୁହଁନ୍ତି ।

2. Affirmative answer—

(a) ଆପଣ କାହିଁକି ପୁରୀ ଆସିଛନ୍ତି ?
ମୁଁ ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସିଛି ।

(b) ଆପଣ କାହିଁକି ଆସିଛନ୍ତି ?
ମୁଁ ବୁଲିବାକୁ ଆସିଛି ।

(c) ଆପଣଙ୍କ ଘର କଣ କଲିକତା ?
ହଁ, ମୋ ଘର କଲିକତାରେ ।

(d) ଆପଣ କଣ ଭାଷାକେନ୍ଦ୍ରର ଛାତ୍ର ?
ହଁ, ମୁଁ ଭାଷାକେନ୍ଦ୍ରର ଛାତ୍ର ।

Exercises

1. (i) Fill up the blanks with appropriate present perfect forms of the verbs given inside the brackets :

(a) ମୁଁ ଏ ବହି........................ । (ପଢ଼ିବା)
(b) ସେ ଜଗନ୍ନାଥ ଦର୍ଶନ ପାଇଁ ପୁରୀ........................ । (ଆସିବା)
(c) ସେ (*fam.*) ରାମାୟଣ ସିନେମା........................ । (ଦେଖିବା)
(d) ଆପଣ ପୁରୀ........................ । (ଯିବା)
(e) ସେମାନେ ଭୁବନେଶ୍ୱରରେ ଘର ନେଇ .... । (ରହିବା)
(f) ମୁଁ ଆସାମ........................ । (ଯିବା)
(g) ଆପଣମାନେ ଆଜି ହଷ୍ଟେଲରେ ମାଛ.................. । (ଖାଇବା)
(h) ଆପଣ କାହିଁକି ବସଷ୍ଟାଣ୍ଡରେ .... ? (ବସିବା)
(i) ମୋର କ'ଣ........................ ? (ହେବା)

(ii) Fill up the blanks with appropriate post-positions :

(a) ସେ ହଷ୍ଟେଲ........................ ଯାଇନି ।
(b) ତାର ପୁରୀ........................ ଘର ଅଛି ।

Digitized by srujanika@gmail.com

(c) ମୁଁ ସେଠା .... ବାସିନ୍ଦା ।

(d) ସେମାନେ ମାଛ କିଣିବା...................... ଯାଉଛନ୍ତି ।

(e) ଭୁବନେଶ୍ୱର...................... ପୁରୀ କେତେ ବାଟ ?

2. (i) Substitute the underlined words by the words given inside the brackets and make necessary changes in the corresponding verbs

(a) ସେ ବଜାରକୁ ଯାଉଛି । (ସେମାନେ)

(b) ଆପଣମାନେ ସିନେମା ଦେଖିଛନ୍ତି । (ତୁ)

(c) ସେମାନେ ଠାକୁର ପୂଜା କରିଛନ୍ତି । (ମୁଁ)

(d) ଆପଣ ଏ ବହି ନେଇଛନ୍ତି । (ସେମାନେ)

(e) ମୋ ବନ୍ଧୁମାନେ ପୁରୀକୁ ଯାଉଛନ୍ତି । (ଆପଣମାନେ)

(f) ଆପଣ ଭାତ ଖାଉଛନ୍ତି । (ମୁଁ)

(ii) Substitute the underlined words by the words given inside the brackets and make necessary changes in the negative verbs :

(a) ମୁଁ ଆସାମର ଲୋକ ନୁହଁ । (ସେମାନେ)

(b) ଆପଣ ସରକାରୀ କର୍ମଚାରୀ ନୁହଁନ୍ତି । (ମୁଁ)

(c) ସେମାନେ ଭଲ ଲୋକ ନୁହଁନ୍ତି । (ସେ *fam.*)

(d) ସେଇ ପିଲାଟି ବଙ୍ଗାଳୀ ନୁହେଁ । (ରମେଶ)

(e) ଆପଣମାନେ ଭୁବନେଶ୍ୱରର ବାସିନ୍ଦା ନୁହଁନ୍ତି । (ଆମେ)

(f) ତୁ ଏ ଘରର ପିଲା ନୁହଁ । (ସେ *fam.*)

(g) ସେ ସ୍କୁଲକୁ ଯାଉ ନାହିଁ । (ତୁମେ)

(h) ସେ ଘରେ ନାହାନ୍ତି । (ମୁଁ)

(i) ସେମାନେ ଆଜି ଯାଉନାହାନ୍ତି । (ତୁ)

(j) ମୁଁ ଏ କାମ କରିନାହିଁ । (ଆପଣ)

(k) ସେମାନେ ପାଠ ପଢୁ ନାହାନ୍ତି । (ତୁମେ)

(l) ଆପଣମାନେ ସିନେମା ଦେଖି ନାହାନ୍ତି । (ଆମେ *excl.*)

Digitized by srujanika@gmail.com

3. (i) Transform the following sentences into interrogative using କି :

(a) ସେମାନେ ଓଡ଼ିଶାର ଲୋକ ।
(b) ମୁଁ ପୁରୀ ସମୁଦ୍ର ଦେଖିଛି ।
(c) ସେ ଘରେ ଅଛନ୍ତି ।
(d) ଆପଣ କାମରେ ଏଠାକୁ ଆସିଛନ୍ତି ।
(e) ସେମାନେ କ ଣ ପାଠ ପଢୁନାହାନ୍ତି ?
(f) ଆପଣ କାହିଁକି ଆସିଛନ୍ତି ?
(g) ସେ କି କାମ କରୁଛନ୍ତି ?
(h) ତୁମେ କଣ ଏଠାର ବାସିନ୍ଦା ନୁହଁ ?

(ii) Transform the following into interrogative-negative :

(a) ମୁଁ ଭୁବନେଶ୍ୱରର ଲୋକ ।
(b) ତାଙ୍କ ନାଁ ପ୍ରକାଶ ।
(c) ଆମେ ଏଠାରେ ବସିଛୁ ।
(d) ଆପଣ ପୁରୀ ଯାଉଛନ୍ତି ।
(e) ଆମେ ବଙ୍ଗାଳୀ ।
(f) ସେମାନେ ସମ୍ବଲପୁର ଯାଇଛନ୍ତି ।
(g) ତୁମେ ଜଣେ କଲେଜ ଛାତ୍ର ।
(h) ତୁମେ ମୋର ବଡ଼ଭାଇ ।

4. Answer the following :

(a) ଆପଣ କାହିଁକି ଏଠାକୁ ଆସିଛନ୍ତି ?
(b) ଆପଣ କେଉଁଠାର ଲୋକ ?
(c) ଆପଣଙ୍କ ନାଁ କଣ ରମେଶ ?
(d) ଆପଣଙ୍କ ବଡ଼ଭାଇଙ୍କ ନାଁ କ'ଣ ?
(e) ଆପଣଙ୍କ ଘର କ'ଣ ବିହାର ?

Gramatical Note

1. The present perfect tense with the 1st person singular, 2nd person honorific singular and plural, and 3rd person singular and plural has been used. The present perfect verb

Digitized by srujanika@gmail.com

form is formed by verb stem + tense marker ଇ + auxiliary + person marker.

ଆସ+ଇ+ଅଛ+ନ୍ତ+ଇ = ଆସିଛନ୍ତି

1st person	2nd person	3rd person
ମୁଁ ଆସିଛି ।	ଆପଣ ଆସିଛନ୍ତି ।	ସେ ଆସିଛି । (*fam.*)
I have come.	You have come	ସେ ଆସିଛନ୍ତି । (*hon.*)
	ଆପଣମାନେ ଆସିଛନ୍ତି ।	He has come.
	You have come	ସେମାନେ ଆସିଛନ୍ତି ।
		They have come.

2. ତ here puts emphasis.

3. ପରି is a post-position added to the infinitive verb forms and to nouns to connote 'as if'. But ପରି is also added to nouns and oblique base of personal pronouns to mean 'like'.

ଜାଣିବା ପରି	as if known	ରମାବାବୁଙ୍କ ପରି	like Ramababu
ଦେଖିବା ପରି	as if seen	ମୋ ପରି	like me
ବସିବା ପରି	as if sitting	ତୋ ପରି	like you
ବୁଲୁପରି	like Bulu	ସେମାନଙ୍କ ପରି	like them
ଭାଷାକେନ୍ଦ୍ର ପରି	like the Language Centre		

The infinitive can take both -ଇବା or -ଇଲ before a post-position.

ଜାଣିଲ ପରି/ଜାଣିବା ପରି	as if known
ଦେଖିଲ ପରି/ଦେଖିବା ପରି	as if seen
ବସିଲ ପରି/ବସିବା ପରି	as if sat
ଶୋଇଲ ପରି/ଶୋଇବା ପରି	as if slept
ଖାଇଲ ପରି/ଖାଇବା ପରି	as if eaten

4. The word ବୋଧେ or ବୋଧହୁଏ connotes uncertainty. But at times ବୋଧେ functions as an interrogative marker with its

Digitized by srujanika@gmail.com

original meaning of uncertainty to elicit 'yes' or no' type of answer or an explanation.

ଆପଣ ପୁରୀ ଯାଇଛନ୍ତି ବୋଧେ ?	Perhaps you have gone to Puri ?
ହଁ ।	Yes.

5. କାହିଁକି meaning 'why' is an interrogative word to elicit explanatory answer.

6. An explanatory answer with alternative solution is elicited by using negative verbs like ନୁହେଁ or ନାହିଁ. The alternative solution can be duplicated by using କି, ବା or ନା as conjunction. In that case the negative verbs are also duplicated.

ଆପଣଙ୍କ ଘର ବୋଧେ କେରଳରେ ?
Perhaps your home is in Kerala ?

ମୋ ଘର କେରଳରେ ନୁହେଁ କି/ବା/ନା/ତାମିଲନାଡୁରେ ନୁହେଁ, ମୋ ଘର ବିହାରରେ ।
My home is neither in Kerala nor in Tamilnadu, it is in Bihar.

ମୋର କଟକରେ ଘର ନାହିଁ କି/ବା/ନା/ଭୁବନେଶ୍ୱରରେ ନାହିଁ କି/ବା/ନା/ଢେଙ୍କାନାଳରେ ନାହିଁ ।
I neither do have a house at Cuttack or Bhubaneswar or Dhenkanal.

7. When the years are numbered the numbers of the years are prefixed before the years. But when it refers to only one year it becomes ବର୍ଷେ instead of ଏକ ବର୍ଷ.

ବର୍ଷେ	(one year)
ଦୁଇ ବର୍ଷ	(two years)
ତିନି ବର୍ଷ	(three years)
ଚାରି ବର୍ଷ	(four years)

Here the unit marker 'ଏ' is used with one year and the final 'ଅ' sound is dropped from the word. The unit marker 'ଏ' is different from the post-position 'ଏ'.

Digitized by srujanika@gmail.com

This is also the case with the time division for ଦିନ (day), ମାସ (month), and ବେଳ (time).

ଦିନେ, ମାସେ, ବେଳେ	one day, one month, at a time
ଦୁଇଦିନ, ଦୁଇମାସ, ଦିବେଳେ	two days, two months, two times
ତିନିଦିନ, ତିନିମାସ, ତିନିବେଳେ	three days, three months, three times

Cultural Note

1. Puri is a district of Orissa. It is also a town and one of the most sacred places of India. It is one of the four 'dhamas' (ଧାମ) along with Badrinath, Dwaraka and Rameswaram. Puri is famous for Lord Jagannath and also for its excellent sea beach.

2. A visit to see Lord Jagannath is called ଜଗନ୍ନାଥ ଦର୍ଶନ. In Orissa visit to any god or goddess is called ଦର୍ଶନ which literally means 'to see', but the word is never used in connection with human beings or in references where there is no divine being.

3. In Orissa the eldest brother is called as 'ବଡ ଭାଇ' or simply as ଭାଇ. ଦାଦା is father's younger brother. Words like 'uncle' and 'cousin' mark the three dimensionality of relationship expressed by the Oriya words.

   It is to note that the word ଦାଦା in Bengali refers to elder brother. Therefore Bengali students sometimes confuse the use of this word in Oriya.

   In Oriya relations are known separately with separate terms, which are expressed by one word 'uncle' in English.

   Thus,

ଦାଦା	father's brother
ମାମୁଁ	mother's brother

Digitized by srujanika@gmail.com

ମଉସା	mother's sister's husband
ପିଉସା	father's sister's husband

Learn Numerals

୩୧	ଏକତିରିଶି
୩୨	ବତିଶ
୩୩	ତେତିଶ
୩୪	ଚଉତିରିଶ
୩୫	ପଇଁତିରିଶ
୩୬	ଛତିଶ
୩୭	ସଇଁତିରିଶ
୩୮	ଅଠତିରିଶ
୩୯	ଅଣଚାଳିଶ
୪୦	ଚାଳିଶ

Digitized by srujanika@gmail.com

UNIT I

LESSON 9

About Khandagiri and Udayagiri

ଖଣ୍ଡଗିରି ଓ ଉଦୟଗିରି ବିଷୟରେ

ଡଃ ୱଇଲିୟମ୍ସ : ଆପଣଙ୍କ ଅଫିସ୍‌ରେ ଖଣ୍ଡଗିରି ବିଷୟରେ କିଛି ବହି ଅଛି କି ?

ड: उईलियमस् : आपणंक अफिसरे खण्ड-गिरि बिषयरे किछि बहि अछि कि ?

Dr. Williams : Do you have any book on Khandagiri in your office ?

ସଂଘମିତ୍ରା : ଆପଣ କଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି କି ?

संघमित्रा : आपण कण भुबनेश्वरकु नूआ आसिछन्ति कि ?

Sanghamitra Have you come newly to Bhabaneswar ?

ଡଃ ୱଇଲିୟମ୍ସ : ହଁ, ମୁଁ ଓ ମୋର ଦୁଇଜଣ ସହକର୍ମୀ ଓଡ଼ିଶାକୁ ନୂଆ ଆସିଛୁ । ଆମେ ଓଡ଼ିଶାର ଖଣ୍ଡଗିରି ଗୁମ୍ଫା ବିଷୟରେ ଗବେଷଣା କରୁଛୁ ।

ड: उईलियमस् : हँ, मुँ ओ मोर दुईजण सहकर्मि ओड़िशाकु नूआ आसिछु । आमे ओड़िशार खण्डगिरि गुम्फा बिषयरे गबेषणा करुछु ।

Dr. Williams : Yes, I myself and two of my colleagues have come to Orissa newly. We are researching on Khandagiri caves of Orissa.

ସଂଘମିତ୍ରା : ଆପଣମାନେ କୋଉଠି ରହୁଛନ୍ତି ?

संघमित्रा : आपणमाने कोउटि रहुछन्ति ?

Sanghamitra : Where are you staying ?

ଡଃ ୱଇଲିୟମସ୍ : ଆମେ ପାନ୍ଥ ନିବାସରେ ରହୁଛୁ ।

ड: उईलियमस् : आमे पान्थनिवासरे रहुछु ।

Dr. Williams : We are staying in the Panthanivas.

ସଂଘମିତ୍ରା : ଆପଣଙ୍କ ସହକର୍ମୀ ଦୁଇଜଣ କାହାନ୍ତି ?

संघमित्रा : आपणंक सहकर्मि दुइजण काहान्ति ?

Sanghamitra : Where are your two colleagues ?

Digitized by srujanika@gmail.com

ଡଃ ଉଇଲିୟମସ୍ : ସେମାନେ ସହର ଦେଖିବାକୁ ଯାଉଛନ୍ତି ।
ड: उईलियमस् सेमाने सहर देखिबाकु जाइछन्ति ।

Dr. Williams They have gone to see the town.

ସଂଘମିତ୍ରା : ଆଚ୍ଛା, ଆପଣଙ୍କୁ ଏଇ ଛୋଟ ସୂଚନା ବହିଟି ଦେଉଛି । ଏଥିରେ ଖଣ୍ଡଗିରି ଓ ଭୁବନେଶ୍ୱର ସହର ବିଷୟରେ କିଛି ଖବର ଅଛି ।
संघमित्रा आच्छा, आपणंकु एई छोट सूचना बहिटि देउछि । एथिरे खण्डगिरि ओ भुबनेश्वर सहर बिषयरे किछि खबर अछि ।

Sanghamitra : O. K., I am giving you this small information booklet. There is some information here on Khandagiri and Bhubaneswar town.

ଡଃ ଉଇଲିୟମସ୍ : ଖଣ୍ଡଗିରି ଏଠୁ କେତେ ବାଟ ?
ड: उईलियमस् : खण्डगिरि एठु केते बाट ?

Dr. Williams : How far is Khandagiri from this place ?

ସଂଘମିତ୍ରା : ଖଣ୍ଡଗିରି ଏଠୁ ପ୍ରାୟ ଛଅ ସାତ କିଲୋମିଟର ଦୂର । ଖଣ୍ଡଗିରିର ରାଣୀଗୁମ୍ଫା ଓ ହାତୀଗୁମ୍ଫା ତ ଖୁବ୍ ପ୍ରସିଦ୍ଧ । ଏହାଛଡ଼ା ଆହୁରି ଅନେକ ଗୁମ୍ଫା ମଧ୍ୟ ଅଛି । ରାଜା ଖାରବେଳ ଏ ସବୁ ତିଆରି କରିଛନ୍ତି ।
संघमित्रा : खण्डगिरि एठु प्राय छअ, सात किलोमिटर दूर । खण्डगिरिर राणीगुंफा ओ हाथीगुंफा त खुब प्रसिध्ध । एहाछड़ा आहुरि अनेक गुंफा मध्य अछि । राजा खारबेल ए सबु तिआरि करि-छन्ति ।

Sanghamitra : Khandagiri is about 6 or 7 kms. from this place. The Queen's Cave and the Elephant Cave of Khandagiri are very famous. Besides there are many other caves too, in Khandagiri. The king Kharavela got those caves done.

ଡଃ ଉଇଲିୟମସ୍ : ଆଚ୍ଛା, ମୁଁ ଏ ସୂଚନା ବହିଟା ନେଉଛି । ବହୁତ ଧନ୍ୟବାଦ ।
ड: उईलियमस् : आच्छा, मुं ए सूचना बहिटा नेउछि । बहुत धन्यवाद !

Dr. Williams : Well, I am taking this information booklet. Many thanks.

Digitized by srujanika@gmail.com

Variation

A : ଧଉଳି ଶାନ୍ତିସ୍ତୁପ ଏଠୁ କେତେ ଦୂର ?
धउलि शान्तिस्तुप एठु केते दूर ?

A : What is the distance of Dhauli Peace Pagoda from this place ?

B : ଏଠୁ ବେଶୀ ଦୂର ନୁହେଁ ।
एठु बेशी दूर नुहेँ ।

B : It is not very far from here.

A : ସେଇ ଛୋଟ ସୂଚନା ବହିଟା କାହିଁ ? ସେଥିରେ ଏ ବିଷୟରେ କିଛି ଖବର ରହିଛି ।
सेई छोट सूचना बहिटा काहिँ ? सेथिरे ए बिषयरे किछि खबर रहिछि ।

A : Where is that small information booklet. There is some information there about it.

B : ସୂଚନା ବହିଟି ମୋ ସାନଭାଇ ପାଖରେ ଅଛି ।
सूचना बहिटि मो सान भाई पाखरे अछि ।

B : The information booklet is with my younger brother.

A : ଆପଣଙ୍କ ସାନ ଭାଇ କାହିଁ ?
आपणङ्क सान भाई काहिँ ?

A : Where is your younger brother ?

B : ଏଠି ନାହିଁ । ମୁଁ ତା ପାଖରୁ ବହିଟା ଆଣି ଦେଉଛି ।
एठि नाहिँ । मुँ ता पाखरु बहिटा आणि देउछि ।

B : He is not here. I will get the book from him.

Vocabulary

ଅଫିସ Office
ଆହୁରି more
ଏଠି here
ଏଠୁ from here
ଏଥିରେ in this
ଏହାଛଡା besides
କାହାନ୍ତି where (*hon. & plu.*)
କାହିଁ where
କେତେବାଟ how far
ଖବର news, information
ଖଣ୍ଡଗିରି ଗୁମ୍ଫା Khandagiri-cave
ଗବେଷଣା research
ଛଅ six
ଛୋଟ small
ଦୁଇଜଣ two persons
ଦୂର distance

Digitized by srujanika@gmail.com

ଧନ୍ୟବାଦ thanks
ନୂଆ new
ପ୍ରସିଦ୍ଧ famous
ପ୍ରାୟ almost
ବିଷୟରେ about
ମଧ୍ୟ also, too
ସହକର୍ମୀ colleagues, co-workers
ସାତ seven
ସୂଚନା ବହି information book, information booklet

Drills

I. Build up drill

ଅଛିକି ?
କିଛି ଅଛି କି ?
କିଛି ସୂଚନା ବହି ଅଛି କି ?
ଖଣ୍ଡଗିରି ବିଷୟରେ କିଛି ସୂଚନା ବହି ଅଛି କି ?
ଆପଣଙ୍କ ଅଫିସ୍‌ରେ ଅଛି କି ?
ଆପଣଙ୍କ ଅଫିସ୍‌ରେ କିଛି ସୂଚନା ବହି ଅଛି କି ?

ଆସିଛନ୍ତି ?
ନୂଆ ଆସିଛନ୍ତି ?
ଭୁବନେଶ୍ୱରକୁ ଆସିଛନ୍ତି ?
ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?
କଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?
ଆପଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?
ଆପଣ କଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?

ଆସିଛୁ ।
ନୂଆ ଆସିଛୁ ।
ଓଡ଼ିଶାକୁ ଆସିଛୁ ।
ଓଡ଼ିଶାକୁ ନୂଆ ଆସିଛୁ ।
ମୁଁ ଓ ମୋର ଦୁଇଜଣ ସହକର୍ମୀ ଓଡ଼ିଶାକୁ ନୂଆ ଆସିଛୁ ।
ହଁ, ମୁଁ ଓ ମୋର ଦୁଇଜଣ ସହକର୍ମୀ ଓଡ଼ିଶାକୁ ନୂଆ ଆସିଛୁ ।

କରୁଛୁ ।
ଗବେଷଣା କରୁଛୁ ।
ଖଣ୍ଡଗିରି ଗୁମ୍ଫା ବିଷୟରେ ଗବେଷଣା କରୁଛୁ ।
ଓଡ଼ିଶାର ଖଣ୍ଡଗିରି ଗୁମ୍ଫା ବିଷୟରେ ଗବେଷଣା କରୁଛୁ ।
ଆମେ ଓଡ଼ିଶାର ଖଣ୍ଡଗିରି ଗୁମ୍ଫା ବିଷୟରେ ଗବେଷଣା କରୁଛୁ ।

ରହୁଛନ୍ତି ?
କେଉଁଠି ରହୁଛନ୍ତି ?
ଆପଣମାନେ ରହୁଛନ୍ତି ?
ଆପଣମାନେ କେଉଁଠି ରହୁଛନ୍ତି ?

ରହୁଛୁ ।
ପାନ୍ଥ ନିବାସରେ ରହୁଛୁ ।
ଆମେ ରହୁଛୁ ।
ଆମେ ପାନ୍ଥ ନିବାସରେ ରହୁଛୁ ।

କାହାନ୍ତି ?
ସହକର୍ମୀ ଦୁଇଜଣ କାହାନ୍ତି ?
ଆପଣଙ୍କ ସହକର୍ମୀ ଦୁଇଜଣ କାହାନ୍ତି ?

ଯାଇଛନ୍ତି ।
ବୁଲି ଯାଇଛନ୍ତି ।
ସହର ବୁଲି ଯାଇଛନ୍ତି ।
ଭୁବନେଶ୍ୱର ସହର ବୁଲି ଯାଇଛନ୍ତି ।
ସେମାନେ ବୁଲି ଯାଇଛନ୍ତି ।
ସେମାନେ ଭୁବନେଶ୍ୱର ସହର ବୁଲି ଯାଇଛନ୍ତି ।

Digitized by srujanika@gmail.com

ଦେଉଛି ।
ବହିଟି ଦେଉଛି ।
ଛୋଟ ବହିଟି ଦେଉଛି ।
ଛୋଟ ସୂଚନା ବହିଟି ଦେଉଛି ।
ଏଇ ବହିଟି ଦେଉଛି ।
ଏଇ ଛୋଟ ବହିଟି ଦେଉଛି ।
ଏଇ ଛୋଟ ସୂଚନା ବହିଟି ଦେଉଛି ।
ଆପଣଙ୍କୁ ଏଇ ଛୋଟ ସୂଚନା ବହିଟି ଦେଉଛି ।
ଆଜ୍ଞା, ଆପଣଙ୍କୁ ଏଇ ଛୋଟ ସୂଚନା ବହିଟି ଦେଉଛି ।

ଅଛି ।
ଖବର ଅଛି ।
କିଛି ଖବର ଅଛି ।
ଭୁବନେଶ୍ୱର ସହର ବିଷୟରେ କିଛି ଖବର ଅଛି ।
ଖଣ୍ଡଗିରି ଓ ଭୁବନେଶ୍ୱର ସହର ବିଷୟରେ କିଛି ଖବର ଅଛି ।

ଏଥିରେ ଅଛି ।
ଏଥିରେ କିଛି ଖବର ଅଛି ।
ଏଥିରେ ଖଣ୍ଡଗିରି ଓ ଭୁବନେଶ୍ୱର ସହର ବିଷୟରେ କିଛି ଖବର ଅଛି ।

କେତେ ବାଟ ?
ଏଠୁ କେତେ ବାଟ ?
ଖଣ୍ଡଗିରି ଏଠୁ କେତେ ବାଟ ?

ଦୂର ।
ସାତ କିଲୋମିଟର ଦୂର ।
ଛଅ ସାତ କିଲୋମିଟର ଦୂର ।
ପ୍ରାୟ ଛଅ ସାତ କିଲୋମିଟର ଦୂର ।
ଏଠୁ ଛଅ ସାତ କିଲୋମିଟର ଦୂର ।
ଏଠୁ ପ୍ରାୟ ଛଅ ସାତ କିଲୋମିଟର ଦୂର ।
ଖଣ୍ଡଗିରି ଏଠୁ ପ୍ରାୟ ଛଅ ସାତ କିଲୋମିଟର ଦୂର ।

ପ୍ରସିଦ୍ଧ ।
ଖୁବ୍ ପ୍ରସିଦ୍ଧ ।
ଗଣାଗୁମ୍ଫା ଓ ହାତୀଗୁମ୍ଫା ତ ଖୁବ୍ ପ୍ରସିଦ୍ଧ ।
ଖଣ୍ଡଗିରି ଗଣାଗୁମ୍ଫା ଓ ହାତୀଗୁମ୍ଫା ତ ଖୁବ୍ ପ୍ରସିଦ୍ଧ ।

ଅଛି ।
ଗୁମ୍ଫା ମଧ୍ୟ ଅଛି ।
ଆହୁରି ଅନେକ ଗୁମ୍ଫା ମଧ୍ୟ ଅଛି ।
ଏହାଛଡ଼ା ଆହୁରି ଅନେକ ଗୁମ୍ଫା ମଧ୍ୟ ଅଛି ।

କରିଛନ୍ତି ।
ତିଆରି କରିଛନ୍ତି ।
ସବୁ ତିଆରି କରିଛନ୍ତି ।
ଏସବୁ ତିଆରି କରିଛନ୍ତି ।
ରଜା ଖାରବେଳ ଏସବୁ ତିଆରି କରିଛନ୍ତି ।

ନେଉଛି ।
ବହିଟା ନେଉଛି ।
ସୂଚନା ବହିଟା ନେଉଛି ।
ଏ ସୂଚନା ବହିଟା ନେଉଛି ।
ମୁଁ ଏ ସୂଚନା ବହିଟା ନେଉଛି ।
ଆଜ୍ଞା, ମୁଁ ଏ ସୂଚନା ବହିଟା ନେଉଛି ।

ଧନ୍ୟବାଦ ।
ବହୁତ ଧନ୍ୟବାଦ ।
ଆପଣଙ୍କୁ ବହୁତ ଧନ୍ୟବାଦ ।

Digitized by srujanika@gmail.com

II Substitution drill

(a) ଆପଣଙ୍କ ଅଫିସ୍‌ରେ ଖଣ୍ଡଗିରି ବିଷୟରେ କିଛି ସୂଚନା ବହି ଅଛି କି ?

କୋଣାର୍କ	ଆପଣଙ୍କ ଅଫିସରେ କୋଣାର୍କ ବିଷୟରେ କିଛି ସୂଚନା ବହି ଅଛି କି ?
ଭୁବନେଶ୍ୱର	ଆପଣଙ୍କ ଅଫିସରେ ଭୁବନେଶ୍ୱର ବିଷୟରେ କିଛି ସୂଚନା ବହି ଅଛି କି ?
ପୁରୀ	ଆପଣଙ୍କ ଅଫିସ୍‌ରେ ପୁରୀ ବିଷୟରେ କିଛି ସୂଚନା ବହି ଅଛି କି ?

(b) ଆପଣ କଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?

ପୁରୀକୁ	ଆପଣ କଣ ପୁରୀକୁ ନୂଆ ଆସିଛନ୍ତି ?
ଏଠାକୁ	ଆପଣ କଣ ଏଠାକୁ ନୂଆ ଆସିଛନ୍ତି ?
ସେଠାକୁ	ଆପଣ କଣ ସେଠାକୁ ନୂଆ ଆସିଛନ୍ତି ?

(c) ଆପଣଙ୍କ ସହକର୍ମୀ ଦୁଇଜଣ କାହାନ୍ତି ?

ଜଣକ	ଆପଣଙ୍କ ସହକର୍ମୀ ଜଣକ କାହାନ୍ତି ?
ତିନିଜଣ	ଆପଣଙ୍କ ସହକର୍ମୀ ତିନିଜଣ କାହାନ୍ତି ?
ଚାରିଜଣ	ଆପଣଙ୍କ ସହକର୍ମୀ ଚାରିଜଣ କାହାନ୍ତି ?
ମାନେ	ଆପଣଙ୍କ ସହକର୍ମୀମାନେ କାହାନ୍ତି ?

(d) ଖଣ୍ଡଗିରି ଏଠୁ କେତେ ବାଟ ?

ସେଠୁ	ଖଣ୍ଡଗିରି ସେଠୁ କେତେ ବାଟ ?
ଏଠାରୁ	ଖଣ୍ଡଗିରି ଏଠାରୁ କେତେ ବାଟ ?
ସେଠାରୁ	ଖଣ୍ଡଗିରି ସେଠାରୁ କେତେ ବାଟ ?
ଏଠାକୁ	ଖଣ୍ଡଗିରି ଏଠାକୁ କେତେ ବାଟ ?
ସେଠାକୁ	ଖଣ୍ଡଗିରି ସେଠାକୁ କେତେ ବାଟ ?

III Substitution-Agreement drill

(a) ଆପଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?

ତୁ	ତୁ କଣ ଭୁବନେଶ୍ୱରକୁ ନୂଆ ଆସିଛୁ ?
ତମେ	ତମେ କଣ ଭୁବନେଶ୍ୱରକୁ ନୂଆ ଆସିଛ ?
ଆପଣମାନେ	ଆପଣମାନେ କଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?
ସେ (*fam.*)	ସେ କଣ ଭୁବନେଶ୍ୱରକୁ ନୂଆ ଆସିଛି ?

Digitized by srujanika@gmail.com

ସେ (*hon.*)	ସେ କଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?
ସେମାନେ	ସେମାନେ କଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?
ମୁଁ	ମୁଁ କଣ ଭୁବନେଶ୍ୱରକୁ ନୂଆ ଆସିଛି ?
ଆମେ (*excl.*)	ଆମେ କଣ ଭୁବନେଶ୍ୱରକୁ ନୂଆ ଆସିଛୁ ?
ଆମେ (*incl.*)	ଆମେ କଣ ଭୁବନେଶ୍ୱରକୁ ନୂଆ ଆସିଛେ ?

(b) ଆମେ ପାନ୍ଥ ନିବାସରେ ରହୁଛୁ ।

ଆମେ (*incl.*)	ଆମେ ପାନ୍ଥ ନିବାସରେ ରହୁଛେ ।
ମୁଁ	ମୁଁ ପାନ୍ଥ ନିବାସରେ ରହୁଛି ।
ସେମାନେ	ସେମାନେ ପାନ୍ଥ ନିବାସରେ ରହୁଛନ୍ତି ।
ବନ୍ଧୁମାନେ	ବନ୍ଧୁମାନେ ପାନ୍ଥ ନିବାସରେ ରହୁଛନ୍ତି ।
ସେ	ସେ ପାନ୍ଥ ନିବାସରେ ରହୁଛି ।
ତୁମେ (*fam.*)	ତୁମେ ପାନ୍ଥ ନିବାସରେ ରହୁଛ ।
ତୁ	ତୁ ପାନ୍ଥ ନିବାସରେ ରହୁଛୁ ।
ଆପଣ	ଆପଣ ପାନ୍ଥ ନିବାସରେ ରହୁଛନ୍ତି ।

IV Transformation drill

Transforming present continuous verb forms into present perfect verb forms—

(a) ଆମେ ଖଣ୍ଡଗିରି ଗୁମ୍ଫା ବିଷୟରେ ଗବେଷଣା କରୁଛୁ ।
ଆମେ ଖଣ୍ଡଗିରି ଗୁମ୍ଫା ବିଷୟରେ ଗବେଷଣା କରିଛୁ ।

(b) ଆମେ ପାନ୍ଥ ନିବାସରେ ରହୁଛୁ ।
ଆମେ ପାନ୍ଥ ନିବାସରେ ରହିଛୁ ।

(c) ସେମାନେ ଭୁବନେଶ୍ୱର ସହର ବୁଲି ଯାଉଛନ୍ତି ।
ସେମାନେ ଭୁବନେଶ୍ୱର ସହର ବୁଲି ଯାଇଛନ୍ତି ।

(d) ମୁଁ ସୂଚନା ବହିଟା ନେଉଛି ।
ମୁଁ ସୂଚନାବହିଟା ନେଇଛି ।

(e) ସେମାନେ ଏ ସବୁ ତିଆରି କରୁଛନ୍ତି ।
ସେମାନେ ଏ ସବୁ ତିଆରି କରିଛନ୍ତି ।

Digitized by srujanika@gmail.com

V Response drill

(a) ଆପଣମାନେ କଣ ଭୁବନେଶ୍ୱରକୁ ନୂଆ ଆସିଛନ୍ତି ?
ହଁ ଆମେ ଭୁବନେଶ୍ୱରକୁ ନୂଆ ଆସିଛୁ ।

(b) ଆପଣ କୋଉଠି ରହୁଛନ୍ତି ?
ମୁଁ ଭଡ଼ାଘରେ ରହୁଛି ।

(c) ଆପଣଙ୍କ ବନ୍ଧୁ କାହାନ୍ତି ?
ସେ ବୁଲି ଯାଇଛନ୍ତି ।

(d) ଆପଣଙ୍କ ସହକର୍ମୀମାନେ କାହାନ୍ତି ?
ସେମାନେ ଏଠାରେ ନାହାଁନ୍ତି ।

(e) ମୋ ବହିଟା କାହିଁ ?
ଆପଣଙ୍କ ବହି ଟେବୁଲ ଉପରେ ଅଛି ।

(f) ଆପଣଙ୍କ କଲମ କାହିଁ ?
ମୋ କଲମ ମୋ ପାଖରେ ନାହିଁ ।

(g) ଆପଣଙ୍କ ସାନଭାଇ କାହିଁ ?
ସେ ବଜାରକୁ ଯାଇଛି ।

Exercises

1. Using the following sentence as the basic sentence, substitute the word in the subject place with the words given in the brackets, making necessary changes in the verb place :

   Basic sentence :

   ଆପଣ କଣ ପୁରୀ ମନ୍ଦିର ଦେଖିଛନ୍ତି ?

   (ମୁଁ, ସେ, ଆପଣମାନେ, ସେମାନେ, ରମବାବୁ, ଆମେ)

2. Complete the following sentences using the most suitable words from inside the brackets :

   (a) ଆପଣ କଣ ତାଙ୍କ ବିଷୟରେ କିଛି ଖବର.........................? (ଦେଖିଛନ୍ତି, ଶୁଣିଛନ୍ତି, କରିଛନ୍ତି)

   (b) ତାଙ୍କର ପୁରୀରେ ଘର.........................। (ଅଛନ୍ତି, ନାହାନ୍ତି, ଅଛି)

Digitized by srujanika@gmail.com

(c) ସେ ଏଠାକୁ ନୂଆ........................। (ଯାଇଛନ୍ତି, ଆସିଛନ୍ତି, ରହିଛନ୍ତି)
(d) ଆପଣଙ୍କ ବନ୍ଧୁମାନେ.........................? (କାହିଁ, କାହିଁକି, କାହାନ୍ତି)
(e) ମୋ ବହିଟା.......................? (କାହଁାନ୍ତି, କାହିଁ, କାହିଁକି)
(f) ଭାଷାକେନ୍ଦ୍ର ଏଠୁ........................? (କେତେ, କେତେବେଳ, କେତେବାଟ)
(g) ମୋ ସାନଭଇ ଏଠି........................। (କାହାଁନ୍ତି, ନାହିଁ, କେତେ)
(h) ସଙ୍ଘମିତ୍ରାର ବାପା ଘରେ........................। (ନାହିଁ, ଅଛି, ନାହାଁନ୍ତି)

3. Transform the following present continuous verb forms into present perfect verb forms :

(a) ସେମାନେ ସିନେମା ଦେଖୁଛନ୍ତି ।
(b) ମୁଁ ସରବତ ପିଉଛି ।
(c) ଆପଣ ରେଡ଼ିଓରୁ ଖବର ଶୁଣୁଛନ୍ତି ।
(d) ଆମେ ସମୁଦ୍ର କୂଳରେ ବୁଲୁଛୁ ।
(e) ସେ କଟକ ଯାଉଛନ୍ତି ।
(f) ମୋ ସହକର୍ମୀମାନେ ହଷ୍ଟେଲରେ ଖାଉଛନ୍ତି ।

4. Ask questions using the following interrogative words :

କି, କାହିଁ, କାହାନ୍ତି, କେତେବାଟ, କଣ

5. Given below are the infinitive forms of some verbs along with some pronouns within the brackets. Frame sentences using each pronoun as a subject along with the corresponding present perfect form of the given verb : (The first one is done for you.)

model :

ଆଙ୍କିବା, ଜାଣିବା, ବସିବା, ଦେବା, ନେବା

(ମୁଁ, ଆପଣ, ସେ *fam.*, ସେମାନେ, ଆମେ *excl.*)

ମୁଁ ଛବି ଆଙ୍କିଛି ।

ଆପଣ ଛବି ଆଙ୍କିଛନ୍ତି ।

ସେ ଛବି ଆଙ୍କିଛି ।

Digitized by srujanika@gmail.com

ସେମାନେ ଛବି ଆଙ୍କିଛନ୍ତି ।
ଆମେ ଛବି ଆଙ୍କିଛୁ ।

6. Answer the following :

(a) ଆପଣ ରମାୟଣ ପଢ଼ିଛନ୍ତି କି ?
(b) ସେ ହଷ୍ଟେଲକୁ ଯାଇଛନ୍ତି କି ?
(c) ଆପଣଙ୍କ ବନ୍ଧୁ କଣ ପୁରୀ ଯାଉଛନ୍ତି ?
(d) ସେମାନେ କୁଆଡ଼େ ଯାଇଛନ୍ତି ?
(e) ଆପଣଙ୍କ ବନ୍ଧୁମାନେ କାହାନ୍ତି ?
(f) ଆପଣଙ୍କ ସାନଭାଇ କାହିଁ ?
(g) ଆପଣ କୋଉଠି ଖାଉଛନ୍ତି ?
(h) ଆପଣ ବର୍ତ୍ତମାନ କ'ଣ କରୁଛନ୍ତି ?
(i) ଆପଣ ବର୍ତ୍ତମାନ ଖାଉଛନ୍ତି କି ?
(j) ଆପଣଙ୍କ କଲମ କାହିଁ ?

Grammatical Note

1. The present perfect verb forms corresponding to 1st person sing. and plu., 2nd person sing., hon. and plural, 3rd person sing., hon. and plu. are as follows—

1st person

sing.	ମୁଁ ଦେଖିଛି ।	I have seen.
plu. excl.	ଆମେ ଦେଖିଛୁ ।	We have seen.
plu. incl.	ଆମେ ଦେଖିଛେ ।	We have seen.

2nd person

sing.	ତୁ ଦେଖିଛୁ ।	You have seen.
sing. pol.	ତମେ ଦେଖିଛ ।	You have seen.
plu. pol.	ତମେମାନେ ଦେଖିଛ ।	You have seen.
sing. hon.	ଆପଣ ଦେଖିଛନ୍ତି ।	You have seen.
plu. hon.	ଆପଣମାନେ ଦେଖିଛନ୍ତି ।	You have seen.

Digitized by srujanika@gmail.com

3rd person

sing. fam.	ସେ ଦେଖିଛି ।	He has seen.
sing. hon.	ସେ ଦେଖିଛନ୍ତି ।	He has seen.
plu. hon.	ସେମାନେ ଦେଖିଛନ୍ତି ।	They have seen.

2\. (i) କାହିଁ is an interrogative marker to refer to both animate and inanimate referents, to mean 'where'. କାହାନ୍ତି is the hon. and plu. form of the interrogative marker କାହିଁ. କାଇଁ is a colloquial variation of କାହିଁ in spoken form.

(ii) କେତେ is a question word. But କେତେ can be used as an interrogative adjective to refer to amount, price, distance and time etc. Note the following examples –

ଆଳୁ କିଲେ କେତେ ?	What is the price of one kilo of potato ?
ଏ ଶାଢ଼ୀ ଦାମ୍ କେତେ ?	What is the price of this saree ?
ଆପଣଙ୍କର ଘର ଏଠୁ କେତେ ବାଟ ?	How far is your house from this place ?
କେତେ ବେଳ ହେଉଛି ?	What is the time ?
କେତେଟା ବାଜିଛି ?	What is the time now ?

କେତେ can also be used as an adjective in affirmative sentences to mean more.

ସେ କେତେ କଥା କହୁଛି ।	He is talking too much/too many things.
ମୁଁ ବାଟରେ କେତେ ଲୋକଙ୍କୁ ଦେଖିଛି ।	I have seen too many people on the way.

Cultural Note

The twin hills, Khandagiri and Udayagiri, are situated at a distance of about 10 kms. from Bhubaneswar Railway Station. There are many ancient rock caves dug between the 1st century B. C. and the 4th century A. D. The caves were constructed for the Jain monks. Udayagiri contains several exellently carved caves of which *Rani Gumpha* or the Queen's Cave and *Hathi Gumpha* or

Digitized by srujanika@gmail.com

Elephant Cave are the most famous. In the *Hathi Gumpha* there is a stone inscription of the Emperor Kharavela, who is said to have reigned in the 1st century B. C. It is a tourist spot.

Learn Numerals

୪୧	ଏକଚାଳିଶ
୪୨	ବୟାଳିଶ
୪୩	ତେୟାଳିଶ
୪୪	ଚଉରାଳିଶ
୪୫	ପଇଁଚାଳିଶ
୪୬	ଛୟାଳିଶ
୪୭	ସତଚାଳିଶ
୪୮	ଅଠ୍‌ଚାଳିଶ
୪୯	ଅଣଚାଶ
୫୦	ପଚାଶ

Digitized by srujanika@gmail.com

UNIT I

LESSON 10

About Konark

କୋଣାର୍କ ବିଷୟରେ

ଜିତୁ : କୁନୁ, ତୁ କୋଣାର୍କ ମନ୍ଦିର ଦେଖିଛୁ ?
जितु : कुनु, तु कोणार्क मंदिर देखिछु ?

Jitu : Kunu, have you seen the Konark temple ?

କୁନୁ : ହଁ । ଦେଖିଛି । ମୁଁ ଆଉ ମୁନୁ ବାପାଙ୍କ ସାଙ୍ଗେ ଯାଇ ଦେଖିଛୁ ।
कुनु : हँ, देखिछि ! मुं आउ मुनु बापाङ्क साङ्गे जाई देखिछु ।

Kunu : Yes, I have seen it. Munu and myself have gone with the father to see it.

ଜିତୁ : ତମେ ସବୁ ସେଠି ସମୁଦ୍ର ଦେଖିଛ ?
जितु : तमे सबु सेठि समुद्र देखिछ ?

Jitu : Have you seen the sea there ?

କୁନୁ : ହଁ । ସମୁଦ୍ର ମନ୍ଦିର ପାଖରୁ ପ୍ରାୟ ତିନି କିଲୋମିଟର ଦୂର । ତୁ କୋଣାର୍କ ଦେଖିନୁ ?
कुनु : हं । समुद्र मंदिर पाखरु प्राय तिनि किलोमिटर दूर । तु कोणार्क देखिनु ?

Kunu : Yes. The sea is about 3 kms. from the temple. Haven't you seen Konark ?

ଜିତୁ : ନା ରେ ମୁଁ, ଦେଖିନି । ଦେଖିବାକୁ ଭାରି ଇଚ୍ଛା ହେଉଛି । ଏ ବର୍ଷ ଖରାଛୁଟିରେ ମତେ ନେଇ ଯିବାପାଇଁ ବାପା କହିଛନ୍ତି ।
जितु : ना रे, मुं देखिनि । देखिबाकु भारि इछा हेउछि । ए बर्ष खरा छुटिरे मते नेइ जिबा पाईं बापा कहिछन्ति ।

Jitu : No, I have not seen it. I have a great desire to see it. The father has agreed to take me there during this year's summer vacation.

Digitized by srujanika@gmail.com

କୁନୁ : କୋଣାର୍କ ମନ୍ଦିର ଯୋଉ ନଈକୂଳରେ ତିଆରି ହୋଇଛି ତା ନାଁ କ'ଣ ଜାଣିଛୁ ?
कुनु कोणार्क मंदिर जोउ नइ कूलरे तिआरि होइछि ता नाँ क'ण जाणिछु ?

Kunu : Do you know the name of the river on whose bank the temple is built ?

ଜିତୁ : ଜାଣିଛି । ତା ନାଁ ପରା ଚନ୍ଦ୍ରଭାଗା ।
जितु जाणिछि । ता नाँ परा चंद्रभागा ।

Jitu : Yes, I know. Its name is Chandrabhaga.

କୁନୁ : ଚନ୍ଦ୍ରଭାଗା ନଈ ଏବେ ଆଉ ସେଠି ନାହିଁ । ଶୁଖି ଯାଇଛି । କିନ୍ତୁ ସମୁଦ୍ର କୂଳଟା ଭାରି ବଢ଼ିଆ । କେତେ ଡଙ୍ଗା ସମୁଦ୍ର ଭିତରେ କେତେ ଦୂରକୁ ମାଛ ଧରିବାକୁ ଯାଉଛି । ତତେ ବି ଭାରି ଭଲ ଲାଗିବ ।
कुनु चंद्रभागा नइ एबे आउ सेठि नाहिं । शुखि जाईछि । किन्तु समुद्र कूलटा भारि बढ़िआ । केते डङ्गा समुद्र भितरे केते दूरकु माछ धरिबाकु जाउछि । तते बि भारि भल लागिब ।

Kunu : But the river is no longer there. It has dried up. But the sea beach is very pleasant. A number of boats move into the sea and go to a distance for fishing. You will also like it very much.

ଜିତୁ : ତୁ ଖରାଛୁଟିରେ ଆମ ସାଙ୍ଗେ ଆସୁନୁ ?
जितु : तु खरा छुटिरे आम साङ्गरे आसुनु ?

Jitu : Why don't you come with us in the summer vacation ?

କୁନୁ : ହଉ, ମୁଁ ଯିବି ।
कुनु : हउ, मुं जिबि ।

Kunu : All right, I will come.

Variation

A : କୋଣାର୍କ ମନ୍ଦିର ପରା ସୂର୍ଯ୍ୟ ମନ୍ଦିର ?
कोणार्क मंदिर परा सूर्य मंदिर ?

A: Isn't the temple at Konark a Sun temple ?

B : ହଁ, କୋଣାର୍କ ମନ୍ଦିର ସୂର୍ଯ୍ୟଙ୍କ ମନ୍ଦିର । ତମେ କୋଣାର୍କ ଯାଇଛ ?
हँ, कोणार्क मंदिर सूर्यङ्क मंदिर । तमे कोणार्क जाईछ ?

B : Yes, the temple at Konark is the Sun's temple. Have you gone to Konark ?

Digitized by srujanika@gmail.com

A : ନା, ଯାଇନି ।
ना, जाईनि । — A: No, I haven't.

B : ଆସନ୍ତା ରବିବାର ଦିନ ମୁଁ ଯାଉଛି । ତମେ ମୋ ସହିତ ଚାଲୁନ ?
आसन्ता रविवार दिन मुं जाउछि तमे मो सहित चालुन ? — B: I am going to Konark on coming Sunday. Why don't you come with me ?

A : ହଉ ।
हउ । — A: O. K.

Vocabulary

ଆସନ୍ତା	coming	ନଈକୂଳ	river bank
ଆସନ୍ତୁ	come	ନାରେ	no (intimate)
ଇଚ୍ଛା	desire	ନେଇଯିବା ପାଇଁ	to take
ଏବର୍ଷ	this year	ଭଲ ଲାଗିବ	feeling happy
କିନ୍ତୁ	but	ଭାରି ବଢ଼ିଆ	very beautiful
କେତେ ଡଙ୍ଗା	many boats	ମତେ	to me
କେତେ ଦୂରକୁ	a long distance	ମନ୍ଦିର ପାଖରୁ	from the temple
କୋଣାର୍କ ମନ୍ଦିର	Konark temple	ମାଛ ଧରିବାକୁ	to fish
ସୂର୍ଯ୍ୟ ମନ୍ଦିର	Sun temple	ମୋ ସହିତ	with me
ଖରାଛୁଟି	Summer vacation	ଯୋଉ	which
ଚାଲନ୍ତୁ	come	ରବିବାରଦିନ	on Sunday
ତତେ	to you (fam.)	ଶୁଖିଯାଇଛି	has dried up
ତା	that (inanimate)	ସମୁଦ୍ର	sea
ତିଆରିହେବା	to build	ସମୁଦ୍ର କୂଳ	sea beach
ତିନି କିଲୋମିଟର	3 Kms.	ସମୁଦ୍ର ଭିତରେ	inside the sea

Drills

I Build up drill

ଦେଖିଛୁ ? — ଦେଖିଛି ।

କୋଣାର୍କ ମନ୍ଦିର ଦେଖିଛୁ ? — ହଁ, ଦେଖିଛି ।

ତୁ ଦେଖିଛୁ ?

ତୁ କୋଣାର୍କ ମନ୍ଦିର ଦେଖିଛୁ ?

Digitized by srujanika@gmail.com

ଦେଖିଛୁ ।
ପାଇ ଦେଖିଛୁ ।
ବାପାଙ୍କ ସଙ୍ଗେ ଯାଇ ଦେଖିଛୁ ।
ମୁଁ ଆଉ ମୁନୁ ବାପାଙ୍କ ସଙ୍ଗେ ଯାଇ ଦେଖିଛୁ ।

ଦେଖିଛ ?
ସମୁଦ୍ର ଦେଖିଛ ?
ସେଠି ଦେଖିଛ ?
ସେଠି ସମୁଦ୍ର ଦେଖିଛ ?
ତମେ ସବୁ ଦେଖିଛ ?
ତମେ ସବୁ ସେଠି ସମୁଦ୍ର ଦେଖିଛ ?

ଦୂର ।
ତିନି କିଲୋମିଟର ଦୂର ।
ମନ୍ଦିର ପାଖରୁ ତିନି କିଲୋମିଟର ଦୂର ।
ସମୁଦ୍ର ମନ୍ଦିର ପାଖରୁ ତିନି କିଲୋମିଟର ଦୂର ।
ସମୁଦ୍ର ମନ୍ଦିର ପାଖରୁ ପ୍ରାୟ ତିନି କିଲୋମିଟର ଦୂର ।

ଦେଖିନୁ ?
ମନ୍ଦିର ଦେଖିନୁ ?
କୋଣାର୍କ ମନ୍ଦିର ଦେଖିନୁ ?
ତୁ ଦେଖିନୁ ?
ତୁ କୋଣାର୍କ ମନ୍ଦିର ଦେଖିନୁ ?

ଦେଖିନି ।
ମୁଁ ଦେଖିନି ।
ନାରେ, ମୁଁ ଦେଖିନି ।

ହେଉଛି ।
ଇଚ୍ଛା ହେଉଛି ।
ଭରି ଇଚ୍ଛା ହେଉଛି ।
ଦେଖିବାକୁ ଇଚ୍ଛା ହେଉଛି ।
ଦେଖିବାକୁ ଭରି ଇଚ୍ଛା ହେଉଛି ।

କହିଛନ୍ତି ।
ବାପା କହିଛନ୍ତି ।
ନେଇଯିବା ପାଇଁ ବାପା କହିଛନ୍ତି ।
ମତେ କହିଛନ୍ତି ।
ମତେ ବାପା କହିଛନ୍ତି ।
ମତେ ନେଇଯିବାପାଇଁ ବାପା କହିଛନ୍ତି ।
ଖରା ଛୁଟିରେ ମତେ ନେଇଯିବା ପାଇଁ ବାପା କହିଛନ୍ତି ।
ଏବର୍ଷ ଖରା ଛୁଟିରେ ମତେ ନେଇଯିବା ପାଇଁ ବାପା କହିଛନ୍ତି ।

ନାହିଁ ।
ସେଠି ନାହିଁ ।
ଆଉ ସେଠି ନାହିଁ ।
ଏବେ ଆଉ ସେଠି ନାହିଁ ।
ଚନ୍ଦ୍ରଭଗା ନଈ ଏବେ ଆଉ ସେଠି ନାହିଁ ।

ବଢ଼ିଆ ।
ଭରି ବଢ଼ିଆ ।
ସମୁଦ୍ରକୂଳଟା ଭରି ବଢ଼ିଆ ।
କିନ୍ତୁ ସମୁଦ୍ର କୂଳଟା ଭରି ବଢ଼ିଆ ।

ଯାଉଛି ।
ଧରିବାକୁ ଯାଉଛି ।
ମାଛ ଧରିବାକୁ ଯାଉଛି ।
କେତେ ଦୂରକୁ ମାଛ ଧରିବାକୁ ଯାଉଛି ।
ସମୁଦ୍ର ଭିତରେ କେତେ ଦୂରକୁ ଯାଉଛି ।
କେତେ ଡଙ୍ଗା ସମୁଦ୍ର ଭିତରେ କେତେ ଦୂରକୁ ମାଛ ଧରିବାକୁ ଯାଉଛି ।

ଲାଗିବ ।
ଭଲ ଲାଗିବ ।
ଭରି ଭଲ ଲାଗିବ ।
ତତେ ବି ଭରି ଭଲ ଲାଗିବ ।

Digitized by srujanika@gmail.com

ଆସୁନୁ ?

ଆମ ସାଙ୍ଗେ ଆସୁନୁ ?

ଖରାଛୁଟିରେ ଆସୁନୁ ?

ଖରାଛୁଟିରେ ଆମ ସାଙ୍ଗେ ଆସୁନୁ ?

ତୁ ଖରାଛୁଟିରେ ଆମ ସାଙ୍ଗେ ଆସୁନୁ ?

II Substitution drill

(a) କୁନୁ, ତୁ କୋଣାର୍କ ମନ୍ଦିର ଦେଖିଛୁ ?

ଲକ୍ଷ୍ମୀସାଗର	କୁନୁ, ତୁ ଲକ୍ଷ୍ମୀସାଗର ଦେଖିଛୁ ?
ରବୀନ୍ଦ୍ରମଣ୍ଡପ	କୁନୁ, ତୁ ରବୀନ୍ଦ୍ର ମଣ୍ଡପ ଦେଖିଛୁ ?
ଲିଙ୍ଗରାଜ ମନ୍ଦିର	କୁନୁ, ତୁ ଲିଙ୍ଗରାଜ ମନ୍ଦିର ଦେଖିଛୁ ?
ଧଉଳି	କୁନୁ, ତୁ ଧଉଳି ଦେଖିଛୁ ?
ଖଣ୍ଡଗିରି	କୁନୁ, ତୁ ଖଣ୍ଡଗିରି ଦେଖିଛୁ ?

(b) ସମୁଦ୍ର ମନ୍ଦିର ପାଖରୁ ଦି କିଲୋମିଟର ଦୂର ।

	ଏକ କିଲୋମିଟର	ସମୁଦ୍ର ମନ୍ଦିର ପାଖରୁ ଏକ କିଲୋମିଟର ଦୂର ।
	ତିନି କିଲୋମିଟର	ସମୁଦ୍ର ମନ୍ଦିର ପାଖରୁ ତିନି କିଲୋମିଟର ଦୂର ।
	ଚାରି କିଲୋମିଟର	ସମୁଦ୍ର ମନ୍ଦିର ପାଖରୁ ଚାରି କିଲୋମିଟର ଦୂର ।
	ପାଞ୍ଚ କିଲୋମିଟର	ସମୁଦ୍ର ମନ୍ଦିର ପାଖରୁ ପାଞ୍ଚ କିଲୋମିଟର ଦୂର ।
ଆମଘର		ଆମଘର ମନ୍ଦିର ପାଖରୁ ଦି କିଲୋମିଟର ଦୂର ।
ଭାଷାକେନ୍ଦ୍ର		ଭାଷାକେନ୍ଦ୍ର ମନ୍ଦିର ପାଖରୁ ଦି କିଲୋମିଟର ଦୂର ।
ବଜାର		ବଜାର ମନ୍ଦିର ପାଖରୁ ଦି କିଲୋମିଟର ଦୂର ।

(c) ତୁ କୋଣାର୍କ ମନ୍ଦିର ଦେଖିନୁ ?

ଶିଶୁପାଳଗଡ଼	ତୁ ଶିଶୁପାଳଗଡ଼ ଦେଖିନୁ ?
ନନ୍ଦନକାନନ	ତୁ ନନ୍ଦନକାନନ ଦେଖିନୁ ?
କଟକ ସହର	ତୁ କଟକ ସହର ଦେଖିନୁ ?

(d) ତତେ ବି ଭାରି ଭଲ ଲାଗିବ ।

ତୁମକୁ	ତୁମକୁ ବି ଭାରି ଭଲ ଲାଗିବ ।
ଆପଣଙ୍କୁ	ଆପଣଙ୍କୁ ବି ଭାରି ଭଲ ଲାଗିବ ।
ତାଙ୍କୁ	ତାଙ୍କୁ ବି ଭାରି ଭଲ ଲାଗିବ ।
ସେମାନଙ୍କୁ	ସେମାନଙ୍କୁ ବି ଭାରି ଭଲ ଲାଗିବ ।
ମତେ	ମତେ ବି ଭାରି ଭଲ ଲାଗିବ ।
ଆମକୁ	ଆମକୁ ବି ଭାରି ଭଲ ଲାଗିବ ।

Digitized by srujanika@gmail.com

III Substitution-Agreement drill

(a) ତୁ କୋଣାର୍କ ମନ୍ଦିର ଦେଖିଛୁ ?

ତୁମେ	ତୁମେ କୋଣାର୍କ ମନ୍ଦିର ଦେଖିଛ ?
ଆପଣ	ଆପଣ କୋଣାର୍କ ମନ୍ଦିର ଦେଖିଛନ୍ତି ?
ସେ *hon.*	ସେ କୋଣାର୍କ ମନ୍ଦିର ଦେଖିଛନ୍ତି ?
ସେ *fam.*	ସେ କୋଣାର୍କ ମନ୍ଦିର ଦେଖିଛି ?
ସେମାନେ	ସେମାନେ କୋଣାର୍କ ମନ୍ଦିର ଦେଖିଛନ୍ତି
ମୁଁ	ମୁଁ କୋଣାର୍କ ମନ୍ଦିର ଦେଖିଛି ?
ଏମାନେ	ଏମାନେ କୋଣାର୍କ ମନ୍ଦିର ଦେଖିଛନ୍ତି ?
ଆମେ *excl.*	ଆମେ କୋଣାର୍କ ମନ୍ଦିର ଦେଖିଛୁ ?
ଆମେ *incl.*	ଆମେ କୋଣାର୍କ ମନ୍ଦିର ଦେଖିଛେ

(b) ତୁମେ ସବୁ ସେଠି ସମୁଦ୍ର ଦେଖିଛ ?

ଆପଣମାନେ	ଆପଣମାନେ ସବୁ ସେଠି ସମୁଦ୍ର ଦେଖିଛନ୍ତି ?
ସେମାନେ	ସେମାନେ ସବୁ ସେଠି ସମୁଦ୍ର ଦେଖିଛନ୍ତି ।
ଆମେ excl.	ଆମେ ସବୁ ସେଠି ସମୁଦ୍ର ଦେଖିଛେ ?
ଆମେ *incl.*	ଆମେ ସବୁ ସେଠି ସମୁଦ୍ର ଦେଖିଛୁ ?

(c) ତୁ କୋଣାର୍କ ମନ୍ଦିର ଦେଖିନୁ ?

ତୁମେ	ତୁମେ କୋଣାର୍କ ମନ୍ଦିର ଦେଖିନ ?
ଆପଣ	ଆପଣ କୋଣାର୍କ ମନ୍ଦିର ଦେଖିନାହାଁନ୍ତି ?
ସେ *hon.*	ସେ କୋଣାର୍କ ମନ୍ଦିର ଦେଖିନାହାଁନ୍ତି ?
ସେ *fam.*	ସେ କୋଣାର୍କ ମନ୍ଦିର ଦେଖିନି ?
ସେମାନେ	ସେମାନେ କୋଣାର୍କ ମନ୍ଦିର ଦେଖିନାହାଁନ୍ତି ?
ମୁଁ	ମୁଁ କୋଣାର୍କ ମନ୍ଦିର ଦେଖିନି ?
ଆମେ excl.	ଆମେ କୋଣାର୍କ ମନ୍ଦିର ଦେଖିନେ ?
ଆମେ *incl.*	ଆମେ କୋଣାର୍କ ମନ୍ଦିର ଦେଖିନୁ ?

IV Transformation drill

1. Transformation of interrogative sentences into interrogative negative—

(a) ତୁ କୋଣାର୍କ ମନ୍ଦିର ଦେଖିଛୁ ?
ତୁ କୋଣାର୍କ ମନ୍ଦିର ଦେଖିନୁ ?

(b) ତମେ ସବୁ ସେଠି ସମୁଦ୍ର ଦେଖିଛ ?
ତମେ ସବୁ ସେଠି ସମୁଦ୍ର ଦେଖିନ ?

Digitized by srujanika@gmail.com

(c) ତା ନାଁ କ'ଣ ଜାଣିଛୁ ?
ତା ନାଁ କ'ଣ ଜାଣିନୁ ?

(d) ତମେ କୋଣାର୍କ ଯାଇଛ ?
ତମେ କୋଣାର୍କ ଯାଇନ ?

2. Transformation of interrogative negative-sentences into interrogative sentences—

(a) ତୁ କୋଣାର୍କ ମନ୍ଦିର ଦେଖିନୁ ?
ତୁ କୋଣାର୍କ ମନ୍ଦିର ଦେଖିଛୁ ?

(b) ତୁ ଖରା ଛୁଟିରେ ଆମ ସଙ୍ଗେ ଆସୁନୁ ?
ତୁ ଖରା ଛୁଟିରେ ଆମ ସାଙ୍ଗେ ଆସୁଛୁ ?

(c) ତୁମେ ମୋ ସହିତ ଆସୁନ ?
ତୁମେ ମୋ ସହିତ ଆସୁଛ ?

3. Transformation of affirmative sentences into interrogative-negative—

(a) ମୁଁ ଆଉ ମୁନୁ ବାପାଙ୍କ ସଙ୍ଗେ ଯାଇ ଦେଖିଛୁ ।
ମୁଁ ଆଉ ମୁନୁ ବାପାଙ୍କ ସାଙ୍ଗେ ଯାଇ ଦେଖିନୁ ?

(b) ଘରି ଦେଖିବାକୁ ଇଚ୍ଛା ହେଉଛି ।
ଘରି ଦେଖିବାକୁ ଇଚ୍ଛା ହେଉନି ?

(c) ଏ ବର୍ଷ ଖରା ଛୁଟିରେ ମତେ ନେଇ ଯିବା ପାଇଁ ବାପା କହିଛନ୍ତି ।
ଏବର୍ଷ ଖରା ଛୁଟିରେ ମତେ ନେଇଯିବାପାଇଁ ବାପା କହିନାହାଁନ୍ତି ?

(d) ମୁଁ ଜାଣିଛି ।
ମୁଁ ଜାଣିନି ?

(e) ଚନ୍ଦ୍ରଭଗା ନଈ ଏବେ ଶୁଖିଯାଇଛି ।
ଚନ୍ଦ୍ରଭଗା ନଈ ଏବେ ଶୁଖିଯାଇନି ?

V Response drill

Answers in affirmative or in negative—

(a) ଆପଣ କୋଣାର୍କ ମନ୍ଦିର ଦେଖିଛନ୍ତି ?
ହଁ, ମୁଁ କୋଣାର୍କ ମନ୍ଦିର ଦେଖିଛି ।
ନା, ମୁଁ କୋଣାର୍କ ମନ୍ଦିର ଦେଖିନି ।

Digitized by srujanika@gmail.com

(b) ତୁମେ ସମୁଦ୍ର ଦେଖିଛ ?
ହଁ, ମୁଁ ସମୁଦ୍ର ଦେଖିଛି ।
ନା, ମୁଁ ସମୁଦ୍ର ଦେଖିନି ।

(c) ତା ଘର ନାଁ କ'ଣ ଜାଣିଛ ?
ହଁ, ତା ଘର ନାଁ ମୁଁ ଜାଣିଛି ।
ନା, ତା ଘର ନାଁ ମୁଁ ଜାଣିନି ।

(d) କୋଣାର୍କ ପର ସୂର୍ଯ୍ୟ ମନ୍ଦିର ?
ହଁ, କୋଣାର୍କ ସୂର୍ଯ୍ୟ ମନ୍ଦିର ।
ନା, କୋଣାର୍କ ସୂର୍ଯ୍ୟ ମନ୍ଦିର ନୁହେଁ ।

Exercises

1. Using the following sentence as the basic sentence, substitute the word in the subject place with the words given in the brackets, making necessary changes in the verb place

Basic sentence ଆପଣ କୋଣାର୍କ ଯାଇନାହାନ୍ତି ।

(ମୁଁ, ଆମେ *incl.*, ତୁ, ତୁମେ, ଆପଣମାନେ, ସେ *hon.*, ସେ *fam.*, ସେମାନେ)

2. Fill up the blanks selecting the most appropriate verb from inside the brackets :

(a) ସେ ବୁଲିବାକୁ...... । (ରହିଛି, ଯାଇଛି, ବସିଛି)
(b) ତୁମେ ଏଠାରେ.... । (ରହୁଛ, କରୁଛ, ଆସୁଛ)
(c) ଆପଣ କୁଆଡେ...... ? (ନେଇଛନ୍ତି, ଯାଉଛନ୍ତି, କରୁଛନ୍ତି)
(d) ସେ କ'ଣ ? (କରୁଛନ୍ତି, ବସୁଛନ୍ତି, ଶୋଉଛନ୍ତି)
(e) ସେମାନେ ଖବର...... .... । (ଆସୁଛନ୍ତି, ଦେଖୁଛନ୍ତି, ଶୁଣୁଛନ୍ତି)
(f) ସେମାନେ ସେଠାକୁ ନୂଆ.. .... । (ଆସୁଛନ୍ତି, ଆସିଛନ୍ତି)
(g) ମୁଁ ବର୍ତ୍ତମାନ ଷ୍ଟେସନ............ । (ଯାଉଛି, ଯାଇଛି)
(h) ତୁମେ ଏବେ କ'ଣ.... ? (ବସିଛ, କରୁଛ)
(i) ତାଙ୍କର ଅନେକ ଗୁଡ଼ିଏ ଟଙ୍କା...... .... । (ଅଛି, ଅଛନ୍ତି)
(j) ଆପଣଙ୍କର ଦୁଇଟି ଘର । (ଅଛି, ଅଛନ୍ତି)

Digitized by srujanika@gmail.com

3. Transform the following sentences into interrogative-negative sentences (use question mark for change of intonation) :

(a) ମୁଁ ପୁରୀ ଯାଉଛି ।
(b) ମୋର ଭାତ ଖାଇବାକୁ ଇଚ୍ଛା ହେଉଛି ।
(c) ବାପା ଆଜି କଲିକତା ଯାଉଛନ୍ତି ।
(d) ସେ କଣ ପାସ୍ କରିଛି ?
(e) କଣ ବର୍ଷା ହେଉଛି ?
(f) ଆମେ ସିନେମା ଯାଉଛେ
(g) ତମେ ବୋଧେ ଆମ ସାଙ୍ଗେ ଆସୁଛ ?
(h) ଆମେ ମନ୍ଦିର ଦେଖିନୁ ।
(i) ତୁ ଏ କାମ କରିନୁ !
(j) ଭାଷାକେନ୍ଦ୍ର ବର୍ତ୍ତମାନ ଖୋଲିନି ।

4. Answer the following :

(a) ଆପଣ ସମୁଦ୍ର ଦେଖିଛନ୍ତି ?
(b) ତାଙ୍କ ସାନଭାଇ କ'ଣ କରୁଛି ?
(c) ସେମାନେ କୁଆଡ଼େ ଯାଉଛନ୍ତି ?
(d) ଆଜି କ୍ଲାସରେ ପଢ଼ା ହେଉଛି କି ?
(e) ତୁମେ ଲିଙ୍ଗରାଜ ମନ୍ଦିର ଦେଖିଛ ?

5. Using the present perfect forms of your chosen verbs frame ten sentences (one verb to be used once).

Grammatical Note

1. The compound verbs in Oriya are formed in the following ways.

Noun + Verb N + V	ମାଛ ଧରିବା	to fish
Adjective + Verb A + V	ଭଲ ଲାଗିବା	to feel happy

Digitized by srujanika@gmail.com

Verb + Verb ଖାଇ ବସିବା going to eat
$V_1 + V_2$

The first two types are formed by adding the infinitive verb forms to the nouns or adjectives. Some more examples are given below. To this infinitive compound stem the tense and person-number suffixes are added to function as any unitary verb stem.

ମନ ଦେବା	N+V	to desire
କାମ କରିବା	N+V	to work
ଭଲ ହେବା	A+V	to be good

But the verbal compound $V_1 + V_2$ is formed in the following way : V. Stem + Perfect marker – Subsidiary + Tense marker+auxiliary+Person number suffix.

ପଢ+ଇ+ବସ୍+ଇ+ଅଛ+ଇ=ପଢିବସିଛି

In the verbal compound the main verb will always take the perfect marker whereas to the subsidiary, the tense marker and the person number suffixes are added to close the verbal construction.

ଶୁଖି ଯାଇଛି ।	has dried up	ନେଇ ଯାଉଛି ।	is taking
ଖାଇ ଦେଇଛି ।	has eaten	ଖାଇ ଦେଉଛି ।	is eating

Note : In the verbal compound the main verb will always take the perfect marker 'i'.

2. Infinitive in Oriya, is formed by adding -ଇବା or -ବା to the verb stem. The post-positions are added directly to the infinitives. The infinitives can be formed with verbal compounds also.

(i) ଦେବା (କୁ) to give
ଯିବା (ରୁ) from going

Digitized by srujanika@gmail.com

କରିବା (ରେ) in doing
ନେବା (ପାଇଁ) for taking

(ii) ନେଇଯିବା (କୁ) to take
ଦେଇଦେବା (ରୁ) from giving
ଖାଇଦେବା (ରେ) in eating
ନେଇଯିବା (ପାଇଁ) for taking

3. To elicit 'Yes' or 'No' type answer the interrogation can be used in negative sentences. These types of sentences can be named as interrogative-negative. Note the change of intonation in using interrogative and interrogative-negative sentences.

ତୁମେ କୋଣାର୍କ ଦେଖିଛ ? Have you seen Konark ?
ତୁମେ କୋଣାର୍କ ଦେଖିନ ? Haven't you seen Konark ?

Note : More politeness is expressed in using the interrogative-negative question form.

4.(i) ମୋ is the oblique base of the 1st person personal pronoun ମୁଁ, to which post-positions are added. ମୋ has a variant ମ, to which -ତେ is added to mean 'to me'.

ମୋତେ or ମତେ to me

(ii) ତୋ is the oblique base of the 2nd person personal pronoun ତୁ, to which post-positions are added. Like ମୋ, ତୋ has a variant ତ to which ତେ is added to mean 'to you'.

ତୋତେ or ତତେ to you

5.(i) ପାଇଁ (for) is a post-position. It is added to nouns, oblique base of pronouns and infinitives, and to interrogative question words.

ବୁଲୁ ପାଇଁ for Bulu
ମୋ ପାଇଁ for me

Digitized by srujanika@gmail.com

ଯିବା ପାଇଁ	for going
କ'ଣ ପାଇଁ	for what
କାହା ପାଇଁ	for whom

(ii) ରୁ is a post-position to refer 'from' (inside). It is added directly to inanimate nouns and indirectly by the intervention of locational nouns like ଠା and ପାଖ etc. In colloquial use ରୁ can be replaced by ଠୁ (from).

ମନ୍ଦିରରୁ/ମନ୍ଦିରଠୁ	from the temple
ଗଛରୁ/ଗଛଠୁ	from the tree
ସମୁଦ୍ରରୁ/ସମୁଦ୍ରଠୁ	from the sea
ମନ୍ଦିର ପାଖରୁ	from near the temple
ଗଛ ପାଖରୁ	from near the tree
ସମୁଦ୍ର ଠାରୁ	from the sea
ଜେଲଠାରୁ	from the jail

Note : Sometimes when the post-position -ରୁ is added to words ending in ର, ଳ as in ଘର (house) ବେଳ (time) and ସକାଳ (morning) etc. the -ରୁ becomes -ଉ. So also the case with post-position -ରେ. -ରେ becomes -ଏ. These -ଉ and -ଏ merged with ର and ଳ become :

ଘର ≐ ଘରୁ	from the house
ସକାଳ = ସକାଳୁ	from the morning
ସଂଧ୍ୟାବେଳ = ସଂଧ୍ୟାବେଳୁ	in (from) the evening
ଖରବେଳ = ଖରବେଳୁ	in (from) the noon
ଘର = ଘରେ	at home

Digitized by srujanika@gmail.com

ସକାଳ = ସକାଳେ	in the morning
ସଂଧ୍ୟାବେଳ = ସଂଧ୍ୟାବେଳେ	in the evening
ଖରବେଳ = ଖରବେଳେ	in the noon

When the post-position -ରୁ is added to animate nouns and oblique base of pronouns it cannot be used immediately after the animate nouns and to the oblique base of personal pronouns. ରୁ is to be used with a locational noun like ଠା, ପାଖ etc. or with an inanimate referential noun. Colloquial -ରୁ can be replaced by ଠୁ

ବୁଲୁଠାରୁ/ବୁଲୁଠୁ	from Bulu
କୁନୁଠାରୁ/କୁନୁଠୁ	from Kunu
ଜିତୁ ବହିରୁ	from the book of Jitu
ବାଘ ଗୋଡ଼ରୁ	from the leg of the tiger
ମୋଠାରୁ/ମୋଠୁ	from me
ତାଙ୍କ ପାଖରୁ	from him
ଆପଣଙ୍କ କଥାରୁ	from your words
ତା ମୁଣ୍ଡରୁ	from his head

6. ଯେଉଁ or ଯୋଉ, 'of that', is a pronominal adjective. It is used for both animate and inanimate referents. ଯୋଉ forms a set with the correlative ସେଉ, 'that'. Its interrogative correlative is କୋଉ.

ଯୋଉ ଭାଇ ଆସିଥିଲେ ।	the brother who came
ଯୋଉ ଭାଇ ଆସିଥିଲେ ମୁଁ ସେଉ ଭାଇକୁ ଖୋଜୁଛି ।	I am looking for the brother who came.
କୋଉ ଭାଇ ଆସିଥିଲେ ?	Which brother came ?

Digitized by srujanika@gmail.com

Note ଯୋଉ and କୋଉ are more frequent colloquial forms in comparison to the corresponding form ଯେଉଁ and କେଉଁ.

7. ପରା is a particle. When it is added to an affirmative sentence it puts emphasis to whatever is said. But it can also be used in an interrogative sentence to elicit yes — no type answer. The intonation changes in interrogative sentence using ପରା. In an interrogative sentence ପରା can be used either after the subject or at the end of the sentence.

କୋଣାର୍କ ପରା ସୂର୍ଯ୍ୟ ମନ୍ଦିର ?	Is Konark a Sun Temple ?
କୋଣାର୍କ ସୂର୍ଯ୍ୟ ମନ୍ଦିର ପରା ?	Isn't Konark a Sun Temple ?

Note : ପରା can also function as a completive.

ତମେ କାମ କରୁଛ ପରା ।	You are doing some work.

8. ଦି is a variation of the word ଦୁଇ (two) to be prefixed before a noun.

ଦି ଭାଇ	two brothers
ଦି ବର୍ଷ	two years

9. ନାରେ is an intimate negative reply. There are some words in Oriya which express affection, intimacy and also at times anger and disaffection under different contexts depending upon the situations. Those are ଆରେ, କିରେ, କ'ଣ କିରେ, ହଇରେ, ନାରେ.

Digitized by srujanika@gmail.com

Cultural Note

1. Konark : Konark is the name of the village where the famous Sun Temple is situated. It is about 65 Kms. from Bhubaneswar and about 25 Kms. from Puri.

2. Konark Temple : The world famous Sun Temple at Konark was built in the 13th century (1238-1264) by Narasimha Dev I. The temple is in the form of a decorated chariot and dedicated to the Sun God. The whole temple is decorated with stone carvings of excellent architectural beauty. The carvings are the models of Odissi classical dance. The temple is a great tourist attraction.

3. The Sun Temple was built near the bank of the river Chandrabhaga which has now dried up. But now the place where it joined the sea is also called Chandrabhaga.

4. There are seven days in a week. In Oriya they are named as follows :

ସୋମବାର	Monday
ମଙ୍ଗଳବାର	Tuesday
ବୁଧବାର	Wednesday
ଗୁରୁବାର	Thursday
ଶୁକ୍ରବାର	Friday
ଶନିବାର	Saturday
ରବିବାର	Sunday

Learn Numerals

୫୧	ଏକାବନ
୫୨	ବାଉନ
୫୩	ତେପନ

Digitized by srujanika@gmail.com

୫୪	ଚଉବନ
୫୫	ପଞ୍ଚାବନ
୫୬	ଛପନ
୫୭	ସତାବନ
୫୮	ଅଠାବନ
୫୯	ଅଣଷଠି
୬୦	ଷାଠିଏ

Digitized by srujanika@gmail.com

UNIT I

LESSON 11

Revision Lesson

Going to Market

ବଜାରକୁ ଯିବା

ଜୟନ୍ତ : ରାଜୀବ, ତୁମେ କୁଆଡେ ଯାଉଛ ?	Jayant : Rajib, where are you going ?
ରାଜୀବ : ମୁଁ ମାର୍କେଟ ଯାଉଛି ।	Rajib : I am going to the market.
ଜୟନ୍ତ : ମାର୍କେଟ ଏଠୁ କେତେ ବାଟ ?	Jayant : How far is the market from here ?
ରାଜୀବ : ବେଶୀ ବାଟ ନୁହେଁ । ତୁମେ ମାର୍କେଟ୍ ଦେଖିନ ?	Rajib : Not very far. Haven't you seen the market ?
ଜୟନ୍ତ : ନା, ମୁଁ ଦେଖିନି ।	Jayant : No, I haven't seen it.
ରାଜୀବ : ମୋ ସାଙ୍ଗରେ ଆସୁନ ? ତୁମର ବଜାରରୁ କିଛି କିଣିବାକୁ ନାହିଁ ?	Rajib : Why don't you come along with me ? Don't you have to buy anything from the market ?
ଜୟନ୍ତ : ନା, ନାହିଁ । ମୋର ଟିକେ ଅନ୍ୟ ଆଡେ କାମ ଅଛି ।	Jayant : No, I don't have. I have a little work elsewhere.
ରାଜୀବ : ଆଉ ତୁମ ରୁମ୍‌ର ବନ୍ଧୁମାନେ କାହାନ୍ତି ?	Rajib : Where are your room-mates ?
ଜୟନ୍ତ : ସେମାନେ ପର ସିନେମା ଦେଖିବାକୁ ଯାଇଛନ୍ତି ।	Jayant : They have gone to see a film.
ରାଜୀବ : କି ସିନେମା ଆସିଛି କି ?	Rajib : What film has come ?

Digitized by srujanika@gmail.com

ଜୟନ୍ତ : ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥ' ।

Jayant : An Oriya film–'Shri Jagannath'.

Exercises

1. Fill up the blanks choosing most appropriate words from within the brackets :

(i) (a) ତୁମେ କ'ଣ.......................? (କରିଛି, କରୁଛ, କରିଛୁ)
(b) ଆମେ ସ୍କୁଲକୁ....................... । (ଯାଉଛି, ଯାଉଛନ୍ତି, ଯାଉଛୁ)
(c) ସେଠାରେ କ'ଣ.......................? (ହେଉଛି, ହେଉଛନ୍ତି, ହେଉଛ)
(d) ସେ କ'ଣ....................... ? (ଖାଉଛୁ, ଖାଉଛି, ଖାଉଛ)
(e) ସେମାନେ ବର୍ତ୍ତମାନ ଷ୍ଟେସନ....................... । (ବାହାରୁଛନ୍ତି, ବାହାରୁଛ, ବାହାରୁଛି)

(ii) (a) ତାଙ୍କ ବିଷୟରେ ତୁମେ କିଛି .... ? (କରିଛୁ, ରଖିଛ, ଶୁଣିଛ)
(b) ସେମାନଙ୍କର ଲକ୍ଷ୍ମୀସାଗରରେ ଘର....................... । (ନାହାଁନ୍ତି, ନାହିଁ, ନୁହେଁ)
(c) ତାଙ୍କ ଖାତାଟା....................... ? (କାହାରି, କାହିଁ, କାହିଁକି)
(d) ଏ ବହିର ଦାମ....................... ? (କେତେଦୂର, କେତେବାଟ, କେତେ)
(e) ପୁରୀ ଏଠୁ....................... ? (କେତେଟଙ୍କା, କେତେବାଟ, କେତେ)
(f) ତୋ ବଡ଼ଭାଇ ଘରେ....................... ? (ଅଛି, ଅଛନ୍ତି, ନାହିଁ)
(g) ତୁମ ବନ୍ଧୁ ଦୁଇଜଣ....................... ? (କାହିଁ, କାହିଁକି, କାହାରି)
(h) ସେମାନେ ଏଇ କାମ....................... । (କରିଛନ୍ତି, ଶୁଣୁଛନ୍ତି, ରହିଛନ୍ତି)

(iii) (a) ମୁଁ ଷ୍ଟେସନକୁ....................... । (ରହୁଛି, ଖାଉଛି, ଯାଉଛି)
(b) ସେମାନେ ଭଷା .... । (ଦେଖୁଛନ୍ତି, ଲେଖୁଛନ୍ତି, ଶିଖୁଛନ୍ତି)
(c) ତୁମେ ସେଠାରେ....................... । (ନେଉଛ, ରହୁଛ, କରୁଛ)
(d) ଆପଣମାନେ ସମୁଦ୍ରରେ .... । (ବସୁଛନ୍ତି, ଗାଧୋଉଛନ୍ତି, ଦେଖୁଛନ୍ତି)
(e) ମୁନା ନଈରେ....................... । (ବସୁଛି, ଯାଉଛି, ପହଁରୁଛି)

(iv) (a) ସେମାନେ ସମୁଦ୍ରକୂଳକୁ....................... । (ଯାଇଛନ୍ତି, ରହିଛନ୍ତି, ନେଉଛନ୍ତି)
(b) ତୁମେମାନେ ଏଠାକୁ....................... । (ରହିଛ, ଆସିଛ, ଯାଉଛ)
(c) ସେ ଏ କାମ....................... । (ଦେଉଛି, କରିଛି, ଶୁଣିଛି)
(d) ଆପଣ କାହା ବହି....................... ? (କରିଛନ୍ତି, ନେଉଛନ୍ତି, ଖାଉଛନ୍ତି)
(e) ଆମେ କ୍ଲାସରେ....................... । (ରହିଛୁ, ବସିଛୁ, କରୁଛୁ)
(f) ମୁଁ ରଚନା....................... । (ଦେଖୁଛି, ଲେଖୁଛି, କରୁଛି)

Digitized by srujanika@gmail.com

(v) (a) ସେ ବର୍ତ୍ତମାନ ଏଠାକୁ........................। (ଆସୁଛି, ଯାଉଛି)

(b) ତୁମେ ଭୁବନେଶ୍ୱରକୁ ନୂଆ.................. । (ଆସୁଛ, ଆସିଛ)

(c) ମୁଁ କାମ........................ । (ଜାଣୁଛି, ଜାଣିଛି)

(d) ଆମେ ଆସାମରୁ........................ । (ଆସିଛୁ, ଆସୁଛୁ)

(e) ସେମାନେ ଭାଷା...... .... । (ଶିଖୁଛନ୍ତି, ପଢୁଛନ୍ତି)

(f) ତୁ ବହି........................ । (ପଢୁଛୁ, ଶିଖିଛୁ)

2. Using each of the following sentences as basic sentences substitute the words in the subject-places with those given in the brackets and bring corresponding changes in the verb-places :

(ମୁଁ, ଆମେ *excl.*, ତୁ, ତୁମେ, ଆପଣ, ସେମାନେ, କୈଳାସବାବୁ, ମମତା)

Sentences :

ଆପଣ ଭାଷା ଶିଖୁଛନ୍ତି ।

ସେ କଣ ମହୀଶୂର ଯାଉଛନ୍ତି ?

ସେ ଭୁବନେଶ୍ୱରରେ ରହୁନି ।

ତୁ କୋଣାର୍କ ଦେଖିନୁ ।

3. Fill up the blanks choosing the appropriate post-positions as given in the brackets. Use each post-position atleast once :

(ଙ୍କ, ଙ୍କୁ, ପାଇଁ, କୁ, ର, ରୁ, ରେ, ଙ୍କର)

(a) ଏଠି ସକାଳ........................ବର୍ଷା ହେଉଛି ।

(b) ଆମ ଘର ଆଗ........................ ବଗିଚା ନାହିଁ ।

(c) ମୁଁ ବର୍ତ୍ତମାନ ଘର.................. ..... ଆସୁଛି ।

(d) ଭୁବନେଶ୍ୱରରେ ଖରବେଳ........................ଭାରି ଖରା ।

(e) ସେ ବଜାର........................ଯାଉଛି ।

(f) ଅରବିନ୍ଦବାବୁ........................ପୁଅ ନାଁ କ'ଣ ?

(g) ଆପଣ........................ ମୁଁ ଦୁଇଟଙ୍କା ଦେଇଛି ।

(h) ସେ ଫଳ ଆଣିବା........................ବଜାର ଯାଉଛି ।

(i) ତୁମେ ଭାଷାକେନ୍ଦ୍ର ....ଛାତ୍ର ।

Digitized by srujanika@gmail.com

(j) ସେମାନେ ଆସାମ......................ଆସିଛନ୍ତି ।
(k) ସେମାନ......................ଟିକଟ କାହିଁ ?
(l) ମୋର କଲେଜ...................... କାମ ଅଛି ।
(m) ଆପଣମାନେ ବୋଧହୁଏ ଓଡ଼ିଶା ବାହାର......................ଲୋକ ?
(n) ଏଠା......................ପୁରୀ କେତେବାଟ ?
(o) ଆପଣ......................ଘର କେଉଁଠି ?

4. Transform the following sentences into negative:

(a) ସେ ଭଷା ଶିଖୁଛି ।
(b) ସେମାନେ ସିନେମା ଦେଖିବାକୁ ଯାଉଛନ୍ତି ।
(c) ମୁଁ ବର୍ତ୍ତମାନ ଷ୍ଟେସନ ବାହାରୁଛି ।
(d) ଆପଣ ଏଇ କଲେଜର ପ୍ରିନ୍‌ସିପାଲ ।
(e) ତାଙ୍କର କଟକରେ ଘର ଅଛି ।
(f) ତୁ ଭଲ ପିଲ ।
(g) ଆମେ କଲେଜର ଛାତ୍ର ।

5. Transform the following sentences into interrogative-negative (use question mark for intonation) :

(i) (a) ତୁମେ ରମାୟଣ ପଢ଼ିଛ ।
(b) ମୁଁ ପାଠ ପଢ଼ୁଛି ।
(c) ତୁ ପରୀକ୍ଷାରେ ପାସ୍ କରିଛୁ ।
(d) ସେ ଭଲ ପିଲ ।
(e) ତୁମେ ଜଣେ ଛାତ୍ର ।
(f) ସେଠାରେ ବର୍ଷା ହେଉଛି ।
(g) ସେ ଛବି ଦେଖିନି ।
(h) ମୁନା ସେଠିକି ଯାଇନି ।

(ii) (a) ବାପା ଆଜି ଆସୁଛନ୍ତି ?
(b) ତୁମେ ଏ କାମ କରିଛ କି ?
(c) ଆପଣ ବର୍ତ୍ତମାନ ସ୍କୁଲ ଯାଉଛନ୍ତି ?
(d) ସେ ଗୋଟିଏ କବିତା ଲେଖିଛି ?
(e) ତୁ କଣ ହଷ୍ଟେଲ ଯାଉଛୁ କି ?

Digitized by srujanika@gmail.com

(f) ମୁଁ କଣ ଭାତ ଖାଉଛି କି ?
(g) ସେମାନେ ସମସ୍ତେ କଣ ଶିକ୍ଷକ ?
(h) ଆପଣମାନେ କଣ ଏଠାରେ ବସୁଛନ୍ତି ?

6. Transform the following sentences into interrogative (use both କଣ and କି). The first one is done for you.

ସେ କଣ କଲେଜ ଯାଉଛି କି ?

(a) ସେ କଲେଜ ଯାଉଛି ।
(b) ତୁମେ ଭାତ ଖାଉନ ।
(c) ତୁ ଏ ବହି ପଢିନୁ ।
(d) ତାଙ୍କ ସାନ ଭାଇ ଚାକିରୀ କରୁଛି ।
(e) ମନ୍ଦିରରେ ପୂଜା ହେଉଛି ।

7. Make interrogative sentences using the following interrogative words :

 କଣ, କ'ଣ, କାହିଁ, କାହାକି, କେତେ, କାହା, କେଉଁ, କାହିଁକି, କେଡ଼େ (size), କୁଆଡ଼େ, କୋଉଠି କିଏ, ପର, ବୋଧେ

8. Write *five* sentences about Bhubaneswar.

Digitized by srujanika@gmail.com

UNIT I

LESSON 12

Visiting a Picture

ସିନେମା ଦେଖା

ମହେଶ : ଆରେ ବିଜୟ, ତୁ କେତେବେଳେ ଆସିଲୁ ?

Mahesh : Hello Bijoy, when did you come ?

ବିଜୟ : ମୁଁ ବର୍ତ୍ତମାନ ସିନେମାରୁ ଫେରିଲି । ତୁ କାଲି ସନ୍ଧ୍ୟାରେ ସିନେମା ଗଲୁ ?

Bijoy : I have just returned from the pictures. Did you go to the pictures last evening ?

ମହେଶ : ନା, ମୁଁ କାଲି ଗଲି ନାହିଁ । ଆସନ୍ତାକାଲି ଯିବି । ତୁ କି ସିନେମା ଦେଖିଲୁ ?

Mahesh : No, I didn't go yesterday. I would be going to-morrow. What picture did you see ?

ବିଜୟ : ମୁଁ ଶ୍ରୀୟାରେ ଗୋଟାଏ ହିନ୍ଦୀ ସିନେମା ଦେଖି ଆସିଲି ।

Bijoy : I saw a Hindi picture in Sriya Talkies.

ମହେଶ : ଶ୍ରୀୟାରେ ପ୍ରତିଦିନ କେତେଟା ସୋ ହୁଏ କି ?

Mahesh : How many times they show pictures in Sriya ?

ବିଜୟ : ପ୍ରାୟ ପ୍ରତିଦିନ ଚାରି ପାଞ୍ଚଟା ସୋ ହୁଏ । ସକାଳେ, ଖରବେଳେ, ୩ଟା ବେଳେ, ସନ୍ଧ୍ୟାରେ । ପୁଣି ରାତିରେ ଗୋଟାଏ ସୋ ହୁଏ ।

Bijoy : Almost four or five shows are held every day. There are morning, noon, matinee and evening shows. Besides there is one show at night.

ମହେଶ : ତୁ ଜଣ ବେଶୀ ସିନେମା ଦେଖୁ ?

Mahesh : Do you go to see films often ?

Digitized by srujanika@gmail.com

ବିଜୟ : ନା, ମୁଁ ବେଶୀ ଦେଖେନି । ମାସକୁ ଗୋଟାଏ କି ଦୁଇଟା ଦେଖେ । ତୁ ପର କାଲି ଦେଖିବାକୁ ଯିବୁ ?

Bijoy : No, I don't see often. May be one or two in a month. Aren't you going to see one tomorrow ?

ମହେଶ : ହଁ, ମୁଁ କାଲି ଶ୍ରୀୟାରେ ୩ଟାବେଳେ ମାଟିନି ଦେଖିବି । ଗୋଟାଏ ଭଲ ଇଂରଜୀ ଛବି ଆସିଛି । ତୁ ମୋ ସାଙ୍ଗରେ ଆସିବୁ ?

Mahesh : Yes, I will go to a matinee tomorrow at 3 O' clock, at Sriya. A good English picture has come. Will you come along with me ?

ବିଜୟ : ନା, କାଲି ୩ଟାବେଳେ ଆମ କଲେଜରେ ସଭା ହେବ । ମୁଁ ତୋ ସାଙ୍ଗରେ ଯିବିନି ।

Bijoy : No, there will be a meeting in our college at 3, tomorrow. I will not go with you.

Variation

A : ତୁ ଆଜି କେତେବେଳେ ପୁରୀ ଯିବୁ ?

A : When will you go to Puri to-day ?

B : ମୁଁ ଆଜି ଖରବେଳେ ଯିବି ।

B : I will go at noon to-day.

A : ତୁ କଣ ପ୍ରତି ସପ୍ତାହରେ ପୁରୀ ଯାଉ ?

A : Do you go to Puri every week ?

B : ହଁ, ମୁଁ ପ୍ରତି ସପ୍ତାହରେ ଯାଏ ।

B: Yes, I go every week.

A : ତୁ କାଲି ସିନେମାରୁ କେତେବେଳେ ଫେରିଲୁ ?

A : When did you return from the cinema yesterday ?

B : ମୁଁ ରାତି ୯ଟାରେ ଫେରିଲି ।

B : I returned at 9 P. M.

A : ତତେ ସିନେମା ଭଲ ଲାଗିଲା ?

A : Did you like the cinema ?

B : ହଁ, ଖୁବ୍ ଭଲ ଲାଗିଲା ।

B : Yes, very much.

Digitized by srujanika@gmail.com

Vocabulary

ଆସନ୍ତାକାଲି	tomorrow	ଚାରିଟା	four
ଆସିବା	to come	ଛବି	picture
ଇଂରଜୀ	English	ତିନିଟାବେଳେ	at 3 P. M.
କେତେଟା	how many	ପ୍ରତିଦିନ	everyday
କେତେବେଳେ	when	ପୁଣି	again
ଖରବେଳେ	at noon	ମାସକୁ	per month
ଗତକାଲି	yesterday	ରାତିରେ	at night
ଗୋଟାଏ କି ଦୁଇଟା	one or two	ସଭା	meeting

Drills

I Build up drill

ଆସିଲୁ ?
କେତେବେଳେ ଆସିଲୁ ?
ତୁ ଆସିଲୁ ?
ତୁ କେତେବେଳେ ଆସିଲୁ ?
ଆରେ ବିଜୟ, ତୁ କେତେବେଳେ ଆସିଲୁ ?

ଫେରିଲି ।
ସିନେମାରୁ ଫେରିଲି ।
ବର୍ତ୍ତମାନ ଫେରିଲି ।
ମୁଁ ଫେରିଲି ।
ମୁଁ ବର୍ତ୍ତମାନ ଫେରିଲି ।
ମୁଁ ବର୍ତ୍ତମାନ ସିନେମାରୁ ଫେରିଲି ।

ଗଲୁ ?
ସିନେମା ଗଲୁ ?
ସନ୍ଧ୍ୟାରେ ଗଲୁ ?
ସନ୍ଧ୍ୟାରେ ସିନେମା ଗଲୁ ?
କାଲି ସନ୍ଧ୍ୟାରେ ସିନେମା ଗଲୁ ?
ତୁ କାଲି ସନ୍ଧ୍ୟାରେ ସିନେମା ଗଲୁ ?

ନାହିଁ ।
ଗଲି ନାହିଁ ।
କାଲି ଗଲି ନାହିଁ ।
ମୁଁ ଗଲି ନାହିଁ ।
ମୁଁ କାଲି ଗଲି ନାହିଁ ।
ନା, ମୁଁ କାଲି ଗଲି ନାହିଁ ।

ଯିବି ।
ଆସନ୍ତାକାଲି ଯିବି ।

ଦେଖିଲୁ ?
ସିନେମା ଦେଖିଲୁ ?
କି ସିନେମା ଦେଖିଲୁ ?
ତୁ କି ସିନେମା ଦେଖିଲୁ ?

ଦେଖି ଆସିଲି ।
ସିନେମା ଦେଖି ଆସିଲି ।
ହିନ୍ଦୀ ସିନେମା ଦେଖି ଆସିଲି ।
ଗୋଟାଏ ହିନ୍ଦୀ ସିନେମା ଦେଖି ଆସିଲି ।
ଛାୟାରେ ଗୋଟାଏ ହିନ୍ଦୀ ସିନେମା ଦେଖି ଆସିଲି ।
ମୁଁ ଛାୟାରେ ଗୋଟାଏ ହିନ୍ଦୀ ସିନେମା ଦେଖି ଆସିଲି ।

Digitized by srujanika@gmail.com

ହୁଏ କି ?
ସୋ ହୁଏ କି ?
କେତେଟା ସୋ ହୁଏ କି ?
ପ୍ରତିଦିନ ସୋ ହୁଏ କି ?
ପ୍ରତିଦିନ କେତେଟା ସୋ ହୁଏ କି ?
ଶ୍ରୀୟାରେ ପ୍ରତିଦିନ କେତେଟା ସୋ ହୁଏ କି ?

ହୁଏ ।
ସୋ ହୁଏ ।
ଚାରିଟା ସୋ ହୁଏ ।
ପ୍ରତିଦିନ ହୁଏ ।
ପ୍ରତିଦିନ ଚାରିଟା ସୋ ହୁଏ ।

ଦେଖୁ ?
ସିନେମା ଦେଖୁ ?
ବେଶୀ ଦେଖୁ ?
ବେଶୀ ସିନେମା ଦେଖୁ ?
କଣ ବେଶୀ ସିନେମା ଦେଖୁ ?
ତୁ କଣ ବେଶୀ ସିନେମା ଦେଖୁ ?

ଦେଖେନି ।
ବେଶୀ ଦେଖେନି ।
ମୁଁ ବେଶୀ ଦେଖେନି ।
ନା, ମୁଁ ବେଶୀ ଦେଖେନି ।

ଦେଖେ ।
ଗୋଟାଏ କି ଦୁଇଟା ଦେଖେ ।
ମାସକୁ ଗୋଟାଏ କି ଦୁଇଟା ଦେଖେ ।

ଯିବୁ ?
ଦେଖିବାକୁ ଯିବୁ ?
କାଲି ଦେଖିବାକୁ ଯିବୁ ?
ତୁ ଯିବୁ ?
ତୁ ପର କାଲି ଦେଖିବାକୁ ଯିବୁ ?

ଦେଖିବି ।
ମାଟିନି ଦେଖିବି ।
୩ଟାବେଳେ ମାଟିନି ଦେଖିବି ।
୩ଟାବେଳେ ଦେଖିବି ।
ଶ୍ରୀୟାରେ ଦେଖିବି ।
କାଲି ଦେଖିବି ।
ମୁଁ କାଲି ଶ୍ରୀୟାରେ ୩ଟାବେଳେ ମାଟିନି ଦେଖିବି ।
ହଁ, ମୁଁ କାଲି ଶ୍ରୀୟାରେ ୩ଟାବେଳେ ମାଟିନି ଦେଖିବି ।

ଆସିଛି ।
ଇଂରଜୀ ଛବି ଆସିଛି ।
ଭଲ ଇଂରଜୀ ଛବି ଆସିଛି ।
ଗୋଟାଏ ଭଲ ଇଂରଜୀ ଛବି ଆସିଛି ।

ଆସିବୁ ?
ସାଙ୍ଗରେ ଆସିବୁ ?
ମୋ ସାଙ୍ଗରେ ଆସିବୁ ?
ତୁ ଆସିବୁ ?
ତୁ ମୋ ସାଙ୍ଗରେ ଆସିବୁ ?

ହେବ ।
ସଭା ହେବ ।
କଲେଜରେ ସଭା ହେବ ।
ଆମ କଲେଜରେ ସଭା ହେବ ।
୩ଟାବେଳେ ସଭା ହେବ ।
କାଲି ସଭାହେବ ।
କାଲି ୩ଟାବେଳେ ସଭା ହେବ ।
କାଲି ୩ଟାବେଳେ ଆମ କଲେଜରେ ସଭା ହେବ ।
ନା, କାଲି ୩ଟାବେଳେ ଆମ କଲେଜରେ ସଭା ହେବ ।

ଯିବିନି ।
ସାଙ୍ଗରେ ଯିବିନି ।
ତୋ ସାଙ୍ଗରେ ଯିବିନି ।
ମୁଁ ତୋ ସାଙ୍ଗରେ ଯିବିନି ।

Digitized by srujanika@gmail.com

II Substitution drill

(a) ତୁ କେତେବେଳେ ଆସିଲୁ ?

ଦେଖିଲୁ	ତୁ କେତେବେଳେ ଦେଖିଲୁ ?
ଫେରିଲୁ	ତୁ କେତେବେଳେ ଫେରିଲୁ ?
ହସିଲୁ	ତୁ କେତେବେଳେ ହସିଲୁ ?
ଗଲୁ	ତୁ କେତେବେଳେ ଗଲୁ ?

(b) ତୁ ମୋ ସାଙ୍ଗରେ ଆସିବୁ ?

ଯିବୁ	ତୁ ମୋ ସାଙ୍ଗରେ ଯିବୁ ?
ଖାଇବୁ	ତୁ ମୋ ସାଙ୍ଗରେ ଖାଇବୁ ?
ରହିବୁ	ତୁ ମୋ ସାଙ୍ଗରେ ରହିବୁ ?

(c) ନା, ମୁଁ ବେଶୀ ଦେଖେନି ।

ଯାଏନି	ନା, ମୁଁ ବେଶୀ ଯାଏନି ।
ଖାଏନି	ନା, ମୁଁ ବେଶୀ ଖାଏନି ।
ପଢେନି	ନା, ମୁଁ ବେଶୀ ପଢେନି ।
ଗପେନି	ନା, ମୁଁ ବେଶୀ ଗପେନି ।

(d) ମୁଁ ବର୍ତ୍ତମାନ ସିନେମାରୁ ଫେରିଛି ।

ଘରୁ	ମୁଁ ବର୍ତ୍ତମାନ ଘରୁ ଫେରିଛି ।
ସ୍କୁଲରୁ	ମୁଁ ବର୍ତ୍ତମାନ ସ୍କୁଲରୁ ଫେରିଛି ।
ବଜାରରୁ	ମୁଁ ବର୍ତ୍ତମାନ ବଜାରରୁ ଫେରିଛି ।

(e) ମାସକୁ ଗୋଟାଏ କି ଦୁଇଟା ଦେଖେ ।

ଦିନକୁ	ଦିନକୁ ଗୋଟାଏ କି ଦୁଇଟା ଦେଖେ ।
ସପ୍ତାହକୁ	ସପ୍ତାହକୁ ଗୋଟାଏ କି ଦୁଇଟା ଦେଖେ ।
ବର୍ଷକୁ	ବର୍ଷକୁ ଗୋଟାଏ କି ଦୁଇଟା ଦେଖେ ।
ଦୁଇଟା କି ତିନିଟା	ସପ୍ତାହକୁ ଦୁଇଟା କି ତିନିଟା ଦେଖେ ।
ଚାରିଟା କି ପାଞ୍ଚଟା	ବର୍ଷକୁ ଚାରିଟା କି ପାଞ୍ଚଟା ଦେଖେ ।

III Transformation drill

1. Transforming simple past tense into present perfect tense—

(a) ତୁ କେତେବେଳେ ଫେରିଲୁ ?
ତୁ କେତେବେଳେ ଫେରିଛୁ ?

Digitized by srujanika@gmail.com

(b) ତୁ କାଲି ସନ୍ଧ୍ୟାରେ ସିନେମା ଗଲୁ ?
ତୁ କାଲି ସନ୍ଧ୍ୟାରେ ସିନେମା ଯାଉଛୁ ?

(c) ତୁ କି ସିନେମା ଦେଖିଲୁ ?
ତୁ କି ସିନେମା ଦେଖିଛୁ ?

(d) ମୁଁ ବର୍ତ୍ତମାନ ସିନେମାରୁ ଫେରିଲି ।
ମୁଁ ବର୍ତ୍ତମାନ ସିନେମାରୁ ଫେରିଛି ।

(e) ନା, ମୁଁ କାଲି ଗଲିନାହିଁ ।
ନା, ମୁଁ କାଲି ଯାଉନାହିଁ ।

2. Transforming into negative—

(a) ତୁ ବେଶୀ ସିନେମା ଦେଖୁ ।
ତୁ ବେଶୀ ସିନେମା ଦେଖୁନି ।

(b) ତୁ କାଲି ସନ୍ଧ୍ୟାରେ ସିନେମା ଗଲୁ ।
ତୁ କାଲି ସନ୍ଧ୍ୟାରେ ସିନେମା ଗଲୁନି ।

(c) ତୁ ପର କାଲି ସିନେମା ଯିବୁ ।
ତୁ ପର କାଲି ସିନେମା ଯିବୁନି ।

(d) ପ୍ରତିଦିନ ଚାରିଟା ସୋ ହୁଏ ।
ପ୍ରତିଦିନ ଚାରିଟା ସୋ ହୁଏନି ।

(e) କାଲି ୩ଟାବେଳେ ଆମ କଲେଜରେ ସଭା ହେବ ।
କାଲି ୩ଟାବେଳେ ଆମ କଲେଜରେ ସଭା ହେବନି ।

IV Response drill

(a) ତୁ କେତେବେଳେ ଆସିଲୁ ?
ମୁଁ ବର୍ତ୍ତମାନ ଆସିଲି ।

(b) ତୁ କାଲି ସିନେମା ଦେଖିଲୁ ?
ନା, ମୁଁ କାଲି ସିନେମା ଦେଖିନି ।

(c) ତୁ କି ସିନେମା ଦେଖିଲୁ ?
ମୁଁ ଓଡ଼ିଆ ସିନେମା ଦେଖିଲି ।

Digitized by srujanika@gmail.com

(d) ତୁ କାଲି କୁଆଡ଼େ ଯିବୁ ?
ମୁଁ କାଲି କଟକ ଯିବି ।

(e) ତୁ ମୋ ସାଙ୍ଗରେ ଆସିବୁ ?
ନା, ମୁଁ ଯିବିନି ।

(f) ତୁ କଣ ବେଶୀ ଭାତ ଖାଉ ?
ନା, ମୁଁ ବେଶୀ ଭାତ ଖାଏନି ।

Exercises

1. Fill up the blanks as per instruction using the appropriate simple past, simple present or simple future tenses of verbs given in the brackets :

   (a) ମୁଁ ପ୍ରତିଦିନ ସକାଳୁ ବୁଲି............... । (ଯିବା) **Present**
   (b) ତୁ ଦଶଟାବେଳେ ଭାତ............... । (ଖାଇବା) **Future**
   (c) ମୁଁ ଭାଷାକେନ୍ଦ୍ରରେ............... । (ପଢ଼ିବା) **Present**
   (d) ତୁ କଣ ପ୍ରତି ସପ୍ତାହରେ ସିନେମା............... ? (ଦେଖିବା) **Present**
   (e) ତୁ କାଲି କେତେବେଳେ...............? (ଆସିବା) **Past**
   (f) ଗତକାଲି ଖୁବ୍ ବର୍ଷା............... । (ହେବା) **Past**
   (g) ବର୍ତ୍ତମାନ ଆମର ପଢ଼ା ଆରମ୍ଭ .... । (ହେବା) **Past**
   (h) ମୁଁ ଆସନ୍ତାକାଲିଠାରୁ ଏ ନୂଆ ଘରେ............... । (ରହିବା) **Future**
   (i) ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ............... । (ହେବା) **Present**
   (j) ତୁ ଶୀଘ୍ର............... । (ଉଠିବା) **Future**

2. Transform the following sentences into negative :

   (a) ମୁଁ ବର୍ତ୍ତମାନ ସ୍କୁଲରୁ ଫେରିଛି ।
   (b) ତୁ ବେଶୀ ପାଠ ପଢ଼ୁ ।
   (c) ମୁଁ ତୋ ସାଙ୍ଗରେ ଯିବି ।
   (d) ମୁଁ ଭାତ ଖାଇଛି ।

3. Answer the following :

   (a) ତୁ କାଲି କେତେବେଳେ ଆସିବୁ ?

Digitized by srujanika@gmail.com

(b) କାଲି କ୍ଲାସ ହେବ କି ?
(c) କାଲି ବର୍ଷା ହେଲା କି ?
(d) ସେ କେତେବେଳେ ସ୍କୁଲକୁ ଯାଏ ?
(e) ତୁ ବେଶୀ ଭାତ ଖାଉ ?

4. Make sentences using the following verbs :

ପଢିଲି, କିଣିଲି, ହେବ, ଶିଖିନି, ରହିବୁ, ବସେ, ଖାଏ,

5. Make sentences using the appropriate post-positions with the following infinitives :

କିଣିବା, ଦେଖିବା, ଶିଖିବା, ରହିବା, ପଢିବା

Grammatical Note

1. The simple present tense has a habitual use for meanings where truth cannot be denied.

ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଏ ।	The sun rises in the east.
ରାତି ପରେ ଦିନ ଆସେ ।	The day comes after night.

The habitual present tense has no special tense marker and the person-number suffix is directly added to the verb stem.

-ଏ is the suffix for 1st person sing., 3rd person fam. sing., and sing. inanimate referents in habitual present tense.

ମୁଁ ପଢେ ।	I read.
ସେ ପଢେ ।	He reads.
ଦିନ ଯାଏ ।	Days pass.

-ଉ is the suffix for 2nd person sing., and 1st person plu., in habitual present tense. The 1st person inclusive plural use is not possible in habitual present tense.

Digitized by srujanika@gmail.com

ତୁ ଖାଉ ॥ ତୁ ରହୁ ।	You eat. ॥ You stay.
ଆମେ ଖାଉ ॥ ଆମେ ରହୁ ।	We eat. ॥ We stay.

-ଇଲ- and -ଇବ- are suffixes for simple past and simple future tenses respectively, which are added to the verb stems and to which the person-number suffixes are postposed.

ଖା+ଇଲ୍+ଆ=ଖାଇଲା (ସେ ଖାଇଲା)	He ate.
ଖା+ଇବ୍+ଅ=ଖାଇବ (ସେ ଖାଇବ)	He will eat.

In simple past tense the verb stem ଯା changes to ଗ-, to which the tense marker and the necessary person-number suffixes are added. Also the verb stem କର୍ changes to କ୍-, to take the past tense marker -ଲ୍, to which the person-number suffixes are added.

ମୁଁ ଯାଏ ।	I go.	ମୁଁ ଗଲି ।	I went.
ତୁ ଯାଉ ।	You go.	ତୁ ଗଲୁ ।	You went.
ମୁଁ କରେ ।	I do.	ମୁଁ କଲି ।	I did.
ତୁ କରୁ ।	You do.	ତୁ କଲୁ ।	You did.

In simple past and simple future, -ଲ- and -ବ- are the tense markers respectively to be added to the verb stems -ଦେ-, -ନେ- and -ହେ-. To this the person number suffixes are added.

Verb stem+tense marker+person-number suffix.

ଦେ + ଲ୍ + ଉ = ଦେଲୁ

ଦେ + ବ୍ + ଉ = ଦେବୁ

Simple past		Simple future	
ତୁ ଦେଲୁ ।	You gave.	ତୁ ଦେବୁ ।	You will give.
ତୁ ନେଲୁ ।	You took.	ତୁ ନେବୁ ।	You will take.
ତୁ ହେଲୁ ।	You were.	ତୁ ହେବୁ ।	You will be.

'-ଇ' is the 1st person sing. suffix both in simple past and simple future । -ଉ- is the suffix for 2nd person sing. polite

Digitized by srujanika@gmail.com

and 1st person plural in both simple past and simple future.

Simple past		Simple future	
ମୁଁ ଆସିଲି ।	I came.	ମୁଁ ଆସିବି ।	I will come.
ତୁ ଆସିଲୁ ।	You came.	ତୁ ଆସିବୁ ।	You will come.

2 (i) କେତେ as an interrogative adjective when prefixed to ବେଳ refers always to time. But there is difference between କେତେବେଳ and କେତେବେଳେ in meaning and use. କେତେବେଳ refers to time-duration whereas କେତେବେଳେ is an interrogative word to refer 'at what time' or 'when'.

(ii) The word କେତେଟା has double uses, referring to things and time in a given situation. When referring to things କେତେଟା refers to how many. Here ଟା can be replaced by ଟି following the specific use of ଟା and ଟି. (Ref. Lesson—2, Gr. Note No. 2).

କେତେ ବେଳ ହେଲାଣି ?	What is the time ?
କେତେବେଳେ ଯିବ ?	When will (you) go ?

But when କେତେଟା refers to time, (What is the time ?) it always enquires about the time and it is always କେତେଟା and never କେତେଟି in Oriya. The word କେତେଟି has a variant use କେତୋଟି.

କେତେଟା ବହି ? (things)	How many books ?
କେତେଟା ଫଳ ?	How many fruits ?
କେତେଟା ବାଜିଛି ? (time)	What is the time ?
କେତେଟାବେଳେ ଆସିବି ?	At what time shall I come ?

(iii) Both କେତେଟା and କେତୋଟି have unspecific references in affirmative sentences.

Digitized by srujanika@gmail.com

ସେ କେତେଟା ବହି ଆଣିଛି ।
ତୁ କେତେଟା ପିଜୁଳି ଖାଇଛୁ ।

(iv) କି is an interrogative adjective, but has also an unspecificity in describing things.

କି ସିନେମା	Which picture ?	ଗୋଟାଏ କି ଦୁଇଟା	One or two.
କି କଥା	Which subject ?	ସେ ପଢୁନି କି ଶୋଉନି	He is neither reading nor sleeping.

3. The structures of negative verb ନାହିଁ with simple past, simple present and simple future tenses are as follows :

Simple past : V. stem + tense marker + person-number suffix + neg.

I didn't eat. ମୁଁ ଖାଇଲିନି । ସେମାନେ ଖାଇଲେନି । They didn't eat.

Simple present : V. stem + tense marker + person-number suffix + neg.

I do not see. ମୁଁ ଦେଖେନି । ସେମାନେ ଦେଖନ୍ତିନି । They do not see.

Simple future : V. stem + tense marker + person-number suffix + neg.

I will not go. ମୁଁ ଯିବିନି । ସେମାନେ ଯିବେନି । They will not go.

4. ଗୋଟାଏ କି ଦୁଇଟା is an indefinite expression or a phrase of limited unspecificity. The unspecificity is entailed by the use of କି where କି functions as English 'or'.

ଥରେ କି ଦିଥର	Once or twice.
ମାସେ କି ଦିମାସ	In a month or two.
ଜଣେ କି ଦିଜଣ	One or two persons.
ତିନିଜଣ କି ଚାରିଜଣ	Three or four persons.

Cultural Note.

1. In Oriya ଆଜି is 'today'. But କାଲି is used both for 'yesterday' and 'tomorrow', even though we have ଗତକାଲି

Digitized by srujanika@gmail.com

for 'yesterday' and ଆସନ୍ତାକାଲି for 'tomorrow'. The difference of use is known from the context and the use of the past tense and future tense verbs. Besides ଆଜି and କାଲି there is ପଅରଦିନ to refer both 'day before' and 'day after'. The day before is also called ଆରଦିନ.

Learn Numerals

୬୧	ଏକଷଠି
୬୨	ବାଷଠି
୬୩	ତେଷଠି
୬୪	ଚଉଷଠି
୬୫	ପଞ୍ଚଷଠି
୬୬	ଛଷଠି
୬୭	ସତ୍‌ଷଠି
୬୮	ଅଠ୍‌ଷଠି
୬୯	ଅଣସ୍ତରୀ
୭୦	ସତୁରୀ

Digitized by srujanika@gmail.com

UNIT I

LESSON 13

The Summer Season at Bhubaneswar

ଭୁବନେଶ୍ୱରରେ ଖର ଦିନ

ଦୀନବନ୍ଧୁ : ଖରଦିନେ ଭୁବନେଶ୍ୱରରେ ଖୁବ୍ ଖର ହୁଏ । ତୁମ ଦେଶରେ କଣ ବେଶୀ ଖର ହୁଏ ?

Dinabandhu : Bhubaneswar is too hot in summer. Is it very hot in your country ?

ଜେମସ୍ : ନା, ଆମ ଦେଶରେ ବେଶୀ ଖର ହୁଏନି । ସେଠି ଖରଦିନେ ବି ଥଣ୍ଡା ।

James : No, it is not too hot in our place. It is usually cold in summer.

ଦୀନବନ୍ଧୁ : ଆମର କିନ୍ତୁ ଖରଦିନ ଖରବେଳେ ବହୁତ ବେଶୀ ଖର । ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହେ । ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭରି ଭଲ ଲଗେ ।

Dinabandhu : But it is very hot here during midday in summer. A cool breeze blows towards evening. One feels very pleasant in the evening at Bhubaneswar.

ଜେମସ୍ : ହଁ, ସନ୍ଧ୍ୟାବେଳେ ଖୋଲ ଜାଗାରେ ବୁଲିବାକୁ ଭଲ ଲଗେ । ଖରଦିନେ ଏଠି କେତେବେଳେ ସନ୍ଧ୍ୟାହୁଏ ?

James : Yes, it is pleasant to take a walk in the evening in the open air. When does it become evening during summer ?

ଦୀନବନ୍ଧୁ : ଖରଦିନେ ଏଠି ଡେରିରେ ସନ୍ଧ୍ୟା ହୁଏ । ପ୍ରାୟ ସାତଟା ବେଳକୁ । ଆମର ଖର ଦିନେ ଦିନ ବଡ଼ ଆଉ ରତି ଛୋଟ ।

Dinabandhu : The evening comes late in summer, at about 7 P. M. We have the days longer and nights shorter in summer.

Digitized by srujanika@gmail.com

ଜେମସ୍ . ଆଚ୍ଛା, ତୁମେ କଣ ଖରଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଅ ?

James : Well, do you take a walk in the evenings in summer days ?

ଦୀନବନ୍ଧୁ : ହଁ, ଆମେ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଉ ।

Dinabandhu : Yes, we go together for a walk everyday evening.

Variation

A : ଭୁବନେଶ୍ୱରରେ କଣ ଶୀତ ଦିନେ ଅତି ଶୀତ ହୁଏ ।

A : Is it too cold in the winter at Bhubaneswar ?

B : ନା, ଭୁବନେଶ୍ୱରରେ ଅତି ବେଶୀ ଶୀତ ହୁଏ ନାହିଁ ।

B : No, it is not very cold at Bhubaneswar.

A : ଆଚ୍ଛା, ଶୀତ ଦିନେ କଣ ରତି ବଡ଼ ?

A : Well, are the nights longer during the winter.

B : ହଁ, ଶୀତ ଦିନେ ରତି ବଡ଼, ଦିନ ଛୋଟ ।

B : Yes, the nights are longer and the days shorter in the winter.

A : ଆପଣ କଣ ପ୍ରତିଦିନ ସକାଳେ ବୁଲିବାକୁ ଯାଆନ୍ତି ?

A : Do you take a walk in the morning every-day ?

B : ହଁ, ମୁଁ ସକାଳ ସନ୍ଧ୍ୟା ଦୁଇବେଳା ବୁଲିବାକୁ ଯାଏ ।

B : Yes, I take a walk both in the morning and evening.

A : (ଆପଣ) କଣ ଅତି ସକାଳୁ ଉଠନ୍ତି ?

A : Do you get up early in the morning ?

B : ହଁ, ମୁଁ ପ୍ରତିଦିନ ବଡ଼ି ଭୋରରୁ ଉଠେ ।

B : Yes, I get up very early in the morning everyday.

Digitized by srujanika@gmail.com

Vocabulary

ଅତି ବେଶୀ	too much	ଦେଶ	country/place
କିନ୍ତୁ	but	ପବନ	wind
କେତେବେଳେ	when	ବହିବା	to blow
ଖରା	the sun	ବୁଲିବାକୁ	to take a walk
ଖରାଦିନେ	in the summer		
ଖରାବେଳେ	at noon	ଭଲ ଲାଗିବା	to like
ଖୋଲା ଜାଗାରେ	in the open	ଭୋର	early morning
ଛୋଟ	small	ରାତି	night
ଡେରି	late	ଶୀତଦିନେ	in the winter
ଥଣ୍ଡା	cold	ସାଙ୍ଗମାନେ	friends
ଦିନ	day	ସାଙ୍ଗହେଇ	together
ଦୁଇବେଳା	two times (morning and evening)	ସନ୍ଧ୍ୟାବେଳକୁ	in the evening

Drills

I. Build up drill

ହୁଏ ।
ଖରହୁଏ ।
ଖୁବ୍ ଖରହୁଏ ।
ଭୁବନେଶ୍ୱରରେ ହୁଏ ।
ଭୁବନେଶ୍ୱରରେ ଖରହୁଏ ।
ଭୁବନେଶ୍ୱରରେ ଖୁବ୍ ଖରହୁଏ ।
ଖରଦିନେ ଖୁବ୍ ଖର ହୁଏ ।
ଖରଦିନେ ଭୁବନେଶ୍ୱରରେ ଖୁବ୍ ଖର ହୁଏ ।

ହୁଏନି ।
ଖର ହୁଏନି ।
ବେଶୀ ହୁଏନି ।
ବେଶୀ ଖର ହୁଏନି ।
ଆମ ଦେଶରେ ବେଶୀ ଖର ହୁଏନି ।
ନା, ଆମ ଦେଶରେ ବେଶୀ ଖର ହୁଏନି ।

ହୁଏ ?
ଖର ହୁଏ ?
ଖୁବ୍ ଖର ହୁଏ ?
କଣ ଖୁବ୍ ଖର ହୁଏ ?
ତୁମ ଦେଶରେ ବେଶୀ ଖର ହୁଏ ?
ତୁମ ଦେଶରେ କଣ ବେଶୀ ଖର ହୁଏ ?

ଥଣ୍ଡା ।
ଖରଦିନେ ବି ଥଣ୍ଡା ।
ସେଠି ଥଣ୍ଡା! ।
ସେଠି ବି ଥଣ୍ଡା ।
ସେଠି ଖରଦିନେ ବି ଥଣ୍ଡା ।

Digitized by srujanika@gmail.com

ଖରା ।
ବେଶୀ ଖରା ।
ବହୁତ ବେଶୀ ଖରା ।
ଖରାବେଳେ ବହୁତ ବେଶୀ ଖରା ।
ଖରାଦିନେ ଖରାବେଳେ ବହୁତ ବେଶୀ ଖରା ।
କିଛି ଖରାଦିନେ ବହୁତ ବେଶୀ ଖରା ।
ଆମର କିଛି ଖରାଦିନେ ଖରାବେଳେ ବହୁତ ବେଶୀ ଖରା ।

ବହେ ।
ପବନ ବହେ ।
ଥଣ୍ଡା ପବନ ବହେ ।
ସନ୍ଧ୍ୟାବେଳକୁ ବହେ ।
ସନ୍ଧ୍ୟାବେଳକୁ ପବନ ବହେ ।
ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହେ ।

ଲାଗେ ।
ଭଲ ଲାଗେ ।
ଭାରି ଭଲ ଲାଗେ ।
ସନ୍ଧ୍ୟାବେଳକୁ ଭଲ ଲାଗେ ।
ଭୁବନେଶ୍ୱରରେ ଭଲ ଲାଗେ ।
ଭୁବନେଶ୍ୱରରେ ଭାରି ଭଲ ଲାଗେ ।
ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗେ ।

ଭଲ ଲାଗେ ।
ବୁଲିବାକୁ ଭଲ ଲାଗେ ।
ଖୋଲା ଜାଗାରେ ଭଲ ଲାଗେ ।
ସନ୍ଧ୍ୟାବେଳେ ବୁଲିବାକୁ ଭଲ ଲାଗେ ।
ସନ୍ଧ୍ୟାବେଳେ ଖୋଲାଜାଗାରେ ବୁଲିବାକୁ ଭଲ ଲାଗେ ।
ହଁ, ସନ୍ଧ୍ୟାବେଳେ ଖୋଲାଜାଗାରେ ବୁଲିବାକୁ ଭଲ ଲାଗେ ।

ହୁଏ ?
ସନ୍ଧ୍ୟାହୁଏ ?
କେତେବେଳେ ସନ୍ଧ୍ୟାହୁଏ ?
ଏଠି କେତେବେଳେ ସନ୍ଧ୍ୟା ହୁଏ ?
ଖରାଦିନେ କେତେବେଳେ ସନ୍ଧ୍ୟା ହୁଏ ?
ଖରାଦିନେ ଏଠି କେତେବେଳେ ସନ୍ଧ୍ୟା ହୁଏ ?

ହୁଏ ।
ଡେରିରେ ହୁଏ ।
ଏଠି ଡେରିରେ ସନ୍ଧ୍ୟା ହୁଏ ।
ଖରାଦିନେ ଏଠି ଡେରିରେ ସନ୍ଧ୍ୟାହୁଏ ।

ବେଳକୁ ।
ସାତଟା ବେଳକୁ ।
ପ୍ରାୟ ସାତଟା ବେଳକୁ ।

ଛୋଟ ।
ରାତି ଛୋଟ ।
ଦିନ ବଡ଼ ଆଉ ରାତି ଛୋଟ ।
ଖରାଦିନେ ଦିନ ବଡ଼ ଆଉ ରାତି ଛୋଟ ।
ଆମର ଖରାଦିନେ ଦିନ ବଡ଼ ଆଉ ରାତି ଛୋଟ ।

ଯାଅ ?
ବୁଲିବାକୁ ଯାଅ ?
ସନ୍ଧ୍ୟାବେଳେ ଯାଅ ?
ସନ୍ଧ୍ୟାବେଳେ ବୁଲିବାକୁ ଯାଅ ?
ଖରାଦିନେ ଯାଅ ?
ଖରାଦିନେ ବୁଲିବାକୁ ଯାଅ ?
କଣ ଯାଅ ?
କଣ ବୁଲିବାକୁ ଯାଅ ?
କଣ ଖରାଦିନେ ଯାଅ ?
ତୁମେ କଣ ଖରାଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଅ ?
ଆଜ୍ଞା, ତୁମେ କଣ ଖରାଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଅ ?

Digitized by srujanika@gmail.com

ଯାଉ ।
ବୁଲିବାକୁ ଯାଉ ।
ସନ୍ଧ୍ୟାରେ ଯାଉ ।
ସନ୍ଧ୍ୟାରେ ବୁଲିବାକୁ ଯାଉ ।
ପ୍ରତିଦିନ ଯାଉ ।
ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଉ ।
ସାଙ୍ଗମାନେ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଉ ।
ହଁ, ଆମେ ସାଙ୍ଗମାନେ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଉ ।

II Substitution drill

(a) ଖରାଦିନେ ଭୁବନେଶ୍ୱରରେ ଖୁବ୍ ଖରା ହୁଏ ।

ହେଲା	ଖରାଦିନେ ଭୁବନେଶ୍ୱରରେ ଖୁବ୍ ଖରା ହେଲା ।
ହେବ	ଖରାଦିନେ ଭୁବନେଶ୍ୱରରେ ଖୁବ୍ ଖରା ହେବ ।
ସମ୍ବଲପୁରରେ	ଖରାଦିନେ ସମ୍ବଲପୁରରେ ଖୁବ୍ ଖରା ହୁଏ ।
ରାଉରକେଲାରେ	ଖରାଦିନେ ରାଉରକେଲାରେ ଖୁବ୍ ଖରା ହୁଏ ।
ଓଡ଼ିଶାରେ	ଖରାଦିନେ ଓଡ଼ିଶାରେ ଖୁବ୍ ଖରା ହୁଏ ।

(b) ତୁମ ଦେଶରେ ବେଶୀ ଖରା ହୁଏ ?

ହେଲା	ତୁମ ଦେଶରେ କଣ ବେଶୀ ଖରା ହେଲା ?
ହେବ	ତୁମ ଦେଶରେ କଣ ବେଶୀ ଖରା ହେବ ?
ରାଜ୍ୟରେ	ତୁମ ରାଜ୍ୟରେ କଣ ବେଶୀ ଖରା ହୁଏ ?
ଜାଗାରେ	ତୁମ ଜାଗାରେ କଣ ବେଶୀ ଖରା ହୁଏ ?

(c) ସେଠି ଖରାଦିନେ ବି ଥଣ୍ଡା ।

ଏଠି	ଏଠି ଖରାଦିନେ ବି ଥଣ୍ଡା ।
ଆମ ଦେଶଠି	ଆମ ଦେଶଠି ଖରାଦିନେ ବି ଥଣ୍ଡା ।
ବର୍ଷାଦିନେ	ସେଠି ବର୍ଷାଦିନେ ବି ଥଣ୍ଡା ।
ଶୀତଦିନେ	ସେଠି ଶୀତଦିନେ ବି ଥଣ୍ଡା ।
ଗରମଦିନେ	ସେଠି ଗରମଦିନେ ବି ଥଣ୍ଡା ।

(d) ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହେ ।

ଖରାବେଳକୁ	ଖରାବେଳକୁ ଥଣ୍ଡା ପବନ ବହେ ।
ଦିପହରବେଳକୁ	ଦିପହରବେଳକୁ ଥଣ୍ଡା ପବନ ବହେ ।

Digitized by srujanika@gmail.com

ଛଟା ବେଳକୁ	ଛଟାବେଳକୁ ଥଣ୍ଡା ପବନ ବହେ ।
ବାରଟାବେଳକୁ	ବାରଟାବେଳକୁ ଥଣ୍ଡା ପବନ ବହେ ।
ଦୁଇଟା ବେଳକୁ	ଦୁଇଟାବେଳକୁ ଥଣ୍ଡା ପବନ ବହେ ।
ଗରମ	ସନ୍ଧ୍ୟାବେଳକୁ ଗରମ ପବନ ବହେ ।
ଉଷ୍ଣମ	ସନ୍ଧ୍ୟାବେଳକୁ ଉଷ୍ଣମ ପବନ ବହେ ।
ଝଡ଼	ସନ୍ଧ୍ୟାବେଳକୁ ଝଡ଼ (ପବନ) ବହେ ।
ବତାସ	ସନ୍ଧ୍ୟାବେଳକୁ ବତାସ ପବନ ବହେ ।
ଝାଞ୍ଜି	ସନ୍ଧ୍ୟାବେଳକୁ ଝାଞ୍ଜି ପବନ ବହେ ।

(e) ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଘରି ଭଲ ଲଗେ ।

ସକାଳେ	ଭୁବନେଶ୍ୱରରେ ସକାଳେ ଘରି ଭଲ ଲଗେ ।
ଖରବେଳେ	ଭୁବନେଶ୍ୱରରେ ଖରବେଳେ ଘରି ଭଲ ଲଗେ ।
ଦୁଇପହରବେଳେ	ଭୁବନେଶ୍ୱରରେ ଦୁଇପହରବେଳେ ଘରି ଭଲ ଲଗେ ।

(f) ଖରଦିନେ ଏଠି କେତେବେଳେ ସନ୍ଧ୍ୟା ହୁଏ ?

ଭୋର	ଖରଦିନେ ଏଠି କେତେବେଳେ ଭୋର ହୁଏ ?
ସକାଳ	ଖରଦିନେ ଏଠି କେତେବେଳେ ସକାଳ ହୁଏ ?
ସଞ୍ଜ	ଖରଦିନେ ଏଠି କେତେବେଳେ ସଞ୍ଜ ହୁଏ ?
ରାତି	ଖରଦିନେ ଏଠି କେତେବେଳେ ରାତି ହୁଏ ?
ହେଲା	ଖରଦିନେ ଏଠି କେତେବେଳେ ରାତି ହେଲା ?
ହେବ	ଖରଦିନେ ଏଠି କେତେବେଳେ ରାତି ହେବ ?
ବର୍ଷାଦିନେ	ବର୍ଷାଦିନେ ଏଠି କେତେବେଳେ ସନ୍ଧ୍ୟା ହୁଏ ?
ଶୀତଦିନେ	ଶୀତଦିନେ ଏଠି କେତେବେଳେ ସନ୍ଧ୍ୟା ହୁଏ ?
ଗରମଦିନେ	ଗରମଦିନେ ଏଠି କେତେବେଳେ ସନ୍ଧ୍ୟା ହୁଏ ?

III Substitution-Agreement drill

(a) ତୁମେ କଣ ଖରଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଅ ?

ତୁ	ତୁ କଣ ଖରଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଉ ?
ଆପଣ	ଆପଣ କଣ ଖରଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଆନ୍ତି ?
ମୁଁ	ମୁଁ କଣ ଖରଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଏ ?
ଆମେ	ଆମେ କଣ ଖରଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଉ ?

Digitized by srujanika@gmail.com

ସେ *fam.*	ସେ କଣ ଖରଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଏ ?
ସେ *hon.*	ସେ କଣ ଖରଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଆନ୍ତି ?
ସେମାନେ	ସେମାନେ କଣ ଖରଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଆନ୍ତି ?

(b) ଆମେ ସାଙ୍ଗ ହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଉ ।

ଯାଏ	ମୁଁ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଏ ।
ଯାଉ	ତୁ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଉ ।
ଯାଆନ୍ତି	ଆପଣ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଆନ୍ତି ।
ଯାଅ	ତୁମେ/ତୁମେସବୁ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଅ ।
ଯାଆନ୍ତି	ସେ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଆନ୍ତି ।
ଯାଏ	ସେ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଏ ।
ଯାଆନ୍ତି	ସେମାନେ ସାଙ୍ଗହୋଇ ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଆନ୍ତି ।

IV Transformation drill

1. Transformation into negative—

(i) (a) ଖରଦିନେ ଭୁବନେଶ୍ୱରରେ ଖୁବ୍ ଖରା ହୁଏ ।
ଖରଦିନେ ଭୁବନେଶ୍ୱରରେ ଖୁବ୍ ଖରା ହୁଏନି ।

(b) ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହେ ।
ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହେନି ।

(c) ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଖରି ଭଲ ଲାଗେ ।
ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭଲ ଲାଗେନି ।

(d) ସନ୍ଧ୍ୟାବେଳେ ଖୋଲା ଜାଗାରେ ବୁଲିବାକୁ ଭଲ ଲାଗେ ।
ସନ୍ଧ୍ୟାବେଳେ ଖୋଲା ଜାଗାରେ ବୁଲିବାକୁ ଭଲ ଲାଗେନି ।

(e) ଖରଦିନେ ଏଠି ଡେରିରେ ସନ୍ଧ୍ୟା ହୁଏ ।
ଖରଦିନେ ଏଠି ଡେରିରେ ସନ୍ଧ୍ୟା ହୁଏନି ।

Digitized by srujanika@gmail.com

(ii) (a) ସେଠି ଖରାଦିନେ ବି ଥଣ୍ଡା ।
ସେଠି ଖରାଦିନେ ବି ଥଣ୍ଡା ନୁହଁ ।

(b) ଆମର ଖରାଦିନେ ଦିନ ବଡ଼ ଆଉ ରାତି ଛୋଟ ।
ଆମର ଖରାଦିନେ ଦିନ ବଡ଼ ରାତି ଛୋଟ ନୁହଁ ।

2. Transformation into interrogative-negative—

(a) ତୁମ ଦେଶରେ ବେଶୀ ଖରା ହୁଏ ?
ତୁମ ଦେଶରେ କଣ ବେଶୀ ଖରା ହୁଏନି ?

(b) ତୁମେ କଣ ଖରାଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଅ ?
ତୁମେ କଣ ଖରାଦିନେ ସନ୍ଧ୍ୟାବେଳେ ବୁଲିବାକୁ ଯାଅନି ?

(c) ଆପଣ କଣ ଅତି ସକାଳୁ ଉଠନ୍ତି ?
ଆପଣ କଣ ଅତି ସକାଳୁ ଉଠନ୍ତିନି ?

3. Transformation of the habitual simple present tense verbs into simple past, simple future and present continuous—

(a) ଖରାଦିନେ ଭୁବନେଶ୍ୱରରେ ଖୁବ୍ ଖରା ହୁଏ ।
ଖରାଦିନେ ଭୁବନେଶ୍ୱରରେ ଖୁବ୍ ଖରା ହେଲା । (simple past)
ଖରାଦିନେ ଭୁବନେଶ୍ୱରରେ ଖୁବ୍ ଖରା ହେବ । (simple future)
ଖରାଦିନେ ଭୁବନେଶ୍ୱରରେ ଖୁବ୍ ଖରା ହେଉଛି । (present continuous)

(b) ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହେ ।
ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହିଲା । (simple past)
ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହିବ । (simple future)
ସନ୍ଧ୍ୟାବେଳକୁ ଥଣ୍ଡା ପବନ ବହୁଛି । (present continuous)

(c) ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗେ ।
ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗିଲା । (simple past)
ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗିବ । (simple future)
ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗୁଛି । (present continuous)

(d) ତୁମ ଦେଶରେ କଣ ବେଶୀ ଖରା ହୁଏ ?
ତୁମ ଦେଶରେ କଣ ବେଶୀ ଖରା ହେଲା ? (simple past)

Digitized by srujanika@gmail.com

ତୁମ ଦେଶରେ କଣ ବେଶୀ ଖର ହେବ ? (simple future)

ତୁମ ଦେଶରେ କଣ ବେଶୀ ଖର ହେଉଛି ? (present continuous)

(e) ଖରଦିନେ ଏଠି କେତେବେଳେ ସନ୍ଧ୍ୟା ହୁଏ ?

ଖରଦିନେ ଏଠି କେତେବେଳେ ସନ୍ଧ୍ୟା ହେବ ? (simple future)

ଖରଦିନେ ଏଠି କେତେବେଳେ ସନ୍ଧ୍ୟା ହେଉଛି ? (present continuous)

Note : Simple past is not possible in this construction.

V Response drill

1. The following answers are both in affirmative and negative.

(a) ଭୁବନେଶ୍ୱରରେ କଣ ବେଶୀ ଖର ହୁଏ ?

ହଁ, ଭୁବନେଶ୍ୱରରେ ବେଶୀ ଖର ହୁଏ ।

ନା, ଭୁବନେଶ୍ୱରରେ ବେଶୀ ଖର ହୁଏନି ।

(b) ତୁମେ କଣ ସନ୍ଧ୍ୟାବେଳେ ବୁଲିବାକୁ ଯାଅ ?

ହଁ, ମୁଁ ସନ୍ଧ୍ୟାବେଳେ ବୁଲିବାକୁ ଯାଏ ।

ନା, ମୁଁ ସନ୍ଧ୍ୟାବେଳେ ବୁଲିବାକୁ ଯାଏନି ।

(c) ସେ କଣ ଅତି ସକାଳୁ ଉଠେ ?

ହଁ, ସେ ଅତି ସକାଳୁ ଉଠେ ।

ନା, ସେ ଅତି ସକାଳୁ ଉଠେନି ।

2. Note the following answers.

(a) ଖରଦିନେ ଏଠି କେତେବେଳେ ସନ୍ଧ୍ୟା ହୁଏ ?

ଖରଦିନେ ଏଠି ଡେରିରେ ସନ୍ଧ୍ୟା ହୁଏ ।

(b) ତୁମେ କେତେବେଳେ ବୁଲିବାକୁ ଯାଅ ?

ଆମେ ଘରିଟାବେଳେ ବୁଲିବାକୁ ଯାଉ ।

(c) ସେମାନେ ସକାଳେ କେତେବେଳେ ଉଠନ୍ତି ?

ସେମାନେ ସକାଳେ ଛଅଟାବେଳେ ଉଠନ୍ତି ।

Digitized by srujanika@gmail.com

Exercises

1. Substitute the word in the subject place of the given basic sentence using the words given in the brackets and make corresponding changes in the verbs :

   Basic sentence : ସେମାନେ ଏଇ ଘରେ ରହନ୍ତି ।

   (ମୁଁ, ଆମେ, ତୁ , ତୁମେ, ଆପଣ, ସେ *fam.*, ସେ *hon.*, ସେମାନେ, ବନ୍ଧୁମାନେ)

2. Fill up the blanks choosing the most appropriate verb from among those given in the brackets :

   (a) ତୁମେ ପ୍ରତିଦିନ ବୁଲିବାକୁ.................... । (ଖାଅ, ବସ, ଯାଅ)
   (b) ସେ ସେଣ୍ଟରରେ କାମ........................ । (ରହେ, କରେ, ପଢ଼େ)
   (c) ସେମାନେ ଖବର କାଗଜ.................... । (କରନ୍ତି, ଲେଖନ୍ତି, ରଖନ୍ତି)
   (d) ଆମେ ପ୍ରତିଦିନ କଲେଜକୁ.............. । (ଦେଖ, ଆସୁ, ପଢୁ)
   (e) ତୁମେ ମିଠା.................... । (ବସ, ହସ, ଖାଅ)

3. Fill up the blanks as per instruction using the necessary simple past or simple present or simple future tense form of the verbs given in the brackets :

   (a) ସୂର୍ଯ୍ୟ ପୂର୍ବ ଦିଗରେ..............। (ଉଇଁବା) (simple present)
   (b) ସେ ପ୍ରତିଦିନ ୧୦ଟା ବେଳେ ସ୍କୁଲ..............। (ଯିବା) (-do-)
   (c) ତୁ ଗତକାଲି ସିନେମା... ....? (ଯିବା) (simple past)
   (d) ତୁ କଣ କାଲି କଲେଜ..............? (ଆସିବା) (simple future)
   (e) ସେମାନେ ସବୁବେଳେ ଏ କାମ..............ନାହିଁ । (କରିବା) (-do-)
   (f) ମୁଁ କାଲି କଟକରେ..............ନାହିଁ । (ରହିବା) (simple past)
   (g) ତୁମର ଏ କଥା କହିବା ଠିକ..............ନାହିଁ । (ହେବା) (-do-)
   (h) ତାଙ୍କୁ ମୁଁ ସର୍ବଦା ସାହାଯ୍ୟ..... ....। (କରିବା) (simple present)
   (i) ଈଶ୍ୱର ତୁମ ପ୍ରତି ସହାୟ..............। (ହେବା) (simple future)
   (j) ଆପଣମାନେ ମନ ଦେଇ ପାଠ..............। (ପଢ଼ିବା) (-do-)

4. Answer the following :

   (a) ତୁମେ କେତେଟାବେଳେ କଲେଜ ଯାଅ ?
   (b) ସେ କେତେବେଳେ ବିଛଣାରୁ ଉଠେ ?

Digitized by srujanika@gmail.com

(c) ତୁ କାଲି ସୁନ୍ଦରଗଡ଼ ଯିବୁ କି ?
(d) ତାଙ୍କୁ କଣ ସନ୍ଧ୍ୟାବେଳେ ବୁଲିବାକୁ ଭଲ ଲାଗେ ?
(e) ଏଠି କଣ ଶୀତ ଦିନେ ଥଣ୍ଡା ବେଶୀ ?
(f) ଖରାଦିନେ କଣ ଏଠି ଦିନ ଛୋଟ ?

5. Make sentences using the following words :

ସଞ୍ଜ, ଜହ୍ନ, ଶୀତ, ଖରା, ଡେରି, ଥଣ୍ଡା, ଦିନ, ରାତି

Grammatical Note

1. (i) In this type of habitual passive like construction the verb is regulated by the object instead of the subject of the construction. In such type of sentence the following base of the pronoun with necessary post-position is used in the subject place. See the following examples –

ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଥଣ୍ଡା ପବନ ବହେ ।	The cold wind blows in the evening at Bhubaneswar.
ଆମର ଏଠି ଖରାଦିନେ ଖୁବ୍ ଖରା ହୁଏ ।	It is quite hot in the summer here.
ମତେ ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗେ ।	I feel very pleasant in the evening at Bhubaneswar.

ଆମକୁ ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗେ ।
ତତେ ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗେ ।
ତୁମକୁ ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗେ ।
ଆପଣଙ୍କୁ ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗେ ।
ତାଙ୍କୁ ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗେ ।
ସେମାନଙ୍କୁ ଭୁବନେଶ୍ୱରରେ ସନ୍ଧ୍ୟାବେଳେ ଭାରି ଭଲ ଲାଗେ ।

Note : The verb does not change by changing the subject (pronoun base + post position) in the subject place.

Digitized by srujanika@gmail.com

(ii) -ଥନ୍ତି or -ଆନ୍ତି is the suffix for plural, and honorific singular and plural, in simple present tense.

ବସନ୍ତି, ହସନ୍ତି etc.	(they) sit, (they) laugh.
ଯାଆନ୍ତି, ଖାଆନ୍ତି etc.	(they) go, (they) eat.

(iii) -ଅ is the suffix for 2nd person polite singular in simple present tense.

ଯାଅ, ଆସ, ବସ etc.

As in Oriya ଆ, ଅ construction is not preferred. ଯାଅ becomes ଯା and ଖାଅ becomes ଖା etc. in spoken language.

2. The post-position ରେ at times becomes ଏ with the final letter of the words like :

ବର୍ଷା ଦିନରେ/ ବର୍ଷାଦିନେ
ଖରା ବେଳରେ/ଖରାବେଳେ
ସକାଳରେ/ସକାଳେ
ସନ୍ଧ୍ୟାବେଳରେ/ସନ୍ଧ୍ୟାବେଳେ

3. There is difference between କେତେଟାବେଳେ and କେତେବେଳେ in use. କେତେଟାବେଳେ refers to specific hour of the time where as କେତେବେଳେ refers to time which may or may not be specific. (Also see the previous lesson for this use).

Cultural Note

1. Even if we have six seasons in a year, we actually experience three seasons. These are, ଖରା, ବର୍ଷା, ଶୀତ.

2. Each month has two *pakhyas*, Shukla *pakhya* (the bright fortnight) and Krishna *pakhya* (the dark fortnight), following the increase and decrease of the moon.

Digitized by srujanika@gmail.com

3. The seasons of the year as given in the Oriya calendar are as follows :

ଗ୍ରୀଷ୍ମ ଋତୁ	The summer season	ଖର ମାସ — ବୈଶାଖ, ଜ୍ୟେଷ୍ଠ
ବର୍ଷା ଋତୁ	The rainy season	ବର୍ଷା ମାସ — ଆଷାଢ଼, ଶ୍ରାବଣ
ଶରତ ଋତୁ	The autumn season	ଶରତ ସମୟ— ଭଦ୍ର, ଆଶ୍ୱିନ/ଅଶିଣ
ହେମନ୍ତ ଋତୁ	The autumn season	ଶିଶିର ସମୟ— କାର୍ତ୍ତିକ, ମାର୍ଗଶୀର/ମଗୁଶିର
ଶୀତ ଋତୁ	The winter season	ଶୀତ ମାସ— ପୁଷ/ପୌଷ, ମାଘ
ବସନ୍ତ ଋତୁ	The spring season	ବସନ୍ତ ସମୟ—ଚୈତ୍ର/ଚଇତ, ଫାଲ୍‌ଗୁନ/ଫଗୁଣ

Learn Numerals

୭୧	ଏକସ୍ତରୀ
୭୨	ବାସ୍ତରୀ
୭୩	ତେସ୍ତରୀ
୭୪	ଚଉସ୍ତରୀ
୭୫	ପଞ୍ଚସ୍ତରୀ
୭୬	ଛସ୍ତରୀ
୭୭	ସତସ୍ତରୀ
୭୮	ଅଠସ୍ତରୀ
୭୯	ଅଣାଅଶୀ
୮୦	ଅଶୀ

Digitized by srujanika@gmail.com

ବାରମାସ

ଗ୍ରୀଷ୍ମେ ବୈଶାଖ, ଜ୍ୟେଷ୍ଠ ମାସ,
ପ୍ରଚଣ୍ଡ ରୌଦ୍ର ପରକାଶ ।
ବର୍ଷାରେ ଆଷାଢ଼, ଶ୍ରାବଣ,
ମେଘ ବରଷେ ଘନ ଘନ ।
ଭାଦ୍ର, ଆଶ୍ୱିନ, ଶରତରେ,
ନିର୍ମଳ ଶୋଭା ଜଗତରେ ।
ହିମେ କାର୍ତ୍ତିକ, ମାର୍ଗଶିର,
ଗଚିରେ ପଡ଼ଇ ଶିଶିର ।
ଶୀତରେ ପୌଷ, ମାଘ ମାସ,
ଦେହରେ ରକ୍ଷ ଶୀତ ବାସ ।
ଫାଲ୍‌ଗୁନ, ଚୈତ୍ର, ବସନ୍ତରେ,
ମୃଦୁ ମଳୟ ମନ ହରେ ।
ବାରମାସର କଥା ଏହି,
ଶୁଣ ବାଳକେ ମନ ଦେଇ ।

ମଧୁସୂଦନ ରାଓ (୧୮୫୩-୧୯୧୨)

Digitized by srujanika@gmail.com

UNIT I

LESSON 14

Posting a Letter

ଚିଠି ପକାଇବା

ସ୍ୱାମୀ : କ'ଣ ହେଲା ?	Husband : What has happened?
ସ୍ତ୍ରୀ : କ'ଣ ଆଉ ହେବ ? ତମେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲ ?	Wife : What else ? You have forgotten to post the letter ?
ସ୍ୱାମୀ : ଆରେ ନା, ମୁଁ ଭୁଲିନି । ଆଜି ତ ରବିବାର, ଡାକଘର ବନ୍ଦ । କାଲି ଚିଠିଟା ଡାକଘରେ ପକାଇ ଦେବି ।	Husband Oh no, I haven't forgotten. Today is Sunday, and the post office is closed. I will post the letter tomorrow.
ସ୍ତ୍ରୀ : ଆଚ୍ଛା, ତାହେଲେ ପୋଷ୍ଟ ଅଫିସରୁ ଆଉ ଦୁଇଟା ଲଫାପା ଓ ଦୁଇଟା କାର୍ଡ ଆଣିବ ।	Wife : Then please get two more envelops and two more post cards from the post-office.
ସ୍ୱାମୀ : ତମେ ଏତେ ଚିଠି କାହା ପାଖକୁ ଲେଖିବ କି ?	Husband : Whom do you write so many letters ?
ସ୍ତ୍ରୀ : କାହିଁକି ? ବୋଉ ପାଖକୁ ଖଣ୍ଡେ ଦେବି, ଆଉ ଦୁଇଖଣ୍ଡ ଗୀତୁ ମିତୁଙ୍କ ପାଖକୁ ପଠେଇବି । ସେମାନେ ଏଥର ଏକ୍ସ-କରସନରେ ବମ୍ବେ ଯିବେ ।	Wife : Why ? I will write one to my mother, and the other two I will send to Gitu and Mitu. They would be going to Bombay on excursion this time.
ସ୍ୱାମୀ : ସେମାନେ କେବେ ଯିବେ ?	Husband : When will they go ?

Digitized by srujanika@gmail.com

ସ୍ତ୍ରୀ : ସେମାନେ ଆର ମାସକୁ ଯିବେ । କାହିଁକି ପଚାରୁଛ ? ତମେ ଟଙ୍କା ମନି-ଅର୍ଡ଼ର କରିବ କି ?

Wife : They would be going next month. Why do you ask? Would you be sending a money order ?

ସ୍ୱାମୀ : ହଁ ।

Husband : Yes.

ସ୍ତ୍ରୀ : ହଉ, କାଲି ମନେକରି କିନ୍ତୁ ଚିଠିଟା ପକେଇବ । ଇଫାପା ଆଉ କାର୍ଡ଼ ବି ଆଣିବ ।

Wife : Alright. But please remember to post the letter tomorrow. Also bring envelops and post cards .

Variation

A : ଟିକେ ଦେଖିବେ, ଏ ଚିଠିଟି କାହାର ?

A : Please see, whose letter is this?

B : ଏ ଚିଠି ତ ରାମବାବୁଙ୍କର । ରାମବାବୁଙ୍କ ଘରେ ଚିଠି ଦେଲନି ?

B : This letter is Ramababu's. Why didn't you give the letter at Ramababu's house ?

A : ଆଜ୍ଞା ଯାଉଛି ଦେବି ।

A : Yes, I am going to give.

B : ତମେ ଏଠାକୁ ନୂଆ ଆସିଛ କି ?

B : Are you new to this place ?

A : ହଁ, ମୁଁ ଏଠାର ନୂଆ ପୋଷ୍ଟମ୍ୟାନ । ଆଜ୍ଞା, ତାଙ୍କର ଗୋଟିଏ ଟେଲିଗ୍ରାମ ବି ଅଛି ।

A : Yes, I am the new post-man here. Well, he has a telegram also.

Vocabulary

ଆଉ	more/and	କାହାର	whose
ଆଣିବା	to bring	କିନ୍ତୁ	but
ଆର ସପ୍ତାହ	next week	କେବେ	when
ଏତେ	so many	ଖଣ୍ଡେ ଚିଠି	a letter
ଏଥର	this time	ଚିଠିଟା	the letter
କାର୍ଡ଼	post card	ଟେଲିଗ୍ରାମ	telegram
କାହା ପାଖକୁ	to whom	ଡାକଘର	post office

Digitized by srujanika@gmail.com

ତାହେଲେ	then	ପଠେଇବା	to send
ଦୁଇଖଣ୍ଡ	two (pieces)	ପୋଷ୍ଟ କରିବାକୁ	to post
ଦେବା	to give	ବନ୍ଦ	(is) closed
(ଚିଠି) ପକାଇବା	to drop (the letter)	ବୋଉ	mother
ପଚାରିବା	to ask	ଭୁଲିଯିବା	to forget
		ମନେକରି	remembering/ not forgetting

Drills

I. Build up drill

ହେଲା ?
କ'ଣ ହେଲା ?

ଭୁଲିନି ।
ମୁଁ ଭୁଲିନି ।
ନା, ମୁଁ ଭୁଲିନି ।
ଆରେ, ମୁଁ ଭୁଲିନି ।
ଆରେ ନା, ମୁଁ ଭୁଲିନି ।

ହେବ ?
ଆଉ ହେବ ?
କ'ଣ ହେବ ?
କ'ଣ ଆଉ ହେବ ?

ବନ୍ଦ ।
ଡାକଘର ବନ୍ଦ ।
ରବିବାର ଡାକଘର ବନ୍ଦ ।
ଆଜିତ ରବିବାର ।
ଆଜି ତ ଡାକଘର ବନ୍ଦ ।
ଆଜି ତ ରବିବାର, ଡାକଘର ବନ୍ଦ ।

ଭୁଲିଗଲ ?
କରିବାକୁ ଭୁଲିଗଲ ?
ପୋଷ୍ଟ କରିବାକୁ ଭୁଲିଗଲ ?
ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲ ?
ତମେ ଭୁଲିଗଲ ?
ତମେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲ ?

ଦେବି ।
ପକାଇ ଦେବି ।
ଡାକଘରେ ପକାଇ ଦେବି ।
କାଲି ଦେବି ।
କାଲି ପକାଇ ଦେବି ।
କାଲି ଡାକଘରେ ପକାଇ ଦେବି ।

Digitized by srujanika@gmail.com

ଆଣିବ ।

କାର୍ଡ ଆଣିବ ।

ଦୁଇଟା କାର୍ଡ ଆଣିବ ।

ଦୁଇଟା ଲଫାପା ଆଣିବ ।

ଆଉ ଦୁଇଟା ଲଫାପା ଆଣିବ ।

ଦୁଇଟା ଲଫାପା ଓ ଦୁଇଟା କାର୍ଡ ଆଣିବ ।

ପୋଷ୍ଟ ଅଫିସରୁ ଆଉ ଦୁଇଟା ଲଫାପା ଓ ଦୁଇଟା କାର୍ଡ ଆଣିବ ।

ତାହେଲେ ଦୁଇଟା କାର୍ଡ ଆଣିବ ।

ତାହେଲେ ଆଉ ଦୁଇଟା ଲଫାପା ଓ ଦୁଇଟା କାର୍ଡ ଆଣିବ ।

ତାହେଲେ ପୋଷ୍ଟ ଅଫିସରୁ ଆଉ ଦୁଇଟା ଲଫାପା ଓ ଦୁଇଟା କାର୍ଡ ଆଣିବ ।

ଆଚ୍ଛା, ତାହେଲେ ପୋଷ୍ଟ ଅଫିସରୁ ଆଉ ଦୁଇଟା ଲଫାପା ଓ ଦୁଇଟା କାର୍ଡ ଆଣିବ ।

ଲେଖିବ କି ?

କାହା ପାଖକୁ ଲେଖିବ କି ?

ଚିଠି ଲେଖିବ କି ?

ଚିଠି କାହା ପାଖକୁ ଲେଖିବ କି ?

ଏତେ ଚିଠି କାହା ପାଖକୁ ଲେଖିବ କି ?

ତମେ କାହା ପାଖକୁ ଲେଖିବ କି ?

ତମେ ଚିଠି କାହା ପାଖକୁ ଲେଖିବ କି ?

ତମେ ଏତେ ଚିଠି କାହା ପାଖକୁ ଲେଖିବ କି ?

ପଠେଇବି ।

ପାଖକୁ ପଠେଇବି ।

ଗୀତୁ ପାଖକୁ ପଠେଇବି ।

ମିତୁ ପାଖକୁ ପଠେଇବି ।

ଗୀତୁମିତୁଙ୍କ ପାଖକୁ ପଠେଇବି ।

ଆଉ ଦୁଇଖଣ୍ଡ ଗୀତୁମିତୁଙ୍କ ପାଖକୁ ପଠେଇବି ।

ବୋଉ ପାଖକୁ ଖଣ୍ଡେ ଦେବି, ଆଉ ଦୁଇଖଣ୍ଡ ଗୀତୁମିତୁଙ୍କ ପାଖକୁ ପଠେଇବି ।

ଯିବେ ।

ଏକ୍ସକରସନରେ ଯିବେ ।

ବମ୍ବେକୁ ଏକ୍ସକରସନରେ ଯିବେ ।

ବୋଧେ ଏଥର ବମ୍ବେକୁ ଏକ୍ସକରସନରେ ଯିବେ ।

Digitized by srujanika@gmail.com

ସେମାନେ ଯିବେ ।
ସେମାନେ ଏକ୍ସକରସନରେ ଯିବେ ।
ସେମାନେ ବମ୍ବେକୁ ଏକ୍ସକରସନରେ ଯିବେ ।
ସେମାନେ ଏଥର ବମ୍ବେକୁ ଏକ୍ସକରସନରେ ଯିବେ ।

ଯିବେ ।
କେବେ ଯିବେ ?
ସେମାନେ ଯିବେ ।
ସେମାନେ କେବେ ଯିବେ ?

କରିବ କି ?
ମନିଅର୍ଡର କରିବକି ?
ଟଙ୍କା ମନିଅର୍ଡର କରିବ କି ?
ତମେ କରିବ କି ?
ତମେ ମନିଅର୍ଡର କରିବକି ?
ତମେ ଟଙ୍କା ମନିଅର୍ଡର କରିବ କି ?

ଯିବେ ।
ଆର ମାସରେ ଯିବେ ।
ସେମାନେ ଆର ମାସରେ ଯିବେ ।

ପକେଇବ ।
ଚିଠିଟା ପକେଇବ ।
କିନ୍ତୁ ଚିଠିଟା ପକେଇବ ।
ମନେ କରି ପକେଇବ ।
ମନେକରି ଚିଠିଟା ପକେଇବ ।
ହଉ, କାଲି ମନେକରି କିନ୍ତୁ ଚିଠିଟା ପକେଇବ ।

ପଚାରୁଛ ?
କାହିଁକି ପଚାରୁଛ ?

ଆଣିବ ।
କାର୍ଡ ବି ଆଣିବ ।
ଆଉ କାର୍ଡ ବି ଆଣିବ ।
ଲଫାପା ଆଣିବ ।
ଲଫାପା ବି ଆଣିବ ।
ଲଫାପା ଆଉ କାର୍ଡ ବି ଆଣିବ ।

II. Substitution drill

(a) କ'ଣ ହେଲା ?

କାହିଁକି	କାହିଁକି ହେଲା ?
କୋଉଠି	କୋଉଠି ହେଲା ?
କଣ	କଣ ହେଲା ?
କିପରି	କିପରି ହେଲା ?
କେମିତି	କେମିତି ହେଲା ?

Digitized by srujanika@gmail.com

କେତେ	କେତେ ହେଲା ?
କେତେବେଳେ	କେତେବେଳେ ହେଲା ?
କେତେଟା	କେତେଟା ହେଲା ?

(b) କ'ଣ ଆଉ ହେବ ?

କଣ	କଣ ଆଉ ହେବ ?
କୋଉଠି	କୋଉଠି ଆଉ ହେବ ?
କାହିଁକି	କାହିଁକି ଆଉ ହେବ ?
କିପରି	କିପରି ଆଉ ହେବ ?
କେମିତି	କେମିତି ଆଉ ହେବ ?
କେତେ	କେତେ ଆଉ ହେବ ?
କେତେବେଳେ	କେତେବେଳେ ଆଉ ହେବ ?
କେତେଟା	କେତେଟା ଆଉ ହେବ ?

(c) ତମେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲ ?

ନେବାକୁ	ତମେ ଚିଠିଟା ନେବାକୁ ଭୁଲିଗଲ ?
ଆଣିବାକୁ	ତମେ ଚିଠିଟା ଆଣିବାକୁ ଭୁଲିଗଲ ?
ଦେବାକୁ	ତମେ ଚିଠିଟା ଦେବାକୁ ଭୁଲିଗଲ ?
ରଖିବାକୁ	ତମେ ଚିଠିଟା ରଖିବାକୁ ଭୁଲିଗଲ ?

(d) ଆରେ ନା, ମୁଁ ଭୁଲିନି ।

କରିନି	ଆରେ ନା, ମୁଁ କରିନି ।
ଦେଖିନି	ଆରେ ନା, ମୁଁ ଦେଖିନି ।
ନେଇନି	ଆରେ ନା, ମୁଁ ନେଇନି ।
ଯାଇନି	ଆରେ ନା, ମୁଁ ଯାଇନି ।

(e) ଆଜି ରବିବାର, ଡାକଘର ବନ୍ଦ ।

ସୋମବାର	ଆଜି ସୋମବାର, ଡାକଘର ବନ୍ଦ ।
ଗୁରୁବାର	ଆଜି ଗୁରୁବାର, ଡାକଘର ବନ୍ଦ ।
ଶନିବାର	ଆଜି ଶନିବାର, ଡାକଘର ବନ୍ଦ ।
ଅଗଷ୍ଟ ୧୫	ଆଜି ଅଗଷ୍ଟ ୧୫, ଡାକଘର ବନ୍ଦ ।
ଜାନୁଆରୀ ୨୬	ଆଜି ଜାନୁଆରୀ ୨୬, ଡାକଘର ବନ୍ଦ ।

Digitized by srujanika@gmail.com

ସ୍କୁଲ	ଆଜି ରବିବାର, ସ୍କୁଲ ବନ୍ଦ ।
କଲେଜ	ଆଜି ରବିବାର, କଲେଜ ବନ୍ଦ ।
ମ୍ୟୁଜିୟମ	ଆଜି ରବିବାର, ମ୍ୟୁଜିୟମ ବନ୍ଦ ।
ସେଣ୍ଟର	ଆଜି ରବିବାର, ସେଣ୍ଟର ବନ୍ଦ ।
ଭାଷାକେନ୍ଦ୍ର	ଆଜି ରବିବାର, ଭାଷାକେନ୍ଦ୍ର ବନ୍ଦ ।

(f) ପୋଷ୍ଟଅଫିସରୁ ଆଉ ଦୁଇଟା ଲଫାପା ଓ ଦୁଇଟା କାର୍ଡ ଆଣିବ ।

ତିନିଟା ଲଫାପା ଓ ପାଞ୍ଚଟା କାର୍ଡ	ପୋଷ୍ଟଅଫିସରୁ ଆଉ ତିନିଟା ଲଫାପା ଓ ପାଞ୍ଚଟା କାର୍ଡ ଆଣିବ ।
କିଛି ଇନ୍‌ଲାଣ୍ଡ ଓ ୪ଟା ମନିଅର୍ଡର ଫର୍ମ	ପୋଷ୍ଟଅଫିସରୁ ଆଉ କିଛି ଇନ୍‌ଲାଣ୍ଡ ଓ ୪ଟା ମନିଅର୍ଡର ଫର୍ମ ଆଣିବ ।

(g) ତମେ ଏବେ ଚିଠି କାହା ପାଖକୁ ଲେଖିବ କି ?

କଥା	ତମେ ଏବେ କଥା କାହା ପାଖକୁ ଲେଖିବ କି ?
ବିଷୟ	ତମେ ଏବେ ବିଷୟ କାହା ପାଖକୁ ଲେଖିବ କି ?
ଖବର	ତମେ ଏବେ ଖବର କାହା ପାଖକୁ ଲେଖିବ କି ?
ଲେଖୁଛ	ତମେ ଏବେ କଥା କାହା ପାଖକୁ ଲେଖୁଛ କି ?
ଲେଖିଲ	ତମେ ଏବେ କଥା କାହା ପାଖକୁ ଲେଖିଲ କି ?
ଲେଖିବ	ତମେ ଏବେ କଥା କାହା ପାଖକୁ ଲେଖିବ କି ?
ଏପରି	ତମେ ଏପରି ଚିଠି କାହା ପାଖକୁ ଲେଖିବ କି ?
ଏସବୁ	ତମେ ଏସବୁ ଚିଠି କାହା ପାଖକୁ ଲେଖିବ କି ?
ଏମିତି	ତମେ ଏମିତି ଚିଠି କାହା ପାଖକୁ ଲେଖିବ କି ?

(h) ବୋଉ ପାଖକୁ ଖଣ୍ଡେ ଚିଠି ଦେବି ।

ଦିଖଣ୍ଡ	ବୋଉ ପାଖକୁ ଦିଖଣ୍ଡ ଚିଠି ଦେବି ।
ତିନିଖଣ୍ଡ	ବୋଉ ପାଖକୁ ତିନିଖଣ୍ଡ ଚିଠି ଦେବି ।
ଚିଠି ଖଣ୍ଡେ	ବୋଉ ପାଖକୁ ଚିଠି ଖଣ୍ଡେ ଦେବି ।
ଚିଠି ଦିଖଣ୍ଡ	ବୋଉ ପାଖକୁ ଚିଠି ଦିଖଣ୍ଡ ଦେବି ।
ଚିଠି ତିନିଖଣ୍ଡ	ବୋଉ ପାଖକୁ ଚିଠି ତିନିଖଣ୍ଡ ଦେବି ।

(i) ସେମାନେ କେବେ ଯିବେ ?

କାହିଁକି	ସେମାନେ କାହିଁକି ଯିବେ ?
କିପରି	ସେମାନେ କିପରି ଯିବେ ?
କେମିତି	ସେମାନେ କେମିତି ଯିବେ ?

Digitized by srujanika@gmail.com

(j) ସେମାନେ ଆଉ ସପ୍ତାହରେ ଯିବେ ।

ଆଉ ମାସରେ	ସେମାନେ ଆଉ ମାସରେ ଯିବେ ।

(k) ସେମାନେ ଆଉ ଥର (କୁ) ଯିବେ ।

ଆଉ ଦିନ(କୁ)	ସେମାନେ ଆଉ ଦିନ (କୁ) ଯିବେ ।
ଆଉ ବର୍ଷ(କୁ)	ସେମାନେ ଆଉ ବର୍ଷ(କୁ) ଯିବେ ।

(l) କାଲି ମନେକରି କିଛୁ ଚିଠିଟା ପକେଇବ !

ସୁବିଧାକରି	କାଲି ସୁବିଧା କରି କିଛୁ ଚିଠିଟା ପକେଇବ ।
ଦେଖିକରି	କାଲି ଦେଖିକରି କିଛୁ ଚିଠିଟା ପକେଇବ ।
ମନେପକେଇ	କାଲି ମନେ ପକେଇ କିଛୁ ଚିଠିଟା ପକେଇବ !
କଥାଟା	କାଲି ମନେକରି କିଛୁ କଥାଟା ପକେଇବ ।
ବିଷୟଟା	କାଲି ମନେକରି କିଛୁ ବିଷୟଟା ପକେଇବ ।
ପ୍ରସଙ୍ଗଟା	କାଲି ମନେକରି କିଛୁ ପ୍ରସଙ୍ଗଟା ପକେଇବ ।

III. Substitution-Agreement drill

(a) ତମେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲ ?

ତୁ	ତୁ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲୁ ?
ଆପଣ	ଆପଣ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲେ ?
ମୁଁ	ମୁଁ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲି ?
ଆମେ	ଆମେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲୁ ?
ଆମେ (*incl.*)	ଆମେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲେ ?
ସେ (*fam.*)	ସେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲା ?
ସେ (*hon.*)	ସେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲେ ?
ସେମାନେ	ସେମାନେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲେ ?

(b) ଅରେ ନା, ମୁଁ ଭୁଲିନି ।

ଭୁଲିନୁ	ଆରେ ନା, ତୁ ଭୁଲିନୁ ।
ଭୁଲି ନାହାନ୍ତି	ଆରେ ନା, ଆପଣ ଭୁଲି ନାହାନ୍ତି ।
ଭୁଲିନୁ	ଆରେ ନା, ଆମେ ଭୁଲିନୁ ।
ଭୁଲିନେ	ଆରେ ନା, ଆମେ ଭୁଲିନେ ।
ଭୁଲିନି	ଆରେ ନା, ସେ ଭୁଲିନି ।
ଭୁଲିନାହାନ୍ତି	ଆରେ ନା, ସେ ଭୁଲିନାହାନ୍ତି ।

Digitized by srujanika@gmail.com

ଭୁଲିନାହାନ୍ତି	ଆରେ ନା, ସେମାନେ ଭୁଲିନାହାନ୍ତି ।
ଭୁଲିନ	ଆରେ ନା, ତମେ ଭୁଲିନ ।

(c) ମୁଁ କାଲି ଚିଠି ଡାକଘରେ ପକାଇଦେବି ।

ଆମେ (*excl.*)	ଆମେ କାଲି ଚିଠି ଡାକଘରେ ପକାଇ ଦେବୁ ।
ଆମେ (*incl.*)	ଆମେ କାଲି ଚିଠି ଡାକଘରେ ପକାଇ ଦେବା ।
ତୁ	ତୁ କାଲି ଚିଠି ଡାକଘରେ ପକାଇଦେବୁ ।
ତମେ/ତମେମାନେ	ତମେ କାଲି ଚିଠି ଡାକଘରେ ପକାଇଦେବ ।
ଆପଣ/ଆପଣମାନେ	ଆପଣ କାଲି ଚିଠି ଡାକଘରେ ପକାଇ ଦେବେ ।
ସେ (*fam.*)	ସେ କାଲି ଚିଠି ଡାକଘରେ ପକାଇ ଦେବ ।
ସେ (*hon.*)	ସେ କାଲି ଚିଠି ଡାକଘରେ ପକାଇ ଦେବେ ।
ସେମାନେ	ସେମାନେ କାଲି ଚିଠି ଡାକଘରେ ପକାଇ ଦେବେ ।

(d) ତମେ ଏତେ ଚିଠି କାହା ପାଖକୁ ଲେଖିବ କି ?

ଲେଖିବୁ	ତୁ ଏତେ ଚିଠି କାହା ପାଖକୁ ଲେଖିବୁ କି ?
ଲେଖିବେ	ଆପଣ ଏତେ ଚିଠି କାହା ପାଖକୁ ଲେଖିବେ କି ?
ଲେଖିବୁ	ଆମେ ଏତେ ଚିଠି କାହା ପାଖକୁ ଲେଖିବୁ କି ?
ଲେଖିବା	ଆମେ ଏତେ ଚିଠି କାହା ପାଖକୁ ଲେଖିବା କି ?
ଲେଖିବ	ସେ ଏତେ ଚିଠି କାହା ପାଖକୁ ଲେଖିବ କି ?
ଲେଖିବେ	ସେ ଏତେ ଚିଠି କାହା ପାଖକୁ ଲେଖିବେ କି ?
ଲେଖିବି	ମୁଁ ଏତେ ଚିଠି କାହା ପାଖକୁ ଲେଖିବି କି ?
ଲେଖିବେ	ସେମାନେ ଏତେ ଚିଠି କାହା ପାଖକୁ ଲେଖିବେ କି ?

(e) ସେମାନେ କେବେ ଯିବେ ?

ତୁ	ତୁ କେବେ ଯିବୁ ?
ତୁମେ/ତୁମେମାନେ	ତୁମେ କେବେ ଯିବ ?
ଆପଣ/ଆପଣମାନେ	ଆପଣ କେବେ ଯିବେ ?
ମୁଁ	ମୁଁ କେବେ ଯିବି ?
ଆମେ (*excl.*)	ଆମେ କେବେ ଯିବୁ ?
ଆମେ (*incl.*)	ଆମେ କେବେ ଯିବା ?
ସେ (*fam.*)	ସେ କେବେ ଯିବ ?
ସେ (*hon.*)	ସେ କେବେ ଯିବେ ?

Digitized by srujanika@gmail.com

IV. Transformation drill

1. Transformation into negative—

(a) କ'ଣ ହେଲ ?
କ'ଣ ହେଲ ନାହିଁ/ନି ?

(b) କ'ଣ ଆଉ ହେବ ?
କ'ଣ ଆଉ ହେବନି ?

(c) ଆଜି ତ ରବିବାର, ଡାକଘର ବନ୍ଦ ।
ଆଜି ତ ରବିବାର, ଡାକଘର ବନ୍ଦ ନୁହଁ ।

(d) ଏ ଚିଠି ତ ରମବାବୁଙ୍କର ।
ଏ ଚିଠି ତ ରମବାବୁଙ୍କର ନୁହଁ ।

(e) ସେମାନେ ବୋଧେ ଏଥର ବମ୍ବେକୁ ଏକସ୍‌ପ୍ରେସ୍‌ରେ ଯିବେ ।
ସେମାନେ ବୋଧେ ଏଥର ବମ୍ବେକୁ ଏକସ୍‌ପ୍ରେସ୍‌ରେ ଯିବେନି ।

2. Transformation of କଣ to କ'ଣ—

(a) କଣ ଖାଇବ ?
କ'ଣ ଖାଇବ ?

(b) କଣ ନବୁ ?
କ'ଣ ନବୁ ?

(c) କଣ ଦେଖିବ ?
କ'ଣ ଦେଖିବ ?

(d) କଣ ଲେଖିବା ?
କ'ଣ ଲେଖିବା ?

3. Transformation into interrogative-negative—

(a) ତମେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲ ?
ତମେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲନି ?

(b) ଆଉ ଦୁଇଟା ଲଫାପା ଓ ଦୁଇଟା କାର୍ଡ ଆଣିବ ।
ଆଉ ଦୁଇଟା ଲଫାପା ଓ ଦୁଇଟା କାର୍ଡ ଆଣିବନି ?

4. Transformation of the verb into present continuous tense—

(a) କାଲି ଚିଠି ଡାକଘରେ ପକାଇ ଦେବି ।
କାଲି ଚିଠି ଡାକଘରେ ପକାଇ ଦେଉଛି ।

Digitized by srujanika@gmail.com

(b) ବୋଉ ପାଖକୁ ଖଣ୍ଡେ ଚିଠି ଦେବି ।
ବୋଉ ପାଖକୁ ଖଣ୍ଡେ ଚିଠି ଦେଉଛି ।

(c) ସେମାନେ ଆର ସପ୍ତାହରେ ଯିବେ ।
ସେମାନେ ଆର ସପ୍ତାହରେ ଯାଉଛନ୍ତି ।

(d) ତମେ ଏତେ ଚିଠି କାହା ପାଖକୁ ଲେଖିବ କି ?
ତମେ ଏତେ ଚିଠି କାହା ପାଖକୁ ଲେଖୁଛ କି ?

(e) ସେମାନେ କେବେ ଯିବେ ?
ସେମାନେ କେବେ ଯାଉଛନ୍ତି କି ?

(f) ତମେ ଚିଠିଟା ପୋଷ୍ଟ କରିବାକୁ ଭୁଲିଗଲ ?
ତୁମେ ଚିଠିଟା ପୋଷ୍ଟ କରିବାକୁ ଭୁଲି ଯାଉଛ ?

(g) କ'ଣ ହେଲ ?
କ'ଣ ହେଉଛି ?

(h) କ'ଣ ଆଉ ହେବ ?
କ'ଣ ଆଉ ହେଉଛି ?

V. Response drill

(a) ତମେ କାହା ପାଖକୁ ଚିଠି ଲେଖୁଛ ?
ମୁଁ ବାପାଙ୍କ ପାଖକୁ ଚିଠି ଲେଖୁଛି ।

(b) କ'ଣ ହେଲ ?
କିଛି ହେଉନି ।

(c) ତମେ ବଜାର ଯିବାକୁ ଭୁଲିଗଲ ?
ନା, ମୁଁ ସନ୍ଧ୍ୟାବେଳେ ଯିବି ।

(d) ସେମାନେ କେବେ ଯିବେ ?
ସେମାନେ ଆର ରବିବାର ଯିବେ ।

(e) ସେ ଟଙ୍କା ମନିଅର୍ଡର କରିବେ କି ?
ନା, ସେ ଚିଠି ଦେବେ ।

Digitized by srujanika@gmail.com

Exercises

1. Substitute the word in the subject place of the given basic sentence with the words given in the brackets and make corresponding changes in the verb form ;

   (ତୁ, ତୁମେ, ଆପଣ, ସେ *fam*, ସେ *hon*, ସେମାନେ)

   Basic sentence ସେ କାମ କରିବାକୁ କେଉଁଠି ଗଲା ।
   ତୁମେ ମୋତେ ପ୍ରତିଦିନ ଚିଠି ଦେବ ।

2. Substitute the underlined words in the following sentences with the appropriate words as given in the brackets :

   (ଉଠୁଛି, ଯାଉଛି, ବର୍ଷିଲା, ହେବ, ଆସିଲା)

   (a) ସୂର୍ଯ୍ୟ <u>ଉଠିବାକୁ ଯାଉଛି</u> ।
   (b) ସେ ବର୍ତ୍ତମାନ ଘରକୁ <u>ଗଲା</u> ।
   (c) କାଲି ମେଘ <u>ବର୍ଷିବ</u> ।
   (d) ତୁମକୁ ସେଠାକୁ ଯିବାକୁ <u>ପଡ଼ିବ</u> ।
   (e) ଆଜି ଲାଇବ୍ରେରୀକୁ ନୂଆ ବହି ପାର୍ଶଲ <u>ଆସିଛି</u> ।

3. Fill up the blanks with the simple past tense of the verbs given in the right hand side brackets :

   (a) ମୁଁ ବର୍ତ୍ତମାନ କଲେଜରୁ........................ ।(ଫେରିବା)
   (b) ତୁମକୁ ସେ କଥା କିଏ........................ ? (କହିବା)
   (c) ସେମାନେ ହଲ୍‌ରେ ଗୋଟିଏ ସଭା.................. । (କରିବା)
   (d) କ'ଣ ତୋ କାମ........................? (ସରିବା)
   (e) ସେଠି କାହିଁକି ଏମିତି ? (ହେବା)

4. Fill up the blanks with simple future tense of the verbs given in the right hand side brackets :

   (a) ତୁମେ ତାଙ୍କ ପାଖକୁ ଖଣ୍ଡେ ଚିଠି........................ । (ଲେଖିବା)
   (b) ସେ ମନଦେଇ ପାଠ........................ ।(ପଢ଼ିବା)
   (c) ସେ କେବେଦେବେ........................? (ଯିବା)

Digitized by srujanika@gmail.com

(d) ତୁ କାହିଁକି ଏ ସବୁ..............................? (ନେବା)

(e) ତାଙ୍କ ସାଙ୍ଗରେ କିଏ........................ ? (ଖାଇବା)

5. Transform the following sentences into interrogative-negative :

(a) ତାଙ୍କର ବହି ଦରକାର ହେବ ।
(b) ସେ ଶୁକ୍ରବାର ଦିନ ଯିବ ।
(c) ସେ କ'ଣ ଖାଇଲେ ?
(d) ତୁ କଣ ସିନେମା ଦେଖିବୁ ?
(e) ସେମାନେ କାହିଁକି ରହିଲେ ?

6. Transform the underlined verbs of the following sentences into present perfect verb forms :

(a) ମାଳତୀ ଘରକୁ <u>ଯିବ</u> ।
(b) ସେ ବହୁତ ଭାତ <u>ଖାଏ</u> ।
(c) ମୋଟା ଲୋକମାନେ ଖାଇବାକୁ <u>ଆସିଲେ</u> ।
(d) ଏଠି କ'ଣ <u>ହେଉଛି</u> ?
(e) ଅନୁପମ ସାତାର <u>ବଢାଏ</u> ।

7. Answer the following :

(a) ତମର କ'ଣ ହେଉଛି ?
(b) ସବୁ ପ୍ରଶ୍ନର ଉତ୍ତର କଲ ?
(c) ସେ କେତେବେଳେ ବୁଲିବାକୁ ଯିବେ ?
(d) ସେ କାହିଁକି ଆସିଛି ?
(e) ତମେ ବାଟରେ କାହାକୁ ଦେଖିଲ ?
(f) ତମେ କେବେ ଘରକୁ ଫେରିବ ?
(g) ଆଜି ଆପଣ କାହାକୁ ଚିଠି ଦେବେ ?

8. There are five groups of words below and the words in each group, if arranged correctly, can form five meaningful sentences.

Digitized by srujanika@gmail.com

Arrange the words to form five meaningful sentences in the table given below following the model given in (a) :

(a) ସେଠିକି, କାହିଁକି, ଯିବ, ତମେ ?
(b) ବୁଧବାର, ହେବ, ଦିନ, ସଭା ।
(c) ଦେଲ, ପାଖକୁ, ତାଙ୍କ, ଚିଠି ।
(d) ପଠେଇବ, ଡାକଘରେ, ଚିଠିଟି, ତମେ ।
(e) ମିନତି, କହୁଛି, ବହୁତ, କଥା ।
(f) ଲେଖିବ, କାହାକୁ, ସେ, ଚିଠି ?

a.	ତମେ	କାହିଁକି	ସେଠିକି	ଯିବ ?
b.				
c.				
d.				
e.				
f.				

Grammatical Note

1. The simple past and simple future tense of 2nd and 3rd persons along with plural uses may be noted :

Past tense—

2nd person : You forgot. ତୁ ଭୁଲିଗଲୁ ।
You forgot. ତମେ/ତମେମାନେ ଭୁଲିଗଲ ।
You forgot. ଆପଣ/ଆପଣମାନେ ଭୁଲିଗଲେ ।

3rd person : He forgot. ସେ ଭୁଲିଗଲା । *fam.*
He forgot.. ସେ ଭୁଲିଗଲେ । *hon.*
They forgot. ସେମାନେ ଭୁଲିଗଲେ ।

Digitized by srujanika@gmail.com

Future tense—

2nd person : You will forget. ତୁ ଭୁଲିଯିବୁ ।
You will forget. ତମେ/ତମେମାନେ ଭୁଲିଯିବ ।
You will forget. ଆପଣ/ଆପଣମାନେ ଭୁଲିଯିବେ ।

3rd person : He will forget. ସେ ଭୁଲିଯିବ । *fam.*
He will forget. ସେ ଭୁଲିଯିବେ । ***hon.***
They will forget. ସେମାନେ ଭୁଲିଯିବେ ।

2. ତ is used to put emphasis.

3. ଏତେ is a proncminal adjective used to refer to amount, distance, volume and size etc. ଏତେ has relational counterparts like ସେତେ and ଯେତେ. ଏଡ଼େ to refer to mainly size which has the relational counterpart ସେଡ଼େ and ଯେଡ଼େ.

ଏତେ ପଇସା । so much money (amount)
ଏତେ ବଡ଼ । so Ŀ:g (size)
ଏତେ ବାଟ । such a lot of distance/so far away (distance)
ଦୁଧରେ ଏତେ ପାଣି । so much water in milk (volume)

4. (i) କାହା is an interrogative adjective, used to ask 'whose'. But when it is not used into adjectival position the possessive marker ର must be post-posed to it.

ଏଇଟା କାହା ଘର ? Whose house is this ?
ଏ ଘର କାହାର ? Whose house is this ?

(ii) When the post-position କୁ is added to the interrogative adjective କାହା it becomes କାହାକୁ to connote 'whom' in English. କାହାକୁ as an interrogative word is used for human and non-human referents. At times it is also used to refer to inanimate referents. କାହାକୁ can be used in negative sentences with a sense of unspecific nobody or nothing.

Digitized by srujanika@gmail.com

ତମେ କାହାକୁ ଡାକୁଛ ?	Whom do you call/want ?
ଗାଈ, ଛେଳି ଭିତରୁ କାହାକୁ ଆଣିବି ?	What shall I get between the cow and the goat ?
ଭାତ, ଡାଲି, ତରକାରୀ ସବୁ ଅଛି । କାହାକୁ ଆଗ ଆଣିବି ?	There are rice, dal and curry, everything. Which one shall I bring first ?
ମୁଁ ଆଜି ଆମ ଘରକୁ କାହାକୁ ଡାକିନି ।	I haven't invited anybody to our house to-day.

5. କେବେ is an interrogative word to ask 'when'. But it is used in connection with distant time, not the immediate time. To ask about the immediate time କେତେବେଳେ or କେତେଟାବେଳେ are used.

ସେମାନେ କେବେ ଯିବେ ?	When will they go ?
ସେମାନେ ସପ୍ତାହେ ପରେ ଯିବେ ।	They will go after a week.
ସେମାନେ କେତେବେଳେ ଯିବେ ?	When (at what time) will they go ?
ସେମାନେ ସକାଳେ ଯିବେ ।	They will go in the morning.
ସେମାନେ କେତେଟାବେଳେ ଯିବେ ?	At what time they will go ?
ସେମାନେ ଛଟା ବେଳେ ଯିବେ ।	They will go at 6 p.m.

6. ମନେକରି is a verbal construction to mean 'having remembered'.

7. The compound verbs like ଭୁଲିଯିବା, ପକାଇଦେବା etc., are formed following the V_1+V_2 rule. (*See* the Grammatical Note on compound verbs in Lesson 10.)

10. Look at the conversation-pattern in this lesson. The questions and answers follow the context of the conversation-topic.

Digitized by srujanika@gmail.com

Cultural Note

1. The mother is called ବୋଉ which should not be confused with ବୋହୂ, the daughter-in-law.

2. The husband and wife usually address each other using ତୁମେ, the polite form.

Learn Numerals

୮୧	ଏକାଅଶୀ
୮୨	ବୟାଅଶୀ
୮୩	ତେୟାଅଶୀ
୮୪	ଚଉରାଅଶୀ
୮୫	ପଞ୍ଚାଅଶୀ
୮୬	ଛୟାଅଶୀ
୮୭	ସତାଅଶୀ
୮୮	ଅଠାଅଶୀ
୮୯	ଅଣାନବେ
୯୦	ନବେ

Some family-relations

ବାପା father	ମା mother
ବଡ଼ବାପା father's elder brother	ବଡ଼ ମା, ବଡ଼ ବୋଉ father's elder brother's wife
ଦାଦା father's younger brother	ଖୁଡ଼ୀ father's younger brother's wife
ମଉସା mother's sister's husband	ମାଉସୀ mother's sister
ପିଉସା father's sister's husband	ପିଉସୀ father's sister
ଜେଜେବାପା paternal grand father	ଜେଜେମା paternal grand mother
ଅଜା maternal grand father	ଆଈ maternal grand mother
ମାମୁଁ mother's brother	ମାଇଁ mother's brother's wife
ଭାଇ brother	ଭାଉଜ, ନୂଆବୋଉ elder brother's wife
ଭଉଣୀ sister	ଭିଣେଇ, ଭିଣୋଇ elder sister's husband

Digitized by srujanika@gmail.com

ଝିଅ daughter
ପୁଅ son
ଶ୍ୱଶୁର father-in-law
ଦେଢ଼ଶୁର husband's elder brother
ଦିଅର husband's younger brother
ନଣନ୍ଦ husband's sister
ଶଳା wife's brother
ସମୁଦି fathers of husband and wife (to each other)
ପୁତୁର nephew (brother's son)
ଭଣଜା nephew (sister's son)
ନାତି grand son

ଜ୍ୱାଇଁ, ଜୋଇଁ son-in-law
ବୋହୂ daughter-in-law
ଶାଶୁ mother-in-law
ଭାଇବୋହୂ younger brother's wife
ଜାଆ brothers' wives (to each other.)
ନଣନ୍ଦେଇ husband's sister's husband.
ଶାଳୀ wife's sister
ସମୁଦୁଣୀ mothers of husband and wife (to each other)
ଝିଆରୀ niece (brother's daughter)
ଭାଣିଜୀ niece (sister's daughter)
ନାତୁଣୀ grand daughter

Digitized by srujanika@gmail.com

UNIT I

LESSON 15

Revision Lesson

Visiting the City of Bhubaneswar

ଭୁବନେଶ୍ୱର ସହର ପରିଦର୍ଶନ

ମନୋହର : ଭୁବନେଶ୍ୱର ସହର ଭିତରେ ଆଉ ସହର ଘରି ପାଖରେ ଅନେକ ଦେଖିବା ଜାଗା ଅଛି । ଆପଣ କଣ ଭୁବନେଶ୍ୱରର ସବୁ ଜାଗା ବୁଲି ଦେଖିଲେ ?

Manohar : There are many places to visit inside Bhubaneswar as well as around it. Have you seen all the places at and around Bhubaneswar?

ଜନସନ୍ : ନା, ଭୁବନେଶ୍ୱରର କିଛି ଜାଗା ମୁଁ ଦେଖିନି । ଏଠି କ'ଣ କ'ଣ ଦେଖିବା ଜାଗା ଅଛି ?

Jonson : No, I haven't seen any place at Bhubaneswar. What are the places worth seeing here ?

ମନୋହର : ସହର ଭିତରେ ଲିଙ୍ଗରାଜ ମନ୍ଦିର, କେଦାରଗୌରୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର, ଷ୍ଟେସନ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବହୁତ ବଡ଼ ବଡ଼ କୋଠା ଏବଂ ଓଡ଼ିଶା ବିଧାନ ସଭା ରହିଛି । ଆଉ ସହର ଘରି ପାଖରେ ଶିଶୁପାଳଗଡ଼, ଧଉଳି-ଗିରି, ଖଣ୍ଡଗିରି, ଉଦୟଗିରି ଓ ନନ୍ଦନକାନନ ଅଛି । ଆପଣ ଦିନ-ବେଳେ ସବୁ ବୁଲି ଦେଖି ପାରିବେ ।

Manohar : There are Lingaraj temple, Kedargouri temple, Mukteswar temple, Raja-rani temple, Station, Utkal University and a number of big buildings as well as Orissa Assembly inside the town. And there are Shishupalagada, Dhauli-giri, Khandagiri, Udaya-giri and Nandana Kanana etc. around the city. You can see them all during the day time.

Digitized by srujanika@gmail.com

ଜନସନ୍ : ଏଠି କଣ ଦିନବେଳେ ବେଶୀ ଖର ହୁଏ ?

Jonson : Is it very hot here during the day ?

ମନୋହର : ଏଠି ଖରବେଳେ ଖରା କିନ୍ତୁ ସନ୍ଧ୍ୟାବେଳେ ଥଣ୍ଡା । ଆପଣ ସକାଳୁ ଟୁରିଷ୍ଟ ଗାଡ଼ିରେ ସହର ଚାରିପାଖର ଜାଗା ସବୁ ବୁଲି ଦେଖିବେ ।

Manohar : It is hot during the day but cool in the evening. You may go and see the places around the city in a tourist vehicle.

ଜନସନ୍ : ଆଚ୍ଛା, ତମେ ମୋ ସାଙ୍ଗରେ ଆସୁନ ? ସବୁଆଡ଼େ ସାଙ୍ଗହୋଇ ବୁଲି ଦେଖିବା ।

Jonson : Well, why don't you come along with me ? We may see all the places together.

ମନୋହର : ନାଇଁ, ମୋର ଟିକେ ଅନ୍ୟ କାମ ଅଛି । ଆପଣ ବସ୍‌ରେ ଯିବେ । କିଛି ଅସୁବିଧା ହେବ ନାହିଁ ।

Manohar : No. I have some other work to do. You please go in the bus. There will be no inconvenience.

Exercises

1. Fill up the blanks choosing the most appropriate words from inside the brackets :

(i) (a) ତୁମର କ'ଣ........................ ? (ହୁଏ, ହେଲା, ହେଉ)
(b) ସେ ସବୁ ବୁଲି........................କି ? (ଦେଖ, ଦେଖିଲେ, ଦେଖିବା)
(c) ସେମାନେ ମନ୍ଦିରରୁ ଷ୍ଟେସନକୁ........................ । (ଯିବେ, ଯାଉଛି, ଗଲା)
(d) ମୁଁ ବସରେ ମ୍ୟୁଜିୟମ........................ । (ଯାଉ, ଗଲି, ଯିବା)
(e) ଏଠି ଭୀଷଣ ଗରମ........................ ।(ହେଉ, ହେଲେ, ହୁଏ)

(ii) (a) ତୁମେ ଏ କାମଟା ମନେକରି........................ । (ଧରିବ, ବସିବ, କରିବ)
(b) ସେ କାହିଁକି ଏମିତି........................ ? (କଲା, ପୁରିଲା, ବର୍ଷିଲା)
(c) ସେଠି କ'ଣ ଘରି ବର୍ଷା........................ ? (କଲା, ହେଲା, ଦେଲା)
(d) ଆମେ ସବୁକଥା........................ । (କହିବୁନି, ବସିବୁନି, ଦେଖିବୁନି)
(e) ସେ କାହିଁକି ସେଠାକୁ........................ ? (କହେନା, ବସେନା, ଯାଏନା)

Digitized by srujanika@gmail.com

(iii) (a) ଆମ ପାର୍ଟିର ସଭା........................ ହେବ ? (କାହା, କେତେବେଳେ, କେତେଟା)
(b) ଆମେ........................ ବଣେ ଯିବା ? (କେତେଟା, କେବେ, କି)
(c) ସ୍କୁଲ........................ ଆରମ୍ଭ ହୁଏ ? (କେତେ, କେତେଟି, କେତେଟାବେଳେ)
(d) ପିଲାମାନେ........................ ସବୁବେଳେ ପାଟି କରୁଛନ୍ତି ? (କାହା, କେବେ, କାହିଁକି)
(e) ଏ ବହି........................ ? (କାହା, କେବେ, କାହାର)
(f) ଆପଣ........................ କଥା କହୁଛନ୍ତି ? (କାହାକୁ, କାହିଁ, କାହାଠାରୁ)

(iv) (a) ଆପଣ........................କ'ଣ କରନ୍ତି ? (କେତେଟା, ଦିନବେଳେ, କାହାଠାରୁ)
(b) ଏଠି କଣ........................ସିନେମା ହୁଏ ? (କେତେଟା, ଦିନବେଳେ, କଣ)
(c) ମୁଁ........................ ଘରକୁ ଫେରେ । (ସନ୍ଧ୍ୟାବେଳେ, ସକାଳ, କଣ)
(d) ତୁମେ କାହିଁକି........................ଖାଇବ ନାହିଁ ? (ଦିନ, ବେଳେ, ରାତିରେ)
(e) ଭାଷାକେନ୍ଦ୍ରରେ........................ ପଢ଼ା ହୁଏ । (ରାତି, ଦିନରେ, କି)

2. Substitute the underlined words with the appropriate words from the brackets :

(a) ଆମେ ବର୍ତ୍ତମାନ ଆସୁଛୁ । (ଆସିବୁ, ଆସିଲୁ)
(b) କାଲି ଆମର ସଭା ହେଲା । (ହେବ, ହୁଏ)
(c) ତୁମେ ଏମିତି କହିବା କଣ ଠିକ୍ ହେବ ? (ହେଲେ, ହେଉଛି)
(d) କଲେଜ ପ୍ରତିଦିନ ୧୦ଟାରେ ଆରମ୍ଭ ହେବ ? (ହୁଏ, ହେଲେ)
(e) ସେ କାହିଁକି ଏଠାକୁ ଆସୁଛି ? (ଆସୁନି, ଆସୁ)

3. Transform into negative :

(a) ଭୁବନେଶ୍ୱରରେ ଅନେକ ଦେଖିବା ଜାଗା ଅଛି ।
(b) ଆପଣ ସବୁ ବୁଲି ଦେଖିବେ ।
(c) ଏଠି ସନ୍ଧ୍ୟାରେ ଗରମ ହୁଏ ।
(d) କଟକରେ ଖରାଦିନେ ଥଣ୍ଡା ହୁଏ ।
(e) ଭୁବନେଶ୍ୱର ଭିତରେ ଧଉଳିଗିରି ଓ ନନ୍ଦନକାନନ ଅଛି ।

4. Frame questions to elicit answers as given below, using the question words given in the brackets :

(a) ମୁଁ ଆଜି କଟକ ଯିବି । (କେତେବେଳେ)
(b) ଏଠାରେ ସଭା ହେଉଛି । (କଣ)

Digitized by srujanika@gmail.com

(c) ଏଠି ବହୁତ ମନ୍ଦିର ଓ ବଡ଼ କୋଠା ଅଛି । (କି)
(d) ସେ ଆର ମାସରେ କଲିକତା ଯିବେ । (କେବେ)
(e) ଏ ଘର ମନୋହରର । (କାହାର)
(f) ଏଇଟା ତାଙ୍କ ବହି । (କାହା)
(g) କଲେଜ ୪ ଟାବେଳେ ଛୁଟି ହେଲା । (କେତେଟାବେଳେ)
(h) ସେ ୨୦ ଟଙ୍କା ନେଇଛି । (କେତେ)
(i) ତୁମ ବହିଟା ଏଇଠି ଅଛି । (କାହିଁ)
(j) ସମୁଦ୍ର କୂଳରେ ମାଛ ଧରାହେଉଛି । (କ'ଣ)

5. Answer the following questions :
(a) ଭୁବନେଶ୍ୱର ସହରରେ କ'ଣ କ'ଣ ଦେଖିବା ଜାଗା ଅଛି ?
(b) ସହର ଚାରିପାଖରେ କି କି ଜାଗା ଅଛି ?
(c) ଆପଣ ଭୁବନେଶ୍ୱରର କି କି ଜାଗା ବୁଲି ଦେଖିଲେ ?
(d) ଭୁବନେଶ୍ୱରରେ କଣ ଦିନବେଳେ ବେଶୀ ଖରା ହୁଏ ?
(e) ଟୁରିଷ୍ଟ ବସ କେତେବେଳେ ଯାଏ ?

6. Using the simple past, simple present and simple future tenses write *five* related sentences on any topic.
7. Write *five* sentences in Oriya on the topic you like best.
8. Write the Oriya numerals from 1 to 20.
9. Write the numerals from 1 to 50.

Learn Numerals

୯୧	ଏକାନବେ
୯୨	ବୟାନବେ
୯୩	ତେୟାନବେ
୯୪	ଚଉରାନବେ
୯୫	ପଞ୍ଚାନବେ
୯୬	ଛୟାନବେ
୯୭	ସତାନବେ
୯୮	ଅଠାନବେ
୯୯	ଅନେଶୋତ
୧୦୦	ଶହେ
୧୦୦୦	ହଜାରେ/ଏକ ହଜାର
୧୦,୦୦୦	ଦଶ ହଜାର

Digitized by srujanika@gmail.com

UNIT I

LESSON 16

Test Lesson

Exercises

1. Substitute the underlined words with the appropriate words from the right hand side brackets :

(i) (a) ତାଙ୍କ ନାଁ କ'ଣ ? (ମୁଁ, ଆପଣଙ୍କ, ସେ)

(b) ଆପଣ କଣ ଜଣେ ଶିକ୍ଷକ ? (ସେ, ମୋ, ତୁ)

(c) ଏଇଟା କଣ ବଙ୍ଗଳା କ୍ଲାସ ? (ସେଇଟା, କୋଉଟା, ସବୁ)

(d) ସେଗୁଡ଼ିକ କଣ ତୁ ନବୁ ? (ଏଗୁଡ଼ା, ସେଇ, ଏଇ)

(e) ଏଇ ଘରେ କିଏ ରହୁଛି ? (ସେ, ସେଗୁଡ଼ା, ସେଇଟା)

(ii) (a) ମୋ ଘର ଭୁବନେଶ୍ୱରରେ । (ତାଙ୍କ, ତୁ, ତୁମେ)

(b) ତା ବଡ଼ଭାଇ ଏବେ କଟକ ଯାଇଛନ୍ତି । (ସେ, ତୁମ, ମୁଁ)

(c) ତୁମ ଘର ଏଇ ସହରରେ । (ମୋ, ତୁ, ଆପଣ)

(d) ଆମର ମଫସଲରେ ଘର ନାହିଁ । (ତୋର, ମୁଁ, ଆପଣ)

(e) ଆପଣଙ୍କ ସ୍କୁଲରେ ଗୋଟିଏ ଲାଇବ୍ରେରୀ ଅଛି । (ତୁ, ସେମାନଙ୍କ, ସେମାନେ)

(iii)(a) ଏ ବହିଟି ତୁମର । (ତାଙ୍କର, ସେ, ମୁଁ)

(b) ରମ ତାଙ୍କର ପୁଅ । (ଆପଣ, ମୋର, ଘର)

(c) ଆଜି ସେମାନଙ୍କର କଲେଜ ବନ୍ଦ । (ତୁ, ତୋର, ତୋତେ)

(d) ତୁମେ ରବିବାବୁଙ୍କର ବଡ଼ଭାଇ । (ତାର, ଆପଣଙ୍କର, ସେ)

(e) ଏଇଟା ବାବୁଲୁର ଜାମା । (ମୁଁ, ତୁ, ରମାର)

(iv)(a) ତୁମ ଘର ଗୌହାଟୀରେ । (ସହର, କଟକର, ସମ୍ବଲପୁରରେ)

(b) ସେ ଓଡ଼ିଶାର ଲୋକ । (ଘର, ବାସିନ୍ଦା, ସହର)

(c) ତାଙ୍କ ବଗିଚାରେ ବହୁତ ଫୁଲଗଛ ଅଛି । (ଆମ୍ବଗଛ, ଉପନ୍ୟାସ, ଭଲ)

(d) ମୋର ବହିଟକ ଦରକାର । (ଦୁଇଟାଯାକ-ବହି, ତକ, ଯାକ)

(e) ମୁଁ ଭାଷାକେନ୍ଦ୍ରର ଛାତ୍ର । (ବାସିନ୍ଦା, ଲୋକ, ଅଧ୍ୟାପକ)

Digitized by srujanika@gmail.com

2. Fill up the blanks choosing appropriate words from the brackets :

(i) (a) ଆପଣ......................ଓଡ଼ିଶାର ଲୋକ ? (କଣ, କଅଣ)
(b) ସେ......................ବିଭାଗର ଛାତ୍ର ? (କଅଣ, କୋଉ)
(c) ଏ ଭାଷାକେନ୍ଦ୍ରର ନାଁ .... ? (କଅଣ, କି)
(d) ସେ .... ? (କୋଉ, କିଏ)
(e) ତାଙ୍କ ଘର...................... ? (କୋଉ, କୋଉଠି)
(f) ଏଇଟା...................... ବହି ? (କି, କ'ଣ)
(g) ସେ ....ଝିଅ ? (କିଏ, କାହା)
(h) ସେ ଝିଅଟି...................... ? (କାହା, କିଏ)
(i) ସେଇ ବଗିଚାଟା...................... ? (କାହା, କାହାର)
(j) ଆପଣ ବର୍ତ୍ତମାନ...................... ଯାଉଛନ୍ତି ? (କୋଉଠି, କୁଆଡ଼େ)
(k) ମୁନା......................ଯାଉଛି ? (କୋଉଠିକି, କୋଉ)
(l) ରମେଶବାବୁ ଆଜି କୁଆଡ଼େ ଯିବେ...................... ? (କି, କିଏ)
(m) ତୁମେ ଭାଷାକେନ୍ଦ୍ରକୁ......................ଆସିଛ ? (କାହା, କାହିଁକି)
(n) ମୋ କଲମଟା .... ? (କାହାଁତି, କାହିଁ)
(o) ପ୍ରିନ୍ସିପାଲ .... ? (କାହିଁ, କାହାଁକି)
(p) ସେ ....ଲୋକ ? (କୋଉପାର, କାହିଁକି)
(q) ତୁମେ........ ....ଘରକୁ ଯିବ ? (ବୋଧେ, କିଏ)
(r) ଅଜିତବାବୁଙ୍କ ଅଫିସ ଏଠୁ ....ବାଟ ? (କାହିଁ, କେତେ)
(s) ଏ ବହିର ଦାମ...................... ? (କି, କେତେ)
(t) ସିନେମା...................... ଆରମ୍ଭ ହେବ ? (କେତେ, କେତେବେଳେ)
(u) ତୁ .... ଆମ୍ବ ଖାଇଛୁ ? (କେତେଟା, କଅଣ)
(v) ମୁଁ ....ବେଳେ ତୁମକୁ ଭେଟିବି ? (କଅଣ, କେତେଟା)
(w) ସେମାନେ......................ଦିଲ୍ଲୀ ଯିବେ ? (କେବେ, କେତେବେଳେ)

(ii) (a) କଲିକତା...................... ବଡ଼ ସହର । (ଖୁବ୍, ଅଧିକ)
(b) ସେ ଜଣେ .... ଲୋକ । (ବହୁତ, ଭଲ)
(c) ଓଡ଼ିଆ ବିଭାଗର ଛାତ୍ର .... । (କମ୍, ପୁରା)
(d) ତୁମ...................... ନାଁ କ'ଣ ? (ବଡ଼, ପୁରା)
(e) ମୋ...................... ନାଁ ଲୁସି । (ଡାକ, ପୁରା)

Digitized by srujanika@gmail.com

(f) ତୁ ତାର..................ଭଉଣୀ । (ବାପା, ସାନ)

(g) ମୁଁ......................ବହି ପଢୁଛି । (ଗୋଟିଏ, ଏଇଟି)

3. Using the word given in the right hand side brackets replace the underlined word and make corresponding changes in the verb form in (i), and in the place of subject in (ii).

(i) (a) ଆମେ ଭଷା ଶିଖୁଛୁ । (ମୁଁ)

(b) ସେମାନେ କଟକରୁ ଭୁବନେଶ୍ୱର ଯାଉଛନ୍ତି । (ଆମେ, *incl.*)

(c) ଆପଣମାନେ ସିନେମା ଦେଖିଛନ୍ତି । (ତୁମେ)

(d) ତୁ ନିଶ୍ଚୟ ଏ କାମ କରିବୁ । (ସେମାନେ)

(e) ତୁମେ ଏବେ ଦୋକାନରେ ଅଛ କି ? (ତୁ)

(f) ରମେଶବାବୁ ଘରେ ଅଛନ୍ତି କି ? (ସେ, *fam.*)

(g) ମୁଁ ବର୍ତ୍ତମାନ କଲେଜ ଯିବି । (ସେ, *hon.*)

(h) ସେ ଏ ବର୍ଷ ବି. ଏ. ପାସ୍ କରିବ । (ଆପଣ)

(i) ତୁମେମାନେ କାଲି ବଜାରକୁ ଗଲ କି ? (ସେମାନେ)

(j) ମୁଁ ଆଜି ସକାଳେ ଭତ ଖାଇଲି । (ତମେ)

(k) ସେ ଭୋରରୁ ଉଠେ । (ସେମାନେ)

(l) ତମେ ପ୍ରତିଦିନ ବଜାର ଯାଅ । (ତୁ)

(ii) (a) ଆମେ ଛବି ଦେଖୁଛୁ । (ଦେଖିଛି)

(b) ଆପଣ କାହିଁକି ଆସିଛନ୍ତି ? (ଆସିଛ)

(c) ସେ ବର୍ତ୍ତମାନ ଷ୍ଟେସନ ଗଲେ । (ଗଲ)

(d) ତମେ ଅଫିସ ଯିବ କି ? (ଯିବୁ)

(e) ତୁ ପ୍ରତିଦିନ ରୁଟି ଖାଉ । (ଖାଆନ୍ତି)

(f) ଆପଣ ପୁରୀ ଯାଇଛନ୍ତି । (ଯାଇଛୁ)

(g) ତୁ କ'ଣ କରୁଛୁ ? (କରିଛେ)

(h) ମୁଁ ମନ୍ଦିରକୁ ଯାଏ । (ଯାଉ)

(i) ଆପଣ ଏଉ କାମଟି କରିବେ । (କରିବି)

(j) ତୁ କାଲି ହଷ୍ଟେଲରେ ରହିବୁ । (ରହିଲେ)

Digitized by srujanika@gmail.com

4. Fill up the blanks with appropriate verbs :

(a) ମୁଁ ବର୍ତ୍ତମାନ କଟକରୁ.......................... ।
(b) ତୁମେ କଲେଜରେ .... ।
(c) ତାର ଯିବାକୁ ମନ......................... ।
(d) ସେ ପ୍ରତିଦିନ ସକାଳୁ.......................... ।
(e) ମୁଁ ଠାକୁର ପୂଜା.......................... ।

5. Transform the following sentences according to the instruction given in the brackets :

(a) ସେମାନେ ଭାରତର ଲୋକ । (negative)
(b) ତମେ ଭୁବନେଶ୍ୱରର ବାସିନ୍ଦା । (negative)
(c) ସେ ସକାଳେ ଘରେ ରହେ । (negative)
(d) ତାଙ୍କର ରଉରକେଲରେ ଘର ଅଛି । (interrogative)
(e) ସେ ପାଠ ପଢୁଛି । (interrogative-negative)
(f) ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହେଲେ । (simple present)
(g) ମୁଁ ମନ ଦେଇ ପାଠ ପଢ଼ିବି । (simple Present)
(h) ସେ କାଲି କଲିକତା ଯିବେ । (present continuous)
(i) ତୁ କାହିଁକି ପାଟି କରୁଛୁ ? (simple past)
(j) ତାର କ'ଣ ହେଉଛି ? (simple past)
(k) ସେ ବର୍ତ୍ତମାନ ଘରୁ ଆସିଛି । (present continuous)
(l) ସେମାନେ କଲେଜ ଯାଉଛନ୍ତି । (simple future)
(m) ରମବାବୁ ଅଫିସ୍‌ରୁ ଛୁଟି ନେଉଛନ୍ତି । (simple future)
(n) ଆମେ କଲିକତାରୁ ଆସିଲୁ । (present perfect)
(o) ସେମାନେ ଆଜି ଛୁଟି ନେଉଛନ୍ତି । (present perfect)
(p) ଛେଳିଟି ଘାସ ଖାଉଛି । (plural)
(q) ସେମାନେ କୋଉଠି ଅଛନ୍ତି ? (singular)
(r) ବାପା ଆଜି କଲିକତା ଯିବେ । (interrogative-negative)
(s) ତାଙ୍କ ନାଁ ମନୋଜ । (interrogative)
(t) ସେମାନେ ଏ ଘରେ ରହୁ ନାହାନ୍ତି । (affirmative)

6. Frame sentences using the following interrogative words :

କ'ଣ, କାହିଁକି, କିଏ, କେତେ, କି, କେବେ, କେତେବେଳେ, କେତେଟା, କୋଉ, କେଉଠି

Digitized by srujanika@gmail.com

7. Answer the following questions.

(a) ସୂର୍ଯ୍ୟ କେତେବେଳେ ଉଦୟ ହୁଏ ?
(b) ଖରଦିନେ କ'ଣ ହୁଏ ?
(c) ଜହ୍ନ କେତେବେଳେ ଉଏଁ ?
(d) ତୁମେ ପ୍ରତିଦିନ କେତେଟାବେଳେ କ୍ଲାସକୁ ଆସ ?
(e) ଆପଣମାନେ କେବେ ନିଜ ରାଜ୍ୟକୁ ଫେରିବେ ?
(f) ରବିବାର ଦିନ ଡାକଘର ଖୋଲେ କି ?
(g) ତମେ ଡାକଘରୁ କ'ଣ ଆଣିବ ?
(h) ସେ କଣ ଚିଠି ପଢୁଛନ୍ତି କି ?
(i) ଭାଷାକେନ୍ଦ୍ରର ପ୍ରିନ୍‌ସପାଲଙ୍କ ପୁରା ନାଁ କ'ଣ ?
(j) ଏହି ଭାଷାକେନ୍ଦ୍ରରେ କେତୋଟି ବିଭାଗ ଅଛି ?

8. Write *five sentences* about Konark.

9. (a) Write the Oriya months of the year in Oriya.
(b) Write the names of the seasons in Oriya.

10. Write the numerals from 51 to 100 in Oriya.

Digitized by srujanika@gmail.com

UNIT II

LESSON 17

The Car Festival at Puri

ପୁରୀ ରଥଯାତ୍ରା

ରମେଶ : ଆରେ ଟପୁ, ତୋ ଭାଇ ଘରେ ଅଛନ୍ତି ?

Ramesh : Hallo Tapu, is your brother at home ?

ଟପୁ : ହଁ, ଅଛନ୍ତି, ଡାକି ଦେଉଛି ।

Tapu : Yes, he is at home. I am calling him.

ରମେଶ : ସୋମନାଥ, ଆରେ ତମେ ଅଛ ? ମୁଁ ଭାବିଥିଲି, ତମେ ବୋଧେ ଘରେ ନାହଁ । କଣ ଆଜି ପୁରୀ ଯିବନି ?

Ramesh : Hallo Somanath, are you in ? I thought probably you would not be at home. Won't you go to Puri to-day ?

ସୋମନାଥ : ହଁ, ଆଜି ତ ରଥଯାତ୍ରା । ନଯିବା କଥା କହୁଛ କିପରି ? ସେଠି ମୋ ସାନ ଭାଇ ରହୁଛି । ତା ପାଖରେ ଯାଇ ରହିବା ।

Somanath : Yes, to-day is the Car-festival. How do you talk of not going ? My younger brother stays there. We will stay with him.

ରମେଶ : ତମ ବଡ଼ ଭାଇ ପରା ପୁରୀରେ ଥାଆନ୍ତି ?

Ramesh : I think your elder brother is at Puri also, isn't it ?

ସୋମନାଥ : ହଁ, ପୁରୀରେ ତାଙ୍କର ଘର ଅଛି । କିନ୍ତୁ ସେ ପ୍ରାୟ ଘରେ ନଥାନ୍ତି । ଅଧିକାଂଶ ସମୟରେ ଟୁରରେ ଯାଇଥାନ୍ତି । ମୋ ସାନଭାଇ ଘରେ ରହିବାକୁ ସୁବିଧା ହେବ । ତା ଘର ବଡ଼ଦାଣ୍ଡ ଉପରେ । ତା ଘର

Somanath : Yes, he has got a house at Puri. But he does not usually stay at home. He often goes out on tour. It would be better to stay at my younger brother's place. His house is on the Bada

Digitized by srujanika@gmail.com

ବାରଣ୍ଡାରେ ବସି ରଥ ଦେଖିବା ।	Danda and we can see the cars if we sit on his verandah.
ରମେଶ : ଆଚ୍ଛା, ଠାକୁରଙ୍କ ରଥଗୁଡ଼ିକର (କ'ଣ କ'ଣ) ନାଁ କହିଲ ?	Ramesh : Well, please tell me the names of the Cars of the deities.
ସୋମନାଥ : ତମେ ଜାଣିନ ? ଜଗନ୍ନାଥଙ୍କ ରଥ ନାଁ ନନ୍ଦିଘୋଷ, ବଳଭଦ୍ରଙ୍କର ତାଳଧ୍ୱଜ, ଆଉ ସୁଭଦ୍ରାଙ୍କର ଦେବଦଳନ । ଜଗନ୍ନାଥଙ୍କ ରଥ ୨୩ ହାତ ଉଚ୍ଚ ଆଉ ତାର ୧୬ଟି ଚକ ଥାଏ । ସେମିତି ବଳଭଦ୍ରଙ୍କ ରଥ ୨୨ ହାତ ଉଚ୍ଚ ଓ ସେଥିରେ ୧୪ଟି ଚକ ଲଗିଥାଏ । ସୁଭଦ୍ରାଙ୍କ ରଥର ଉଚ୍ଚତା ୨୧ ହାତ ଓ ତାର ୧୨ଟି ଚକ ।	Somanath : Don't you know ? The name of Lord Jagannath's Car is Nandighose. Lord Balabhadra's Taladhwaja and Subhadra's Debadalan. Lord Jagannath's Car is 23 cubit high and it has 16 wheels. Similarly Lord Balabhadra's Car is 22 cubit high, and it has 14 wheels. The car of Subhadra is 21 cubit, and it has 12 wheels.
ରମେଶ : ତାହେଲେ ତମେ ରେଡ଼ି ହୁଅ । ସକାଳ ୮ଟା ବସରେ ଯିବା ।	Ramesh : All right, you get ready. We will go by morning 8 O'clock bus.
ସୋମନାଥ : ହଉ ।	Somanath : O. K.

Variation

A : ଆଚ୍ଛା, ରଥଗୁଡ଼ିକର କଣ ଅଲଗା ରଙ୍ଗ ନଥାଏ ?	A : Well, are there not different colours for different Cars ?
B : ହଁ, ପ୍ରତି ରଥର ଅଲଗା ରଙ୍ଗ । ନନ୍ଦିଘୋଷର ରଙ୍ଗ ହଳଦିଆ, ତାଳଧ୍ୱଜର ରଙ୍ଗ ନୀଳ ଆଉ ଦେବଦଳନର ରଙ୍ଗ କଳା ।	B : Yes, every Car has a different colour. The colour of Nandighose is yellow, Taladhwaja's blue and Debadalan's black.

Digitized by srujanika@gmail.com

ରଥଯାତ୍ରା ଦିନ ଠାକୁରମାନେ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି । ପୁଣି ବାହୁଡ଼ା ଯାତ୍ରା ଦିନ ବଡ଼ ଦେଉଳକୁ ଫେରନ୍ତି ।

The deities go to the Gundicha temple on the Car-festival day. And they return to the main temple on the Return-festival day.

A : ଏ ପୃଥିବୀ ପ୍ରସିଦ୍ଧ ରଥଯାତ୍ରା ଦେଖିବାକୁ ପରା ବହୁ ଯାତ୍ରୀ ଆସିଥାନ୍ତି ?

A : Is it that a large number of pilgrims come to witness this world-famous Car-festival ?

B : ହଁ, ଦେଶ ବିଦେଶରୁ ବହୁତ ଯାତ୍ରୀ ଆସନ୍ତି ।

B : Yes a large number of pilgrims come from far and near.

Vocabulary

ଅଧିକାଂଶ ସମୟ most of the time.
ଅଲଗା different
ଉଚ୍ଚ high
ଉଚ୍ଚତା height
ଉପରେ on
କ'ଣ କ'ଣ what are
କିପରି how
ଚକ wheel
ଟୁର୍ tour
ଠାକୁର the Lord/the deity
ଡାକିଦେବା to call
ଥାଏ is (habitual past)
ଦେଶ ବିଦେଶ from far and near, from far and wide
ନଯିବା କଥା of not going
ପୃଥିବୀ world
ପ୍ରତି each
ପ୍ରସିଦ୍ଧ famous
ପୁଣି again
ବଡ଼ ଦାଣ୍ଡ (the name of the road on which the cars of the Lord move.) The Great Road
ବଡ଼ ଦେଉଳ (the temple of the Lords) The Great Temple
ବସ bus
ବହୁ ଯାତ୍ରୀ many pilgrims
ବାହୁଡ଼ା ଯାତ୍ରା return car festival
ରଙ୍ଗ colour
ରଥ car/chariot
ରଥଯାତ୍ରା the car festival
ରଥଯାତ୍ରା ଦିନ the car festival day
ସୁବିଧା convenient
ସେଥିରେ in that
ସେମିତି like wise, like that, so also

Digitized by srujanika@gmail.com

ହଉ yes (giving consent)
ହଳଦିଆ yellow
ହାତ (a kind of hand-measurement which begins from elbow to tip of the middle finger of the hand) cubit.

Drills

I. Build up drill

ଅଛନ୍ତି ?
ଘରେ ଅଛନ୍ତି ?
ଭାଇ ଅଛନ୍ତି ?
ଭାଇ ଘରେ ଅଛନ୍ତି ?
ତୋ ଭାଇ ଘରେ ଅଛନ୍ତି ?
ତପୁ ତୋ ଭାଇ ଘରେ ଅଛନ୍ତି ?
ଆରେ ତପୁ, ତୋ ଭାଇ ଘରେ ଅଛନ୍ତି ?

ଡାକି ଦେଉଛି ।
ଅଛନ୍ତି, ଡାକି ଦେଉଛି ।
ହଁ, ଡାକି ଦେଉଛି ।
ହଁ, ଅଛନ୍ତି, ଡାକି ଦେଉଛି ।

ଅଛ ?
ତମେ ଅଛ ?
ଆରେ, ତମେ ଅଛ ?
ସୋମନାଥ, ଆରେ, ତମେ ଅଛ ?

ନାହିଁ ।
ଘରେ ନାହିଁ ।
ବୋଧେ ନାହିଁ ।
ବୋଧେ ଘରେ ନାହିଁ ।
ତମେ ବୋଧେ ଘରେ ନାହିଁ ।
ଭାବିଲି, ତମେ ବୋଧେ ଘରେ ନାହିଁ ।
ମୁଁ ଭାବିଲି ତମେ ନାହିଁ ।
ମୁଁ ଭାବିଲି ତମେ ବୋଧେ ଘରେ ନାହିଁ ।

ଯିବାନି ?
ପୁରୀ ଯିବାନି ?
ଆଜି ଯିବାନି ?
କଣ ଯିବାନି ?
କଣ ପୁରୀ ଯିବାନି ?
କଣ ଆଜି ଯିବାନି ?
କଣ ଆଜି ପୁରୀ ଯିବାନି ?

ରଥ ଯାତ୍ରା ।
ଆଜି ତ ରଥ ଯାତ୍ରା ।
ହଁ, ଆଜି ତ ରଥ ଯାତ୍ରା ।

କିପରି ?
କହୁଛ କିପରି ?
ନଯିବା କହୁଛ କିପରି ?
ନଯିବା କଥା କହୁଛ କିପରି ?

ରହୁଛି ।
ଭାଇ ରହୁଛି ।
ମୋ ତଜ ଭାଇ ରହୁଛି ।
ସେଠି ରହୁଛି ।
ସେଠି ମୋ ତଜ ଭାଇ ରହୁଛି ।

ରହିବା ।
ଯାଇ ରହିବା ।
ତା ପାଖରେ ଯାଇ ରହିବା ।

Digitized by srujanika@gmail.com

ଥାଆନ୍ତି ?
ପୁରୀରେ ଥାଆନ୍ତି ?
ଘର ପୁରୀରେ ଥାଆନ୍ତି ?
ବଡ଼ ଭଇ ଘର ପୁରୀରେ ଥାଆନ୍ତି ?
ତମ ବଡ଼ଭଇ ଘର ପୁରୀରେ ଥାଆନ୍ତି ।

ଅଛି ।
ଘର ଅଛି ।
ତାଙ୍କର ଅଛି ।
ପୁରୀରେ ଅଛି ।
ପୁରୀରେ ଘର ଅଛି ।
ପୁରୀରେ ତାଙ୍କର ଘର ଅଛି ।
ହଁ, ପୁରୀରେ ତାଙ୍କର ଘର ଅଛି ।

ନଥାନ୍ତି ।
ଘରେ ନଥାନ୍ତି ।
ପ୍ରାୟ ନଥାନ୍ତି ।
ସେ ପ୍ରାୟ ଘରେ ନଥାନ୍ତି ।
କିନ୍ତୁ ସେ ପ୍ରାୟ ଘରେ ନଥାନ୍ତି ।

ଯାଇଥାନ୍ତି ।
ଟୁରରେ ଯାଇଥାନ୍ତି ।
ଅଧିକାଂଶ ସମୟରେ ଟୁରରେ ଯାଇଥାନ୍ତି ।

ହେବ ।
ସୁବିଧା ହେବ ।
ରହିବାକୁ ସୁବିଧା ହେବ ।
ସାନ ଭଇ ଘରେ ରହିବାକୁ ସୁବିଧା ହେବ ।
ମୋ ସାନ ଭଇ ଘରେ ରହିବାକୁ ସୁବିଧା ହେବ ।

ଉପରେ ।
ବଡ଼ଦାଣ୍ଡ ଉପରେ ।
ତା ଘର ବଡ଼ ଦାଣ୍ଡ ଉପରେ ।

ଦେଖିବା ।
ବାରଣ୍ଡାରେ ବସି ଦେଖିବା ।
ତା ଘର ବାରଣ୍ଡାରେ ବସି ଦେଖିବା ।

କହିଲ ?
ନାଁ କହିଲ ?
କ'ଣ କ'ଣ ନାଁ କହିଲ ?
ରଥଗୁଡ଼ିକର କ'ଣ କ'ଣ ନାଁ କହିଲ ?
ଠାକୁରଙ୍କ ରଥଗୁଡ଼ିକର କ'ଣ କ'ଣ ନାଁ କହିଲ ?
ଆଚ୍ଛା, ଠାକୁରଙ୍କ ରଥଗୁଡ଼ିକର କ'ଣ କ'ଣ ନାଁ କହିଲ ?

ଜାଣିନ ?
ତମେ ଜାଣିନ ?

ଥାଏ ।
ଚକ ଥାଏ ।
୧୬ଟି ଚକ ଥାଏ ।
୨୩ ହାତ ଉଚ୍ଚ ଆଉ ତାର ୧୬ଟି ଚକ ଥାଏ ।
ଜଗନ୍ନାଥଙ୍କ ରଥ ୨୩ ହାତ ଉଚ୍ଚ ଆଉ ତାର ୧୬ଟି ଚକ ଥାଏ ।

ଲଗିଥାଏ ।
ସେଥିରେ ୧୪ଟି ଚକ ଲଗିଥାଏ ।
ବଳଭଦ୍ରଙ୍କ ରଥ ୨୨ ହାତ ଉଚ୍ଚ ଓ ସେଥିରେ ୧୪ଟି ଚକ ଲଗିଥାଏ ।
ସେମିତି ବଳଭଦ୍ରଙ୍କ ରଥ ୨୨ ହାତ ଉଚ୍ଚ ଓ ସେଥିରେ ୧୪ଟି ଚକ ଥାଏ ।

ଯିବା ।
ବସ୍‌ରେ ଯିବା ।
୮ଟା ବସ୍‌ରେ ଯିବା ।
ସକାଳ ବସ୍‌ରେ ଯିବା ।
ସକାଳ ୮ଟା ବସ୍‌ରେ ଯିବା ।

Digitized by srujanika@gmail.com

II. Substitution drill

(a) ତୋ ଭାଇ ଘରେ ଅଛନ୍ତି ?

ତମ (ମାନଙ୍କ)	ତମ(ମାନଙ୍କ) ଭାଇ ଘରେ ଅଛନ୍ତି ?
ଆପଣ (ମାନଙ୍କ)	ଆପଣ(ମାନଙ୍କ) ଭାଇ ଘରେ ଅଛନ୍ତି ?
ମୋ	ମୋ ଭାଇ ଘରେ ଅଛନ୍ତି ?
ଆମ (ମାନଙ୍କ)	ଆମ(ମାନଙ୍କ) ଭାଇ ଘରେ ଅଛନ୍ତି ?
ତା	ତା ଭାଇ ଘରେ ଅଛନ୍ତି ?
ତାଙ୍କ	ତାଙ୍କ ଭାଇ ଘରେ ଅଛନ୍ତି ?
ସେମାନଙ୍କ	ସେମାନଙ୍କ ଭାଇ ଘରେ ଅଛନ୍ତି ?

(b) ତୋ ଭାଇ ଘରେ ଅଛନ୍ତି ?

ଦାଦା	ତୋ ଦାଦା ଘରେ ଅଛନ୍ତି ?
ବାପା	ତୋ ବାପା ଘରେ ଅଛନ୍ତି ?
ବଡ଼ଭାଇ	ତୋ ବଡ଼ଭାଇ ଘରେ ଅଛନ୍ତି ?
ବଡ଼ବାପା	ତୋ ବଡ଼ବାପା ଘରେ ଅଛନ୍ତି ?
ଜେଜେ	ତୋ ଜେଜେ ଘରେ ଅଛନ୍ତି ?
ମା	ତୋ ମା ଘରେ ଅଛନ୍ତି ?
ଅପା	ତୋ ଅପା ଘରେ ଅଛନ୍ତି ?
ନାନୀ	ତୋ ନାନୀ ଘରେ ଅଛନ୍ତି ?

(c) କଣ ଆଜି ପୁରୀ ଯିବାନି ?

କଟକ	କଣ ଆଜି କଟକ ଯିବାନି ?
ଢେଙ୍କାନାଳ	କଣ ଆଜି ଢେଙ୍କାନାଳ ଯିବାନି ?
ବଲାଙ୍ଗିର	କଣ ଆଜି ବଲାଙ୍ଗିର ଯିବାନି ?
କୋରାପୁଟ	କଣ ଆଜି କୋରାପୁଟ ଯିବାନି ?
ସୁନ୍ଦରଗଡ଼	କଣ ଆଜି ସୁନ୍ଦରଗଡ଼ ଯିବାନି ?
ଫୁଲବାଣୀ	କଣ ଆଜି ଫୁଲବାଣୀ ଯିବାନି ?
ମୟୂରଭଞ୍ଜ	କଣ ଆଜି ମୟୂରଭଞ୍ଜ ଯିବାନି ?

(d) ଆଜି ତ ରଥଯାତ୍ରା ।

ବାହୁଡ଼ାଯାତ୍ରା	ଆଜିତ ବାହୁଡ଼ା ଯାତ୍ରା ।
ଦୋଳଯାତ୍ରା	ଆଜିତ ଦୋଳଯାତ୍ରା ।
ଚନ୍ଦନଯାତ୍ରା	ଆଜି ତ ଚନ୍ଦନଯାତ୍ରା ।

Digitized by srujanika@gmail.com

(e) ନଯିବା କଥା କହୁଛ କିପରି ?

ନକରିବା କଥା	ନକରିବା କଥା କହୁଛ କିପରି ?
ନଦେଖିବା କଥା	ନଦେଖିବା କଥା କହୁଛ କିପରି ?
ନହେବା କଥା	ନହେବା କଥା କହୁଛ କିପରି ?
ନ ସରିବା କଥା	ନ ସରିବା କଥା କହୁଛ କିପରି ?
ନ ଶିଖିବା କଥା	ନ ଶିଖିବା କଥା କହୁଛ କିପରି ?

(f) ପୁରୀରେ ମୋ ତଳ ଘର ଥାଏ ।

ଉପର ଘର	ପୁରୀରେ ମୋ ଉପର ଘର ଥାଏ ।
ସାନଘର	ପୁରୀରେ ମୋ ସାନଘର ଥାଏ ।
ତଳ ଭଉଣୀ	ପୁରୀରେ ମୋ ତଳ ଭଉଣୀ ଥାଏ ।
ଉପର ଭଉଣୀ	ପୁରୀରେ ମୋ ଉପର ଭଉଣୀ ଥାଏ ।

(g) ପୁରୀରେ ତାଙ୍କର ଘର ଅଛି ।

ତୋର	ପୁରୀରେ ତୋର ଘର ଅଛି ।
ତମର	ପୁରୀରେ ତମର ଘର ଅଛି ।
ଆପଣଙ୍କର	ପୁରୀରେ ଆପଣଙ୍କର ଘର ଅଛି ।
ମୋର	ପୁରୀରେ ମୋର ଘର ଅଛି ।
ଆମର	ପୁରୀରେ ଆମର ଘର ଅଛି ।
ତାର	ପୁରୀରେ ତାର ଘର ଅଛି ।
ସେମାନଙ୍କର	ପୁରୀରେ ସେମାନଙ୍କର ଘର ଅଛି ।

(h) କିନ୍ତୁ ସେ ପ୍ରାୟ ଘରେ ନଥାନ୍ତି ।

ଅନେକ ସମୟରେ	କିନ୍ତୁ ସେ ଅନେକ ସମୟରେ ଘରେ ନଥାନ୍ତି ।
ଅଧିକାଂଶ ସମୟରେ	କିନ୍ତୁ ସେ ଅଧିକାଂଶ ସମୟରେ ଘରେ ନଥାନ୍ତି ।

III. Substitution-Agreement drill

(a) ଆରେ, ଭାଇ ଘରେ ଅଛନ୍ତି ?

ସେ *hon.*	ଆରେ, ସେ ଘରେ ଅଛନ୍ତି ?
ତୁ	ଆରେ, ତୁ ଘରେ ଅଛୁ ?
ତୁମେ	ଆରେ, ତୁମେ ଘରେ ଅଛ ?
ଆପଣ	ଆରେ, ଆପଣ ଘରେ ଅଛନ୍ତି ?
ମୁଁ	ଆରେ, ମୁଁ ଘରେ ଅଛି ?

Digitized by srujanika@gmail.com

ଆମେ *incl.*	ଆରେ, ଆମେ ଘରେ ଅଛେ ?
ଆମେ *excl.*	ଆରେ, ଆମେ ଘରେ ଅଛୁ ?
ସେ *fam.*	ଆରେ, ସେ ଘରେ ଅଛି ?
ସେମାନେ	ଆରେ, ସେମାନେ ଘରେ ଅଛନ୍ତି ?

(b) ମୁଁ ଭାବିଲି ତମେ ବୋଧେ ଘରେ ନାହଁ ।

ତୁ	ମୁଁ ଭାବିଲି ତୁ ବୋଧେ ଘରେ ନାହୁଁ ।
ଆପଣ	ମୁଁ ଭାବିଲି ଆପଣ ବୋଧେ ଘରେ ନାହାନ୍ତି ।
ଆମେ *excl.*	ମୁଁ ଭାବିଲି ଆମେ ବୋଧେ ଘରେ ନାହୁଁ ।
ଆମେ *incl.*	ମୁଁ ଭାବିଲି ଆମେ ବୋଧେ ଘରେ ନାହେଁ ।
ସେ *fam.*	ମୁଁ ଭାବିଲି ସେ ବୋଧେ ଘରେ ନାହିଁ ।
ସେ *hon.*	ମୁଁ ଭାବିଲି ସେ ବୋଧେ ଘରେ ନାହାନ୍ତି ।
ସେମାନେ	ମୁଁ ଭାବିଲି ସେମାନେ ବୋଧେ ଘରେ ନାହାନ୍ତି ।

(c) ବଡ଼ ଭାଇ ପୁରୀରେ ଥାଆନ୍ତି ।

ସେ *hon.*	ସେ ପୁରୀରେ ଥାଆନ୍ତି ।
ମୁଁ	ମୁଁ ପୁରୀରେ ଥାଏ ।
ଆମେ *excl.*	ଆମେ ପୁରୀରେ ଥାଉ ।
ତୁ	ତୁ ପୁରୀରେ ଥାଉ ।
ତୁମେ (ମାନେ)	ତୁମେ ପୁରୀରେ ଥାଅ ।
ଆପଣ(ମାନେ)	ଆପଣ ପୁରୀରେ ଥାଆନ୍ତି ।
ସେମାନେ	ସେମାନେ ପୁରୀରେ ଥାଆନ୍ତି ।
ସେ *fam.*	ସେ ପୁରୀରେ ଥାଏ ।

(d) ସେ ପ୍ରାୟ ଘରେ ନଥାନ୍ତି ।

ମୁଁ	ମୁଁ ପ୍ରାୟ ଘରେ ନଥାଏ ।
ଆମେ	ଆମେ ପ୍ରାୟ ଘରେ ନଥାଉ ।
ତୁ	ତୁ ପ୍ରାୟ ଘରେ ନଥାଉ ।
ତୁମେ(ମାନେ)	ତୁମେ ପ୍ରାୟ ଘରେ ନଥାଅ ।
ଆପଣ (ମାନେ)	ଆପଣ ପ୍ରାୟ ଘରେ ନଥାନ୍ତି ।
ସେ *fam.*	ସେ ପ୍ରାୟ ଘରେ ନଥାଏ ।
ସେମାନେ	ସେମାନେ ପ୍ରାୟ ଘରେ ନଥାନ୍ତି ।

Digitized by srujanika@gmail.com

(e) ତମେ ଜାଣିନ ?

ତୁ	ତୁ ଜାଣିନୁ ?
ଆପଣ	ଆପଣ ଜାଣି ନାହାଁନ୍ତି ?
ମୁଁ	ମୁଁ ଜାଣିନି ?
ଆମେ *excl.*	ଆମେ ଜାଣିନୁ ?
ଆମେ *incl.*	ଆମେ ଜାଣିନେ ?
ସେ *fam.*	ସେ ଜାଣିନି ?
ସେ *hon.*	ସେ ଜାଣି ନାହାଁନ୍ତି ?
ସେମାନେ	ସେମାନେ ଜାଣି ନାହାଁନ୍ତି ?

IV Transformation drill

1. Transformation into negative—

(a) ତୋ ଭଉ ଘରେ ଅଛନ୍ତି ।
ତୋ ଭଉ ଘରେ ନାହାନ୍ତି ।

(b) ତା ପାଖରେ ଯାଇ ରହିବା ।
ତା ପାଖରେ ଯାଇ ରହିବାନି ।

(c) ପୁରୀରେ ତାଙ୍କର ଘର ଅଛି ।
ପୁରୀରେ ତାଙ୍କର ଘର ନାହିଁ ।

(d) ମୋ ସାନ ଭଉ ଘରେ ରହିବାକୁ ସୁବିଧା ହେବ ।
ମୋ ସାନଭଉ ଘରେ ରହିବାକୁ ସୁବିଧା ହେବନି ।

(e) ଆଜି ତ ରଥଯାତ୍ରା ।
ଆଜି ତ ରଥଯାତ୍ରା ନୁହଁ ।

(f) ବଡ଼ଠାକୁରଙ୍କ ରଥ ନାଁ ନନ୍ଦିଘୋଷ ।
ବଡ଼ଠାକୁରଙ୍କ ରଥ ନାଁ ନନ୍ଦିଘୋଷ ନୁହଁ ।

(g) ମୋ ବଡ଼ଭଉ ପୁରୀରେ ଥାଏ ।
ମୋ ବଡ଼ଭଉ ପୁରୀରେ ନଥାଏ ।

(h) ଜଗନ୍ନାଥଙ୍କ ରଥରେ ୧୬ଟି ଚକ ଥାଏ ।
ଜଗନ୍ନାଥଙ୍କ ରଥରେ ୧୬ଟି ଚକ ନଥାଏ ।

(i) ତମ ବଡ଼ଭଉ ପୁରୀରେ ଥାଆନ୍ତି ।
ତମ ବଡ଼ଭଉ ପୁରୀରେ ନଥାନ୍ତି ।

Digitized by srujanika@gmail.com

(j) ସେ ଟୁର୍‌ରେ ଯାଇଥାନ୍ତି ।
ସେ ଟୁର୍‌ରେ ଯାଇ ନଥାନ୍ତି ।

(k) ବଳଭଦ୍ରଙ୍କ 'ରଥରେ ୧୪ଟି ଚକ ଲଗିଥାଏ ।
ବଳଭଦ୍ରଙ୍କ ରଥରେ ୧୪ଟି ଚକ ଲଗି ନ ଥାଏ ।

2. Transformation into interrogative-negative—

(a) ତୋ ଭାଇ ଘରେ ଅଛନ୍ତି ?
ତୋ ଭାଇ ଘରେ ନାହାନ୍ତି ?

(b) ଆରେ, ତମେ ଅଛ ?
ଆରେ, ତମେ ନାହିଁ ?

(c) ଆଜି ତ ରଥଯାତ୍ରା ।
ଆଜି ତ ରଥଯାତ୍ରା ନୁହଁ ?

(d) ତମ ବଡ଼ଭାଇ ପରା ପୁରୀରେ ଥାଆନ୍ତି ?
ତମ ବଡ଼ଭାଇ ପରା ପୁରୀରେ ନଥାନ୍ତି ?

(e) ବଳଭଦ୍ରଙ୍କ ରଥରେ ୧୪ଟି ଚକ ଲଗିଥାଏ ।
ବଳଭଦ୍ରଙ୍କ ରଥରେ ୧୪ଟି ଚକ ଲଗି ନଥାଏ ?

3. Transformation into affirmative—

(a) ସେ ବୋଧେ ଘରେ ନାହିଁ ।
ସେ ବୋଧେ ଘରେ ଅଛି ।

(b) କଣ ଆଜି ପୁରୀ ଯିବାନି ?
ଆଜି ପୁରୀ ଯିବା ।

(c) ସେ ପ୍ରାୟ ଘରେ ନଥାନ୍ତି ।
ସେ ପ୍ରାୟ ଘରେ ଥାଆନ୍ତି ।

4. Transformation of perfect infinitive to imperfect infinitive—

(a) ସେ କରିଥିବା କାମ ମୁଁ ଦେଖିଛି ।
ସେ କରୁଥିବା କାମ ମୁଁ ଦେଖିଛି ।

(b) ଲଇବ୍ରେରୀ ଖୋଲିଥିବା କଥା ସେ ଜାଣେ ।
ଲଇବ୍ରେରୀ ଖୋଲୁଥିବା କଥା ସେ ଜାଣେ ।

Digitized by srujanika@gmail.com

(c) ତୁ ପଢିଥିବା ପାଠ ମୁଁ ପଢୁଛି ।
ତୁ ପଢୁଥିବା ପାଠ ମୁଁ ପଢୁଛି ।

V Response drill

(a) ତମେ ପୁରୀ ଯାଇଛ ?
ହଁ, ମୁଁ ପୁରୀ ଯାଇଛି ।
ନା, ମୁଁ ପୁରୀ ଯାଇନି ।

(b) ଆପଣମାନେ ରଥଯାତ୍ରା ଦେଖିଛନ୍ତି ?
ହଁ, ଦେଖିଛୁ ।
ନା, ଦେଖିନୁ ।

(c) ତାଙ୍କ ବଡ଼ଭାଇ କୋଉଠି ଥାଆନ୍ତି ?
ତାଙ୍କ ବଡ଼ଭାଇ ବିଦେଶରେ ଥାଆନ୍ତି ।

(d) ପୁରୀ ଠାକୁରଙ୍କ ରଥଗୁଡ଼ିକର ନାଁ କ'ଣ କହିଲେ ?
ଜଗନ୍ନାଥଙ୍କ ରଥ ନାଁ ନନ୍ଦିଘୋଷ, ବଳଭଦ୍ରଙ୍କ ରଥ ନାଁ ତାଳଧ୍ୱଜ, ଆଉ ସୁଭଦ୍ରାଙ୍କ ରଥ ନାଁ ଦେବଦଳନ ।

(e) ଜଗନ୍ନାଥଙ୍କ ରଥର ଉଚ୍ଚତା କେତେ ?
ଜଗନ୍ନାଥଙ୍କ ରଥର ଉଚ୍ଚତା ୨୩ ହାତ ।

(f) ଜଗନ୍ନାଥଙ୍କ ରଥର କେତୋଟି ଚକ ?
ଜଗନ୍ନାଥଙ୍କ ରଥର ୧୬ଟି ଚକ ।

(g) ବଳଭଦ୍ରଙ୍କ ରଥରେ କେତୋଟି ଚକ ଥାଏ ?
ବଳଭଦ୍ରଙ୍କ ରଥରେ ୧୪ଟି ଚକ ଥାଏ ।

(h) ରଥଯାତ୍ରା ଦିନ ଠାକୁରମାଁନେ କୁଆଡ଼େ/କୋଉଠିକି ଯାଆନ୍ତି ?
ରଥଯାତ୍ରା ଦିନ ଠାକୁରମାନେ ଗୁଣ୍ଡିଚ୍ଚା ମନ୍ଦିରକୁ ଯାଆନ୍ତି ।

(i) ଠାକୁରମାନେ ବଡ଼ ଦେଉଳକୁ କେବେ ଫେରନ୍ତି ?
ଠାକୁରମାନେ ବଡ଼ ଦେଉଳକୁ ବାହୁଡ଼ାଯାତ୍ରା ଦିନ ଫେରନ୍ତି ।

(j) ରଥଯାତ୍ରା ଦେଖିବାକୁ କଣ ବହୁତ ଯାତ୍ରୀ ଆସନ୍ତି ?
ହଁ, ରଥଯାତ୍ରା ଦେଖିବାକୁ ଦେଶବିଦେଶରୁ ବହୁତ ଯାତ୍ରୀ ଆସନ୍ତି ।

Digitized by srujanika@gmail.com

Exercises

1. Substitute the words in the subject places of the given basic sentences with the words given in the brackets and make corresponding changes in the verbs :

(ମୁଁ, ଆମେ *incl.*, ତୁ, ତୁମେ, ଆପଣ, ସେ *hon*, ସେ *fam*, ସେମାନେ)

Basic sentence : ରଘୁ ସବୁବେଳେ ଘରେ ଥାଏ ।
ଜଗନ୍ନାଥ ପୁରୀରେ ଥାଆନ୍ତି ।

2. Substitute the underlined words in the following sentences with the appropriate words given in the brackets :

(ଥାଏ, ଥାନ୍ତି, ରହନ୍ତି, ହେଉଛି, ଶେଷହେଲା)

(a) ସେ କଲିକତାରେ <u>ରହନ୍ତି</u> ।
(b) ତାଙ୍କ ଦୋକାନରେ ଅନେକ ଜିନିଷ <u>ଅଛି</u> ।
(c) ସେମାନେ ପୁରୀରେ <u>ରହୁଛନ୍ତି</u> ।
(d) ଏଠି ସବୁବେଳେ ମେଘ <u>ହୁଏ</u> ।
(e) କଣ ପ୍ରଶ୍ନ ଉତ୍ତର <u>କରି ସାରିଲ</u> ?

3. Fill up the blanks choosing appropriate words from the brackets :

(ନଥାଏ, ନାହିଁ, ଥାନ୍ତି, ଥାଏ, ଅଛି, ଅଛନ୍ତି, ନଥାନ୍ତି)

(a) ମୋ ଭାଇଙ୍କର କାର...................... ।
(b) ତାଙ୍କର ଦୁଇଜଣ ଭାଇ...................... ।
(c) ସେ ସବୁବେଳେ ଘରେ...................... ।
(d) ତୁମର ଛାତ୍ରମାନେ କୋଉଠି...................... ?
(e) ବନ୍ଧୁଆବାବୁଙ୍କ ବଗିଚାରେ ଫୁଲଗଛ .... ?
(f) ୧୦ଟାବେଳେ ଆମ ଘରେ ଲୋକ .... ।
(g) ସେଇ ସମୟରେ ମୁଁ ପୁରୀ ଯାଇ .... ।

4. Transform each of the following sentences according to the instruction given in the right hand side brackets :

(a) ଆମର ଅନେକଗୁଡ଼ିଏ ଛେଳି ଅଛନ୍ତି । (negative)

Digitized by srujanika@gmail.com

(b) ଆପଣଙ୍କର ଭୁବନେଶ୍ୱରରେ ରହିବାକୁ ସୁବିଧା ଅଛି । (negative)
(c) ଜଗନ୍ନାଥଙ୍କ ରଥରେ ୨୪ଟି ଚକ ଥାଏ । (negative)
(d) ବଳଭଦ୍ରଙ୍କ ରଥ ନାଁ ନନ୍ଦିଘୋଷ । (interrogative-negative)
(e) ତୁମେ ତ ସବୁବେଳେ ଘରେ 'ନ ଥାଅ । (affirmative)
(f) ମୋ ବଡଭାଇ କଲିକତାରେ ଥାଆନ୍ତି । (interrogative-negative)
(g) ତୁ ସେଠି ଅଛୁ । (interrogative-negative)
(h) ଆଜି କଣ ବାହୁଡା ? (interrogative-negative)
(i) ସେ ସବୁବେଳେ କ୍ଲାସରେ ନଥାନ୍ତି । (interrogative)
(j) ସକାଳୁ ଫୁଲଗୁଡ଼ିକ ଫୁଟି ନଥାଏ । (affirmative)

5. Answer the following questions :

(a) ଆପଣ ରଥଯାତ୍ରା ଦେଖିଛନ୍ତି ?
(b) ଆପଣଙ୍କ ବନ୍ଧୁମାନେ କୋଉଠି ଥାଆନ୍ତି ?
(c) ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥଗୁଡ଼ିକର ନାଁ କ'ଣ ?
(d) ଜଗନ୍ନାଥଙ୍କ ରଥର ରଙ୍ଗ କ'ଣ ?
(e) ବଳଭଦ୍ର ଓ ସୁଭଦ୍ରାଙ୍କ ରଥର ରଙ୍ଗ କଣ ଅଲଗା ?
(f) ସୁଭଦ୍ରାଙ୍କ ରଥର କେତୋଟି ଚକ ?
(g) ବଳଭଦ୍ରଙ୍କ ରଥର ଉଚ୍ଚତା କେତେ ?
(h) ସୁଭଦ୍ରାଙ୍କ ରଥ କେତେ ଉଚ୍ଚ ?
(i) ରଥଯାତ୍ରା ଦିନ ଠାକୁରଙ୍କ ରଥ ସବୁ କୋଉଠିକି ଯାଏ ?
(j) ବାହୁଡ଼ା ଦିନ ରଥ ସବୁ କୋଉଠିକି ଫେରେ ?

6. Write *five* sentences about ନନ୍ଦିଘୋଷ .

Grammatical Note

1. The auxiliary verb ଅଛ- has a negative counterpart ନାହିଁ-. The variant form ଥ- of ଅଛ- is used in the past and future tenses. Its negative ନ is also included in this lesson. For ଅଛ- and ନାହିଁ- also *see*, Lesson-4, Gr. Note.

The auxiliary ଅଛ- usually refers to present or to habitual present whereas the variant ଥ- usually refers to habitual past which may continue to the present time.

Digitized by srujanika@gmail.com

ସେ ସେଠି ଅଛି । He is there. (habitual construction)
ସେ ସେଠି ଥାଏ । He stays there.

(i) Both the auxiliary ଅଛ and its negative counterpart ନାହିଁ- take the same person-number suffix. The person-number suffixes are added to ଅଛ-, ନାହିଁ- and the variant ଥ- as follows—

(a) -ଇ is the suffix for 1st person singular, 3rd person familiar singular.

ଅଛି/ନାହିଁ

(b) -ଉ is the suffix for 1st person plural, and 2nd person singular familiar.

ଅଛୁ/ନାହୁଁ/ଥାଉ

(c) -ଏ is the suffix for 1st person plural inclusive of ଅଛ- and ନାହିଁ and 1st person singular, 3rd person singular, and inanimate plural of variant ଥ-.

ଅଛେ/ନାହେଁ/ଥାଏ

-ଅ is the suffix for 2nd person polite singular and plural.

ଅଛ/ନାହଁ/ଥାଅ

-ଅନ୍ତି- or -ଆନ୍ତି is the suffix for 2nd person singular and plural honorific, 3rd person singular honorific and plural, and for plural non-human referents.

ଅଛନ୍ତି/ନାହାନ୍ତି/ଥାଆନ୍ତି

(ii) When the variant ଥ- is negated the indeclinable ନ always precedes the variant ଥ-, both in singular and plural constructions. The perfect and imperfect negative constructions of the auxiliary variant ଥ- are as follows :

Digitized by srujanika@gmail.com

Singular		Plural and Honorific	
ଯାଇଥାଏ	—	ଯାଇଥାନ୍ତି	(perfect)
ଯାଇନଥାଏ	—	ଯାଇନଥାନ୍ତି	
ଯାଉଥାଏ	—	ଯାଉଥାନ୍ତି	
ଯାଉନଥାଏ	—	ଯାଉନଥାନ୍ତି	(imperfect)

2. The infinitive is formed by adding -ଇବା or -ବା- to the verb stem in Oriya.

ଆଣ୍ + ଇବା = ଆଣିବା
ଯା + ବା = ଯିବା
ଦେ + ବା = ଦେବା
ନେ + ବା = ନେବା

The infinitives are sometimes used as verbal adjectives to function as an adjective before the noun. When this infinitival-verbal adjective is negated the auxiliary negative ନ precedes the verbal adjective.

ଯିବା କଥା	କରିବା କାମ
ନ ଯିବା କଥା	ନ କରିବା କାମ

3. (i) The habitual present perfect or present imperfect tense with the auxiliary variant ଥ- is formed as follows:
V. stem + tense marker + auxiliary variant + person-number suffix.

ଯାଇଥାଏ	ଯାଇଥାନ୍ତି	(perfect)
କରିଥାଏ	କରିଥାନ୍ତି	
ଯାଉଥାଏ	ଯାଉଥାନ୍ତି	(imperfect)
କରୁଥାଏ	କରୁଥାନ୍ତି	

(ii) The infinitive form of the auxiliary variant ଥ- is ଥିବା. -ଥିବା is added to the perfect or imperfect tense of the verb stem to function as follows —

Digitized by srujanika@gmail.com

ଯାଇଥିବା ରଥ	(perfect)
କହିଥିବା କଥା	
ଯାଉଥିବା ରଥ	(imperfect)
କହୁଥିବା କଥା	
ଯାଇଥିବାର	
କହିଥିବାରୁ	
କରିଥିବାବେଳେ	etc.
ଯାଉଥିବାର	
କହୁଥିବାରୁ	
କରୁଥିବାବେଳେ	etc.

4. There are four long sentences used towards the end of the lesson. But they are actually the combination of 2 or 3 sentences, combined either by coma or conjoints like ଓ and ଆଉ.

5. କ'ଣ କ'ଣ and କି କି are interrogative markers.

6. ତ is used for emphasis. But when ତ is used in an interrogative sentence it functions both as an emphasizer and as an interrogative marker to elicit 'yes no type' answer. The intonation also changes with the use of ତ from that of an affirmative to an interrogative sentence. As an interrogative marker ତ is usually used in the end of the sentence like କି.

ତମେ ତ ଯିବ ।	You will go.	(affirmative)
ତମେ ଯିବ ତ ?	Are you going ?	(interrogative)

Cultural Note

1. ରଥଯାତ୍ରା is the world famous Car Festival of Lord Jagannath. Three chariots are made for three deities and the names of the chariots are different for each deity. Lord Balabhadra is also called ବଡ଼ଠାକୁର.

Digitized by srujanika@gmail.com

2. ବଡ଼ଦାଣ୍ଡ : The road which joins the ବଡ଼ ଦେଉଳ with ଗୁଣ୍ଡିଚା ମନ୍ଦିର and on which the chariots of the Lords are drawn is called ବଡ଼ଦାଣ୍ଡ.

3. ଗୁଣ୍ଡିଚା ମନ୍ଦିର : The ଗୁଣ୍ଡିଚା ମନ୍ଦିର is also called ମାଉସୀମା ମନ୍ଦିର. On the Car Festival day the Lords go to this temple and stay there for 8 days and then return to their temple ବଡ଼ ଦେଉଳ on ବାହୁଡ଼ା ଯାତ୍ରା or Return Car Festival day.

4. The elder brother or sister who is immediately before a person is called ଉପର ଭାଇ or ଉପର ଭଉଣୀ. Similarly the younger brother or sister who is next below is called ତଳ ଭାଇ or ତଳ ଭଉଣୀ.

Colour

ଧଳା	white
କଳା	black
ନାଲି (ଲାଲ)	red
ନେଳି (ନୀଳ)	blue
ସବୁଜ (ଶାଗୁଆ)	green
ହଳଦିଆ	yellow
ଗୋଲାପି	pink
ମାଟିଆ	brown
ବାଇଗଣି	violet
ପାଉଁଶିଆ	ash colour

ଇନ୍ଦ୍ରଧନୁ ରଂଗ (Rainbow colour)—

ବା	ବାଇଗଣି
ଘ	ଘନନୀଳ
ନି	ନୀଳ
ସ	ସବୁଜ
ହ	ହଳଦିଆ
ଲ	ଲାଲ
ନା	ନାରଙ୍ଗୀ

Digitized by srujanika@gmail.com

UNIT II

LESSON 18

Tulu's Birthday

ଟୁଲୁର ଜନ୍ମଦିନ

ଟୁଲୁ : ପପୁ, କାଲି ମୋ ଜନ୍ମଦିନ ଥିଲା । ତୁ ଆସିଲୁନି ?	Tulu : Papu, my birthday was yesterday. Why didn't you come ?
ପପୁ : ସେ କଥା ମୋର ମୋଟେ ମନେ ନଥିଲା । ତା ଛଡ଼ା ମୁଁ ବି କାଲି ସନ୍ଧ୍ୟାରେ ମାମୁଁ ଘରକୁ ଯାଇଥିଲି । କିଏ କିଏ ସବୁ ଆସିଥିଲେ କି ?	Papu : I had completely forgotten that. Besides I had gone to my uncle's place yester-day evening. Who had come to attend ?
ଟୁଲୁ: ତୋ ଛଡ଼ା ଆଉ ସମସ୍ତେ ଆସିଥିଲେ ।	Tulu : All except you came.
ପପୁ : ସମସ୍ତେ ଭାରି ମଜା କରିଥିବ । ନୁହେଁ ? ତୋର ତ ନୂଆ ଜାମା ହେଇଥିବ ?	Papu : All of you must have enjoyed a lot. Isn't it ? You must have got new shirts ?
ଟୁଲୁ : ହଁ, ନୂଆ ଜାମା ହେଇଥିଲା । ମୋର ପୂଜା ହେଲା । ବୋଉ କେତେ ପ୍ରକାର ପିଠା କରିଥିଲା । ଆମେ ସମସ୍ତେ ସାଙ୍ଗହେଇ ଖାଇଲୁ । ତୁ କଥଣ ପାଇଁ ମାମୁଁ ଘରକୁ ଯାଇଥିଲୁ ? ମାମୁଁ ଆସିଥିଲେ ବୋଧେ ?	Tulu : Yes, I had new shirts. I was also worshipped. The mummy had prepared a number of cakes. We all ate together. Why did you go to your uncle's place. Did your uncle come yesterday ?
ପପୁ : ହଁ, ମାମୁଁ ଆସିଥିଲେ । ମାମୁଁ ଘର ପୋଖରୀରୁ ମାଛ ଧରହେଲା ।	Papu : Yes, the uncle came. They had arranged fishing from the pond at my uncle's place.

Digitized by srujanika@gmail.com

ଟୁଲୁ : ତମ ମାମୁଁ ଘର ପୋଖରୀରେ ବୋଧେ ବେଶୀ ମାଛ ନଥିବେ ।	Tulu : Probably there may not be many fishes in your uncle's pond ?
ପପୁ : ହଁ, ନଥିବେ ନା ! ବହୁତ ଅଛନ୍ତି । ଆର ଶନିବାର ଦିନ ତ ସ୍କୁଲ ବନ୍ଦ ଥିବ । ସାଙ୍ଗ ହୋଇ ଆମ ମାମୁଁ ଘରକୁ ଯିବା ।	Papu : No, not that. Plenty of them. The school would be closed on next Saturday. We will go together to my uncle's place.

Variation

ମୁନୁ : ତୁ କାଲି ସନ୍ଧ୍ୟାରେ ଘରେ ଥିବୁ ?	Munu : Will you be at home tomorrow evening ?
ଟୁକୁ : ନା, ନଥିବି । ମୁଁ ବଜାରକୁ ଯାଇଥିବି ।	Tuku : No, I will not be there. I would have gone to the market.
ମୁନୁ: କାହିଁକି ବଜାରକୁ ଯିବୁ ?	Munu : Why would you be going ?
ଟୁକୁ : ମୋର ସାହିତ୍ୟ ବହି କିଣାହେବ । ତୁ ତ କାଲି ସ୍କୁଲ ଯାଇ ନଥିଲୁ ?	Tuku : I would be purchasing my literature book. You didn't go to the school yesterday ?
ମୁନୁ : ନା, ମୁଁ କାଲି ସ୍କୁଲ ଯାଇ ନଥିଲି । ମୋର ଦେହ ଖରାପ ଥିଲା ।	Munu : No, I didn't . I was ill.

Vocabulary

ଆଉ ସମସ୍ତେ	all others	ନୂଆ ଜାମା	new clothes
କ'ଣ ପାଇଁ	what for (why)	ଦେହ ଖରାପ	illness
କିଏ କିଏ	who (are)	ପିଠା	cakes
କେତେ ପ୍ରକାର	many kind	ପୋଖରୀ	pond
ଗାଡ଼ିଆ	pond	ମଜା	fun
ଜନ୍ମଦିନ	birthday	ମାମୁଁଘର	maternal uncle's house.
ତା ଛଡ଼ା	besides		
ତୋ ଛଡ଼ା	besides you	ମୋଟେ	at all

Digitized by srujanika@gmail.com

Drills

I. Build up drill

ଥିଲା ।
ଜନ୍ମଦିନ ଥିଲା ।
ମୋ ଜନ୍ମଦିନ ଥିଲା ।
କାଲି ମୋ ଜନ୍ମଦିନ ଥିଲା ।
ପପୁ, କାଲି ମୋ ଜନ୍ମଦିନ ଥିଲା ।

ନଥିଲା ।
ମନେ ନଥିଲା ।
ମୋତେ ନଥିଲା ।
ମୋତେ ମନେ ନଥିଲା ।
ମୋର ନଥିଲା ।
ମୋର ମୋତେ ନଥିଲା ।
ମୋର ମନେ ନଥିଲା ।
ମୋର ମୋତେ ମନେ ନଥିଲା ।
ସେ କଥା ମୋର ମୋତେ ମନେ ନଥିଲା ।

ଯାଇଥିଲି ।
ଘରକୁ ଯାଇଥିଲି ।
ମାମୁଁ ଘରକୁ ଯାଇଥିଲି ।
ସନ୍ଧ୍ୟାରେ ଯାଇଥିଲି ।
କାଲି ଯାଇଥିଲି ।
କାଲି ସନ୍ଧ୍ୟାରେ ମାମୁଁ ଘରକୁ ଯାଇଥିଲି ।
ମୁଁ ଯାଇଥିଲି ।
ମୁଁ ସନ୍ଧ୍ୟାରେ ଯାଇଥିଲି ।
ମୁଁ ମାମୁଁ ଘରକୁ ଯାଇଥିଲି ।
ମୁଁ ବି କାଲି ସନ୍ଧ୍ୟାରେ ମାମୁଁ ଘରକୁ ଯାଇଥିଲି ।

ଆସିଥିଲେ ?
କିଏ ଆସିଥିଲେ ?
କିଏ ସବୁ ଆସିଥିଲେ ?
କିଏ କିଏ ଆସିଥିଲେ ?
କିଏ କିଏ ସବୁ ଆସିଥିଲେ ?

ଆସିଥିଲେ ।
ସମସ୍ତେ ଆସିଥିଲେ ।
ଆଉ ସମସ୍ତେ ଆସିଥିଲେ ।
ତୋ ଛଡ଼ା ସମସ୍ତେ ଆସିଥିଲେ ।
ତୋ ଛଡ଼ା ଆଉ ସମସ୍ତେ ଆସିଥିଲେ ।

କରିଥିବ ।
ମଜା କରିଥିବ ।
ଭରି ମଜା କରିଥିବ ।
ସମସ୍ତେ ମଜା କରିଥିବ ।
ସମସ୍ତେ ଭରି ମଜା କରିଥିବ ।

ହୋଇଥିବ ?
ନୂଆ ଜାମା ହୋଇଥିବ ?
ତୋର ହୋଇଥିବ ?
ତୋର ତ ହୋଇଥିବ ?
ତୋର ତ ନୂଆ ଜାମା ହୋଇଥିବ ?

ହୋଇଥିଲା ।
ନୂଆ ଜାମା ହୋଇଥିଲା ।
ହଁ, ନୂଆଜାମା ହୋଇଥିଲା ।

ହେଲା ।
ପୂଜା ହେଲା ।
ମୋର ପୂଜା ହେଲା ।

Digitized by srujanika@gmail.com

କରିଥିଲ ।
ପିଠା କରିଥିଲ ।
କେତେ ପ୍ରକାର ପିଠା କରିଥିଲ ।
ବୋଉ କରିଥିଲ ।
ବୋଉ ପିଠା କରିଥିଲ ।
ବୋଉ କେତେ ପ୍ରକାର ପିଠା କରିଥିଲ ।

ଖାଇଲୁ ।
ସାଙ୍ଗହେଇ ଖାଇଲୁ ।
ସମସ୍ତେ ଖାଇଲୁ ।
ଆମେ ଖାଇଲୁ ।
ଆମେ ସାଙ୍ଗ ହେଇ ଖାଇଲୁ ।
ଆମେ ସମସ୍ତେ ସାଙ୍ଗ ହେଇ ଖାଇଲୁ ।

ଯାଇଥିଲୁ ?
ମାମୁଁ ଘରକୁ ଯାଇଥିଲୁ ?
କ'ଣ ପାଇଁ ଯାଇଥିଲୁ ?
କ'ଣ ପାଇଁ ମାମୁଁ ଘରକୁ ଯାଇଥିଲୁ ?
ତୁ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲୁ ?

ବୋଧେ ?
ଆସିଥିଲେ ବୋଧେ ?
ମାମୁଁ ଆସିଥିଲେ ବୋଧେ ?

ଆସିଥିଲେ ।
ମାମୁଁ ଆସିଥିଲେ ।
ହଁ, ମାମୁଁ ଆସିଥିଲେ ।

ହେଇ ।
ଧରା ହେଇ ।
ମାଛ ଧରା ହେଇ ।
ପୋଖରୀରୁ ଧରା ହେଇ ।
ପୋଖରୀରୁ ମାଛ ଧରା ହେଇ ।
ମାମୁଁଘର ପୋଖରୀରୁ ମାଛ ଧରା ହେଇ ।

ନଥିବେ ।
ମାଛ ନଥିବେ ।
ବେଶୀ ନଥିବେ ।
ବେଶୀ ମାଛ ନଥିବେ ।
ବୋଧେ ବେଶୀ ମାଛ ନଥିବେ ।
ପୋଖରୀରେ ନଥିବେ ।
ପୋଖରୀରେ ବୋଧେ ବେଶୀ ମାଛ ନଥିବେ ।
ମାମୁଁଘର ପୋଖରୀରେ ବୋଧେ ବେଶୀ ମାଛ ନଥିବେ ।
ତମ ମାମୁଁ ଘର ପୋଖରୀରେ ବୋଧେ ବେଶୀ ମାଛ ନଥିବେ ।

ନଥିବେ ?
ନଥିବେ ନା ?

ଥିବ ।
ବନ୍ଦ ଥିବ ।
ସ୍କୁଲ ବନ୍ଦ ଥିବ ।
ଶନିବାର ଦିନ ତ ସ୍କୁଲ ବନ୍ଦ ଥିବ ।
ଆଉ ଶନିବାର ଦିନ ତ ସ୍କୁଲ ବନ୍ଦ ଥିବ ।

ଯିବା ।
ମାମୁଁ ଘରକୁ ଯିବା ।
ଆମ ମାମୁଁ ଘରକୁ ଯିବା ।
ସାଙ୍ଗ ହେଇ ଯିବା ।
ସାଙ୍ଗହେଇ ମାମୁଁ ଘରକୁ ଯିବା ।
ସାଙ୍ଗହେଇ ଆମ ମାମୁଁ ଘରକୁ ଯିବା ।

Digitized by srujanika@gmail.com

II. Substitution drill

(a) କାଲି ମୋ ଜନ୍ମଦିନ ଥିଲା ।

ଆମ	କାଲି ଆମ ଜନ୍ମଦିନ ଥିଲା ।
ତୋ	କାଲି ତୋ ଜନ୍ମଦିନ ଥିଲା ।
ତୁମ	କାଲି ତୁମ ଜନ୍ମଦିନ ଥିଲା ।
ଆପଣଙ୍କ	କାଲି ଆପଣଙ୍କ ଜନ୍ମଦିନ ଥିଲା ।
ତା	କାଲି ତା ଜନ୍ମଦିନ ଥିଲା ।
ତାଙ୍କ	କାଲି ତାଙ୍କ ଜନ୍ମଦିନ ଥିଲା ।
ସେମାନଙ୍କ	କାଲି ସେମାନଙ୍କ ଜନ୍ମଦିନ ଥିଲା ।
ବାହାଘର	କାଲି ମୋ ବାହାଘର ଥିଲା ।
ବ୍ରତଘର	କାଲି ମୋ ବ୍ରତଘର ଥିଲା ।

(b) ସେ କଥା ମୋର ମୋଟେ ମନେ ନଥିଲା ।

ଆମର	ସେ କଥା ଆମର ମୋଟେ ମନେ ନଥିଲା ।
ତୋର	ସେ କଥା ତୋର ମୋଟେ ମନେ ନଥିଲା ।
ତୁମର	ସେ କଥା ତୁମର ମୋଟେ ମନେ ନଥିଲା ।
ଆପଣଙ୍କର	ସେ କଥା ଆପଣଙ୍କର ମୋଟେ ମନେ ନଥିଲା ।
ତାର	ସେ କଥା ତାର ମୋଟେ ମନେ ନଥିଲା ।
ତାଙ୍କର	ସେ କଥା ତାଙ୍କର ମୋଟେ ମନେ ନଥିଲା ।
ସେମାନଙ୍କର	ସେ କଥା ସେମାନଙ୍କର ମୋଟେ ମନେ ନଥିଲା ।
ଜମା	ସେ କଥା ମୋର ଜମା ମନେ ନଥିଲା ।
ଆଦୌ	ସେ କଥା ମୋର ଆଦୌ ମନେ ନଥିଲା ।
ଟିକେ ବି	ସେ କଥା ମୋର ଟିକେ ବି ମନେ ନଥିଲା ।
ମୋଟକ୍ଲ	ସେ କଥା ମୋର ମୋଟକ୍ଲ ମନେ ନଥିଲା ।

(c) ତୋର ତ ନୂଆ ଜାମା ହୋଇଥିବ ?

ନୂଆ ଲୁଗା	ତୋର ତ ନୂଆ ଲୁଗା ହୋଇଥିବ ?
ନୂଆ ଶାର୍ଟ	ତୋର ତ ନୂଆ ଶାର୍ଟ ହୋଇଥିବ ?
ନୂଆ ପ୍ୟାଣ୍ଟ	ତୋର ତ ନୂଆ ପ୍ୟାଣ୍ଟ ହୋଇଥିବ ?

(d) ବୋଉ କେତେ ପ୍ରକାର ପିଠା କରିଥିଲା ।

ବହୁତ	ବୋଉ ବହୁତ ପ୍ରକାର ପିଠା କରିଥିଲା ।
ଅନେକ	ବୋଉ ଅନେକ ପ୍ରକାର ପିଠା କରିଥିଲା ।
ବିଭିନ୍ନ	ବୋଉ ବିଭିନ୍ନ ପ୍ରକାର ପିଠା କରିଥିଲା ।

Digitized by srujanika@gmail.com

(e) ତୁ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲୁ ?

କାହିଁକି — ତୁ କାହିଁକି ମାମୁଁ ଘରକୁ ଯାଇଥିଲୁ ?

କେମିତି — ତୁ କେମିତି ମାମୁଁ ଘରକୁ ଯାଇଥିଲୁ ?

କିପରି — ତୁ କିପରି ମାମୁଁ ଘରକୁ ଯାଇଥିଲୁ ?

(f) ମାମୁଁ ଆସିଥିଲେ ବୋଧେ ?

ବାପା — ବାପା ଆସିଥିଲେ ବୋଧେ ?

ଦାଦା — ଦାଦା ଆସିଥିଲେ ବୋଧେ ?

ଭାଇ — ଭାଇ ଆସିଥିଲେ ବୋଧେ ?

ଯାଇଥିଲେ — ମାମୁଁ ଯାଇଥିଲେ ବୋଧେ ?

ରହିଥିଲେ — ମାମୁଁ ରହିଥିଲେ ବୋଧେ ?

ଦେଖିଥିଲେ — ମାମୁଁ ଦେଖିଥିଲେ ବୋଧେ ?

ବସିଥିଲେ — ମାମୁଁ ବସିଥିଲେ ବୋଧେ ?

ଥିଲେ — ମାମୁଁ ଥିଲେ ବୋଧେ ?

ନଥିଲେ — ମାମୁଁ ନଥିଲେ ବୋଧେ ?

(g) ସାଙ୍ଗ ହୋଇ ଆମ ମାମୁଁ ଘରକୁ ଯିବା ।

ମୋ — ସାଙ୍ଗ ହୋଇ ମୋ ମାମୁଁ ଘରକୁ ଯିବା ।

ତୋ — ସାଙ୍ଗ ହୋଇ ତୋ ମାମୁଁ ଘରକୁ ଯିବା ।

ତମ — ସାଙ୍ଗ ହୋଇ ତମ ମାମୁଁ ଘରକୁ ଯିବା ।

ଆପଣଙ୍କର — ସାଙ୍ଗ ହୋଇ ଆପଣଙ୍କର ମାମୁଁ ଘରକୁ ଯିବା ।

ତା — ସାଙ୍ଗ ହୋଇ ତା ମାମୁଁ ଘରକୁ ଯିବା ।

ତାଙ୍କ — ସାଙ୍ଗ ହୋଇ ତାଙ୍କ ମାମୁଁ ଘରକୁ ଯିବା ।

ସେମାନଙ୍କ — ସାଙ୍ଗ ହୋଇ ସେମାନଙ୍କ ମାମୁଁ ଘରକୁ ଯିବା ।

(h) କିଏ କିଏ ସବୁ ଆସିଥିଲେ ?

କେଉଁମାନେ — କେଉଁମାନେ ସବୁ ଆସିଥିଲେ ?

ଆଉ କିଏ — ଆଉ କିଏ ସବୁ ଆସିଥିଲେ ?

(i) ମାମୁଁ ଘର ପୋଖରୀରୁ ମାଛ ଧରାହେଲା ।

ଗାଡ଼ିଆରୁ — ମାମୁଁ ଘର ଗାଡ଼ିଆରୁ ମାଛ ଧରାହେଲା ।

ଗାଁ — ଗାଁ ପୋଖରୀରୁ ମାଛ ଧରା ହେଲା ।

ଠାକୁର — ଠାକୁର ପୋଖରୀରୁ ମାଛ ଧରା ହେଲା ।

Digitized by srujanika@gmail.com

III. Substitution-Agreement drill

(a) ତୁ ଆସିଲୁନି ?

ମୁଁ	ମୁଁ ଆସିଲିନି ?
ଆମେ *excl.*	ଆମେ ଆସିଲୁନି ?
ଆମେ *incl.*	ଆମେ ଆସିଲେନି ?
ତମେ	ତମେ ଆସିଲନି ?
ଆପଣ	ଆପଣ ଆସିଲେନି ?
ସେ *fam.*	ସେ ଆସିଲାନି ?
ସେ *hon.*	ସେ ଆସିଲେନି ?
ସେମାନେ	ସେମାନେ ଆସିଲେନି ?

(b) ମୁଁ କାଲି ମାମୁଁ ଘରକୁ ଯାଇଥିଲି ।

ଆମେ *excl.*	ଆମେ କାଲି ମାମୁଁ ଘରକୁ ଯାଇଥିଲୁ ।
ଆମେ *incl.*	ଆମେ କାଲି ମାମୁଁ ଘରକୁ ଯାଇଥିଲେ ।
ତୁ	ତୁ କାଲି ମାମୁଁ ଘରକୁ ଯାଇଥିଲୁ ।
ତମେ	ତମେ କାଲି ମାମୁଁ ଘରକୁ ଯାଇଥିଲ ।
ଆପଣ	ଆପଣ କାଲି ମାମୁଁ ଘରକୁ ଯାଇଥିଲେ ।
ସେ *fam.*	ସେ କାଲି ମାମୁଁ ଘରକୁ ଯାଇଥିଲା ।
ସେ *hon.*	ସେ କାଲି ମାମୁଁ ଘରକୁ ଯାଇଥିଲେ ।
ସେମାନେ	ସେମାନେ କାଲି ମାମୁଁ ଘରକୁ ଯାଇଥିଲେ ।

(c) ସମସ୍ତେ ଖରି ମଜା କରିଥିବ ।

ମୁଁ	ମୁଁ ଖରି ମଜା କରିଥିବି ।
ଆମେ *excl.*	ଆମେ ଖରି ମଜା କରିଥିବୁ ।
ତୁ	ତୁ ଖରି ମଜା କରିଥିବୁ ।
ତମେ/ମାନେ	ତମେ ଖରି ମଜା କରିଥିବ ।
ଆପଣ/ମାନେ	ଆପଣ ଖରି ମଜା କରିଥିବେ ।
ସେ *fam.*	ସେ ଖରି ମଜା କରିଥିବ ।
ସେ *hon.*	ସେ ଖରି ମଜା କରିଥିବେ ।
ସେମାନେ	ସେମାନେ ଖରି ମଜା କରିଥିବେ ।

(d) ଆମେ ସମସ୍ତେ ସାଙ୍ଗ ହେଇ ଖାଇଲୁ ।

ତମେ	ତମେ ସମସ୍ତେ ସାଙ୍ଗ ହେଇ ଖାଇଲ ।

Digitized by srujanika@gmail.com

ସେମାନେ	ସେମାନେ ସମସ୍ତେ ସାଙ୍ଗ ହେଇ ଖାଇଲେ ।
ବନ୍ଧୁମାନେ	ବନ୍ଧୁମାନେ ସମସ୍ତେ ସାଙ୍ଗ ହେଇ ଖାଇଲେ ।
ପିଲମାନେ	ପିଲମାନେ ସମସ୍ତେ ସାଙ୍ଗ ହେଇ ଖାଇଲେ ।

(e) ତୁ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲୁ ?

ମୁଁ	ମୁଁ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲି ?
ଆମେ *excl.*	ଆମେ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲୁ ?
ଆମେ *incl.*	ଆମେ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲେ ?
ଆପଣ	ଆପଣ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲେ ?
ସେ *fam.*	ସେ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲ ?
ସେ *hon.*	ସେ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲେ ?
ସେମାନେ	ସେମାନେ କ'ଣ ପାଇଁ ମାମୁଁ ଘରକୁ ଯାଇଥିଲେ ?

(f) ମାମୁଁ ଆସିଥିଲେ ବୋଧେ ?

ଦାଦା	ଦାଦା ଆସିଥିଲେ ବୋଧେ ?
ଢେଢେ	ଢେଢେ ଆସିଥିଲେ ବୋଧେ ?
ତମେ	ତମେ ଆସିଥିଲ ବୋଧେ ?
ତୁ	ତୁ ଆସିଥିଲୁ ବୋଧେ ?
ମୁନା	ମୁନା ଆସିଥିଲ ବୋଧେ ?

IV. Transformation drill (note the change of meaning)

1. Transformation into negative/interrogative-negative-

(a) କାଲି ମୋ ଜନ୍ମଦିନ ଥିଲ ।
କାଲି ମୋ ଜନ୍ମଦିନ ନଥିଲ ।

(b) ମୁଁ କାଲି ସନ୍ଧ୍ୟାରେ ମାମୁଁ ଘରକୁ ଯାଇଥିଲି ।
ମୁଁ କାଲି ସନ୍ଧ୍ୟାରେ ମାମୁଁ ଘରକୁ ଯାଇ ନଥିଲି ।

(c) କିଏ କିଏ ସବୁ ଆସିଥିଲେ ?
କିଏ କିଏ ସବୁ ଆସି ନଥିଲେ ?

(d) ତୋର ତ ନୂଆ ଜାମା ହେଇଥିବ ?
ତୋର ତ ନୂଆ ଜାମା ହେଇ ନଥିବ ?

(e) ହଁ, ନୂଆ ଜାମା ହେଇଥିଲ ।
ନା, ନୂଆ ଜାମା ହେଇନଥିଲ ।

Digitized by srujanika@gmail.com

(f) ଆଉ ଶନିବାର ଦିନ ତ ସ୍କୁଲ ବନ୍ଦ ଥିବ ।
ଆଉ ଶନିବାର ଦିନ ତ ସ୍କୁଲ ବନ୍ଦ ନଥିବ ।

(g) ମୋର ପୂଜା ହେଲା ।
ମୋର ପୂଜା ହେଲାନି ।

(h) ଆମେ ସାଙ୍ଗ ହୋଇ ଖାଇଲୁ ।
ଆମେ ସାଙ୍ଗ ହୋଇ ଖାଇଲୁନି ।

2. Transformation of the simple past tense to past perfect—

(a) ତୁ କାଲି ଆସିଲୁ ?
ତୁ କାଲି ଆସିଥିଲୁ ?

(b) ଆମେ ସାଙ୍ଗ ହେଇ ଖାଇଲୁ ।
ଆମେ ସାଙ୍ଗ ହେଇ ଖାଇଥିଲୁ ।

(c) ପୋଖରୀରୁ ମାଛ ଧର ହେଲା ।
ପୋଖରୀରୁ ମାଛ ଧର ହେଇଥିଲା ।

3. Transformation of the following verbs into past perfect—

(a) ମୁଁ ବଜାରକୁ ଯାଇଥିବି ।
ମୁଁ ବଜାରକୁ ଯାଇଥିଲି ।

(b) ମୋର ସାହିତ୍ୟ ବହି କିଣା ହେବ ।
ମୋର ସାହିତ୍ୟ ବହି କିଣା ହେଇଥିଲା ।

(c) ତୁ କାହିଁକି ବଜାରକୁ ଯାଉଥିଲୁ ?
ତୁ କାହିଁକି ବଜାରକୁ ଯାଇଥିଲୁ ?

4. Transformation into future perfect—

(a) ସେ ମାମୁଁ ଘରକୁ ଯାଇଥିଲା ।
ସେ ମାମୁଁ ଘରକୁ ଯାଇଥିବ ।

(b) ନୂଆ ଜାମା ହେଇଥିଲା ।
ନୂଆ ଜାମା ହେଇଥିବ ।

Digitized by srujanika@gmail.com

(c) ମୋର ପୂଜା ହେଲା ।
ମୋର ପୂଜା ହୋଇଥିବ ।

(d) ବୋଉ କେତେ ପ୍ରକାର ପିଠା କରିଥିଲା ।
ବୋଉ କେତେ ପ୍ରକାର ପିଠା କରିଥିବ ।

(e) କିଏ କିଏ ସବୁ ଆସିଥିଲେ ?
କିଏ କିଏ ସବୁ ଆସିଥିବେ ?

(f) କାହିଁକି ବଜାରକୁ ଯିବୁ ?
କାହିଁକି ବଜାରକୁ ଯାଇଥିବୁ ?

5. Use of the tag ନା—

(a) ତମେ ଯିବ ?
ତମେ ଯିବନା ?

(b) ସେ ମାମୁଁ ଘରକୁ ଯାଇଥିଲା ।
ସେ ମାମୁଁ ଘରକୁ ଯାଇଥିଲା ନା !

(c) ତାର ପୂଜା ହେଲନି ।
ତାର ପୂଜା ହେଲନି ନା !

V. Response drill

(a) କାଲି ଟୁଲୁର କ'ଣ ଥିଲା ?
କାଲି ଟୁଲୁର ଜନ୍ମଦିନ ଥିଲା ।

(b) ପପୁ କାହିଁକି ଆସି ନଥିଲା ?
ପପୁର ମନେ ନ ଥିଲା । ପପୁ ମାମୁଁ ଘରକୁ ଯାଇଥିଲା ।

(c) ପପୁ କୁଆଡ଼େ ଯାଇଥିଲା ?
ପପୁ ମାମୁଁ ଘରକୁ ଯାଇଥିଲା ।

(d) ଟୁଲୁ ଜନ୍ମଦିନକୁ କିଏ କିଏ ସବୁ ଆସିଥିଲେ ?
ପପୁ ଛଡ଼ା ଆଉ ସମସ୍ତେ ଆସିଥିଲେ । ଟୁଲୁ ସାଙ୍ଗମାନେ ଆସିଥିଲେ ।

(e) ସମସ୍ତେ କଣ କରିଥିବେ ?
ସମସ୍ତେ ଖରି ମଜା କରିଥିବେ ।

Digitized by srujanika@gmail.com

(f) କାହାର ପୂଜା ହେଲ ?
ଚୁଲୁର ପୂଜା ହେଲ ।

(g) କିଏ ପିଠା କରିଥିଲ ?
ବୋଉ ପିଠା କରିଥିଲ ।

(h) ସମସ୍ତେ ସାଙ୍ଗ ହେଇ କ'ଣ କଲେ ?
ସମସ୍ତେ ସାଙ୍ଗ ହେଇ ଖାଇଲେ ।

(i) କିଏ ଆସିଥିଲେ ?
ମାମୁଁ ଆସିଥିଲେ ।

(j) ଶନିବାର ଦିନ କ'ଣ ବନ୍ଦ ଥିବ ?
ଶନିବାର ଦିନ ସ୍କୁଲ ବନ୍ଦ ଥିବ ।

(k) କୋଉ ପୋଖରୀରୁ ମାଛ ଧରହେଲ ?
ମାମୁଁ ଘର ପୋଖରୀରୁ ମାଛ ଧରହେଲ ।

(l) କୋଉ ଦିନ ସ୍କୁଲ ବନ୍ଦ ଥିବ ?
ଆର ଶନିବାର ଦିନ ସ୍କୁଲ ବନ୍ଦ ଥିବ ।

Exercises

1. Using each of the following sentences as the basic sentence substitute the words in the subject places with the appropriate words given in the brackets and make corresponding changes in the verb places :

(ମୁଁ, ଆମେ (excl.), ତୁ, ତୁମେ, ଆପଣ, ସେମାନେ)

Basic sentences : ମୁନା କାଲି ମାମୁଁଘରକୁ ଯାଇଥିଲ ।
ଅଶୋକ ବାବୁ ବଜାରକୁ ଯାଇଥିବେ ।
ସେ କାଲି ଘରେ ନଥିଲେ ।
ତୁମେ କାଲି ଘରେ ନଥିବ ?

2. Substitute the underlined words in the following sentences choosing the suitable words from the brackets :

(ଯାଇଥିବ, ଯାଇଥିଲେ, ମରହେଇ, ନଥିବେ, ହେଇଥିବ)

(a) ସେମାନେ ବଜାରକୁ <u>ଗଲେ</u> ।

Digitized by srujanika@gmail.com

(b) ଠାକୁର ପୋଖରୀରୁ ମାଛ <u>ଧରହେଲ</u> ।

(c) ମାମୁଁ ପୁରୀରେ <u>ଥିଲେ</u> ।

(d) ଗତବର୍ଷ ଜୁଲାଇରେ ରଥଯାତ୍ରା <u>ହୋଇଥିଲା</u> ।

(e) ସେ ବଜାରକୁ <u>ଯିବ</u> ।

3. Fill up the blanks with appropriate words from the brackets :

(ଥିବ, ଆଉ କିଏ, ବାହାଘର, ଜମା, ଥିଲେ, ହୋଇଥିଲା, ଆସିଥିଲା, ଯାଇଥିବି, ନଥିବୁ, ଥିବେ)

(a) ଆସନ୍ତାକାଲି ତାର...................... ହେବ ।
(b) ତୁମ ଘରକୁ ଯିବାକୁ ମୋର...................... ମନ ନଥିଲା ।
(c) ତାଙ୍କ ଘରେ ମୋଟେ ଦୁଇଜଣ ଲୋକ...................... ।
(d) କାଲି ଏଠିକି ନୃପେନ...................... ।
(e) ଗତବର୍ଷ ପୂଜା କେବେ...................... ?
(f) କାଲି ସନ୍ଧ୍ୟାରେ ମୁଁ ବଜାର...................... ।
(g) ମାମୁଁ କାଲି ଘରେ .... ।
(h) ତୁ ତ ସେତେବେଳେ ସ୍କୁଲରେ .... ?
(i) କାଲି ରବିବାର ସ୍କୁଲ ବନ୍ଦ...................... ।
(j) ସବୁ ଆସି ନଥିଲେ ?

4. Transform each of the following sentences according to the instruction given :

(a) କାଲି ଶିବୁର ବ୍ରତଘର ଥିଲା । (negative)
(b) ତୁମେ କଣ କାଲି ଆସିଥିବ ? (negative)
(c) ପୋଖରୀରୁ କଣ ମାଛ ମରାହେବ ? (statement)
(d) ଆମର ପୂଜାକୁ ନୂଆ ଲୁଗା ହୋଇଥିଲା । (future perfect)
(e) ତୁ ତ କାଲି ସନ୍ଧ୍ୟାରେ ବଜାରକୁ ଆସି ନ ଥିବୁ ? (past perfect)
(f) ଘରକୁ ଯିବାକୁ ବୋଉ କହିଥିଲା । (simple past)
(g) ସେ କାହିଁକି ଏମିତି କାମ କଲା ? (simple future)
(h) ବୁଧବାର ଦିନ ଆମ ପୋଖରୀରୁ ମାଛ ମରା ହେବ । (future perfect)
(i) ମୋର ଗୋଟାଏ କୁକୁର ଅଛି । (simple past)
(j) ତାର ବି ଦେହ ଖରାପ ହୋଇଥିଲା । (simple present)

Digitized by srujanika@gmail.com

5. Answer the following questions :

(a) ଟୁକୁର କ'ଣ ହେଇଥିଲା ?
(b) ପପୁ କୁଆଡ଼େ ଯାଇଥିଲା ?
(c) କିଏ ପିଠା କରିଥିବ ?
(d) ଶନିବାର ଦିନ କଣ ହେଉଥିବ ?
(e) କୋଉ ପୋଖରୀରୁ ମାଛ ଧର ହେଲା ?
(f) ଟୁକୁର କି ବହି କିଣା ହେବ ?
(g) ମୁନୁ କାହିଁକି ସ୍କୁଲ ଯାଇ ନଥିଲା ?

6. Write *five* sentences about your "ମାମୁଁଘର"

Grammatical Note

1. (i) To the variant ଥ୍-, the past tense marker -ଇଲ୍- and future tense marker -ଇବ୍- are added to make simple past and simple future tenses and to these the person-number suffixes are added to close the constructions.

ଥ୍ + ଇଲ୍ + ଆ = ଥିଲା simple past
ଥ୍ + ଇବ୍ + ଅ = ଥିବ simple future
ଥ୍ + ଇଲ୍ + ଏ = ଥିଲେ simple past
ଥ୍ + ଇବ୍ + ଏ = ଥିବେ simple future

(ii) The past perfect and future perfect tenses are constructed as follows:

(a) Verb stem + perfect tense marker ଇ + auxiliary variant ଥ୍ + past tense marker + person-number suffix.

(b) Verb stem + perfect tense marker ଇ + auxiliary variant ଥ୍-+future tense marker+person-number suffix.

ଯା + ଇ + ଥ୍ + ଇଲ୍ + ଇ = ଯାଇଥିଲି । past perfect
ଯା + ଇ + ଥ୍ + ଇବ୍ + ଇ = ଯାଇଥିବି । future perfect
ହେ + ଇ + ଥ୍ + ଇଲ୍ + ଆ = ହେଇଥିଲା । past perfect
ହେ + ଇ + ଥ୍ + ଇବ୍ + ଅ = ହେଇଥିବ । future perfect

Digitized by srujanika@gmail.com

2. To elicit the response from the hearer ନୁହେଁ ('Is not it') is frequently used in Oriya.

ସେ କାଲି ମାମୁଁଘରକୁ ଯାଇଥିଲା । ନୁହେଁ ?	He had gone to his uncle's place yesterday. Isn't it ?

3. ମୋଟେ, ମୋଟରୁ, ଜମା, ଜମାରୁ, କେବେ, କେବେହେଲେ, କେଭେ, କେଭେହେଲେ etc. when used in negative constructions connote 'at all' or 'never'. But when these are used in affirmative constructions these connote 'only' or 'at least'. The two words କଦାପି and ଆଦୌ always connote 'never' and are always used in negative constructions.

ମୁଁ ଆଜି ମୋଟେ ଭାତ ଖାଇନି ।	I haven't eaten my food today/. I haven't eaten rice today.
ସେ ଜମା ଭଲ ପାଠ ପଢେନି ।	He doesn't read well.
ମୁଁ ମୋଟେ ଥରେ ପୁରୀ ଯାଇଛି ।	I have gone to Puri only once.
ଆପଣ କେବେହେଲେ ଥରେ ମନ୍ଦିର ଯିବେ ।	You please go to the temple sometime at least once.
ସେ କଦାପି ତାଙ୍କ ଘରକୁ ଯିବନି ।	He will never go to his house.
ତୁ ଆଦୌ ମିଛ କଥା କହୁନି ।	You never tell lies.

4. (i) କିଏ କିଏ as interrogative words denote 'who are the persons'. କ'ଣ ପାଇଁ is equal to କାହିଁକି in use. But କ'ଣ ପାଇଁ is more frequent in conversation.

(ii) The word କେଉଁ at times functions as interrogative adjective in interrogative sentences. But it can also be used in an affirmative sentence to denote something indefinite.

5. Note the peculiarities of the idiomatic constructions with the word ମନ—

ମୋର ମନେ ଥିଲା ।	I remembered.
ମୋର ମନ ଥିଲା ।	I had a mind to....

Digitized by srujanika@gmail.com

ସେ ମନକୁ କହିଲେ ।	He told by himself.
ସେ ମନରୁ କହିଲେ ।	He toldfrom his memory.
ସେ ମନେ ମନେ କହିଲେ ।	He told to himself.
ଏ କଥା ତାଙ୍କ ମନରେ ଥିଲା ।	This thing was in his mind.
ସେ ମନା କଲେ ।	He denied.
ସେ ମନକୁ ମନ କହିଲେ ।	He told willingly.

6. ନା is used here as a tag. The tone changes in using this tag—ସେ ଖାଇବେନି ନା !

Cultural Note

1. ଜନ୍ମଦିନ : The birthdays of children are usually celebrated in each family. On such occasions different types of cakes are prepared and children are worshipped in the name of God by female members of the family who wish for their long life, good health and prosperity.

2. ମାମୁଁଘର : The mother's parental home is called ମାମୁଁଘର । Usually children are fond of going there.

3. Any illness of the body or physical illness is usually called ଦେହ ଖରାପ in Oriya.

Some Oriya cakes

ପିଠା

ଖଜା

ଆରିସା

କାକରା

ମଣ୍ଡା

ପୋଡ଼ପିଠା

ସରୁ ଚକୁଳି

Digitized by srujanika@gmail.com

ବୁଢା ଚକୁଳି

ବଗ

ଦହିବଗ

ଛୁଞ୍ଚିପତର

ଏଣ୍ଡୁରି

ଚିତଳ

ରଞ୍ଜାବଳୀ

Digitized by srujanika@gmail.com

UNIT II

LESSON 19

Research on Oriya Language

ଓଡ଼ିଆ ଭାଷା ଗବେଷଣା

ରାଜେଶ : ଦୀପଙ୍କର, ତମେ କୋଉ ବିଷୟରେ ଗବେଷଣା କରୁଥିଲ ?	Rajesh : Dipankar, what was your area/topic of research?
ଦୀପଙ୍କର : ମୁଁ ଓଡ଼ିଆ ଭାଷା ଉପରେ ଗବେଷଣା କରୁଥିଲି । ମୁଁ ଗବେଷଣା କରୁଥିବା କଥା ତମକୁ କିଏ କହୁଥିଲା ?	Dipankar : I was researching on Oriya language. Who had told you about my research ?
ରାଜେଶ : ମତେ ଶିଖା କହୁଥିଲା ।	Rajesh : Shikha told me.
ଦୀପଙ୍କର : ଶିଖା ବି ତ ରିସର୍ଚ୍ଚ କରୁଥିବ ?	Dipankar : I hope Shikha must be doing her research now?
ରାଜେଶ : ହଁ, ସେ ରିସର୍ଚ୍ଚ କରିବାକୁ ଆମେରିକା ଯାଇଛି ।	Rajesh : Yes, she has gone to America for her research.
ଦୀପଙ୍କର : ସେ ଆମେରିକା ଯାଇଥିବା କଥା ମୁଁ ଶୁଣିଥିଲି ।	Dipankar : I had heard about her going to America.
ରାଜେଶ : ଓଡ଼ିଆ ଭାଷା ଉପରେ ଆଉ କେହି ତ ଗବେଷଣା କରୁଥିବେ ?	Rajesh : Some others might be working on Oriya language?
ଦୀପଙ୍କର : ହଁ, ଆଉ କେହି କେହି କରୁଥିବା କଥା ମୁଁ ଶୁଣିଛି । ଓଡ଼ିଆ ଭାଷା ଛଡ଼ା, ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ଉପରେ ଗବେଷଣା ହେଉଥିବା କଥା ତମେ ଶୁଣିଥିବ ।	Dipankar : Yes, I have heard about others' working. You might have heard that, apart from Oriya language, research is also being done on tribal languages of Orissa.

Digitized by srujanika@gmail.com

ରାଜେଶ : ଓଡ଼ିଆ ଓ ଆଦିବାସୀ ଭାଷାଗୁଡ଼ିକ ସହିତ ଓଡ଼ିଶାର କେତୋଟି ଗୌଣ-ଭାଷା ଉପରେ ବି ଗବେଷଣା ହେଉଥିବ ତ ?	Rajesh : Is it that along with Oriya and tribal languages, there may also be research on some of the minor languages of Orissa ?
ଦୀପଙ୍କର : ହଁ, ହେଉଛି ।	Dipankar : Yes, it is being done.

Variation

A. ଓଡ଼ିଶାର ପ୍ରଧାନ ଭାଷା ଓଡ଼ିଆ ପରା ?	A : The main language of Orissa is Oriya, isn't it ?
B. ହଁ, ଓଡ଼ିଶାରେ ଓଡ଼ିଆଭାଷୀ ଲୋକଙ୍କ ଛଡ଼ା ଆହୁରି ଅନେକ ଅନ୍ୟ ଭାଷା କହୁଥିବା ଲୋକ ଅଛନ୍ତି ।	B : Yes. There are also many other language – speaking-groups in Orissa other than the Oriya speakers.
A. ସେମାନେ ତ ଓଡ଼ିଆ ପଢୁଥିବେ ?	A : They should be learning Oriya, isn't it ?
B. ହଁ, ଅଧିକାଂଶ ଲୋକ ଓଡ଼ିଆରେ ପଢନ୍ତି । କେତେକ ଗୌଣଭାଷା ପଢିବା ପାଇଁ ଓଡ଼ିଶାରେ ବ୍ୟବସ୍ଥା ଅଛି ।	B : Yes, most of them learn Oriya. There are also provisions for teaching of some minor languages in Orissa.

Vocabulary

ଅଧିକାଂଶ	most
ଆଦିବାସୀ ଭାଷା	tribal language
ଆହୁରି	more
ଉପରେ	on
ଓଡ଼ିଆ ଭାଷା	Oriya language
ଓଡ଼ିଆ ଭାଷୀ	Oriya speaking
କେତେକ	a few, some
କେତୋଟି	a few
କେହି	who else, somebody
କେହି କେହି	others, some others
ଗବେଷଣା	research
ଗୌଣଭାଷା	minor language
ଛଡ଼ା	besides
ପ୍ରଧାନ ଭାଷା	dominant/main language

Digitized by srujanika@gmail.com

ବିଷୟ subject
ବ୍ୟବସ୍ଥା provision
ମତେ to me
ରିସର୍ଚ୍ଚ research
ସହିତ with

Drills

I. Build up drill

କରୁଥିଲ ?
ଗବେଷଣା କରୁଥିଲ ?
କେଉଁ ବିଷୟରେ ଗବେଷଣା କରୁଥିଲ ?
ତମେ କରୁଥିଲ ?
ତମେ ଗବେଷଣା କରୁଥିଲ ?
ତମେ କେଉଁ ବିଷୟରେ ଗବେଷଣା କରୁଥିଲ ?
ଦୀପଙ୍କର, ତମେ କେଉଁ ବିଷୟରେ ଗବେଷଣା କରୁଥିଲ ?

କରୁଥିଲି ।
ଗବେଷଣା କରୁଥିଲି ।
ଓଡ଼ିଆଭାଷା ଉପରେ କରୁଥିଲି ।
ଓଡ଼ିଆ ଭାଷା ଉପରେ ଗବେଷଣା କରୁଥିଲି ।
ମୁଁ କରୁଥିଲି ।
ମୁଁ ଗବେଷଣା କରୁଥିଲି ।
ମୁଁ ଓଡ଼ିଆ ଭାଷା ଉପରେ ଗବେଷଣା କରୁଥିଲି ।

କହୁଥିଲା ?
କିଏ କହୁଥିଲା ?
ତମକୁ କହୁଥିଲା ?
ତମକୁ କିଏ କହୁଥିଲା ?
ଗବେଷଣା କରୁଥିବା କଥା କିଏ କହୁଥିଲା ?
ଗବେଷଣା କରୁଥିବା କଥା ତମକୁ କିଏ କହୁଥିଲା ?
ମୁଁ ଗବେଷଣା କରୁଥିବା କଥା ତମକୁ କିଏ କହୁଥିଲା ?

କହୁଥିଲା ।
ଶିଖା କହୁଥିଲା ।
ମତେ କହୁଥିଲା ।
ମତେ ଶିଖା କହୁଥିଲା ।

କରୁଥିବ ?
ରିସର୍ଚ୍ଚ କରୁଥିବ ?
ଶିଖା ରିସର୍ଚ୍ଚ କରୁଥିବ ?
ଶିଖା ବି କରୁଥିବ ?
ଶିଖା ବି ରିସର୍ଚ୍ଚ କରୁଥିବ ?
ଶିଖା ବି ତ ରିସର୍ଚ୍ଚ କରୁଥିବ ?

ଯାଇଛି ।
ଆମେରିକା ଯାଇଛି ।
ରିସର୍ଚ୍ଚ କରିବାକୁ ଆମେରିକା ଯାଇଛି ।
ସେ ଯାଇଛି ।
ସେ ଆମେରିକା ଯାଇଛି ।
ସେ ରିସର୍ଚ୍ଚ କରିବାକୁ ଆମେରିକା ଯାଇଛି ।
ହଁ, ସେ ରିସର୍ଚ୍ଚ କରିବାକୁ ଆମେରିକା ଯାଇଛି ।

ଶୁଣିଥିଲି ।
ମୁଁ ଶୁଣିଥିଲି ।
ଆମେରିକା ଯାଇଥିବା କଥା ମୁଁ ଶୁଣିଥିଲି ।
ସେ ଯାଇଥିବା କଥା ଶୁଣିଥିଲି ।
ସେ ଯାଇଥିବା କଥା ମୁଁ ଶୁଣିଥିଲି ।
ସେ ଆମେରିକା ଯାଇଥିବା କଥା ମୁଁ ଶୁଣିଥିଲି ।

Digitized by srujanika@gmail.com

କରୁଥିବେ ?
ଗବେଷଣା କରୁଥିବେ ?
କେହି ତ ଗବେଷଣା କରୁଥିବେ ?
ଆଉ କେହି ତ ଗବେଷଣା କରୁଥିବେ ?
ଓଡ଼ିଆ ଭାଷା ଉପରେ ଗବେଷଣା କରୁଥିବେ ?
ଓଡ଼ିଆ ଭାଷା ଉପରେ ଆଉ କେହି ତ ଗବେଷଣା କରୁଥିବେ ?

ଶୁଣିଛି ।
ମୁଁ ଶୁଣିଛି ।
ଆଉ କେହି କେହି କରୁଥିବା କଥା ମୁଁ ଶୁଣିଛି ।
ହଁ, ଆଉ କେହି କେହି କରୁଥିବା କଥା ମୁଁ ଶୁଣିଛି ।

ଶୁଣିଥିବ ।
ତମେ ଶୁଣିଥିବ ।
ଗବେଷଣା ହେଉଥିବା କଥା ଶୁଣିଥିବ ।
ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ଉପରେ ଗବେଷଣା ହେଉଥିବା କଥା ତମେ ଶୁଣିଥିବ ।
ଓଡ଼ିଆ ଭାଷା ଛଡ଼ା, ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ଉପରେ ଗବେଷଣା ହେଉଥିବା କଥା ତମେ ଶୁଣିଥିବ ।

ହେଉଥିବ ତ?
ଗବେଷଣା ହେଉଥିବ ତ ?
ଗୌଣଭାଷା ଉପରେ ଗବେଷଣା ହେଉଥିବ ତ ?
କେତୋଟି ଗୌଣଭାଷା ଉପରେ ଗବେଷଣା ହେଉଥିବ ତ ?
କେତୋଟି ଗୌଣଭାଷା ଉପରେ ବି ଗବେଷଣା ହେଉଥିବ ତ ?
ଓଡ଼ିଶାର କେତୋଟି ଗୌଣଭାଷା ଉପରେ ବି ଗବେଷଣା ହେଉଥିବ ତ ?
ଆଦିବାସୀ ଭାଷାଗୁଡ଼ିକ ସହିତ ଓଡ଼ିଶାର କେତୋଟି ଗୌଣଭାଷା ଉପରେ ଗବେଷଣା ହେଉଥିବ ତ ?
ଓଡ଼ିଆ ଓ ଆଦିବାସୀ ଭାଷାଗୁଡ଼ିକ ସହିତ ଓଡ଼ିଶାର କେତୋଟି ଗୌଣଭାଷା ଉପରେ ଗବେଷଣା ହେଉଥିବ ତ ?

ହେଉଛି ।
ହଁ, ହେଉଛି ।

II. Substitution drill

(a) ତମେ କୋଉ ବିଷୟରେ ଗବେଷଣା କରୁଥିଲ ?

ଆଲୋଚନା	ତମେ କୋଉ ବିଷୟରେ ଆଲୋଚନା କରୁଥିଲ ?
କଥାବାର୍ତ୍ତା	ତମେ କୋଉ ବିଷୟରେ କଥାବାର୍ତ୍ତା କରୁଥିଲ ?
ବିଚାର	ତମେ କୋଉ ବିଷୟରେ ବିଚାର କରୁଥିଲ ?

(b) ମୁଁ ଓଡ଼ିଆ ଭାଷା ଉପରେ ଗବେଷଣା କରୁଥିଲି ।

ଓଡ଼ିଶା ରାଜନୀତି	ମୁଁ ଓଡ଼ିଶା ରାଜନୀତି ଉପରେ ଗବେଷଣା କରୁଥିଲି ।
ଓଡ଼ିଆ ଭାଷାବିଜ୍ଞାନ	ମୁଁ ଓଡ଼ିଆ ଭାଷାବିଜ୍ଞାନ ଉପରେ ଗବେଷଣା କରୁଥିଲି ।

(c) ମତେ ଶିକ୍ଷା କହୁଥିଲ ।

ତତେ	ତତେ ଶିକ୍ଷା କହୁଥିଲ ।

Digitized by srujanika@gmail.com

ତମକୁ	ତମକୁ ଶିଖା କହୁଥିଲ ।
ଆପଣଙ୍କୁ	ଆପଣଙ୍କୁ ଶିଖା କହୁଥିଲ ।
ତାକୁ	ତାକୁ ଶିଖା କହୁଥିଲ ।
ତାଙ୍କୁ	ତାଙ୍କୁ ଶିଖା କହୁଥିଲ ।
ସେମାନଙ୍କୁ	ସେମାନଙ୍କୁ ଶିଖା କହୁଥିଲ ।
ଆମକୁ	ଆମକୁ ଶିଖା କହୁଥିଲ ।

(d) ସେ ଆମେରିକା ଯିବା କଥା ମୁଁ ଶୁଣିଥିଲି ।

ବିଷୟ	ସେ ଆମେରିକା ଯିବା ବିଷୟ ମୁଁ ଶୁଣିଥିଲି ।
ଜାଣିଥିଲି	ସେ ଆମେରିକା ଯିବା କଥା ମୁଁ ଜାଣିଥିଲି ।
ଭାବିଥିଲି	ସେ ଆମେରିକା ଯିବା କଥା ମୁଁ ଭାବିଥିଲି ।

(e) ମୁଁ ଗବେଷଣା କରୁଥିବା କଥା ତମକୁ କିଏ କହୁଥିଲ ?

ରମ	ମୁଁ ଗବେଷଣା କରୁଥିବା କଥା ତମକୁ ରମ କହୁଥିଲ ?
ବୀଣା	ମୁଁ ଗବେଷଣା କରୁଥିବା କଥା ତମକୁ ବୀଣା କହୁଥିଲ ?

III. Substitution-Agreement drill

(a) ତମେ କୋଉ ବିଷୟରେ ଗବେଷଣା କରୁଥିଲ ?

ତୁ	ତୁ କୋଉ ବିଷୟରେ ଗବେଷଣା କରୁଥିଲୁ ?
ଆପଣ	ଆପଣ କୋଉ ବିଷୟରେ ଗବେଷଣା କରୁଥିଲେ ?
ମୁଁ	ମୁଁ କୋଉ ବିଷୟରେ ଗବେଷଣା କରୁଥିଲି ?
ଆମେ *excl.*	ଆମେ କୋଉ ବିଷୟରେ ଗବେଷଣା କରୁଥିଲୁ ?
ଆମେ *incl.*	ଆମେ କୋଉ ବିଷୟରେ ଗବେଷଣା କରୁଥିଲେ ?
ସେ *fam.*	ସେ କୋଉ ବିଷୟରେ ଗବେଷଣା କରୁଥିଲ ?
ସେ *hon.*	ସେ କୋଉ ବିଷୟରେ ଗବେଷଣା କରୁଥିଲେ ?
ସେମାନେ	ସେମାନେ କୋଉ ବିଷୟରେ ଗବେଷଣା କରୁଥିଲେ ?

(b) ମତେ ଶିଖା କହୁଥିଲ ।

ତୁ	ମତେ ତୁ କହୁଥିଲୁ ।
ତମେ	ମତେ ତମେ କହୁଥିଲ ।
ଆପଣ	ମତେ ଆପଣ କହୁଥିଲେ ।
ସେ *fam.*	ମତେ ସେ କହୁଥିଲ ।
ସେ *hon.*	ମତେ ସେ କହୁଥିଲେ ।

Digitized by srujanika@gmail.com

ସେମାନେ	ମତେ ସେମାନେ କହୁଥିଲେ ।
ହରିଶବାବୁ	ମତେ ହରିଶବାବୁ କହୁଥିଲେ ।
ତପନ	ମତେ ତପନ କହୁଥିଲା ।

(c) ସେ ଆମେରିକା ଯାଉଥିବା କଥା ମୁଁ ଶୁଣିଥିଲି ।

ଆମେ *excl.*	ସେ ଆମେରିକା ଯାଉଥିବା କଥା ଆମେ ଶୁଣିଥିଲୁ ।
ଆମେ *incl.*	ସେ ଆମେରିକା ଯାଉଥିବା କଥା ଆମେ ଶୁଣିଥିଲେ ।
ତୁ	ସେ ଆମେରିକା ଯାଉଥିବା କଥା ତୁ ଶୁଣିଥିଲୁ ।
ତମେ	ସେ ଆମେରିକା ଯାଉଥିବା କଥା ତମେ ଶୁଣିଥିଲ ।
ଆପଣ	ସେ ଆମେରିକା ଯାଉଥିବା କଥା ଆପଣ ଶୁଣିଥିଲେ ।
ସେ *fam.*	ସେ ଆମେରିକା ଯାଉଥିବା କଥା ସେ ଶୁଣିଥିଲା ।
ସେ *hon.*	ସେ ଆମେରିକା ଯାଉଥିବା କଥା ସେ ଶୁଣିଥିଲେ ।
ସେମାନେ	ସେ ଆମେରିକା ଯାଉଥିବା କଥା ସେମାନେ ଶୁଣିଥିଲେ ।

(d) ସେମାନେ ତ ଓଡ଼ିଆ ପଢୁଥିବେ ?

ସେ *fam.*	ସେ ତ ଓଡ଼ିଆ ପଢୁଥିବ ?
ସେ *hon.*	ସେ ତ ଓଡ଼ିଆ ପଢୁଥିବେ ?
ତୁ	ତୁ ତ ଓଡ଼ିଆ ପଢୁଥିବୁ ?
ତମେ	ତମେ ତ ଓଡ଼ିଆ ପଢୁଥିବ ?
ଆପଣ	ଆପଣ ତ ଓଡ଼ିଆ ପଢୁଥିବେ ?
ମୁଁ	ମୁଁ ତ ଓଡ଼ିଆ ପଢୁଥିବି ?
ଆମେ *excl.*	ଆମେ ତ ଓଡ଼ିଆ ପଢୁଥିବୁ ?
ଆମେ *incl.*	ଆମେ ତ ଓଡ଼ିଆ ପଢୁଥିବା ?

IV. Transformation drill

1. Transformation into negative—

(a) ତମେ ଆଦିବାସୀ ଭାଷା ବିଷୟରେ ଗବେଷଣା କରୁଥିଲ ।
ତମେ ଆଦିବାସୀ ଭାଷା ବିଷୟରେ ଗବେଷଣା କରୁ ନ ଥିଲ ।

(b) ମୁଁ ଓଡ଼ିଆ ଭାଷା ଉପରେ ଗବେଷଣା କରୁଥିଲି ।
ମୁଁ ଓଡ଼ିଆ ଭାଷା ଉପରେ ଗବେଷଣା କରୁ ନ ଥିଲି ।

(c) ମତେ ଶିଖା କହୁଥିଲା ।
ମତେ ଶିଖା କହୁ ନଥିଲା ।

Digitized by srujanika@gmail.com

(d) ଶିଖା ବି ତ ରିସର୍ଚ୍ଚ କରୁଥିବ ।
ଶିଖା ବି ତ ରିସର୍ଚ୍ଚ କରୁ ନ ଥିବ ।

(e) ଓଡ଼ିଆ ଭାଷା ଉପରେ ଆଉ କେହି ଗବେଷଣା କରିଥିବେ ।
ଓଡ଼ିଆ ଭାଷା ଉପରେ ଆଉ କେହି ଗବେଷଣା କରି ନ ଥିବେ ।

(f) ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ଉପରେ ଗବେଷଣା ହେଉଥିବା କଥା ତମେ ଶୁଣିଥିବ ।
ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ଉପରେ ଗବେଷଣା ହେଉଥିବା କଥା ତମେ ଶୁଣି ନ ଥିବ ।
ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକ ଉପରେ ଗବେଷଣା ହେଉ ନ ଥିବା କଥା ତମେ ଶୁଣିଥିବ ।

(g) କେତୋଟି ଗୌଣଭାଷା ଉପରେ ବି ଗବେଷଣା ହେଉଥିବ ।
କେତୋଟି ଗୌଣଭାଷା ଉପରେ ବି ଗବେଷଣା ହେଉ ନଥିବ ।

(h) ସେ ରିସର୍ଚ୍ଚ କରିବାକୁ ଆମେରିକା ଯାଉଛି ।
ସେ ରିସର୍ଚ୍ଚ କରିବାକୁ ଆମେରିକା ଯାଉନି ।

(i) ଆହୁରି ଅନେକ ଭାଷାର ଲୋକ ଅଛନ୍ତି ।
ଆହୁରି ଅନେକ ଭାଷାର ଲୋକ ନାହାନ୍ତି ।

(j) ଅଧିକାଂଶ ଲୋକ ଓଡ଼ିଆରେ ପଢ଼ନ୍ତି ।
ଅଧିକାଂଶ ଲୋକ ଓଡ଼ିଆରେ ପଢ଼ନ୍ତିନି ।

2. Transformation of past imperfect to past perfect—

(a) ତମେ କୋଉ ବିଷୟରେ ଗବେଷଣା କରୁଥିଲ ?
ତମେ କୋଉ ବିଷୟରେ ଗବେଷଣା କରିଥିଲ ?

(b) ମୁଁ ଓଡ଼ିଆ ଭାଷା ଉପରେ ଗବେଷଣା କରୁଥିଲି ।
ମୁଁ ଓଡ଼ିଆ ଭାଷା ଉପରେ ଗବେଷଣା କରିଥିଲି ।

(c) ମତେ ଶିଖା କହୁଥିଲା ।
ମତେ ଶିଖା କହିଥିଲା ।

3. Transformation of future perfect to future continuous—

(a) ଆଉ କେହି ତ ଗବେଷଣା କରିଥିବେ ?
ଆଉ କେହି ତ ଗବେଷଣା କରୁଥିବେ ?

Digitized by srujanika@gmail.com

(b) ଗବେଷଣା ହେଉଥିବା କଥା ତମେ ଶୁଣିଥିବ ।
ଗବେଷଣା ହେଉଥିବା କଥା ତମେ ଶୁଣୁଥିବ ।

V. Response drill

(a) ଦୀପଂକର କେଉଁ ବିଷୟରେ ଗବେଷଣା କରୁଥିଲେ ?
ଦୀପଂକର ଓଡ଼ିଆ ଭାଷା ଉପରେ ଗବେଷଣା କରୁଥିଲେ ।

(b) ଶିକ୍ଷା ରିସର୍ଚ୍ଚ କରିବାକୁ କୁଆଡେ ଯାଉଛି ?
ଶିକ୍ଷା ରିସର୍ଚ୍ଚ କରିବାକୁ ଆମେରିକା ଯାଉଛି ।

(c) . ଓଡ଼ିଆ ଭାଷା ଉପରେ ଆଉ କେହି ଗବେଷଣା କରୁଛନ୍ତି କି ?
ହଁ, ଓଡ଼ିଆ ଭାଷା ଉପରେ ଆଉ କେହି କେହି ଗବେଷଣା କରୁଛନ୍ତି ।

(d) ଓଡ଼ିଆ ଭାଷା ଛଡ଼ା ଆଉ କେଉଁ ଭାଷା ଉପରେ ଗବେଷଣା ହେଉଛି ?
ଓଡ଼ିଆ ଭାଷା ଛଡ଼ା ଓଡ଼ିଶାର ଆଦିବାସୀ ଭାଷା ଉପରେ ଗବେଷଣା ହେଉଛି ।

(e) ଓଡ଼ିଆ ଓ ଆଦିବାସୀ ଭାଷା ଛଡ଼ା ଆଉ କି ଭାଷାରେ ଗବେଷଣା ହେଉଥିବ ?
ଓଡ଼ିଆ ଓ ଆଦିବାସୀ ଭାଷା ଛଡ଼ା ଓଡ଼ିଶାର କେତୋଟି ଗୌଣଭାଷା ଉପରେ ବି ଗବେଷଣା ହେଉଛି ।

(f) ଓଡ଼ିଶାର ପ୍ରଧାନ ଭାଷାର ନାଁ କ'ଣ ?
ଓଡ଼ିଶାର ପ୍ରଧାନ ଭାଷାର ନାଁ ଓଡ଼ିଆ ।

(g) ଓଡ଼ିଶାର ଲୋକେ କେଉଁ ଭାଷାରେ ପଢ଼ନ୍ତି ?
ଓଡ଼ିଶାର ଲୋକେ ଓଡ଼ିଆ ଭାଷାରେ ପଢ଼ନ୍ତି ।

Exercises

1. Using each of the following sentences as basic sentences substitute the words in the subject places with appropriate words from inside the brackets :

(ମୁଁ, ଆମେ *incl*, ତୁ, ତୁମେ, ଆପଣ, ସେ *fam*, ସେ *hon*, ସେମାନେ)

Basic Sentences

ହୀରା ବର୍ତ୍ତମାନ ଘରକୁ ଯାଉଥିଲା ।
ଗଣେଶବାବୁ ଦିଲ୍ଲୀ ଯାଉଥିବେ ।

Digitized by srujanika@gmail.com

2. Fill up the blanks choosing appropriate words from the brackets :

(ନଥିବେ, ଉପରେ, ଯାଉଥିଲେ, କଥା, ଯାଉଥିବେ, କେହି କେହି, କେହି, ଯାଉଥିବ, ଛଡ଼ା, ଯାଉଥିବା)

(a) ସେ ରାଜନୀତି...................... ରିସର୍ଚ୍ଚ କରୁଛନ୍ତି ।
(b) ଆପଣ ବର୍ତ୍ତମାନ କୁଆଡ଼େ...................... ?
(c) ତୁମ...................... ମୁଁ ତାଙ୍କଠାରୁ ଶୁଣିଥିଲି ।
(d) ରମା ବିଦେଶ......................କଥା କିଏ ଜାଣିଥିଲା ?
(e) ତା .... ସେଠାକୁ ଯିବାକୁ ମୋର ଜମା ଇଚ୍ଛା ନାହିଁ ।
(f) ଆଜି ଆମ ଘରେ......................ଲୋକ ନାହାଁନ୍ତି ।
(g) ଆଉ...................... ବି ଏ କଥା ଶୁଣିଥିବେ ।
(h) ସେ ବର୍ତ୍ତମାନ ଷ୍ଟେସନକୁ...................... ।
(i) ତୁମେ କଟକ...................... କଥା ମୁଁ ଭାବି ନଥିଲି ।
(j) ତାଙ୍କ ଘରକୁ କେହି ଯାଉ...................... ।

3. Transform each of the following sentences according to the instruction given :

(a) ମୁଁ ଭାଷା ବିଜ୍ଞାନ ପଢ଼ିବାକୁ ଚାହୁଁଥିଲି । (negative)
(b) ସେମାନେ ବୋଧେ ସିନେମା ବାହାରୁ ଥିବେ । (negative)
(c) ମୋର କାମ କରିବାକୁ ମନ ନାହିଁ । (affirmative)
(d) ଓଡ଼ିଆ କଣ ଓଡ଼ିଶାର ପ୍ରଧାନ ଭାଷା ନୁହଁ ? (affirmative)
(e) ସେଠି ପ୍ରତିବର୍ଷ ପୂଜା ହେଉଥିଲା । (future perfect)
(f) ମୁନା ସ୍କୁଲକୁ ଯାଉଛି । (past continuous)
(g) ବର୍ତ୍ତମାନ ଓଡ଼ିଆ ସାହିତ୍ୟର ଆଲୋଚନା ହେଉଛି । (future continuous)
(h) ସେ କ୍ଲାସରେ ଫାଷ୍ଟ ହେଉଥିଲା । (future continuous)
(i) କାଲି ବର୍ଷା ହେଉଥିବ । (past continuous)
(j) ତୁମ କଥା ମୋର ମନେ ଥିଲା । (simple present)

4. Answer the following questions :

(a) ତୁମେ କୋଉ ବିଷୟରେ ଗବେଷଣା କରୁଥିଲ ?
(b) ଆପଣ କ'ଣ ପଢ଼ିବାକୁ ଆସିଥିଲେ ?
(c) ଆଉ କେହି ଓଡ଼ିଆ ଭାଷା ପଢ଼ୁଥିଲେ କି ?

Digitized by srujanika@gmail.com

(d) ଓଡ଼ିଆ ଭାଷା ଛଡ଼ା ଆଉ କେଉଁ ଭାଷାର ଗବେଷଣା ହେଉଛି ?
(e) ଓଡ଼ିଶାରେ କେଉଁ ଭାଷାର ଲୋକ ଅଛନ୍ତି ?
(f) ଓଡ଼ିଶାର ଲୋକମାନେ କେଉଁ ଭାଷାରେ ପଢ଼ନ୍ତି ?
(g) ଆଉ କି ଭାଷା ପଢ଼ିବା ପାଇଁ ଓଡ଼ିଶାରେ ବ୍ୟବସ୍ଥା ଅଛି ?

5. Following the Lesson, write 7 sentences on your own language.

Grammatical Note

1. The past imperfect and future imperfect tenses are constructed as follows :

Verb stem + imperfect tense marker -ଉ- + auxiliary variant ଥ୍- + past tense marker -ଇଲ୍- + person-number suffix.

ଯା+ଉ+ଥ୍+ଇଲ୍+ଇ= ଯାଉଥିଲି past imperfect.

Verb stem + imperfect tense marker -ଉ- + auxiliary variant ଥ୍- + future tense marker -ଇବ୍- + person-number suffix.

ଯା+ଉ+ଥ୍+ଇବ୍+ଇ=ଯାଉଥିବି future imperfect.

2. କେହି is an interrogative adjective to qualify the number of persons either in singular or in plural. କେହି can also be used in affirmative, negative and interrogative-negative sentences. But when କେହି is duplicated in use it adds more unspecificity to the number of persons.

ଘରେ କେହି ଅଛି ? ଘରେ କେହି ଅଛନ୍ତି ? Is there anybody at home ?
ସେଠି କେହି ନାହାଁନ୍ତି । Nobody is there.
ସେଠି କଣ କେହି ନାହାନ୍ତି ? Is there nobody there ?
ସେ ଘରକୁ କେହି ବୋଧେ ଜଗିଛି । Perhaps someone is keeping that house under watch.
କେହି କେହି ଘରକୁ ଯାଇଛନ୍ତି । Some have gone home.
କେହି କେହି ଯାଇ ନାହାଁନ୍ତି । Some have not gone home.

Digitized by srujanika@gmail.com

କେହି କେହି ଯିବେ କି ? Will some persons go ?

Cultural Note

1. The major or the dominant language of the province is called ପ୍ରଧାନ ଭାଷା. The major language of Orissa is ଓଡ଼ିଆ (Oriya).

2. Besides the dominant language there are many minor languages in the province. Those languages are called ଗୌଣ ଭାଷା (minor languages).

3. The tribal languages are the languages spoken by the tribal people of different provinces. The tribal language is called ଆଦିବାସୀ ଭାଷା in Oriya. The tribal languages have no script and therefore the scripts of the dominant languages are now being adopted by different tribal languages in India.

Digitized by srujanika@gmail.com

UNIT II

LESSON 20

The Vegetarian and the Non-vegetarian Food

ଆମିଷ ଓ ନିରାମିଷ ଖାଦ୍ୟ

ପୂର୍ଣ୍ଣବାବୁ : ଯଦୁବାବୁ, ଆପଣ କଣ ମାଛମାଂସ ଖାଆନ୍ତି ?	Purnababu : Jadubabu, do you eat non-vegetarian food ?
ଯଦୁବାବୁ : ହଁ, ମୁଁ ମାଛମାଂସ ଖାଏ । କାହିଁକି, ଆପଣ କଣ ଖାଆନ୍ତିନି ନା କ'ଣ ?	Jadubabu : Yes, I eat non-vegetarian food. Why, don't you eat ?
ପୂର୍ଣ୍ଣବାବୁ : ନା, ମୁଁ ଖାଏନି । ମତେ ମାଛ-ମାଂସ ଭଲ ଲାଗେ ନି । ନହେଲେ ଖାଇବାରେ କିଛି ଅସୁବିଧା ନାହିଁ ।	Purnababu : No, I don't. I don't like fish or meat. Otherwise I have no other difficulty in eating.
ଯଦୁବାବୁ : ମୁଁ ଭାବିଲି ଆପଣ ବି ଆମିଷ ଖାଉଥିବେ । କେତେ ଲୋକ ତ ଆମିଷ ଖାଆନ୍ତି, ପୁଣି କେତେ ଲୋକ ବି ଖାଆନ୍ତିନି ।	Jadubabu : I thought probably you would be a non-vegetarian. There are so many who eat non-vegetarian food. Again there are also many who don't.
ପୂର୍ଣ୍ଣବାବୁ : ନା, ଆମଘର ଲୋକେ ନିରାମିଷାଶୀ ନୁହଁନ୍ତି । କେବଳ ମତେ ମାଛମାଂସ ଖାଇବାକୁ ଭଲ ଲାଗେନି ।	Purnababu : No, people in my family are not vegetarians. Only I don't like to eat fish or meat.
ଯଦୁବାବୁ : ତାହେଲେ ଆପଣ ଆଜି ଆମଘରେ କ'ଣ ଖାଇବେ ? ଆମର ତ ମାଛ ତରକାରୀ ହେଉଛି ।	Jadubabu : Then what would you eat at my place to-day ? We are having fish-curry.
ପୂର୍ଣ୍ଣବାବୁ : ମୁଁ ଖାଲି ସାଦା ତରକାରୀ ଖାଇବି । (ମୋର) କିଛି ଅସୁବିଧା ହେବନି ।	Purnababu : I will eat only vegetarian dishes. I will have no difficulty.

Digitized by srujanika@gmail.com

Variation

A : ଆପଣ କଣ ଚା ସିଗାରେଟ୍ ଖାଉ ନଥିବେ କି ?	A : Wouldn't you be smoking or taking tea ?
B : ନା, ମୁଁ ଖାଏନି ।	B : No, I don't.
A : ଆପଣ କଡ଼ା ପାନ ଖାଆନ୍ତି ନା ସାଦା ପାନ ଖାଆନ୍ତି ?	A : What would you like—spiced or simple pan ?
B : ମୁଁ ସାଦା ପାନ ଖାଏ ।	B : I like simple pan.
A : ମୁଁ ମନେକଲି ଆପଣ କଡା ପାନ ଖାଇବେ । ସେଥିପାଇଁ ଦୁଇଟା ଆଣିଲି ।	A : I thought you would probably like spiced pan. That's why I got two.

Vocabulary

ଅସୁବିଧା difficulties
ଆମଘରେ at our home
ଆମ ଘର ଲୋକେ our family members
ଆମିଷ non-vegetarian food
କଡାପାନ spiced pan/pan with jarda
କେବଳ only
ଖାଲି only
ଚା tea
ତାହେଲେ then
ନହେଲେ otherwise
ନିରମିଷାଶୀ vegetarian
ପୁଣି again
ମନେକଲି thought
ମାଛ ତରକାରୀ fish-curry
ମାଛମାଂସ fish and meat
ସାଦା ତରକାରୀ vegetarian curry
ସାଦାପାନ simple pan/pan without jarda
ସିଗାରେଟ cigarette
ସେଥିପାଇଁ for that reason, that is why.

Drills

I. Build up drill

ଖାଆନ୍ତି ?	ଖାଏ ।
ମାଛମାଂସ ଖାଆନ୍ତି ?	ମାଛମାଂସ ଖାଏ ।
କଣ ମାଛମାଂସ ଖାଆନ୍ତି ?	ମୁଁ ଖାଏ ।
ଆପଣ କଣ ମାଛ ମାଂସ ଖାଆନ୍ତି ?	ମୁଁ ମାଛମାଂସ ଖାଏ ।
ଯଦୁବାବୁ, ଆପଣ କଣ ମାଛମାଂସ ଖାଆନ୍ତି ?	ହଁ ମୁଁ ମାଛମାଂସ ଖାଏ ।

Digitized by srujanika@gmail.com

କ'ଣ ?
ଖାଆନ୍ତିନି ନା କ'ଣ ?
କଣ ଖାଆନ୍ତିନି ନା କ'ଣ ?
ଆପଣ ଖାଆନ୍ତିନି ନା କ'ଣ ?
ଆପଣ କଣ ଖାଆନ୍ତିନି ନା କ'ଣ ?
କାହିଁକି, ଆପଣ କଣ ଖାଆନ୍ତିନି ନା କ'ଣ ?

ଭଲ ଲାଗେନି ।
ମାଛମାଂସ ଭଲ ଲାଗେନି ।
ମତେ ଭଲ ଲାଗେନି ।
ମତେ ମାଛମାଂସ ଭଲ ଲାଗେନି ।

ଖାଏନି ।
ମୁଁ ଖାଏନି ।
ନା, ଖାଏନି ।
ନା, ମୁଁ ଖାଏନି ।

ନାହିଁ ।
ଅସୁବିଧା ନାହିଁ ।
କିଛି ନାହିଁ ।
କିଛି ଅସୁବିଧା ନାହିଁ ।
ଖାଇବାରେ ଅସୁବିଧା ନାହିଁ ।
ଖାଇବାରେ କିଛି ଅସୁବିଧା ନାହିଁ ।

ନହେଲେ ନାହିଁ ।
ନହେଲେ ଅସୁବିଧା ନାହିଁ ।
ନହେଲେ କିଛି ଅସୁବିଧା ନାହିଁ ।
ନହେଲେ ଖାଇବାରେ କିଛି ଅସୁବିଧା ନାହିଁ ।

ଖାଉଥିବେ ।
ଆମିଷ ଖାଉଥିବେ ।
ଆପଣ ଖାଉଥିବେ ।
ଆପଣ ବି ଖାଉଥିବେ ।
ଆପଣ ବି ଆମିଷ ଖାଉଥିବେ ।
ମୁଁ ଭାବିଲି ଆପଣ ଆମିଷ ଖାଉଥିବେ ।
ମୁଁ ଭାବିଲି ଆପଣ ବି ଆମିଷ ଖାଉଥିବେ ।

ଖାଆନ୍ତିନି ।
କେତେ ଲୋକ ଖାଆନ୍ତିନି ।
ପୁଣି କେତେଲୋକ ଖାଆନ୍ତିନି ।
କେତେଲୋକ ତ ଆମିଷ ଖାଆନ୍ତି, ପୁଣି କେତେ ଲୋକ ଖାଆନ୍ତିନି ।

ନୁହଁନ୍ତି ।
ନିରାମିଷାଶୀ ନୁହଁନ୍ତି ।
ଆମ ଘର ଲୋକେ ନୁହଁନ୍ତି ।
ଆମ ଘର ଲୋକେ ନିରାମିଷାଶୀ ନୁହଁନ୍ତି ।
ନା, ଆମ ଘର ଲୋକେ ନିରାମିଷାଶୀ ନୁହଁନ୍ତି ।

ଭଲ ଲାଗେନି ।
ଖାଇବାକୁ ଭଲ ଲାଗେନି ।
ମାଛମାଂସ ଭଲ ଲାଗେନି ।
ମତେ ଭଲ ଲାଗେନି ।
ମତେ ଖାଇବାକୁ ଭଲ ଲାଗେନି ।
ମତେ ମାଛମାଂସ ଭଲ ଲାଗେନି ।
ମତେ ମାଛମାଂସ ଖାଇବାକୁ ଭଲ ଲାଗେନି ।
କେବଳ ମାଛମାଂସ ଖାଇବାକୁ ଭଲ ଲାଗେନି ।
କେବଳ ମତେ ମାଛମାଂସ ଖାଇବାକୁ ଭଲ ଲାଗେନି ।

Digitized by srujanika@gmail.com

ଖାଇବେ? — ଖାଇବି ।
କ'ଣ ଖାଇବେ? — ତରକାରୀ ଖାଇବି ।
ଆମଘରେ କ'ଣ ଖାଇବେ ? — ସାଦା ଖାଇବି ।
ଆପଣ କ'ଣ ଖାଇବେ ? — ସାଦା ତରକାରୀ ଖାଇବି ।
ଆପଣ ଆମ ଘରେ କ'ଣ ଖାଇବେ ? — ଖାଲି ସାଦା ତରକାରୀ ଖାଇବି ।
ଆପଣ ଆଜି କ'ଣ ଖାଇବେ ?
ଆପଣ ଆଜି ଆମ ଘରେ କ'ଣ ଖାଇବେ ?
ତାହେଲେ ଆଜି କ'ଣ ଖାଇବେ ?
ତାହେଲେ ଆମ ଘରେ କ'ଣ ଖାଇବେ ? — ମୁଁ ଖାଇବି ।
ତାହେଲେ କ'ଣ ଖାଇବେ ? — ମୁଁ ସାଦା ତରକାରୀ ଖାଇବି ।
ତାହେଲେ ଆପଣ କ'ଣ ଖାଇବେ ? — ମୁଁ ଖାଲି ତରକାରୀ ଖାଇବି ।
ତାହେଲେ ଆପଣ ଆଜି ଆମ ଘରେ କ'ଣ ଖାଇବେ ? — ମୁଁ ଖାଲି ସାଦା ତରକାରୀ ଖାଇବି ।

ହେଇଛି ।
ତରକାରୀ ହେଇଛି । — ହେବନି ।
ମାଛ ହେଇଛି । — ଅସୁବିଧା ହେବନି ।
ମାଛ ତରକାରୀ ହେଇଛି । — କିଛି ହେବନି ।
ଆମର ତ ମାଛ ତରକାରୀ ହେଇଛି । — କିଛି ଅସୁବିଧା ହେବନି ।

II. Substitution drill

(a) ଆପଣ କଣ ମାଛମାଂସ ଖାଆନ୍ତି ?

ଦୁଧ ଦହି	ଆପଣ କଣ ଦୁଧ ଦହି ଖାଆନ୍ତି ?
ଭାତ	ଆପଣ କଣ ଭାତ ଖାଆନ୍ତି ?
ରୁଟି	ଆପଣ କଣ ରୁଟି ଖାଆନ୍ତି ?
ଗୁ, ପାନ	ଆପଣ କଣ ଗୁ, ପାନ ଖାଆନ୍ତି ?

(b) ଆପଣ କଣ ଖାଆନ୍ତି ନା କ'ଣ ?

ଯାଆନ୍ତିନି	ଆପଣ କଣ ଯାଆନ୍ତିନି ନା କ'ଣ ?
ବସନ୍ତିନି	ଆପଣ କଣ ବସନ୍ତିନି ନା କ'ଣ ?
ରହନ୍ତିନି	ଆପଣ କଣ ରହନ୍ତିନି ନା କ'ଣ ?
ହସନ୍ତିନି	ଆପଣ କଣ ହସନ୍ତିନି ନା କ'ଣ ?

Digitized by srujanika@gmail.com

(c) ମତେ ମାଛମାଂସ ଭଲ ଲାଗେନି ।

ତତେ	ତତେ ମାଛମାଂସ ଭଲ ଲାଗେନି ।
ତାକୁ	ତାକୁ ମାଛମାଂସ ଭଲ ଲାଗେନି ।
ତୁମକୁ	ତୁମକୁ ମାଛମାଂସ ଭଲ ଲାଗେନି ।
ତାଙ୍କୁ	ତାଙ୍କୁ ମାଛମାଂସ ଭଲ ଲାଗେନି ।
ସେମାନଙ୍କୁ	ସେମାନଙ୍କୁ ମାଛମାଂସ ଭଲ ଲାଗେନି ।
ଆପଣଙ୍କୁ	ଆପଣଙ୍କୁ ମାଛମାଂସ ଭଲ ଲାଗେନି ।
ସିନେମା	ମତେ ସିନେମା ଭଲ ଲାଗେନି ।
ନାଚଗୀତ	ମତେ ନାଚଗୀତ ଭଲ ଲାଗେନି ।
କଳିକଜିଆ	ମତେ କଳିକଜିଆ ଭଲ ଲାଗେନି ।

(d) ନହେଲେ ଖାଇବାରେ କିଛି ଅସୁବିଧା ନାହିଁ ।

ପିନ୍ଧିବାରେ	ନହେଲେ ପିନ୍ଧିବାରେ କିଛି ଅସୁବିଧା ନାହିଁ ।
କହିବାରେ	ନହେଲେ କହିବାରେ କିଛି ଅସୁବିଧା ନାହିଁ ।
ଯିବାରେ	ନହେଲେ ଯିବାରେ କିଛି ଅସୁବିଧା ନାହିଁ ।
ପଢିବାରେ	ନହେଲେ ପଢିବାରେ କିଛି ଅସୁବିଧା ନାହିଁ ।

(e) ମୁଁ ଭାବିଲି ଆପଣ ବି ଆମିଷ ଖାଉଥିବେ ।

ମନେକଲି	ମୁଁ ମନେକଲି ଆପଣ ବି ଆମିଷ ଖାଉଥିବେ ।
ଚିନ୍ତାକଲି	ମୁଁ ଚିନ୍ତାକଲି ଆପଣ ବି ଆମିଷ ଖାଉଥିବେ ।
ବିଶ୍ୱାସକଲି	ମୁଁ ବିଶ୍ୱାସକଲି ଆପଣ ବି ଆମିଷ ଖାଉଥିବେ ।
ଠିକ୍‌କଲି	ମୁଁ ଠିକ୍‌କଲି ଆପଣ ବି ଆମିଷ ଖାଉଥିବେ ।

(f) କେତେଲୋକ ତ ଆମିଷ ଖାଆନ୍ତି ପୁଣି କେତେ ଲୋକ ଖାଆନ୍ତିନି ।

ବହୁତଲୋକ	ବହୁତ	ବହୁତଲୋକ ତ ଆମିଷ ଖାଆନ୍ତି ପୁଣି ବହୁତଲୋକ ଖାଆନ୍ତିନି ।
ଅନେକଲୋକ	ଅନେକ	ଅନେକ ଲୋକ ତ ଆମିଷ ଖାଆନ୍ତି ପୁଣି ଅନେକଲୋକ ଖାଆନ୍ତିନି ।
ଅଧିକାଂଶଲୋକ	ଅଧିକାଂଶ	ଅଧିକାଂଶ ଲୋକ ତ ଆମିଷ ଖାଆନ୍ତି ପୁଣି ଅଧିକାଂଶଲୋକ ଖାଆନ୍ତିନି ।
କିଛିଲୋକ	କିଛି	କିଛିଲୋକ ତ ଆମିଷ ଖାଆନ୍ତି ପୁଣି କିଛିଲୋକ ଖାଆନ୍ତିନି ।
	ଆଉ	କେତେଲୋକ ତ ଆମିଷ ଖାଆନ୍ତି ଆଉ କେତେଲୋକ ଖାଆନ୍ତିନି ।

Digitized by srujanika@gmail.com

ଓ	କେତେଲୋକ ତ ଆମିଷ ଖାଆନ୍ତି ଓ କେତେଲୋକ ଖାଆନ୍ତିନି ।
ଏବଂ	କେତେଲୋକ ତ ଆମିଷ ଖାଆନ୍ତି ଏବଂ କେତେଲୋକ ଖାଆନ୍ତିନି ।
ଆହୁରି	କେତେଲୋକ ତ ଆମିଷ ଖାଆନ୍ତି ଆହୁରି କେତେଲୋକ ଖାଆନ୍ତିନି ।

(g) ଆମ ଘର ଲୋକେ ନିରମିଷାଶୀ ନୁହଁନ୍ତି ।

ଆମିଷାଶୀ	ଆମ ଘର ଲୋକେ ଆମିଷାଶୀ ନୁହଁନ୍ତି ।
ମାଛମାଂସ ପ୍ରିୟ	ଆମ ଘର ଲୋକେ ମାଛମାଂସ ପ୍ରିୟ ନୁହଁନ୍ତି ।

(h) କେବଳ ମତେ ମାଛମାଂସ ଖାଇବାକୁ ଭଲ ଲାଗେନି ।

ଖାଲି	ଖାଲି ମତେ ମାଛମାଂସ ଖାଇବାକୁ ଭଲ ଲାଗେନି ।

(i) ଆମର ତ ମାଛ ତରକାରୀ ହେଉଛି ।

ଆଳୁ	ଆମର ତ ଆଳୁ ତରକାରୀ ହେଉଛି ।
ବିଲତିବାଇଗଣ	ଆମର ତ ବିଲତିବାଇଗଣ ତରକାରୀ ହେଉଛି ।
ମାଂସ	ଆମର ତ ମାଂସ ତରକାରୀ ହେଉଛି ।
ସାରୁ	ଆମର ତ ସାରୁ ତରକାରୀ ହେଉଛି ।
ଫୁଲକୋବି	ଆମର ତ ଫୁଲକୋବି ତରକାରୀ ହେଉଛି ।

(j) ମୁଁ ଖାଲି ସାଦା ତରକାରୀ ଖାଇବି ।

କେବଳ	ମୁଁ କେବଳ ସାଦା ତରକାରୀ ଖାଇବି ।
ମାଂସ ତରକାରୀ	ମୁଁ ଖାଲି ମାଂସ ତରକାରୀ ଖାଇବି ।
ମାଛ ତରକାରୀ	ମୁଁ ଖାଲି ମାଛ ତରକାରୀ ଖାଇବି ।
କୋବି ତରକାରୀ	ମୁଁ ଖାଲି କୋବି ତରକାରୀ ଖାଇବି ।
ପଣସ ତରକାରୀ	ମୁଁ ଖାଲି ପଣସ ତରକାରୀ ଖାଇବି ।

(k) ଆପଣ କଣ ଖାଆନ୍ତିନି ନା କ'ଣ ?

ଯାଆନ୍ତିନି	ଆପଣ କଣ ଯାଆନ୍ତିନି ନା କ'ଣ ?
ହସନ୍ତିନି	ଆପଣ କଣ ହସନ୍ତିନି ନା କ'ଣ ?
ବସନ୍ତିନି	ଆପଣ କଣ ବସନ୍ତିନି ନା କ'ଣ ?
ପଢ଼ନ୍ତିନି	ଆପଣ କଣ ପଢ଼ନ୍ତିନି ନା କ'ଣ ?

Digitized by srujanika@gmail.com

(l) ମତେ ମାଛମାଂସ ଭଲ ଲାଗେନି ।

ମିଠା	ମତେ ମିଠା ଭଲ ଲାଗେନି ।
ବିଲାତିବାଇଗଣ	ମତେ ବିଲାତିବାଇଗଣ ଭଲ ଲାଗେନି ।
ସିନେମା	ମତେ ସିନେମା ଭଲ ଲାଗେନି ।
ଏସବୁ	ମତେ ଏ ସବୁ ଭଲ ଲାଗେନି ।
ସେ ସବୁ	ମତେ ସେ ସବୁ ଭଲ ଲାଗେନି ।
କିଛି	ମତେ କିଛି ଭଲ ଲାଗେନି ।

III. Substitution-Agreement drill

(a) ମୁଁ ଭାବିଲି ଆପଣ ବି ଆମିଷ ଖାଉଥିବେ ।

ତୁମେ	ମୁଁ ଭାବିଲି ତୁମେ ବି ଆମିଷ ଖାଉଥିବ ।
ତୁ	ମୁଁ ଭାବିଲି ତୁ ବି ଆମିଷ ଖାଉଥିବୁ ।
ସେ *fam.*	ମୁଁ ଭାବିଲି ସେ ବି ଆମିଷ ଖାଉଥିବ ।
ସେ *hon.*	ମୁଁ ଭାବିଲି ସେ ବି ଆମିଷ ଖାଉଥିବେ ।
ସେମାନେ	ମୁଁ ଭାବିଲି ସେମାନେ ବି ଆମିଷ ଖାଉଥିବେ ।

(b) କେତେଲୋକ ତ ଆମିଷ ଖାଆନ୍ତି ।

କେତେଜଣ	କେତେଜଣ ତ ଆମିଷ ଖାଆନ୍ତି ।
ତମେସବୁ	ତମେସବୁ ତ ଆମିଷ ଖାଅ ।
ଆପଣ	ଆପଣ ତ ଆମିଷ ଖାଆନ୍ତି ।
ତୁ	ତୁ ତ ଆମିଷ ଖାଉ ।
ମୁଁ	ମୁଁ ତ ଆମିଷ ଖାଏ ।
ଆମେ	ଆମେ ତ ଆମିଷ ଖାଉ ।
ସେ *fam.*	ସେ ତ ଆମିଷ ଖାଏ ।
ସେ *hon.*	ସେ ତ ଆମିଷ ଖାଆନ୍ତି ।
ସେମାନେ	ସେମାନେ ତ ଆମିଷ ଖାଆନ୍ତି ।

(c) ପୁଣି କେତେଲୋକ ବି ଖାଆନ୍ତିନି ।

କେତେଜଣ	ପୁଣି କେତେଜଣ ବି ଖାଆନ୍ତିନି ।
ସେମାନେ	ପୁଣି ସେମାନେ ବି ଖାଆନ୍ତିନି ।
ତୁ	ପୁଣି ତୁ ବି ଖାଉନି ।
ତୁମେ	ପୁଣି ତୁମେ ବି ଖାଅନି ।

Digitized by srujanika@gmail.com

ଆପଣ	ପୁଣି ଆପଣ ବି ଖାଆନ୍ତିନି ।
ସେ *fam.*	ପୁଣି ସେ ବି ଖାଏନି ।
ସେ *hon.*	ପୁଣି ସେ ବି ଖାଆନ୍ତିନି ।
ମୁଁ	ପୁଣି ମୁଁ ବି ଖାଏନି ।
ଆମେ *excl.*	ପୁଣି ଆମେ ବି ଖାଉନି ।
ଆମେ *incl.*	ପୁଣି ଆମେ ବି ଖାଉନେ ।

(d) ଆମଘର ଲୋକେ ନିରାମିଷାଶୀ ନୁହଁନ୍ତି ।

ତାଙ୍କଘର ଲୋକେ	ତାଙ୍କଘର ଲୋକେ ନିରାମିଷାଶୀ ନୁହଁନ୍ତି ।
ସେମାନେ	ସେମାନେ ନିରାମିଷାଶୀ ନୁହଁନ୍ତି ।
ସେ *fam.*	ସେ ନିରାମିଷାଶୀ ନୁହେଁ ।
ସେ *hon.*	ସେ ନିରାମିଷାଶୀ ନୁହଁନ୍ତି ।
ତୁମେ	ତୁମେ ନିରାମିଷାଶୀ ନୁହଁ ।
ଆପଣ	ଆପଣ ନିରାମିଷାଶୀ ନୁହଁନ୍ତି ।
ତୁ	ତୁ ନିରାମିଷାଶୀ ନୁହଁ ।
ମୁଁ	ମୁଁ ନିରାମିଷାଶୀ ନୁହଁ ।
ଆମେ	ଆମେ ନିରାମିଷାଶୀ ନୁହଁ ।

(e) ଆପଣ ଆଜି ଆମ ଘରେ କ'ଣ ଖାଇବେ ?

ତୁ	ତୁ ଆଜି ଆମ ଘରେ କ'ଣ ଖାଇବୁ ?
ତୁମେ	ତୁମେ ଆମ ଘରେ ଆଜି କ'ଣ ଖାଇବ ?
ସେ *fam.*	ସେ ଆଜି ଆମ ଘରେ କ'ଣ ଖାଇବ ?
ସେ *hon.*	ସେ ଆଜି ଆମ ଘରେ କ'ଣ ଖାଇବେ ?
ସେମାନେ	ସେମାନେ ଆଜି ଆମ ଘରେ କ'ଣ ଖାଇବେ ?

IV. Transformation drill

1. Transformation into negative—

(a) ଆପଣ ମାଛମାଂସ ଖାଆନ୍ତି ।
ଆପଣ ମାଛମାଂସ ଖାଆନ୍ତିନି ।

(b) ମୁଁ ମାଛମାଂସ ଖାଏ ।
ମୁଁ ମାଛମାଂସ ଖାଏନି ।

Digitized by srujanika@gmail.com

(c) ମୁଁ ଭାବିଲି ଆପଣ ବି ଆମିଷ ଖାଉଥିବେ ।
ମୁଁ ଭାବିଲି ଆପଣ ବି ଆମିଷ ଖାଉ ନଥିବେ ।

(d) ଆମର ତ ମାଛ ତରକାରୀ ହେଉଛି ।
ଆମର ତ ମାଛ ତରକାରୀ ହେଉନି ।

(e) ମୁଁ ଖାଲି ସାଦା ତରକାରୀ ଖାଇବି ।
ମୁଁ ଖାଲି ସାଦା ତରକାରୀ ଖାଇବିନି ।

2. Transformation into affirmative—

(a) ମତେ ମାଛମାଂସ ଭଲ ଲାଗେ ନି ।
ମତେ ମାଛମାଂସ ଭଲ ଲାଗେ ।

(b) କେତେବେଳେ ଆମିଷ ଖାଆନ୍ତିନି ।
କେତେବେଳେ ଆମିଷ ଖାଆନ୍ତି ।

(c) ଆମଘର ଲୋକେ ନିରାମିଷାଶୀ ନୁହଁନ୍ତି ।
ଆମଘର ଲୋକେ ନିରାମିଷାଶୀ ।

3. Transformation using ନା କ'ଣ—

(a) ଆପଣ କଣ ଖାଆନ୍ତିନି ?
ଆପଣ କଣ ଖାଆନ୍ତିନି ନା କ'ଣ ?

(b) ତାକୁ ମାଛମାଂସ ଭଲ ଲାଗେନି ?
ତାକୁ ମାଛମାଂସ ଭଲ ଲାଗେନି ନା କ'ଣ ?

(c) ମୁଁ ଭାବିଲି ଆପଣ ବି ଆମିଷ ଖାଉଥିବେ ।
ମୁଁ ଭାବିଲି ଆପଣ ବି ଆମିଷ ଖାଉଥିବେ ନା କ'ଣ ?

(d) ଆମର ତ ମାଛ ତରକାରୀ ହେଉଛି ।
ଆମର ତ ମାଛ ତରକାରୀ ହେଉଛି ନା କ'ଣ ?

V. Combination drill

1. Combination of two sentences using alternative ନା—

(i) (a) ତମେ ମାଛ ଖାଇବ । — ତମେ ମାଛ ଖାଇବ ନା ମାଂସ ଖାଇବ ?
ତମେ ମାଂସ ଖାଇବ । — ତମେ ମାଛ ଖାଇବ ନା ମାଂସ ?

Digitized by srujanika@gmail.com

(b) ତମେ ଗୁଲ ଖାଇବ ।
ସେ ଗୁଲ ଖାଇବ । ତମେ ଗୁଲ ଖାଇବ ନା ସେ (ଗୁଲ) ଖାଇବ ?

(c) ମୁଁ ଯିବି ।
ସେ ଯିବ । ମୁଁ ଯିବି ନା ସେ ଯିବ ?

(d) ତୁ ପାନ ଖାଇବୁ ।
ତୁ ସିଗାରେଟ ଖାଇବୁ । ତୁ ପାନ ଖାଇବୁ ନା ସିଗାରେଟ୍ ?

(ii)(a) ତୁ କଟକ ଯିବୁନି ।
ତୁ ଏଠି ରହିବୁନି । ତୁ କଟକ ଯିବୁନି ନା ଏଠି ରହିବୁନି ।

(b) ତୁ ସିନେମା ଦେଖିବୁନି ।
ତୁ ଥିଏଟର ଦେଖିବୁନି । ତୁ ସିନେମା ଦେଖିବୁନି ନା ଥିଏଟର ଦେଖିବୁନି ।

(c) ପାଟି ହେଉନି ।
କ୍ଲାସ ହେଉନି । ପାଟି ହେଉନି ନା କ୍ଲାସ ହେଉନି ।

2. Combination using କି—

(i) (a) ତୁ କଡ଼ା ପାନ ଖାଇବୁ ।
ତୁ ସାଦା ପାନ ଖାଇବୁ । ତୁ କଡ଼ା ପାନ ଖାଇବୁ କି ସାଦା ?

(b) ସେ ଯିବ ।
ମୁଁ ଯିବି । ସେ ଯିବ କି ମୁଁ ଯିବି ?

(c) ଏଇଟା ମୁଁ ନେବି ।
ଏଇଟା ସେ ନେବ । ଏଇଟା ମୁଁ ନେବି କି ସେ ?

(d) ଏଇଟା ତୁ ଖାଇବୁ ।
ସେଇଟା ତୁ ଖାଇବୁ । ଏଇଟା ଖାଇବୁ କି ସେଇଟା ?

(e) ଆପଣ ଯିବେ ।
ଆପଣ ରହିବେ । ଆପଣ ଯିବେ କି ରହିବେ ?

(ii) (a) ସେ ଭାତ ଖାଇବନି ।
ସେ ରୁଟି ଖାଇବନି । ସେ ଭାତ ଖାଇବନି କି ରୁଟି ଖାଇବନି ।

(b) ଆମେ କଲେଜ ଆସିବୁନି ।
ଆମେ ପାଠ ପଢ଼ିବୁନି । ଆମେ କଲେଜ ଆସିବୁନି କି ପାଠ ପଢ଼ିବୁନି ।

Digitized by srujanika@gmail.com

(c) ସେ ସିନେମା ଯିବନି ।
ସେ ଡ୍ରାମା ଦେଖିବନି । — ସେ ସିନେମା ଯିବନି କି ଡ୍ରାମା ଦେଖିବନି ।

(d) ଡ୍ରାମା ହେଉନି ।
ଯାତ୍ରା ହେଉନି । — ଡ୍ରାମା ହେଉନି କି ଯାତ୍ରା ହେଉନି ।

(e) ପୂଜା ନାହିଁ ।
ପର୍ବ ନାହିଁ । — ପୂଜା ନାହିଁ କି ପର୍ବ ନାହିଁ ।

3. Combination using ବି—

(i) (a) ମୁଁ ଘରକୁ ଯିବି ।
ମୁଁ ଦୋକାନକୁ ଯିବି । — ମୁଁ ଘରକୁ ଯିବି, ମୁଁ ଦୋକାନକୁ ବି ଯିବି ।

(b) ବର୍ଷା ହେବ ।
କୁଆପଥର ପଡ଼ିବ । — ବର୍ଷା ହେବ, କୁଆପଥର ବି ପଡ଼ିବ ।

(c) ତୁମେ ଖାଇବ ।
ସେ ଖାଇବ । — ତୁମେ ଖାଇବ, ସେ ବି ଖାଇବ ।

(d) ସେ ରସଗୋଲା ଖାଇବ ।
ସେ ସନ୍ଦେଶ ଖାଇବ । — ସେ ରସଗୋଲା ଖାଇବ, ସନ୍ଦେଶ ବି ଖାଇବ ।

(ii) (a) ତୁ ମନ୍ଦିରକୁ ଯିବୁ ।
ତୁ ଭୋଗ ଖାଇବୁ । — ତୁ ମନ୍ଦିରକୁ ବି ଯିବୁ, ଭୋଗ ବି ଖାଇବୁ ।

(b) ସେ ଘରେ ରହୁଛି ।
ସେ ଦୋକାନରେ ରହୁଛି । — ସେ ଘରେ ବି ରହୁଛି, ଦୋକାନରେ ବି ରହୁଛି ।

(c) ତାର ଖାଇବାକୁ ଇଚ୍ଛା ଅଛି ।
ତାର ରହିବାକୁ ଇଚ୍ଛା ଅଛି । — ତାର ଖାଇବାକୁ ବି ଇଚ୍ଛା ଅଛି, ତାର ରହିବାକୁ ବି ଇଚ୍ଛା ଅଛି ।

(d) ସେଠି ସଭା ହେବ ।
ଏଠି ସଭା ହେବ । — ସେଠି ବି ସଭା ହେବ, ଏଠି ବି ସଭା ହେବ ।

(e) ସେ ଆସନ୍ତି ।
ଆପଣ ଆସନ୍ତି । — ସେ ବି ଆସନ୍ତି, ଆପଣ ବି ଆସନ୍ତି ।

Digitized by srujanika@gmail.com

VI. Response drill

(a) ଆପଣ ମାଛମାଂସ ଖାଆନ୍ତି ?
ହଁ, ମୁଁ ଖାଏ ।

(b) ଆପଣଙ୍କୁ ଆମିଷ ଭଲ ଲାଗେ ?
ନା, ଭଲ ଲାଗେନି ।

(c) ଆପଣଙ୍କର ଆଜି କି ତରକାରୀ ହେଉଥିଲା ?
ଆମର ମାଂସ ତରକାରୀ ହେଉଥିଲା ।

(d) ଆପଣ ପାନ ଖାଆନ୍ତି କି ସିଗାରେଟ୍ ?
ମୁଁ ପାନ ଖାଏନି କି ସିଗାରେଟ ଖାଏନି ।

(e) ଆପଣ କଡ଼ାପାନ ଖାଆନ୍ତି ନା ସାଦାପାନ ଖାଆନ୍ତି ?
ମୁଁ କଡ଼ାପାନ ଖାଏନି ନା/କି ସାଦାପାନ ଖାଏନି ।

Exercises

1. Substitute the underlined words by selecting the most appropriate words from the brackets :

(ନା, ହେଉଥିଲା, ଯାଇନଥିବେ, ସ୍ଥିରକଲି, ଗୋଳମାଳ, ଖାଲି, ମେଘ, ଭାତ, ଯାଇଥିବେ, ଆସିବାରେ)

(a) ଆପଣ ରୁଟି ଖାଆନ୍ତି ?
(b) ସେଠି କଣ ବର୍ଷା ହେଉନି ନା କ'ଣ ?
(c) ସେମାନଙ୍କୁ କଳି କଜିଆ ଭଲ ଲାଗେନି ।
(d) ମତେ କେବଳ ମାଛ ଖାଇବାକୁ ଭଲ ଲାଗେ ।
(e) ତାଙ୍କର ସେଠାକୁ ଯିବାରେ କିଛି ଅସୁବିଧା ନାହିଁ ।
(f) ମୁଁ ଠିକ୍ କଲି ଆଜି ଯିବିନି ।
(g) ସେମାନେ ବୁଲିବାକୁ ଯାଇଥିବେ ।
(h) ସେ ପ୍ରତିଦିନ ଭାଷାକେନ୍ଦ୍ରକୁ ଯାଆନ୍ତି ।
(i) ଆମର ଆଜି ମାଛ ତରକାରୀ ହେଉଛି ।
(j) ତମେ ହଷ୍ଟେଲକୁ ଯିବ କି ?

Digitized by srujanika@gmail.com

2. Fill up the blanks with suitable words :

(a) ଆପଣ କଣ ବେଶୀ ବୁଲବୁଲି.................... ?

(b) ସେ.................... ଗୁ ଖାଏନା ।

(c) ମତେ ମାଛ.............. ଭଲ ଲାଗେ ।

(d) ମୋର କିଛି................ ନାହିଁ ।

(e) ଏଠି.................... ଲୋକ ଅଛନ୍ତି ।

3. Transform the following sentences according to the instructions given :

(a) ତୁ ମାଛ ଖାଉନୁ । — put emphasis (ନା କ'ଣ)

(b) ମୁଁ ସେଠାକୁ ଯାଏ । — negative

(c) ଏଠି ସମସ୍ତେ ନିରମିଷାଶୀ ନୁହଁନ୍ତି । — affirmative

(d) ତମକୁ ରସଗୋଲା ଭଲ ଲାଗେନି ନା କ'ଣ ? — use କି

(e) ତମେ ହଷ୍ଟେଲକୁ ଯାଉଛ ।
ତମେ ଘରକୁ ଯାଉଛ । — combine using ନା

(f) ତୁ କୁଆଡେ ଯିବୁ ?
ତୁ ଏଇଠି ରହିବୁ । — combine using ନା

(g) ସେଠି ପୂଜା ହେଉଛି ।
ସେଠି ନାଚ ହେଉଛି । — combine using କି

(h) ସେ ତୁମ ଘରେ ରହିବନି ।
ସେ ବଜାରକୁ ଯିବନି । — combine using କି

(i) ତାଙ୍କର ଘର ନାହିଁ ।
ତୋର ରହିବାକୁ ଜାଗା ନାହିଁ । — combine using ବି

(j) ସେ ସେଠି ଭାଷଣ ଦେବେ ।
ସେ ଏଠି ଭାଷଣ ଦେବେ । — combine using ବି

4. Answer the following :

(a) ଆପଣ ଆଜି କି ତରକାରୀ ଖାଇଲେ ?

(b) ସେ ଗୁ ଖାଏ ନା ପାନ ଖାଏ ?

Digitized by srujanika@gmail.com

(c) ତୁମେ ମନ୍ଦିରକୁ ଯିବ କି ସିନେମାକୁ ଯିବ ?
(d) ସେ ଘରକୁ ଯିବେ ନା କ'ଣ ?
(e) ଆପଣ ଘରକୁ ଯିବେ କି ଏଠି ଦଶମାସ ରହିବେ ?
(f) ଆପଣଙ୍କର କିଛି ଅସୁବିଧା ଅଛି କି ?

Grammatical Note

1. Note the sentence—ମୁଁ ଭାବିଲି ଆପଣ ବି ଆମିଷ ଖାଉଥିବେ ।
This sentence can be divided into two parts as there are two different verbs in use, ଭାବିଲି and ଖାଉଥିବେ. The past tense verb of the first clause ମୁଁ ଭାବିଲି does not affect the future continuous verb of the other clause of the sentence. In the clause ମୁଁ ଭାବିଲି both the subject ମୁଁ and the verb ଭାବିଲି can be replaced meaningfully by any other subject and any other verb—form without affecting the meaning of the whole sentence.

ମୁଁ ଭାବିଲି..

ସେ ଭାବିଲା

ସେ ଭାବିଥିଲେ ....

2. Note the construction, ଖାଆନ୍ତି ନା କ'ଣ ? This question is asked to elicit the response 'yes' or 'no'.

3. To the infinitive form of any verb, post-positions like ରେ, ର, କୁ, ଠାରୁ, କୁ, ପାଇଁ etc. are added. The infinitives are formed by adding -ଇବା or -ବା to the verb stem (*see* Lesson-10, Gr. Note-2).

ଖାଇବାରେ	ଖାଇବାଠାରୁ	ଖାଇବାପାଇଁ
ଖାଇବାର	ଖାଇବାକୁ	

4. ନହେଲେ, ତାହେଲେ etc. are used as 'conditional conjoints'.

Digitized by srujanika@gmail.com

5. The words like ମାଛମାଂସ can be called synonyms in Oriya. There are many words which function as synonyms. Two types of synonyms are given below—

ମାଛମାଂସ	ଘରଫର
ଘରଦ୍ୱାର	ଛେଳିଫେଳି
ଲୁଗାପଟା	ଜାମାଫାମା
କୁକୁରବିଲେଇ	ମାଛଫାଛ
ଗାଈଗୋରୁ	ଦୋକାନଫୋକାନ
ଦୋକାନବଜାର	ବହିଫହି

Note : The letter ଫ functions as the echo sound to form synonym-letter. These are also called echo words.

6. କଡ଼ା and ସାଦା function as opposite words here. The opposite words are called antonyms.

7. Look at the following uses of କଡ଼ା and ସାଦା

କଡ଼ା :	(a)	କଡ଼ା ପାନ	spiced pan, pan with tobacco
		କଡ଼ା ଗନ୍ଧ	pungent smell
		କଡ଼ା ଲୋକ	a strict man
		କଡ଼ା ଚା	strong tea
	(b)	କବାଟର କଡ଼ା	door handles
		ହାତ କଡ଼ା	handcuff
ସାଦା :		ସାଦା ରଂଗ	white colour
		ସାଦା ପାନ	pan without tobacco
		ସାଦା ସିଧା ଲୋକ	simple, straight-forward man
		ସାଦା ତରକାରୀ	vegetarian curry

8. Some opposite words (antonyms)

କଡ଼ା	ସାଦା
ସୁବିଧା	ଅସୁବିଧା
ଭଲ	ଖରାପ, ମନ୍ଦ

Digitized by srujanika@gmail.com

ଅଛି	ନାହିଁ
ଆମିଷ	ନିରମିଷ
ବନ୍ଦ	ଖୋଲା
ବୈଧ	ଅବୈଧ
ଉପରେ	ତଳେ

Cultural Note

Any curry in Oriya is called ତରକାରୀ । ତରକାରୀ becomes ତୁଣ or ତିଅଣ in colloquial use. There are many types of curries in Oriya.

କେତୋଟି ଓଡ଼ିଆ ତରକାରୀର ନାଁ—

ଭଜା	ଭର୍ତ୍ତା	ମାଛ ତରକାରୀ
ସନ୍ତୁଳା	ଶାଗ	ମାଂସ ତରକାରୀ
ଘଇ	ଚଡ଼ଚଡ଼ି	ପଣସ ତରକାରୀ
ଖଟା (ଆମ୍ବିଳ)	ଦହିକଡ଼ି	ଆଳୁ ତରକାରୀ
ବେସର	ଘାଣ୍ଟ	
ମହୁଲ		
ଶାକର		
ଡାଲନା/ଡାଲଣା		

Digitized by srujanika@gmail.com

UNIT II

LESSON 21

Revision Lesson

The Foreigners in Orissa

ଓଡ଼ିଶାରେ ବିଦେଶୀ ଯାତ୍ରୀ

ବିକାଶ : ଏବର୍ଷ ବାହୁଡ଼ାଯାତ୍ରା ଭାରି ଭଲ ହୋଇଥିଲା । ରଥ ଦେଖିବାକୁ ଆସିଲନି ?	Bikash : This year the Return Car-festival was excellent. Why didn't you come to witness it ?
ବ୍ରଜମୋହନ : ବାହୁଡ଼ା ଦିନ ପଡ଼ି ମୋ ପୁଅର ଜନ୍ମଦିନ ଥିଲା । ତାର ପୂଜା ହେଲା । ସେଥିପାଇଁ ଆସି ପାରିଲିନି । ବାହୁଡ଼ା ଦିନ ପୁରୀରେ ବହୁତ ଲୋକ ହୋଇଥିବେ । ନୁହେଁ ?	Braja : My son's birthd.y fell on the Return Car-festival day. He was worshipped. That's why I couldn't come. There must have been a very big crowd at Puri, wasn't it ?
ବିକାଶ : ହଁ, ରଥ ଦେଖିବାକୁ ବହୁତ ବିଦେଶୀ ବି ଆସିଥିଲେ । ଦୁଇ ଜଣ ବିଦେଶୀ ରଥଯାତ୍ରା ବିଷୟରେ ଗବେଷଣା କରୁଛନ୍ତି ।	Bikash : Yes, a number of foreigners also came to witness the Car-festival. Two foreigners are researching on the Car-festival.
ବ୍ରଜମୋହନ : ତାହେଲେ ସେମାନେ ତ-ପ୍ରତିବର୍ଷ ଆସୁଥିବେ ?	Braja : Then they may be coming every year ?
ବିକାଶ : ହଁ, ସେମାନେ ପ୍ରତିବର୍ଷ ରଥବେଳକୁ ଆସନ୍ତି ।	Bikash : Yes, they come every year at the time of the Car-festival.
ବ୍ରଜମୋହନ : ଏଥର ସେମାନେ କଣ ତୁମ ଘରେ ଥିଲେ ?	Braja : Did they stay at your place this time ?

Digitized by srujanika@gmail.com

ବିକାଶ : ନା, ସେମାନେ ପୁରୀ ମଠରେ ରହିଥିଲେ ।

Bikash : No, they stayed at a Math at Puri.

ବ୍ରଜମୋହନ : ସେମାନେ ଆମିଷ ଖାଉଥିଲେ ନା ନିରମିଷ ? ସେମାନଙ୍କର ଖାଇବାକୁ ଅସୁବିଧା ହେଉଥିବ ତ ?

Braja : Were they eating vegetarian food or nón-veg. ? Probably they had difficulties about food.

ବିକାଶ : ସେମାନେ ପୁରୀ ପାନ୍ଥ ନିବାସରେ ଖାଉଥିଲେ । ପୁରୀ ପାନ୍ଥ ନିବାସରେ ତ ଆମିଷ ଖାଇବାର ସୁବିଧା ଅଛି । ତାଙ୍କର କିଛି ଅସୁବିଧା ହେଉନଥିଲା ।

Bikash : They used to eat at Puri Panth Nivas. There are provisions for non-vegetarian food at Pantha Nivas. They had no difficulties.

ବ୍ରଜମୋହନ : ମୁଁ ଭାବିଲି ସେମାନଙ୍କର ରହିବାରେ ଖାଇବାରେ ଅସୁବିଧା ହେଉଥିବ ।

Braja : I thought they probably had difficulties in lodging and boarding.

ବିକାଶ : ନା, ସେମିତି କିଛି ଅସୁବିଧା ହେଇନି ।

Bikash : No, they didn't have that much difficulty.

Exercises

1. Substitute the underlined words by most appropriate words from the brackets :

(i) (ଅସୁବିଧା, ଦୋଳ, ସବୁବର୍ଷ, ଥିବା, ମାମୁଁଘର, ବହୁତ, ସେପରି, ବିଷୟରେ, ତୁଣ, ଆଲୋଚନା)

(a) ଆଜି ତ ରଥଯାତ୍ରା ।

(b) ଏଠାକୁ ପ୍ରତିବର୍ଷ ବହୁତ ଲୋକ ଆସନ୍ତି ।

(c) ତୁମ ଘରେ କଣ ରହିବାକୁ ସୁବିଧା ହେବନି ?

(d) ବଡ଼ ଦାଣ୍ଡରେ ଯାଉଥିବା ରଥସବୁ ଦେଖି ହେବ ।

(e) ମୁଁ କାଲି ଗାଁକୁ ଯାଉଥିଲି ।

(f) ପୋଖରୀରୁ କେତେ ମାଛ ଧରାହେଲା ।

(g) ଆଦିବାସୀ ଭାଷାଗୁଡ଼ିକର ଗବେଷଣା ହେଉଥିବ ତ ?

Digitized by srujanika@gmail.com

(h) ଓଡ଼ିଆ ଭାଷା ଉପରେ କିଏ ଗବେଷଣା କରୁଛି ?

(i) ତମର କି ତରକାରୀ ହେଉଛି ?

(j) ତାଙ୍କର ସେମିତି କିଛି ଅସୁବିଧା ନାହିଁ ।

(ii) (କି, ଯାଉଥିବେ, ଅଛି, ନଥିବ, କହିଲ, ଜାଣିଥିବ, ନଥିଲା, ଗଲେ, ପଢ଼ନ୍ତି, ଡାକିଥିଲି)

(a) ଭାରତରେ ଭାଷା ଉପରେ ଗବେଷଣା ହେଉଥିବା କଥା ତମେ ଶୁଣିଥିବ ।

(b) ତୁମକୁ ଏ କଥା କିଏ କହୁଥିଲା ?

(c) ସେଦିନ ମୋର କଟକ-ଯିବାର ଥିଲା ।

(d) ତୁମ ଭାଷାକେନ୍ଦ୍ର ବୋଧେ ବନ୍ଦ ଥିବ ।

(e) ଜଗନ୍ନାଥଙ୍କ ରଥରେ ୧୬ଟି ଚକ ଥାଏ ।

(f) ଆପଣ ତ ପ୍ରତିଦିନ କଲେଜ ଯାଆନ୍ତି ।

(g) ସେ କୁଆଡ଼େ ଯାଇଥିଲେ ?

(h) ତୁମ କ୍ଲାସରେ କେତେଜଣ ଓଡ଼ିଆ ପଢୁଥିବେ ?

(i) ଆପଣ ମାଛ ତରକାରୀ ଖାଆନ୍ତିନି ନା କ'ଣ ?

(j) ସେଥିପାଇଁ ମୁଁ ତୁମକୁ ଡାକିବି ।

2. Fill up the blanks choosing suitable words from the brackets :

(କେମିତି, ଦୋକାନ, କେହି, ସେମିତି, ସାଦା, କେହି କେହି, ଭଷାଭଷୀ, କି, ସେଥିପାଇଁ, ବି)

(a) ଏ ଘରେ କଣ...................... ଅଛନ୍ତି ?

(b) .... କହନ୍ତି ଏଠି ବହୁତ ବର୍ଷା ହୁଏ ।

(c) ତମେ...................ଏମିତି କଥା କହୁଛ ?

(d) ତୋର ତ.................କିଛି ଅସୁବିଧା ନାହିଁ ?

(e) ମୁଁ ଖଣ୍ଡେ......................ପାନ ଖାଇବି ।

(f) ଆଜି ସବୁ...................... ବଜାର ବନ୍ଦ ।

(g) ଏଠି ଓଡ଼ିଆ...................... ଲୋକ ରହନ୍ତି ।

(h) ତୁମକୁ ମୁଁ କିଛି କହିବିନି...................... ଏ କାମ କରିବିନି ।

(i) .... ସେ କାହିଁକି ଆସିବେ ?

(j) ମୋର......................କଣ ଯିବାକୁ ମନ ନାହିଁ ?

Digitized by srujanika@gmail.com

3. Transform the following sentences according to the instructions given :

(a) ସେ କଣ କେବେ ଘରେ ଥାନ୍ତି ? (negative)
(b) ଅଧିକାଂଶ ସମୟରେ ସେ ବୁଲିବାକୁ ଯାଇଥାନ୍ତି । (simple present)
(c) ଆରେ, ତମେ ଅଛ ? (negative)
(d) ସେ କେତେବେଳେ ଘରେ ଥାଏ ? (simple past)
(e) କାଲି ସେ ମାମୁଁ ଘରକୁ ଯାଇଥିଲ । (simple past)
(f) ସେ ବେଶୀ ମାଛ ଖାଆନ୍ତି । (future continuous)
(g) ତମେ ନିଶ୍ଚୟ ଏ କାମ କରିଥିବ । (present perfect)
(h) କିଏ ଏ ବିଷୟ ଜାଣିଥିବ ? (simple present)
(i) ଆପଣ କଣ ପାନ ଖାଆନ୍ତିନି ? use ନା କ'ଣ
(j) ମୁଁ ଖାଲି ସାଦା ତରକାରୀ ଖାଇବି ? use କି
(k) ସେମାନଙ୍କର କଣ ଅସୁବିଧା ହେଲ ନା କ'ଣ ? (past perfect)
(l) ମୁଁ କଲିକତା ଯିବି । use ବି

4. Combine the following sentences using the cue given :

(a) ତମେ କଣ ଯିବ ?
ତମେ କଣ ରହିବ ? use ନା

(b) ସେ ପାନ ଖାଇବ ।
ସେ ସିନେମା ଦେଖିବ । use ନା

(c) ଏଠି କ୍ଲାସ ହେଉଛି ।
ସେଠି କ୍ଲାସ ହେଉଛି । use କି

(d) ମୁଁ ସ୍କୁଲ ଯିବିନି ।
ମୁଁ ପାଠ ପଢିବିନି । use କି

(e) ବର୍ଷା ହେଉଛି ।
କୁଆପଥର ପଡୁଛି । use ବି

(f) ସେ ରସଗୋଲା ଖାଇବ ।
ସେ ବୁଲି ଯିବ । use ବି

Digitized by srujanika@gmail.com

5. Answer the following questions basing on the lessons from 17 to 21 :

    (a) 'ବଡ଼ଠାକୁର' କାହା ନାଁ ?
    (b) ଜଗନ୍ନାଥଙ୍କ ରଥ ନାଁ କ'ଣ ?
    (c) ବଳଭଦ୍ରଙ୍କ ରଥର ନାଁ କ'ଣ ଓ ତାଙ୍କ ରଥରେ କେତୋଟି ଚକ ?
    (d) ସୁଭଦ୍ରାଙ୍କ ରଥ ନାଁ କ'ଣ ଓ ତାଙ୍କ ରଥର ରଙ୍ଗ କ'ଣ ?
    (e) ରଥଯାତ୍ରା ଦିନ ଠାକୁରମାନେ କୋଉଠିକି ଯାଆନ୍ତି ?
    (f) ପପୁ କୁଆଡ଼େ ଯାଇଥିଲା ?
    (g) ଟୁକୁର କ'ଣ ହେଇଥିଲା ?
    (h) ମାମୁଁଘର ପୋଖରୀରୁ କ'ଣ ଧରହେଲା ?
    (i) ଟୁକୁର ନୂଆଜାମା ହେଇଥିଲା କି ?
    (j) ଦୀପଙ୍କର କୋଉ ଭାଷାରେ ଗବେଷଣା କରୁଥିଲେ ?
    (k) ଓଡ଼ିଶାରେ କି କି ଭାଷା ଅଛି ?
    (l) କିଏ ଆମେରିକା ଯାଉଛି ?
    (m) ଆପଣଙ୍କୁ କି ତରକାରୀ ଭଲ ଲାଗେ ?
    (n) ଆପଣ ଆମିଷାଶୀ ନା ନିରାମିଷାଶୀ ?
    (o) ବିଦେଶୀମାନେ କାହିଁକି ପୁରୀ ଆସିଥିଲେ ?

6. Frame sentences using the following words :

    କେହି, କେହି କେହି, ନା, କି, କାହିଁକି, କେମିତି, କିପରି, ପରା, ତ, କି କି

7. Write the opposites of the following words :

    ବଡ଼, ବେଶ, କଡ଼ା, ଉପର, ସୁବିଧା

8. There are two sets of related words. Show which word is related to which other word ?

    (a) ସାଦା, ଲୁଗା, ମାଛ, ଗାଈ, ଘର, ଛେଳି, ଜାମା
    (b) ପଟା, ଗୋରୁ, ଦ୍ୱାର, ଫେଳି, ସିଆ, ଫାମା, ମାଂସ

9. Write short notes on :

    ଘୁଣ୍ଡିଘର, ବଡ଼ଦାଣ୍ଡ, ଜନ୍ମଦିନ

10. Write the numerals from 61 to 80.

Digitized by srujanika@gmail.com

UNIT II

LESSON 22

Buying Vegetables

ପରିବା କିଣା

ଗୋପୀବାବୁ : ତମ ଦୋକାନରେ କ'ଣ କ'ଣ ପରିବା ଅଛି ?

Gopibabu : What vegetables do you have in your shop ?

ପରିବାବାଲା : ଆଜ୍ଞା, ଆଳୁ, କୋବି, ବିଲାତି-ବାଇଗଣ, ବାଇଗଣ, ମଟର—ସବୁ ରକମ ଅଛି ।

Vegetable Vendor : Oh sir, all types—patatoes, cabbages, tomatoes, bringals and peas.

ଗୋପୀବାବୁ : ଏ ବିଲାତି ବାଇଗଣ ଦର କଅଣ ?

Gopibabu : What's the rate of tomatoes ?

ପରିବାବାଲା : ଆଜ୍ଞା, କିଲେ ଦି ଟଙ୍କା । ଆପଣ ଦି ତିନି କିଲେ ନିଅନ୍ତୁ ।

Vegetable Vendor : Two rupees a kilo, sir. Please have two or three kilos.

ଗୋପୀବାବୁ : ନାହିଁ, ବହୁତ ବେଶୀ ଦାମ କହୁଛ । ଏ ପରିବା ସବୁ କଣ ଏତେ ମହରଗ ? ଠିକ୍ କରି କୁହ କେତେ ନେବ ? ଆଉ ଏ ଫୁଲକୋବି ଗୋଟାକୁ କେତେ ?

Gopibabu : No, you are quoting a high price. Are these vegetables really so dear ? Tell me correctly how much you charge ? What is the rate of this single cauliflower ?

ପରିବାବାଲା : ହଉ, ଦେଢ଼ଟଙ୍କାରେ ବିଲାତି ବାଇଗଣ ନିଅନ୍ତୁ । କୋବି ଗୋଟାକୁ ଅଶୀ ପଇସା । କେତୋଟା କୋବି ଦେବି ?

Vegetable Vendor : O. K. sir, please pay one and half rupee for tomatoes. Cauliflowers cost eighty paise each. How many cauliflowers, please ?

Digitized by srujanika@gmail.com

ଗୋପୀବାବୁ : କୋବି ଚାରିଟା ଦିଅ । ଆଉ ବିଲାତି ବାଇଗଣ ଦି କିଲୋ ଦିଅ । ତମର କଣ କଞ୍ଚା ଲଙ୍କା ନାହିଁ କି ?

Gopibabu : Please give four cauliflowers. Also give two kilos of tomatoes. Don't you have green chilli ?

ପରିବାବାଲା : ନାହିଁ, କଞ୍ଚାଲଙ୍କା ନାହିଁ । ଅଦା ରସୁଣ ଆଉ ଧନିଆପତ୍ର ଅଛି । ଆପଣ ଅଦା ରସୁଣ ନିଅନ୍ତୁ, ନହେଲେ ଧନିଆ ପତ୍ର ନିଅନ୍ତୁ ।

Vegetable Vendor : No, I don't have green chilli. I have ginger, garlic and coriander leaves. You may please take ginger and garlic or if you like coriander leaves.

ଗୋପୀବାବୁ : ଭଲ ଭଲ କୋବି ବାଛି କରି ଦିଅ । ଧନିଆପତ୍ର ପାଞ୍ଚବିଡ଼ା ଦିଅ ।

Gopibabu : Please select some good cauliflowers for me. Also please give five bunches of coriander leaves.

ପରିବାବାଲା : ହଉ ଦଉଛି ।

Vegetable Vendor : O. K. sir.

Variation

A : ତମ ଦୋକାନରେ କ'ଣ ସବୁ ଭଲ ଫଳ ଅଛି ?

A : What fresh fruits do you have in your shop ?

B : ଆପେଲ, ଅଙ୍ଗୁର, ସିଲଟ କମଳା ଆଉ ପାଚିଲା କଦଳୀ ଅଛି । ଆଜ୍ଞା ସବୁ ଭଲ ।

B : There are apples, grapes, oranges and ripe bannanas— all fresh.

A : ଆପେଲ କିଲୋ କେତେ ?

A : How much a kilo of apple costs ?

B : ଆଜ୍ଞା ତିନି ଟଙ୍କା । ଭାରି ଶସ୍ତା । କିଲେ ଦିକିଲେ ନିଅନ୍ତୁ ।

B : Three rupees, sir. Quite cheap. Please take one or two kilos.

A : ହଉ, ଆପେଲ କିଲେ ଦିଅ, ଆଉ ଅଙ୍ଗୁର ଅଧକିଲେ ଦିଅ ।

A : O. K., give one kilo apple and half kilo of grapes.

Digitized by srujanika@gmail.com

B : ଆଜ୍ଞା ଏ ସିଲଟ କମଳା ଭଲ । ଟଙ୍କାରେ ଛଅଟା । ଟଙ୍କାକର କିଣନ୍ତୁ ।

B : These oranges are also good. Six for a rupee. Please take a rupee worth.

A : ନାଇଁ କମଳା ଦିଅନି । ଖାଲି ଆପେଲ ଆଉ ଅଙ୍ଗୁର ଦିଅ ।

A : No, don't give oranges. Give only apples and grapes.

Vocabulary

ଅଦା	ginger	ଦି କିଲୋ	two kilos
ଅଶୀ ପଇସା	eighty paise	ଦି ଟଙ୍କା	two rupees
ଆଳୁ	patato	ଦେଢଟଙ୍କା	one rupee and fifty paise
ଏତେ	so much		
କଞ୍ଚାଲଙ୍କା	green chilli	ଧନିଆ ପତ୍ର	coriander leaves
କ'ଣ କ'ଣ	what (are)	ପରିବା	vegetables
କିଲୋ	kilo	ପାଞ୍ଚ ବିଡ଼ା	five bunches
କେତୋଟି	how many	ବାଇଗଣ	brinjal
କୋବି	cauliflower	ବାଛିକରି	selecting
ଗୋଟାକୁ	per each	ବିଲତି ବାଇଗଣ	tomato
ଠିକ୍ କରି	exactly	ଭଲ ଭଲ	better ones
ଦର	rate	ମଟର	peas
ଦାମ୍	price	ମହରଗ	costly
		ରସୁଣ	garlic

Drills

I. Build up drill

ଅଛି ?
ପରିବା ଅଛି ?
କ'ଣ କ'ଣ ଅଛି ?
କ'ଣ କ'ଣ ପରିବା ଅଛି ?
ଦୋକାନରେ ଅଛି ?
ଦୋକାନରେ ପରିବା ଅଛି ?
ଦୋକାନରେ କ'ଣ କ'ଣ ଅଛି ?
ତମ ଦୋକାନରେ କ'ଣ କ'ଣ ପରିବା ଅଛି ?

ଅଛି ।
ସବୁ ରକମ ଅଛି ।
ସବୁ ଅଛି ।
ଆଳୁ, କୋବି, ବିଲତିବାଇଗଣ, ବାଇଗଣ, ମଟର ଅଛି ।
ଆଜ୍ଞା ଆଳୁ, କୋବି, ବିଲତିବାଇଗଣ, ବାଇଗଣ ମଟର ସବୁ ରକମ ଅଛି ।

Digitized by srujanika@gmail.com

କଅଣ ?
ଦର କଅଣ ?
ବିଛଟି ବାଇଗଣ ଦର କଅଣ ?
ଏ ବିଛଟି ବାଇଗଣ ଦର କଅଣ ?

ଦି ଟଙ୍କା ।
କିଲେ ଦି ଟଙ୍କା ।
ଆଜ୍ଞା, କିଲେ ଦି ଟଙ୍କା ।

ନିଅନ୍ତୁ ।
ତିନି କିଲେ ନିଅନ୍ତୁ ।
ଦି କିଲେ ନିଅନ୍ତୁ ।
ଦି ତିନି କିଲେ ନିଅନ୍ତୁ ।
ଆପଣ ଦି ତିନି କିଲେ ନିଅନ୍ତୁ ।

କହୁଛ ।
ବେଶୀ ଦାମ କହୁଛ ।
ବହୁତ ଦାମ କହୁଛ ।
ବହୁତ ବେଶୀ ଦାମ କହୁଛ ।
ନାଇଁ, ବହୁତ ବେଶୀ ଦାମ୍ କହୁଛ ।

ମହରଗ ?
ଏତେ ମହରଗ ?
କଣ ଏତେ ମହରଗ ?
ପରିବା ସବୁ ଏତେ ମହରଗ ?
କଣ ପରିବା ସବୁ ଏତେ ମହରଗ ?
ଏ ସବୁ ଏତେ ମହରଗ ?
ଏ ସବୁ କଣ ଏତେ ମହରଗ ?
ଏ ପରିବା ସବୁ କଣ ଏତେ ମହରଗ ?

ନେବ ?
କେତେ ନେବ ?
କୁହ କେତେ ନେବ ?
ଠିକ୍ କେତେ ନେବ ?
ଠିକ୍ କୁହ କେତେ ନେବ ?
ଠିକ୍ କରି କୁହ କେତେ ନେବ ?

କେତେ ?
ଗୋଟାକୁ କେତେ ?
କୋବି ଗୋଟାକୁ କେତେ ?
ଏ ଫୁଲ କୋବି ଗୋଟାକୁ କେତେ ?
ଆଉ କେତେ ?
ଆଉ ଏ ଫୁଲ କୋବି ଗୋଟାକୁ କେତେ ?

ନିଅନ୍ତୁ ।
ବିଛଟି ବାଇଗଣ ନିଅନ୍ତୁ ।
ଦେଢ଼ ଟଙ୍କାରେ ନିଅନ୍ତୁ ।
ଦେଢ଼ ଟଙ୍କାରେ ବିଛଟିବାଇଗଣ ନିଅନ୍ତୁ ।
ହଉ, ଦେଢ଼ ଟଙ୍କାରେ ବିଛଟିବାଇଗଣ ନିଅନ୍ତୁ ।

ଅଶୀ ପଇସା ।
ଗୋଟାକୁ ଅଶୀ ପଇସା ।
କୋବି ଗୋଟାକୁ ଅଶୀ ପଇସା ।

ଦେବି ?
କୋବି ଦେବି ?
କେତେଟା ଦେବି ?
କେତେଟା କୋବି ଦେବି ?

ଦିଅ ।
ଗ୍ଵରିଟା ଦିଅ ।
କୋବି ଦିଅ ।
କୋବି ଗ୍ଵରିଟା ଦିଅ ।

Digitized by srujanika@gmail.com

ଦିଅ ।
ଦି କିଲେ ଦିଅ ।
ବିସ୍କୁଟିବାକ୍ସଗଣ ଦିଅ ।
ବିସ୍କୁଟିବାକ୍ସଗଣ ଦି କିଲେ ଦିଅ ।
ଆଉ ବିସ୍କୁଟିବାକ୍ସଗଣ ଦି କିଲେ ଦିଅ ।

ନାହିଁ ।
କଞ୍ଚାଲଙ୍କା ନାହିଁ ।
ନାହିଁ କଞ୍ଚାଲଙ୍କା ନାହିଁ ।

ଅଛି ।
ଧନିଆପତ୍ର ଅଛି ।
ରସୁଣ ଆଉ ଧନିଆପତ୍ର ଅଛି ।
ଅଦା, ରସୁଣ ଆଉ ଧନିଆପତ୍ର ଅଛି ।

ନାହିଁ କି ?
କଞ୍ଚାଲଙ୍କା ନାହିଁ କି ?
କଣ ନାହିଁ କି ?
କଣ କଞ୍ଚାଲଙ୍କା ନାହିଁକି ?
ତମର ନାହିଁକି ?
ତମର କଞ୍ଚାଲଙ୍କା ନାହିଁକି ?
ତମର କଣ କଞ୍ଚାଲଙ୍କା ନାହିଁକି ?

ଦିଅ ।
ବାଛିକରି ଦିଅ ।
କୋବି ବାଛିକରି ଦିଅ ।
ଭଲ ଭଲ ଦିଅ ।
ଭଲ ଭଲ କୋବି ବାଛିକରି ଦିଅ ।
ଧନିଆପତ୍ର ପାଞ୍ଚବିଡ଼ା ଦିଅ ।

II. Substitution drill

(a) ତମ ଦୋକାନରେ କ'ଣ କ'ଣ ପରିବା ଅଛି ?

କି କି	ତମ ଦୋକାନରେ କି କି ପରିବା ଅଛି ?
କ'ଣ ସବୁ	ତମ ଦୋକାନରେ କ'ଣ ସବୁ ପରିବା ଅଛି ?
କେତେ ପ୍ରକାର	ତମ ଦୋକାନରେ କେତେ ପ୍ରକାର ପରିବା ଅଛି ?
କେତେ ରକମ	ତମ ଦୋକାନରେ କେତେ ରକମ ପରିବା ଅଛି ?
ଜିନିଷ	ତମ ଦୋକାନରେ କ'ଣ କ'ଣ ଜିନିଷ ଅଛି ?
ଫଳ	ତମ ଦୋକାନରେ କ'ଣ କ'ଣ ଫଳ ଅଛି ?

(b) ଏ ବିସ୍କୁଟିବାକ୍ସଗଣ ଦର କଅଣ ?

ଦାମ	ଏ ବିସ୍କୁଟି ବାକ୍ସଗଣ ଦାମ କଅଣ ?
କେତେ	ଏ ବିସ୍କୁଟି ବାକ୍ସଗଣ ଦାମ କେତେ ?

(c) ଆଜ୍ଞା, କିଲେ ଦି ଟଙ୍କା ।

ଟଙ୍କାଏ	ଆଜ୍ଞା, କିଲେ ଟଙ୍କାଏ ।
ତିନିଟଙ୍କା	ଆଜ୍ଞା, କିଲେ ତିନି ଟଙ୍କା ।
ପାଞ୍ଚଟଙ୍କା	ଆଜ୍ଞା, କିଲେ ପାଞ୍ଚ ଟଙ୍କା ।

Digitized by srujanika@gmail.com

(d) ଆପଣ ବି ତିନି କିଲୋ ନିଅନ୍ତୁ ।

ଦିଅନ୍ତୁ	ଆପଣ ବି ତିନି କିଲୋ ଦିଅନ୍ତୁ ।
ରଖନ୍ତୁ	ଆପଣ ବି ତିନି କିଲୋ ରଖନ୍ତୁ ।
ନିଅନ୍ତୁ	ଆପଣ ବି ତିନି କିଲୋ ନିଅନ୍ତୁ ।
ଖାଆନ୍ତୁ	ଆପଣ ବି ତିନି କିଲୋ ଖାଆନ୍ତୁ ।

(e) ନାଇଁ, ବହୁତ ବେଶୀ ଦାମ କହୁଛ ।

ଖୁବ୍	ନାଇଁ, ଖୁବ୍ ବେଶୀ ଦାମ କହୁଛ ।
ଅତି	ନାଇଁ, ଅତି ବେଶୀ ଦାମ କହୁଛ ।
ଭରି	ନାଇଁ, ଭରି ବେଶୀ ଦାମ କହୁଛ ।
ଟିକେ	ନାଇଁ, ଟିକେ ବେଶୀ ଦାମ କହୁଛ ।

(f) ଏ ପରିବା ସବୁ କଣ ଏତେ ମହରଗ ?

ଦର	ଏ ପରିବା ସବୁ କଣ ଏତେ ଦର ?
ଦାମ	ଏ ପରିବା ସବୁ କଣ ଏତେ ଦାମ ?
ମହଙ୍ଗା	ଏ ପରିବା ସବୁ କଣ ଏତେ ମହଙ୍ଗା ?
ଶସ୍ତା	ଏ ପରିବା ସବୁ କଣ ଏତେ ଶସ୍ତା ?
ବେଶୀଦାମ	ଏ ପରିବା ସବୁ କଣ ଏତେ ବେଶୀ ଦାମ ?
ବେଶୀଦର	ଏ ପରିବା ସବୁ କଣ ଏତେ ବେଶୀ ଦର ?
କମ ଦାମ	ଏ ପରିବା ସବୁ କଣ ଏତେ କମ ଦାମ ?
କମ ଦର	ଏ ପରିବା ସବୁ କଣ ଏତେ କମ ଦର ?

(g) ଠିକ କରି କୁହ କେତେ ନବ ?

ଦବ	ଠିକ୍ କରି କୁହ କେତେ ଦବ ?
ରଖିବ	ଠିକ୍ କରି କୁହ କେତେ ରଖିବ ?
ଖାଇବ	ଠିକ୍ କରି କୁହ କେତେ ଖାଇବ ?
ହବ	ଠିକ୍ କରି କୁହ କେତେ ହବ ?
ପଡ଼ିବ	ଠିକ୍ କରି କୁହ କେତେ ପଡ଼ିବ ?

(h) ଆଉ ଏ ଫୁଲକୋବି ଗୋଟାକୁ କେତେ ?

ଦୁଇଟାକୁ	ଆଉ ଏ ଫୁଲକୋବି ଦୁଇଟାକୁ କେତେ ?
ତିନିଟାକୁ	ଆଉ ଏ ଫୁଲକୋବି ତିନିଟାକୁ କେତେ ?
ପାଞ୍ଚଟାକୁ	ଆଉ ଏ ଫୁଲକୋବି ପାଞ୍ଚଟାକୁ କେତେ ?
କଖାରୁ	ଆଉ ଏ କଖାରୁ ଗୋଟାକୁ କେତେ ?

Digitized by srujanika@gmail.com

ନାଉ	ଆଉ ଏ ନାଉ ଗୋଟାକୁ କେତେ ?
ପଣସ	ଆଉ ଏ ପଣସ ଗୋଟାକୁ କେତେ ?

(i) ହଉ, ଦେଢ଼ଟଙ୍କାରେ ବିଲତିବାଇଗଣ ନିଅନ୍ତୁ ।

ଟଙ୍କାକରେ	ହଉ, ଟଙ୍କାକରେ ବିଲତିବାଇଗଣ ନିଅନ୍ତୁ ।
ଦି ଟଙ୍କାରେ	ହଉ, ଦିଟଙ୍କାରେ ବିଲତିବାଇଗଣ ନିଅନ୍ତୁ ।
ତିନି ଟଙ୍କାରେ	ହଉ, ତିନି ଟଙ୍କାରେ ବିଲତିବାଇଗଣ ନିଅନ୍ତୁ ।

(j) କୋବି ଗୋଟାକୁ ଅଶୀ ପଇସା ।

ଗୋଟିକୁ	କୋବି ଗୋଟିକୁ ଅଶୀ ପଇସା ।
ଦୁଇଟିକୁ	କୋବି ଦୁଇଟିକୁ ଅଶୀ ପଇସା ।
ଟଙ୍କାଏ	କୋବି ଗୋଟାକୁ ଟଙ୍କାଏ ।
ଦି ଟଙ୍କା	କୋବି ଗୋଟାକୁ ଦି ଟଙ୍କା ।
ଦେଢ଼ ଟଙ୍କା	କୋବି ଗୋଟାକୁ ଦେଢ଼ ଟଙ୍କା ।

(k) କେତେଟା କୋବି ଦେବି ?

କେଇଟା	କେଇଟା କୋବି ଦେବି ?
କେଇଟି	କେଇଟି କୋବି ଦେବି ?
କେତେଟି	କେତେଟି କୋବି ଦେବି ?
କେତୋଟି	କେତୋଟି କୋବି ଦେବି ?

(l) କୋବି ଗୁରିଟା ଦିଅ ।

ନିଅ	କୋବି ଗୁରିଟା ନିଅ ।
ରଖ	କୋବି ଗୁରିଟା ରଖ ।
ଦେଖ	କୋବି ଗୁରିଟା ଦେଖ ।
ଥୁଅ	କୋବି ଗୁରିଟା ଥୁଅ ।
କିଣ	କୋବି ଗୁରିଟା କିଣ ।
ଗଣ	କୋବି ଗୁରିଟା ଗଣ ।
ବାନ୍ଧ	କୋବି ଗୁରିଟା ବାନ୍ଧ ।
କାଟ	କୋବି ଗୁରିଟା କାଟ ।

(m) ଆଉ ବିଲତିବାଇଗଣ ଦି କିଲେ ଦିଅ ।

କିଲେ	ଆଉ ବିଲତିବାଇଗଣ କିଲେ ଦିଅ ।
ଦେଢ଼ କିଲେ	ଆଉ ବିଲତି ବାଇଗଣ ଦେଢ଼ କିଲେ ଦିଅ ।

Digitized by srujanika@gmail.com

ଅଢ଼େଇକିଲେ	ଆଉ ବିଲାତିବାଇଗଣ ଅଢ଼େଇକିଲେ ଦିଅ ।
ପାଞ୍ଚକିଲେ	ଆଉ ବିଲାତିବାଇଗଣ ପାଞ୍ଚକିଲେ ଦିଅ ।

(n) ତମର କଣ କଞ୍ଚାଲଙ୍କା ନାହିଁ କି ?

ଅଛି	ତମର କଣ କଞ୍ଚାଲଙ୍କା ଅଛି କି ?
ଥିଲା	ତମର କଣ କଞ୍ଚାଲଙ୍କା ଥିଲା କି ?
ନଥିଲା	ତମର କଣ କଞ୍ଚାଲଙ୍କା ନଥିଲା କି ?
ଥାଏ	ତମର କଣ କଞ୍ଚାଲଙ୍କା ଥାଏ କି ?
ନଥାଏ	ତମର କଣ କଞ୍ଚାଲଙ୍କା ନଥାଏ କି ?

(o) ନାହିଁ, କଞ୍ଚାଲଙ୍କା ନାହିଁ ।

ଅଛି	ନାହିଁ, କଞ୍ଚାଲଙ୍କା ଅଛି ।
ଥିଲା	ନାହିଁ, କଞ୍ଚାଲଙ୍କା ଥିଲା ।
ନଥିଲା	ନାହିଁ, କଞ୍ଚାଲଙ୍କା ନଥିଲା ।
ଥିବ	ନାହିଁ, କଞ୍ଚାଲଙ୍କା ଥିବ ।
ନଥିବ	ନାହିଁ, କଞ୍ଚାଲଙ୍କା ନଥିବ ।
ଥାଏ	ନାହିଁ, କଞ୍ଚାଲଙ୍କା ଥାଏ ।
ନଥାଏ	ନାହିଁ, କଞ୍ଚାଲଙ୍କା ନଥାଏ ।
ସରିଯାଇଛି	ନାହିଁ, କଞ୍ଚାଲଙ୍କା ସରିଯାଇଛି ।
ସରିନି	ନାହିଁ, କଞ୍ଚାଲଙ୍କା ସରିନି ।

(p) ଭଲ ଭଲ କୋବି ବାଛି କରି ଦିଅ ।

ଦେଖିକରି	ଭଲ ଭଲ କୋବି ଦେଖିକରି ଦିଅ ।
ସଜାଡ଼ିକରି	ଭଲ ଭଲ କୋବି ସଜାଡ଼ିକରି ଦିଅ ।
ବାଛିକରି	ଭଲ ଭଲ କୋବି ବାଛିକରି ଦିଅ ।
ଗଣିକରି	ଭଲ ଭଲ କୋବି ଗଣିକରି ଦିଅ ।

(q) ଧନିଆପତ୍ର ବି ପାଞ୍ଚବିଡ଼ା ଦିଅ ।

ବିଡ଼ାଏ	ଧନିଆପତ୍ର ବି ବିଡ଼ାଏ ଦିଅ ।
ଦି ବିଡ଼ା	ଧନିଆପତ୍ର ବି ଦି ବିଡ଼ା ଦିଅ ।
ବିଡ଼ାଏ ଦି ବିଡ଼ା	ଧନିଆପତ୍ର ବି ବିଡ଼ାଏ ଦିବିଡ଼ା ଦିଅ ।
ଦିବିଡ଼ା ତିନିବିଡ଼ା	ଧନିଆପତ୍ର ବି ଦିବିଡ଼ା ତିନିବିଡ଼ା ଦିଅ ।

Digitized by srujanika@gmail.com

III. Substitution-Agreement drill

(a) ଆପଣ ବି ତିନି ଖିଲେ ନିଅନ୍ତୁ ।

ମୁଁ	ମୁଁ ବି ତିନି ଖିଲେ ନିଏ ।
ଆମେ	ଆମେ ବି ତିନି ଖିଲେ ନଉ/ନେଉ ।
ତୁ	ତୁ ବି ତିନି ଖିଲେ ନେ ।
ତୁମେ	ତୁମେ.ବି ତିନି ଖିଲେ ନିଅ ।
ସେ *fam.*	ସେ ବି ତିନି ଖିଲେ ନଉ/ନେଉ ।
ସେ *hon.*	ସେ ବି ତିନି ଖିଲେ ନିଅନ୍ତୁ ।
ସେମାନେ	ସେମାନେ ବି ତିନି ଖିଲେ ନିଅନ୍ତୁ ।

(b) ତୁମେ ଠିକ୍ କରି କୁହ ।

ମୁଁ	ମୁଁ ଠିକ୍ କରି କହେ ।
ଆମେ	ଆମେ ଠିକ୍ କରି କହୁ ।
ତୁ	ତୁ ଠିକ୍ କରି କହ ।
ଆପଣ	ଆପଣ ଠିକ୍ କରି କହନ୍ତୁ/କୁହନ୍ତୁ ।
ସେ *fam.*	ସେ ଠିକ୍ କରି କହୁ ।
ସେ *hon.*	ସେ ଠିକ୍ କରି କହନ୍ତୁ/କୁହନ୍ତୁ ।
ସେମାନେ	ସେମାନେ ଠିକ କରି କୁହନ୍ତୁ ।

(c) ତମେ କୋବି ଗୁରିଟା ଦିଅ ।

ମୁଁ	ମୁଁ କୋବି ଗୁରିଟା ଦିଏ ।
ଆମେ	ଆମେ କୋବି ଗୁରିଟା ଦେଉ/ଦଉ ।
ତୁ	ତୁ କୋବି ଗୁରିଟା ଦେ ।
ଆପଣ	ଆପଣ କୋବି ଗୁରିଟା ଦିଅନ୍ତୁ ।
ସେ *fam.*	ସେ କୋବି ଗୁରିଟା ଦେଉ/ଦଉ ।
ସେ *hon.*	ସେ କୋବି ଗୁରିଟା ଦିଅନ୍ତୁ ।
ସେମାନେ	ସେମାନେ କୋବି ଗୁରିଟା ଦିଅନ୍ତୁ ।

IV. Transformation drill

Transformation into negative using ନି—

(a) ଆପଣ ବି ତିନି ଖିଲେ ନିଅନ୍ତୁ ।
ଆପଣ ବି ତିନି ଖିଲେ ନିଅନ୍ତୁନି ।

Digitized by srujanika@gmail.com

(b) କୋବି ଘରିଟା ଦିଅ ।
କୋବି ଘରିଟା ଦିଅନି ।

(c) ଟଙ୍କାକର ମଟର କିଣନ୍ତୁ ।
ଟଙ୍କାକର ମଟର କିଣନ୍ତୁନି ।

(d) ଅଧିକିଲେ ଅଙ୍ଗୁର ଖାଅ ।
ଅଧିକିଲେ ଅଙ୍ଗୁର ଖାଅନି ।

(e) ବଜାରକୁ ଯାଅ ।
ବଜାରକୁ ଯାଅନି ।

(f) ଘରକୁ ଯାଆନ୍ତୁ ।
ଘରକୁ ଯାଆନ୍ତୁନି ।

V. Combination drill

To combine using ନହେଲେ—

(a)	ଆପଣ ଘରକୁ ଯାଆନ୍ତୁ । ଆପଣ ବଜାରକୁ ଯାଆନ୍ତୁ ।	ଆପଣ ଘରକୁ ଯାଆନ୍ତୁ ନହେଲେ ବଜାରକୁ ଯାଆନ୍ତୁ ।
(b)	ତୁମେ ଆପେଲ ଖାଅ । ତୁମେ ଅଙ୍ଗୁର ଖାଅ ।	ତୁମେ ଆପେଲ ଖାଅ ନହେଲେ ଅଙ୍ଗୁର ଖାଅ ।
(c)	ତମେ ବଲ ଖେଳ । ତମେ ଟେନିସ ଖେଳ ।	ତମେ ବଲ ଖେଳ ନ ହେଲେ ଟେନିସ ଖେଳ ।
(d)	ତମେ ସ୍କୁଲ ଯାଅ । ତମେ ଘରେ ପଢ଼ ।	ତମେ ସ୍କୁଲ ଯାଅ ନହେଲେ ଘରେ ପଢ଼ ।

VI. Response drill

Note :—When the order or request is made the response is done in some action. But the response sentence takes different verb forms.

(a) ଏ ବହିଟି ତାକୁ ଦିଅ ।
ହଁ, ଦଉଛି ।
ହଁ, ଦେବି ।
ହଁ, ଦେଲି ।

(b) ଆପଣ ଗ୍ଲ ଖାଆନ୍ତୁ/ପିଅନ୍ତୁ ।
ଆଜ୍ଞା, ଖାଉଛି ।
ଆଜ୍ଞା, ଖାଇଲି ।
ହଉ, ଖାଇବି ।

Digitized by srujanika@gmail.com

Exercises

1. Substitute the underlined words by selecting the most appropriate words from the brackets :

(i) (କିଣ, ଦେଖାନ୍ତୁ, ଖାଅ, ନିଅନ୍ତୁ, ଦିଅନି)

(a) ଆପଣ ଏ ବିଲତିବାଇଗଣ ଦେଖନ୍ତୁ ।
(b) ତୁମେ ଶୀଘ୍ର ଯାଅ ।
(c) ମତେ ଚାରିଟା କୋବି ଦିଅନ୍ତୁ ।
(d) ତୁମେ କଞ୍ଚାଲଙ୍କା ଓ ବାଇଗଣ ବିକ ।
(e) ତମେ ବେଶୀ ପରିବା ରଖନି ।

(ii) (ପ୍ରକାର, କି କି, ଦାମ, ମହରଗ, ଦେଖିକରି)

(a) ତମ ଘରେ କ'ଣ କ'ଣ ବହି ଅଛି ?
(b) ଏଠି ପରିବା ଦର କଣ ବେଶୀ ?
(c) ଜିନିଷପତ୍ର ଦାମ କଣ ଏଠି ଏତେ ବେଶୀ ?
(d) ଭୁବନେଶ୍ୱରରେ କଣ ସବୁ ରକମର ଜିନିଷ ମିଳେ ?
(e) ଭଲ ଜିନିଷ ବାଛିକରି ଦିଅ ।

(iii) (ଦିଟା, କିଲେକୁ, ଅଧକିଲେ, ଟଙ୍କାଏ, ଟଙ୍କାକର, ଟଙ୍କାକୁ, ଗୋଟାଏ, କିଲେ, ତିନିଟା, ଚାରିକିଲେ)

(a) କୋବି ଗୋଟାକୁ ଟଙ୍କାଏ ।
(b) ମଟର କିଲେ ଦିଅ ।
(c) ଆଳୁ କିଲେ ଦେଢ଼ଟଙ୍କା ।
(d) ମୁଁ ଚାରିଟା ବନ୍ଧାକୋବି ନେବି ।
(e) ଆପେଲ ଟଙ୍କାରେ ଛଅଟା ।
(f) ମତେ ଦିଟଙ୍କାରେ କଦଳୀ ଦିଅ ।
(g) ଅଧକିଲେ ବାଇଗଣ ଦାମ କେତେ ?
(h) ତାକୁ ଗୋଟିଏ ଆମ୍ବ ଦିଅ ।
(i) ଆପଣ ଦିକିଲେ ଗାଜର ନିଅନ୍ତୁ ।
(j) ସେ ଟଙ୍କାକୁ ଦିଟା ପଣସ କିଣିଲା ।

Digitized by srujanika@gmail.com

2. Fill up the blanks selecting the most suitable words from the brackets :

(ଖଣ୍ଡା, କେତେଟା, ଦର, ଗୋଟାକୁ, ଦାମ, ମହରଗ, ଦିନକୁ, କିଲୋକୁ, ଭଲ, ପାଚିଲା)

(a) ଏଠି ଲୁଗାପଟା......................କେମିତି ?
(b) ଏ କଲମଟାର................ କେତେ ?
(c) କଖାରୁ...................... ଟଙ୍କାଏ ।
(d) ଆପଣ...................... ଶାଢ଼ୀ ନେବେ ?
(e) ସହରରେ ଜିନିଷପତ୍ର ଭାରି .... ।
(f) ଆମ ଗାଁରେ ପରିବାପତ୍ର ଭାରି...................... ।
(g) ତୁମେ................ କେତେ ମଜୁରୀ ପାଅ ?
(h) ବାଇଗଣ................ ଦିଟଙ୍କା ।
Digitized by srujanika@gmail.com

UNIT II

LESSON 27

About Sambalpuri Saree

ସମ୍ବଲପୁରୀ ଶାଢ଼ୀ ବିଷୟରେ

ରୀତା : ବାପା, ମୋ ପାଇଁ ସମ୍ବଲପୁରରୁ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠାଇବେ ।

Rita : Father, you will please send a Sambalpuri saree for me from Sambalpur.

ବାପା : ତୋର କେଉଁ ଡିଜାଇନର ଶାଢ଼ୀ ଦରକାର, ସେକଥା ମୁଁ କେମିତି ଜାଣିବି ?

Father : How would I know which design you will prefer in a saree.

ରୀତା : କେତେ ତ ଭଲ ଡିଜାଇନ ଅଛି । ଗୋଟାଏ ନୂଆ ଡିଜାଇନର ଶାଢ଼ୀ ବାଛି ପଠାଇ ଦେବେ ।

Rita : There are so many beautiful designs. You will please choose a new design and send that to me.

ବାପା : ନାଇଁ, ତୁ ଆଗ ଶାଢ଼ୀ ଡିଜାଇନ ବାଛି ମତେ ଦବୁ । କେତେଟା ପରଦା ଡିଜାଇନ ବି ଆଣା ।

Father : No, you have to first choose the saree design and then tell me. Also get some curtain designs.

ରୀତା : ହଉ, ମୁଁ ଆଜି ଉତ୍କଳିକାରୁ ଡିଜାଇନ ମଗାଉଛି । ଆଗ ଦାମ ଲିଷ୍ଟ ବି ମଗେଇ ପଠାଉଛି । ଶାଢ଼ୀ ଆଉ ପରଦା ଡିଜାଇନ ବାଛିଦେବି । ଆପଣ ଶୀଘ୍ର ଶାଢ଼ୀ କିଣି ପଠାଇବେ ।

Rita : O. K., I am getting the designs from Utkalika to-day. I am also getting the price list. I will select the designs for sarees and curtains. You will please buy the saree at your earliest and send that to me.

ବାପା : ଆଚ୍ଛା ହଉ ।

Father : All right.

Digitized by srujanika@gmail.com

Variation

A : ଆପଣ ଏ ଜିନିଷ ସବୁ ଆମ ଦୋକାନକୁ ଅଣାନ୍ତୁ । ଆମର ଯୋଉ ଜିନିଷ ଦରକାର ଆମେ ସେ ଜିନିଷ ବାଛି ରଖିବୁ ।

A. Please get all these items to our shop. We will select the pieces we need and keep them.

B : ଆଚ୍ଛା ହରି, ତୁ ଏ ଜିନିଷ ଲିଷ୍ଟ ରଖିଥା । କାଲି ସବୁ ଜିନିଷ ଆଣି ଦେବୁ ।

B : Oh Hari, please keep this list of things. Get all of them to-morrow.

A : ଆପଣ ଆଉ କିଛି ନୂଆ ଜିନିଷ ଅଣେଇ ଦିଅନ୍ତୁ । ସେଗୁଡ଼ା ବି ଆମେ ରଖିବୁ ।

A : Please also get some more new items. We will also keep them.

B : ହଉ ।

B : All right.

Vocabulary

ଆଗ	first	ପରଦା	screen/curtain
କେତେଟା	a few, some	ବାଛି	selecting
ଖଣ୍ଡେ	one piece	ବାପା	father
ଗୋଟାଏ	one	ଭଲ	beautiful
ଜିନିଷ	things	ଭଲ ଭଲ	of good quality
ଡିଜାଇନ	design	ଶାଢ଼ୀ-ଦୋକାନ	saree-house
ଦାମ ଲିଷ୍ଟ	price list	ସମ୍ବଲପୁରୀ ଶାଢ଼ୀ	Sambalpuri saree
ନୂଆ ଡିଜାଇନ	a new design	ସେଗୁଡ଼ା	those
ପଠାଇବେ	(please) send	ସେଥିରୁ	from that

Digitized by srujanika@gmail.com

Drills

I. Build up drill

ପଠାଇବେ ।
ଶାଢ଼ୀ ପଠାଇବେ ।
ସମ୍ବଲପୁରୀ ଶାଢ଼ୀ ପଠାଇବେ ।
ଖଣ୍ଡେ ଶାଢ଼ୀ ପଠାଇବେ ।
ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠାଇବେ ।
ସମ୍ବଲପୁରରୁ ପଠାଇବେ ।
ସମ୍ବଲପୁରରୁ ଶାଢ଼ୀ ପଠାଇବେ ।
ସମ୍ବଲପୁରରୁ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠାଇବେ ।
ମୋ ପାଇଁ ପଠାଇବେ ।
ମୋ ପାଇଁ ଶାଢ଼ୀ ପଠାଇବେ ।
ମୋ ପାଇଁ ସମ୍ବଲପୁରୀ ଶାଢ଼ୀ ପଠାଇବେ ।
ମୋ ପାଇଁ ସମ୍ବଲପୁରରୁ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠାଇବେ ।
ବାପା, ମୋ ପାଇଁ ସମ୍ବଲପୁରରୁ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠାଇବେ ।

ଜାଣିବି ?
କେମିତି ଜାଣିବି ?
ମୁଁ କେମିତି ଜାଣିବି ?
ଦରକାର, ମୁଁ କେମିତି ଜାଣିବି ?
ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?
କୋଉ ଡିଜାଇନର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?
ତୋର କୋଉ ଡିଜାଇନର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?

ଅଛି ।
ଡିଜାଇନ ଅଛି ।
ଭଲ ଡିଜାଇନ ଅଛି ।
କେତେ ତ ଭଲ ଡିଜାଇନ ଅଛି ।

ପଠାଇଦେବେ ।
ବାଛି ପଠାଇଦେବେ ।
ଶାଢ଼ୀ ବାଛି ପଠାଇଦେବେ ।
ନୂଆ ଡିଜାଇନର ଶାଢ଼ୀ ବାଛି ପଠାଇଦେବେ ।
ଗୋଟାଏ ଶାଢ଼ୀ ବାଛି ପଠାଇଦେବେ ।
ଗୋଟାଏ ନୂଆ ଡିଜାଇନର ଶାଢ଼ୀ ବାଛି ପଠାଇଦେବେ ।

ମଗା ।
ଦୋକାନରୁ ମଗା ।
ଶାଢ଼ୀ ମଗା ।
ଶାଢ଼ୀ ଦୋକାନରୁ ମଗା ।
ଆଗ ମଗା ।
ଆଗ ଦୋକାନରୁ ମଗା ।
ଆଗ ଶାଢ଼ୀ ମଗା ।
ଆଗ ଶାଢ଼ୀ ଦୋକାନରୁ ମଗା ।
ତୁ ମଗା ।
ତୁ ଆଗ ଶାଢ଼ୀ ଦୋକାନରୁ ମଗା ।

ଦବୁ ।
ମତେ ଦବୁ ।
ବାଛି ଦବୁ ।
ବାଛି ମତେ ଦବୁ ।
ଡିଜାଇନ ବାଛି ମତେ ଦବୁ ।
ଭଲ ଡିଜାଇନ ବାଛି ମତେ ଦବୁ ।
ଗୋଟାଏ ଭଲ ଡିଜାଇନ ବାଛି ମତେ ଦବୁ ।
ସେଥିରୁ ଗୋଟାଏ ଭଲ ଡିଜାଇନ ବାଛି ମତେ ଦବୁ ।

Digitized by srujanika@gmail.com

ଅଣା ।
ଡିଜାଇନ ବି ଅଣା ।
ପରଦା ଡିଜାଇନ ବି ଅଣା ।
କେତେଟା ଅଣା ।
କେତେଟା ପରଦା ଡିଜାଇନ ବି ଅଣା ।

ମଗଉଛି ।
ଡିଜାଇନ ମଗଉଛି ।
ଉତ୍କଳିକାରୁ ମଗଉଛି ।
ଉତ୍କଳିକାରୁ ଡିଜାଇନ ମଗଉଛି ।
ଆଜି ଉତ୍କଳିକାରୁ ଡିଜାଇନ ମଗଉଛି ।
ମୁଁ ମଗଉଛି ।
ମୁଁ ଆଜି ଉତ୍କଳିକାରୁ ଡିଜାଇନ ମଗଉଛି ।
ହଉ, ମୁଁ ଆଜି ଉତ୍କଳିକାରୁ ଡିଜାଇନ ମଗଉଛି ।

ମଗେଇ ପଠଉଛି ।
ଦାମ୍ ଲିଷ୍ଟା ବି ମଗେଇ ପଠଉଛି ।
ଆଗ ଦାମ ଲିଷ୍ଟା ବି ମଗେଇ ପଠଉଛି ।

ବାଛି ଦେବି ।
ଡିଜାଇନ ବାଛି ଦେବି ।
ପରଦା ଡିଜାଇନ ବାଛି ଦେବି ।
ଶାଢ଼ୀ ଡିଜାଇନ ବାଛି ଦେବି ।
ଶାଢ଼ୀ ଆଉ ପରଦା ଡିଜାଇନ ବାଛି ଦେବି ।

ପଠାଇବେ ।
କିଣି ପଠାଇବେ ।
ଶାଢ଼ୀ କିଣି ପଠାଇବେ ।
ଶୀଘ୍ର ପଠାଇବେ ।
ଶୀଘ୍ର କିଣି ପଠାଇବେ ।
ଆପଣ ଶୀଘ୍ର ଶାଢ଼ୀ କିଣି ପଠାଇବେ ।

II. Substitution drill

(a) ମୋ ପାଇଁ ସମ୍ବଲପୁରରୁ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠାଇବେ ।

ତା ପାଇଁ	”	”	”
ତାଙ୍କପାଇଁ/ସେମାନଙ୍କପାଇଁ	”	”	”
ତମପାଇଁ	”	”	”
ଆପଣଙ୍କପାଇଁ	”	”	”
ତୋ ପାଇଁ	”	”	”
ଆମପାଇଁ	”	”	”
ମୋ ପାଇଁ ସମ୍ବଲପୁରରୁ ଖଣ୍ଡେ	”	ପାଟ	”
” ” ”	”	ମଠା	”
” ” ”	”	ଟସର	”
” ” ”	”	ସିଲ୍କ	”
” ” ”	”	ଓଡ଼ିଶୀ	”

(b) ତୋର କେଉଁ ଡିଜାଇନର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?
ଧରଣର — ତୋର କେଉଁ ଧରଣର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?

Digitized by srujanika@gmail.com

ରକମର	ତୋର କୋଉ ରକମର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?
ପ୍ରକାରର	ତୋର କୋଉ ପ୍ରକାରର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?
ତାର	ତାର କୋଉ ଡିଜାଇନର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?
ତାଙ୍କର	ତାଙ୍କର କୋଉ ଡିଜାଇନର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?
ସେମାନଙ୍କର	ସେମାନଙ୍କର କୋଉ ଡିଜାଇନର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?
ତମର	ତମର କୋଉ ଡିଜାଇନର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?
ଆପଣଙ୍କର	ଆପଣଙ୍କର କୋଉ ଡିଜାଇନର ଶାଢ଼ୀ ଦରକାର, ମୁଁ କେମିତି ଜାଣିବି ?

(c) କେତେ ତ ଭଲ ଡିଜାଇନ ଅଛି ।

ସୁନ୍ଦର	କେତେ ତ ସୁନ୍ଦର ଡିଜାଇନ ଅଛି ।
ବଢ଼ିଆ	କେତେ ତ ବଢ଼ିଆ ଡିଜାଇନ ଅଛି ।
ନୂଆ	କେତେ ତ ନୂଆ ଡିଜାଇନ ଅଛି ।

(d) ଗୋଟାଏ ନୂଆ ଡିଜାଇନର ଶାଢ଼ୀ ବାଛି ପଠାଇବେ ।

ଦେଖି	ଗୋଟାଏ ନୂଆ ଡିଜାଇନର ଶାଢ଼ୀ ଦେଖି ପଠାଇବେ ।
କିଣି	ଗୋଟାଏ ନୂଆ ଡିଜାଇନର ଶାଢ଼ୀ କିଣି ପଠାଇବେ ।
ଆଣି	ଗୋଟାଏ ନୂଆ ଡିଜାଇନର ଶାଢ଼ୀ ଆଣି ପଠାଇବେ ।
ଧୋତି	ଗୋଟାଏ ନୂଆ ଡିଜାଇନର ଧୋତି ବାଛି ପଠାଇବେ ।
ଲୁଗା	ଗୋଟାଏ ନୂଆ ଡିଜାଇନର ଲୁଗା ବାଛି ପଠାଇବେ ।
ଶାର୍ଟ	ଗୋଟାଏ ନୂଆ ଡିଜାଇନର ଶାର୍ଟ ବାଛି ପଠାଇବେ ।
ପ୍ୟାଣ୍ଟ	ଗୋଟାଏ ନୂଆ ଡିଜାଇନର ପ୍ୟାଣ୍ଟ ବାଛି ପଠାଇବେ ।
ଜାମା	ଗୋଟାଏ ନୂଆ ଡିଜାଇନର ଜାମା ବାଛି ପଠାଇବେ ।
ଫ୍ରକ	ଗୋଟାଏ ନୂଆ ଡିଜାଇନର ଫ୍ରକ ବାଛି ପଠାଇବେ ।

(e) ତୁ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ମଗା ।

ଅଣା	ତୁ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ଅଣା ।
ଦେଖା	ତୁ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ଦେଖା ।
କିଣା	ତୁ ଆଗ ଶାଢ଼ୀ ଡିଜାଇନ ଦୋକାନରୁ କିଣା ।

(f) ସେଥିରୁ ଗୋଟାଏ ଭଲ ଡିଜାଇନ ବାଛି ମତେ ଦବୁ ।

ଏଥିରୁ	ଏଥିରୁ ଗୋଟାଏ ଭଲ ଡିଜାଇନ ବାଛି ମତେ ଦବୁ ।
ତା ଭିତରୁ	ତା ଭିତରୁ ଗୋଟାଏ ଭଲ ଡିଜାଇନ ବାଛି ମତେ ଦବୁ ।
ସେ ଭିତରୁ	ସେ ଭିତରୁ ଗୋଟାଏ ଭଲ ଡିଜାଇନ ବାଛି ମତେ ଦବୁ ।

Digitized by srujanika@gmail.com

(g) କେତେଟା ପରଦା ଡିଜାଇନ ବି ଥଣା ।

ମଗା	କେତେଟା ପରଦା ଡିଜାଇନ ବି ମଗା ।
ଦେଖା	କେତେଟା ପରଦା ଡିଜାଇନ ବି ଦେଖା ।
ଅଙ୍କା	କେତେଟା ପରଦା ଡିଜାଇନ ବି ଅଙ୍କା ।

(h) ମୁଁ ଆଜି ଉଚ୍ଚକିକାରୁ ଡିଜାଇନ ମଗାଉଛି ।

ପଠଉଛି	ମୁଁ ଆଜି ଉଚ୍ଚକିକାରୁ ଡିଜାଇନ ପଠଉଛି ।
ଅଣଉଛି	ମୁଁ ଆଜି ଉଚ୍ଚକିକାରୁ ଡିଜାଇନ ଅଣଉଛି ।

(i) ଆପଣ ଶୀଘ୍ର ଶାଢ଼ୀ କିଣି ପଠାଇବେ ।

ଜଲଦି	ଆପଣ ଜଲଦି ଶାଢ଼ୀ କିଣି ପଠାଇବେ ।
ଚଞ୍ଚଳ	ଆପଣ ଚଞ୍ଚଳ ଶାଢ଼ୀ କିଣି ପଠାଇବେ ।
ତୁରନ୍ତ	ଆପଣ ତୁରନ୍ତ ଶାଢ଼ୀ କିଣି ପଠାଇବେ ।
ଅଣାଇବେ	ଆପଣ ଶୀଘ୍ର ଶାଢ଼ୀ କିଣି ଅଣାଇବେ ।
ଦେଖାଇବେ	ଆପଣ ଶୀଘ୍ର ଶାଢ଼ୀ କିଣି ଦେଖାଇବେ ।
ରଖେଇବେ	ଆପଣ ଶୀଘ୍ର ଶାଢ଼ୀ କିଣି ରଖେଇବେ ।

III. Substitution-Agreement drill

(a) ବାପା ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠେଇବେ ।

ଆପଣ	ଆପଣ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠେଇବେ ।
ତମେ	ତମେ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠେଇବ ।
ତୁ	ତୁ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠେଇବୁ ।
ସେ *fam.*	ସେ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠେଇବ ।
ସେ *hon.*	ସେ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠେଇବେ ।
ସେମାନେ	ସେମାନେ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ପଠେଇବେ ।

(b) ଆପଣ ଗୋଟାଏ ନୂଆ ଡିଜାଇନର ଶାଢ଼ୀ ବାଛି ପଠାଇଦେବେ ।

ତମେ	ତମେ ଗୋଟାଏ ନୂଆ ଡିଜାଇନର ଶାଢ଼ୀ ବାଛି ପଠାଇଦେବ ।
ତୁ	ତୁ ଗୋଟାଏ ନୂଆ ଡିଜାଇନର ଶାଢ଼ୀ ବାଛି ପଠାଇଦେବୁ ।

(c) ତୁ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ମଗା ।

ତମେ	ତମେ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ମଗାଅ ।
ଆପଣ	ଆପଣ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ମଗାନ୍ତୁ ।
ସେ *fam.*	ସେ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ମଗାଉ ।

Digitized by srujanika@gmail.com

ସେ *hon.*	ସେ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ମଗାନ୍ତୁ ।
ସେମାନେ	ସେମାନେ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ମଗାନ୍ତୁ ।
ମୁଁ	ମୁଁ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ମଗାଏ ।
ଆମେ	ଆମେ ଆଗ ଶାଢ଼ୀ ଡିଜାଇନ ଦୋକାନରୁ ମଗାଉ ।

(d) ତୁ କେତେଟା ପରଦା ଡିଜାଇନ ବି ଅଣା ।

ତମେ	ତମେ କେତେଟା ପରଦା ଡିଜାଇନ ବି ଅଣାଅ ।
ଆପଣ	ଆପଣ କେତେଟା ପରଦା ଡିଜାଇନ ବି ଅଣାନ୍ତୁ ।
ସେ *fam.*	ସେ କେତେଟା ପରଦା ଡିଜାଇନ ବି ଅଣାଉ ।
ସେ *hon.*	ସେ କେତେଟା ପରଦା ଡିଜାଇନ ବି ଅଣାନ୍ତୁ ।
ସେମାନେ	ସେମାନେ କେତେଟା ପରଦା ଡିଜାଇନ ବି ଅଣାନ୍ତୁ ।
ମୁଁ	ମୁଁ କେତେଟା ପରଦା ଡିଜାଇନ ବି ଅଣାଏ ।
ଆମେ	ଆମେ କେତେଟା ପରଦା ଡିଜାଇନ ବି ଅଣଉ ।

(e) ମୁଁ ଦାମ ଲିଷ୍ଟଟା ବି ମଗେଇ ପଠଉଛି ।

ତୁ	ତୁ ଦାମ ଲିଷ୍ଟଟା ବି ମଗେଇ ପଠଉଛୁ ।
ତମେ	ତମେ ଦାମ ଲିଷ୍ଟଟା ବି ମଗେଇ ପଠଉଛ ।
ଆପଣ	ଆପଣ ଦାମ ଲିଷ୍ଟଟା ବି ମଗେଇ ପଠଉଛନ୍ତି ।
ସେ *fam.*	ସେ ଦାମ ଲିଷ୍ଟଟା ବି ମଗେଇ ପଠଉଛି ।
ସେ *hon.*	ସେ ଦାମ ଲିଷ୍ଟଟା ବି ମଗେଇ ପଠଉଛନ୍ତି ।
ସେମାନେ	ସେମାନେ ଦାମ ଲିଷ୍ଟଟା ବି ମଗେଇ ପଠଉଛନ୍ତି ।
ଆମେ	ଆମେ ଦାମ ଲିଷ୍ଟଟା ବି ମଗେଇ ପଠଉଛୁ ।

IV. Transformation drill

1. Transformation of the of imperative verbs into causative—

(a) ତୁ ଶାଢ଼ୀ କିଣ୍ ।
ତୁ ଶାଢ଼ୀ କିଣା ।

(b) ତମେ ଶାଢ଼ୀ ବାଛ ।
ତମେ ଶାଢ଼ୀ ବଛାଅ ।

(c) ଆପଣ ଶାଢ଼ୀ ଡିଜାଇନ ଆଣନ୍ତୁ ।
ଆପଣ ଶାଢ଼ୀ ଡିଜାଇନ ଅଣାନ୍ତୁ ।

Digitized by srujanika@gmail.com

(d) ସେ ପରଦା ଦେଖୁ ।
ସେ ପରଦା ଦେଖାଉ ।

(e) ସେ ଜିନିଷ ରଖନ୍ତୁ ।
ସେ ଜିନିଷ ରଖାନ୍ତୁ ।

(f) ସେମାନେ ବହି ଲିଷ୍ଟ କରନ୍ତୁ ।
ସେମାନେ ବହି ଲିଷ୍ଟ କରାନ୍ତୁ ।

(g) ମୁଁ କାମ କରେ ।
ମୁଁ କାମ କରାଏ ।

(h) ଆମେ ବହି ପଢୁ ।
ଆମେ ବହି ପଢ଼ାଉ ।

Note: In this imperative-causative transformation the imperative is applied to the causative stems. Since the causative stem functions as any common verb stem it can have past, present, future imperative and negative etc. The contingent tense can also be applied to the causative stem which will be disscussed later. A few more lessons will be given on causative.

2. Transformation of the past form imperative into future form imperative—

(a) ତୁ ଶାଢ଼ୀଟା କିଣିଲୁ ।
ତୁ ଶାଢ଼ୀଟା କିଣିବୁ ।

(b) ତମେ ଘରକୁ ଗଲ ।
ତମେ ଘରକୁ ଯିବ ।

(c) ଆପଣ ପରଦା କିଣିଲେ ।
ଆପଣ ପରଦା କିଣିବେ ।

(d) ମୁନା ଦୋକାନକୁ ଆସିଲୁ ।
ମୁନା ଦୋକାନକୁ ଆସିବୁ ।

Digitized by srujanika@gmail.com

Exercises

1. Substitute the underlined words in the following sentences with appropriate words from inside the brackets :

(ମଗେଇ ପଠଉଛି, ଦେଖା, ଅଣାଅ, ଅଣଉଛି, ନେ)

(a) ତମେ ହରି ପାଇଁ ଖଣ୍ଡେ ଭଲ ଶାର୍ଟ ଆଣିଛ ।
(b) ତୁ ବାହାରୁ ଜିନିଷଗୁଡ଼ା ଘରକୁ ନେଲୁ ।
(c) ସେ ଦୋକାନକୁ ଅନେକ ନୂଆ ଡିଜାଇନର ଶାଢ଼ୀ ଆଣୁଛି ।
(d) ମୁଁ ବଜାରରୁ ମିଠା ମଗଉଛି ।
(e) ତୁ ମତେ ତମ ଘରଟା ଦେଖେଇବୁ ।

2. Fill up the blanks with appropriate words from inside the brackets :

(କି କି, ନୂଆ, ଭଲ, ସମ୍ବଲପୁରୀ, ଭଲ ଭଲ)

(a) ମୋ ପାଇଁ.....................ଧ୍ୱଦର ବରଦ ଦେବ ।
(b) ଏ.......................ଡିଜାଇନର ଶାଢ଼ୀଟା କୋଉଠୁ ପାଇଲୁ ?
(c) ତମ ଦୋକାନରେ କିଛି..................ଡିଜାଇନର ପରଦା ଅଛି ?
(d) ଆପଣ ବମ୍ବେରୁ.......................ଜିନିଷ ଆଣିବେ ?
(e) ସମ୍ବଲପୁରରେ...................ଡିଜାଇନର ଶାଢ଼ୀ ମିଳେ ?

3. Five small sentences are given below. Using each of the sentences add as many words, to construct five meaningful sentences from each one :

(a) ବହିଗୁଡ଼ିକ ପଠାଇଦେବେ ।
(b) କେମିତି ଜଣେଇବି ?
(c) ଜିନିଷସବୁ ଘରକୁ ଅଣା ।
(d) ତୁ ଏ କାମ କରିବୁ ।
(e) ତୋର ଶାଢ଼ୀ ଦରକାର ।

4. Transform the following imperative sentences into causative imperative:

(a) ତୁ ବହି ଆଣ୍ ।
(b) ତମେ ଛବି ଦେଖ ।

Digitized by srujanika@gmail.com

(c) ଆପଣ ଏ ଖବର ଜାଣନ୍ତି ।
(d) ଆମେ ବହି ବାନ୍ଧୁ ।
(e) ମୁଁ ତୁମ କାମ କରେ ।

5. Write *five* related sentences on the need of buying books from a book shop. (Use imperative and causative verb forms)

Grammatical Note

1. The simple future tense and the future imperative should not be confused. In future imperative the order is given in the present time or future time but never in past time. The future imperative is possible only in 2nd person. The future imperative is as follows:

ତୁ (ଟିକିଏ) ବହିଟା ଦବୁ ।	You will give the book.
ତୁ (ଆଗ) ଖାଇବୁ ।	You will eat first.

2. The imperative can be applied in causative verbs. Note the difference in causative imperative constructions and present imperative constructions.

	Present Imperative		Imperative used in causative
1st person	ମୁଁ ଆଣେ ।	Let me bring.	ମୁଁ ଅଣାଏ ।
sing. & plu.	ଆମେ ଆଣୁ ।	Let us bring.	ଆମେ ଅଣାଉ ।
2nd person	ତୁ ଆଣ୍ ।	You bring.	ତୁ ଅଣା ।
hon. & non-	ତମେ ଆଣ ।	You bring.	ତମେ ଅଣାଅ ।
hon. & plu.	ଆପଣ ଆଣନ୍ତୁ ।	You bring.	ଆପଣ ଅଣାନ୍ତୁ ।
3rd person	ସେ ଆଣୁ ।	Let him bring.	ସେ ଅଣାଉ ।
hon. & sing.	ସେ ଆଣନ୍ତୁ ।	Let him bring.	ସେ ଅଣାନ୍ତୁ ।
hon. & plu.	ସେମାନେ ଆଣନ୍ତୁ ।	Let them bring.	ସେମାନେ ଅଣାନ୍ତୁ ।

3. (i) It is mentioned before that the causative verb stem functions as any other common verb stem. But there

Digitized by srujanika@gmail.com

are some exceptions in causative use. The verbs like ଯିବା, ଆସିବା, ହେବା, ପାଇବା etc. cannot function directly as causative verb stem. The verbs like ଦେବା and ନେବା become ଦିଆଇବା and ନିଆଇବା in causative form. But ଦେବା, ନେବା and ହେବା can be added to a causative stem to function as verb stem.

ଖୁଆଇ ଦେବା, ବୁଲାଇ ନେବା, ଦେଖାଇ ହେବା

(ii) Some verbs in Oriya like ପଠେଇବା to send, ପକେଇବା to drop, ଗନ୍ଧେଇବା to smell etc. can participate both in causative and non-causative constructions.

Causative	Non-causative
ପଠେଇବା :	
ତୁ ଚିଠି ପଠା ।	ତୁ ବହି ପଠଉଛୁ ।
You send the letter.	You are sending the book.
ପକେଇବା :	
ତମେ ଚିଠି ଡାକରେ ପକାଅ ।	ତମେ ଚିଠି ଡାକଘରେ ପକଉଛ ।
Please drop the letter in the post-office.	You are dropping the letter in the post-office.
ଗନ୍ଧେଇବା :	
ସେ ତତେ ଗନ୍ଧଉଛି ।	ତୁ ଗନ୍ଧଉଛୁ ।
He is smelling foul to you.	You are smelling foul.

4. In the compound form of causative verbs the causative always takes the perfective form as follows—

causative stem + perfect marker ଇ + subsidiary + auxiliary + tense + person number

ବୁଲା+ଇ+ନେ+ଇ+ଅଛ୍+ଇ=ବୁଲେଇ ନେଇଛି ।

ଖୁଆଇ ଦେବି । (I) will feed you.

ଦେଖେଇ ନେବି । (I) will show you.

Digitized by srujanika@gmail.com

5. Two dependent clauses of a structure can be joined by using pronominal relatives like ଯିଏ and ସିଏ, ଯୋଉ and ସେଇ—

ତମେ ଯୋଉ କଥା କହୁଥିଲ ସେ (ଇ) କଥା ମୁଁ ଜାଣେ ।
I know whatever you were speaking about.

ଏଠିକି ଯିଏ ଆସିଥିଲେ ସିଏ ମୋ ବଡ଼ଭାଇ ।
He who came here was my elder brother.

6. Two independent clauses can be joined by using ଆଉ, ଓ, ଏବଂ, କିମ୍ବା, ବା—

ସେ ଘରକୁ ଗଲା ଏବଂ ଘରେ ଭାତ ଖାଇଲା ।
He went home and he ate rice at home.

ସେ ସିନେମା ଯିବ ଆଉ/ଓ/ଏବଂ ମୁଁ ବି ସିନେମା ଯିବି ।
He will go to picture and I will go to picture too.

ତମେ ଏ କାମ କର କିମ୍ବା/ବା ତମେ ଘରକୁ ଯାଅ ।
Either you do this work or you go home.

Cultural Note

1. Sambalpur is famous for two things— (a) for Sambalpuri saree, and (b) Hirakud dam on the river Mahanadi. The saree is world famous and the dam is longest in India.

2. ଉତ୍କଳିକା is a shop in the eastern tower of the main market building at Bhubaneswar where different varieties of Orissan handicrafts are available.

Digitized by srujanika@gmail.com

UNIT II

LESSON 28

Language Centre Library

ଭାଷାକେନ୍ଦ୍ର ଲାଇବ୍ରେରୀ

ପ୍ରିନ୍ସିପାଲ୍ : ମିସ୍ ମିଶ୍ର, ଆପଣ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?

Principal : Miss Mishra, have you accessioned the Oriya books that came ?

ଲାଇବ୍ରେରୀୟାନ : ହଁ ସାର୍, ଓଡ଼ିଆ ବହିର ତାଲିକା କରେଇଛି । କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇନି । ଦିନେ ଦି ଦିନ ଭିତରେ ପଦକୁ କହି ବହିଗୁଡ଼ା ସଜାଡ଼ି ଲିଷ୍ଟ କରେଇ ଦଉଛି ।

Librarian : Yes Sir, I have accessioned the Oriya books. But I have not yet done so for Assamese and Bengali books. I will get the books arranged and listed in a day or two with the help of Pada.

ପ୍ରିନ୍ସିପାଲ୍ : ନାଇଁ, ଆପଣ ବ୍ୟସ୍ତ ହେଇ କରିବା ଦରକାର ନାହିଁ । ବର୍ତ୍ତମାନ ତ ଆପଣଙ୍କ ହାତରେ ସମୟ ଅଛି । ଧୀରେ ଧୀରେ ସୁବିଧା କରି ତାଲିକା ଠିକ୍ ଭାବରେ ଲେଖେଇ ନେବେ । ତର ତର ହେଇ କରିବା କ'ଣ ଦରକାର ?

Principal : You need not do it in a hurry. Now you have time at your disposal. Do it slowly and list the books correctly at your convenience. What's the need of doing it in a hurry ?

ଲାଇବ୍ରେରୀୟାନ : ସାର୍, ଏ ବହି ସବୁରୁ ଧୂଳି, ଅଳନ୍ଧୁ ଆଉ ଉଇମାଟି ଝାଡ଼ିବା ପାଇଁ ଜଣେ ଲୋକ ଦେବେ କି ? ଏ ବହି-ଗୁଡ଼ା ବନ୍ଧେଇବା ପାଇଁ ବି ଜଣେ ବହି ବନ୍ଧାଳି ଦରକାର ।

Librarian : Sir, would you please allot somebody to clean dust, cobwebs and white ants from the books ? A binder is also required for binding these books.

Digitized by srujanika@gmail.com

ପ୍ରିନ୍ସିପାଲ୍ : ଆଚ୍ଛା ହଉ, ବହି ଝାଡ଼ିବା ପାଇଁ ଜଣେ ଲୋକକୁ ଏଇ ସାଙ୍ଗେ ସାଙ୍ଗେ ପଠଉଛି । ବାଇଣ୍ଡରକୁ ଆଜି ଉପରଓଳି ଖବର ପଠେଇବା ।

Principal : O. K. I am sending somebody at once to clean dust from the books. I will send a message to the binder this afternoon.

Variation

ଅଫିସ୍ ସୁପରିନ୍‌ଟେଡ଼େଣ୍ଟ ଗୋବର୍ଦ୍ଧନବାବୁ, ଆପଣ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲେନି ?

A : Gobardhanbabu, didn't you get money from the bank to-day ?

ଗୋବର୍ଦ୍ଧନବାବୁ : ନାଇଁ, ଆଜି ଅଣେଇ ନାହିଁ । କାଲି ସକାଳେ ପଣ୍ଡା ହାତରେ ଅଣେଇବି । ଆଜି ତ ଟଙ୍କା ଜରୁରୀ କିଛି ଦରକାର ନାହିଁ । ସେଥିପାଇଁ ମଗେଇନି । କାହିଁକି, କଣ ଅସୁବିଧା ହେଲା କି ?

B : No, I haven't got it done today. I will get it done tomorrow morning through Panda. There is no urgency for money to-day. That's why I have not got it ? Why, do you have any difficulty ?

ଅଫିସ୍ ସୁପରିନ୍‌ଟେଡ଼େଣ୍ଟ୍ ନା, ଅସୁବିଧା କିଛି ନାହିଁ । ଆପଣଙ୍କୁ ମୁଁ ଟଙ୍କା କଥା ମନେପକେଇ ଦେଉଥିଲି ।

A : No, there is no difficulty. I was just reminding you about money.

Vocabulary

ଅଳନ୍ଧୁ cobweb
ଅସୁବିଧା inconvenience
ଉଈମାଟି white ant soil
ଉପରଓଳି afternoon
ଜରୁରୀ urgent
ଝାଡ଼ିବା to brush
ଟଙ୍କା money
ଟଙ୍କା କଥା about money

ଠିକ୍ ଭାବରେ correctly
ତରତର ହୋଇ hastily
ତାଲିକା list
ଦିନେ ଦି' ଦିନ in a day or two
ଧୀରେ ଧୀରେ slowly
ଧୂଳି dust
ବନ୍ଧେଇବା to bind
ବ୍ୟସ୍ତ worry

Digitized by srujanika@gmail.com

ବହି ବନ୍ଧାଳି binder

ବ୍ୟାଙ୍କ Bank

ଭିତରେ within

ମନେପକାଇବା to remind (ମନେପକେଇଦବା)

ସଜଡ଼େଇ arranging

ସମୟ time

ସୁବିଧା କରି at (your) convenience

Drills

I Build up drill

କରେଇଲେ ?

ତାଲିକା କରେଇଲେ ?

ବହି ସବୁର ତାଲିକା କରେଇଲେ ?

ଓଡ଼ିଆ ବହି ସବୁର ତାଲିକା କରେଇଲେ ?

ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?

ଆପଣ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?

କରେଇ ଦଉଛି ।

ଲିଷ୍ଟ କରେଇ ଦଉଛି ।

ବହିଗୁଡ଼ା ସଜଡ଼େଇ ଲିଷ୍ଟ କରେଇ ଦଉଛି ।

ପଦକୁ କହି ବହିଗୁଡ଼ା ସଜଡେଇ ଲିଷ୍ଟ କରେଇ ଦଉଛି ।

ଦିନେ ଦି ଦିନ ଭିତରେ କରେଇ ଦଉଛି ।

ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦଉଛି ।

ଦିନେ ଦି ଦିନ ଭିତରେ ପଦକୁ କହି ବହିଗୁଡ଼ା ସଜାଡ଼ି ଲିଷ୍ଟ କରେଇ ଦଉଛି ।

କରେଇଛି ।

ତାଲିକା କରେଇଛି ।

ବହିର ତାଲିକା କରେଇଛି ।

ଓଡ଼ିଆ ବହିର ତାଲିକା କରେଇଛି ।

ହଁ ସାର୍, ଓଡ଼ିଆ ବହିର ତାଲିକା କରେଇଛି ।

ଦରକାର ନାହିଁ ।

କରିବା ଦରକାର ନାହିଁ ।

ବ୍ୟସ୍ତ ହେଇ କରିବା ଦରକାର ନାହିଁ ।

ଆପଣ ବ୍ୟସ୍ତ ହେଇ କରିବା ଦରକାର ନାହିଁ ।

ନାଇଁ, ଆପଣ ବ୍ୟସ୍ତ ହେଇ କରିବା ଦରକାର ନାହିଁ ।

କରେଇ ନାହିଁ ।

ବଙ୍ଗଳା ବହିର କରେଇନାହିଁ ।

ଅସମୀୟା ଓ ବଙ୍ଗଳା ବହିର କରେଇ ନାହିଁ ।

କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇ ନାହିଁ ।

ଅଛି ।

ସମୟ ଅଛି ।

ହାତରେ ଅଛି ।

ହାତରେ ସମୟ ଅଛି ।

ଆପଣଙ୍କ ହାତରେ ସମୟ ଅଛି ।

ବର୍ତ୍ତମାନ ତ ଆପଣଙ୍କ ହାତରେ ସମୟ ଅଛି ।

Digitized by srujanika@gmail.com

ଲେଖେଇ ନେବେ ।
ଠିକ୍ ଘରରେ ଲେଖେଇ ନେବେ ।
ତାଲିକା ଠିକ୍ ଘରରେ ଲେଖେଇନେବେ ।
ସୁବିଧା କରି ଲେଖେଇ ନେବେ ।
ସୁବିଧା କରି ତାଲିକା ଠିକ୍ ଘରରେ ଲେଖେଇ ନେବେ ।
ଧୀରେ ଧୀରେ ଲେଖେଇ ନେବେ ।
ଧୀରେ ଧୀରେ ସୁବିଧା କରି ଲେଖେଇ ନେବେ ।
ଧୀରେ ଧୀରେ ସୁବିଧା କରି ତାଲିକା କରି ଠିକ୍ ଘରରେ ଲେଖେଇ ନେବେ ।

କ'ଣ ଦରକାର ?
କରିବା କ'ଣ ଦରକାର ?
ତର ତର ହେଇ କରିବା କ'ଣ ଦରକାର ?

ଦେବେ କି ?
ଲୋକ ଦେବେ କି ?
ଜଣେ ଲୋକ ଦେବେ କି ?
ଝଡେଇବା ପାଇଁ ଜଣେ ଲୋକ ଦେବେ କି?
ଉଇମାଟି ଝଡ଼େଇବା ପାଇଁ ଜଣେ ଲୋକ ଦେବେ କି ?
ଅଳନ୍ଧୁ ଆଉ ଉଇମାଟି ଝଡ଼େଇବା ପାଇଁ ଜଣେ ଲୋକ ଦେବେ କି ?
ଧୂଳି, ଅଳନ୍ଧୁ ଆଉ ଉଇମାଟି ଝଡ଼େଇବା ପାଇଁ ଜଣେ ଲୋକ ଦେବେ କି ?
ଏ ବହି ସବୁରୁ ଧୂଳି, ଅଳନ୍ଧୁ ଆଉ ଉଇମାଟି ଝଡ଼େଇବା ପାଇଁ ଜଣେ ଲୋକ ଦେବେ କି?

ଦରକାର ।
ବହି ବନ୍ଧାଳି ଦରକାର ।
ଜଣେ ବହି ବନ୍ଧାଳି ଦରକାର ।
ବନ୍ଧେଇବା ପାଇଁ ବି ଜଣେ ବହି ବନ୍ଧାଳି ଦରକାର ।
ଏ ବହିଗୁଡ଼ା ବନ୍ଧେଇବା ପାଇଁ ବି ଜଣେ ବହି ବନ୍ଧାଳି ଦରକାର ।

ପଠଉଛି ।
ସାଙ୍ଗେ ସାଙ୍ଗେ ପଠଉଛି ।
ଏଇ ସାଙ୍ଗେ ସାଙ୍ଗେ ପଠାଉଛି ।
ଜଣେ ଲୋକକୁ ଏଇ ସାଙ୍ଗେ ସାଙ୍ଗେ ପଠଉଛି ।
ବହି ଝାଡ଼ିବା ପାଇଁ ଜଣେ ଲୋକକୁ ଏଇ ସାଙ୍ଗେ ସାଙ୍ଗେ ପଠଉଛି ।
ଆଚ୍ଛା ହଉ, ବହି ଝାଡ଼ିବା ପାଇଁ ଜଣେ ଲୋକକୁ ଏଇ ସାଙ୍ଗେ ସାଙ୍ଗେ ପଠଉଛି ।

ପଠେଇବା ।
ଖବର ପଠେଇବା ।
ଆଜି ଉପରଓଳି ପଠେଇବା ।
ଆଜି ଉପରଓଳି ଖବର ପଠେଇବା ।
ବାଇଣ୍ଡରକୁ ଆଜି ଉପରଓଳି ପଠେଇବା ।
ବାଇଣ୍ଡରକୁ ଆଜି ଉପରଓଳି ଖବର ପଠେଇବା ।

II Substitution drill

(a) ଆପଣ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?

ଗୁଡ଼ିକର — ଆପଣ ଆସିଥିବା ଓଡ଼ିଆ ବହି ଗୁଡ଼ିକର ତାଲିକା କରେଇଲେ ?

Digitized by srujanika@gmail.com

ମାନଙ୍କର	ଆପଣ ଆସିଥିବା ଓଡ଼ିଆ ବହିମାନଙ୍କର ତାଲିକା କରେଇଲେ ?
ଯାଇଥିବା	ଆପଣ ଯାଇଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?
ନେଇଥିବା	ଆପଣ ନେଇଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?
ଦେଇଥିବା	ଆପଣ ଦେଇଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?

(b) ଓଡ଼ିଆ ବହିର ତାଲିକା କରେଇଛି ।

ଲେଖେଇଛି	ଓଡ଼ିଆ ବହିର ତାଲିକା ଲେଖେଇଛି ।
ଅଣେଇଛି	ଓଡ଼ିଆ ବହିର ତାଲିକା ଅଣେଇଛି ।
ପଠେଇଛି	ଓଡ଼ିଆ ବହିର ତାଲିକା ପଠେଇଛି ।

(c) କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇ ନାହିଁ ।

ଲେଖେଇ	କିନ୍ତୁ ଅସମୀୟା ଓ ବଙ୍ଗଳା ବହିର ଲେଖେଇ ନାହିଁ ।
ଦେଖେଇ	କିନ୍ତୁ ଅସମୀୟା ଓ ବଙ୍ଗଳା ବହିର ଦେଖେଇନାହିଁ ।

(d) ଦିନେ ଦି ଦିନ ଭିତରେ ପଦକୁ କହି ବହିଗୁଡ଼ା ସଜଡେଇ ଲିଷ୍ଟ କରେଇ ଦଉଛି ।

ତିନି ଚାରି	ତିନି ଚାରି ଦିନ ଭିତରେ ପଦକୁ କହି ବହିଗୁଡ଼ା ସଜଡେଇ ଲିଷ୍ଟ କରେଇ ଦଉଛି ।
ମାସେ ଦି ମାସ	ମାସେ ଦି ମାସ ଭିତରେ ପଦକୁ କହି ବହିଗୁଡ଼ା ସଜଡେଇ ଲିଷ୍ଟ କରେଇ ଦଉଛି ।
ଏଇ ଭିତରେ	ଏଇ ଭିତରେ ପଦକୁ କହି ବହିଗୁଡ଼ା ସଜଡେଇ ଲିଷ୍ଟ କରେଇ ଦଉଛି ।
ଏହାରି ଭିତରେ	ଏହାରି ଭିତରେ ପଦକୁ କହି ବହିଗୁଡ଼ା ସଜଡେଇ ଲିଷ୍ଟ କରେଇ ଦଉଛି ।

(e) ଆପଣ ବ୍ୟସ୍ତ ହେଇ କରିବା ଦରକାର ନାହିଁ ।

ତର ତର	ଆପଣ ତରତର ହେଇ କରିବା ଦରକାର ନାହିଁ ।
ତରବର	ଆପଣ ତରବର ହେଇ କରିବା ଦରକାର ନାହିଁ ।
ଉଚ୍ଛନ୍ନହେଇ	ଆପଣ ଉଚ୍ଛନ୍ନହେଇ କରିବା ଦରକାର ନାହିଁ ।
ଆବଶ୍ୟକ	ଆପଣ ବ୍ୟସ୍ତ ହେଇ କରିବା ଆବଶ୍ୟକ ନାହିଁ ।
ପ୍ରୟୋଜନ	ଆପଣ ବ୍ୟସ୍ତ ହେଇ କରିବା ପ୍ରୟୋଜନ ନାହିଁ ।

Digitized by srujanika@gmail.com

(f) ବର୍ତ୍ତମାନ ତ ଆପଣଙ୍କ ହାତରେ ସମୟ ଅଛି ।

ଏବେ		ଏବେ ତ ଆପଣଙ୍କ ହାତରେ ସମୟ ଅଛି ।
ଅବିକା		ଅବିକା ତ ଆପଣଙ୍କ ହାତରେ ସମୟ ଅଛି ।
ଏଇକ୍ଷିଣା		ଏଇକ୍ଷିଣା ତ ଆପଣଙ୍କ ହାତରେ ସମୟ ଅଛି ।
ଏଇକ୍ଷଣି		ଏଇକ୍ଷଣି ତ ଆପଣଙ୍କ ହାତରେ ସମୟ ଅଛି ।
	ବେଳ	ବର୍ତ୍ତମାନ ତ ଆପଣଙ୍କ ହାତରେ ବେଳ ଅଛି ।

(g) ଧୀରେ ଧୀରେ ସୁବିଧା କରି ତାଲିକା ଠିକ ଭବରେ ଲେଖେଇ ନେବେ ।

ଆସ୍ତେ ଆସ୍ତେ	ଆସ୍ତେ ଆସ୍ତେ ସୁବିଧା କରି ତାଲିକା ଠିକ୍ ଭବରେ ଲେଖେଇ ନେବେ ।
ସୁବିଧା ଦେଖି	ଧୀରେ ଧୀରେ ସୁବିଧା ଦେଖି ତାଲିକା ଠିକ୍ ଭବରେ ଲେଖେଇ ନେବେ ।
ସୁବିଧା ଅନୁସାରେ	ଧୀରେ ଧୀରେ ସୁବିଧା ଅନୁସାରେ ତାଲିକା ଠିକ୍ ଭବରେ ଲେଖେଇ ନେବେ ।

(h) ତର ତର ହେଇ କରିବା କ'ଣ ଦରକାର ?

ତରବର	ତରବର ହେଇ କରିବା କ'ଣ ଦରକାର ?
ବ୍ୟସ୍ତ	ବ୍ୟସ୍ତ ହେଇ କରିବା କ'ଣ ଦରକାର ?
ଅଧୀର	ଅଧୀର ହେଇ କରିବା କ'ଣ ଦରକାର ?

(i) ବାଇଣ୍ଡରକୁ ଆଜି ଉପରଓଳି ଖବର ପଠେଇବା ।

ଦେବା	ବାଇଣ୍ଡରକୁ ଆଜି ଉପରଓଳି ଖବର ଦେବା ।

III Substitution-agreement drill

(a) ଆପଣ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?

ତମେ	ତମେ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲ ?
ତୁ	ତୁ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲୁ ?
ସେ *fam.*	ସେ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲା ?
ସେ *hon.*	ସେ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?
ସେମାନେ	ସେମାନେ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?
ମୁଁ	ମୁଁ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲି ?
ଆମେ *excl.*	ଆମେ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲୁ ?
ଆମେ *incl.*	ଆମେ ଆସିଥିବା ଓଡ଼ିଆ ବହି ସବୁର ତାଲିକା କରେଇଲେ ?

(b) ମୁଁ ଓଡ଼ିଆ ବହିର ତାଲିକା କରେଇଛି ।

ଆମେ *excl.*	ଆମେ ଓଡ଼ିଆ ବହିର ତାଲିକା କରେଇଛୁ ।
ଆମେ *incl.*	ଆମେ ଓଡ଼ିଆ ବହିର ତାଲିକା କରେଇଛେ ।
ତୁ	ତୁ ଓଡ଼ିଆ ବହିର ତାଲିକା କରେଇଛୁ ।

Digitized by srujanika@gmail.com

ତମେ	ତମେ ଓଡ଼ିଆ ବହିର ତାଲିକା କରେଇଛ ।
ଆପଣ	ଆପଣ ଓଡ଼ିଆ ବହିର ତାଲିକା କରେଇଛନ୍ତି ।
ସେ *fam.*	ସେ ଓଡ଼ିଆ ବହିର ତାଲିକା କରେଇଛି !
ସେ *hon.*	ସେ ଓଡ଼ିଆ ବହିର ତାଲିକା କରେଇଛନ୍ତି ।
ସେମାନେ	ସେମାନେ ଓଡ଼ିଆ ବହିର ତାଲିକା କରେଇଛନ୍ତି ।

(c) ମୁଁ କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇନି ।

ଆମେ *excl.*	ଆମେ କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇନୁ ।
ଆମେ *incl.*	ଆମେ କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇନେ ।
ତୁ	ତୁ କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇନୁ ।
ତମେ	ତମେ କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇନ ।
ଆପଣ	ଆପଣ କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇନାହାନ୍ତି ।
ସେ *fam.*	ସେ କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇନି ।
ସେ *hon.*	ସେ କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇନାହାଁନ୍ତି ।
ସେମାନେ	ସେମାନେ କିନ୍ତୁ ଅସମୀୟା ଓ ବଙ୍ଗଳା ବହିର କରେଇ ନାହାଁନ୍ତି ।

(d) ମୁଁ ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦଉଛି ।

ଆମେ *excl.*	ଆମେ ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦଉଛୁ ।
ତୁ	ତୁ ଦିନେ ଦୁଇଦିନ ଭିତରେ ଲିଷ୍ଟ କରେଇ ଦଉଛୁ ।
ତମେ	ତମେ ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦଉଛ ।
ଆପଣ	ଆପଣ ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦେଉଛନ୍ତି ।
ସେ *fam.*	ସେ ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦଉଛି ।
ସେ *hon.*	ସେ ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦଉଛନ୍ତି ।
ସେମାନେ	ସେମାନେ ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦଉଛନ୍ତି ।

(e) ଆପଣ ସୁବିଧା କରି ତାଲିକା ଠିକ୍ ଘବରେ ଲେଖେଇ ନେବେ ।

ତମେ	ତମେ ସୁବିଧା କରି ତାଲିକା ଠିକ୍ ଘବରେ ଲେଖେଇନେବ ।
ତୁ	ତୁ ସୁବିଧା କରି ତାଲିକା ଠିକ୍ ଘବରେ ଲେଖେଇ ନେବୁ ।
ମୁଁ	ମୁଁ ସୁବିଧା କରି ତାଲିକା ଠିକ୍ ଘବରେ ଲେଖେଇ ନେବି ।
ଆମେ *excl.*	ଆମେ ସୁବିଧା କରି ତାଲିକା ଠିକ୍ ଘବରେ ଲେଖେଇ ନେବୁ ।
ଆମେ *incl.*	ଆମେ ସୁବିଧା କରି ତାଲିକା ଠିକ୍ ଘବରେ ଲେଖେଇ ନେବା ।
ସେ *fam.*	ସେ ସୁବିଧା କରି ତାଲିକା ଠିକ୍ ଘବରେ ଲେଖେଇ ନେବ ।
ସେ *hon.*	ସେ ସୁବିଧା କରି ତାଲିକା ଠିକ ଘବରେ ଲେଖେଇ ନେବେ ।
ସେମାନେ	ସେମାନେ ସୁବିଧା କରି ତାଲିକା ଠିକ୍ ଘବରେ ଲେଖେଇ ନେବେ ।

Digitized by srujanika@gmail.com

(f) ଆପଣ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲେନି ?

ତମେ	ତମେ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲନି ?
ତୁ	ତୁ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲୁନି ?
ମୁଁ	ମୁଁ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲିନି ?
ଆମେ *excl.*	ଆମେ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲୁନି ?
ଆମେ *incl.*	ଆମେ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲେନି ?
ସେ *fam.*	ସେ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲାନି ?
ସେ *hon.*	ସେ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲେନି ?
ସେମାନେ	ସେମାନେ କଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲେନି ?

(g) ମୁଁ କାଲି ସକାଳେ ପଣ୍ଡା ହାତରେ ଅଣେଇବି ।

ଆମେ *excl.*	ଆମେ କାଲି ସକାଳେ ପଣ୍ଡା ହାତରେ ଅଣେଇବୁ ।
ଆମେ *incl.*	ଆମେ କାଲି ସକାଳେ ପଣ୍ଡା ହାତରେ ଅଣେଇବା ।
ତୁ	ତୁ କାଲି ସକାଳେ ପଣ୍ଡା ହାତରେ ଅଣେଇବୁ ।
ତମେ	ତମେ କାଲି ସକାଳେ ପଣ୍ଡା ହାତରେ ଅଣେଇବ ।
ଆପଣ	ଆପଣ କାଲି ସକାଳେ ପଣ୍ଡା ହାତରେ ଅଣେଇବେ ।
ସେ *fam.*	ସେ କାଲି ସକାଳେ ପଣ୍ଡା ହାତରେ ଅଣେଇବ ।
ସେ *hon.*	ସେ କାଲି ସକାଳେ ପଣ୍ଡା ହାତରେ ଅଣେଇବେ ।
ସେମାନେ	ସେମାନେ କାଲି ସକାଳେ ପଣ୍ଡା ହାତରେ ଅଣେଇବେ ।

IV Transformation drill

I. Transformation into negative—

(a) ଆପଣ ସୁବିଧା କରି ତାଲିକା କରେଇ ନେବେ ।
ଆପଣ ସୁବିଧା କରି ତାଲିକା କରେଇ ନେବେନି ।

(b) ମୁଁ ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦଉଛି ।
ମୁଁ ଦିନେ ଦି ଦିନ ଭିତରେ ଲିଷ୍ଟ କରେଇ ଦଉନି ।

(c) ତମେ କାଲି ପଣ୍ଡା ହାତରେ ଅଣେଇବ ।
ତମେ କାଲି ପଣ୍ଡା ହାତରେ ଅଣେଇବନି ।

(d) ଆପଣ ଓଡ଼ିଆ ବହିର ତାଲିକା କରେଇଛନ୍ତି ।
ଆପଣ ଓଡ଼ିଆ ବହିର ତାଲିକା କରେଇ ନାହାନ୍ତି ।

Digitized by srujanika@gmail.com

(e) ସେ ଆପଣଙ୍କୁ ଟଙ୍କା କଥା ମନେ ପକେଇ ଦଉଥିଲେ ।
ସେ ଆପଣଙ୍କୁ ଟଙ୍କା କଥା ମନେ ପକେଇ ଦଉ ନଥିଲେ ।

2. Transformation into present imperative—

(a) ତମେ କାଲି ଟଙ୍କା ଅଣେଇବ ।
ତମେ କାଲି ଟଙ୍କା ଅଣାଅ ।

(b) ଆପଣ ବହି ଲିଷ୍ଟ କରନ୍ତୁ ।
ଆପଣ ବହି ଲିଷ୍ଟ କରାନ୍ତୁ ।

(c) ତୁ କାଲି ତାଲିକା ଅଣେଇଥିଲୁ ।
ତୁ କାଲି ତାଲିକା ଅଣା ।

3. Transformation into present continuous—

(a) ସେ ତାଲିକା କରେଇଛନ୍ତି ।
ସେ ତାଲିକା କରଉଛନ୍ତି ।

(b) ସେ ଆପଣଙ୍କ ଟଙ୍କା ମଗେଇଛନ୍ତି ।
ସେ ଆପଣଙ୍କ ଟଙ୍କା ମଗଉଛନ୍ତି ।

(c) ସେମାନେ ଏ ଲିଷ୍ଟ ଲେଖେଇ ନାହାନ୍ତି ।
ସେମାନେ ଏ ଲିଷ୍ଟ ଲେଖଉ ନାହାଁନ୍ତି ।

Exercises

1. Substitute the underlined words by appropriate words from inside the brackets :

(ଅଣେଇଲେ, ବନ୍ଧେଇବୁନି, ଲେଖେଉଛି, କରେଇଲ, ଝଡ଼େଇଛନ୍ତି)

(a) ତମେ ବାହାଘର ତାଲିକା କରିଲ ?
(b) ରମେଶକୁ କହି ମୁଁ ଆଜି ଘରକୁ ଚିଠି ଲେଖୁଛି ।
(c) ତୁ କ'ଣ ଏ ବହିଗୁଡ଼ା ବାନ୍ଧିବୁନି ?
(d) ଆପଣ ବ୍ୟାଙ୍କରୁ ଟଙ୍କା ଆଣିଲେ ?
(e) ସେମାନେ ଗତକାଲି ଗଛରୁ ଫଳ ଝାଡ଼ିଛନ୍ତି ।

Digitized by srujanika@gmail.com

2. Fill up the blanks with appropriate words from inside the brackets :

(ଠିକ୍‌ଭାବରେ, ଧୂଳି, ତରତର, ବ୍ୟାଙ୍କରେ, ବନ୍ଧାଳିକି, ଅଜନ୍ଧୁ, ବ୍ୟସ୍ତ, ଜରୁରୀ, ଧୀରେ ଧୀରେ, ହାତରେ)

(a) ଏ ଘର ଭିତରେ ଭରି......................ହେଉଛି ।
(b) ତମେ ବହି................ଖବର ଦେଲ ?
(c) ମୁଁ କାଲି ସକାଳେ ଏ ଘରୁ .... ଝଡ଼େଇଛି ।
(d) ତୁ .... ହୋଇ କୁଆଡ଼େ ଦଉଡ଼ୁଛୁ ?
(e) ତୋ......................କେତେ ଟଙ୍କା ଅଛି ?
(f) ଆପଣ କାହିଁକି ଏତେ...................ହେଉଛନ୍ତି ?
(g) ଟଙ୍କା ଆଣିବା କଣ ....ଦରକାର ?
(h) ସେମାନେ ଏତେ .... କାହିଁକି ଚାଲୁଛନ୍ତି ?
(i) ଆପଣଙ୍କ...................... କେତେ ସମୟ ଅଛି ?
(j) ....କଥାଟା ବୁଝେଇ ଦିଅନ୍ତୁ ।

3. Transform the following verb stems into causative verb stems and make sentences using at least 10 causative verb stems :

ଆଣିବା, ଦେଖିବା, ବସିବା, ହସିବା, ଜାଗିବା, ଉଠିବା, ଲୁଚିବା, ବୁଝିବା, ପଢ଼ିବା, ଲେଖିବା, ଧରିବା, ଜାଣିବା, ବଢ଼ିବା, ଆଙ୍କିବା, କାଟିବା

4. Write 10 related sentences on E.R.L.C. Library.

Grammatical Note

1. Some more causative verbs with different tenses have been introduced in this lesson. As the causative verb-stem functions as any common verb-stem the application of tenses in the causative follows the same rules as in any common verb stem. (Note the tense-use in the body of the lesson and in the drill)

2. ଦିନେ ଦି ଦିନ is an indefinite expression for 'in a day or two'.

Digitized by srujanika@gmail.com

3. The word ଭିତରେ has various uses. ଭିତରେ may mean inside, between, among and within. It is also used in metaphorical sense meaning depth. ମଧ୍ୟରେ is equivalent to ଭିତରେ in use. But the use of ଭିତରେ is more frequent in spoken form.

ବହି ଭିତରେ ଲେଖ ନାହିଁ ।

Do not write inside the book.

ତୁମ ଦୁହିଁଙ୍କ ଭିତରେ କିଏ ଡେଙ୍ଗା ?

Who is taller in between you two ?

ସେମାନଙ୍କ ଭିତରେ କଥାବାର୍ତ୍ତା ନାହିଁ ।

They do not talk among themselves.

ଏ ଘଟଣା ଭିତରେ ବହୁତ କଥା ଅଛି ।

A lot of things are there within this matter.

ତୁମେ ଏତେ ଭିତରେ ଅଛ ବୋଲି ମୁଁ କେମିତି ଜାଣିବି ?

How do I know that you are at such depth ?

4. Note the different uses of the word ହାତରେ—

ସେ ହାତରେ ଭାତ ଖାଏ ।

He eats with his hand.

ମଣିଷ ହାତରେ କ'ଣ ଅଛି ?

What is there in a man's hand ?

ତା ହାତରେ ତ ସବୁ କାମ ହେବ ।

All things can be done by his hand.
(He is capable of doing anything.)

Digitized by srujanika@gmail.com

UNIT II

LESSON 29

(Revision Lesson)

Conversation about Marriage

ବାହାଘର ବିଷୟରେ କଥାବାର୍ତ୍ତା

ସରୋଜିନୀ : କ'ଣ କରୁଛ ? ତମର ଏତେ ବେଳଯାଏ ଖିଆପିଆ ସରିନି ଟି ?	Sarojini : What are you doing ? Haven't you finished eating yet ?
ଜ୍ୟୋତ୍ସ୍ନାମୟୀ : ଆମର ଖିଆପିଆ ହୋଇନି ।	Jyotsnamayee : No, we haven't started eating.
ସରୋଜିନୀ : ଏତେବେଳଯାଏ କାହିଁକି ଖାଇନ? ମାମୀ ନାହିଁକି ?	Sarojini : Why haven't you eaten so far ? Isn't Mami there ?
ଜ୍ୟୋତ୍ସ୍ନାମୟୀ ମାମୀ ବାବଲୁକୁ ଖୁଆଉଛି । ଆମେ ଖାଇବୁ ତ, ଏତେ ତର ତର କାହିଁକି ? ତମେ ଏଇଠି ବସ । କଥାବାର୍ତ୍ତା କରିବା ।	Jyotsnamayee : Mami is feeding Bablu. We will eat surely, why in a hurry ? Please sit here. Let us have a talk.
ସରୋଜିନୀ : ଶୁଣିଲି ତମେ ଝିଅ ବାହାଘର କରୁଛ ? କଣ ବାହାଘର ଠିକ୍ ହୋଇ ଯାଇଛି ?	Sarojini : I hear that you are going to have your daughter's marriage ? Is the marriage fixed ?
ଜ୍ୟୋତ୍ସ୍ନାମୟୀ : ନା'ମ, ବର ଠିକ୍ ହୋଇନି ଆଉ ବାହାଘର କେମିତି ହେବ ? ମୋ ଝିଅ ପାଇଁ ଭଲ ବରଟିଏ କୋଉଠି ଦେଖ ।	Jyotsnamayee : No, the bride-groom is not yet selected. How can the marriage take place ? Please find out a good bridegroom for my daughter.

Digitized by srujanika@gmail.com

ସରୋଜିନୀ : ମାମୀକି ଟିକେ ଡକେଇଲ । ମୁଁ ତାକୁ ବହୁତ ଦିନ ହେବ ଦେଖିନି । ତମେ କେମିତିକା ପାତ୍ର ଖୋଜୁଛ ?

Sarojini Please call Mami here. I haven't seen her for a long time. What type of bridegroom are you looking for ?

ଜ୍ୟୋତ୍ସ୍ନାମୟୀ : ଏଇ ମାମୀ, ଏଠିକି ଆ । ମାଉସୀ ଡାକୁଛନ୍ତି । ଆଗ ବାବଲୁକୁ ଖୁଆଇ ସାରି ଶୁଆଇ ପକା । ଆଉ କପେ ଚା କରି ଆଣ ।

Jyotsnamayee : Hallo, Mami, please come here. Aunti wants you. Please feed Bablu first and let him sleep. Also please get a cup of tea.

ସରୋଜିନୀ : ନା, ନା, ମୋର ଚା ଦରକାର ନାହିଁ । ଝିଅକୁ କଣ ଆଉ ପଢ଼େଇବନି କି ? ଏତେ ଶୀଘ୍ର କାହିଁକି ବାହାଘର ଖୋଜୁଛ ?

Sarojini : No, no, please I don't need tea. Won't you permit your daughter to read further ? Why do you look for her marriage so soon ?

ଜ୍ୟୋତ୍ସ୍ନାମୟୀ : ନା, ବି. ଏ. ପାସ କଲା । ଆଉ ତାକୁ ପଢ଼ାଇବୁନି । ବର ଘର ଠିକ୍ କରି ଏଇ ଭିତରେ ବାହା କରେଇ ଦେବୁ । ଆଉ ପାତ୍ର କଥା ପଚରୁଛ ? ପାତ୍ରଟି ଯୋଗ୍ୟ ଆଉ ବରଘର ଆମର ସମାନ ବନ୍ଧୁ ହେବା କଥା । ଆଉ ଅଧିକ କ'ଣ ?

Jyotsnamayee She passed her B. A. We will not let her read further. We want to fix up her marriage and get her married soon. Do you want to have an idea about the party ? Well, the boy should be qualified and their family should be at par with ours. What else one needs ?

Digitized by srujanika@gmail.com

ସରୋଜିନୀ : ହଉ, ମୁଁ ଦି ଚାରି ଦିନ ଭିତରେ ଖବର ପଠେଇବି । ଆଚ୍ଛା, ମୁଁ ଏଥର ଉଠେ । ତମେ ଯାଅ, ଖିଆପିଆ କରିବ ।

Sarojini : O. K., I will send some information in a day or two. Let me go now. You please go and have your food.

ଜ୍ୟୋତ୍ସ୍ନାମୟୀ : ତମେ ମତେ ଶୀଘ୍ର ଖବର ଜଣେଇବ ।

Jyotsnamayee : Please let me know as soon as possible.

Vocabulary

ଏତେବେଳଯାଏ	till this time	ଖୋଜିବା	to look for
ଏଥର	this time, now	ଝିଅ	daughter
କଥାବାର୍ତ୍ତା	conversation	ପାତ୍ର	bridegroom/party
କପେ	one cup	ବନ୍ଧୁ	friend (by relation)
କେମିତି	how	ବର	bridegroom
କେମିତିକା	of what type	ବର ଘର	family of the bridegroom (may also, metaphorically, marriage)
କୋଉଠି	some where	ବାହାଘର	marriage
ଖିଆ ପିଆ	to have focd	ଯୋଗ୍ୟ	qualified
ଖୁଆଇବା	to feed	ସମାନ	equal

Exercises

1. Substitute the underlined words in the following sentences by using the words given in the brackets and make changes wherever necessary :

(i) (a) ଆପଣ ଦି ତିନି କିଲେ ନିଅନ୍ତୁ । (ରଖ)
(b) ତମେ ଚାରିଟା କୋବି କିଣ । (କିଣ୍)
(c) ବାପାଙ୍କ ପାଇଁ ତୁ ଏ ଜିନିଷ ସବୁ ନେଇ ଯା । (ନିଅନି)
(d) ବୋଉ ପଗ ଘଡ ବସେଇଛି । (ତୁ)
(e) ଟୁକୁ ମନଦେଇ ବସି ପାଠ ପଢୁ । (ପଢ଼େ)
(f) ତମେ ସବୁ ମୋତେ ମୋ କଥା ମାନୁନ । (ମାନୁ ନାହାଁନ୍ତି)

Digitized by srujanika@gmail.com

(g) ଆପଣ ଘରେ ବସି ପେପର ପଢୁ ଥାଆନ୍ତୁ । (ପଢୁଥା)

(h) ତୁ ନ ପଢ଼, ମୋର କ'ଣ ଅଛି ? (ପଢ଼ନ୍ତୁ)

(i) ମିଶ୍ରବାବୁ, ଆପଣ ପ୍ରତିଦିନ ସକାଳୁ ଟିକେ ବୁଲିଗଲେ । (ବୁଲିଗଲ)

(j) ତମେ ଏଣିକି ପ୍ରତିଦିନ ତାକୁ ଅଣ୍ଡା ଖୁଆଅ । (ଖୁଆ)

(k) ସେ କେମିତି ନ ଯିବେ ଦେଖିବା । (ଯିବା)

(l) ଆପଣ ପରିବାପତ୍ର ବଜାରରୁ ଅଣାନ୍ତୁ । (ଅଣାଏ)

(m) ତୁ ବି ବହିଗୁଡ଼ାକ ମଗେଇ ପଠା । (ପଠାଉ)

(n) ଦି ଚାରି ଦିନ ଭିତରେ ମୁଁ ଲେଖାଗୁଡ଼ା ଲେଖେଇ ନଉଛି । (ଦେଖେଇଦେଉ)

(o) ମାମୀକି ତମେ ଡକେଇଥିଲ ? (ଡକେଇଥିଲେ)

(ii) (a) ଆପଣ ସୁବିଧାକରି ଜିନିଷପତ୍ର ଷ୍ଟେସନରେ ପହଞ୍ଚାଇ ଦିଅନ୍ତୁ । (ତୁ)

(b) ମୁଁ କାଲି ବ୍ୟାଙ୍କରୁ ଟଙ୍କା ଅଣେଇବି । (ଆମେ *excl.*)

(c) ତମେ ବହିପତ୍ର ସଜାଡ଼ି କରି ରଖେଇ ଦିଅ । (ସେ *fam.*)

(d) ସେମାନେ ଟିକେ ତା ଉପରେ ନଜର ରଖିଥାନ୍ତୁ । (ମୁଁ)

(e) ତୁ ଏଇଠି ବସି ସାପ ଖେଳ ଦେଖ୍ । (ସେ *fam.*)

2. Substitute the underlined words in the following sentences by the most appropriate words from inside the brackets :

(ନାହିଁ, ଜଲ୍‌ଦି, ଖୁଲକ୍, ଆଖି, ମେଲା, ଜମା, ଟିକେ, ଅଢ଼େଇ, ସୁନ୍ଦର ସୁନ୍ଦର, ବ୍ୟସ୍ତ, ପର୍ଯ୍ୟନ୍ତ)

(a) ଆପଣ ଦି ଟଙ୍କାରେ ଏ ବାଇଗଣ କିଣନ୍ତୁ ।

(b) ତମେ ବହୁତ ବେଶୀ ଦାମ କହୁଛ ।

(c) ତୁ ଟିକେ ନଜର ରଖିଥା ।

(d) ଦାଣ୍ଡ କବାଟ କଣ ଖୋଲା ହେଉଛି ?

(e) ସେମାନେ ସିନେମା ଦେଖିବାକୁ ମୋଟେ ନ ଯାଆନ୍ତୁ ।

(f) ମୁନା ଆମର ଭରି ବୁଦ୍ଧିଆ ।

(g) ମୁଁ ବାପାଙ୍କୁ ଟଙ୍କା ଦେବାକୁ ମନା କରିଦେବି ।

(h) ତୁ ଶୀଘ୍ର ଶାଢ଼ୀ କିଣି ପଠାଇଦେ ।

(i) ଭଲ ଭଲ ଜିନିଷ ସବୁ ମୋ ପାଇଁ କିଣିବ ।

Digitized by srujanika@gmail.com

(j) ତମେ ଏତେ ତରତର ହେବା ଦରକାର ନାହିଁ ।

(k) ଏତେବେଳ ଯାଏ କାହିଁକି ଖାଇନ ?

Fill up the blanks with appropriate words from inside the brackets :

(ବିଡ଼ା, କେମିତି, ରେଷେଇ, ଚଞ୍ଚଳ, ଏଥର, ଖିଆପିଆ, କଦାପି, ନିତି, ଲଗାଇ, ବଢ଼ିଆ, ଅଳନ୍ଧୁ, ମନ)

(a) ମୁଁ.......................... ଯାଉଛି ।

(b) ତମେ କଣ ଆଜି.......................... କରିବନି କି ?

(c) ତୁ ଏ କାମ.......................... କରନି ।

(d) ମନ.......................... ପାଠ ପଢ଼ ।

(e) ମୁଁ ....ଘେରରୁ ଉଠେ ।

(f) ଆଜି ମୋ..........................ଆଦୌ ଭଲ ନାହିଁ ।

(g) ଆପଣ ଟିକେ .... ଡ଼ାକ୍ତରଖାନା ଯାଆନ୍ତୁ ।

(h) ଏ ଶାଢ଼ୀଟା କି.......................... ହେଇଛି !

(i) ତମେ ଲାଇବ୍ରେରୀରୁ .... ଝଡ଼େଇଲ ?

(j) ମୁଁ ବି..........................ଶାଗ ନେବି ।

(k) ତୁ ପରିବାପତ୍ର.......................... ଘରେ ରଖ୍ ।

(l) ସେ..........................ଆଉ କେତେବେଳେ ଯିବ ?

4. Fill up the blanks (use causative verbs only) :

(a) ତମେ ଚୁଲାରେ କ'ଣ.......................... ?

(b) ମନେକରି ତମ ଶାଢ଼ୀଟା .... ।

(c) ତାକୁ ଟିକେ ଚାକିରୀରେ.......................... ।

(d) ବାବୁଲୁକୁ ଔଷଧ.......................... ।

(e) ସେ ବ୍ୟାଙ୍କରୁ କଣ ଟଙ୍କା .... ?

5. Transform the following sentences as per the instruction given :

(a) ତାକୁ ଚାରିଟା କୋବି ଦେବ । past imperative

(b) ତମେ ଅଙ୍ଗୁର ଖାଅନି । causative imperative

(c) ଆପଣ ଜଳଖିଆ ଖାଆନ୍ତୁ । negative

Digitized by srujanika@gmail.com

(d) ତମେ ମନ ଦେଇ ପାଠ ପଢ଼ । imperative imperfect
(e) ଏ ଜିନିଷ ସବୁ ନେଇ ଘରେ ରଖ୍ । imperative-perfect
(f) ତୁ ଚିତ୍ର ଦେଖ୍ । causative simple past
(g) ତମେ ବହି ଲିଷ୍ଟ କରଅ । negative
(h) ଆପଣ ଗୁରିଟା ପରଦା କିଣନ୍ତୁ । future imperative
(i) ତୁ କାଲି ବହି ଆଣିଥିଲୁ ? causative past-perfect
(j) ସେ କଣ ତା କାମ କରୁଥିଲ ? causative past-imperfect

6. Answer the following questions basing on the lessons from 22 to 28 :

(a) ହାଟରେ କି କି ପରିବା ମିଳେ ?
(b) ଫଳ ଦୋକାନରେ କି ଜି ଫଳ ବିକ୍ରୀ ହୁଏ ?
(c) କେଦାରକୁ ମୋହନବାବୁ କୁଆଡ଼େ ପଠଉଥିଲେ ?
(d) ଟୁକୁକୁ ତା ବୋଉ କ'ଣ କରିବାକୁ କହିଲେ ?
(e) ମିଲୁ ଲିପିକୁ କ'ଣ ମାଗିଲ ?
(f) ଆପଣ ସମ୍ବଲପୁରୀ ଶାଢ଼ୀ ମଗେଇଛନ୍ତି କି ?
(g) ଆପଣ ଆଜି ବ୍ୟାଙ୍କରୁ ଟଙ୍କା ଅଣେଇଲେ କି ?
(h) ତମେ 'କନ୍‌ଭରସେସନାଲ ଓଡ଼ିଆ' ବହି ବନ୍ଧେଇଲ ?
(i) ମାମୀ କ'ଣ କରୁଥିଲ ?
(j) ଜ୍ୟୋତ୍ସ୍ନାମୟୀ ମାମୀ ପାଇଁ କ'ଣ ଖୋଜୁଥିଲେ ?

7. Make sentences :

ଯୋଗ୍ୟ, ସମାନ, ବରଘର, ବାହାଘର, ତରତର, ଅଧିକ, ଖବର, ଏଥର, ଠିକକରି, ଏତେବେଳଯାଏ

8. What are the different uses of the following words :

ବର, ପାତ୍ର, କଡ଼ା, ପୁରୀ, ରଙ୍ଗ

9. Some words are usually suffixed with other words. Select the appropriate suffixes for the following words and write the suffixed words :

ପରିବା, ଘର, ମାଛ, ଜଣା, ଭଲ, ଶୁଣା, ବର, ମାଂସ, ପତ୍ର, ମନ୍ଦ

10. Write the numerals from 81 to 100.

Digitized by srujanika@gmail.com

Grammatical Note

1. ଗ is used to put emphasis. This is used to juniors and intimate persons. (The use of ଗ is more frequent in conversation between women). Note the following uses—

   କ'ଣ ଗ 'what' (question)
   ନାହିଁ ଗ 'no' (negative reply)
   ବୋଉ ଗ 'listen mother' (addressing mother)

2. ଟିଏ and ଟାଏ are formed by adding ଏ suffix to ଟି and ଟା to mean 'one'.

   ଗପଟିଏ କୁହ । Tell (me) a story.
   ଚିଲଟାଏ ଆକାଶରେ ଉଡୁଛି । A kite is flying in the sky.

3. ଟି is used in interrogative sentences colloquially to put emphasis on the question.

   ତମେ ଘରକୁ ଯାଉଛ ଟି ?

   (This ଟି should not be confused with the definite article ଟି.)

Digitized by srujanika@gmail.com

UNIT II

LESSON 30

Picnic at Nandan Kanan

ନନ୍ଦନ କାନନରେ ବଣଭୋଜି

ଛାତ୍ର : ସାର୍‌, ଆପଣ ପରା ଆମକୁ ନନ୍ଦନକାନନ ଦେଖେଇନେବାକୁ କହୁଥିଲେ ?

Student : Sir, didn't you promise to take us to Nandankanan to see ?

ଶିକ୍ଷକ : ହଉ ଚାଲ ଦିନେ ନନ୍ଦନକାନନରେ ପିକ୍‌ନିକ୍‌ କରିବା ।

Teacher : O. K., let us go and have picnic at Nandan-kanan one day .

ଛାତ୍ର : ସାର୍‌, କେଉଁଦିନ ଯିବା ?

Student : When would it be, sir ?

ଶିକ୍ଷକ : ଆସନ୍ତା ରବିବାର ଦିନ ଚାଲ ଯିବା । ସେଇ ଦିନକୁ ବନ୍ଦୋବସ୍ତ କରିବାକୁ ପଡ଼ିବ । ତାହେଲେ ସାଙ୍ଗରେ କ'ଣ କ'ଣ ନବା ହଷ୍ଟେଲ ନନାକୁ ପଚାରି ଲେଖେଇ ନେଇଥାଅ ।

Teacher : Let us go there on Sunday next. We have to make all arrangements for that day. You would better consult the hostel-cook and make a list of things we would be taking.

ଛାତ୍ର : ସାର୍‌, କିଏ ସେଠି ରୋଷେଇ କରିବ ?

Student : Sir, who would be cooking there ?

ଶିକ୍ଷକ : କାହିଁକି, ହଷ୍ଟେଲ ନନାକୁ ସାଙ୍ଗରେ ନବା । ସେ ରାନ୍ଧିବେ । ତମେ ସବୁ ତାକୁ ସାହାଯ୍ୟ କରିବ । ହରିଆକୁ ସାଙ୍ଗରେ ଡକେଇ ନେଇ ଯିବ । ସେ ସମସ୍ତଙ୍କୁ ସାହାଯ୍ୟ କରିବ ।

Teacher : Why, we will take the hostel-cook with us. He will cook and all of you will help him. Also ask Haria to come with us. He will help all of you there.

Digitized by srujanika@gmail.com

ଛାତ୍ର : ହଷ୍ଟେଲରୁ ହଣ୍ଡା, କଡ଼େଇ ଆଉ ବାସନ କୁସନ ସବୁ ଲିଷ୍ଟ କରେଇ ନବାକୁ ହବ । ନୁହେଁ ସାର୍ ?

Student : We will have to make a list of utensils, big-size pots and pans from the hostel. Isn't it, Sir ?

ଶିକ୍ଷକ : ହଁ, ସେ କଥା ନନାଙ୍କୁ ବୁଝେଇ ଦବ । ଆଉ ତାଙ୍କଠୁ ଡାଲି, ଚାଉଳ ପରିବାପତ୍ର ହିସାବ ଲିଷ୍ଟ ବି କରେଇ ନେବ ।

Teacher : Yes, just explain that to the cook. Also take his help to make out a list of the amounts of dal, rice and vegetables etc. you may need.

ଛାତ୍ର : ସାର୍, ଆମେ କୋଉଥିରେ ଯିବା ?

Student : Sir, how do we go ?

ଶିକ୍ଷକ : ସ୍କୁଲ ବସ୍‌ରେ ଯିବା ପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ ।

Teacher : We have to make arrangements for availing the school bus.

ଛାତ୍ର ସାର୍ ଯାଉ ଯାଉ ବସ୍ ଚକ ଫାଟିଯିବନି ତ ?

Student : Oh, sir, won't the wheels be flat as we go ?

ଶିକ୍ଷକ : ଓଃ, ଆରମ୍ଭରୁ ଏମିତି ଅମଙ୍ଗଳିଆ କଥା କାହିଁକି ଉଠଉଛ ?

Teacher : Oh, why are you talking ominously from the beginning.

ଛାତ୍ର : ନାଇଁ ସାର୍, ଆଉ ସେମିତି କଥା କହିବୁନି । ସାର୍, ଆମେ ବୋଟିଂ କରିବୁ ତ ?

Student : Right sir, we will not say things like that any more. Would you please permit us for boating ?

Digitized by srujanika@gmail.com

ଶିକ୍ଷକ : ହଁ ବୋଟିଂ କରିବଯେ, ବୋଟ୍ ଭିତରେ କିନ୍ତୁ ଦୁଷ୍ଟାମୀ, ଚଗଲାମୀ କରିବନି । ସବୁଆଡ଼ ବୁଲି ବୁଲି ଦେଖିବ । ମନେ ରଖିଥା, ନନ୍ଦନକାନନ ପିକ୍‌ନିକ୍ ବିଷୟରେ ପରେ ଲେଖେଇବି ।

Teacher : Yes, you may go for boating but you should not play any pranks inside the boat. You may go round and see. Remember, I will ask you to write about the picnic at Nandankanan afterwards.

ଛାତ୍ର : କେତେ ମାଙ୍କଡ଼, ପଶୁପକ୍ଷୀ, ବଣମଣିଷ ସେଠି ଅଛନ୍ତି । ସବୁ ଆମକୁ ବୁଲେଇ ଦେଖେଇବେ ସାର୍ । କେତେ ମଜା ହେବ ।

Student : Oh, there are so many monkeys, animals, birds and gorillas. Sir, you should take us round everywhere. It will be a great fun.

ଶିକ୍ଷକ : ଏଇପିଲେ ସେମିତି ଅଧୈର୍ଯ୍ୟ ହୁଅନା ।

Teacher : O. K. children, don't be so impatient.

Variation

ବାବୁଲି : ବାପା, ତମ ଡିପାର୍ଟମେଣ୍ଟର ସମସ୍ତେ ପର ଚିଲିକାକୁ ବଣଭୋଜି କରିବାକୁ ଯିବେ ? କଣ କାଲି ଯିବେ ?

A : Father, is it that all of your department people would be going to have picnic at Chilika ? Are they going to-morrow ?

ବାପା : ହଁ, ଆମେ କାଲି ଯିବୁ ।

B: Yes, we will go to-morrow.

ବାବୁଲି : ବାପା, ମତେ ଚିଲିକା ଦେଖେଇ ନବନି ? ମତେ ଚିଲିକାରେ ଡଙ୍ଗାରେ ବସେଇବନି ?

A : Father, won't you take me to see Chilika ? Won't you take me in a boat in Chilika ?

ବାପା : ହଉ, ତୁ କାଲି ମୋ ସାଙ୍ଗରେ ଯିବୁ । ତତେ ଡଙ୍ଗାରେ ବସେଇବି ।

B : Allright, you may go with me tomorrow I will take you out in a boat.

Digitized by srujanika@gmail.com

ବାବୁଲି : କାଲି ତମେ କେତେବେଳେ ବାହାରିବ ?

A : When will you start tomorrow ?

ବାପା : ଆମେ ଭୋର ୪ଟାରେ ବାହାରିବା । ବୋଉକୁ କହିବୁ ତତେ ରାତିରୁ ଉଠେଇ ଦବ । ତୁ ତ ଶୋଇଲୁ ଯେ, ଡାକି ଡାକି ସହଜେ ଉଠୁନୁ ।

B : We will start at four in the morning. Ask your mother to wake you up at night. When you sleep you never get up easily when called.

ବାବୁଲି : ତା ବୋଲି ତମେ ମତେ ଛାଡ଼ି ଚାଲିଯିବନି ।

A : But you should not leave me behind for that.

ବାପା : ହଉ ।

B : All right.

Vocabulary

ଅଧୈର୍ଯ୍ୟ restless, impatient
ଅମଙ୍ଗଳିଆ ominous
ଆରମ୍ଭରୁ from the beginning
ଉଠେଇବା, ଉଠେଇଦେବା to wake up
ଏମିତି like this
ଓଃ (an exclamation—expression of astonishment, expression at the unexpected presence of somebody, expression of anger)
କଡ଼େଇ, କରେଇ pan
କେଡ଼େ how big or how much
କେତେ many, much
କେଉଁଥିରେ in which
କେଉଁଦିନ which day
ଚଗଲମି to play pranks
ଚାଉଳ rice
ଚାଲିଯିବା to go away
ଚିଲିକା (the famous lake in Orissa).
ଛାଡ଼ିବା to leave
ଡଙ୍ଗା boat
ଡାକି ଡାକି in being called/calling
ଡାଲି dal
ତା ବୋଲି so that, for that
ଦୁଷ୍ଟାମି wickedness/naughtiness
ପଚାରିବା to ask
ପରେ later
ପଶୁପକ୍ଷୀ animals and birds
ପିଲେ (an address to children)

Digitized by srujanika@gmail.com

ଫାଟିବା to burst

ବଣଭୋଜି picnic

ବଣ ମଣିଷ gorilla

ବନ୍ଦୋବସ୍ତ arrangement

ବସ୍ bus

ବସ୍ ଚକ wheels of the bus

ବାସନକୁସନ utensils

ବାହାରିବା to start

ବୁଲବୁଲି to move about

ବୋଟିଂ boating

ମଜା fun

ମନେରଖିବା to remember

ମାଙ୍କଡ଼ monkey

ଯାଉଯାଉ while going

ରାନ୍ଧିବା to cook

ରୋଷେଇ କରିବା to cook

ସବୁଆଡ଼ all around

ସହଜେ easily

ସାହାଯ୍ୟ କରିବା to help

ସେଇଦିନକୁ on that day

ସେମିତି like that

ହଣ୍ଡା big sized brass-pot for cooking rice etc. in a feast

ହଷ୍ଟେଲ ନନା the cook of the hostel

ହିସାବ accounts,

Drills

I Build up drill

କହୁଥିଲେ ?

ନେବାକୁ କହୁଥିଲେ ?

ଦେଖେଇ ନେବାକୁ କହୁଥିଲେ ?

ନନ୍ଦନକାନନ ନେବାକୁ କହୁଥିଲେ ?

ନନ୍ଦନକାନନ ଦେଖେଇ ନେବାକୁ କହୁଥିଲେ ?

ଆମକୁ କହୁଥିଲେ ?

ଆମକୁ ଦେଖେଇ ନେବାକୁ କହୁଥିଲେ ?

ଆପଣ ପରା କହୁଥିଲେ ?

ସାର, ଆପଣ ପରା ଆମକୁ ନନ୍ଦନକାନନ ଦେଖେଇ ନେବାକୁ କହୁଥିଲେ ?

କରିବା ।

ପିକ୍‌ନିକ୍ କରିବା ।

ନନ୍ଦନକାନନରେ ପିକ୍‌ନିକ୍ କରିବା ।

ଦିନେ କରିବା ।

ଦିନେ ପିକ୍‌ନିକ୍ କରିବା ।

ଦିନେ ନନ୍ଦନକାନନରେ ପିକ୍‌ନିକ୍ କରିବା ।

ହଉ ଭଲ, ଦିନେ ନନ୍ଦନକାନନରେ ପିକ୍‌ନିକ୍ କରିବା ।

Digitized by srujanika@gmail.com

ଯିବା ?
କୋଉ ଦିନ ଯିବା ?
ସାର, କୋଉ ଦିନ ଯିବା ?

ଯିବା ।
ଭ୍ରଲ ଯିବା ।
ରବିବାର ଦିନ ଭ୍ରଲ ଯିବା ।
ଆସନ୍ତା ରବିବାର ଦିନ ଭ୍ରଲ ଯିବା ।

ପଡ଼ିବ ।
କରେଇବାକୁ ପଡ଼ିବ ।
ବନ୍ଦୋବସ୍ତ କରେଇବାକୁ ପଡ଼ିବ ।
ସବୁ ବନ୍ଦୋବସ୍ତ କରେଇବାକୁ ପଡ଼ିବ ।
ସେଇ ଦିନକୁ ସବୁ ବନ୍ଦୋବସ୍ତ କରେଇବାକୁ ପଡ଼ିବ ।

ଲେଖେଇ ନେଇଥାଅ ।
ପଗ୍ଗ୍ରି ଲେଖେଇ ନେଇଥାଅ ।
ହଷ୍ଟେଲ ନନାଙ୍କୁ ପଗ୍ଗ୍ରି ଲେଖେଇ ନେଇଥାଅ ।
ସାଙ୍ଗରେ କ'ଣ କ'ଣ ନବା, ହଷ୍ଟେଲ ନନାଙ୍କୁ
ପଗ୍ଗ୍ରି ଲେଖେଇ ନେଇଥାଅ ।
ତାହେଲେ ସାଙ୍ଗରେ କ'ଣ କ'ଣ ନବା, ହଷ୍ଟେଲ
ନନାଙ୍କୁ ପଗ୍ଗ୍ରି ଲେଖେଇ ନେଇଥାଅ ।

କରିବ ?
ଗେଷେଇ କରିବ ?
ସେଠି ଗେଷେଇ କରିବ ?
ସେଠି କରିବ ?
କିଏ କରିବ ?
କିଏ ସେଠି କରିବ ?
କିଏ ସେଠି ଗେଷେଇ କରିବ ?
ସାର୍, କିଏ ସେଠି ଗେଷେଇ କରିବ ?

ନବା ।
ସାଙ୍ଗରେ ନବା ।
ହଷ୍ଟେଲ ନନାଙ୍କୁ ନବା ।
ହଷ୍ଟେଲ ନନାଙ୍କୁ ସାଙ୍ଗରେ ନବା ।
କାହିଁକି, ହଷ୍ଟେଲ ନନାଙ୍କୁ ସାଙ୍ଗରେ ନବା ।

ରନ୍ଧିବେ ।
ସେ ରନ୍ଧିବେ ।

କରିବ ।
ସାହାଯ୍ୟ କରିବ ।
ତାଙ୍କୁ ସାହାଯ୍ୟ କରିବ ।
ତମେ ସବୁ ତାଙ୍କୁ ସାହାଯ୍ୟ କରିବ ।

ନେଇଯିବ ।
ଡକେଇ ନେଇଯିବ ।
ହରିଆକୁ ସାଙ୍ଗରେ ଡକେଇ ନେଇଯିବ ।

କରିବ ।
ସାହାଯ୍ୟ କରିବ ।
ସମସ୍ତଙ୍କୁ ସାହାଯ୍ୟ କରିବ ।
ସେ ସାହାଯ୍ୟ କରିବ ।
ସେ ସମସ୍ତଙ୍କୁ ସାହାଯ୍ୟ କରିବ ।

ହବ ।
ନବାକୁ ହବ ।
କରେଇ ନବାକୁ ହବ ।
ଲିଷ୍ଟ ନବାକୁ ହବ ।
ଲିଷ୍ଟ କରେଇ ନବାକୁ ହବ ।
ହଣ୍ଡା, କଡ଼େଇ ଆଉ ବାସନକୁସନ ସବୁ ଲିଷ୍ଟ
କରେଇ ନବାକୁ ହବ ।
ହଷ୍ଟେଲରୁ ନବାକୁ ହବ ।
ହଷ୍ଟେଲରୁ ହଣ୍ଡା, କଡ଼େଇ ଆଉ ବାସନକୁସନ ସବୁ
ଲିଷ୍ଟ କରେଇ ନବାକୁ ହବ ।

Digitized by srujanika@gmail.com

ବୁଝେଇ ଦବ ।
ନନାଙ୍କୁ ବୁଝେଇ ଦବ ।
ସେକଥା ନନାଙ୍କୁ ବୁଝେଇ ଦବ ।

କରେଇ ନବ ।
ଲିଷ୍ଟ ବି କରେଇ ନବ ।
ଡାଲି, ଘିଉଳ, ପରିବାପତ୍ର ହିସାବ ଲିଷ୍ଟ ବି କରେଇ ନବ ।
ତାଙ୍କଠୁ ଡାଲି, ଘିଉଳ, ପରିବାପତ୍ର ହିସାବ ଲିଷ୍ଟ ବି କରେଇ ନବ ।
ଆଉ ତାଙ୍କଠୁ ଡାଲି, ଘିଉଳ, ପରିବାପତ୍ର ହିସାବ ଲିଷ୍ଟ ବି କରେଇ ନବ ।

ଯିବା ?
କୋଉଥିରେ ଯିବା ?
ଆମେ ଯିବା ?
ଆମେ କୋଉଥିରେ ଯିବା ?
ସାର, ଆମେ କୋଉଥିରେ ଯିବା ?

ପଡ଼ିବ ।
ବ୍ୟବସ୍ଥା କରିବାକୁ ପଡ଼ିବ ।
ଯିବାପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ ।
ସ୍କୁଲ ବସ୍‌ରେ ଯିବାପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ ।

ଫାଟିବନି ତ ?
ବସ୍ ଚକ ଫାଟିବନି ତ ?
ଯାଉ ଯାଉ ଫାଟିବନି ତ ?
ଯାଉ ଯାଉ ବସ୍ ଚକ ଫାଟିବନି ତ ?
ଆରେ, ଯାଉ ଯାଉ ବସ୍ ଚକ ଫାଟିବନି ତ ?

ଉଠଉଛ ?
କାହିଁକି ଉଠଉଛ ?
ଏମିତି ଅମଙ୍ଗଳିଆ କଥା କାହିଁକି ଉଠଉଛ ?
ଆରମ୍ଭରୁ ଏମିତି ଅମଙ୍ଗଳିଆ କଥା କାହିଁକି ଉଠଉଛ ?
ଓଃ, ଆରମ୍ଭରୁ ଏମିତି ଅମଙ୍ଗଳିଆ କଥା କାହିଁକି ଉଠଉଛ ?

କହିବୁନି ।
କଥା କହିବୁନି ।
ସେମିତି କଥା କହିବୁନି ।
ଆଉ ସେମିତି କଥା କହିବୁନି ।
ନାଇଁ ସାର୍, ଆଉ ସେମିତି କଥା କହିବୁନି ।

କରିବୁ ତ ?
ବୋଟିଂ କରିବୁ ତ ?
ଆମେ କରିବୁ ତ ?
ସାର୍, ଆମେ ବୋଟିଂ କରିବୁ ତ ?

କରିବନି ।
ଚଗଲମୀ କରିବନି ।
ଦୁଷ୍ଟାମୀ କରିବନି ।
ଦୁଷ୍ଟାମୀ ଚଗଲମୀ କରିବନି ।
କିଛୁ ଦୁଷ୍ଟାମୀ ଚଗଲମୀ କରିବନି ।
ବୋଟ ଭିତରେ କିଛୁ ଦୁଷ୍ଟାମୀ ଚଗଲମୀ କରିବନି ।
ବୋଟିଂ କରିବ ଯେ, ବୋଟ ଭିତରେ କିଛୁ ଦୁଷ୍ଟାମୀ ଚଗଲମୀ କରିବନି ।

ଦେଖିବ ।
ବୁଲି ବୁଲି ଦେଖିବ ।
ସବୁଆଡ଼ ଦେଖିବ ।
ସବୁ ବୁଲି ବୁଲି ଦେଖିବ ।

Digitized by srujanika@gmail.com

ଲେଖେଇବି ।
ପରେ ଲେଖେଇବି ।
ପିକ୍‌ନିକ୍ ବିଷୟରେ ପରେ ଲେଖେଇବି ।
ନନ୍ଦନକାନନ ବିଷୟରେ ଲେଖେଇବି ।
ନନ୍ଦନକାନନ ପିକ୍‌ନିକ୍ ବିଷୟରେ ପରେ ଲେଖେଇବି ।
ମନେରଖିଥା, ନନ୍ଦନକାନନ ପିକ୍‌ନିକ୍ ବିଷୟରେ ପରେ ଲେଖେଇବି ।

ଅଛନ୍ତି ।
ସେଠି ଅଛନ୍ତି ।
ମାଙ୍କଡ଼ ଅଛନ୍ତି ।
ପଶୁପକ୍ଷୀ ଅଛନ୍ତି ।
ବଣମଣିଷ ଅଛନ୍ତି ।
ମାଙ୍କଡ଼, ପଶୁପକ୍ଷୀ, ବଣମଣିଷ ସେଠି ଅଛନ୍ତି ।
କେତେ ମାଙ୍କଡ଼, ପଶୁପକ୍ଷୀ, ବଣମଣିଷ ସେଠି ଅଛନ୍ତି ।

ଦେଖେଇବେ ।
ଆମକୁ ଦେଖେଇବେ ।
ବୁଲେଇ ଦେଖେଇବେ ।
ସବୁ ଦେଖେଇବେ ।
ସବୁ ଆମକୁ ବୁଲେଇ ଦେଖେଇବେ ସାର୍ ।

ହେବ ।
ମଜା ହେବ ।
କେଡ଼େ ମଜା ହେବ ।

ହୁଅନା ।
ଅଧୈର୍ଯ୍ୟ ହୁଅନା ।
ସେମିତି ହୁଅନା ।
ପିଲେ, ସେମିତି ହୁଅନା ।
ଏଇ ପିଲେ, ସେମିତି ହୁଅନା ।
ଏଇ ପିଲେ, ସେମିତି ଅଧୈର୍ଯ୍ୟ ହୁଅନା ।

II Substitution drill

(a) ଆପଣ ପରା ଆମକୁ ନନ୍ଦନକାନନ ଦେଖେଇ ନେବାକୁ କହୁଥିଲେ ?

ଭୁବନେଶ୍ୱର	ଆପଣ ପରା ଆମକୁ ଭୁବନେଶ୍ୱର ଦେଖେଇ ନେବାକୁ କହୁଥିଲେ ?
କୋଣାର୍କ	ଆପଣ ପରା ଆମକୁ କୋଣାର୍କ ଦେଖେଇ ନେବାକୁ କହୁଥିଲେ ?
ପୁରୀ	ଆପଣ ପରା ଆମକୁ ପୁରୀ ଦେଖେଇ ନେବାକୁ କହୁଥିଲେ ?
ବୁଲେଇ	ଆପଣ ପରା ଆମକୁ ନନ୍ଦନକାନନ ବୁଲେଇ ନେବାକୁ କହୁଥିଲେ ?

(b) ହଉ ଚାଲ, ଦିନେ ନନ୍ଦନକାନନରେ ପିକ୍‌ନିକ୍ କରିବା ।

ଆସ	ହଉ, ଆସ, ଦିନେ ନନ୍ଦନକାନନରେ ପିକ୍‌ନିକ୍ କରିବା ।
ଥରେ	ହଉ ଚାଲ, ଥରେ ନନ୍ଦନକାନନରେ ପିକ୍‌ନିକ୍ କରିବା ।

Digitized by srujanika@gmail.com

ବଣଭୋଜି ହଉ ଚାଲ, ଦିନେ ନନ୍ଦନକାନନରେ ବଣଭୋଜି କରିବା ।
ଭୋଜି ହଉ ଚାଲ, ଦିନେ ନନ୍ଦନକାନନରେ ଭୋଜି କରିବା ।
ଫିଷ୍ଟ ହଉ ଚାଲ, ଦିନେ ନନ୍ଦନକାନନରେ ଫିଷ୍ଟ କରିବା ।

(c) ସାର୍, କୋଉ ଦିନ ଯିବା ?
କେବେ ସାର୍, କେବେ ଯିବା ?
କେତେବେଳେ ସାର୍, କେତେବେଳେ ଯିବା ?

(d) ଆସନ୍ତା ରବିବାର ଦିନ ଚାଲ, ଯିବା ।
ଆସ ଆସନ୍ତା ରବିବାର ଦିନ ଆସ, ଯିବା ।
ରହିବା ଆସନ୍ତା ରବିବାର ଦିନ ଚାଲ, ରହିବା ।
କରିବା ଆସନ୍ତା ରବିବାର ଦିନ ଚାଲ, କରିବା ।
ଦେଖିବା ଆସନ୍ତା ରବିବାର ଦିନ ଚାଲ, ଦେଖିବା ।

(e) ସେଇ ଦିନକୁ ସବୁ ବନ୍ଦୋବସ୍ତ କରେଇବାକୁ ପଡ଼ିବ ।
ସମୟକୁ ସେଇ ସମୟକୁ ସବୁ ବନ୍ଦୋବସ୍ତ କରେଇବାକୁ ପଡ଼ିବ ।
ବେଳକୁ ସେଇ ବେଳକୁ ସବୁ ବନ୍ଦୋବସ୍ତ କରେଇବାକୁ ପଡ଼ିବ ।
ବ୍ୟବସ୍ଥା ସେଇ ଦିନକୁ ସବୁ ବ୍ୟବସ୍ଥା କରେଇବାକୁ ପଡ଼ିବ ।
ସୁବିଧା ସେଇ ଦିନକୁ ସବୁ ସୁବିଧା କରେଇବାକୁ ପଡ଼ିବ ।
ଯୋଗାଡ଼ଯନ୍ତ୍ର ସେଇ ଦିନକୁ ସବୁ ଯୋଗାଡ଼ଯନ୍ତ୍ର କରେଇବାକୁ ପଡ଼ିବ ।
ବନ୍ଧାବନ୍ଧି ସେଇ ଦିନକୁ ସବୁ ବନ୍ଧାବନ୍ଧି କରେଇବାକୁ ପଡ଼ିବ ।
ହେବ ସେଇ ଦିନକୁ ସବୁ ବନ୍ଦୋବସ୍ତ କରେଇବାକୁ ହେବ ।

(f) ସାର୍ ଆମେ କୋଉଥିରେ ଯିବା ?
କୋଉ ଗାଡ଼ିରେ ସାର୍ ଆମେ କୋଉ ଗାଡ଼ିରେ ଯିବା ?
କେମିତି ସାର୍ ଆମେ କେମିତି ଯିବା ?

(g) ସ୍କୁଲ ବସ୍‌ରେ ଯିବାପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ ।
ବନ୍ଦୋବସ୍ତ ସ୍କୁଲ ବସ୍‌ରେ ଯିବାପାଇଁ ବନ୍ଦୋବସ୍ତ କରିବାକୁ ପଡ଼ିବ ।
ବୁଝାବୁଝି ସ୍କୁଲ ବସ୍‌ରେ ଯିବାପାଇଁ ବୁଝାବୁଝି କରିବାକୁ ପଡ଼ିବ ।
ପଚରାପଚରି ସ୍କୁଲ ବସ୍‌ରେ ଯିବାପାଇଁ ପଚରାପଚରି କରିବାକୁ ପଡ଼ିବ ।

(h) ଆରେ, ଯାଉ ଯାଉ ବସ୍ ଚକ ଫାଟିବନି ତ ?
ଆସୁ ଆସୁ ଆରେ, ଆସୁ ଆସୁ ବସ୍ ଚକ ଫାଟିବନି ତ ?
ଚାଲୁ ଚାଲୁ ଆରେ, ଚାଲୁ ଚାଲୁ ବସ୍ ଚକ ଫାଟିବନି ତ ?

Digitized by srujanika@gmail.com

ଉଠୁ ଉଠୁ	ଆରେ, ଉଠୁ ଉଠୁ ବସ୍ ଚକ ଫାଟିବନି ତ ?
ପଶୁ ପଶୁ	ଆରେ, ପଶୁ ପଶୁ ବସ୍ ଚକ ଫାଟିବନି ତ ?

(i) ଓଃ, ଆରମ୍ଭରୁ ଏମିତି ଅମଙ୍ଗଳିଆ କଥା କାହିଁକି ଉଠଉଛ ?

ପ୍ରଥମରୁ	ଓଃ, ପ୍ରଥମରୁ ଏମିତି ଅମଙ୍ଗଳିଆ କଥା କାହିଁକି ଉଠଉଛ ?
ମୂଳରୁ	ଓଃ, ମୂଳରୁ ଏମିତି ଅମଙ୍ଗଳିଆ କଥା କାହିଁକି ଉଠଉଛ ?
ଅଶୁଭ	ଓଃ, ଆରମ୍ଭରୁ ଏମିତି ଅଶୁଭ କଥା କାହିଁକି ଉଠଉଛ ?
ପକଉଛ	ଓଃ, ଆରମ୍ଭରୁ ଏମିତି ଅମଙ୍ଗଳିଆ କଥା କାହିଁକି ପକଉଛ ?

(j) ସବୁଆଡ଼ ବୁଲି ବୁଲି ଦେଖିବ ।

ଗ୍ଲି ଗ୍ଲି	ସବୁଆଡ଼ ଗ୍ଲି ଗ୍ଲି ଦେଖିବ ।
ରହି ରହି	ସବୁଆଡ଼ ରହି ରହି ଦେଖିବ ।

(k) ଏଇ ପିଲେ, ସେମିତି ଅଧୈର୍ଯ୍ୟ ହୁଅନା ।

ପିଲମାନେ	ଏଇ ପିଲମାନେ, ସେମିତି ଅଧୈର୍ଯ୍ୟ ହୁଅନା ।
ପିଲଏ	ଏଇ ପିଲଏ, ସେମିତି ଅଧୈର୍ଯ୍ୟ ହୁଅନା ।
ଅସ୍ଥିର	ଏଇ ପିଲେ, ସେମିତି ଅସ୍ଥିର ହୁଅନା ।
ଅଥୟ	ଏଇ ପିଲେ, ସେମିତି ଅଥୟ ହୁଅନା ।

V. Substitution-Agreement drill

ଆପଣ ଆମକୁ ସବୁ ବୁଲେଇ ଦେଖେଇବେ ।

ତମେ	ତମେ ଆମକୁ ସବୁ ବୁଲେଇ ଦେଖେଇବ ।
ତୁ	ତୁ ଆମକୁ ସବୁ ବୁଲେଇ ଦେଖେଇବୁ ।
ସେ *fam.*	ସେ ଆମକୁ ସବୁ ବୁଲେଇ ଦେଖେଇବ ।
ସେ *hon.*	ସେ ଆମକୁ ସବୁ ବୁଲେଇ ଦେଖେଇବେ ।
ସେମାନେ	ସେମାନେ ଆମକୁ ସବୁ ବୁଲେଇ ଦେଖେଇବେ ।

VI. Response drill

(a) ସାର କ'ଣ ଦେଖେଇ ନେବାକୁ କହୁଥିଲେ ?
ସାର୍ ନନ୍ଦନକାନନ ଦେଖେଇ ନେବାକୁ କହୁଥିଲେ ।

(b) ଗେଷେଇ କରିବାକୁ ସେମାନେ କାହାକୁ ସାଙ୍ଗରେ ନେବେ ?
ଗେଷେଇ କରିବାକୁ ସେମାନେ ହଷ୍ଟେଲ ନନାକୁ ସାଙ୍ଗରେ ନେବେ ।

Digitized by srujanika@gmail.com

(c) ସେମାନେ କି କି ଲିଷ୍ଟ କରେଇବେ ?
ସେମାନେ ବାସନକୁସନ ଲିଷ୍ଟ ଓ ଡାଲି ଚାଉଳ ଓ ପରିବାପତ୍ର ଲିଷ୍ଟ କରେଇବେ ।

(d) ସେମାନେ କୋଉଥିରେ ଯିବେ ?
ସେମାନେ ସ୍କୁଲ ବସ୍‌ରେ ଯିବେ ।

(e) ନନ୍ଦନକାନନ ବିଷୟରେ କିଏ ପରେ ଲେଖେଇବେ ?
ନନ୍ଦନକାନନ ବିଷୟରେ ସାର୍ ପରେ ଲେଖେଇବେ ।

Exercises

1. Substitute the underlined words with other suitable words :

(a) ଆପଣ ପରା ଆମକୁ ନନ୍ଦନକାନନ <u>ଦେଖେଇ</u> ନେବାକୁ କହୁଥିଲେ ?
(b) ହଉ <u>ଚାଲ</u>, ଦିନେ ନନ୍ଦନକାନନରେ ପିକ୍‌ନିକ୍ କରିବ ।
(c) ସେଇ ଦିନକୁ ସବୁ <u>ବନ୍ଦୋବସ୍ତ</u> କରେଇବାକୁ ପଡ଼ିବ ।
(d) ହଷ୍ଟେଲ ନନାଙ୍କୁ ସାଙ୍ଗରେ <u>ନବା</u> ।
(e) ହଷ୍ଟେଲରୁ <u>ବାସନକୁସନ</u> ସବୁ ଲିଷ୍ଟ କରେଇ ନେବ ।
(f) ସ୍କୁଲ ବସ୍‌ରେ ଯିବାପାଇଁ <u>ବ୍ୟବସ୍ଥା</u> କରିବାକୁ ପଡ଼ିବ ।
(g) <u>ଯାଉ ଯାଉ</u> ବସ୍ ଚକ ଫାଟିବନି ତ ।
(h) ଆରମ୍ଭରୁ <u>ଅଶୁଭ</u> କଥା କାହିଁକି କହୁଛ ?
(i) <u>ସବୁଆଡ଼</u> ବୁଲି ବୁଲି ଦେଖ ।
(j) ପିଲେ, ସେମିତି <u>ଅସ୍ଥିର</u> ହୁଅନା ।

2. Fill up the blanks with appropriate words :

(a) ତା.......................ସାଙ୍ଗରେ କ'ଣ କ'ଣ ନେଉଛ ?
(b) ସେ ....ଥିରେ ଯିବ ?
(c) ପିଲାଏ, ତମେ ସବୁ .... ହୁଅନା ।
(d) ଗଲାବେଳେ ବସ୍....................... ଫାଟିବନି ତ ?
(e) ହରିଆ ତମକୁ.................. କରିବ ।

Digitized by srujanika@gmail.com

3. Make sentences using the following perfect non-finite and imperfect non-finite verbs :

   (a) ଦେଖି ଦେଖି, ଚାହିଁ ଚାହିଁ, ବୁଲି ବୁଲି, ଚାଲି ଚାଲି, ବସି ବସି, ଖୋଜି ଖୋଜି

   (b) ଦେଖୁ ଦେଖୁ, ଚାହୁଁ ଚାହୁଁ, ବୁଲୁ ବୁଲୁ, ଆସୁ ଆସୁ, କରୁ କରୁ, ଲେଖୁ ଲେଖୁ

4. Write *five* words suffixing ପଣ like ପରିବାପଣ.

5. Write *five* words suffixing ଆ like ଅମଙ୍ଗଳିଆ.

6. Write *ten* synonyms like ପଶୁପକ୍ଷୀ or ବାସନକୁସନ.

7. Answer the following questions :

   (a) ଆପଣ ନନ୍ଦନକାନନରେ କେବେ ପିକ୍‌ନିକ୍ କରିଛନ୍ତି ?
   (b) ଆପଣ କେବେ ପିକ୍‌ନିକ୍ କରେଇଛନ୍ତି ?
   (c) ହଷ୍ଟେଲ ନନା କଣ କରନ୍ତି ?
   (d) ଆପଣ କୋଉଥିରେ ନନ୍ଦନକାନନ ଯିବେ ?
   (e) ଆପଣ ଚିଲିକାରେ ବୋଟିଂ କରିଛନ୍ତି କି ?

8. Write *ten* sentences on having a picnic at Chilika.

Grammatical Note

1. Some more causative constructions are given.

2. The English imperative construction 'Let us go' or 'Let us do' in Oriya becomes ଚାଲ or ଆସ.

   ଚାଲ୍/ଚାଲ/ଚାଲନ୍ତୁ ଯିବା । Let us go.

   ଆସ୍/ଆସ/ଆସନ୍ତୁ ଖାଇବା । Let us eat.

3. Look at the two types of construction in Oriya—
   (a) active construction, (b) passive like construction.
   These will be discussed later. In passive like constructions some verb stems are suffixed with ହେବା or ଯିବା.

Digitized by srujanika@gmail.com

Active verb stem	Passive like verb stem
(a) ରନ୍ଧିବା	(a) ରନ୍ଧାହେବା, ରନ୍ଧାଯିବା
ଲେଖିବା	ଲେଖା ହେବା, ଲେଖା ଯିବା
ଘେଷେଇ କରିବା	ଘେଷେଇ ହେବା
ମଜା କରିବା	ମଜା ହେବା

4. Adding pronominal adjective like ଯୋଉ, interrogative adjective like କୋଉ, demonstrative pronouns like ଏ and ସେ, to ଥିରେ, the words like ଯୋଉଥିରେ, କୋଉଥିରେ ଏଥିରେ and ସେଥିରେ are formed respectively.

ଯୋଉଥିରେ	wherever/however
କୋଉଥିରେ	whichever/however
ଏଥିରେ	in this or in it
ସେଥିରେ	in that

5. The non-finite verbs are used for perfect and imperfect participial constructions. The perfect and imperfect participles can be duplicated to indicate an incomplete action. ଇ is the marker of perfect participle and ଉ is the marker of imperfect participle.

Perfect duplicated participle	Negative	Imperfect duplicated participle	Negative
ଯାଇ ଯାଇ	ନ ଯାଇ ନ ଯାଇ	ଯାଉ ଯାଉ	ଯାଉନଯାଉ
ଆସି ଆସି	ନ ଆସି ନ ଆସି	ରହୁଁ ରହୁଁ	ରହୁଁନରହୁଁ
କରି କରି	ନ କରି ନ କରି	ଆସୁ ଆସୁ	ଆସୁନଆସୁ
ଦେଖି ଦେଖି	ନ ଦେଖି ନ ଦେଖି	ପଢୁ ପଢୁ	ପଢୁନପଢୁ

(Note the nagative construction of the participles. For participial constructions also *see* Lesson 7, Gr. Note)

Digitized by srujanika@gmail.com

6. ଆ is post-posed to nominals to indicate belongingness.

ଭୁବନେଶ୍ୱରିଆ	ଅମଙ୍ଗଳିଆ
ଢେଙ୍କାନାଳିଆ	ବର୍ଷାଦିନିଆ
କଟକିଆ	ସରକାରୀଆ
	ସେମିତିଆ
	ଏମିତିଆ
	କେମିତିଆ

7. ପିଲେ is an address for children.

8. ଯେ here is functioning as coordinating conjuction where the two clauses of the sentence are so compounded that the action indicated in the clause following ଯେ is dependent upon and regulated by the action signalled by the clause preceeding ଯେ. କିନ୍ତୁ here regulates the action indicated by the clause following ଯେ.

   ତମେ ଯିବ ଯେ, କିନ୍ତୁ ସେଠି କଥା କହିବନି ।

   You may go but don't talk there.

Cultural Note

1. Nandankanan is a tourist place, 12 kms. away from Bhubaneswar. A lake divides the Nandankanan area into the Botanical Garden and the Zoo. The lake has boating facility. It is also good for picnic and overnight stay.

2. The Chilika lake is about 100 kms. from Bhubaneswar. This large lake is separated by a small sandy ridge from the Bay of Bengal. It has many islands inside it, and thousands of migratory birds come to rest here every winter. It has many picnic spots round its coast.

Digitized by srujanika@gmail.com

UNIT II

LESSON 31

Talking to the Office Clerk

ଅଫିସ କିରାଣୀଙ୍କ ସହିତ କଥାବର୍ତ୍ତା

କିରାଣୀ : ସାର୍, ମତେ ଡକେଇଥିଲେ ?	Clerk : Sir, did you send for me ?
ଅଫିସର : ନା, ଆପଣଙ୍କୁ ତ ଡକେଇ ନଥିଲି । ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ଡକେଇଥିଲି । ସେ କାହାଁନ୍ତି ?	Officer : No, I didn't send for you. I had sent for Ramanath babu for going to Hirakud. Where is he ?
କିରାଣୀ : ସାର୍, ସେ ଆଜି ଛୁଟିରେ ଅଛନ୍ତି ।	Clerk : He is on leave to-day.
ଅଫିସର : ତାହେଲେ ତାଙ୍କୁ ଆଜି ଡକେଇ ପଠାନ୍ତୁ । ଅତି ଜରୁରୀ ଦରକାର । ସେ ଏଇ ଫାଇଲ ନେଇ ଆଜି ରାତି ବସ୍‌ରେ ହୀରାକୁଦ ବ୍ରାଞ୍ଚ ଅଫିସକୁ ଯାଆନ୍ତୁ ।	Officer : Then please ask him to come. It is very urgent. Let him go to the Hirakud branch office to-day by night bus with this file.
କିରାଣୀ : ଆଜ୍ଞା, ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛି ।	Clerk : I am sending for him immediately, sir.
ଅଫିସର : ରାଜୁକୁ ବି ଡକେଇ ଥିବେ । ସେ ତାଙ୍କ ସାଙ୍ଗରେ ଯିବ । ଆପଣ ରମାନାଥବାବୁଙ୍କୁ ଯିବା କଥା ଜଣେଇ ନଥିବେ । ମୁଁ ନିଜେ ତାଙ୍କୁ ସେ କଥା ବୁଝେଇ କହିବି ।	Officer : Also please send for Raju. He will accompany him. You need not tell anything about to-day's trip to Ramanath babu. I will personally explain to him about that.
କିରାଣୀ : ଆଜ୍ଞା ହଉ । ରାଜୁକୁ ଘଣ୍ଟାଏ ଦି ଘଣ୍ଟା ଛାଡ଼ି ଆସିବାକୁ କହିବି ।	Clerk : Yes sir, I will ask Raju to see you after an hour or two.

Digitized by srujanika@gmail.com

Variation

A : ଆରେ ନରି, ତୁ ଆଜି ଗାଁକୁ ଯା ।	A : Hallo Nari, please go to the village to-day.
B : ଆଜ୍ଞା, ସାନବାବୁଙ୍କୁ ତାଙ୍କ ଚାକିରୀ ଖବର ଜଣେଇ ଥିଲେ ?	B : Sir, have you informed the young master about his job ?
A : ନା, ମୁଁ ତାକୁ କିଛି ଜଣେଇନି । ତୁ ତାକୁ ଜଣେଇ ଦବୁ ।	A : No, I haven't. You please inform him about that.
B : ଆଉ ତାକୁ ଆସିବାକୁ କହିବି ?	B : Should I ask him to come ?
A : ହଁ, ତାକୁ କହିବୁ ସେ ସାଙ୍ଗେ ସାଙ୍ଗେ ଆସି ତା ଚାକିରୀରେ ଜଏନ୍ କରୁ ।	A : Yes, ask him to come and join his job immediately.
B : ମୁଁ ତାକୁ ଏ ଖବର ଜଣେଇଦେବି । ଆଉ ମୁଁ ଦି ଚାରି ଦିନ ଛାଡ଼ି ଗାଁରୁ ଆସିବି ।	B : I will give him that news. And I will return from the village after three or four days.
A : ହଉ ।	A : O. K.

Vocabulary

ଗାଁ village
ଘଣ୍ଟାଏ ଦି ଘଣ୍ଟା one or two hours
ଚାକିରୀ service, job
ଛାଡ଼ି after
ଜଏନ to join
ନିଜେ (one) self
ବ୍ରାଞ୍ଚ ଅଫିସ୍ branch office

Drills

I. Build up drill

ଡକେଇଥିଲେ ?	ଡକେଇ ନଥିଲି ।
ମତେ ଡକେଇଥିଲେ ?	ଆପଣଙ୍କୁ ଡକେଇ ନଥିଲି ।
ସାର୍, ମତେ ଡକେଇଥିଲେ ?	ଆପଣଙ୍କୁ ତ ଡକେଇ ନଥିଲି ।
	ନା, ଆପଣଙ୍କୁ ତ ଡକେଇ ନଥିଲି ।

Digitized by srujanika@gmail.com

ଡକେଇଥିଲି ।
ରମାନାଥବାବୁଙ୍କୁ ଡକେଇଥିଲି ।
ହୀରାକୁଦ ଯିବାକୁ ଡକେଇଥିଲି ।
ରମାନାଥବାବୁଙ୍କୁ ଯିବାକୁ ଡକାଇଥିଲି ।
ରମାନାଥବାବୁଙ୍କୁ ହୀରାକୁଦ ଯିବାକୁ ଡକେଇଥିଲି ।

କାହାନ୍ତି ?
ସେ କାହାନ୍ତି ?

ଅଛନ୍ତି ।
ଛୁଟିରେ ଅଛନ୍ତି ।
ସେ ଛୁଟିରେ ଅଛନ୍ତି ।
ଆଜି ଛୁଟିରେ ଅଛନ୍ତି ।
ସେ ଆଜି ଛୁଟିରେ ଅଛନ୍ତି ।
ସାର୍, ସେ ଆଜି ଛୁଟିରେ ଅଛନ୍ତି ।

ଡକେଇ ପଠାନ୍ତୁ ।
ଆଜି ଡକେଇ ପଠାନ୍ତୁ ।
ତାଙ୍କୁ ଡକେଇ ପଠାନ୍ତୁ ।
ତାହେଲେ ତାଙ୍କୁ ଆଜି ଡକେଇ ପଠାନ୍ତୁ ।

ଦରକାର ।
ଜରୁରୀ ଦରକାର ।
ଅତି ଦରକାର ।
ଅତି ଜରୁରୀ ଦରକାର ।

ଯାଆନ୍ତୁ ।
ବ୍ରାଞ୍ଚ ଅଫିସକୁ ଯାଆନ୍ତୁ ।
ହୀରାକୁଦ ବ୍ରାଞ୍ଚ ଅଫିସକୁ ଯାଆନ୍ତୁ ।
ରାତି ବସ୍‌ରେ ହୀରାକୁଦ ବ୍ରାଞ୍ଚ ଅଫିସକୁ ଯାଆନ୍ତୁ ।
ଆଜି ରାତି ବସ୍‌ରେ ହୀରାକୁଦ ବ୍ରାଞ୍ଚ ଅଫିସକୁ ଯାଆନ୍ତୁ ।
ଏଇ ଫାଇଲ ନେଇ ଆଜି ରାତି ବସ୍‌ରେ ହୀରାକୁଦ ବ୍ରାଞ୍ଚ ଅଫିସକୁ ଯାଆନ୍ତୁ ।
ସେ ଏଇ ଫାଇଲ ନେଇ ଆଜି ରାତି ବସ୍‌ରେ ହୀରାକୁଦ ବ୍ରାଞ୍ଚ ଅଫିସକୁ ଯାଆନ୍ତୁ ।

ଡକେଇ ପଠଉଛି ।
ସାଙ୍ଗେ ସାଙ୍ଗେ ଡକେଇ ପଠଉଛି ।
ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛି ।
ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛି ।
ଆଜ୍ଞା, ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛି ।

ଡକେଇ ଥିବେ ।
ରାଜୁକୁ ଡକେଇଥିବେ ।
ରାଜୁକୁ ବି ଡକେଇଥିବେ ।

ଯିବ ।
ସାଙ୍ଗରେ ଯିବ ।
ତାଙ୍କ ସାଙ୍ଗରେ ଯିବ ।
ସେ ସାଙ୍ଗରେ ଯିବ ।
ସେ ତାଙ୍କ ସାଙ୍ଗରେ ଯିବ ।

Digitized by srujanika@gmail.com

ଜଣେଇ ନଥିବେ ।
ଯିବା କଥା ଜଣେଇ ନଥିବେ ।
ରମାନାଥବାବୁଙ୍କୁ ଜଣେଇ ନଥିବେ ।
ରମାନାଥବାବୁଙ୍କୁ ଯିବାକଥା ଜଣେଇ ନଥିବେ ।
ଆପଣ ରମାନାଥବାବୁଙ୍କୁ ଯିବାକଥା ଜଣେଇ ନଥିବେ ।

ବୁଝେଇ କହିବି ।
ସେ କଥା ବୁଝେଇ କହିବି ।
ତାଙ୍କୁ ସେ କଥା ବୁଝେଇ କହିବି ।
ନିଜେ ତାଙ୍କୁ ସେ କଥା ବୁଝେଇ କହିବି ।
ମୁଁ ନିଜେ ତାଙ୍କୁ ସେ କଥା ବୁଝେଇ କହିବି ।

କହିବି ।
ଆସିବାକୁ କହିବି ।
ଘଣ୍ଟାଏ ଦିଘଣ୍ଟା ଛାଡ଼ି ଆସିବାକୁ କହିବି ।
ଗଳ୍ପକୁ ଘଣ୍ଟାଏ ଦିଘଣ୍ଟା ଛାଡ଼ି ଆସିବାକୁ କହିବି ।

II Substitution drill

(a) ସାର୍, ମତେ ଡକେଇଥିଲେ ?

ତତେ	ସାର୍, ତତେ ଡକେଇଥିଲେ ?
ତୁମକୁ	ସାର୍, ତୁମକୁ ଡକେଇଥିଲେ ?
ଆପଣଙ୍କୁ	ସାର୍, ଆପଣଙ୍କୁ ଡକେଇଥିଲେ ?
ତାକୁ	ସାର୍, ତାକୁ ଡକେଇଥିଲେ ?
ତାଙ୍କୁ	ସାର୍, ତାଙ୍କୁ ଡକେଇଥିଲେ ?
ସେମାନଙ୍କୁ	ସାର୍ ସେମାନଙ୍କୁ ଡକେଇଥିଲେ ?

(b) ଆପଣଙ୍କୁ ତ ଡକେଇ ନଥିଲି ।

ପଠେଇ	ଆପଣଙ୍କୁ ତ ପଠେଇ ନଥିଲି ।
ଉଠେଇ	ଆପଣଙ୍କୁ ତ ଉଠେଇ ନଥିଲି ।
ପଢ଼େଇ	ଆପଣଙ୍କୁ ତ ପଢ଼େଇ ନଥିଲି ।
ବସେଇ	ଆପଣଙ୍କୁ ତ ବସେଇ ନଥିଲି ।

(c) ହାଇକୋର୍ଟ ଯିବାକୁ ରମାନାଥବାବୁଙ୍କୁ ଡକେଇଥିଲି ।

ଆସିବାକୁ	ହାଇକୋର୍ଟ ଆସିବାକୁ ରମାନାଥବାବୁଙ୍କୁ ଡକେଇଥିଲି ।
ଦେଖିବାକୁ	ହାଇକୋର୍ଟ ଦେଖିବାକୁ ରମାନାଥବାବୁଙ୍କୁ ଡକେଇଥିଲି ।

(d) ଅତି ଜରୁରୀ ଦରକାର ।

ଖୁବ୍	ଖୁବ୍ ଜରୁରୀ ଦରକାର ।

Digitized by srujanika@gmail.com

ଭରି ଭରି ଜରୁରୀ ଦରକାର ।
ବହୁତ ବହୁତ ଜରୁରୀ ଦରକାର ।
ଅରଜେଣ୍ଟ ଅତି ଅରଜେଣ୍ଟ ଦରକାର ।

(e) ଗଜୁକୁ ବି ଡକେଇ ଥିବେ ।
ଅଣେଇଥିବେ ଗଜୁକୁ ବି ଅଣେଇଥିବେ ।
ଦେଖେଇଥିବେ ଗଜୁକୁ ବି ଦେଖେଇଥିବେ ।
ବସେଇଥିବେ ଗଜୁକୁ ବି ବସେଇଥିବେ ।
ଶୁଣେଇଥିବେ ଗଜୁକୁ ବି ଶୁଣେଇଥିବେ ।

(f) ଆପଣ ରମାନାଥବାବୁଙ୍କୁ ଯିବା କଥା ଜଣେଇ ନଥିବେ ।
ଆସିବା କଥା ଆପଣ ରମାନାଥବାବୁଙ୍କୁ ଆସିବାକଥା ଜଣେଇ ନଥିବେ ।
ରହିବା କଥା ଆପଣ ରମାନାଥବାବୁଙ୍କୁ ରହିବାକଥା ଜଣେଇ ନଥିବେ ।
ଦେଖିବା କଥା ଆପଣ ରମାନାଥବାବୁଙ୍କୁ ଦେଖିବାକଥା ଜଣେଇ ନଥିବେ ।
ଲେଖିବା କଥା ଆପଣ ରମାନାଥବାବୁଙ୍କୁ ଲେଖିବାକଥା ଜଣେଇ ନଥିବେ ।

(g) ଗଜୁକୁ ଘଣ୍ଟାଏ ଦିଘଣ୍ଟା ଛାଡ଼ି ଆସିବାକୁ କହିବି ।
ଦି ତିନି ଘଣ୍ଟା ଗଜୁକୁ ଦି ତିନି ଘଣ୍ଟା ଛାଡ଼ି ଆସିବାକୁ କହିବି ।
ତିନି ଚାରି ଘଣ୍ଟା ଗଜୁକୁ ତିନି ଚାରି ଘଣ୍ଟା ଛାଡ଼ି ଆସିବାକୁ କହିବି ।
ପରେ ଗଜୁକୁ ଘଣ୍ଟାଏ ଦିଘଣ୍ଟା ପରେ ଆସିବାକୁ କହିବି ।
ଆଗରୁ ଗଜୁକୁ ଘଣ୍ଟାଏ ଦିଘଣ୍ଟା ଆଗରୁ ଆସିବାକୁ କହିବି ।
ପୂର୍ବରୁ ଗଜୁକୁ ଘଣ୍ଟାଏ ଦିଘଣ୍ଟା ପୂର୍ବରୁ ଆସିବାକୁ କହିବି ।

III. Substitution-Agreement drill

(a) ଆପଣ ମତେ ଡକେଇଥିଲେ ?
ତମେ ତମେ ମତେ ଡକେଇଥିଲ ?
ତୁ ତୁ ମତେ ଡକେଇଥିଲୁ ?
ସେ *fam.* ସେ ମତେ ଡକେଇଥିଲା ?
ସେ *hon.* ସେ ମତେ ଡକେଇଥିଲେ ?
ସେମାନେ ସେମାନେ ମତେ ଡକେଇଥିଲେ ?

(b) ମୁଁ ଆପଣଙ୍କୁ ତ ଡକେଇ ନଥିଲି ।
ଆମେ *excl.* ଆମେ ଆପଣଙ୍କୁ ତ ଡକେଇ ନଥିଲୁ ।

Digitized by srujanika@gmail.com

ସେ *fam.*	ସେ ଆପଣଙ୍କୁ ତ ଡକେଇ ନଥିଲା ।
ସେ *hon.*	ସେ ଆପଣଙ୍କୁ ତ ଡକେଇ ନଥିଲେ ।
ସେମାନେ	ସେମାନେ ଆପଣଙ୍କୁ ତ ଡକେଇ ନଥିଲେ ।

(c) ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ମୁଁ ଡକେଇଥିଲି ।

ଆମେ *excl.*	ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ଆମେ ଡକେଇଥିଲୁ ।
ଆମେ *incl.*	ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ଆମେ ଡକେଇଥିଲେ ।
ତୁ	ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ତୁ ଡକେଇଥିଲୁ ।
ତମେ	ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ତମେ ଡକେଇଥିଲ ।
ଆପଣ	ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ଆପଣ ଡକେଇଥିଲେ ।
ସେ *fam.*	ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ସେ ଡକେଇଥିଲା ।
ସେ *hon.*	ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ସେ ଡକେଇଥିଲେ ।
ସେମାନେ	ହୀରାକୁଦ ଯିବାକୁ ରମାନାଥବାବୁଙ୍କୁ ସେମାନେ ଡକେଇଥିଲେ ।

(d) ଆପଣ ତାଙ୍କୁ ଆଜି ଡକେଇ ପଠାନ୍ତୁ ।

ତମେ	ତମେ ତାଙ୍କୁ ଆଜି ଡକେଇ ପଠାଅ ।
ତୁ	ତୁ ତାଙ୍କୁ ଆଜି ଡକେଇ ପଠା ।
ମୁଁ	ମୁଁ ତାଙ୍କୁ ଆଜି ଡକେଇ ପଠାଏ ।
ଆମେ	ଆମେ ତାଙ୍କୁ ଆଜି ଡକେଇ ପଠଉ ।
ସେ *fam.*	ସେ ତାଙ୍କୁ ଆଜି ଡକେଇ ପଠଉ ।
ସେ *hon.*	ସେ ତାଙ୍କୁ ଆଜି ଡକେଇ ପଠାନ୍ତୁ ।
ସେମାନେ	ସେମାନେ ତାଙ୍କୁ ଆଜି ଡକେଇ ପଠାନ୍ତୁ ।

(e) ମୁଁ ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛି ।

ଆମେ *excl.*	ଆମେ ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛୁ ।
ତୁ	ତୁ ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛୁ ।

Digitized by srujanika@gmail.com

ତମେ	ତମେ ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛ ।
ସେ *fam.*	ସେ ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛି ।
ସେ *hon.*	ସେ ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛନ୍ତି ।
ସେମାନେ	ସେମାନେ ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛନ୍ତି ।
ଆମେ *incl.*	ଆମେ ତାଙ୍କୁ ଏଇ ସାଙ୍ଗେ ସାଙ୍ଗେ ଡକେଇ ପଠଉଛେ ।

(f) ଆପଣ ଗଜୁକୁ ବି ଡକେଇ ଥିବେ ।

ତମେ	ତମେ ଗଜୁକୁ ବି ଡକେଇଥିବ ।
ତୁ	ତୁ ଗଜୁକୁ ବି ଡକେଇଥିବୁ ।
ମୁଁ	ମୁଁ ଗଜୁକୁ ବି ଡକେଇଥିବି ।
ଆମେ *excl.*	ଆମେ ଗଜୁକୁ ବି ଡକେଇଥିବୁ ।
ଆମେ *incl.*	ଆମେ ଗଜୁକୁ ବି ଡକେଇଥିବା ।
ସେ *fam.*	ସେ ଗଜୁକୁ ବି ଡକେଇଥିବ ।
ସେ *hon.*	ସେ ଗଜୁକୁ ବି ଡକେଇଥିବେ ।
ସେମାନେ	ସେମାନେ ଗଜୁକୁ ବି ଡକେଇଥିବେ ।

(g) ଆପଣ ରମାନାଥବାବୁଙ୍କୁ ଯିବାକଥା ଜଣେଇ ନଥିବେ ।

ତମେ	ତମେ ରମାନାଥବାବୁଙ୍କୁ ଯିବାକଥା ଜଣେଇ ନଥିବ ।
ତୁ	ତୁ ରମାନାଥବାବୁଙ୍କୁ ଯିବାକଥା ଜଣେଇ ନଥିବୁ ।
ମୁଁ	ମୁଁ ରମାନାଥବାବୁଙ୍କୁ ଯିବାକଥା ଜଣେଇ ନଥିବି ।
ଆମେ *excl.*	ଆମେ ରମାନାଥବାବୁଙ୍କୁ ଯିବା କଥା ଜଣେଇ ନଥିବୁ ।
ଆମେ *incl.*	ଆମେ ରମାନାଥବାବୁଙ୍କୁ ଯିବା କଥା ଜଣେଇ ନଥିବା ।
ସେ *fam.*	ସେ ରମାନାଥବାବୁଙ୍କୁ ଯିବା କଥା ଜଣେଇ ନଥିବ ।
ସେ *hon.*	ସେ ରମାନାଥବାବୁଙ୍କୁ ଯିବା କଥା ଜଣେଇ ନଥିବେ ।
ସେମାନେ	ସେମାନେ ରମାନାଥବାବୁଙ୍କୁ ଯିବା କଥା ଜଣେଇ ନଥିବେ ।

(h) ମୁଁ ନିଜେ ତାଙ୍କୁ ସେ କଥା ବୁଝେଇ କହିବି ।

ଆମେ *excl.*	ଆମେ ନିଜେ ତାଙ୍କୁ ସେ କଥା ବୁଝେଇ କହିବୁ ।
ଆମେ *incl.*	ଆମେ ନିଜେ ତାଙ୍କୁ ସେ କଥା ବୁଝେଇ କହିବା ।
ତୁ	ତୁ ନିଜେ ତାଙ୍କୁ ସେ କଥା ବୁଝେଇ କହିବୁ ।
ତମେ	ତମେ ନିଜେ ତାଙ୍କୁ ସେ କଥା ବୁଝେଇ କହିବ ।
ଆପଣ	ଆପଣ ନିଜେ ତାଙ୍କୁ ସେ କଥା ବୁଝେଇ କହିବେ ।
ସେ *fam.*	ସେ ନିଜେ ତାଙ୍କୁ ସେ କଥା ବୁଝେଇ କହିବ ।

Digitized by srujanika@gmail.com

ସେ *hon.*	ସେ ନିଜେ ତାଙ୍କୁ ସେ କଥା ବୁଝେଇ କହିବେ ।
ସେମାନେ	ସେମାନେ ନିଜେ ତାଙ୍କୁ ସେ କଥା ବୁଝେଇ କହିବେ ।

(i) ମୁଁ ତାକୁ କିଛି ଜଣେଇନି ।

ଆମେ *excl*	ଆମେ ତାକୁ କିଛି ଜଣେଇନୁ ।
ତୁ	ତୁ ତାକୁ କିଛି ଜଣେଇନୁ ।
ତମେ	ତମେ ତାକୁ କିଛି ଜଣେଇନ ।
ଆପଣ	ଆପଣ ତାକୁ କିଛି ଜଣେଇ ନାହାଁନ୍ତି ।
ସେ *hon*	ସେ ତାକୁ କିଛି ଜଣେଇନି ।
ସେ *fam*	ସେ ତାକୁ କିଛି ଜଣେଇ ନାହାଁନ୍ତି ।
ସେମାନେ	ସେମାନେ ତାକୁ କିଛି ଜଣେଇ ନାହାଁନ୍ତି ।
ଆମେ *incl*	ଆମେ ତାକୁ କିଛି ଜଣେଇନେ ।

(j) ତୁ ତାକୁ ଜଣେଇ ଦବୁ ।

ତମେ	ତମେ ତାକୁ ଜଣେଇ ଦବ ।
ଆପଣ	ଆପଣ ତାକୁ ଜଣେଇ ଦେବେ ।
ମୁଁ	ମୁଁ ତାକୁ ଜଣେଇ ଦେବି ।
ଆମେ *excl*	ଆମେ ତାକୁ ଜଣେଇ ଦବୁ ।
ଆମେ *incl*	ଆମେ ତାକୁ ଜଣେଇ ଦବା ।
ସେ *fam*	ସେ ତାକୁ ଜଣେଇ ଦେବ ।
ସେ *hon*	ସେ ତାକୁ ଜଣେଇ ଦେବେ ।
ସେମାନେ	ସେମାନେ ତାକୁ ଜଣେଇ ଦେବେ ।

IV. Transformation drill

1. Transformation into negative—

(a) ମୁଁ ତମକୁ ଡକେଇଥିଲି ।
ମୁଁ ତମକୁ ଡକେଇ ନଥିଲି ।

(b) ତମେ ତାଙ୍କୁ ଗପ ଶୁଣେଇ ଥିବ ।
ତମେ ତାଙ୍କୁ ଗପ ଶୁଣେଇ ନଥିବ ।

(c) ତୁ ତାଙ୍କୁ ଡକା ।
ତୁ ତାଙ୍କୁ ଡକାନି ।

Digitized by srujanika@gmail.com

(d) ଆପଣ ତାକୁ ଡକେଇ ପଠେଇଛନ୍ତି ।
ଆପଣ ତାକୁ ଡକେଇ ପଠେଇ ନାହାଁନ୍ତି ।

(e) ସେ ତମକୁ ଡକେଇବ ।
ସେ ତମକୁ ଡକେଇବନି ।

2. Transformation into causative—

(a) ତୁ ତାକୁ ଡାକୁଛୁ ?
ତୁ ତାକୁ ଡକଉଛୁ ?

(b) ତମେ ଭାତ ଖାଉଥିଲ ।
ତମେ ଭାତ ଖୁଆଉଥିଲ ।

(c) ସେ ଆଜି ନାଚିବ ।
ସେ ଆଜି ନଚେଇବ ।

(d) ଆପଣ ସିନେମା ଦେଖିଥିବେ ।
ଆପଣ ସିନେମା ଦେଖେଇଥିବେ ।

(e) ସେମାନେ ଚୋର ଧରିଛନ୍ତି ।
ସେମାନେ ଚୋର ଧରେଇଛନ୍ତି ।

(f) ଆମେ ଗପ କହିଲୁ ।
ଆମେ ଗପ କୁହେଇଲୁ ।

(g) ରାମ ବାହାରୁ ବହିସବୁ ଘରକୁ ଆଣ୍ ।
ରାମ ବାହାରୁ ବହିସବୁ ଘରକୁ ଅଣା ।

V. Response drill

(a) ରଞ୍ଜୁକୁ ଏଠିକି କିଏ ଡକେଇଛି ?
ରଞ୍ଜୁକୁ ଏଠିକି ମୁଁ ଡକେଇଛି ।

(b) ଏ କଥା ତମକୁ କିଏ ଜଣେଇଲା ?
ଏ କଥା ମତେ ରମାନାଥବାବୁ ଜଣେଇଲେ ।

(c) ତମେ ଗାଁରୁ କେବେ ଆସିବ ?
ମୁଁ ଗାଁରୁ ଦି ଚାରି ଦିନ ଛାଡ଼ି ଆସିବି ।

(d) ତାକୁ ମୁଁ କ'ଣ ଜଣେଇବି ?
ତାକୁ ମୁଁ ତମେ କହିବା କଥା ଜଣେଇବି ।

Digitized by srujanika@gmail.com

(e) ତମେ ଏ ଫାଇଲ କେତେବେଳେ ଦେଖେଇବ ?
ମୁଁ ଫାଇଲ ବର୍ତ୍ତମାନ ଦେଖେଇବି ।

Exercises

1. Substitute the underlined words with appropriate words from inside the brackets :

(ହସେଇନି, କୁହଉଛି, ଦେଖେଇଲନି, ଅଣେଇ, ଶୁଣେଇବି)

(a) ହୀରକୁଦ ଯିବାକୁ ତାଙ୍କୁ ଡକେଇଥିଲି ।
(b) ତମକୁ ଏ ଖବର ମୁଁ ପରେ ଜଣେଇବି ।
(c) ବାବୁଙ୍କୁ ଏ କଥା ମୁଁ ସାଙ୍ଗେ ସାଙ୍ଗେ ଜଣଉଛି ।
(d) ମୁଁ ତ ତମକୁ ଡକେଇନି ।
(e) ସେ ତାକୁ କାମ କରେଇଲନି ।

2. Fill up the blanks with appropriate words from inside the brackets :

(ସାଙ୍ଗେ ସାଙ୍ଗେ, ଜରୁରୀ, ସକାଳ, ସାଙ୍ଗରେ, ନିଜେ, ଗ୍ୱରି ଛଅଦିନ ଛାଡ଼ି, ଦି ଗ୍ୱରିଘଣ୍ଟା, ସାଙ୍ଗେ ସାଙ୍ଗେ, ଦୂରରେ, ଛାଡ଼ି)

(a) ତାଙ୍କୁ ମୋର ଆଜି...................... ଦରକାର ।
(b) ସେ......... .... ବସ୍‌ରେ ଗଉରକେଲ ଯାଆନ୍ତି ।
(c) ସେ ତ ଏଇ....................ବସ୍ ଷ୍ଟାଣ୍ଡକୁ ଯାଉଥିଲେ ।
(d) ତମେ ତାକୁ.......... ....ନେଇ ଅଫିସ୍ ଯାଅ ।
(e) ତୁମକୁ ପର ମୁଁ...................... ଛାଡ଼ି ଆସିବାକୁ କହିଥିଲି ?
(f) ରମାନାଥବାବୁଙ୍କୁ ଟିକେ ଷ୍ଟେସନରେ...................... ଆସ ।
(g) ତଳେ ଘରକୁ ଯିବା.... .... ଏ ଖବର ବି ବାପାଙ୍କୁ ଜଣେଇବ ।
(h) ମୁଁ.......................କଲିକତା ଯିବି ।
(i) ଆମ ଗାଁଠୁ ଦି କିଲୋମିଟର......................ଆମ ବ୍ରାଞ୍ଚ ଅଫିସ୍ ।
(j) ତୁ...................... ତୋ କଥା ଜଣେଇବା ଉଚିତ ।

Digitized by srujanika@gmail.com

3. Make two sentences with two different meanings from each of the following words :

ଛୁଟି, ସାଙ୍ଗେ ସାଙ୍ଗେ, ଛାଡ଼ି, କଥା, କିଛି

4. Transform the following sentences into causative :

(a) ତମେ ତାକୁ ଡାକୁଛ ।
(b) ସେ ଚୋର ଧରିଛି ।
(c) ତୁ ଘରକୁ ଜିନିଷପତ୍ର ଆଣ୍ ।
(d) ସେମାନେ କାହାକୁ ଦେଖୁଥିଲେ ?
(e) ସେ ଗପ ଶୁଣୁଥିବେ ।

5. Answer the following :

(a) ଆପଣ ଲଇବ୍ରେରୀ ବହି କେବେ ଫେରେଇବେ ?
(b) ସେ କେତେବେଳେ ଖାତା ଦେଖେଇବେ ?
(c) ଆପଣ ପ୍ରିନ୍‌ସିପାଲଙ୍କୁ ଏ ଖବର କେତେବେଳେ ଜଣେଇବେ ?
(d) ଅଫିସର କାହାକୁ ଡକେଇଥିଲେ ?
(e) ନରି ସାନବାବୁଙ୍କୁ କି ଖବର ଜଣେଇବ ?

Grammatical Note

1. The use of past perfect, present imperfect, future perfect and negative of causative compound verbs may be noted.

2. The word ସାଙ୍ଗେ ସାଙ୍ଗେ has two usages. It connotes 'immediately' as well as 'along with'.

ସେ ସାଙ୍ଗେ ସାଙ୍ଗେ ଘରକୁ ଗଲା । (immediately, or little while ago)
ତୁ ତା ସାଙ୍ଗେ ସାଙ୍ଗେ ଯା । (along with)

3. Causative Past Perfect :

ସେ ତାକୁ ସିନେମା ଦେଖେଇ ଥିଲେ । He has shown him the picture.

Digitized by srujanika@gmail.com

ସେ ତାକୁ ସିନେମା ଦେଖେଇ ନଥିଲେ । (neg.) — He hadn't taken him to the picture.

Causative present imperfect :

ମୁଁ ତାଙ୍କୁ ସାଙ୍ଗେ ସାଙ୍ଗେ ଡକଉଛି । — I am sending for him immediately.

ମୁଁ ଏ ବହି ତମ ପାଖକୁ ପଠଉନି । (neg.) — I am not sending this book to you.

Causative future perfect :

ତମେ ଏ ବହି ଲଇବ୍ରେରୀରେ ଫେରେଇଥିବ । — You would have returned this book in the library.

ତମେ ଏ ବହି ଲଇବ୍ରେରୀରେ ଫେରେଇ ନ ଥିବ । (neg.) — You would not have returned this book in the library.

Cultural Note

1. ହୀରାକୁଦ is 16 kms. from Sambalpur. Hirakud Dam on the river Mahanadi is one of the longest dams in the world.

2. The head of the family is usually addressed ବାବୁ by the servants, and the sons of the family are called ବଡ ବାବୁ, ମଝିଆ ବାବୁ, ସାନ ବାବୁ according to their age or by prefixing their names to ବାବୁ.

Digitized by srujanika@gmail.com

UNIT II

LESSON 32

Test Lesson

Exercises

1. Substitute the underlined words selecting the appropriate words from the brackets :

(i) (ଯାଇଥିବ, ନଥିଲ, ଥାଅ, ରହନ୍ତି, ନେଇଯା, ପଢ଼, ଆସନା, ଦେଖାନ୍ତୁ, ଥିଲ, ଦେନା, ଅଣା, କରନ୍ତୁନି, ଲେଖୁ ଲେଖୁ, ଉଠେଇଥିଲ, ଦେଖୁ ଦେଖୁ, ଦଉଡ଼ି ଦଉଡ଼ି, ମଗେଇନେବ, ମଗେଇଛି, ଧମକେଇଲେ, ଅଣେଇଥିବ)

(a) ତମେ କୋଉଠି ରୁହ ?

(b) ତାଙ୍କ ଦୋକାନରେ ବେଶୀ ଜିନିଷ ନଥାଏ ।

(c) ସେ ବୋଧେ ବାହାରକୁ ବୁଲିବାକୁ ଯାଇଥିଲୁ ।

(d) ତାଙ୍କର ମନ ଦୁଃଖ ହେଇ ନଥିବ ।

(e) କଲିକତା ଲୋକେ ସୁଖରେ ଥାଆନ୍ତି ।

(f) ମତେ ଆପଣଙ୍କ ରୁମାଲଟା ଦିଅନ୍ତୁ ।

(g) ତୁ ଏ ଟଙ୍କା ରଖିଥା ।

(h) କ୍ଲାସରେ ଠିକ୍ ଭାବରେ ବସ ।

(i) ତମେ ଆଜି କଟକ ଯାଅନି ।

(j) ଆପଣ ସେପରି କାମ କରନ୍ତୁନି ।

(k) ସେ ଛବିଟା ତାକୁ ଦେଖା ।

(l) ତୁ ମୋ ପାଇଁ ବହି ଆଣ୍ ।

(m) ମୁଁ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ଅଣେଇଛି ।

(n) ମୋ ପାଇଁ ମେଖଳା ଚାଦର ମଗେଇଥିବ ।

(o) ଆପଣ କାହିଁକି ତାକୁ ଏମିତି ଦଉଡେଇଲେ ?

(p) ମୋଠାରୁ ଏ ପ୍ରଶ୍ନର ଉତ୍ତର ଲେଖେଇନେବ ।

(q) ତମେ କାହାକୁ ଡାକେଇଥିଲ ?

(r) ଚାହୁଁ ଚାହୁଁ ଚଢେଇଟାକୁ ସେ ଉଡେଇଦେଲେ ।

Digitized by srujanika@gmail.com

(s) ମୁଁ ହଷ୍ଟେଲରୁ ଚାଲି ଚାଲି ଆସିଲି ।

(t) ସେ ପଢ଼ୁ ପଢ଼ୁ ଶୋଇ ପଡ଼ିଛି ।

(ii) (ବ୍ୟସ୍ତ, ଉଚ୍ଛନ୍ନ, ଆସ୍ତେ ଆସ୍ତେ, ପରେ, ସାନ, ମୋଟେ, ବିଷୟ, କଡ଼ା, ମଝିରେ, କି କି, ଏଆଡ଼କୁ, ଇଂରାଜୀ, ଆଦୌ, ଆଚ୍ଛା, ବ୍ୟତୀତ)

(a) ସେ ମୋ ତଳ ଭାଇ ।

(b) ତୁମେ ଜମା ଭଲ ଲୋକ ନୁହଁ ।

(c) ସେ କଥା ମୁଁ ଅଫିସରୁ ଶୁଣିଥିଲି ।

(d) ତୁମ ଛଡ଼ା ଆଉ କିଏ ଏ କାମ କରିଥିବ ?

(e) ସେ ଦେଶୀ ଚା ଖାଏନା ।

(f) ତମେ କଣ ସାଦା ପାନ ଖାଅ ।

(g) ଏ ଦୋକାନରେ କ'ଣ କ'ଣ ବହି ଅଛି ?

(h) ତୁ ଘର ଭିତରେ ବସ୍ ।

(i) ମୁଁ ପ୍ରତିଦିନ ଓଡ଼ିଆ ଖବରକାଗଜ ପଢ଼େ ।

(j) ତମେ ଏଣିକି ଚାହଁ ।

(k) ତମେ ତ ଭଲ କଥା କହୁଛ ?

(l) ତୁ ଏମିତି ତରତର କାହିଁକି ହେଉଛୁ ?

(m) ଧୀରେ ଧୀରେ ସେ ପଢ଼ି ଶିଖିଲା ।

(n) ସେ ଏତେ ଅଧୀର ହେଉଛି କାହିଁକି ?

(o) ସେ ଦି ଦିନ ଛାଡ଼ି ଆସୁ ।

2. Substitute the underlined words with the given words and make corresponding changes in the sentences :

(a) ସେ କଲିକତାରେ ଥାନ୍ତି । (ଥାଉ)

(b) ତୁ ତ ସେତେବେଳେ ଘରେ ନଥିବୁ । (ଥିବ)

(c) ଆପଣ କ'ଣ ପଢ଼ିବାକୁ ଆସିଥିଲେ ? (ଆସିଥିଲୁ)

(d) ତୁ ମାଛ ଖା । (ଖାଆନ୍ତୁ)

(e) ସେ ଘରକୁ ଯାଉ । (ଯାଉଥାନ୍ତୁ)

Digitized by srujanika@gmail.com

(f) ତମେ ନିଶ୍ଚୟ ଏ କାମ କରେଇଥିବ । (କରେଇଥା)
(g) ସେମାନେ ବହୁତ ମାଛ ଖୁଏଇଲେ । (ଖୁଏଇଲି)
(h) ଆପଣ ଏ ବହିଗୁଡ଼ା ଅଣାନ୍ତୁନି । (ଅଣାଅନା)
(i) ଆମେ ଘରେ ରହିଛେ । (ରହୁଛି)
(j) ମୁଁ ତାକୁ ଡକେଇଛି । (ଡକେଇଛୁ)

3. Fill up the blanks choosing the most appropriate words from the brackets :

(a) ଅବିନାଶବାବୁ...................... ବର୍ତ୍ତମାନ ଯିବେ ? (ବୋଧେ, ହୁଏତ)
(b) କାଲି ମିନାକ୍ଷୀର...................... ହେଉଛି । (ବାହାଘର, ବ୍ରତଘର)
(c) ତମ ନ ଯିବା......................ମୁଁ ଜାଣିବି କେମିତି ? (ଗପ, କଥା)
(d) ତା......................କିଏ ଏ କାମ କରେଇଥିବ ? (ଛାଡ଼ି, ଛଡ଼ା)
(e) ମତେ................ ଭଲ ଲାଗେନି । (କଳିକଳିଆ, ଭଲକଥା)
(f) ଏ ଘରେ................ଲୋକ ନାହାଁନ୍ତି । (କେହି, କିଏ)
(g) ....କହନ୍ତି ସେମାନେ ପଢ଼ିବାକୁ ଭଲ ପାଆନ୍ତି । (କେହି କେହି, କେଉଁ)
(h) କୋବି......................କେତେଟା ? (ଟଙ୍କାକର, ଟଙ୍କାରେ)
(i) ପଣସ...................... କେତେ ଦାମ୍ ? (ଗୋଟାକୁ, ଟଙ୍କାକୁ)
(j) ସେ ରେଷ୍ଟୋରାଁ ଦୁଆର .... ବସିଛି । (ମୁହଁରେ, ଭିତରୁ)
(k) ସେ କଣ...................... ଯିବ ? (ଏକୁଟିଆ, ସହିତ)
(l) ସେମାନେ...................... ଆସି ପହଞ୍ଚିଥିଲେ । (ସହିତ, ସାଙ୍ଗେ ସାଙ୍ଗେ)
(m) ....ତମର ମଜୁରୀ କେତେ ? (ଦିନକୁ, ଦିନପାଇଁ)
(n) ତମେ......................ଆମ ଘରକୁ ଆସିବ । (ବେଶୀ, ନିଶ୍ଚୟ)
(o) ....ପରିବା ସବୁ ବାଛି ଆଣିବ । (ଭଲ ଭଲ, ଠିକ୍ ଠିକ୍)

4. Transform the following sentences according to the instruction given :

(a) ଜିତେନ୍ଦ୍ର ସିନେମା ଦେଖିବାକୁ ଭଲପାଏ । negative
(b) ସେ ବାଣୀବିହାରରେ ଏକ ସିନେମା ହଲ ତିଆରି କରଉଛନ୍ତି । negative
(c) ଆପଣ ଶୀଘ୍ର ଏଠୁ ଯାଆନ୍ତୁ । negative
(d) ତମେ ସବୁଦିନେ କାମ କରଉଥାଅ । negative

Digitized by srujanika@gmail.com

(e) ସୁପରିଟେଣ୍ଡେଣ୍ଟ ଫାଇଲ ସବୁ ରଖିଲେ । causative

(f) ତୁ ସାଙ୍ଗେ ସାଙ୍ଗେ ଭାତ ଖା । causative-imperative

(g) ତମେ କି କାମ କର ? causative

(h) ଭାଷାକେନ୍ଦ୍ରରେ ଭାଷା ଶିଖା ହେଉଛି । combine using ନା
ଭାଷାକେନ୍ଦ୍ରରେ ଭାଷା ଗବେଷଣା ହେଉଛି ।

(i) ସେ କଲେଜରେ ପାଠ ପଢନ୍ତି । combine using ବି
ସେ ଅଫିସରେ ଚାକିରୀ କରନ୍ତି ।

(j) ଆପଣ କଣ ଭାତ ଖାଇଲେ ? combine using ବି
ଆପଣ ଜଳଖିଆ ଖାଇଲେ ?

(k) ଆପଣ ସିନେମା ଦେଖନ୍ତିନି ? use ନା କ'ଣ

(l) ତମେ ବଜାରକୁ ଯାଅ । combine using ନ ହେଲେ
ତମେ ଘରେ ବସି ପଢ଼ ।

(m) ତମେ ବର୍ତ୍ତମାନ ବସ୍ ଷ୍ଟାଣ୍ଡକୁ ଯିବ । explanatory-interrogative

(n) ରମବାବୁ ଭାତ ଖାଉଛନ୍ତି । 'yes-no' type-interrogative

(o) ତୁ ଆଜି ରାତି ବସରେ ରାଉରକେଲା ଯିବୁ । past form imperative

5. Write the opposites of the following words :

ଦିନ, ବଡ, ଶୁଭ, ଠିକ୍, ଧୀରେ ଧୀରେ, ନୂଆ, ଭଲ, ମିଠା, ଆମିଷ, ପାଚିଲା, ଶସ୍ତା, ସାଦା, ସୁବିଧା, ବେଶ

6. Make sentences using the following words :

ଚାହିଁ ଚାହିଁ, ବସି ବସି, ହସି ହସି, ଦେଖୁ ଦେଖୁ, ବୁଲୁ ବୁଲୁ, ଆସୁ ଆସୁ,

7. Write ten words like ଲୁଗାପଟା.

8. Do you know the different uses of the following words ? Use each in a sentence.

ଜମା, ସାଦା, ଭରି, ବର, ଟିକେ, ନା,

9. Write in Oriya five sentences about Lord Jagannath.

10. Compose a passage in ten sentences about a picnic you have attended.

Digitized by srujanika@gmail.com

UNIT III

LESSON 33

Puja Holidays

ପୂଜା ଛୁଟି

ସୁଜାତା   ଏ ବର୍ଷ ପୂଜାଛୁଟିରେ ଦଶହରା ଦେଖିବାକୁ ମୁଁ କଲିକତା ଯାଇପାରେ ।

Sujata : I may go to Calcutta this year during the Puja vacation to see Dussera.

ମଞ୍ଜୁ : କଣ ଏଲ୍. ଟି. ସି. ନେଇ ଯିବ ?

Manju : Are you going on L.T.C. ?

ସୁଜାତା : ହଁ ଭାବୁଛି, ଏଲ୍.ଟି.ସି. ନେଇ ଯିବି । ତମେ କଣ ଛୁଟିରେ କୁଆଡ଼େ ଯିବନି ?

Sujata : Yes, I think, I may have L.T.C. Are you not going anywhere in the vacation ?

ମଞ୍ଜୁ : ନା, ମୁଁ ଏଥର ପୂଜା ଛୁଟିରେ ବାହାରକୁ ଯାଇ ପାରିବିନି ।

Manju : No, I cannot go out this year during the Puja vacation.

ସୁଜାତା : କାହିଁକି ଯାଇପାରିବନି ?

Sujata : Why can't you go ?

ମଞ୍ଜୁ : ମୁଁ ମୋ ଶାଶୁଘର ଗାଁକୁ ଯିବି । ଜମିବାଡ଼ି କଥା କିଛି ବୁଝାବୁଝି କରିବାକୁ ଅଛି । ଆଚ୍ଛା, ତମେ କଣ କଲିକତା ଏକା ଯାଇପାର ?

Manju : I will go to my mother-in-law's village. I will have to sort out some matters relating to land. Well, can you go to Calcutta alone ?

ସୁଜାତା : ହଁ, ମୁଁ ଏକାଟିଆ ଯାଇପାରେ । ଏଥର କିନ୍ତୁ ଶାଶୂ, ଶଶୁର ମୋ ସାଙ୍ଗରେ ଯିବେ । ଇଏ ବି ଯାଇ ପାରନ୍ତି । ଆଚ୍ଛା, ତମେ ମୋ ପାଇଁ ଗୋଟିଏ କାମ କରି ପାରିବ ?

Sujata : Yes, I can go alone. But this time my mother-in-law and father-in-law are accompanying me. My husband may also come with me. Well, can you do one thing for me ?

Digitized by srujanika@gmail.com

ମଞ୍ଜୁ : କ'ଣ ? କି କାମ ?

Manju : Yes, what's it ?

ସୁଜାତା : ଗଲାବେଳେ ମୋର କିଛି ଜିନିଷ ମୁଁ ବନ୍ଧାବନ୍ଧି କରି ତମ ଘରେ ରଖିଯାଇ ପାରେ । କାଳେ ତମର କିଛି ଅସୁବିଧା ହୋଇପାରେ, ସେଥିପାଇଁ ପଚାରୁଥିଲି ।

Sujata : When I go, I may keep some of my luggages at your place ? I am asking lest you may have some difficulties.

ମଞ୍ଜୁ : ଆରେ ନା'ମ, ମୋର ଅସୁବିଧା କାହିଁକି ହେବ ? ଆମ ଘରେ ଯଥେଷ୍ଟ ଜାଗା ଅଛି । ତମେ ବିନା ଚିନ୍ତାରେ ରଖିଯାଇ ପାର ।

Manju : Oh, no, why it should be ? There is enough space in our house. Please keep your things without any hesitation.

ସୁଜାତା : ତାହେଲେ, ରଖିଲାବେଳେ ମୁଁ ଖବର ଦେବି ।

Sujata : O. K. I will let you know when I want to keep.

Variation

A : ଏଥର ଶୀତ ଛୁଟିରେ କୁଆଡ଼େ ଯିବାକୁ ଭାବୁଛୁ ?

A : Where are you thinking of going during the winter holidays this time ?

B : ମୁଁ ମହୀଶୂର ଯାଇପାରେ । ତୁ ଚାଲ, ମୋ ସାଙ୍ଗରେ ଯିବୁ ।

B : I may go to Mysore. Come on, come along with me.

A : ନାରେ, ମୋର ବହୁତ କାମ କରିବାକୁ ଅଛି ।

A : No, sorry, I have a lot of work to do.

B : କି କାମ ମ ?

B : What's that ?

A : ଏମ. ଏ. ପରୀକ୍ଷା ପାଇଁ ପଢ଼ାପଢ଼ି କରିବାକୁ ଅଛି । ପୁଣି ସେତେବେଳେ କିଛି ଲେଖାଲେଖି ବି କରି ପାରିବି ।

A : I have to prepare for my M.A. examination. Then I may devote sometime to writing at that time.

B : ଆରେ, ତୁ ଗପ କବିତା ଲେଖିପାରୁ ?

B : Oh, dear, do you write stories and poems ?

A : ହଁ, କିଛି କିଛି ଲେଖିପାରେ ।

A : Yes, to some extent.

Digitized by srujanika@gmail.com

Vocabulary

ଇଏ he (husband)
ଏକା, ଏକାଟିଆ alone
ଏଥର this time
ଏଲ୍· ଟି· ସି· Leave Travel Concession
କବିତା poem
କାଳେ in case
କିଛି କିଛି few, some
ଗପ story
ଗଲାବେଳେ while (I) will go
ଜମିବାଡ଼ି landed property
ଜାଗା space
ଦଶର (ଦଶହର) (a festival for Goddess Durga)
ପଢ଼ାପଢ଼ି to read, to study

ପୂଜାଛୁଟି Puja vacation
ବନ୍ଧାବନ୍ଧି arranging
ବାହାରକୁ to go out
ବିନା ଚିନ୍ତାରେ without hesitation
ଯଥେଷ୍ଟ enough
ଯାଇପାରେ (I) may go
ଯାଇପାରନ୍ତି (he) may go
ଯାଇ ପାରିବିନି (I) cannot go
ରଖିଲାବେଳେ while (I) will keep
ଶ୍ୱଶୁର father-in-law
ଶାଶୂ mother-in-law
ଶାଶୁଘର ଗାଁ mother-in-law's village
ଶୀତ ଛୁଟି winter holiday
ଲେଖାଲେଖି to write

Drills

I. Build up drill

ଯାଇପାରେ ।
କଲିକତା ଯାଇପାରେ ।
ମୁଁ କଲିକତା ଯାଇପାରେ ।
ଦଶହର ଦେଖିବାକୁ ଯାଇପାରେ ।
ଦଶହର ଦେଖିବାକୁ କଲିକତା ଯାଇପାରେ ।
ପୂଜା ଛୁଟିରେ ଯାଇପାରେ ।
ପୂଜା ଛୁଟିରେ କଲିକତା ଯାଇପାରେ ।
ପୂଜା ଛୁଟିରେ ମୁଁ ଯାଇପାରେ ।
ପୂଜା ଛୁଟିରେ ଦଶହର ଦେଖିବାକୁ ମୁଁ କଲିକତା ଯାଇପାରେ ।
ଏବର୍ଷ ଦଶହର ଦେଖିବାକୁ ମୁଁ କଲିକତା ଯାଇପାରେ ।
ଏବର୍ଷ ପୂଜା ଛୁଟିରେ ଦଶହର ଦେଖିବାକୁ ମୁଁ କଲିକତା ଯାଇପାରେ ।

ଯିବ ?
ଏଲ. ଟି. ସି. ନେଇଯିବ ?
କଣ ଏଲ. ଟି. ସି. ନେଇଯିବ ?

ଯିବି ।
ଏଲ. ଟି. ସି. ନେଇ ଯିବି ।
ଭବୁଛି ଏଲ. ଟି. ସି. ନେଇ ଯିବି ।
ହଁ ଭବୁଛି, ଏଲ. ଟି. ସି. ନେଇ ଯିବି ।

ଯିବନି ?
କୁଆଡ଼େ ଯିବନି ?
ଛୁଟିରେ କୁଆଡ଼େ ଯିବନି ?
କଣ ଛୁଟିରେ କୁଆଡ଼େ ଯିବନି ?
ତମେ କଣ ଛୁଟିରେ କୁଆଡ଼େ ଯିବନି ?

Digitized by srujanika@gmail.com

ଯାଇ ପାରିବିନି ।
ବାହାରକୁ ଯାଇ ପାରିବିନି ।
ପୂଜା ଛୁଟିରେ ଯାଇପାରିବିନି ।
ପୂଜା ଛୁଟିରେ ବାହାରକୁ ଯାଇ ପାରିବିନି ।
ଏଥର ପୂଜା ଛୁଟିରେ ବାହାରକୁ ଯାଇପାରିବିନି ।
ନା, ମୁଁ ଏଥର ପୂଜାଛୁଟିରେ ବାହାରକୁ ଯାଇ ପାରିବିନି ।

ଯାଇପାରିବନି ?
କାହିଁକି ଯାଇପାରିବନି ?

ଯିବି ।
ଗାଁକୁ ଯିବି ।
ଶାଶୁଘର ଗାଁକୁ ଯିବି ।
ମୋ ଶାଶୁଘର ଗାଁକୁ ଯିବି ।
ମୁଁ ମୋ ଶାଶୁଘର ଗାଁକୁ ଯିବି ।

ଅଛି ।
ବୁଝାବୁଝି କରିବାକୁ ଅଛି ।
କିଛି ବୁଝାବୁଝି କରିବାକୁ ଅଛି ।
ଜମିବାଡ଼ି କଥା କିଛି ବୁଝାବୁଝି କରିବାକୁ ଅଛି ।

ଯାଇପାର ?
ଏକା ଯାଇପାର ?
କଲିକତା ଯାଇପାର ।
କଲିକତା ଏକା ଯାଇ ପାର ?
ତମେ ଏକା ଯାଇପାର ?
ତମେ କଣ କଲିକତା ଏକା ଯାଇପାର ?
ଆଛା, ତମେ କଣ କଲିକତା ଏକା ଯାଇପାର ?

ଯାଇପାରେ ।
ଏକାଟିଆ ଯାଇପାରେ ।
ହଁ, ମୁଁ ଏକାଟିଆ ଯାଇପାରେ ।

ଯିବେ ।
ସାଙ୍ଗରେ ଯିବେ ।
ମୋ ସାଙ୍ଗରେ ଯିବେ ।
ଶଶୁର ଯିବେ ।
ଶାଶୁ ଯିବେ ।
ଶାଶୁ ଶଶୁର ଯିବେ ।
ଶାଶୁ ଶଶୁର ମୋ ସାଙ୍ଗରେ ଯିବେ ।
ଏଥର କିନ୍ତୁ ଶାଶୁ ଶଶୁର ମୋ ସାଙ୍ଗରେ ଯିବେ ।

ଯାଇପାରନ୍ତି ।
ଇଏ ଯାଇ ପାରନ୍ତି ।
ଇଏ ବି ଯାଇପାରନ୍ତି ।

କରି ପାରିବ ?
କାମ କରିପାରିବ ?
ଗୋଟିଏ କାମ କରିପାରିବ ?
ମୋ ପାଇଁ ଗୋଟାଏ କାମ କରିପାରିବ ?
ଆଛା, ତମେ ମୋ ପାଇଁ ଗୋଟାଏ କାମ କରିପାରିବ ?

ରଖିଯାଇପାରେ ।
ତମ ଘରେ ରଖିଯାଇପାରେ ।
ବନ୍ଧାବନ୍ଧି କରି ରଖିଯାଇପାରେ ।
ବନ୍ଧାବନ୍ଧି କରି ତମ ଘରେ ରଖିଯାଇପାରେ ।
ମୁଁ ବନ୍ଧାବନ୍ଧି କରି ତମ ଘରେ ରଖିଯାଇପାରେ ।
କିଛି ଜିନିଷ ବନ୍ଧାବନ୍ଧି କରି ତମ ଘରେ ରଖି ଯାଇପାରେ ।
ମୋର କିଛି ଜିନିଷ ବନ୍ଧାବନ୍ଧି କରି ତମ ଘରେ ରଖିଯାଇ ପାରେ ।
ଗଲବେଳେ ରଖିଯାଇପାରେ ।
ଗଲବେଳେ ତମଘରେ ରଖିଯାଇପାରେ ।
ଗଲବେଳେ ମୋର କିଛି ଜିନିଷ ମୁଁ ବନ୍ଧାବନ୍ଧି କରି ତମ ଘରେ ରଖିଯାଇପାରେ ।

Digitized by srujanika@gmail.com

ପଗ୍ଭୁଥିଲି ।
ସେଥିପାଇଁ ପଗ୍ଭୁଥିଲି ।
ଅସୁବିଧା ହୋଇପାରେ, ସେଥିପାଇଁ ପଗ୍ଭୁଥିଲି ।
କିଛି ଅସୁବିଧା ହୋଇପାରେ, ସେଥିପାଇଁ ପଗ୍ଭୁଥିଲି ।
କାଳେ କିଛି ଅସୁବିଧା ହୋଇପାରେ ସେଥିପାଇଁ ପଗ୍ଭୁଥିଲି ।
କାଳେ କିଛି ହୋଇପାରେ, ସେଥିପାଇଁ ପଗ୍ଭୁଥିଲି ।
କାଳେ ଅସୁବିଧା ହୋଇପାରେ, ସେଥିପାଇଁ ପଗ୍ଭୁଥିଲି ।
କାଳେ ତମର କିଛି ଅସୁବିଧା ହୋଇପାରେ, ସେଥିପାଇଁ ପଗ୍ଭୁଥିଲି ।

ଅଛି ।
ଜାଗା ଅଛି ।
ଯଥେଷ୍ଟ ଜାଗା ଅଛି ।
ଆମଘରେ ଯଥେଷ୍ଟ ଜାଗା ଅଛି ।
ଆମଘରେ ତ ଯଥେଷ୍ଟ ଜାଗା ଅଛି ।

ରଖିଯାଇ ପାର ।
ବିନା ଚିନ୍ତାରେ ରଖିଯାଇପାର ।
ତମେ ରଖିଯାଇପାର ।
ତମେ ବିନା ଚିନ୍ତାରେ ରଖିଯାଇପାର ।

ହେବ ?
କାହିଁକି ହେବ ?
ଅସୁବିଧା ହେବ ?
ଅସୁବିଧା କାହିଁକି ହେବ ?
ମୋର ଅସୁବିଧା କାହିଁକି ହେବ ?
ଆରେ ନା ମ, ମୋର ଅସୁବିଧା କାହିଁକି ହେବ ?

ଦେବି ।
ଖବର ଦେବି ।
ମୁଁ ଖବର ଦେବି ।
ରଖିଲବେଳେ ମୁଁ ଖବର ଦେବି ।
ତାହେଲେ, ମୁଁ ଖବର ଦେବି ।
ତାହେଲେ, ରଖିଲବେଳେ ମୁଁ ଖବର ଦେବି ।

II. Substitution drill

(a) ଏ ବର୍ଷ ପୂଜାଛୁଟିରେ ଦଶରା ଦେଖିବାକୁ କଲିକତା ଯାଇପାରେ ।

ଶୀତଛୁଟିରେ/ବଡ଼ଦିନଛୁଟିରେ	ଏବର୍ଷ ଶୀତଛୁଟିରେ/ବଡ଼ଦିନଛୁଟିରେ ଦଶରା ଦେଖିବାକୁ କଲିକତା ଯାଇପାରେ ।
ଖରାଛୁଟିରେ/ଗ୍ରୀଷ୍ମଛୁଟିରେ	ଏବର୍ଷ ଖରାଛୁଟିରେ/ଗ୍ରୀଷ୍ମଛୁଟିରେ ଦଶରା ଦେଖିବାକୁ କଲିକତା ଯାଇପାରେ ।
ଏଥର	ଏଥର ପୂଜାଛୁଟିରେ ଦଶରା ଦେଖିବାକୁ କଲିକତା ଯାଇପାରେ ।

Digitized by srujanika@gmail.com

ଆସିପାରେ	ଏବର୍ଷ ପୂଜାଛୁଟିରେ ଦଶହ ଦେଖିବାକୁ କଲିକତା ଆସିପାରେ ।
ପହଁଞ୍ଚିପାରେ	ଏବର୍ଷ ପୂଜାଛୁଟିରେ ଦଶହ ଦେଖିବାକୁ କଲିକତା ପହଞ୍ଚିପାରେ ।

(b) ତମେ କଣ ଛୁଟିରେ କୁଆଡ଼େ ଯିବନି ?

କୋଉଠିକି	ତମେ କଣ ଛୁଟିରେ କୋଉଠିକି ଯିବନି ?
କୋଉଠିକୁ	ତମେ କଣ ଛୁଟିରେ କୋଉଠିକୁ ଯିବନି ?
କୋଉ ଜାଗାକୁ	ତମେ କଣ ଛୁଟିରେ କୋଉ ଜାଗାକୁ ଯିବନି ?
କୁଆଡ଼େ/କୁଆଡ଼ିକି	ତମେ କଣ ଛୁଟିରେ କୁଆଡ଼କୁ/କୁଆଡ଼ିକି ଯିବନି ?

(c) ନା, ମୁଁ ଏଥର ପୂଜାଛୁଟିରେ ବାହାରକୁ ଯାଇପାରିବିନି ।

କୁଆଡ଼କୁ	ନା, ମୁଁ ଏଥର ପୂଜାଛୁଟିରେ କୁଆଡ଼କୁ ଯାଇପାରିବିନି ।
କୋଉଠିକି	ନା, ମୁଁ ଏଥର ପୂଜାଛୁଟିରେ କୋଉଠିକି ଯାଇପାରିବିନି ।
କୋଉ ଜାଗାକୁ	ନା, ମୁଁ ଏଥର ପୂଜାଛୁଟିରେ କୋଉଜାଗାକୁ ଯାଇପାରିବିନି ।
ଏବର୍ଷ	ନା, ମୁଁ ଏବର୍ଷ ପୂଜାଛୁଟିରେ ବାହାରକୁ ଯାଇପାରିବିନି ।
ଏଇ	ନା, ମୁଁ ଏଇ ପୂଜାଛୁଟିରେ ବାହାରକୁ ଯାଇପାରିବିନି ।

(d) କାହିଁକି ଯାଇପାରିବନି ?

କ'ଣ ପାଇଁ	କ'ଣ ପାଇଁ ଯାଇ ପାରିବନି ?
କ'ଣ ହେଇ	କ'ଣ ହେଇ ଯାଇପାରିବନି ?
କୋଉଥିପାଇଁ	କୋଉଥିପାଇଁ ଯାଇପାରିବନି ?

(e) ମୁଁ ମୋ ଶାଶୁଘର ଗାଁକୁ ଯିବି ।

ଶଶୁରଘର	ମୁଁ ମୋ ଶଶୁରଘର ଗାଁକୁ ଯିବି ।
ମାମୁଁଘର	ମୁଁ ମୋ ମାମୁଁଘର ଗାଁକୁ ଯିବି ।
ଅଜାଘର	ମୁଁ ମୋ ଅଜାଘର ଗାଁକୁ ଯିବି ।
ଆଇଘର	ମୁଁ ମୋ ଆଇଘର ଗାଁକୁ ଯିବି ।

(f) ଜମିବାଡ଼ି କଥା କିଛି ବୁଝାବୁଝି କରିବାକୁ ଅଛି ।

ସମ୍ପତ୍ତିବାଡ଼ି	ସମ୍ପତ୍ତିବାଡ଼ି କଥା କିଛି ବୁଝାବୁଝି କରିବାକୁ ଅଛି ।

Digitized by srujanika@gmail.com

ଜମିଜମା	ଜମିଜମା କଥା କିଛି ବୁଝାବୁଝି କରିବାକୁ ଅଛି ।
ଘରଦ୍ୱାର	ଘରଦ୍ୱାର କଥା କିଛି ବୁଝାବୁଝି କରିବାକୁ ଅଛି ।
କେତେ	ଜମିବାଡ଼ି କଥା କେତେ ବୁଝାବୁଝି କରିବାକୁ ଅଛି ।
ଦେଖାଦେଖି	ଜମିବାଡ଼ି କଥା କିଛି ଦେଖାଦେଖି କରିବାକୁ ଅଛି ।
ଲେଖାଲେଖି	ଜମିବାଡ଼ି କଥା କିଛି ଲେଖାଲେଖି କରିବାକୁ ଅଛି ।

(g) ତମେ କଣ କଲିକତା ଏକା ଯାଇପାର ?

ଏକାଟିଆ	ତମେ କଣ କଲିକତା ଏକାଟିଆ ଯାଇପାର ?
ଏକୁଟିଆ	ତମେ କଣ କଲିକତା ଏକୁଟିଆ ଯାଇପାର ?
ଏକାଏକା	ତମେ କଣ କଲିକତା ଏକାଏକା ଯାଇପାର ?
ଏକାକୀ	ତମେ କଣ କଲିକତା ଏକାକୀ ଯାଇପାର ?

(h) ହଁ, ମୁଁ ଏକାଟିଆ ଯାଇପାରେ ।

ଆସିପାରେ	ହଁ, ମୁଁ ଏକାଟିଆ ଆସିପାରେ ।
ବସିପାରେ	ହଁ, ମୁଁ ଏକାଟିଆ ବସିପାରେ ।
ଖାଇପାରେ	ହଁ, ମୁଁ ଏକାଟିଆ ଖାଇପାରେ ।
ଲେଖିପାରେ	ହଁ, ମୁଁ ଏକାଟିଆ ଲେଖିପାରେ ।
ଦେଖିପାରେ	ହଁ, ମୁଁ ଏକାଟିଆ ଦେଖିପାରେ ।

(i) ଏଥର କିନ୍ତୁ ଶାଶୁଶ୍ୱଶୁର ମୋ ସାଙ୍ଗରେ ଯିବେ ।

ବାପାବୋଉ	ଏଥର କିନ୍ତୁ ବାପାବୋଉ ମୋ ସାଙ୍ଗରେ ଯିବେ ।
ଭାଇଭାଉଜ	ଏଥର କିନ୍ତୁ ଭଇଭଉଜ ମୋ ସାଙ୍ଗରେ ଯିବେ ।
ଅଜାଆଈ	ଏଥର କିନ୍ତୁ ଅଜାଆଈ ମୋ ସାଙ୍ଗରେ ଯିବେ ।
ମାମୁଁମାଇଁ	ଏଥର କିନ୍ତୁ ମାମୁଁମାଇଁ ମୋ ସାଙ୍ଗରେ ଯିବେ ।
ଜେଜେବାପା/ଜେଜେମା	ଏଥର କିନ୍ତୁ ଜେଜେବାପା/ଜେଜେମା ମୋ ସାଙ୍ଗରେ ଯିବେ ।
ସହିତ	ଏଥର କିନ୍ତୁ ଶାଶୁଶ୍ୱଶୁର ମୋ ସହିତ ଯିବେ ।
ସାଙ୍ଗେ	ଏଥର କିନ୍ତୁ ଶାଶୁଶ୍ୱଶୁର ମୋ ସାଙ୍ଗେ ଯିବେ ।

(j) ଇଏ ବି ଯାଇପାରନ୍ତି ।

ଆସିପାରନ୍ତି	ଇଏ ବି ଆସିପାରନ୍ତି ।
ଦେଖିପାରନ୍ତି	ଇଏ ବି ଦେଖିପାରନ୍ତି ।
ବସିପାରନ୍ତି	ଇଏ ବି ବସିପାରନ୍ତି ।
ନେଇପାରନ୍ତି	ଇଏ ବି ନେଇପାରନ୍ତି ।
ଖାଇପାରନ୍ତି	ଇଏ ବି ଖାଇପାରନ୍ତି ।

Digitized by srujanika@gmail.com

(k) ତମେ ମୋ ପାଇଁ ଗୋଟାଏ କାମ କରିପାରିବ ?

ଲାଗି		ତମେ ମୋ ଲାଗି ଗୋଟାଏ କାମ କରିପାରିବ ?
	କଥା	ତମେ ମୋ ପାଇଁ ଗୋଟାଏ କଥା କରିପାରିବ ?
	ସୁବିଧା	ତମେ ମୋ ପାଇଁ ଗୋଟାଏ ସୁବିଧା କରିପାରିବ ?
	ଜିନିଷ	ତମେ ମୋ ପାଇଁ ଗୋଟାଏ ଜିନିଷ କରିପାରିବ ?

(l) ଆମ ଘରେ ତ ଯଥେଷ୍ଟ ଜାଗା ଅଛି ।

ବହୁତ	ଆମ ଘରେ ତ ବହୁତ ଜାଗା ଅଛି ।
ଅନେକ	ଆମ ଘରେ ତ ଅନେକ ଜାଗା ଅଛି ।

(m) ତମେ ବିନା ଚିନ୍ତାରେ ରଖିଯାଇପାର ।

ଦ୍ୱିଧାରେ	ତମେ ବିନା ଦ୍ୱିଧାରେ ରଖିଯାଇପାର ।
କଥାରେ	ତମେ ବିନା କଥାରେ ରଖିଯାଇପାର ।
ଅସୁବିଧାରେ	ତମେ ବିନା ଅସୁବିଧାରେ ରଖିଯାଇପାର ।
ବିଘ୍ନରରେ	ତମେ ବିନା ବିଘ୍ନରରେ ରଖିଯାଇପାର ।

(n) ରଖିଲାବେଳେ ମୁଁ ଖବର ଦେବି ।

ରଖିବାବେଳେ	ରଖିବାବେଳେ ମୁଁ ଖବର ଦେବି ।
ଆସିଲା/ଆସିବାବେଳେ	ଆସିଲା/ଆସିବାବେଳେ ମୁଁ ଖବର ଦେବି ।
ଦେଲା/ଦେବାବେଳେ	ଦେଲା/ଦେବାବେଳେ ମୁଁ ଖବର ଦେବି ।
ନେଲା/ନେବାବେଳେ	ନେଲା/ନେବାବେଳେ ମୁଁ ଖବର ଦେବି ।

III. Substitution-Agreement drill

(a) ଏ ବର୍ଷ ପୂଜାଛୁଟିରେ ମୁଁ କଲିକତା ଯାଇପାରେ ।

ଆମେ *excl.*	ଏବର୍ଷ ପୂଜାଛୁଟିରେ ଆମେ କଲିକତା ଯାଇପାରୁ ।
ତୁ	ଏବର୍ଷ ପୂଜାଛୁଟିରେ ତୁ କଲିକତା ଯାଇପାରୁ ।
ତମେ	ଏବର୍ଷ ପୂଜାଛୁଟିରେ ତମେ କଲିକତା ଯାଇପାର ।
ଆପଣ	ଏବର୍ଷ ପୂଜାଛୁଟିରେ ଆପଣ କଲିକତା ଯାଇପାରନ୍ତି ।
ସେ *fam.*	ଏବର୍ଷ ପୂଜାଛୁଟିରେ ସେ କଲିକତା ଯାଇପାରେ ।
ସେ *hon.*	ଏବର୍ଷ ପୂଜାଛୁଟିରେ ସେ କଲିକତା ଯାଇପାରନ୍ତି ।
ସେମାନେ	ଏବର୍ଷ ପୂଜାଛୁଟିରେ ସେମାନେ କଲିକତା ଯାଇପାରନ୍ତି ।

Digitized by srujanika@gmail.com

(b) ମୁଁ ଏଥର ପୂଜାଛୁଟିରେ ବାହାରକୁ ଯାଇପାରିବିନି ।

ଆମେ *excl.*	ଆମେ ଏଥର ପୂଜାଛୁଟିରେ ବାହାରକୁ ଯାଇପାରିବୁନି ।
ଆମେ *incl.*	ଆମେ ଏଥର ପୂଜାଛୁଟିରେ ବାହାରକୁ ଯାଇପାରିବାନି ।
ତୁ	ତୁ ଏଥର ପୂଜାଛୁଟିରେ ବାହାରକୁ ଯାଇପାରିବୁନି ।
ତମେ	ତମେ ଏଥର ପୂଜାଛୁଟିରେ ବାହାରକୁ ଯାଇପାରିବନି ।
ଆପଣ	ଆପଣ ଏଥର ପୂଜାଛୁଟିରେ ବାହାରକୁ ଯାଇପାରିବେନି ।
ସେ *fam.*	ସେ ଏଥର ପୂଜାଛୁଟିରେ ବାହାରକୁ ଯାଇପାରିବନି ।
ସେମାନେ	ସେମାନେ ଏଥର ପୂଜାଛୁଟିରେ ବାହାରକୁ ଯାଇପାରିବେନି ।

(c) ତମେ କଣ କଲିକତା ଏକା ଯାଇପାର ?

ତୁ	ତୁ କଣ କଲିକତା ଏକା ଯାଇପାରୁ ?
ଆପଣ	ଆପଣ କଣ କଲିକତା ଏକା ଯାଇପାରନ୍ତି ?
ମୁଁ	ମୁଁ କଣ କଲିକତା ଏକା ଯାଇପାରେ ?
ଆମେ *excl.*	ଆମେ କଣ କଲିକତା ଏକା ଯାଇପାରୁ ?
ସେ *fam.*	ସେ କଣ କଲିକତା ଏକା ଯାଇପାରେ ?
ସେ *hon.*	ସେ କଣ କଲିକତା ଏକା ଯାଇପାରନ୍ତି ?
ସେମାନେ	ସେମାନେ କଣ କଲିକତା ଏକା ଯାଇପାରନ୍ତି ?

(d) ତମେ ଗୋଟାଏ କାମ କରି ପାରିବ ?

ତୁ	ତୁ ଗୋଟାଏ କାମ କରି ପାରିବୁ ?
ଆପଣ	ଆପଣ ଗୋଟାଏ କାମ କରି ପାରିବେ ?
ମୁଁ	ମୁଁ ଗୋଟାଏ କାମ କରି ପାରିବି ?
ଆମେ *excl.*	ଆମେ ଗୋଟାଏ କାମ କରି ପାରିବୁ ?
ଆମେ *incl.*	ଆମେ ଗୋଟାଏ କାମ କରି ପାରିବା ?
ସେ *fam.*	ସେ ଗୋଟାଏ କାମ କରି ପାରିବ ?
ସେ *hon.*	ସେ ଗୋଟାଏ କାମ କରି ପାରିବେ ?
ସେମାନେ	ସେମାନେ ଗୋଟାଏ କାମ କରି ପାରିବେ ?

(e) ମୁଁ କିଛି ଜିନିଷ ତମ ଘରେ ରଖିଯାଇପାରେ ।

ଆମେ *excl.*	ଆମେ କିଛି ଜିନିଷ ତମ ଘରେ ରଖିଯାଇପାରୁ ।
ତୁ	ତୁ କିଛି ଜିନିଷ ତମ ଘରେ ରଖିଯାଇପାରୁ ।
ତମେ	ତମେ କିଛି ଜିନିଷ ତମ ଘରେ ରଖିଯାଇପାର ।
ଆପଣ	ଆପଣ କିଛି ଜିନିଷ ଆପଣଙ୍କ ଘରେ ରଖିଯାଇପାରନ୍ତି ।

Digitized by srujanika@gmail.com

ସେ *fam.*	ସେ କିଛି ଜିନିଷ ତମ ଘରେ ରଖିଯାଇପାରେ ।
ସେ *hon.*	ସେ କିଛି ଜିନିଷ ତମ ଘରେ ରଖିଯାଇପାରନ୍ତି ।
ସେମାନେ	ସେମାନେ କିଛି ଜିନିଷ ତମ ଘରେ ରଖିଯାଇପାରନ୍ତି ।

(f) ତମେ ବିନା ବିଡାରେ ରଖିଯାଇପାର ।

ତୁ	ତୁ ବିନା ବିଡାରେ ରଖିଯାଇପାରୁ ।
ଆପଣ	ଆପଣ ବିନା ବିଡାରେ ରଖିଯାଇପାରନ୍ତି ।
ମୁଁ	ମୁଁ ବିନା ବିଡାରେ ରଖିଯାଇପାରେ ।
ଆମେ *excl.*	ଆମେ ବିନା ବିଡାରେ ରଖିଯାଇପାରୁ ।
ସେ *fam.*	ସେ ବିନାବିଡାରେ ରଖିଯାଇପାରେ ।
ସେ *hon.*	ସେ ବିନା ବିଡାରେ ରଖିଯାଇପାରନ୍ତି ।
ସେମାନେ	ସେମାନେ ବିନା ବିଡାରେ ରଖିଯାଇପାରନ୍ତି ।

IV. Transformation drill

1. Transformation into negative and interrogative-negative—

(i) (a) ଏବର୍ଷ ମୁଁ କଲିକତା ଯାଇପାରେ ।
ଏବର୍ଷ ମୁଁ କଲିକତା ଯାଇନପାରେ ।
ଏବର୍ଷ ମୁଁ କଲିକତା ନଯାଇପାରେ ।

(b) ଇଏ ବି ଆସିପାରନ୍ତି ।
ଇଏ ବି ଆସି ନପାରନ୍ତି ।
ଇଏ ବି ନଆସିପାରନ୍ତି ।

(c) ମୁଁ ଏକାଟିଆ ଦେଖିପାରେ ।
ମୁଁ ଏକାଟିଆ ଦେଖି ନପାରେ ।
ମୁଁ ଏକାଟିଆ ନଦେଖିପାରେ ।

(d) କିଛି ଜିନିଷ ମୁଁ ତମ ଘରେ ରଖିଯାଇପାରେ ।
କିଛି ଜିନିଷ ମୁଁ ତମ ଘରେ ନରଖିଯାଇପାରେ ।
କିଛି ଜିନିଷ ମୁଁ ତମଘରେ ରଖି ନଯାଇପାରେ ।
କିଛି ଜିନିଷ ମୁଁ ତମଘରେ ରଖିଯାଇ ନପାରେ ।

(e) ତମର କିଛି ଅସୁବିଧା ହୋଇଯାଇପାରେ ।
ତମର କିଛି ଅସୁବିଧା ନ ହୋଇଯାଇପାରେ ।

Digitized by srujanika@gmail.com

ତମର କିଛି ଅସୁବିଧା ହୋଇ ନଯାଇପାରେ ।
ତମର କିଛି ଅସୁବିଧା ହୋଇଯାଇ ନପାରେ ।

(ii) (a) ମୁଁ କଲିକତା ଯାଇପାରେ ।
ମୁଁ କଲିକତା ଯାଇପାରେନି ।

(b) ମୁଁ ଏକାଟିଆ ଯାଇପାରେ ।
ମୁଁ ଏକାଟିଆ ଯାଇପାରେନି ।

(c) ତମେ ମୋ ପାଇଁ ଏ କାମ କରିପାରିବ ।
ତମେ ମୋ ପାଇଁ ଏ କାମ କରିପାରିବନି ।

(d) ମୁଁ ପୂଜାଛୁଟିରେ ବାହାରକୁ ଯାଇପାରିବି ।
ମୁଁ ପୂଜାଛୁଟିରେ ବାହାରକୁ ଯାଇପାରିବିନି ।

(iii) (a) ଆପଣ କଣ କଲିକତା ଏକା ଯାଇପାରନ୍ତି ?
ଆପଣ କଣ କଲିକତା ଏକା ଯାଇପାରନ୍ତିନି ?

(b) ତମେ ମୋ ପାଇଁ ଗୋଟାଏ କାମ କରିପାରିବ ?
ତମେ ମୋ ପାଇଁ ଗୋଟାଏ କାମ କରିପାରିବନି ?

(c) ମୁଁ ପୂଜାଛୁଟିରେ ବାହାରକୁ ଯାଇପାରିବି ?
ମୁଁ ପୂଜାଛୁଟିରେ ବାହାରକୁ ଯାଇପାରିବିନି ?

V. Response drill

(a) ସୁଜାତା ପୂଜାଛୁଟିରେ କୁଆଡ଼େ ଯାଇପାରେ ?
ସୁଜାତା ପୂଜାଛୁଟିରେ କଲିକତା ଯାଇପାରେ ।

(b) ମଞ୍ଜୁ ପୂଜାଛୁଟିରେ କାହିଁକି ବାହାରକୁ ଯାଇପାରିବନି ?
କାରଣ ମଞ୍ଜୁ ତା ଶାଶୁଘର ଗାଁକୁ ଯିବ ।

(c) ସୁଜାତା କଣ ଏକାଟିଆ କଲିକତା ଯାଇପାରେ ?
ହଁ, ସୁଜାତା ଏକାଟିଆ କଲିକତା ଯାଇପାରେ ।

(d) ସୁଜାତା ଗଲବେଳେ କ'ଣ ମଞ୍ଜୁଘରେ ରଖିଯାଇପାରେ ?
ସୁଜାତା ଗଲବେଳେ ତାର କିଛି ଜିନିଷ ମଞ୍ଜୁଘରେ ରଖିଯାଇପାରେ ।

(e) ବିଜୟା କଣ ଗପ କବିତା ଲେଖିପାରେ ?
ନା, ବିଜୟା ଗପ କବିତା ଲେଖିପାରେନି ।

Digitized by srujanika@gmail.com

Exercises

1. Substitute the underlined words selecting the most appropriate words from the brackets :

(i) (a) ମୁଁ ପୁଣି ନୂଆ ଭଷା ଶିଖିବାକୁ ଯାଇପାରେ । (ହୋଇପାରେ, ଆସିପାରେ, ଥାଇପାରେ)

(b) ତମେ କଣ ଗପ ବି ଲେଖିପାର ? (ପଢ଼ିପାର, ଦେଇପାର, କରିପାର)

(c) ସେ ହୁଏତ, କାଲି ଆସିପାରେ । (ରହିପାରେ, ହୋଇପାରେ, ସହିପାରେ)

(d) ଆଜି ମୁଁ କିଛି କାମ କରିପାରିବିନି । (ପଢ଼ିପାରିବିନି, ଦେଇପାରିବିନି, ଲେଖିପାରିବିନି)

(e) ତୁ କଣ ବଜାର କରି ପାରିବୁ ? (ଜାଣିବୁ, ଟାଣିବୁ, ନେବୁ)

(ii) (a) ସେମାନେ ବର୍ତ୍ତମାନ କୁଆଡ଼େ ଯାଇପାରିବେନି । (କୋଉଠିକି, କେଉଁ, କୁଆଡୁ)

(b) କାହିଁକି ତାଙ୍କର ସୁବିଧା ହୋଇପାରିଛି ? (କୋଉଥିପାଇଁ, କି, କାହାର)

(c) ସୁଜାତା ଆଜି ତା ଅଜାଘରକୁ ଯିବ । (ଶୋଇବାଘର, ମାମୁଁଘର, ଶ୍ୱଶୁରଘର)

(d) ସେ କାହିଁକି ଏକା ଏକା ଫେରୁଛି ? (ଏକୁଟିଆ, ଏକ, ଏକବାରେ)

(e) ତୁ ବିନା କାରଣରେ ରାଗୁଛୁ । (ବ୍ୟସ୍ତରେ, କଥାରେ, ଅବିଚାରରେ)

2. Substitute the underlined words with the words given in the brackets and make necessary changes in the sentences ;

(a) ତୁମେ ବର୍ତ୍ତମାନ ଯାଇପାର । (ତୁ)

(b) ସେ ହୁଏତ ଆସିପାରେ । (ସେମାନେ)

(c) ତୁ କେତେବେଳେ ଆସିପାରିବୁ ? (ଆମେ) *incl.*

(d) ମୁଁ ମୋଟେ ଏ କାମ କରିପାରିବିନି । (ତମେ)

(e) ସେ କଣ ଏଠାକୁ ଆସିପାରିବ ? (ଆପଣ)

(f) ଛାତ୍ରମାନେ ଭଲକରି ଭଷା ଶିଖି ପାରୁନାହାଁନ୍ତି । (ସେ) *fam.*

(g) ସେ ଜୀବନରେ ଉନ୍ନତି କରିପାରିବନି । (ମୁଁ)

3. Fill up the blanks choosing appropriate words from the brackets :

(i) (ରଖିଦେଇଯାଇପାରେ, ଉଠିପାରେ, ଆସିପାରେ, କରିପାରିବ, ଯାଇପାରନ୍ତି)

(a) ସେ ହୁଏତ ଏଠାକୁ...................... ।

Digitized by srujanika@gmail.com

(b) ଆପଣ ବର୍ତ୍ତମାନ ....।

(c) ତାଙ୍କ ପାଇଁ ଏ କାମଟା .... ?

(d) ତମ ଘରେ କେତେଗୁଡ଼ା ଜିନିଷ ମୁଁ ....।

(e) ମୁଁ ଖୁବ୍ ଶୀଘ୍ର ଘରକୁ.................. ।

(ii) (ବୁଝାବୁଝି, ପୂଜାଛୁଟିରେ, ଏକାଟିଆ, କୁଆଡ଼େ, ଗଳ୍ପବେଳେ)

(a) .... ତମେ କୁଆଡ଼େ ଯିବ ?

(b) ମୁଁ ତ .... ଯାଇପାରିବିନି ।

(c) ତମେ କଣ........................ ହୋଟେଲରେ ଖାଇପାରିବ ?

(d) ସେ କଥା କ'ଣ........................କଲ ?

(e) .... କିଛି ବହି ମତେ ଦେଇପାରିବ ?

4. Transform into negative

(a) ବର୍ତ୍ତମାନ ମୁଁ ଘରକୁ ଯାଇପାରେ ।

(b) ସକାଳୁ ଉଠି ମୁଁ ସବୁକାମ କରିପାରେ ।

(c) ଆପଣ ଏଠାକୁ ଆସିପାରନ୍ତି ।

(d) ସେ ଏକା ବଜାରକୁ ଯାଇପାରିବ ।

(e) ତମେ ବି କାମ କରିପାରିବ ।

5. Answer the following :

(a) ତମେ ଏବର୍ଷ ପୂଜାଛୁଟିରେ କୁଆଡ଼େ ଯାଇପାର ?

(b) ମଞ୍ଜୁ ପୂଜାଛୁଟିରେ କୁଆଡ଼େ ଯାଇପାରିବନି ?

(c) ଆପଣ କଣ ଏକା ହଷ୍ଟେଲ ଯାଇପାରନ୍ତି ?

(d) ସେ କଣ ଗପ କବିତା ଲେଖିପାରେ ?

(e) ଆପଣମାନଙ୍କ ଭିତରୁ କିଏ କିଏ ଗପ କବିତା ଲେଖିପାରନ୍ତି ?

6. Use the following words in sentences :

ଏଥର, ଏକାଟିଆ, ଭଏ, କାଳେ, ବିନା, ଆରେ, ମ, କିଛି କିଛି, କାମ, କଥା

Digitized by srujanika@gmail.com

Grammatical Note

1. (i) Look at the following examples :

ମୁଁ ବର୍ତ୍ତମାନ କଟକ ଯାଇପାରେ ।

I may go to Cuttack now.

ସେ କାଲି ସକାଳେ ଆସିପାରେ ।

He may come tomorrow morning.

ତମେ ଷ୍ଟେସନ ଯାଇ ଟ୍ରେନ ଧରିପାର ।

You may go to the station and catch the train.

In the above examples the verb root ପାର୍ to express probability always occurs with the subsidiary stem, and in such constructions the person-number suffixes are added directly to the verb root ପାର୍. The subsidiary always takes the perfective form. The person-number suffixes for this type of constructions are same as in case of simple present tense.

(ii) The perfect and imperfect tenses to express probability are as follows :

Perfect :

(a) (referring to present or future time)

ମୁଁ ତମ ଘରେ ସବୁ ଜିନିଷ ରଖି ଯାଇପାରେ ।

I may keep all things at your house.

ସେ ବର୍ତ୍ତମାନ ସିନେମା ଦେଖି ଯାଇପାରେ ।

He may now go to see a film.

(b) (referring to past time)

ସେ ତାଙ୍କ ପାଖକୁ ଗତକାଲି ଆସି ଥାଇ ପାରନ୍ତି ।

He might have come to him yesterday.

Digitized by srujanika@gmail.com

ତମେ କାଲି ଏ କାମ କରି ଥାଇପାର ।

You might have done this work yesterday.

Imperfect :

ସେ ତମ ପକେଟରୁ ଟଙ୍କା ନେଉଥାଇପାରେ ।

He might be taking money from your pocket.

ଆପଣ ପ୍ରତିଦିନ ସେଠାକୁ ଆସୁଥାଇପାରନ୍ତି ।

You might be coming there daily.

(iii) The verb ପାର୍ to express probability is negated as follows :

(a) ତମେ କାଲି ଘରକୁ ଯାଇପାର । (future time)

You may go home tomorrow.

ତମେ କାଲି ଘରକୁ ନଯାଇପାର ।

You may not be going home tomorrow.

ତମେ କାଲି ଘରକୁ ଯାଇ ନପାର ।

You may not be going home tomorrow.

(b) ସେ ବର୍ତ୍ତମାନ ସିନେମା ଦେଖି ଯାଇପାରେ । (present time)

He may go to see the pictures now.

ସେ ବର୍ତ୍ତମାନ ସିନେମା ଦେଖିଯାଇନପାରେ ।

He may not be going to see the pictures now.

ସେ ବର୍ତ୍ତମାନ ସିନେମା ଦେଖି ନଯାଇପାରେ ।

He may not go to see the picture now.

(c) ସେ ତାଙ୍କ ପାଖକୁ ଗତକାଲି ଆସିଥାଇ ପାରନ୍ତି । (past time)

He might have come to him yesterday.

ସେ ତାଙ୍କ ପାଖକୁ ଗତକାଲି ଆସି ଥାଇ ନପାରନ୍ତି ।

He might not have come to him yesterday.

ସେ ତାଙ୍କ ପାଖକୁ ଗତ କାଲି ଆସି ନଥାଇ ପାରନ୍ତି ।

Digitized by srujanika@gmail.com

(d) ସେ ତମ ପକେଟରୁ ଟଙ୍କା ନେଉଥାଇ ପାରେ ।
He might be taking money from your pocket.
ତମ ପକେଟରୁ ଟଙ୍କା ନେଉଥାଇ ନପାରେ ।
He might not be taking money from your pocket.

2. The verb root ପାର୍ to express probability, should not be confused with the verb ପାରିବା (infinitive to express 'can') which functions as any other common verb in Oriya.

The present indefinite construction of the verb ପାରିବା should not be confused with the verb ପାର୍- to express probability.

Look at the following constructions :

(a) ମୁଁ କାଲି ଭୋରରୁ ଉଠିପାରେ । (probability)
I may get up early in the morning tomorrow.

(b) ମୁଁ ପ୍ରତିଦିନ ଭୋରରୁ ଉଠିପାରେ । ('can' form)
I can get up early in the morning everyday.

3. The onomatopoeic compound words are formed by combining the imitative sounds and the onomatopoeic compound words in rhythms. In Oriya these are formed as follows :

(a) ଦେଖାଦେଖି
ବୁଝାବୁଝି
ବନ୍ଧାବନ୍ଧି
ଟଣାଟଣି
କୁହାକୁହି

(b) ଦେଖାଶୁଣା
ଜଣାଶୁଣା
ପଢ଼ାଶୁଣା
ରଖାଥୁଆ
କୁହାବୋଲା

(c) ଝାମାଫାମା
ଛେଳିଫେଳି
ଘ ଫା
ଟଙ୍କାଫଙ୍କା
ଦୋକାନଫୋକାନ

(d) ଲୁଗାପଟା
ଘରଦ୍ୱାର
ପିଠାପଣା
ଦରଦାମ୍
ପର୍ବପର୍ବାଣୀ

Digitized by srujanika@gmail.com

4. The verbal adjectives are formed by prefixing -ଇଲ or -ଲ or ବା- to the verb root.

    ଗଲବେଳେ/ଯିବାବେଳେ
    ଆସିଲବେଳେ/ଆସିବାବେଳେ
    ନେଲ ସମୟରେ/ନେବା ସମୟରେ
    କ(ରି)ଲକାମ/କରିବାକାମ
    ଦେଖିଲ ଜିନିଷ/ଦେଖିବା ଜିନିଷ

5. କାଳେ as a conditional term is used with ସେଥିପାଇଁ to construct conditional structures. This type of conditional structure has two parts. The first part beginning with କାଳେ describes the cause and the second part beginning with ସେଥିପାଇଁ describes the effect. The structure communicates probability and its resultant action.

    କାଳେ ସେ ଆସିବେ ସେଥିପାଇଁ ମୁଁ ଆସିଥିଲି ।
    I came in case he would have come.

Cultural Note

ଦଶର — The festival for worshipping Goddess Durga in the month of Ashweena is called ଦଶହର or ଦଶର in Orissa. Durga Puja is most famous in Calcutta and the Bengalis call it ପୂଜା । (Ashweena : September-October)

ପୂଜା ଛୁଟି — The vacation during which the Durga Puja is celebrated is called ପୂଜାଛୁଟି ।

ଶାଶୁଘର — The mother-in-law's house is called ଶାଶୁଘର in Oriya.

ଇଏ — In Orissa a husband cannot be addressed by his name by the wife. Therefore he has to be addressed by pronouns like ଇଏ or ସିଏ etc.

ଏଲ୍·ଟି·ସି· — A travelling-grant, *i. e.*, Leave-Travel Concession granted to the Central Government employees.

Digitized by srujanika@gmail.com

UNIT III

LESSON 34

An Accident

ଏକ ଦୁର୍ଘଟଣା

ବିଜୟବାବୁ : ନନ୍ଦନକାନନ ହ୍ରଦରେ ହୋଇଥିବା ଦୁର୍ଘଟଣା କଥା ଆପଣ ଶୁଣିଥାଇ ପାରନ୍ତି ।

Bijayababu : You might have heard about the accident that took place in Nandankanan lake.

ରମାକାନ୍ତବାବୁ ହଁ, ଆଜିକା କାଗଜରେ ଦେଖିଲି । ବାପା ଓ ପୁଅ ଦୁଇଜଣ ଡଙ୍ଗାରୁ ଖସିପଡ଼ି ହ୍ରଦ ପାଣିରେ ବୁଡ଼ିଗଲେ ।

Ramakantababu : Yes, I saw it on to-day's paper. A father and a son slipped from the boat and got drowned in the lake.

ବିଜୟବାବୁ : ଏମିତି କେମିତି ହେଲା କେଜାଣି ? ଗଣ୍ଡ ଅଛି ବୋଲି କଣ ସେମାନେ ଜାଣି ପାରିଲେନି ?

Bijayababu : How did it happen ? Couldn't they know that there was deep water ?

ରମାକାନ୍ତବାବୁ : ଏମିତି ବି ହୋଇପାରେ, ପୁଅକୁ ରକ୍ଷା କରିବାକୁ ବାପା ପାଣିକି ଡେଇଁ ପଡ଼ିଥିବେ ।

Ramakantababu : It may be that to save his son the father had jumped into water.

ବିଜୟବାବୁ : ହଁ, ସେପରି କିଛି ହୋଇଥାଇ-ପାରେ । ନନ୍ଦନକାନନ ହ୍ରଦରେ ତ ଏପରି ଦୁର୍ଘଟଣା ଘଟିବା ଏଇ ପ୍ରଥମ ।

Bijayababu : Yes, it may be so. But such an accident took place for the first time in the Nandankanan lake.

ରମାକାନ୍ତବାବୁ : ହଁ, ଦୁର୍ଘଟଣା ତ ଦୁର୍ଘଟଣା । ତାକୁ କାହାର ହାତ ଅଛି ? ତାକୁ ବା ମଣିଷ କ'ଣ କରିପାରିବ ?

Ramakantababu : Right, but accident is an accident. Who can help it ? What can man do to that ?

Digitized by srujanika@gmail.com

ବିଜୟବାବୁ : ତେବେ ଟିକିଏ ସାବଧାନ ହୋଇ ପାରିବାତ । ନହେଲେ ପ୍ରତି ମୁହୂର୍ତ୍ତରେ ଯେ ଦୁର୍ଘଟଣା ଘଟିପାରେ ।

Bijayababu : Yet, we may be somehow cautious. Otherwise there may be accidents every moment.

ରମାକାନ୍ତବାବୁ : ହଁ, ସେ କଥା ସତ ।

Ramakantababu : Yes, you are right.

Variation

A : ରଜା, ତମର କାହା ସାଙ୍ଗରେ ସାଇକେଲ ଧକା ହେଲା ?

A : Raja, who did you dash with your cycle ?

B : ଆଉ କାହା ସାଙ୍ଗରେ ହୋଇପାରେ ? ଝୁଲୁ ସାଇକେଲ ସାଙ୍ଗରେ ମୋ ସାଇକେଲ ଧକା ହେଲା ।

Raja : Who else ? Jhulu's cycle dashed with my cycle.

A : ତମର କଣ କିଛି ହେଇଛି କି ?

A: Has anything happened to you ?

B : ନା, ବେଶୀ କିଛି ଖଣ୍ଡିଆ ଖାବରା ହେଇନି । ଆମେ ଦିହେଁ ସାଇକେଲ ଆସ୍ତେ ଚଲଉଥିଲୁ ବୋଲି ବେଶୀ କିଛି ହେଲାନି ।

B : No, there have not been many injuries. Nothing much happened as we were cycling slowly.

A : ତମେ କଣ ଟିକେ ହୁସିଆର ହେଇ ସାଇକେଲ ଚଲେଇ ପାରୁନ ?

A : Can't you ride your cycles more carefully ?

B : ହଁ ଯେ, ହେଲେ ଦୁର୍ଘଟଣାକୁ କିଏ କ'ଣ କରି ପାରିବ ?

B : That's O. K. But who can do anything to accidents ?

Vocabulary

ଆଜିକା କାଗଜ	To-day's newspaper	କଥା	about
ଆସ୍ତେ	slowly	କରି ପାରିବ	can do
ଏଇ ପ୍ରଥମ	for the first time	କାହା ସାଙ୍ଗରେ	with whom
ଏପରି	like this	କେଜାଣି	who knows

Digitized by srujanika@gmail.com

ଖଣ୍ଡିଆ ଖାବର wounds
ଖସିପଡ଼ିବା to fall down
ଗଭ deep water
ଘଟିବା to happen
ଡଙ୍ଗାରୁ from the boat
ତେବେ then
ଦିହେଁ both
ଦୁଇଜଣ two persons, both
ଦୁର୍ଘଟଣା accident
ଧକା accident
ନହେଲେ otherwise
ପ୍ରତି ମୁହୂର୍ତ୍ତ every moment
ବା else
ବୁଡ଼ିଗଲେ drowned
ବୋଲି that
ରକ୍ଷା କରିବାକୁ to save
ଶୁଣିଥିବେ must have heard
ସତ true
ସାଇକେଲ cycle
ସାବଧାନ careful
ସେକଥା that thing
ସେପରି like that
ହ୍ରଦ lake
ହୁସିଆର careful
ହେଲେ then
ହୋଇପାରେ may happen
ହୋଇଥାଇପାରେ might have happened

Drills

I. Build up drill

ଶୁଣିଥାଇପାରନ୍ତି ।
ଆପଣ ଶୁଣିଥାଇ ପାରନ୍ତି ।
ଦୁର୍ଘଟଣା କଥା ଆପଣ ଶୁଣିଥାଇ ପାରନ୍ତି ।
ଦୁର୍ଘଟଣା କଥା ଶୁଣିଥାଇ ପାରନ୍ତି ।
ହୋଇଥିବା ଦୁର୍ଘଟଣା କଥା ଆପଣ ଶୁଣିଥାଇ ପାରନ୍ତି ।
ହ୍ରଦରେ ହୋଇଥିବା ଦୁର୍ଘଟଣା କଥା ଆପଣ ଶୁଣିଥାଇ ପାରନ୍ତି ।
ନନ୍ଦନକାନନ ହ୍ରଦରେ ହୋଇଥିବା ଦୁର୍ଘଟଣା କଥା ଆପଣ ଶୁଣିଥାଇ ପାରନ୍ତି ।

ବୁଡ଼ିଗଲେ ।
ହ୍ରଦ ପାଣିରେ ବୁଡ଼ିଗଲେ ।
ଖସିପଡ଼ି ବୁଡ଼ିଗଲେ ।
ଖସିପଡ଼ି ହ୍ରଦ ପାଣିରେ ବୁଡ଼ିଗଲେ ।
ଡଙ୍ଗାରୁ ଖସିପଡ଼ି ହ୍ରଦ ପାଣିରେ ବୁଡ଼ିଗଲେ ।
ଦୁଇଜଣ ବୁଡ଼ିଗଲେ ।
ଦୁଇଜଣ ଖସିପଡ଼ି ହ୍ରଦ ପାଣିରେ ବୁଡ଼ିଗଲେ ।
ବାପା ଓ ପୁଅ ବୁଡ଼ିଗଲେ ।
ବାପା ଓ ପୁଅ ଦୁଇଜଣ ଡଙ୍ଗାରୁ ଖସିପଡ଼ି ହ୍ରଦ ପାଣିରେ ବୁଡ଼ିଗଲେ ।

ଦେଖିଛି ।
କାଗଜରେ ଦେଖିଛି ।
ଆଜିକା କାଗଜରେ ଦେଖିଛି ।

କେଜାଣି ?
କେମିତି ହେଲା କେଜାଣି ?
ଏମିତି କେମିତି ହେଲା କେଜାଣି ?

Digitized by srujanika@gmail.com

ଜାଣିପାରିଲେନି ?
ସେମାନେ ଜାଣି ପାରିଲେନି ?
କଣ ଜାଣି ପାରିଲେନି ?
କଣ ସେମାନେ ଜାଣି ପାରିଲେନି ?
ଗଣ୍ଡ ଅଛି ବୋଲି କଣ ସେମାନେ ଜାଣି ପାରିଲେନି ?

ଡେଇଁ ପଡ଼ିଥିବେ ।
ପାଣିକି ଡେଇଁ ପଡ଼ିଥିବେ ।
ବାପା ପାଣିକି ଡେଇଁ ପଡ଼ିଥିବେ ।
ରକ୍ଷା କରିବାକୁ ବାପା ପାଣିକି ଡେଇଁ ପଡ଼ିଥିବେ ।
ପୁଅକୁ ରକ୍ଷା କରିବାକୁ ବାପା ପାଣିକି ଡେଇଁ ପଡ଼ିଥିବେ ।
ଏମିତି ବି ହୋଇପାରେ, ପୁଅକୁ ରକ୍ଷା କରିବାକୁ ବାପା ପାଣିକି ଡେଇଁ ପଡ଼ିଥିବେ ।

ହୋଇଥାଇପାରେ ।
କିଛି ହୋଇଥାଇପାରେ ।
ସେପରି କିଛି ହୋଇଥାଇପାରେ ।
ହଁ, ସେପରି କିଛି ହୋଇଥାଇ ପାରେ ।

ପ୍ରଥମ ।
ଏଇ ପ୍ରଥମ ।
ଦୁର୍ଘଟଣା ଘଟିବା ଏଇ ପ୍ରଥମ ।
ଏପରି ଘଟିବା ଏଇ ପ୍ରଥମ ।
ଏପରି ଦୁର୍ଘଟଣା ଘଟିବା ଏଇ ପ୍ରଥମ ।
ହ୍ରଦରେ ତ ଦୁର୍ଘଟଣା ଘଟିବା ଏଇ ପ୍ରଥମ ।
ହ୍ରଦରେ ତ ଏପରି ଦୁର୍ଘଟଣା ଘଟିବା ଏଇ ପ୍ରଥମ ।
ନନ୍ଦନକାନନ ହ୍ରଦରେ ତ ଦୁର୍ଘଟଣା ଘଟିବା ଏଇ ପ୍ରଥମ ।

ଦୁର୍ଘଟଣା ।
ଦୁର୍ଘଟଣା ତ ଦୁର୍ଘଟଣା ।
ହଁ, ଦୁର୍ଘଟଣା ତ ଦୁର୍ଘଟଣା ।

ଅଛି ?
ହାତ ଅଛି ?
କାହାର ହାତ ଅଛି ?
ତାକୁ କାହାର ହାତ ଅଛି ?

କରିପାରିବ ?
କ'ଣ କରିପାରିବ ?
ମଣିଷ କ'ଣ କରିପାରିବ ?
ତାକୁ ବା ମଣିଷ କ'ଣ କରିପାରିବ ?

ହୋଇ ପାରିବା ତ ?
ସାବଧାନ ହୋଇ ପାରିବାତ ?
ଟିକିଏ ସାବଧାନ ହୋଇ ପାରିବା ତ ?
ତେବେ ଟିକିଏ ସାବଧାନ ହୋଇ ପାରିବା ତ ?

ଘଟିପାରେ ।
ଦୁର୍ଘଟଣା ଘଟିପାରେ ।
ପ୍ରତି ମୁହୂର୍ତ୍ତରେ ଯେ ଦୁର୍ଘଟଣା ଘଟିପାରେ ।
ନହେଲେ ପ୍ରତି ମୁହୂର୍ତ୍ତରେ ଯେ ଦୁର୍ଘଟଣା ଘଟିପାରେ ।

ସତ ।
ସେ କଥା ସତ ।
ହଁ, ସତ ।
ହଁ, ସେ କଥା ସତ ।

Digitized by srujanika@gmail.com

II. Substitution drill

(a) ନନ୍ଦନକାନନ ହ୍ରଦରେ ହୋଇଥିବା ଦୁର୍ଘଟଣା କଥା ଆପଣ ଶୁଣିଥାଇପାରନ୍ତି ।

” ” ଘଟିଥିବା ” ” ” ” ।

” ” ଜାଣିଥାଇ ” ” ” ” ।

” ” ପଢିଥାଇ ” ” ” ” ।

” ” ଦେଖିଥାଇ ” ” ” ” ।

” ” ବୁଝିଥାଇ ” ” ” ।

(b) ଆଜିକା କାଗଜରେ ଦେଖିଲି ।

କାଲିକା — କାଲିକା କାଗଜରେ ଦେଖିଲି ।

ପରଦିନକା — ପରଦିନକା କାଗଜରେ ଦେଖିଲି ।

ସମାଜରେ — ଆଜିକା ସମାଜରେ ଦେଖିଲି ।

ପ୍ରଜାତନ୍ତ୍ରରେ — ଆଜିକା ପ୍ରଜାତନ୍ତ୍ରରେ ଦେଖିଲି ।

ଖବରରେ — ଆଜିକା ଖବରରେ ଦେଖିଲି ।

ନିଉଜରେ — ଆଜିକା ନିଉଜରେ ଦେଖିଲି ।

(c) ବାପା ଓ ପୁଅ ଦୁଇଜଣ ଡଙ୍ଗାରୁ ଖସିପଡ଼ି ହ୍ରଦପାଣିରେ ବୁଡ଼ିଗଲେ ।

” ” ” ଡେଇଁପଡ଼ି ” ” ।

ମା ଓ ଝିଅ ” ” ଖସିପଡ଼ି ” ” ।

ଭାଇ ଓ ଭଉଣୀ ” ” ” ” ” ।

ବାପ ଓ ପୁଅ ” ” ” ନଈପାଣିରେ ” ।

” ” ” ” କେନାଲପାଣିରେ ” ।

” ” ” ” ହ୍ରଦପାଣିରେ ପଡ଼ିଗଲେ ।

(d) ଏମିତି କେମିତି ହେଲା କେଜାଣି ?

କାହିଁକି — ଏମିତି କାହିଁକି ହେଲା କେଜାଣି ?

(e) ଗଣ୍ଡ ଅଛି ବୋଲି କଣ ସେମାନେ ଜାଣିପାରିଲେନି ?

” ” ” ବୁଝିପାରିଲେନି ?

” ” ” ଦେଖିପାରିଲେନି ?

(f) ଏମିତି ବି ହୋଇପାରେ, ପୁଅକୁ ରକ୍ଷାକରିବାକୁ ବାପା ପାଣିକି ଡେଇଁ ପଡ଼ିଥିବେ ।

ସେମିତି ବି ” ” ” ” ” ” ” ।

ଏପରି ବି ” ” ” ” ” ” ” ।

ସେପରି ବି ” ” ” ” ” ” ” ।

Digitized by srujanika@gmail.com

(g) ସେପରି କିଛି ହୋଇଥାଇପାରେ ।

ଘଟିଥାଇପାରେ   ସେପରି କିଛି ଘଟିଥାଇପାରେ ।
ଲେଖିଥାଇପାରେ   ସେପରି କିଛି ଲେଖିଥାଇପାରେ ।
ନେଇଥାଇପାରେ   ସେପରି କିଛି ନେଇଥାଇପାରେ ।

(h) ନନ୍ଦନକାନନ ହ୍ରଦରେ ତ ଏପରି ଦୁର୍ଘଟଣା ଘଟିବା ଏଇ ପ୍ରଥମ ।
" ଲେକ୍‌ରେ " " " " ।
" ହ୍ରଦରେ " " ହେବା " ।

(i) ହଁ, ଦୁର୍ଘଟଣା ତ ଦୁର୍ଘଟଣା ।

ଆକ୍‌ସିଡ଼େଣ୍ଟ ତ ଆକ୍‌ସିଡ଼େଣ୍ଟ   ହଁ, ଆକ୍‌ସିଡ଼େଣ୍ଟ ତ ଆକ୍‌ସିଡ଼େଣ୍ଟ ।
ବିପଦ ତ ବିପଦ   ହଁ, ବିପଦ ତ ବିପଦ ।

(j) ତେବେ ଟିକିଏ ସାବଧାନ ହୋଇ ପାରିବା ତ !

ହୁସିଆର   ତେବେ ଟିକିଏ ହୁସିଆର ହୋଇପାରିବା ତ !

III. Substitution-Agreement drill

(a) ନନ୍ଦନକାନନ ହ୍ରଦରେ ହୋଇଥିବା ଦୁର୍ଘଟଣା କଥା ଆପଣ ଶୁଣିଥାଇପାରନ୍ତି ।
" " " ତମେ ଶୁଣିଥାଇପାର ।
" " " ତୁ ଶୁଣିଥାଇପାରୁ ।
" " " ସେ ଶୁଣିଥାଇପାରେ । *fam.*
" " " ସେ ଶୁଣିଥାଇପାରନ୍ତି । *hon.*
" " " ସେମାନେ ଶୁଣିଥାଇପାରନ୍ତି ।
" " " ମୁଁ ଶୁଣିଥାଇପାରେ ।
" " " ଆମେ ଶୁଣିଥାଇପାରୁ । *excl.*

(b) ଗଣ୍ଡ ଅଛି ବୋଲି କଣ ସେମାନେ ଜାଣି ପାରିଲେନି ?

ସେ *fam.*   ଗଣ୍ଡ ଅଛି ବୋଲି କଣ ସେ ଜାଣି ପାରିଲାନି ?
ସେ *hon.*   ଗଣ୍ଡ ଅଛି ବୋଲି କଣ ସେ ଜାଣି ପାରିଲେନି ?
ତୁ   ଗଣ୍ଡ ଅଛି ବୋଲି କଣ ତୁ ଜାଣି ପାରିଲୁନି ?
ତମେ   ଗଣ୍ଡ ଅଛି ବୋଲି କଣ ତମେ ଜାଣି ପାରିଲନି ?
ଆପଣ   ଗଣ୍ଡ ଅଛି ବୋଲି କଣ ଆପଣ ଜାଣି ପାରିଲେନି ?
ମୁଁ   ଗଣ୍ଡ ଅଛି ବୋଲି କଣ ମୁଁ ଜାଣି ପାରିଲିନି ?
ଆମେ *excl.*   ଗଣ୍ଡ ଅଛି ବୋଲି କଣ ଆମେ ଜାଣି ପାରିଲୁନି ?
ଆମେ *incl.*   ଗଣ୍ଡ ଅଛି ବୋଲି କଣ ଆମେ ଜାଣି ପାରିଲେନି ?

Digitized by srujanika@gmail.com

(c) ତାକୁ ବା ମଣିଷ କ'ଣ କରିପାରିବ ?

କିଏ	ତାକୁ ବା କିଏ କ'ଣ କରିପାରିବ ?
ତମେ	ତାକୁ ବା ତମେ କ'ଣ କରିପାରିବ ?
ତୁ	ତାକୁ ବା ତୁ କ'ଣ କରିପାରିବୁ ?
ଆପଣ	ତାକୁ ବା ଆପଣ କ'ଣ କରିପାରିବେ ?
ସେ *fam.*	ତାକୁ ବା ସେ କ'ଣ କରିପାରିବ ?
ସେ *hon.*	ତାକୁ ବା ସେ କ'ଣ କରିପାରିବେ ?
ସେମାନେ	ତାକୁ ବା ସେମାନେ କ'ଣ କରିପାରିବେ ?
ମୁଁ	ତାକୁ ବା ମୁଁ କ'ଣ କରିପାରିବି ?
ଆମେ *excl.*	ତାକୁ ବା ଆମେ କ'ଣ କରିପାରିବୁ ?
ଆମେ *incl.*	ତାକୁ ବା ଆମେ କ'ଣ କରିପାରିବା ?

(d) ତେବେ ଆମେ ଟିକିଏ ସାବଧାନ ହୋଇପାରିବା ତ ।

ଆମେ *excl.*	ତେବେ ଆମେ ଟିକିଏ ସାବଧାନ ହୋଇପାରିବୁ ତ ?
ମୁଁ	ତେବେ ମୁଁ ଟିକିଏ ସାବଧାନ ହୋଇପାରିବି ତ ?
ତୁ	ତେବେ ତୁ ଟିକିଏ ସାବଧାନ ହୋଇପାରିବୁ ତ ?
ତମେ	ତେବେ ତମେ ଟିକିଏ ସାବଧାନ ହୋଇପାରିବ ତ ?
ଆପଣ	ତେବେ ଆପଣ ଟିକିଏ ସାବଧାନ ହୋଇପାରିବେ ତ ?
ସେ *fam.*	ତେବେ ସେ ଟିକିଏ ସାବଧାନ ହୋଇପାରିବ ତ ?
ସେ *hon.*	ତେବେ ସେ ଟିକିଏ ସାବଧାନ ହୋଇପାରିବେ ତ ?
ସେମାନେ	ତେବେ ସେମାନେ ଟିକିଏ ସାବଧାନ ହୋଇପାରିବେ ତ ?

IV Transformation drill

Transformation into negative—

(a) ନନ୍ଦନକାନନ ହ୍ରଦରେ ହୋଇଥିବା ଦୁର୍ଘଟଣା କଥା ଆପଣ ଶୁଣିଥାଇପାରନ୍ତି ।
ନନ୍ଦନକାନନ ହ୍ରଦରେ ହୋଇଥିବା ଦୁର୍ଘଟଣା କଥା ଆପଣ ଶୁଣି ନଥାଇପାରନ୍ତି ।
ନନ୍ଦନକାନନ ହ୍ରଦରେ ହୋଇଥିବା ଦୁର୍ଘଟଣା କଥା ଆପଣ ନ ଶୁଣିଥାଇପାରନ୍ତି ।
ନନ୍ଦନକାନନ ହ୍ରଦରେ ହୋଇଥିବା ଦୁର୍ଘଟଣା କଥା ଆପଣ ଶୁଣିଥାଇ ନପାରନ୍ତି ।

(b) ସେପରି କିଛି ହୋଇଥାଇପାରେ ।
ସେପରି କିଛି ନ ହୋଇଥାଇପାରେ ।
ସେପରି କିଛି ହୋଇନଥାଇପାରେ ।
ସେପରି କିଛି ହୋଇଥାଇ ନପାରେ ।

Digitized by srujanika@gmail.com

V Response drill

(a) କିଏ ନନ୍ଦନକାନନରେ ହୋଇଥିବା ଦୁର୍ଘଟଣା କଥା ଶୁଣିଥାଇପାରନ୍ତି ?
ରମାକାନ୍ତବାବୁ ନନ୍ଦନକାନନରେ ହୋଇଥିବା ଦୁର୍ଘଟଣା କଥା ଶୁଣିଥାଇପାରନ୍ତି ।

(b) ରମାକାନ୍ତବାବୁ ଦୁର୍ଘଟଣା କଥା କେବେକା କାଗଜରେ ଦେଖିଲେ ?
ରମାକାନ୍ତବାବୁ ଦୁର୍ଘଟଣା କଥା କାଲିକା କାଗଜରେ ଦେଖିଲେ ।

(c) ବାପା ଓ ପୁଅ କିପରି ହ୍ରଦପାଣିରେ ବୁଡ଼ିଗଲେ ?
ବାପା ଓ ପୁଅ ଡଙ୍ଗାରୁ ଖସିପଡ଼ି ହ୍ରଦପାଣିରେ ବୁଡ଼ିଗଲେ ।

(d) କ’ଣ ଅଛି ବୋଲି ବାପା ଓ ପୁଅ ଜାଣି ପାରିଲେନି ?
ଗଣ୍ଡ ଅଛି ବୋଲି ସେମାନେ ଜାଣି ପାରିଲେନି ।

(e) କଣକୁ କାହାର ହାତ ନାହିଁ ?
ଦୁର୍ଘଟଣାକୁ କାହାର ହାତ ନାହିଁ ।

Exercises

1. Substitute the underlined words in the following sentences by selecting the most appropriate words from the brackets:

(a) ବାଟରେ ଦେଖିଥିବା ଦୁର୍ଘଟଣା କଥା ଆପଣ ଜାଣିଥାଇପାରନ୍ତି । (କହିଥାଇପାରନ୍ତି, ଦେଖିଥାଇପାରନ୍ତି)

(b) ଏମିତି ଘଟଣା ବି ଘଟିଥାଇପାରେ । (ନାଚିଥାଇପାରେ, ହୋଇଥାଇପାରେ)

(c) ତମେ ସେ କଥା ଜାଣିଥାଇପାର । (ହସିଥାଇପାର, ବୁଝିଥାଇପାର)

(d) ସେ ପାଣିକି ଡ଼େଇଁ ପଡ଼ିଥାଇପାରେ । (ଖସିପଡ଼ିଥାଇପାରେ, ବସିପଡ଼ିଥାଇପାରେ)

(e) ଦୁର୍ଘଟଣା ତ ପ୍ରତିଦିନ ଘଟିଥାଇପାରେ । (ହୋଇଥାଇପାରେ, ଯାଇଥାଇପାରେ)

2. Substitute the underlined words with the given words and bring necessary changes in the following sentences wherever necessary :

(a) ଏମିତି ବି ତ ଘଟିପାରେ ।(ସେମିତି)

(b) ଆପଣ ବର୍ତ୍ତମାନ ଦୁର୍ଘଟଣା ଦେଖିବାକୁ ଯାଇପାରନ୍ତି । (ତୁ)

(c) ତମେ ସାଙ୍ଗକୁ ରକ୍ଷାକରିବାକୁ ପାଣିକି ଡେଇଁ ପଡ଼ିଥାଇପାର । (ସେ *fam.*)

(d) ଆମେ ଆଜି ସିନେମା ଯାଇପାରୁ । (ସେମାନେ)

(e) ଦୁର୍ଘଟଣାକୁ ମଣିଷ ବା କ’ଣ କରିପାରେ ? (କିଏ)

Digitized by srujanika@gmail.com

3. Fill up the blanks selecting the appropriate words from the brackets :

(ଖଣ୍ଡିଆଖାବର, ହାତ, ମଣିଷ, ଧକା, ପ୍ରଥମ, ସାବଧାନ, ଚିଲିକା, କେବେକା, ହୁସିଆର, ଗଣ୍ଡ)

(a) ....ହ୍ରଦରେ ବି ଦୁର୍ଘଟଣା ହୁଏ ।

(b) ତୁମେ......................କାଗଜରେ ଏଇ ଖବର ଦେଖିଲ ?

(c) ଚିଲିକା ହ୍ରଦରେ ବି ବଡ଼ ବଡ଼......................ଥାଇପାରେ ।

(d) ନନ୍ଦନକାନନରେ ଏପରି ଦୁର୍ଘଟଣା ଏଇ......................ଘଟିଥାଇପାରେ ।

(e) ଗାଡ଼ିମଟରକୁ......................ହେବା ଦରକାର ।

(f) ଦୁର୍ଘଟଣାକୁ କଣ କାହାର......................ଅଛି ?

(g) ଏମିତି ଘଟଣାକୁ...................... ବା କ'ଣ କରିପାରେ ?

(h) ତମର କୋଉଠି ସାଇକେଲ......................ହେଲ ?

(i) କେହି......................ହେଇ ନାହାଁନ୍ତି ତ ?

(j) ସେ ଭରି......................ହୋଇ ଗାଡ଼ି ଚଲାଏ ।

4. Transform the following sentences into negative:

(a) କାଲି ସକାଳେ ଦୁର୍ଘଟଣା ଘଟିଥାଇପାରେ ।

(b) ତୁମେ ଏଇ କଥା କହିପାର ।

(c) ସେଠି ମଟର ଧକା ହୋଇପାରିଥାଏ ।

(d) ଏ କାମ ସେ କରିଥାଇପାରେ ।

(e) ଏମିତି ଘଟଣା ଘଟିପାରେ ।

5. Make questions using each of the following sentences as answers : (Make one question for one answer.)

(a) ନନ୍ଦନକାନନରେ ଦୁର୍ଘଟଣା ହେବା ଏଇ ପ୍ରଥମ ।

(b) ସେମାନେ ଡଙ୍ଗାରୁ ଖସିପଡ଼ି ହ୍ରଦର ପାଣିରେ ବୁଡ଼ିଗଲେ ।

(c) ପୁଅକୁ ରକ୍ଷା କରିବାକୁ ସେ ପାଣିକି ଡେଇଁ ପଡ଼ିଥାଇପାରନ୍ତି ।

(d) ତା ସାଇକେଲ ସାଙ୍ଗରେ ତମ ସାଇକେଲ ଧକା ହେଲା ।

(e) ତମେ ଟିକିଏ ହୁସିଆର ହୋଇ ଗାଡ଼ି ଚଲାଅ ।

Digitized by srujanika@gmail.com

Grammatical Note

1. This lesson is also on probability ପାରୁ-. The situational probability is introduced here.

2. When two verbs are compounded to describe some incomplete action the members of the compound are always in perfective form.

   ଖସିପଡ଼ି
   ବସିପଡ଼ି
   ଡେଇଁପଡ଼ି

3. ବୋଲି is a conditional conjoint to combine two sentences in which the cause and effect are described.

   ତମେ ଆସିଲ ବୋଲି ମୁଁ ଆସିଲି ।

4. ଯେ and ସେଥିପାଇଁ are used here as conditional terms to suggest that depending on some situation something else may happen.

   ସେ ଆସିବେ ଯେ ସେଥିପାଇଁ ମୁଁ ଷ୍ଟେସନ ଯାଉଛି ।
   I am going to the station because he is to come.

5. କା is post-posed to words like ଆଜି, କାଲି, ଆଜିକାଲି, କେବେ etc. to indicate a particular time or period.

   ଆଜିକା
   କାଲିକା
   ଆଜିକାଲିକା
   କେବେକା

6. ବା is used with interrogative pronoun to put emphasis.

   ଏମିତି ଘଟଣାକୁ ମଣିଷ ବା କ'ଣ କରିପାରିବ ?
   What can a man do in such an event ?

Digitized by srujanika@gmail.com

7. Sometimes some words are used in such a way that they convey a meaning totally different from their usual meaning. When it happens it is called idiomatic or proverbial use.

ତାକୁ କାହାର ହାତ ଅଛି ?

Here in this sentence ହାତ refers directly to ones helplessness and indirectly to destiny. Here the whole sentence refers to what the word ହାତ refers.

Note : The accident narrated in this Lesson really happened in Nandankanan lake on 24-5-81.

Digitized by srujanika@gmail.com

UNIT III

LESSON 35

On Language Learning

ଭାଷା ଶିକ୍ଷା

ଅଧ୍ୟାପିକା : ତୁମେମାନେ ଭାଷା ଶିଖିବାକୁ ଯତ୍ନ କରିପାର ନ କରିପାର । ତୁମମାନଙ୍କ ନ ଶିଖିବା ପାଇଁ ଆମେ କିନ୍ତୁ ଦାୟୀ ହୋଇ ନ ପାରୁ । ଭାଷା ଶିଖିବାକୁ ପରିଶ୍ରମ କରିବା ଦରକାର ।

Lady Lecturer : You may or may not try to learn the language. But we will not be held responsible if you do not learn the language. You will have to labour to learn a language.

ଛାତ୍ର : ଆମେ ତ ପରିଶ୍ରମ କରୁଛୁ ।

Student : We do iabour.

ଅଧ୍ୟାପିକା ନା, ତୁମେମାନେ ଯଥେଷ୍ଟ ପରିଶ୍ରମ କରୁନ । ଭାଷା ଶିକ୍ଷା ପାଇଁ ବର୍ତ୍ତମାନ ଶୁଣିବା, କହିବା ଓ ପଢ଼ିବା ଉପରେ ଅଧିକ ଜୋର ଦେଇପାର । କିନ୍ତୁ ଲେଖିବା ଉପରେ ବର୍ତ୍ତମାନ ସେତେ ଅଧିକ ନଜର ନ ଦେଇପାର ।

Lady Lecturer : No, your labour is not enough. At present you have to put more emphasis on listening, speaking and reading. You may not give that emphasis on writing now.

ଛାତ୍ର : ଆମେ ତ ଶୁଣୁଛୁ, କହୁଛୁ ଆଉ ପଢ଼ୁଛୁ । ଲେଖିବାକୁ ବି ଚେଷ୍ଟା କରୁଛୁ ।

Student : We are listening, speaking and reading. We are also trying to write.

ଅଧ୍ୟାପିକା : ଭାଷାକୁ ଠିକ୍ ଭାବରେ ଶୁଣିବା, ଠିକ୍‌ଭାବରେ ଉଚ୍ଚାରଣ କରିବା ଓ କହିବା, ଠିକ୍ ଭାବରେ ପଢ଼ିବା ଆଉ ଲେଖିବାକୁ ଅଭ୍ୟାସ କରିପାରିବା ହିଁ ଭାଷା ଶିକ୍ଷାର ମୂଳକଥା । ଏହାଛଡ଼ା ନୂଆ

Lady Lecturer : The basic principle of language learning is to listen correctly, to pronounce and to speak correctly, and to practice to

Digitized by srujanika@gmail.com

ନୂଆ ଶବ୍ଦ ଜାଣିବାକୁ ଓ ବ୍ୟବହାର କରିବାକୁ ମଧ୍ୟ ଚେଷ୍ଟା କରିବା ଉଚିତ ।

read and write correctly. In addition you should also try to know more and more new words and their uses.

ଛାତ୍ର : ମାଡାମ୍, ଆପଣଙ୍କ ଏଇ ବହିଟା ନେଇ ମୁଁ ଟିକେ ଦେଖିପାରେ କି ? ମୁଁ ଆଜି ଉପରଓଳି ଫେରେଇ ଦେବି ।

Student : Madam, may I please borrow your book to have a look ? I will return it to-day afternoon.

ଅଧ୍ୟାପିକା : ହଉ ନିଅ । ଦେଖିସାରି ଦେବ । ସେଇଟା ଲାଇବ୍ରେରୀ ବହି । ସାବଧାନରେ ରଖିବ ।

Lady Lecturer : Yes, you may have it, and return when you finish. That is a library book. Keep it carefully.

Variation

A : ତମେ ଭାଷା ଶିକ୍ଷା ପାଇଁ ଅନେକ ପ୍ରକାର ଚେଷ୍ଟା କରିପାର ।

A : You may try a number of ways to learn the language.

B : ସାର, କି କି ପ୍ରକାର ଚେଷ୍ଟା କରିହେବ ?

B : Sir, what are the ways one may try ?

A : କହିବା, ପଢ଼ିବା, ଲେଖିବା ଛଡ଼ା ବିଭିନ୍ନ ପ୍ରକାରର ବହି ପଢ଼ିବା କଥା । ପୁଣି ବିଭିନ୍ନ ଲୋକଙ୍କ ସହିତ କଥାବାର୍ତ୍ତା କରି ମଧ୍ୟ ଭାଷାର ବ୍ୟବହାର ଓ କହିବାର ଢଙ୍ଗକୁ ଅନୁସରଣ କରିହେବ । ଲୋକଙ୍କ କଥାରୁ ଶବ୍ଦର ନୂଆ ନୂଆ ବ୍ୟବହାରକୁ ବି ଲକ୍ଷ୍ୟ କରିବା କଥା ।

A : Besides speaking, reading and writing one should read different types of books. Also one may talk to different people to note the language uses and imitate the modes of speaking. One may also observe the new uses of words from people's talks.

B : ସାର, ମୁଁ ଆପଣଙ୍କୁ ଏକ ଅନୁରୋଧ କରିପାରେ କି ?

B : Sir, may I make a request to you ?

Digitized by srujanika@gmail.com

A : କି ଅନୁରୋଧ ?

A : What's that ?

B : ମୋର ଏ ଲେଖାଗୁଡ଼ିକୁ ଟିକେ ସଂଶୋଧନ କରିଦେବେ କି ?

B : Would you please correct my writings ?

A : ଆଜ୍ଞା, ମୋ ଟେବୁଲ ଉପରେ ସେଗୁଡ଼ିକ ତମେ ରଖିଦେଇ ଯାଇପାର ।

A : O. K. You may keep those writings on my table.

Vocabulary

ଅଧିକ more
ଅନୁରୋଧ request
ଅନୁସରଣ କରିବା to follow, to imitate
ଅଭ୍ୟାସ କରିବା to practice
ଉଚ୍ଚାରଣ କରିବା to pronounce
ଉପରଓଳି afternoon
କଥାବାର୍ତ୍ତା conversation
କହିବା to speak
କହିବାର ଢଙ୍ଗ mode of speaking
କି କି ପ୍ରକାର what types
ଚେଷ୍ଟା କରିବା to try, to take care
ଜୋର emphasis, stress
ଠିକ୍‌ଭାବରେ correctly
ଦାୟୀ responsible
ଦେଖିସାରି after seeing
ନଜର to give an eye
ନୂଆ ନୂଆ new
ପଢ଼ିବା to read loudly
ପରିଶ୍ରମ କରିବା to labour
ବିଭିନ୍ନ ଲୋକ different types of people
ଭାଷାର ବ୍ୟବହାର language-use
ମୂଳକଥା basic thing, basic point
ଯଥେଷ୍ଟ enough
ଯତ୍ନ to take care
ଶୁଣିବା to hear, to listen
ସଂଶୋଧନ correction
ସେତେ that much
ଲକ୍ଷ୍ୟକରିବା to watch
ଲେଖାଗୁଡ଼ିକ writings

Drills

I Build up drill

କରିପାର ।
ନ କରିପାର ।
କରିପାର ନ କରିପାର ।
ଯତ୍ନ କରିପାର ନ କରିପାର ।
ଭାଷା ଶିଖିବାକୁ ଯତ୍ନ କରିପାର ।
ଭାଷା ଶିଖିବାକୁ ଯତ୍ନ ନ କରିପାର ।
ଭାଷା ଶିଖିବାକୁ ଯତ୍ନ କରିପାର ନ କରିପାର ।
ତମେମାନେ କରିପାର ନକରିପାର ।
ତମେମାନେ ଯତ୍ନ କରିପାର ନକରିପାର ।
ତମେମାନେ ଭାଷା ଶିଖିବାକୁ ଯତ୍ନ କରିପାର ନକରିପାର ।

Digitized by srujanika@gmail.com

ଦାୟୀ ହୋଇନପାରୁ ।
ଆମେ ଦାୟୀ ହୋଇନପାରୁ ।
ଆମେ କିନ୍ତୁ ଦାୟୀ ହୋଇ ନପାରୁ ।
ନ ଶିଖିବା ପାଇଁ ଆମେ କିନ୍ତୁ ଦାୟୀ ହୋଇ ନପାରୁ ।
ତମମାନଙ୍କ ପାଇଁ ଆମେ କିନ୍ତୁ ଦାୟୀ ହୋଇନପାରୁ ।
ତମମାନଙ୍କ ନ ଶିଖିବା ପାଇଁ ଆମେ କିନ୍ତୁ ଦାୟୀ ହୋଇନପାରୁ ।

ଦରକାର ।
ପରିଶ୍ରମ କରିବା ଦରକାର ।
ଭାଷା ଶିଖିବାକୁ ପରିଶ୍ରମ କରିବା ଦରକାର ।

କରୁଛୁ ।
ପରିଶ୍ରମ କରୁଛୁ ।
ଆମେ ପରିଶ୍ରମ କରୁଛୁ ।
ଆମେ ତ ପରିଶ୍ରମ କରୁଛୁ ।

କରନ୍ତୁ ।
ପରିଶ୍ରମ କରନ୍ତୁ ।
ଯଥେଷ୍ଟ କରନ୍ତୁ ।
ଯଥେଷ୍ଟ ପରିଶ୍ରମ କରନ୍ତୁ ।
ତମେମାନେ କରନ୍ତୁ ।
ତମେମାନେ ପରିଶ୍ରମ କରନ୍ତୁ ।
ତମେମାନେ ଯଥେଷ୍ଟ ପରିଶ୍ରମ କରନ୍ତୁ ।
ନା, ତମେମାନେ ଯଥେଷ୍ଟ ପରିଶ୍ରମ କରନ୍ତୁ ।

ଦେଇପାର ।
ଜୋର ଦେଇପାର ।
ଅଧିକ ଜୋର ଦେଇପାର ।
ପଢ଼ିବା ଉପରେ ଅଧିକ ଜୋର ଦେଇପାର ।
କହିବା ଉପରେ ଅଧିକ ଜୋର ଦେଇପାର ।
ଶୁଣିବା ଉପରେ ଅଧିକ ଜୋର ଦେଇପାର ।
ଶୁଣିବା, କହିବା ଓ ପଢ଼ିବା ଉପରେ ଅଧିକ ଜୋର ଦେଇପାର ।
ବର୍ତ୍ତମାନ ଶୁଣିବା, କହିବା ଓ ପଢ଼ିବା ଉପରେ ଅଧିକ ଜୋର ଦେଇପାର ।
ଭଷା ଶିକ୍ଷା ପାଇଁ ବର୍ତ୍ତମାନ ଶୁଣିବା, କହିବା ଓ ପଢ଼ିବା ଉପରେ ଅଧିକ ଜୋର ଦେଇପାର ।

ପଢୁଛୁ ।
କହୁଛୁ ଆଉ ପଢୁଛୁ ।
ଶୁଣୁଛୁ, କହୁଛୁ, ଆଉ ପଢୁଛୁ ।
ଆମେ ତ ଶୁଣୁଛୁ, କହୁଛୁ ଆଉ ପଢୁଛୁ ।

କରୁଛୁ ।
ଚେଷ୍ଟା କରୁଛୁ ।
ଲେଖିବାକୁ ଚେଷ୍ଟା କରୁଛୁ ।
ଲେଖିବାକୁ ବି ଚେଷ୍ଟା କରୁଛୁ ।

Digitized by srujanika@gmail.com

ମୂଳ କଥା ।
ଭଷାଶିକ୍ଷାର ମୂଳକଥା ।
ଅଭ୍ୟାସ କରିପାରିବା ହିଁ ଭଷା ଶିକ୍ଷାର ମୂଳକଥା ।
ଲେଖିବାକୁ ଅଭ୍ୟାସ କରିପାରିବା ହିଁ ଭଷାଶିକ୍ଷାର ମୂଳକଥା ।
ଠିକ୍ ଭବରେ ପଢ଼ିବା ଆଉ ଲେଖିବାକୁ ଅଭ୍ୟାସ କରିବା ହିଁ ଭଷାଶିକ୍ଷାର ମୂଳକଥା ।
ଠିକ୍ ଭବରେ ଉଚ୍ଚାରଣ କରିବା ଓ କହିବା, ଠିକ୍ ଭବରେ ପଢ଼ିବା ଆଉ ଲେଖିବାକୁ ଅଭ୍ୟାସ କରିପାରିବା ହିଁ ଭଷାଶିକ୍ଷାର ମୂଳକଥା ।
ଭଷାକୁ ଠିକ୍‌ଭବରେ ଶୁଣିବା, ଠିକ୍ ଭବରେ ଉଚ୍ଚାରଣ କରିବା ଓ କହିବା, ଠିକ୍ ଭବରେ ପଢ଼ିବା ଆଉ ଲେଖିବାକୁ ଅଭ୍ୟାସ କରି-ପାରିବା ହିଁ ଭଷାଶିକ୍ଷାର ମୂଳକଥା ।

ଉଚିତ ।
କରିବା ଉଚିତ ।
ଚେଷ୍ଟା କରିବା ଉଚିତ ।
ବ୍ୟବହାର କରିବାକୁ ମଧ୍ୟ ଚେଷ୍ଟାକରିବା ଉଚିତ ।
ଜାଣିବାକୁ ଓ ବ୍ୟବହାର କରିବାକୁ ମଧ୍ୟ ଚେଷ୍ଟା କରିବା ଉଚିତ ।
ନୂଆ ନୂଆ ଶବ୍ଦ ଜାଣିବାକୁ ଓ ବ୍ୟବହାର କରିବାକୁ ମଧ୍ୟ ଚେଷ୍ଟା କରିବା ଉଚିତ ।
ଏହାଛଡ଼ା ନୂଆ ନୂଆ ଶବ୍ଦ ଜାଣିବାକୁ ଓ ବ୍ୟବ-ହାର କରିବାକୁ ମଧ୍ୟ ଚେଷ୍ଟା କରିବା ଉଚିତ ।

ଦେଖିପାରେ କି ?
ଟିକେ ଦେଖିପାରେ କି ?
ମୁଁ ଟିକେ ଦେଖିପାରେ କି ?
ଏଇ ବହିଟା ନେଇ ମୁଁ ଟିକେ ଦେଖିପାରେ କି ?
ଆପଣଙ୍କ ଏଇ ବହିଟା ନେଇ ମୁଁ ଟିକେ ଦେଖି-ପାରେ କି ?

ଫେରେଇ ଦେବି ।
ଉପରଓଳି ଫେରେଇଦେବି ।
ଆଜି ଫେରେଇଦେବି ।
ଆଜି ଉପରଓଳି ଫେରେଇଦେବି ।
ମୁଁ ଫେରେଇଦେବି ।
ମୁଁ ଉପରଓଳି ଫେରେଇ ଦେବି ।
ମୁଁ ଆଜି ଉପରଓଳି ଫେରେଇ ଦେବି ।

II Substitution drill

(a) ତମେମାନେ ଭଷା ଶିଖିବାକୁ ଯତ୍ନ କରିପାର ନକରିପାର ।

କାମ		ତମେମାନେ କାମ ଶିଖିବାକୁ ଯତ୍ନ କରିପାର ନକରିପାର ।
	ଚେଷ୍ଟା	ତମେମାନେ ଭଷା ଶିଖିବାକୁ ଚେଷ୍ଟା କରିପାର ନକରିପାର ।

Digitized by srujanika@gmail.com

ଇଚ୍ଛା	ତମେମାନେ ଭାଷା ଶିଖିବାକୁ ଇଚ୍ଛା କରିପାର ନକରିପାର ।
ଅଭ୍ୟାସ	ତମେମାନେ ଭାଷା ଶିଖିବାକୁ ଅଭ୍ୟାସ କରିପାର ନକରିପାର ।

(b) ତମମାନଙ୍କ ନ ଶିଖିବା ପାଇଁ ଆମେ କିଛି ଦାୟୀ ହୋଇନପାରୁ ।
,, ନଜାଣିବା ,, ,, ,, ,, ,, ।
,, ନବୁଝିବା ,, ,, ,, ,, ,, ।
,, ନକରିବା ,, ,, ,, ,, ,, ।
,, ନ ଶିଖିବା ,, ,, ,, ,, ରହି ନପାରୁ ।

(c) ଭାଷା ଶିଖିବାକୁ ପରିଶ୍ରମ କରିବା ଦରକାର ।

ଜାଣିବାକୁ	ଭାଷା ଜାଣିବାକୁ ପରିଶ୍ରମ କରିବା ଦରକାର ।
ବୁଝିବାକୁ	ଭାଷା ବୁଝିବାକୁ ପରିଶ୍ରମ କରିବା ଦରକାର ।
ଚେଷ୍ଟା	ଭାଷା ଶିଖିବାକୁ ଚେଷ୍ଟା କରିବା ଦରକାର ।
ଇଚ୍ଛା	ଭାଷା ଶିଖିବାକୁ ଇଚ୍ଛା କରିବା ଦରକାର ।
ଆଗ୍ରହ	ଭାଷା ଶିଖିବାକୁ ଆଗ୍ରହ କରିବା ଦରକାର ।

(d) ଆମେ ତ ପରିଶ୍ରମ କରୁଛୁ ।

ବି	ଆମେ ବି ପରିଶ୍ରମ କରୁଛୁ ।
ମଧ୍ୟ	ଆମେ ମଧ୍ୟ ପରିଶ୍ରମ କରୁଛୁ ।
ଚେଷ୍ଟା	ଆମେ ତ ଚେଷ୍ଟା କରୁଛୁ ।

(e) ନା, ତମେମାନେ ଯଥେଷ୍ଟ ପରିଶ୍ରମ କରୁନ ।

ଅଧିକ	ନା, ତମେମାନେ ଅଧିକ ପରିଶ୍ରମ କରୁନ ।
ବେଶୀ	ନା, ତମେମାନେ ବେଶୀ ପରିଶ୍ରମ କରୁନ ।
ବହୁତ	ନା, ତମେମାନେ ବହୁତ ପରିଶ୍ରମ କରୁନ ।

(f) କିଛି ଲେଖିବା ଉପରେ ବର୍ତ୍ତମାନ ସେତେ ଅଧିକ ନଜର ନ ଦେଇପାର ।
,, ପଢ଼ିବା ,, ,, ,, ,, ,, ,, ।
,, ଶୁଣିବା ,, ,, ,, ,, ,, ,, ।
,, କହିବା ,, ,, ,, ,, ,, ,, ।

କିଛି ଲେଖିବା ଉପରେ ବର୍ତ୍ତମାନ ସେତେ ବେଶୀ ନଜର ନ ଦେଇପାର ।
,, ,, ,, ,, ,, ,, ଦୃଷ୍ଟି ,, ।

Digitized by srujanika@gmail.com

(g) ଆମେ ତ ଶୁଣୁଛୁ, କହୁଛୁ ଆଉ ପଢୁଛୁ ।

ଦେଖୁଛୁ , ଜାଣୁଛୁ ଆଉ ଲେଖୁଛୁ,	ଆମେ ତ ଦେଖୁଛୁ , ଜାଣୁଛୁ ଆଉ ଲେଖୁଛୁ ।
କରୁଛୁ , ଆଣୁଛୁ , ଆଉ ଖାଉଛୁ,	ଆମେ ତ କରୁଛୁ , ଆଣୁଛୁ ଆଉ ଖାଉଛୁ ।

(h) ଏଇ ବହିଟା ମୁଁ ଟିକେ ଦେଖିପାରେ କି ?

ନେଇପାରେ	ଏଇ ବହିଟା ମୁଁ ଟିକେ ନେଇପାରେ କି ?
ଦେଇପାରେ	ଏଇ ବହିଟା ମୁଁ ଟିକେ ଦେଇପାରେ କି ?
ପଢିପାରେ	ଏଇ ବହିଟା ମୁଁ ଟିକେ ପଢିପାରେ କି ?

(i) ଦେଖିସାରି ଦେବ ।

ପଢିସାରି	ପଢିସାରି ଦେବ ।
ଲେଖିସାରି	ଲେଖିସାରି ଦେବ ।
ଖାଇସାରି	ଖାଇସାରି ଦେବ ।
ଆଣିସାରି	ଆଣିସାରି ଦେବ ।

III Substitution-Agreement drill

(a) ତମେମାନେ ଭଷା ଶିଖିବାକୁ ଯତ୍ନ କରିପାର କରି ନପାର ।

ଆପଣମାନେ	ଆପଣମାନେ ଭଷା ଶିଖିବାକୁ ଯତ୍ନ କରିପାରନ୍ତି କରି ନପାରନ୍ତି ।
ସେମାନେ	ସେମାନେ ଭଷା ଶିଖିବାକୁ ଯତ୍ନ କରିପାରନ୍ତି କରି ନପାରନ୍ତି ।
ଆମେମାନେ	ଆମେମାନେ ଭଷା ଶିଖିବାକୁ ଯତ୍ନ କରିପାରୁ କରିନପାରୁ ।
ତୁ	ତୁ ଭଷା ଶିଖିବାକୁ ଯତ୍ନ କରିପାରୁ କରି ନପାରୁ ।
ତମେମାନେ	ତମେ ଭଷା ଶିଖିବାକୁ ଯତ୍ନ କରିପାର କରି ନପାର ।
ସେ *fam.*	ସେ ଭଷା ଶିଖିବାକୁ ଯତ୍ନ କରିପାରେ କରି ନପାରେ ।
ସେ *hon.*	ସେ ଭଷା ଶିଖିବାକୁ ଯତ୍ନ କରିପାରନ୍ତି କରି ନପାରନ୍ତି ।
ମୁଁ	ମୁଁ ଭଷା ଶିଖିବାକୁ ଯତ୍ନ କରିପାରେ କରି ନପାରେ ।

(b) ତମମାନଙ୍କ ନ ଶିଖିବାପାଇଁ ଆମେ ଦାୟୀ ହୋଇନପାରୁ ।

,,	,,	ମୁଁ ଦାୟୀ ହୋଇ ନପାରେ ।
,,	,,	ସେ ଦାୟୀ ହୋଇ ନପାରେ । *fam.*
,,	,,	ସେ ଦାୟୀ ହୋଇ ନପାରନ୍ତି । *hon.*
,,	,,	ସେମାନେ ଦାୟୀ ହୋଇ ନ ପାରନ୍ତି ।

Digitized by srujanika@gmail.com

(c) ତମେ ଲେଖିବା ଉପରେ ସେତେ ଜୋର ନଦେଇପାର ।

ତୁ	ତୁ ଲେଖିବା ଉପରେ ସେତେ ଜୋର ନଦେଇପାରୁ ।
ଆପଣ	ଆପଣ ଲେଖିବା ଉପରେ ସେତେ ଜୋର ନଦେଇପାରନ୍ତି ।
ମୁଁ	ମୁଁ ଲେଖିବା ଉପରେ ସେତେ ଜୋର ନଦେଇପାରେ ।
ଆମେ	ଆମେ ଲେଖିବା ଉପରେ ସେତେ ଜୋର ନଦେଇପାରୁ ।
ସେ *fam.*	ସେ ଲେଖିବା ଉପରେ ସେତେ ଜୋର ନ ଦେଇପାରେ ।
ସେ *hon.*	ସେ ଲେଖିବା ଉପରେ ସେତେ ଜୋର ନଦେଇପାରନ୍ତି ।
ସେମାନେ	ସେମାନେ ଲେଖିବା ଉପରେ ସେତେ ଜୋର ନଦେଇପାରନ୍ତି ।

(d) ଏଇ ବହିଟା ମୁଁ ଦେଖିପାରେ କି ?

ଆମେ	ଏଇ ବହିଟା ଆମେ ଦେଖିପାରୁ କି ?
ତୁ	ଏଇ ବହିଟା ତୁ ଦେଖିପାରୁ କି ?
ତମେ	ଏଇ ବହିଟା ତମେ ଦେଖିପାର କି ?
ଆପଣ	ଏଇ ବହିଟା ଆପଣ ଦେଖିପାରନ୍ତି କି ?
ସେ *fam.*	ଏଇ ବହିଟା ସେ ଦେଖିପାରେ କି ?
ସେ *hon.*	ଏଇ ବହିଟା ସେ ଦେଖିପାରନ୍ତି କି ?
ସେମାନେ	ଏଇ ବହିଟା ସେମାନେ ଦେଖିପାରନ୍ତି କି ?

IV Response drill

(a) ଭଷା ଶିଖିବାକୁ କ'ଣ କରିବା ଦରକାର ?
ଭଷା ଶିଖିବାକୁ ଯତ୍ନ କରିବା ଦରକାର ।

(b) ଭଷା ଶିଖିବାକୁ ଆଉ କ'ଣ କରିବା ଦରକାର ?
ଭଷା ଶିଖିବାକୁ ପରିଶ୍ରମ କରିବା ଦରକାର ।

(c) ଭଷା ଶିକ୍ଷା ପାଇଁ କାହା ଉପରେ ଜୋର ଦେବା କଥା ?
ଭଷା ଶିକ୍ଷା ପାଇଁ ଶୁଣିବା, କହିବା, ପଢିବା ଓ ଲେଖିବା ଉପରେ ଜୋର ଦେବା କଥା ।

Exercises

1. Substitute the underlined words in the following sentences with the most appropriate words from the brackets:

(ବେଶୀ, ପରିଶ୍ରମ, ବହୁତ, ବି, ଭଷା)

(a) ତମେ ବଙ୍ଗଳା ଭଷା ଶିଖିବାକୁ ଯତ୍ନ କରିପାର ।

Digitized by srujanika@gmail.com

(b) ତୁ ତ ଯଥେଷ୍ଟ ପରିଶ୍ରମ କରୁନୁ ।
(c) ସେମାନେ ଆଜି ଯଥେଷ୍ଟ ଘିଅ ଖାଇଲେ ।
(d) ସେ ଅଧିକ କଥା କହିପାରେ ।
(e) ତମେମାନେ ନୂଆ ନୂଆ ଶବ୍ଦ ଜାଣିବାକୁ ଚେଷ୍ଟା କରିପାର ।

2. Substitute the underlined words with the given words and bring necessary changes in the following sentences:

(a) ଏ ବହିଟି ତୁମେ ଲାଇବ୍ରେରୀରେ ନଦେଇପାର । (ଦେଇପାରୁ)
(b) ଏ ବର୍ଷ ଭାଷାକେନ୍ଦ୍ରରେ ମୁଁ ଅସମୀୟା ଭାଷା ଶିଖିପାରେ । (ଶିଖିପାରୁ)
(c) ସେମାନେ ନୂଆ ନୂଆ ଜିନିଷ କିଣିବାକୁ ଚେଷ୍ଟା କରିପାରନ୍ତି । (ଚେଷ୍ଟା କରିପାର)
(d) ତୁ ପଢ଼ିବା ଉପରେ ଅଧିକ ଜୋର ନଦେଇପାରୁ । (ଦେଇନପାରନ୍ତି)
(e) ସେ ତା ଅନୁରୋଧ ରଖିପାରେ । (ରଖିପାରନ୍ତି)

3. Fill up the blanks in the following sentences:

(a) ଭାଷା ଶିକ୍ଷା ପାଇଁ ....ଓ ....ଉପରେ ଅଧିକ ଜୋର ଦେବା ଉଚିତ ।
(b) ଭାଷା ଶିଖିବା ପାଇଁ ....ବହି ମଧ୍ୟ ପଢ଼ିବା ଆବଶ୍ୟକ ।
(c) ବହି ପଢ଼ିବା ସାଙ୍ଗରେ..ସହିତ କଥାବାର୍ତ୍ତା କରିବା ଉଚିତ୍ ।
(d) ଭାଷାରେ ଶବ୍ଦର..ବ୍ୟବହାରକୁ ଲକ୍ଷ୍ୟ କରିବା କଥା ।
(e) ନିଜର ଲେଖାଗୁଡ଼ିକୁ.................... କରେଇନେବେ ।
(f) ଏ ବିଷୟରେ ଆଉ.......................,................ ଅଧିକ ଜାଣିଯାଇପାରେ ?
(g) ତମକୁ ମୁଁ .... କରିପାରେ କି ?
(h) ଆମ ବିଭାଗରେ....................ଓ.................. ମିଶି ଦଶଜଣ ହୋଇପାରନ୍ତି ।

4. There are five questions given below. Use different interrogative words to ask the same questions:

(a) ଭାଷା ଶିକ୍ଷା ପାଇଁ କ'ଣ କରାଯାଇପାରେ ?
(b) ତମେ କାହା ଉପରେ ଆଲୋଚନା କରୁଛ ?
(c) ସେ କୋଉ ଭାଷା ଶିଖିବାକୁ ଆସିଛି ?
(d) ସେ କଣ ଓଡ଼ିଆ ଭାଷା ଶିଖିବେ ?
(e) ତୁ କାହିଁକି ମନଦେଇ ପଢୁନାହୁଁ ?

Digitized by srujanika@gmail.com

5. Answer the following questions:

   (a) ଭାଷା ଶିକ୍ଷା ପାଇଁ କାହା ଉପରେ ଅଧିକ ଜୋର ଦେବା ଦରକାର ?

   (b) ଭାଷା ଶିକ୍ଷାର ମୂଳ କଥା କ'ଣ ?

   (c) ଶୁଣିବା, କହିବା, ପଢିବା ଓ ଲେଖିବା ଛଡ଼ା ଆଉ କ'ଣ କରିବା ଉଚିତ୍ ?

   (d) ବିଭିନ୍ନ ଲୋକଙ୍କ ସହିତ କଥାବାର୍ତ୍ତା କରି କ'ଣ ହେବ ?

   (e) ଲୋକଙ୍କ କଥାରୁ କ'ଣ ଲକ୍ଷ୍ୟ କରିବା କଥା ?

6. Do you know the opposites of the following words:

   ଯତ୍ନ, ଅଧିକ, ଠିକ୍, ନୂଆ, ଏକ

7. Write 10 sentences on your language-learning-experience.

Grammatical Note

1. Negative constructions with the verb ପାର୍ to express probability may be noted.

   ତମେ ବର୍ତ୍ତମାନ ଘରକୁ ଯାଇପାର ନ ଯାଇପାର ।

   You may or may not go home now.

   ଆପଣ ଏ କାମ କରିପାରନ୍ତି ବା ନକରିପାରନ୍ତି ।

   You may or may not do this work.

2. With ପାର୍ ipmerative expressions may also be formed.

   ମୁଁ ବହିଟା ଦେଖିପାରେ କି ? May I please see the book ?

   ମୁଁ ଆସିପାରେ କି ? May I please come in ?

   ମୁଁ ବର୍ତ୍ତମାନ ଯାଇପାରେ କି ? May I please go now ?

3. ହିଁ is used to put emphasis on the situation or person.

   ତମେ ହିଁ ତ ସେଇ ଲୋକ । You are the same man.

4. Some words are duplicated or repeated to suggest emphasis.

   ନୂଆ ନୂଆ

   ଧଳା ଧଳା

   ଧୀରେ ଧୀରେ

Digitized by srujanika@gmail.com

UNIT III

LESSON 36

Revision Lesson

Conversation between two trainees

ଦୁଇଜଣ ଶିକ୍ଷାର୍ଥୀଙ୍କ ମଧ୍ୟରେ କଥାବାର୍ତ୍ତା

ମିଶ୍ରବାବୁ : ମୁଁ ମିଡଟରମ୍ ଭକେସନରେ (ମଧ୍ୟବର୍ତ୍ତୀକାଳୀନ ଛୁଟି) ଆସାମ ନଯାଇପାରେ ।

Mishrababu : I may not go to Assam during the mid-term vacation.

ଚୌଧୁରୀବାବୁ : ତେବେ ଆପଣ କୁଆଡ଼େ ଯିବେ ?

Chowdhurybabu : Then where would you go ?

ମିଶ୍ରବାବୁ : ମୁଁ ଭାବୁଛି, ସେତେବେଳେ ମାଡ୍ରାସ, ବାଙ୍ଗାଲୋର ଆଉ ମହୀଶୂର ବୁଲିଯିବା ପାଇଁ । ଦେଖାଯାଉ କ'ଣ ହେଉଛି । ଆଜିକାଲି ଗାଡ଼ିମଟରର ଯାହା ଅବସ୍ଥା, ସେଥିରେ କୁଆଡ଼େ ଯିବାକୁ ଭୟ ଲଗିବା କଥା । ଦୁର୍ଘଟଣା, ଚୋରି ତ ପ୍ରାୟ ସବୁବେଳେ ଗାଡ଼ିରେ ହେଉଛି ।

Mishrababu : I think I may go on a visit to Madras, Bangalore and Mysore at that time. Let me see how it happens. Now-a-days the traffic conditions are such that one is afraid of going out anywhere. Accidents and thefts are always taking place in the running trains.

ଚୌଧୁରୀବାବୁ : ହଁ ସେ କଥା ସତ । ତଥାପି ସୁବିଧା ପାଇଁ ଆପଣ ଆଗରୁ ରିଜର୍ଭେସନ କରି ଯାଇପାରନ୍ତି । ମୁଁ ଛୁଟିରେ କଲିକତା ଯାଇ ମୋ ପିଲମାନଙ୍କୁ ଆଣିପାରେ । ତାହେଲେ ସେମାନେ ଓଡ଼ିଶାରେ ବୁଲି ଯାଇପାରିବେ ।

Chowdhurybabu : Yes, that's true. But you may go with prior reservation. I may go to Calcutta during the vacation to bring my family. So that they can visit Orissa.

Digitized by srujanika@gmail.com

ମିଶ୍ରବାବୁ : ହଁ, ସେମାନେ ତ କେବେ ଆଗରୁ ଭୁବନେଶ୍ୱର ଆସିପାରି ନଥିବେ ?

Mishrababu : Probably they have not been able to come to Bhubaneswar before ?

ଚୌଧୁରୀବାବୁ ନା, ସେମାନେ ଆସିପାରି ନାହାଁନ୍ତି । ଆପଣ କଣ ମହୀଶୂର ଏକା ଯିବେ ?

Chowdhurybabu No, they have not come. Are you going to Mysore alone.

ମିଶ୍ରବାବୁ : ନାଇଁ, ଦାସବାବୁ ଆଉ ବରୁଆବାବୁ ମୋ ସହିତ ଯାଇପାରନ୍ତି ।

Mishrababu : No. Mr. Das and Mr. Barua may accompany me.

ଚୌଧୁରୀବାବୁ : ଆଜ୍ଞା, ମୁଁ ଆପଣଙ୍କୁ ଗୋଟାଏ ଅନୁରୋଧ କରିପାରେ କି ?

Chowdhurybabu : Well, may I make a request to you ?

ମିଶ୍ରବାବୁ : କୁହନ୍ତୁ କ'ଣ ?

Mishrababu : Yes, please .

ଚୌଧୁରୀବାବୁ : ସି. ଆଇ. ଆଇ. ଏଲ.ରୁ ମୋ ଷ୍ଟାଇପେଣ୍ଡ କଥା ଟିକେ ବୁଝି ଆସି ପାରିବେ କି ?

Chowdhurybabu : Would you be able to enquire about my stipend from C.I.I.L. ?

ମିଶ୍ରବାବୁ ମୁଁ ମହୀଶୂରରେ ବେଶୀ ଦିନ ନ ରହି ପାରେ । ତେବେ ଆପଣଙ୍କ କଥା ବୁଝି ଆସିବାକୁ ଚେଷ୍ଟା କରିବି ।

Mishrababu : I may not stay long in Mysore. But I will try to know about your case.

Exercises

1. Substitute the underlined words with the words given in the brackets and bring necessary changes in the sentences if necessary:

(a) ଏଥର ମୁଁ ମହୀଶୂର ନ ଯାଇପାରେ (ଆମେ)

(b) ଆମେ ବାଟରେ ଗଲବେଳେ ଡେରି ହୋଇପାରେ ।·(ତମେ)

(c) ସେମାନେ ରିଜର୍ଭେସନ କରି ଆସିପାରନ୍ତି । (ତୁ)

(d) ମୋ ପିଲାମାନେ ଷ୍ଟେସନକୁ ଜିନିଷପତ୍ର ଆଣିପାରନ୍ତି । (ସାନଭାଇ)

(e) ଆମ ପୁଅକୁ ଷ୍ଟାଇପେଣ୍ଡ ନ ମିଳିପାରେ । (ଭାଷାକେନ୍ଦ୍ରକୁ)

Digitized by srujanika@gmail.com

2. Fill up the gaps:

(a) ସେ ମାଡ୍ରାସ......................ଯିବାପାଇଁ ଠିକ୍ କରିଛି ।
(b) ମୋ......................ଭୁବନେଶ୍ୱର ଦେଖି ନାହାଁନ୍ତି ।
(c) ମୋର......................ଟିକେ ରଖିବେ କି ?
(d) ଆଜିକାଲି ଘଣ୍ଟାରେ ବହୁତ......................ଖୁଲୁଛି ।
(e) ତମ......................ଦେଖି ସେ ମନ କଷ୍ଟ କରିପାରେ ।
(f) ବେଶୀ ରାତିରେ ତୁ......................ନଯାଇପାରୁ ।
(g) ସେ ତୁମକୁ......................କଥାହିଁ କହିପାରେ ।

3. Transform the following sentences into negative:

(a) ମୁଁ ପିଲାମାନଙ୍କୁ ଏଠିକି ଆଣିପାରେ ।
(b) ସେମାନେ ଟ୍ରେନରେ ଆସିପାରନ୍ତି ।
(c) ଆପଣ ବର୍ତ୍ତମାନ ଘରକୁ ଯାଇପାରନ୍ତି ।
(d) ତମ କଥା ବୁଝିବାକୁ ମୁଁ ଚେଷ୍ଟା କରିପାରେ ।
(e) ସେ ଏଥର ପରୀକ୍ଷାରେ ପାସ କରିପାରେ ।

4. Make sentences using the following words :

ଯାହା, ପ୍ରାୟ, ସତ, କେବେ, ଏକା, ଅନୁରୋଧ, ସବୁବେଳେ, ଗୋଟାଏ, ଚେଷ୍ଟା, ଭୟ

5. Write *ten words* like ଡରଳିଆ.

6. Answer the following questions:

(a) ଆପଣ ମିଡଟରମ୍‌ରେ କୁଆଡ଼େ ଯାଇପାରନ୍ତି ?
(b) ଆପଣ କେବେ ଫେରି ପାରନ୍ତି ?
(c) ଭାଷାକେନ୍ଦ୍ର କେବେ ଖୋଲିପାରେ ?
(d) ଆପଣ ଛୁଟିରେ ମହୀଶୂର ଯାଇପାରନ୍ତି କି ?
(e) ଆପଣ ଓଡ଼ିଆରେ କଥାବାର୍ତ୍ତା କରିପାରନ୍ତି କି ?

7. You may have to go to Mysore on official work. Write *ten sentences* on that. Use probability ପାରେ in the verb form.

Digitized by srujanika@gmail.com

UNIT III

LESSON 37

An Invitation

ନିମନ୍ତ୍ରଣ

ମଞ୍ଜୁ : ଅପା, କାଲି ତ ପହିଲି ରଜ । ମୁଁ ଆପଣଙ୍କୁ ଡାକିବାକୁ ଆସିଥିଲି । କାଲି ଆମ ଘରକୁ ଦିନରେ ଖାଇବାକୁ ଆସିବେ ।

Manju : Apa, tomorrow will be the first day of Raja. I have come to invite you. Please come to our house tomorrow for lunch.

ସୁପ୍ରୀତି ଅପା : ଆରେ, ମୋର ତ କାଲି ଗୋଟାଏ ଜାଗାକୁ ଯିବାର ଅଛି । ମୋର ଡେରି ହୋଇପାରେ । ମୁଁ ନ ଆସିପାରିଲେ ତମେ ମତେ ଅପେକ୍ଷା କରିବନି ।

Supritiapa : Well, I have to go to a place tomorrow. I may be late. You need not wait for me if I don't come in time.

ମଞ୍ଜୁ : ନାହିଁ ଅପା, ସେ କଥା ହେବନି । ଆପଣ ଆସିଲେ ମୁଁ ଖାଇବି । ଆପଣ ନଆସିଲେ ମୁଁ ଖାଇବିନି ।

Manju : No apa, that won't do. I will eat only when you come. Unless you come, I am not going to eat.

ସୁପ୍ରୀତି ଅପା : ସେମିତି କହିଲେ କେମିତି ହେବ ?

Supritiapa : How it would be if you say so ?

ମଞ୍ଜୁ : ଆଛା ଅପା, ଆପଣ ଟିକେ ଡେରିକରି ଗଲେ କଣ ହେବନି ? ତାହେଲେ ଆମଘରେ ଖାଇସାରି ଯାଇପାରିବେ ।

Manju : Apa, can't you go to that place a little late ? Then you can eat your food at our place and go.

Digitized by srujanika@gmail.com

ସୁପ୍ରୀତିଅପା : ହଉ, ତମେ ସକାଳୁ ଡାକି ଆସିଲେ ସିନା ମୁଁ ଯିବି । ତମ ଘର ତ ମୁଁ ଦେଖିନି । କଣ ବହୁତ ପିଠାପଣା ହେଇଛି କି ?	Supritiapa : O.K. But I can go only if you can come in the morning and take me. I have not seen your place. Well, Have you prepared lots of cakes and sweets ?
ମଞ୍ଜୁ : ପୋଡ଼ପିଠା ତ ହେଇଛି । ବୋଉ ପୁଣି ଆଉ କେତେ ପ୍ରକାର ପିଠା ବି କରିଛି । ମୁଁ କାଲି ସକାଳେ ଦଶଟା ବେଳେ ଆସିଲେ ଆପଣ ନିଶ୍ଚୟ ଯିବେ ।	Manju : There is the boket-cake. Besides the mother has prepared lots of cakes of other types. Please do come when I come tomorrow at 10 in the morning.

Variation

A : ଶିଖା ମତେ ସିନେମା ଦେଖିବାକୁ ନିମନ୍ତ୍ରଣ କରିଛି । କାଲି ଖରବେଳେ ଶିଖା ଆସିଲେ ଆମେ ସାଙ୍ଗ ହୋଇ ଯିବୁ । ତୁ ଯିବୁ ?	**A** : Shikha has invited me to see a film. When she comes tomorrow at noon we will go together. Will you go ?
B : ଶିଖା ଆସିଲେ ମତେ ଖବର ଦବୁ । ଇଚ୍ଛାହେଲେ ମୁଁ ଯାଇପାରେ । କିନ୍ତୁ ଶିଖା ନ ଗଲେ କଣ ତୁ ଯିବୁ ?	**B** : When Shikha comes please inform me. I may go if I so desire. But will you go if Shikha does not go ?
A : ନା । ଆମେ ଗଲେ ତତେ ଖବର ପଠେଇଲେ ତୁ ଆସିବୁ ତ ?	**A** : No. If we go would you come if we send information.
B : ଦେଖିବା, କିଛି ଠିକ୍ କରି କହି ପାରୁନି । ତୁ ଡକେଇ ପଠେଇଲେ ମୁଁ ଯିବାକୁ ଚେଷ୍ଟା କରିବି ।	**B** : I will see. I can't say anything definitely. If you call me I will try to go.

Digitized by srujanika@gmail.com

Vocabulary

ଖାଇସାରି after taking the meal
ଜାଗାକୁ to a place
ଠିକ୍‌କରି positively
ନିଶ୍ଚୟ surely, definitely
ପହିଲିରଜ first day of the Raja
ପୋଡପିଠା a cake baked in the oven
ରଜ Raja, a festival of Orissa

Drills

I. Build up drill

ରଜ ।
ପହିଲିରଜ ।
କାଲି ପହିଲିରଜ ।
କାଲି ତ ପହିଲି ରଜ ।

ଆସିଥିଲି ।
ଡାକିବାକୁ ଆସିଥିଲି ।
ଆପଣଙ୍କୁ ଡାକିବାକୁ ଆସିଥିଲି ।
ମୁଁ ଡାକିବାକୁ ଆସିଥିଲି ।
ମୁଁ ଆପଣଙ୍କୁ ଡାକିବାକୁ ଆସିଥିଲି ।

ଆସିବେ ।
ଖାଇବାକୁ ଆସିବେ ।
ଦିନରେ ଖାଇବାକୁ ଆସିବେ ।
ଆମ ଘରକୁ ଆସିବେ ।
ଆମ ଘରକୁ ଦିନରେ ଆସିବେ ।
କାଲି ଆସିବେ ।
କାଲି ଦିନରେ ଆସିବେ ।
କାଲି ଦିନରେ ଖାଇବାକୁ ଆସିବେ ।
କାଲି ଆମଘରକୁ ଦିନରେ ଖାଇବାକୁ ଆସିବେ ।

ଅଛି ।
ଯିବାର ଅଛି ।
ଗୋଟାଏ ଜାଗାକୁ ଯିବାର ଅଛି ।
କାଲି ଗୋଟାଏ ଜାଗାକୁ ଯିବାର ଅଛି ।
ଆରେ, ମୋର ତ କାଲି ଗୋଟାଏ ଜାଗାକୁ ଯିବାର ଅଛି ।

ହେଇପାରେ ।
ଡେରି ହେଇପାରେ ।
ମୋର ଡେରି ହେଇପାରେ ।

କରିବନି ।
ଅପେକ୍ଷା କରିବନି ।
ମତେ ଅପେକ୍ଷା କରିବନି ।
ତମେ ମତେ ଅପେକ୍ଷା କରିବନି ।
ଆସି ପାରିଲେ ତମେ ମତେ ଅପେକ୍ଷା କରିବନି ।
ନଆସି ପାରିଲେ ତମେ ମତେ ଅପେକ୍ଷା କରିବନି ।
ମୁଁ ନଆସି ପାରିଲେ ତମେ ଅପେକ୍ଷା କରିବନି ।

ହେବନି ।
ସେକଥା ହେବନି ।
ନାଇଁ ଅପା, ସେକଥା ହେବନି ।

Digitized by srujanika@gmail.com

ଖାଇବି ।
ମୁଁ ଖାଇବି ।
ଆସିଲେ ମୁଁ ଖାଇବି ।
ଆପଣ ଆସିଲେ ମୁଁ ଖାଇବି ।

ଖାଇବିନି ।
ମୁଁ ଖାଇବିନି ।
ଆସିଲେ ମୁଁ ଖାଇବିନି ।
ନଆସିଲେ ମୁଁ ଖାଇବିନି ।
ଆପଣ ନଆସିଲେ ମୁଁ ଖାଇବିନି ।

ହେବ ?
କେମିତି ହେବ ?
କହିଲେ କେମିତି ହେବ ?
ସେମିତି କେମିତି ହେବ ?
ସେମିତି କହିଲେ କେମିତି ହେବ ?

ହବନି ?
କଣ ହବନି ?
ଡେରିକରି ଗଲେ କଣ ହବନି ?
ଟିକେ ଡେରିକରି ଗଲେ କଣ ହବନି ?
ଆପଣ ଟିକେ ଡେରିକରି ଗଲେ କଣ ହବନି ?
ଆଚ୍ଛା ଅପା, ଆପଣ ଟିକେ ଡେରିକରି ଗଲେ କଣ ହବନି ?

ଯାଇପାରିବେ ।
ଖାଇସାରି ଯାଇପାରିବେ ।
ଆମ ଘରେ ଖାଇସାରି ଯାଇ ପାରିବେ ।
ତାହେଲେ ଆମଘରେ ଖାଇସାରି ଯାଇପାରିବେ ।

ଯିବି ।
ମୁଁ ଯିବି ।
ଆସିଲେ ସିନା ମୁଁ ଯିବି ।
ଡାକି ଆସିଲେ ସିନା ମୁଁ ଯିବି ।
ସବାଙ୍କୁ ଡାକି ଆସିଲେ ସିନା ମୁଁ ଯିବି ।
ତମେ ସବାଙ୍କୁ ଡାକି ଆସିଲେ ସିନା ମୁଁ ଯିବି ।

ଦେଖିନି ।
ମୁଁ ଦେଖିନି ।
ଘର ତ ମୁଁ ଦେଖିନି ।
ତମ ଘର ତ ମୁଁ ଦେଖିନି ।

ହେଇଛି କି ?
ପିଠାପଣା ହେଇଛି କି ?
ବହୁତ ପିଠାପଣା ହେଇଛି କି ?
କଣ ବହୁତ ପିଠାପଣା ହେଇଛି କି ?

ହେଇଛି ।
ପୋଡ଼ପିଠା ହେଇଛି ।

କରିଛି ।
ପିଠା ବି କରିଛି ।
କେତେ ପ୍ରକାର ପିଠା ବି କରିଛି ।
ଆଉ କେତେ ପ୍ରକାର ପିଠା ବି କରିଛି ।
ପୁଣି ଆଉ କେତେ ପ୍ରକାର ପିଠା ବି କରିଛି ।
ବୋଉ ପୁଣି ଆଉ କେତେପ୍ରକାର ପିଠା ବି କରିଛି ।

ଯିବେ ।
ନିଶ୍ଚୟ ଯିବେ ।
ଆପଣ ନିଶ୍ଚୟ ଯିବେ ।
ଦଶଟା ବେଳେ ଆସିଲେ ଆପଣ ନିଶ୍ଚୟ ଯିବେ ।
ସକାଳେ ଦଶଟା ବେଳେ ଆସିଲେ ଆପଣ ନିଶ୍ଚୟ ଯିବେ ।
ମୁଁ କାଲି ସକାଳେ ଦଶଟା ବେଳେ ଆସିଲେ ଆପଣ ନିଶ୍ଚୟ ଯିବେ ।

Digitized by srujanika@gmail.com

II Substitution drill

(a) ମୁଁ ଆପଣଙ୍କୁ ଡାକିବାକୁ ଆସିଥିଲି ।

ନିମନ୍ତ୍ରଣ କରିବାକୁ	ମୁଁ ଆପଣଙ୍କୁ ନିମନ୍ତ୍ରଣ କରିବାକୁ ଆସିଥିଲି ।
କହିବାକୁ	ମୁଁ ଆପଣଙ୍କୁ କହିବାକୁ ଆସିଥିଲି ।
ଦେଖିବାକୁ	ମୁଁ ଆପଣଙ୍କୁ ଦେଖିବାକୁ ଆସିଥିଲି ।

(b) କାଲି ଆମ ଘରକୁ ଦିନରେ ଖାଇବାକୁ ଆସିବେ ।

ତାଙ୍କଘରକୁ	କାଲି ତାଙ୍କ ଘରକୁ ଦିନରେ ଖାଇବାକୁ ଆସିବେ ।
ମୋ ଘରକୁ	କାଲି ମୋ ଘରକୁ ଦିନରେ ଖାଇବାକୁ ଆସିବେ ।
ରାତିରେ	କାଲି ଆମଘରକୁ ରାତିରେ ଖାଇବାକୁ ଆସିବେ ।
ସନ୍ଧ୍ୟାରେ	କାଲି ଆମ ଘରକୁ ସନ୍ଧ୍ୟାରେ ଖାଇବାକୁ ଆସିବେ ।
ଖରବେଳେ	କାଲି ଆମ ଘରକୁ ଖରବେଳେ ଖାଇବାକୁ ଆସିବେ ।

(c) ମୋର ତ କାଲି ଗୋଟାଏ ଜାଗାକୁ ଯିବାର ଅଛି ।

ଆଜି	ମୋର ତ ଆଜି ଗୋଟାଏ ଜାଗାକୁ ଯିବାର ଅଛି ।
ପଅରଦିନ	ମୋର ତ ପଅରଦିନ ଗୋଟାଏ ଜାଗାକୁ ଯିବାର ଅଛି ।
ଆସିବାର	ମୋର ତ କାଲି ଗୋଟାଏ ଜାଗାକୁ ଆସିବାର ଅଛି ।

(d) ମୁଁ ନଆସି ପାରିଲେ ମତେ ଅପେକ୍ଷା କରିବନି ।

ନଯାଇ	ମୁଁ ନଯାଇପାରିଲେ ମତେ ଅପେକ୍ଷା କରିବନି ।
ନରହି	ମୁଁ ନରହି ପାରିଲେ ମତେ ଅପେକ୍ଷା କରିବନି ।
ନକରି	ମୁଁ ନକରି ପାରିଲେ ତମେ ଅପେକ୍ଷା କରିବନି ।

(e) ଆପଣ ଆସିଲେ ମୁଁ ଖାଇବି ।

ପହଞ୍ଚିଲେ	ଆପଣ ପହଞ୍ଚିଲେ ମୁଁ ଖାଇବି ।
ରହିଲେ	ଆପଣ ରହିଲେ ମୁଁ ଖାଇବି ।
ଥିଲେ	ଆପଣ ଥିଲେ ମୁଁ ଖାଇବି ।
ଆସିବି	ଆପଣ ଆସିଲେ ମୁଁ ଆସିବି ।
ରହିବି	ଆପଣ ଆସିଲେ ମୁଁ ରହିବି ।
ଦେଖିବି	ଆପଣ ଆସିଲେ ମୁଁ ଦେଖିବି ।
ପଢିବି	ଆପଣ ଆସିଲେ ମୁଁ ପଢିବି ।

Digitized by srujanika@gmail.com

(f) ଆପଣ ନ ଆସିଲେ ମୁଁ ଖାଇବିନି ।

ତମେ	ତମେ ନଆସିଲେ ମୁଁ ଖାଇବିନି ।
ତୁ	ତୁ ନଆସିଲେ ମୁଁ ଖାଇବିନି ।
ସେ	ସେ ନଆସିଲେ ମୁଁ ଖାଇବିନି ।
ସେମାନେ	ସେମାନେ ନଆସିଲେ ମୁଁ ଖାଇବିନି ।
ରହିଲେ	ଆପଣ ନରହିଲେ ମୁଁ ଖାଇବିନି ।
କହିଲେ	ଆପଣ ନକହିଲେ ମୁଁ ଖାଇବିନି ।
ଗଲେ	ଆପଣ ନଗଲେ ମୁଁ ଖାଇବିନି ।
ଥିଲେ	ଆପଣ ନଥିଲେ ମୁଁ ଖାଇବିନି ।
ଯିବିନି	ଆପଣ ନଆସିଲେ ମୁଁ ଯିବିନି ।
ଆସିବିନି	ଆପଣ ନଆସିଲେ ମୁଁ ଆସିବିନି ।
ରହିବିନି	ଆପଣ ନଆସିଲେ ମୁଁ ରହିବିନି ।
ପଢ଼ିବିନି	ଆପଣ ନ ଆସିଲେ ମୁଁ ପଢ଼ିବିନି ।

(g) ସେମିତି କହିଲେ କେମିତି ହେବ ?

ଏମିତି	ଏମିତି କହିଲେ କେମିତି ହେବ ?
ଏମିତିକା	ଏମିତିକା କହିଲେ କେମିତି ହେବ ?
ସେମିତିକା	ସେମିତିକା କହିଲେ କେମିତି ହେବ ?
ହେଲେ	ସେମିତି ହେଲେ କେମିତି ହେବ ?
କରିଲେ	ସେମିତି କରିଲେ କେମିତି ହେବ ?

(h) ଆପଣ ଟିକେ ଡେରିକରି ଗଲେ କଣ ହବନି ?

ତମେ	ତମେ ଟିକେ ଡେରିକରି ଗଲେ କଣ ହବନି ?
ତୁ	ତୁ ଟିକେ ଡେରିକରି ଗଲେ କଣ ହବନି ?
ସେ	ସେ ଟିକେ ଡେରିକରି ଗଲେ କଣ ହବନି ?
ସେମାନେ	ସେମାନେ ଟିକେ ଡେରିକରି ଗଲେ କଣ ହବନି ?
ମୁଁ	ମୁଁ ଟିକେ ଡେରିକରି ଗଲେ କଣ ହବନି ?
ଆମେ	ଆମେ ଟିକେ ଡେରିକରି ଗଲେ କଣ ହବନି ?
ଚଳିବନି	ଆପଣ ଟିକେ ଡେରିକରିଗଲେ କଣ ଚଳିବନି ?

(i) ତାହେଲେ ଆମଘରେ ଖାଇସାରି ଯାଇପାରିବେ ।

ତାଙ୍କ	ତାହେଲେ ତାଙ୍କଘରେ ଖାଇସାରି ଯାଇପାରିବେ ।
ମୋ	ତାହେଲେ ମୋଘରେ ଖାଇସାରି ଯାଇପାରିବେ ।

Digitized by srujanika@gmail.com

ଆପଣଙ୍କ — ତାହେଲେ ଆପଣଙ୍କ ଘରେ ଖାଇସାରି ଯାଇପାରିବେ ।
ଦେଖିସାରି — ତାହେଲେ ଆମଘରେ ଦେଖିସାରି ଯାଇପାରିବେ ।
ପଢିସାରି — ତାହେଲେ ଆମଘରେ ପଢିସାରି ଯାଇପାରିବେ ।

(j) କଣ ବହୁତ ପିଠାପଣା ହେଇଛି କି ?
ଖିରିଖେଚଡ଼ି — କଣ ବହୁତ ଖିରିଖେଚଡ଼ି ହେଇଛି କି ?
ଖାନାପିନା — କଣ ବହୁତ ଖାନାପିନା ହେଇଛି କି ?

III Substitution-Agreement drill

(a) ମୁଁ ନ ଆସିପାରିଲେ ତମେ ମତେ ଅପେକ୍ଷା କରିବନି ।
ତୁ — ମୁଁ ନଆସିପାରିଲେ ତୁ ମତେ ଅପେକ୍ଷା କରିବୁନି ।
ଆପଣ — ମୁଁ ନଆସିପାରିଲେ ଆପଣ ମତେ ଅପେକ୍ଷା କରିବେନି ।
ସେ *fam.* — ମୁଁ ନଆସିପାରିଲେ ସେ ମତେ ଅପେକ୍ଷା କରିବନି ।
ସେ *hon.* — ମୁଁ ନଆସିପାରିଲେ ସେ ମତେ ଅପେକ୍ଷା କରିବେନି ।
ସେମାନେ — ମୁଁ ନଆସିପାରିଲେ ସେମାନେ ମତେ ଅପେକ୍ଷା କରିବେନି ।

(b) ଆପଣ ଆସିଲେ ମୁଁ ଖାଇବି ।
ଆମେ *excl.* — ଆପଣ ଆସିଲେ ଆମେ ଖାଇବୁ ।
ସେ — ଆପଣ ଆସିଲେ ସେ ଖାଇବ ।
ସେମାନେ *fam.* — ଆପଣ ଆସିଲେ ସେମାନେ ଖାଇବେ ।

(c) ଆପଣ ନ ଆସିଲେ ମୁଁ ଖାଇବିନି ।
ଆମେ *excl.* — ଆପଣ ନଆସିଲେ ଆମେ ଖାଇବୁନି ।
ସେ *fam.* — ଆପଣ ନଆସିଲେ ସେ ଖାଇବନି ।
ସେମାନେ — ଆପଣ ନ ଆସିଲେ ସେମାନେ ଖାଇବେନି ।

IV Transformation drill

1. Transformation into negative—

(i)(a) ସେ ଆସି ପାରିଲେ ତମେ ମତେ ଅପେକ୍ଷା କରିବ ।
ସେ ନ ଆସି ପାରିଲେ ତମେ ମତେ ଅପେକ୍ଷା କରିବ ।
ସେ ଆସି ନପାରିଲେ ତମେ ମତେ ଅପେକ୍ଷା କରିବ ।

(b) ଆପଣ ଆସିଲେ ମୁଁ ଖାଇବି ।
ଆପଣ ନ ଆସିଲେ ମୁଁ ଖାଇବି ।

Digitized by srujanika@gmail.com

(c) ସେମିତି କହିଲେ ଭଲ ହେବ ।
ସେମିତି ନକହିଲେ ଭଲ ହେବ ।

(d) ଆପଣ ଟିକେ ଡେରିକରି ଗଲେ ହବ ।
ଆପଣ ଟିକେ ଡେରିକରି ନଗଲେ ହବ ।

(e) ତମେ ସକାଳୁ ଡାକି ଆସିଲେ ମୁଁ ଯିବି ।
ତମେ ସକାଳୁ ନ ଡାକି ଆସିଲେ ମୁଁ ଯିବି ।

(ii)(a) ସେ ଆସିପାରିଲେ ତମେ ମତେ ଅପେକ୍ଷା କରିବ ।
ସେ ଆସିପାରିଲେ ତମେ ମତେ ଅପେକ୍ଷା କରିବନି ।

(b) ଆପଣ ଆସିଲେ ମୁଁ ଖାଇବି ।
ଆପଣ ଆସିଲେ ମୁଁ ଖାଇବିନି ।

(c) ସେମିତି କହିଲେ ହବ ।
ସେମିତି କହିଲେ ହବନି ।

(d) ତମେ ସକାଳୁ ଡାକି ଆସିଲେ ମୁଁ ଯିବି ।
ତମେ ସକାଳୁ ଡାକି ଆସିଲେ ମୁଁ ଯିବିନି ।

2. Transformation into negative (use of double negative)—

(a) ସେ ଆସିପାରିଲେ ତମେ ମତେ ଅପେକ୍ଷା କରିବ ।
ସେ ନ ଆସିପାରିଲେ ତମେ ମତେ ଅପେକ୍ଷା କରିବନି ।

(b) ଆପଣ ଆସିଲେ ମୁଁ ଖାଇବି ।
ଆପଣ ନଆସିଲେ ମୁଁ ଖାଇବିନି ।

(c) ତମେ ସକାଳୁ ଡାକି ଆସିଲେ ମୁଁ ଯିବି ।
ତମେ ସକାଳୁ ଡାକି ନଆସିଲେ ମୁଁ ଯିବିନି ।

(d) ଇଚ୍ଛା ହେଲେ ମୁଁ ଯାଇପାରେ ।
ଇଚ୍ଛା ନହେଲେ ମୁଁ ନଯାଇପାରେ ।

(e) ଆମେ ଗଲେ ତତେ ଖବର ପଠେଇଲେ ତୁ ଆସିବୁ ।
ଆମେ ନଗଲେ ତତେ ଖବର ନପଠେଇଲେ ତୁ ଆସିବୁନି ।

Digitized by srujanika@gmail.com

V. Combination drill
(by using conditional non-finite)

(a) ତମେ ଆସିବ ।
ମୁଁ ଯିବି । — ତମେ ଆସିଲେ ମୁଁ ଯିବି ।

(b) ସେ ଥିବେ ।
ମୁଁ ରହିବିନି । — ସେ ଥିଲେ ମୁଁ ରହିବିନି ।

(c) ଆପଣ ରହିବେ ।
ସେ ରହିବେନି । — ଆପଣ ରହିଲେ ସେ ରହିବେନି ।

(d) ମୁଁ ସିନେମା ଯାଇପାରିବି ।
ତୁମକୁ ଡକେଇବି । — ମୁଁ ସିନେମା ଯାଇପାରିଲେ ତମକୁ ଡକେଇବି ।

(e) ତମେ ଖବର ପଠେଇବ ।
ଆମେ ଆସିପାରୁ । — ତମେ ଖବର ପଠେଇଲେ ଆମେ ଆସିପାରୁ ।

Exercises

1. Substitute the underlined words with alternative appropriate words in the following sentences:

(i) (a) ମୁଁ <u>ଡାକିଲେ</u> ତମେ ଆସିବ ।
(b) ଭାତ ରନ୍ଧା <u>ସରିଲେ</u> ଆମେ ଖାଇବୁ ।
(c) ସେ <u>ଥିଲେ</u> ମୁଁ ଆସିବିନି ।
(d) ସଞ୍ଜୟ ଖବର <u>ଦେଲେ</u> ତମେ ସବୁ କାମ କରିବ ।
(e) ଆପଣ <u>ନଗଲେ</u> କେହି ଆସିବେନି ।

(ii) (a) ମୁଁ <u>ଖାଇସାରି</u> ବଜାର ଯିବି ।
(b) ସେ <u>ପଢିସାରି</u> ରବୀନ୍ଦ୍ରମଣ୍ଡପକୁ ଆସିବେ ।
(c) ସିନେମା <u>ଯାଇସାରି</u> ମୁଁ ତମ ପାଖକୁ ଯିବି ।
(d) ପିଠା <u>କରିସାରି</u> ବୋଉ ଶୋଇଛି ।
(e) ଖାତା <u>ଦେଖିସାରି</u> ସେ ନମ୍ବର ଦେଲେ ।

Digitized by srujanika@gmail.com

2. Fill up the blanks choosing the most appropriate words from the brackets:

(a) ସେମିତି......................କେମିତି ଯିବା ? (ହେଲେ/ବଢିଲେ)
(b) ଆଜି କଣ ବହୁତ......................ହେଉଛି କି ? (ଖାଇବା/ପିଠାପଣା)
(c) ସେ ନ ଆସି...................... ବି ତମେ ନିଶ୍ଚୟ ଆସିବ । (କରିଲେ/ପାରିଲେ)
(d) ତମେ ଅପେକ୍ଷା ନ...................... କିଏ ଆସିବ ? (ଗଲେ/କଲେ)

3. Transform the following sentences into negative:

(i) Use single negative marker—

(a) ତମେ ଯାଇପାରିଲେ ଭଲ ହେବ ।
(b) ରଜରେ ପିଠା ହେଲେ ମତେ ଡାକିବ ।
(c) ରଜ ଆସିଲେ ସମସ୍ତେ ଖୁସି ହୁଅନ୍ତି ।
(d) ସିନେମା ଟିକେଟ ମିଳିଲେ ଆଣିବ ।
(e) ସେ ରଜ ଗୀତ ଶୁଣିଲେ ଦୋଳି ଖେଳିବ ।

(ii) Use double negative marker—

(a) ତମେ ଗୀତ ବୋଲିଲେ ମୁଁ ବାଜା ବଜେଇବି ।
(b) ଆପଣ ପୁରୀ ଆସିଲେ ଜଗନ୍ନାଥ ଦର୍ଶନ କରିପାରନ୍ତି ।
(c) ସିନେମା ଟିକେଟ ମିଳିଲେ ଜିନ୍ସ ସିନେମା ଦେଖିବ ।
(d) ଭଷା ଶିଖିଲେ ତମେ ଭଲ ଭବରେ କହିପାରିବ ।
(e) ତୁ ପିଠା ଖାଇଲେ ଆମେ ଖେଳିବାକୁ ଯିବୁ ।

4. Combine the following two sentences into one with conditional non-finite verbs:

(a) ତମେ ପିଠା ଦିଅ ।
ମୁଁ ଖାଇବି ।

(b) ତୁ ସକାଳେ ଆସିବୁ ।
ଆମେ ବୁଲିବାକୁ ଯିବା ।

(c) ଆପଣ ଗପ କହିବେ ।
ଆମେ ଗୀତ ଗାଇବୁ ।

Digitized by srujanika@gmail.com

(d) ସିନେମା ଟିକେଟ୍ ମିଳିବ ।
ତମେ ନିଶ୍ଚୟ ଆଣିବ ।

(e) ସେ ମତେ ଡାକିବ ।
ମୁଁ ଯାଇପାରେ ।

5. Make sentences using the following words :

(i) ପଢ଼ିଲ, ରଜ, ଡେରି, ଅପେକ୍ଷା, ପିଠାପଣା, ନିଶ୍ଚୟ, ନିମନ୍ତ୍ରଣ, ଖବର

(ii) ତ, ସେ, ନ, ତା, ସିନା, ଯେ, ମ

6. Using conditional non-finite verb write *ten sentences* on any festival of India.

Grammatical Note

1. The non-finite conditional verb is formed with the simple past stem of the verb as the base to which -ଏ is suffixed to make the construction conditional. In this type of construction the action of the independent clause is to be conditioned by the dependent. The non-finite conditional verb acts as the binder of the two clauses. The action of the independent clause refers either to present time or future time but never to past.

If you will sit then I will sit.
ତମେ ବସିଲେ ମୁଁ ବସିବି ।
ମୁଁ ଖାଇଲେ ସେ ଖାଏ ।
ଟଙ୍କାଏ ହେଲେ ଆଇସ୍‌କ୍ରିମ ଖାଇବି ।

In the above examples, ମୁଁ ବସିବି, ସେ ଖାଏ, ଆଇସ୍‌କ୍ରିମ୍ ଖାଇବି, are independent clauses, the action of which are conditioned by the dependent clauses ତମେ ବସିଲେ, ମୁଁ ଖାଇଲେ and ଟଙ୍କାଏ ହେଲେ respectively. Note that the action of the independent clause is conditioned by the dependent clause but their verbs are not conditioned by each other.

Digitized by srujanika@gmail.com

2. The conditional non-finite verb can be compounded with more than one verb in which the numbers of the verbal compound other than the non-finite are frequently in perfective form.

(a) ମୁଁ ଖାଇସାରି ଆସିଲେ ତମକୁ ଡାକିବି ।
ତମେ ଘରକୁ ଆସି ପଢି ପାରିଲେ ମୁନା ଯାଇପାରେ ।
ଆପଣ ଡାକି ଆସିଲେ ମୁଁ ଯାଏ ।

(b) ଗୀତ ଗାଉ ଗାଉ କଥା କହିଲେ ତଣ୍ଟିରେ ଲାଗିବ ।
ରାସ୍ତାରେ ଗ୍ଳୁ ଗ୍ଳୁ ଝୁଣ୍ଟି ପଡ଼ିଲେ ପାଦ ଖଣ୍ଡିଆ ହୋଇପାରେ ।

3. When the conditional non-finite verb stem is negated, the negative always preceds the conditional non-finite verb in the dependent clause. When the whole construction is negated the negative auxiliary ନାହିଁ or ନି is used with the finite verb of the independent clause. When the conditional compound non-finite verb is negated, the nagative preceds any member of the compound or the whole of the compound base. (*See* the Transformation drill of this lesson.)

ମୁଁ ନଗଲେ ସେ ଯିବ ।
ତମେ ନ ରହିଲେ ପପୁ ରହିବନି ।
ତୁ ନଥିଲେ ମୁଁ ବି ନଥିବି ।
ଆମେ ନଗଲେ ତାକୁ ଖବର ନଦେଲେ ସେ ଆସେ ।
ମୁଁ ନଥିଲେ କେହି ନ ଆସିଲେ ତମେ ଘରକୁ ଯିବନି ।
ଆପଣ ଭଷାକେନ୍ଦ୍ରକୁ ନଯାଇପାରିଲେ ମଧୁବାବୁ ଯାଇପାରିବେ ।
ମାମୀ ଆସି ନପାରିଲେ ମୁଁ ଯାଇ ନପାରେ ।

4. ବିନା as a conditional conjoint is the binder of two clauses in which the action of independent clause is conditioned by the dependent. Intonation changes when ବିନା is used in a structure.

Digitized by srujanika@gmail.com

ସେ ଆସିଲେ ସିନା ମୁଁ ଯିବି ।	I will go if only he comes.
ତମେ କହୁଚ ସିନା ସେ କିନ୍ତୁ ଏ କାମ କରିବନି ।	You may say this but he will not do this.
ତମେ ଯିବ ସିନା କିନ୍ତୁ କଣ ହେବ କେଜାଣି ।	You may go but no body knows what will happen.

Cultural Note

1. ରଜ is a famous festival of coastal Orissa. It is celebrated for three days. The first day of ରଜ is called ପହିଲି ରଜ, the second day is ରଜ ସଂକ୍ରାନ୍ତି and the third day is called ଭୂଇଁ ନଅଣ. The day prefixed to ପହିଲି ରଜ is called ସଜବାଜ and the day suffixed to ଭୂଇଁ ନଅଣ is called ବସୁମତି ଗାଧୁଆ । ପୋଡ଼ପିଠା is the special cake of this festival. The festival is celebrated by the women-folk of Orissa. It normally falls in the middle of June.

Digitized by srujanika@gmail.com

UNIT III

LESSON 38

Festivals of Orissa

ଓଡ଼ିଶାର ପର୍ବପର୍ବାଣୀ

ଡଃ ଜେମ୍ସ୍ : ଓଡ଼ିଆରେ ଗୋଟାଏ କଥା ଅଛି ଓଡ଼ିଶାରେ ବାରମାସରେ ତେର ଯାତ୍ରା । ଆପଣ ଶୁଣିଛନ୍ତି ?

Dr. James : There is a saying in Oriya that in Orissa there are 13 festivals in 12 months. Have you heard of it ?

ଡଃ ଜନ୍ସନ୍ : ହଁ, ଶୁଣିଛି । କିନ୍ତୁ ତାମାନେ କ'ଣ ?

Dr. Jonson : Yes, I have heard it. But what does it mean ?

ଡଃ ଜେମ୍ସ୍ : ତାମାନେ, ଓଡ଼ିଶାରେ ଅସଂଖ୍ୟ ପର୍ବପର୍ବାଣୀ ଅଛି । ପ୍ରତିଦିନ କିଛି ନା କିଛି ପର୍ବ ଥାଏ କହିଲେ ଚଳେ ।

Dr. James : It means, there are innumerable festivals in Orissa. It may be said that there is one or other festival almost everyday.

ଡଃ ଜନ୍ସନ୍ : ଲୋକେ କଣ ଏ ପର୍ବ ସବୁ ପାଳନ୍ତି ?

Dr. Jonson : Do people observe all these festivals ?

ଡଃ ଜେମ୍ସ୍ : ହଁ, ଯେତେବେଳେ ଯୋଉ ପର୍ବ ପଡ଼େ ସେତେବେଳେ ସେଇ ପର୍ବକୁ ଲୋକେ ପାଳନ କରନ୍ତି । ଯୋଉ ଦିନ ଯୋଉ ଓଷା ବା ବ୍ରତ ପଡ଼େ ସେଇ ଦିନ ସେଇ ଓଷାବ୍ରତ କରନ୍ତି ।

Dr. James : Yes, whenever the festivals come, whatever they may be, people observe them. Also whenever any particular worship is due they always observe the same.

ଡଃ ଜନ୍ସନ୍ ଆପଣ ଏତେ କଥା ବା ଜାଣିଲେ କିପରି ?

Dr. Jonson : How could you know all these ?

ଡଃ ଜେମ୍ସ୍ : ମୁଁ ପର ଓଡ଼ିଶା ପର୍ବପର୍ବାଣୀ ଉପରେ ଗୋଟାଏ ପ୍ରବନ୍ଧ ଲେଖୁଛି ।

Dr. James : I am now writing a paper on Orissa's festivals.

Digitized by srujanika@gmail.com

ଡଃ ଜନ୍‌ସନ୍ : ଆପଣ ତେବେ ବହୁତ ପର୍ବର ନାଁ ତ ଜାଣିଥିବେ ?	Dr. Jonson : Then you must be knowing the names of many festivals ?
ଡଃ ଜେମ୍‌ସ : ହଁ, ମୁଁ କେତେକ ପର୍ବର ନାଁ ଜାଣେ । ଯେମିତି ରଥଯାତ୍ରା, ଦୋଳଯାତ୍ରା, ଚନ୍ଦନଯାତ୍ରାପ୍ରଭୃତି ଯାତ୍ରା ସେମିତି ରଜ, ଦଶହର, ଶାମ୍ବଦଶମୀ, ପ୍ରଥମାଷ୍ଟମୀ, ଶିବରାତ୍ରି ପ୍ରଭୃତି ପର୍ବ । ଏହାଛଡ଼ା ଖୁଦୁରୁକୁଣୀ, ସୁଦଶାବ୍ରତ, ସାବିତ୍ରୀ ବ୍ରତ, ପରି କେତେ ଓଷା ବି ରହିଛି । ଏ ସବୁକୁ ଛାଡ଼ି ଆହୁରି କେତେ ଛୋଟ ବଡ଼ ଓଷାବ୍ରତ ମଧ୍ୟ ସେମାନେ ପାଳନ୍ତି ।	Dr. James : Yes, I know the names of some. Such as, car festival, holi festival and summer festivals etc. Also there are other festivals like *raja, dassara, sambah dasami, prathamastami* and *shivaratri* etc. Besides, worships like *khudurukuni, sudusa brata* and *savitri brata* are there. In addition there are many more minor and major festivals which they observe.
ଡଃ ଜନ୍‌ସନ୍ : ଯେଉଁମାନେ ଓଡ଼ିଶାରେ ଥାନ୍ତି ସେମାନେ ସମସ୍ତେ କଣ ଏ ପୂଜାବ୍ରତ ସବୁ କରନ୍ତି ?	Dr. Jonson : Are these being observed by all those who stay in Orissa.
ଡଃ ଜେମ୍‌ସ : ନାହିଁ, ଯାହାର ଇଚ୍ଛା ହୁଏ ସେ କରେ । ଯାହାର ଇଚ୍ଛା ହୁଏନି ସେ କରେନି । ଯଦି ଜଣେ କୌଣସି ପୂଜା କରିବାକୁ ଚାହିଁବ ତେବେ ସେ ସେଇ ପୂଜା କରିପାରିବ । ତେବେ ଓଡ଼ିଶାରେ ସାଧାରଣତଃ ସ୍ତ୍ରୀ ଲୋକମାନେ ସ୍ୱାମୀ ଓ ସନ୍ତାନଙ୍କ ମଙ୍ଗଳ ପାଇଁ ଏ ସବୁ ପୂଜା କରନ୍ତି । ଆଉ କେତେ ପର୍ବ ଲୋକେ ଆନନ୍ଦ ଉତ୍ସବ ପାଇଁ କରନ୍ତି । ପ୍ରାୟ	Dr. James : No, whoever wants, he may observe. Whoever does not want he may not. But if somebody desires to observe any particular festival he may do so. Usually the women folk of Orissa observe these auspicious occasions for the

Digitized by srujanika@gmail.com

ସବୁ ପର୍ବରେ ପିଠାପଣା କରି ଖାଇବା ନିୟମ ଅଛି ।	well-being of their husbands and children. There are also a few festivals which people celebrate for entertainment. In almost all such occasions preparation of different types of cakes as food is a regular practice.
ଡଃ ଜନ୍‌ସନ୍ : ଓହୋ ଏତେ କଥା ମୁଁ ପ୍ରକୃତରେ ଜାଣି ନଥିଲି ।	Dr. Jonson : O, really, I did not know all these.
ଡଃ ଜେମ୍‌ସ୍ : ଆଜିକାଲି କିନ୍ତୁ ଯେପରି ଦରଦାମ ବଢୁଛି ପୂଜା ପର୍ବରୁ ଲୋକଙ୍କ ଆଗ୍ରହ ବି ସେପରି କ୍ରମେ କମି ଯାଉଛି ।	Dr. James : But now a days as prices go on increasing people are also losing interest in these festivals.

Variation

A : ତମେ ଆଜି କେତେବେଳେ ପୂଜା କରିବ କି ?	A : When are you going to have the worship to-day ?
B : ଯେତେବେଳେ ପୂଜା ସମୟ ଥିବ ସେତେବେଳେ କରିବି ।	B : I will have it at the time fixed for worship.
A : ମାନେ, ତମେ କଣ ଦିନସାରା ଉପବାସ କରିବ ?	A : I see. Are you going to fast for the whole day ?
B : ନାହିଁ ପୂଜା ସରିଲେ ତ ଖାଇବି । ଯଦି ପୂଜା ଡେରି ହେବ ତେବେ ଡେରିରେ ଖାଇପାରେ ।	B : No. But I would be eating only at the end of the worship. If the time of worship is late, I will also eat late.
A : ତମେ ଯୋଉଦିନ ପୂଜା କରୁଛ ସେଦିନ ଉପବାସ କରୁଛ କାହିଁକି ?	A : Why do you fast on days you do worship ?

Digitized by srujanika@gmail.com

B : ଯେମିତି ନିୟମ ଅଛି, ମୁଁ ସେମିତି ବ୍ରତ ପାଳୁଛି । ଯୋଉ ପୂଜାରେ ତମମାନଙ୍କର ମଙ୍ଗଳ ହେବ ମୁଁ ତ ସେଇ ପୂଜା କରୁଛି ।

B : Well I observe *brata* as per the rules and rituals. I observe only those auspicious occasions which may bring good to you.

A : ହଉ, ପୂଜା ଉପବାସ କରି ନିଜର ଦେହ ଯେପରି ଖରାପ ନକର ।

A : O. K. But don't ruin your health through all these worships and fasts.

Vocabulary

ଅସଂଖ୍ୟ	innumerable
ଆଗ୍ରହ	interest
ଆନନ୍ଦଉତ୍ସବ	entertainment
ଏସବୁ ଛାଡ଼ି	in addition to all these
ଓଷାବ୍ରତ	(occasions to worship Gods or Goddesses)
ଓହୋ	Oh, ho (an exclamation)
କମିଯିବା	to decrease
କ୍ରମେ	gradually
କହିଲେ ଚଳେ	as if it is correct to say
କେତେକ	some
କୌଣସି	any
ଗୋଟାଏକଥା	a saying
ଚାହିଁବା	to desire
ଛୋଟବଡ଼	small or big/minor or major
ତେର ଯାତ୍ରା	many festivals
ଦରଦାମ	price
ଦୋଳଯାତ୍ରା	holi festival
ନିୟମ	rule
ପଡ଼ିବା	to fall
ପର୍ବପର୍ବାଣୀ	festivals
ପ୍ରକୃତରେ	really
ପ୍ରବନ୍ଧ	an article, an essay
ପ୍ରଭୃତି	etc.
ପାଳିବା	to obsere
ପୂଜାବ୍ରତ	worship
ବଢ଼ିବା	to rise
ବାରମାସ	twelve months
ମଙ୍ଗଳ	well being
ମାନେ	meaning
ଯଦି	if
ଯେଉଁମାନେ, ଯୋଉମାନେ	those who
ଯେତେବେଳେ	when
ଯେପରି, ଯେମିତି	as
ଯୋଉ	which
ସନ୍ତାନ	children

Digitized by srujanika@gmail.com

ସାଧାରଣତଃ	generally, usually	ସେପରି	so
ସ୍ତ୍ରୀଲୋକମାନେ	ladies, women	ଲୋକେ	people
ସେତେବେଳେ	at that time		

Drills

I. Build up drill.

ବାରମାସରେ ତେରଯାତ୍ରା ।
ଓଡ଼ିଶାରେ ବାରମାସରେ ତେରଯାତ୍ରା ।
କଥା ଅଛି ଓଡ଼ିଶାରେ ବାରମାସରେ ତେରଯାତ୍ରା ।
ଗୋଟାଏ କଥା ଅଛି ଓଡ଼ିଶାରେ ବାରମାସରେ ତେରଯାତ୍ରା ।
ଓଡ଼ିଆରେ ଗୋଟାଏ କଥା ଅଛି ଓଡ଼ିଶାରେ ବାରମାସରେ ତେରଯାତ୍ରା ।

କ'ଣ ?
ମାନେ କ'ଣ ?
ତାମାନେ କ'ଣ ?
କିନ୍ତୁ ତାମାନେ କ'ଣ ?

ଅଛି ।
ପର୍ବ ପର୍ବାଣୀ ଅଛି ।
ଅସଂଖ୍ୟ ଅଛି ।
ଅସଂଖ୍ୟ ପର୍ବପର୍ବାଣୀ ଅଛି ।
ଓଡ଼ିଶାରେ ଅସଂଖ୍ୟ ପର୍ବପର୍ବାଣୀ ଅଛି ।
ତାମାନେ ଓଡ଼ିଶାରେ ଅସଂଖ୍ୟ ପର୍ବପର୍ବାଣୀ ଅଛି ।

ଚଳେ ।
କହିଲେ ଚଳେ ।
ପର୍ବଥାଏ କହିଲେ ଚଳେ ।
କିଛି ନା କିଛି ଥାଏ କହିଲେ ଚଳେ ।
ପ୍ରତିଦିନ କିଛି ନା କିଛି ଥାଏ କହିଲେ ଚଳେ ।
ପ୍ରତିଦିନ କିଛି ନା କିଛି ପର୍ବ ଥାଏ କହିଲେ ଚଳେ ।

Digitized by srujanika@gmail.com

ପାଳନ୍ତି ?

ସବୁ ପାଳନ୍ତି ?

ଏ ପର୍ବସବୁ ପାଳନ୍ତି ?

କଣ ଏ ପର୍ବସବୁ ପାଳନ୍ତି ?

ଲୋକେ କଣ ଏ ପର୍ବସବୁ ପାଳନ୍ତି ?

କରନ୍ତି ।

ପାଳନ କରନ୍ତି ।

ଲୋକେ ପାଳନ କରନ୍ତି ।

ସେଇ ପର୍ବକୁ ଲୋକେ ପାଳନ କରନ୍ତି ।

ସେତେବେଳେ ସେଇ ପର୍ବକୁ ଲୋକେ ପାଳନ କରନ୍ତି ।

ଯୋଉ ପର୍ବ ପଡ଼େ ସେଇ ପର୍ବକୁ ଲୋକେ ପାଳନ କରନ୍ତି ।

ଯେତେବେଳେ ଯୋଉ ପର୍ବ ପଡ଼େ ସେତେବେଳେ ସେଇ ପର୍ବକୁ ଲୋକେ ପାଳନ କରନ୍ତି ।

କରନ୍ତି ।

ଓଷାବ୍ରତ କରନ୍ତି ।

ସେଇ ଓଷାବ୍ରତ କରନ୍ତି ।

ସେଇଦିନ ସେଇ ଓଷାବ୍ରତ କରନ୍ତି ।

ଯୋଉ ଓଷା ବା ବ୍ରତ ପଡ଼େ ସେଇ ଓଷାବ୍ରତ କରନ୍ତି ।

ଯୋଉ ଦିନ ଯୋଉ ଓଷା ବ୍ରତ ପଡ଼େ ସେଇଦିନ ସେଇ ଓଷାବ୍ରତ କରନ୍ତି ।

କିପରି ?

ଜାଣିଲେ କିପରି ?

ଏତେ କଥା ଜାଣିଲେ କିପରି ?

ଏତେ କଥା ବା ଜାଣିଲେ କିପରି ?

ଆପଣ ଏତେ କଥା ବା ଜାଣିଲେ କିପରି ?

ଲେଖୁଛି ।

ପ୍ରବନ୍ଧ ଲେଖୁଛି ।

ଗୋଟାଏ ପ୍ରବନ୍ଧ ଲେଖୁଛି ।

ଓଡ଼ିଶା ପର୍ବପର୍ବାଣୀ ଉପରେ ପ୍ରବନ୍ଧ ଲେଖୁଛି ।

ଓଡ଼ିଶା ପର୍ବପର୍ବାଣୀ ଉପରେ ଗୋଟାଏ ପ୍ରବନ୍ଧ ଲେଖୁଛି ।

ମୁଁ ପରା ଓଡ଼ିଶାର ପର୍ବପର୍ବାଣୀ ଉପରେ ଗୋଟାଏ ପ୍ରବନ୍ଧ ଲେଖୁଛି ।

Digitized by srujanika@gmail.com

ଜାଣିଥିବେ ?
ନାଁ ତ ଜାଣିଥିବେ ?
ବହୁତ ପର୍ବର ନାଁ ତ ଜାଣିଥିବେ ?
ଆପଣ ତେବେ ବହୁତ ପର୍ବର ନାଁ ତ ଜାଣିଥିବେ ?

ଜାଣେ ।
ନାଁ ଜାଣେ ।
ପର୍ବର ନାଁ ଜାଣେ ।
କେତେକ ପର୍ବର ନାଁ ଜାଣେ ।
ମୁଁ ପର୍ବର ନାଁ ଜାଣେ ।
ହଁ, ମୁଁ କେତେକ ପର୍ବର ନାଁ ଜାଣେ ।

ଯେମିତି ରଥଯାତ୍ରା, ଦୋଳଯାତ୍ରା, ଚନ୍ଦନଯାତ୍ରା ପ୍ରଭୃତି ଯାତ୍ରା,
ସେମିତି ରଜ, ଦଶହରା, ଶୀତଳଷଷ୍ଠୀ, ପ୍ରଥମାଷ୍ଟମୀ, ଶିବରାତ୍ରୀ ପ୍ରଭୃତି ପର୍ବ ।

ରହିଛି ।
ଓଷା ବି ରହିଛି ।
କେତେ ଓଷା ବି ରହିଛି ।
ସାବିତ୍ରୀ ବ୍ରତ ପରି କେତେ ଓଷା ବି ରହିଛି ।
ଏହାଛଡ଼ା ଖୁଦୁରୁକୁଣୀ, ସୁଦଶାବ୍ରତ, ସାବିତ୍ରୀ ବ୍ରତ ପରି କେତେ ଓଷା ବି ରହିଛି ।

ପାଳନ୍ତି ।
ସେମାନେ ପାଳନ୍ତି ।
ଓଷାବ୍ରତ ମଧ୍ୟ ସେମାନେ ପାଳନ୍ତି ।
କେତେ ଛୋଟ ବଡ଼ ଓଷାବ୍ରତ ମଧ୍ୟ ସେମାନେ ପାଳନ୍ତି ।
ଆହୁରି କେତେ ଛୋଟବଡ଼ ଓଷାବ୍ରତ ସେମାନେ ପାଳନ୍ତି ।
ଏସବୁକୁ ଛାଡ଼ି ଆହୁରି କେତେ ଛୋଟ ବଡ଼ ଓଷାବ୍ରତ ମଧ୍ୟ ସେମାନେ ପାଳନ୍ତି ।

କରନ୍ତି ?
ସବୁ କରନ୍ତି ?
ଏ ପୂଜାବ୍ରତ ସବୁ କରନ୍ତି ?
କଣ ଏ ପୂଜାବ୍ରତ ସବୁ କରନ୍ତି ?
ସମସ୍ତେ କଣ ଏ ପୂଜାବ୍ରତ ସବୁ କରନ୍ତି ?
ସେମାନେ ସମସ୍ତେ କଣ ଏ ପୂଜାବ୍ରତ ସବୁ କରନ୍ତି ?
ଯେଉଁମାନେ ଓଡ଼ିଶାରେ ଥା'ନ୍ତି ସେମାନେ ସମସ୍ତେ କଣ ଏ ପୂଜାବ୍ରତ ସବୁ କରନ୍ତି ?

Digitized by srujanika@gmail.com

କରେ ।
ସେ କରେ ।
ଯାହାର ଇଚ୍ଛା ହୁଏ ସେ କରେ ।

କରେନି ।
ସେ କରେନି ।
ଇଚ୍ଛା ହୁଏନି ସେ କରେନି ।
ଯାହାର ଇଚ୍ଛା ହୁଏନି ସେ କରେନି ।

କରିପାରିବ ।
ପୂଜା କରିପାରିବ ।
ସେଇ ପୂଜା କରିପାରିବ ।
ସେ ସେଇ ପୂଜା କରିପାରିବ ।
ତେବେ ସେ ସେଇ ପୂଜା କରିପାରିବ ।
ଯଦି ଜଣେ ଚାହିଁବ ତେବେ ସେ ସେଇ ପୂଜା କରିପାରିବ ।
ଯଦି କୌଣସି ପୂଜା କରିବାକୁ ଚାହିଁବ ତେବେ ସେ ସେଇ ପୂଜା କରିପାରିବ ।
ଯଦି ଜଣେ କୌଣସି ପୂଜା କରିବାକୁ ଚାହିଁବ ତେବେ ସେ ସେଇ ପୂଜା କରିପାରିବ ।

କରନ୍ତି ।
ପୂଜା କରନ୍ତି ।
ଏସବୁ ପୂଜା କରନ୍ତି ।
ମଙ୍ଗଳ ପାଇଁ ଏସବୁ ପୂଜା କରନ୍ତି ।
ସ୍ୱାମୀ ଓ ସନ୍ତାନଙ୍କ ମଙ୍ଗଳପାଇଁ ଏସବୁ ପୂଜା କରନ୍ତି ।
ସ୍ତ୍ରୀଲୋକମାନେ ସ୍ୱାମୀ ଓ ସନ୍ତାନଙ୍କ ମଙ୍ଗଳପାଇଁ ଏସବୁ ପୂଜା କରନ୍ତି ।
ସାଧାରଣତଃ ସ୍ତ୍ରୀ ଲୋକମାନେ ସ୍ୱାମୀ ଓ ସନ୍ତାନଙ୍କ ମଙ୍ଗଳ ପାଇଁ ଏସବୁ ପୂଜା କରନ୍ତି ।
ତେବେ ଓଡ଼ିଶାରେ ସାଧାରଣତଃ ସ୍ତ୍ରୀଲୋକମାନେ ସ୍ୱାମୀ ଓ ସନ୍ତାନଙ୍କ ମଙ୍ଗଳ ପାଇଁ ଏସବୁ ପୂଜା କରନ୍ତି ।

କରନ୍ତି ।
ଆନନ୍ଦ ଉତ୍ସବ ପାଇଁ କରନ୍ତି ।
ଲୋକେ ଆନନ୍ଦ ଉତ୍ସବ ପାଇଁ କରନ୍ତି ।
ପର୍ବ ଲୋକେ ଆନନ୍ଦ ଉତ୍ସବ ପାଇଁ କରନ୍ତି ।
କେତେ ପର୍ବ ଲୋକେ ଆନନ୍ଦ ଉତ୍ସବ ପାଇଁ କରନ୍ତି ।
ଆଉ କେତେ ପର୍ବ ଲୋକେ ଆନନ୍ଦ ଉତ୍ସବ ପାଇଁ କରନ୍ତି ।

Digitized by srujanika@gmail.com

ଅଛି ।
ନିୟମ ଅଛି ।
ଖାଇବା ନିୟମ ଅଛି ।
ପିଠାପଣା କରି ଖାଇବା ନିୟମ ଅଛି ।
ସବୁ ପର୍ବରେ ପିଠାପଣା କରି ଖାଇବା ନିୟମ ଅଛି ।
ପ୍ରାୟ ସବୁ ପର୍ବରେ ପିଠାପଣା କରି ଖାଇବା ନିୟମ ଅଛି ।

ଜାଣି ନଥିଲି ।
ପ୍ରକୃତରେ ଜାଣି ନଥିଲି ।
ମୁଁ ପ୍ରକୃତରେ ଜାଣି ନଥିଲି ।
ଏତେ କଥା ମୁଁ ପ୍ରକୃତରେ ଜାଣି ନଥିଲି ।
ଓହୋ, ଏତେ କଥା ମୁଁ ଜାଣି ନଥିଲି ।
ଓହୋ, ଏତେ କଥା ମୁଁ ପ୍ରକୃତରେ ଜାଣି ନଥିଲି ।

କମି ଯାଉଛି ।
କ୍ରମେ କମି ଯାଉଛି ।
ସେପରି କ୍ରମେ କମି ଯାଉଛି ।
ଆଗ୍ରହ ବି ସେପରି କ୍ରମେ କମି ଯାଉଛି ।
ଲୋକଙ୍କର ଆଗ୍ରହ ବି ସେପରି କ୍ରମେ କମିଯାଉଛି ।
ପୂଜା ପର୍ବରୁ ଲୋକଙ୍କର ଆଗ୍ରହ ବି ସେପରି କ୍ରମେ କମି ଯାଉଛି ।
ଯେପରି ଦରଦାମ୍ ବଢୁଛି ପୂଜାପର୍ବରୁ ଲୋକଙ୍କର ଆଗ୍ରହ ବି ସେପରି କମି ଯାଉଛି ।
କିନ୍ତୁ ଯେପରି ଦରଦାମ୍ ବଢୁଛି ପୂଜାପର୍ବରୁ ଲୋକଙ୍କର ଆଗ୍ରହ ବି ସେପରି କ୍ରମେ କମି ଯାଉଛି ।
ଆଜିକାଲି କିନ୍ତୁ ଯେପରି ଦରଦାମ୍ ବଢୁଛି ପୂଜାପର୍ବରୁ ଲୋକଙ୍କର ଆଗ୍ରହ ବି ସେପରି କ୍ରମେ କମି ଯାଉଛି ।

II. Substitution drill

(a) କିନ୍ତୁ ତା ମାନେ କ'ଣ ?

ତେବେ	ତେବେ ତା ମାନେ କ'ଣ ?
ମାତ୍ର	ମାତ୍ର ତା ମାନେ କ'ଣ ?
ଅର୍ଥ	କିନ୍ତୁ ତା ଅର୍ଥ କ'ଣ ?

Digitized by srujanika@gmail.com

(b) ଓଡ଼ିଶାରେ ଅସଂଖ୍ୟ ପର୍ବପର୍ବାଣୀ ଅଛି ।

ଅନେକ		ଓଡ଼ିଶାରେ ଅନେକ ପର୍ବପର୍ବାଣୀ ଅଛି ।
ବହୁତ		ଓଡ଼ିଶାରେ ବହୁତ ପର୍ବପର୍ବାଣୀ ଅଛି ।
	ଓଷାବ୍ରତ	ଓଡ଼ିଶାରେ ଅସଂଖ୍ୟ ଓଷାବ୍ରତ ଅଛି ।
	ଯାନିଯାତ୍ରା	ଓଡ଼ିଶାରେ ଅସଂଖ୍ୟ ଯାନିଯାତ୍ରା ଅଛି ।
	ପୂଜାପର୍ବ	ଓଡ଼ିଶାରେ ଅସଂଖ୍ୟ ପୂଜାପର୍ବ ଅଛି ।

(c) ଯେତେବେଳେ ଯୋଉ ପର୍ବ ପଡ଼େ ସେତେବେଳେ ସେଇ ପର୍ବକୁ ଲୋକେ ପାଳନ କରନ୍ତି ।

ଯେବେ ସେବେ

ଯେବେ ଯୋଉ ପର୍ବ ପଡ଼େ ସେବେ ସେଇ ପର୍ବକୁ ଲୋକେ ପାଳନ କରନ୍ତି ।

ଯୋଉଦିନ ସେଇଦିନ

ଯୋଉଦିନ ଯୋଉ ପର୍ବ ପଡ଼େ ସେଇଦିନ ସେଇ ପର୍ବକୁ ଲୋକେ ପାଳନ କରନ୍ତି ।

(d) ମୁଁ କେତେକ ପର୍ବର ନାଁ ଜାଣେ ।

କେତେଟା	ମୁଁ କେତେଟା ପର୍ବର ନାଁ ଜାଣେ ।
କେତୋଟି	ମୁଁ କେତୋଟି ପର୍ବର ନାଁ ଜାଣେ ।
କିଛି	ମୁଁ କିଛି ପର୍ବର ନାଁ ଜାଣେ ।

(e) ଯେମିତି ରଥଯାତ୍ରା, ଦୋଳଯାତ୍ରା ପ୍ରଭୃତି ଯାତ୍ରା ସେମିତି ରଜ, ଦଶହରା ପ୍ରଭୃତି ପର୍ବ ।

ଯେପରି ସେପରି

ଯେପରି ରଥଯାତ୍ରା, ଦୋଳଯାତ୍ରା ପ୍ରଭୃତି ଯାତ୍ରା ସେପରି ରଜ, ଦଶହରା ପ୍ରଭୃତି ପର୍ବ ।

(f) ଯେଉଁମାନେ ଓଡ଼ିଶାରେ ଥାନ୍ତି ସେମାନେ ସମସ୍ତେ କଣ ଏ ପୂଜାବ୍ରତ ସବୁ କରନ୍ତି ?

ଯୋଉମାନେ ସେମାନେ

ଯୋଉମାନେ ଓଡ଼ିଶାରେ ଥାନ୍ତି ସେମାନେ ସମସ୍ତେ କଣ ଏ ପୂଜାବ୍ରତ ସବୁ କରନ୍ତି ?

ଯିଏସବୁ ସେମାନେ

ଯିଏସବୁ ଓଡ଼ିଶାରେ ଥାନ୍ତି ସେମାନେ ସମସ୍ତେ କଣ ଏ ପୂଜାବ୍ରତ ସବୁ କରନ୍ତି ?

(g) ଯାହାର ଇଚ୍ଛା ହୁଏ ସେ କରେ ।

ଯା'ର		ଯା'ର ଇଚ୍ଛା ହୁଏ ସେ କରେ ।
ଯୋଉଲୋକର		ଯୋଉ ଲୋକର ଇଚ୍ଛା ହୁଏ ସେ କରେ ।
	ମନ	ଯାହାର ମନ ହୁଏ ସେ କରେ ।
	ଆଗ୍ରହ	ଯାହାର ଆଗ୍ରହ ହୁଏ ସେ କରେ ।

Digitized by srujanika@gmail.com

(h) ଯଦି ଜଣେ ପୂଜା କରିବାକୁ ଗ୍ଡହିଁବ ତେବେ ସେ ସେଇ ପୂଜା କରିପାରିବ ।
ଯେବେ ତେବେ
ଯେବେ ଜଣେ ପୂଜା କରିବାକୁ ଗ୍ଡହିଁବ ତେବେ ସେ ସେଇ ପୂଜା କରିପାରିବ ।

(i) ଓହୋ, ଏତେ କଥା ମୁଁ ପ୍ରକୃତରେ ଜାଣିନଥିଲି ।
ସତରେ ଓହୋ, ଏତେ କଥା ମୁଁ ସତରେ ଜାଣି ନଥିଲି ।
ବାସ୍ତବରେ ଓହୋ, ଏତେ କଥା ମୁଁ ବାସ୍ତବରେ ଜାଣି ନଥିଲି ।

III. Transformation drill

Transformation into conditional non-finite structure—

(a) ଯେତେବେଳେ ପର୍ବ ପଡ଼େ ସେତେବେଳେ ଲୋକେ ପାଳନ କରନ୍ତି ।
ପର୍ବ ପଡ଼ିଲେ ଲୋକେ ପାଳନ କରନ୍ତି ।

(b) ଯେବେ ଓଷା ବା ବ୍ରତ ପଡ଼େ ସେବେ ଓଷାବ୍ରତ କରନ୍ତି ।
ଓଷା ବା ବ୍ରତ ପଡ଼ିଲେ ଓଷାବ୍ରତ କରନ୍ତି ।

(c) ଯଦି ଜଣେ ପୂଜା କରିବାକୁ ଗ୍ଡହିଁବ ତେବେ ସେ ପୂଜା କରିପାରିବ ।
ଜଣେ ପୂଜା କରିବାକୁ ଗ୍ଡହିଁଲେ ସେ ପୂଜା କରିପାରିବ ।

IV. Combination drill

Simple sentences to form complex sentences—

(a) ତମେ ରଥଯାତ୍ରା ଦେଖିଯିବ ।
ମୁଁ ରଥଯାତ୍ରା ଦେଖିଯିବି । use of ଯଦି-ତେବେ
ଯଦି ତମେ ରଥଯାତ୍ରା ଦେଖିଯିବ ତେବେ ମୁଁ ଯିବି ।

(b) ସେ ଚନ୍ଦନଯାତ୍ରା ଦେଖିବାକୁ ଗଲ ।
ତୁ ଚନ୍ଦନଯାତ୍ରା ଦେଖିବାକୁ ଗଲୁ । use of ଯୋଉଦିନ-ସେଇଦିନ
ଯୋଉଦିନ ସେ ଚନ୍ଦନଯାତ୍ରା ଦେଖିବାକୁ ଗଲ ସେଇଦିନ ତୁ ଦେଖିବାକୁ ଗଲୁ ।

(c) ମୁଁ ତମଘରକୁ ଖାଇବାକୁ ଯିବି ।
ସେ ତମଘରକୁ ରହିବାକୁ ଯିବେ । use of ଯେତେବେଳେ-ସେତେବେଳେ
ଯେତେବେଳେ ମୁଁ ତମ ଘରକୁ ଖାଇବାକୁ ଯିବି ସେତେବେଳେ ସେ ତମ ଘରକୁ ରହିବାକୁ ଯିବେ ।

Digitized by srujanika@gmail.com

(d) ତମେ ଏ କାମ କରିବ ।
ତମେ ଏହାର ଫଳ ପାଇବ । use of ଯେପରି-ସେପରି
ତମେ ଯେପରି କାମ କରିବ ସେପରି ଫଳ ପାଇବ ।

(e) ସେମାନେ ଓଡ଼ିଶାରେ ଥାନ୍ତି ।
ସେମାନେ ଓଡ଼ିଶାର ଲୋକ । use of ଯେଉଁମାନେ-ସେମାନେ
ଯେଉଁମାନେ ଓଡ଼ିଶାରେ ଥାନ୍ତି ସେମାନେ ଓଡ଼ିଶାର ଲୋକ ।

V. Response drill

(a) ଓଡ଼ିଶାର ୨ଟି ଜଣାଶୁଣା ଯାତ୍ରା ନାଁ ଲେଖନ୍ତୁ ।
ରଥଯାତ୍ରା, ଦୋଳଯାତ୍ରା ଓଡ଼ିଶାର ଦୁଇଟି ଜଣାଶୁଣା ଯାତ୍ରା ।

(b) ଓଡ଼ିଶାର ୩ଟି ପର୍ବର ନାଁ କୁହନ୍ତୁ ।
ରଜ, ଦୀପାବଳୀ, ଦଶହରା ଓଡ଼ିଶାର ତିନୋଟି ପର୍ବ ।

(c) ଓଡ଼ିଶାର ୨ଟି ଓଷା ନାଁ କୁହନ୍ତୁ ।
ଲକ୍ଷ୍ମୀପୂଜା, ସୁଦଶାବ୍ରତ ଓଡ଼ିଶାର ଦୁଇଟି ଓଷାର ନାଁ ।

(d) ପର୍ବପର୍ବାଣୀ ବିଷୟରେ କୁହାଯାଇଥିବା କଥାଟି କ'ଣ ?
ଓଡ଼ିଶାର ପର୍ବପର୍ବାଣୀ ବିଷୟରେ କୁହାଯାଏ ଯେ ଓଡ଼ିଶାରେ ବାର ମାସରେ ତେର ପର୍ବ ।

(e) ପୂଜାପର୍ବକୁ କାହିଁକି ଲୋକଙ୍କ ଆଗ୍ରହ କମିଯାଉଛି ?
ଦରଦାମ୍ ବଢୁଛି ବୋଲି ଲୋକଙ୍କ ଆଗ୍ରହ ପୂଜାପର୍ବକୁ କମିଯାଉଛି ।

Exercises

1. Substitute the underlined words with the appropriate words given in the brackets :

(ଏବେ, ଯିଏସବୁ, ଅର୍ଥ, ଅସଂଖ୍ୟ, କିକି, ଓଷାବ୍ରତ, ମନ, ସତରେ, ଇଚ୍ଛାକରିବ, ଅନେକ)

(a) ତାମାନେ ତମେ ଯେତେବେଳେ ଯାହା ଦେଖି ଯିବ ସେତେବେଳେ ସେ ଯିବ ନାହିଁ ।
(b) ଓଡ଼ିଶାରେ ତ ଅନେକ ପର୍ବପର୍ବାଣୀ ଅଛି ।
(c) ତମେ କେତୋଟି ପର୍ବର ନାଁ ଜାଣିଛ ?
(d) ସେ ଏବେ ପୂଜାବ୍ରତ କାହିଁକି କରନ୍ତି ?
(e) ପ୍ରକୃତରେ କଣ ସେ ପର୍ବପର୍ବାଣୀ ଉପରେ ଆଲୋଚନା କରୁଛନ୍ତି ?

Digitized by srujanika@gmail.com

(f) ଯାହାର ଯିବାକୁ ଇଚ୍ଛା ହେଉଛି ସେ ଯାଉ ।

(g) ଯେଉଁମାନେ ଯିବାକଥା ସେମାନେ ଯାଆନ୍ତୁ ।

(h) ଯଦି ସେ ଚାହିଁବ ସେ ଯାଇପାରିବ ।

(i) ଆଜିକାଲି ଦରଦାମ୍ ଯେପରି ବଢୁଛି ଲୋକଙ୍କ ଆଗ୍ରହ ସେହିପରି ସବୁ ଜିନିଷରୁ କମିଯାଉଛି ।

(j) ଆପଣ ତେବେ ଓଡ଼ିଶା ବିଷୟରେ ବହୁତ କଥା ତ ଜାଣିଥିବେ ।

2. Fill in the blanks with necessary conditional co-relative terms :

(a) ଯେତେବେଳେ ରଥଯାତ୍ରା ହୁଏ......................ବହୁତ ଲୋକ ପୁରୀ ଯାଆନ୍ତି ।

(b) ମୁଁ ଯେବେ ଯିବି.................... ତମକୁ କହିବି ।

(c) ତମେ ଯେପରି କଥା କହୁଛ......................କାମ କରୁନ ।

(d) ଯେଉଁମାନେ ଓଡ଼ିଶାର ଲୋକ......................ବହୁତ ପୂଜାପର୍ବ ମାନନ୍ତି ।

(e) ସେ ଯେମିତି ପାଠ ନପଢୁଛି......................ପରୀକ୍ଷାରେ ଭଲ କରୁନି ।

(f) ....ସେ ଆସେ ସେତେବେଳେ ଆମଘରେ ଖାଏ ।

(g) ....ଇଚ୍ଛା ହେଉଛି ସେ ବାହାରକୁ ଯାଇପାରେ ।

(h) ....ତମେ ଭାଷା ଶିଖିବ ତେବେ ତମକୁ ଭାଷାକେନ୍ଦ୍ରକୁ ଆସିବାକୁ ପଡ଼ିବ ।

(i) ଯିଏ ଏ କାମ କରିଛି......................ଏହାର ଫଳ ପାଇବ ।

(j) ଯଦି ତମେ ଓଡ଼ିଶାକୁ ଯିବ......................ମୋ ପାଇଁ ଖଣ୍ଡେ ସମ୍ବଲପୁରୀ ଶାଢ଼ୀ ଆଣିବ ।

3. Transform the following complex sentences into conditional non-finite structures :

(a) ଯେତେବେଳେ ସେ ଆସିବେ ସେତେବେଳେ ଆମେ ସାଙ୍ଗ ହୋଇ ଯିବୁ ।

(b) ଯଦି ମୁଁ ରଙ୍ଗ ଖେଳିବି ତେବେ ତମେ ବି ଖେଳିବ ।

(c) ଯେବେ ଆପଣ ଯିବେ ସେବେ ମତେ କହିବେ ।

(d) ଯେତେବେଳେ ପୂଜା ହେବ ସେତେବେଳେ ସେ ଆସିବ ।

(e) ଯଦି ବର୍ଷା ନହେବ ମୁଁ ଆସିପାରେ ।

4. Make sentences using the following words :

(i) ଯେତେବେଳେ, ଯଦି, ଯେପରି, ଯାହାର, ଯୋଉଦିନ, ଯେମିତି, ଯେବେ

(ii) କିଛି ନା କିଛି, ଦରଦାମ୍, ପର୍ବପର୍ବାଣୀ, ଛୋଟବଡ଼, ପିଠାପଣା, ଓଷାବ୍ରତ, ଆଜିକାଲି, ଆନନ୍ଦଉତ୍ସବ

Digitized by srujanika@gmail.com

5. Answer the following questions :

(a) ଆପଣଙ୍କ ରାଜ୍ୟର ୩ଟି ବଡ଼ ପର୍ବର ନାଁ ଲେଖନ୍ତୁ ।
(b) ଓଡ଼ିଶାର ଦୁଇଟି ଯାତ୍ରା, ଦୁଇଟି ପର୍ବ ଓ ଦୁଇଟି ବ୍ରତର ନାଁ ଲେଖନ୍ତୁ ।
(c) ଓଡ଼ିଶାର ସ୍ତ୍ରୀ ଲୋକମାନେ କାହିଁକି ପୂଜା କରନ୍ତି ?
(d) ଆଜିକାଲି ପୂଜାପର୍ବରୁ କାହିଁକି ଲୋକଙ୍କ ଆଗ୍ରହ କମିଯାଉଛି ?
(e) ଓଡ଼ିଶାରେ 'ବାରମାସରେ ତେରଯାତ୍ରା' ବୋଲି କାହିଁକି କୁହାଯାଏ ?

6. ନିଜ ରାଜ୍ୟର ପର୍ବପର୍ବାଣୀ ବିଷୟରେ ୧୫ଟି ବାକ୍ୟ ଲେଖନ୍ତୁ ।

Grammatical Note

1. In conditional complex structures the conditional co-relative functions as the conditional binder of the two clauses in which the action of the second clause is conditioned by the first.

ଯଦି ସେ ଯିବ ତେବେ ମୁଁ ଯିବି ।
If he will go then I will go.

ଯେତେବେଳେ ଯୋଉ ପର୍ବ ପଡ଼େ ସେତେବେଳେ ସେଇ ପର୍ବକୁ ଲୋକେ ପାଳନ୍ତି ।
Whenever there is a festival people observe that.

2. (i) Conditional sentences are negated by (a) negating the main clause or (b) by negating the dependent clause or (c) by negating both the main and the dependent clauses.

ଯଦି ତମେ ଆସିବ ତେବେ ମୁଁ ଯିବି ।
If you will come I will go.

(a) ଯଦି ତମେ ନଆସିବ ତେବେ ମୁଁ ଯିବି ।
If you will not come then I will go.

(b) ଯଦି ତମେ ଆସିବ ତେବେ ମୁଁ ଯିବିନି ।
If you will come then I will not go.

Digitized by srujanika@gmail.com

(c) ଯଦି ତମେ ନଆସିବ ତେବେ ମୁଁ ଯିବିନି ।
If you will not come then I will not go.

(ii) The conditional sentences can also be negated by using negative auxiliary ନାହିଁ or ନି as follows.

ଯଦି ସେ ଆସିବ ତେବେ ମୁଁ ଆସିବି ।
If he will come then I will come.

(a) ଯଦି ସେ ଆସିବନି ତେବେ ମୁଁ ଆସିବି ।
If he will not come then I will come.

(b) ଯଦି ସେ ଆସିବ ତେବେ ମୁଁ ଆସିବିନି ।
If he will come then I will not come.

(c) ଯଦି ସେ ଆସିବନି ତେବେ ମୁଁ ଆସିବିନି ।
If he will not come then I will not come.

3. The conditional non-finite verb when used with another verb to close the sentence adds a sense of possibility.

ପ୍ରତିଦିନ କିଛି ନା କିଛି ପର୍ବ ଥାଏ କହିଲେ ଚଳେ ।
ତୁ ପ୍ରତିଦିନ ବଜାରକୁ ଥରେ ଗଲେ ଚଳିବ ।

4. ଓଡ଼ିଶାରେ ବାର ମାସରେ ତେର ଯାତ୍ରା is a proverb in Oriya.

5. କିଛି ନା କିଛି is an indefinite expression to express 'at least some'.

6. ଓହୋ is an exclamatory word to express anger, dislike, happiness etc.

7. Some words when they are combined convey one meaning, while separately they convey different meanings each, such as :

ପିଠା+ପଣା=ପିଠାପଣା
ଛୋଟ+ବଡ଼=ଛୋଟବଡ଼
ଦର+ଦାମ=ଦରଦାମ
ପର୍ବ+ପର୍ବାଣୀ=ପର୍ବପର୍ବାଣୀ

Digitized by srujanika@gmail.com

Cultural Note

1. Orissa is a land of festivals. The people of Orissa being religious-minded believe in many gods and goddesses and in order to worship them they observe many festivals and ceremonies. To know in more detail about Orissan festivals *see* the book 'ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରା' (*Odissara Parbaparbani O Janiyatra*).

2. ଯାତ୍ରା (Yatra) in Orissa is of two types. Festivals in which the gods move from one place to another are named as ଯାତ୍ରା. Therefore there are ରଥଯାତ୍ରା, ଦୋଳଯାତ୍ରା, ଚନ୍ଦନଯାତ୍ରା etc. that is, the gods are either drawn in chariots, or carried on shoulders in hammocks or by boats. The other type of ଯାତ୍ରା is the open air theatre or the Oriya opera. This ଯାତ୍ରା is staged from about midnight till early morning. They deal with mythological as well as social subjects and are usually staged in towns and villages in the summer days (from February to June).

3. Some ceremonies are observed only by ladies and a cotton string is usually worn in the arms as a symbol. This string is called ବ୍ରତ. In such occasions fasting (for full day or even for half a day) is a common rule. Such occasions are called ଓଷା ବା ବ୍ରତ, such as ସାବିତ୍ରୀ ବ୍ରତ.

Note : The festivals of Orissa are more or less regional in nature. Some festivals are famous in one area where as they are relatively less known in other areas.

Digitized by srujanika@gmail.com

UNIT III

LESSON 39

Odissi Dance

ଓଡ଼ିଶୀ ନାଚ

ମିରା : ଧାରା, ତୋର ଆଜି କେତେବେଳେ ଓଡ଼ିଶୀ ନାଚ ପ୍ରୋଗ୍ରାମ ଅଛି ? ଝରଣା କଣ ତୋ ସାଙ୍ଗରେ ନାଚିବ ? ତୁ ଯେତେବେଳେ ସେତେବେଳେ ଯାହା ସାଙ୍ଗରେ ଇଚ୍ଛା ତା ସାଙ୍ଗରେ ପ୍ରୋଗ୍ରାମ କରୁଛୁ କାହିଁକି ?

Mira : Dhara, when is your Od:ssi dance programme today ? Is Jharana going to dance with you ? Why do you fix up programmes at all times with all and sundry ?

ଧାରା : ନାହିଁ, ଝରଣା ଏଥର ନାଚିବନି । ମୁଁ ଏକା ନାଚିବି । ମିରାଅପା, ମୋର ନାଚ ଡ୍ରେସ ଆଉ ତାରକସୀ କାନଫୁଲ ଟିକେ ବଜାରରୁ ନେଇ ଆସିବୁ ? ସନ୍ଧ୍ୟା ସାତଟା ବେଳେ ପରା ସୂଚନା ଭବନରେ ମୋର ପ୍ରୋଗ୍ରାମ ଅଛି ।

Dhara : No, Jharana will not dance this time. I will dance alone. Miraapa, will you please bring my dancing costumes and filigree earrings from the market ? I have the programme at the Suchana Bhavan at 7 in the evening.

ମିରା : ହଉ ମୁଁ ଆଣିଦେବି । ତୁ କିନ୍ତୁ ଆଜି ଯା ତା କରି ନାଚିବୁନି, ଭଲକରି ନାଚିବୁ, ବୁଝିଲୁ ? ଗଭର୍ଣ୍ଣର ପରା ଦେଖିବାକୁ ଆସିବେ ? ତୁ ବରଂ ବର୍ତ୍ତମାନ ଯାଇ ଟିକେ ନାଚ ଅଭ୍ୟାସ କର । ତୋର ଯାହା ଯାହା ଦରକାର ସେ ସବୁ ମୁଁ ସଜାଡ଼ି ଦେଉଛି ।

Mira : O. K. I will get them. But don't dance carelessly to-day. Dance well. I understand the Governor will come to see. You better go now and do some dance rehearsal. I am arranging all that you need.

ଧାରା : ମୁଁ ଭଲ ଭାବରେ ନାଚିବି ଯେ, ମାତ୍ର ଭଲ ହେବ କି ଖରାପ ହେବ କେମିତି କହିବି ? ତୁ ଯେତେ ଭଲ ହେବ ବୋଲି

Dhara I will try my best, but how can I say whether it will be good or bad. It may not be

Digitized by srujanika@gmail.com

ଭାବୁଛୁ ସେତେଭଲ ଆଜି ନହୋଇପାରେ । କାରଣ ମୋ ଗୋଡ଼ ଆଜି ଭୀଷଣ ଦରଜ ହୋଇଛି । ମୁଁ ଭଲ ଭଲକରି ନାଚିବି କେମିତି ?

that good today as you hope it would be. It's because my legs are very tender to-day. How shall I be able to dance well to-day ?

ମିର : ନାଇଁମ, ତୁ ଯେଡ଼େ ଖରପ ହେବ ବୋଲି ମନେ କରୁଛୁ ସେଡ଼େ ଖରପ ହେବନି । ତୁ ଅଭ୍ୟାସ କରିସାରି ଟିକେ ବିଶ୍ରାମ କର । ଆଜି କଣ ସେଠି ଖାଇବା ପିଇବା ହେବ ?

Mira: It's not that. I am sure, it will not be as bad as you think it will be. You please take some rest after finishing the rehearsal. Is there going to be a dinner there to-day ?

ଧାର : ହଁ ଗଭର୍ଣ୍ଣର ଆସିବେ । ବେଶ ବଡ଼ ପାର୍ଟି ହେବ । ବଢ଼ିଆ ଖିଆପିଆ ବି ହେବ । ମିରଅପା, ତୁ ସନ୍ଧ୍ୟା ସାତଟା ଆଗରୁ ନିଶ୍ଚେ ଯାଇ ପହଞ୍ଚିବୁ ।

Dhara : Yes, since the Govenor will come there will be a big party. It will be a grand dinner. Miraapa you must try to reach there before 7.

ମିର : ଆରେ ହେ, ମୋର ତ ଆଜି ସନ୍ଧ୍ୟାରେ ଗୀତ କ୍ଲାସ ଯିବାକୁ ଅଛି ନା କ'ଣ ?

Mira : Oh, dear, I think I will have to go for my music lesson to-day in the evening.

ଧାର : ନାଇଁ ନାଇଁ, ତୁ ଆଜି ଗୀତ କ୍ଲାସ ନଯାଇ ମୋ ନାଚ ଦେଖିବାକୁ ଯେମିତି ହେଲେ ଯିବୁ ।

Dhara : No, no, please. Do not go to your music-class today. Please come to see my dance. You must.

ମିର : ଆଚ୍ଛା ହଉ ।

Mira : O. K.

Variation

A : ମୁଁ ନାଚ ଦେଖିବାକୁ ଯିବି କିନ୍ତୁ ତୁ ଯିବୁନି ।

A : I will go to see the dance but you will not go.

B : କାହିଁକି ?

B : Why ?

Digitized by srujanika@gmail.com

A : କାଲି ରତିରେ ତୁ ଯାଇଥିଲୁ ମାତ୍ର ମୁଁ ଯାଇ ନଥିଲି । ପୁଣି ତତେ ଆଜି ଜ୍ୱର ହେଇଛି । ତୁ ଭଲ କେମିତି ଯିବୁ ?

A : You went to see yesterday night but I didn't. Besides you have fever to-day. How will you go ?

B : ହଉ, ମୁଁ 'ନାଚ ଦେଖିବାକୁ ନଗଲେ ବି ମିରଅପା ବାହାଘରକୁ ଯିବି । ତାଙ୍କ ଘରକୁ ଆଜି କେତେ ଲୋକ ଯାଆସ କରୁଛନ୍ତି ।

B : O. K. If I don't go to see the dance I will go to see Mira-apa's marriage. So many people are coming to her house to-day.

A : ତୁ ଜ୍ୱର ଦେହରେ କାହିଁକି ଯିବୁ ? ବାହାଘରକୁ ଯେତେ ଲୋକ ଯିବା ଆସିବା କରୁଛନ୍ତି ସମସ୍ତେ ତୋ ଯିବା ହୁଏତ ପସନ୍ଦ ନ କରି ପାରନ୍ତି । ତତେ ଯେତେ ଯାହା ବୁଝେଇ କହିଲେ ବି ତୁ ଜମା ବୁଝୁନୁ ।

A : Why should you go with fever in your body ? People who are coming to the marriage party may not like you to be there. It seems you just don't understand how-ever I try to explain it.

B : ହଁ, ଯାହା ହେଲେ ବି ମିରଅପା ବାହାଘର ଦେଖିବାକୁ ମୁଁ ଯେମିତି ହେଉ ଯିବି ।

B : Look, whatever may come along, I must go to see Miraapa's marriage.

A : ହଉରେ ବାବା, ତୋର ଯେମିତି ଇଚ୍ଛା ।

A : O.K. o.k., do as you desire.

Vocabulary

ଅଭ୍ୟାସ practice
ଆଗରୁ before
ଓଡ଼ିଶୀନାଚ Odissi dance (a classical dance of Orissa)
କାନଫୁଲ earrings
କାରଣ because
ଖରାପ bad

ଖାଇବାପିଇବା lunch or dinner, feast
ଗଭର୍ଣ୍ଣର Governor,
ଗୀତକ୍ଲାସ music-class
ଗୋଡ଼ leg
ଜମା not at all
ଜ୍ୱର fever

Digitized by srujanika@gmail.com

ଜ୍ୱରଦେହରେ with fever in the body
ତାରକସୀ filigree
ତୋର ଯେମିତି ଇଚ୍ଛା as you desire
ଦରଜ tender, pain
ନାଚ ଡ୍ରେସ dancing dress
ନିଶ୍ଚେ surely
ପସନ୍ଦ choice, liking
ପାର୍ଟି party
ପ୍ରୋଗ୍ରାମ programme
ବରଂ rather
ବାହାଘର marriage
ବିଶ୍ରାମ rest
ବେଶ୍ quite
ଭାରଣ very
ମାତ୍ର but
ଯାଆସ going and coming
ଯା ତା କରି indefinitely
ଯାହା ଇଚ୍ଛା ତା whatever is the desire
ଯାହା ଯାହା ଦରକାର whatever you want
ଯାହା ହେଲେ ବି whatever may happen
ଯେତେବେଳେ ସେତେବେଳେ whenever
ଯେମିତି ହେଉ / ଯେମିତି ହେଲେ definitely
ହଉରେ ବାବା all right

Drills

I Build up drill

ଅଛି ?
ପ୍ରୋଗ୍ରାମ ଅଛି ?
ନାଚିବାକୁ ପ୍ରୋଗ୍ରାମ ଅଛି ?
ଓଡ଼ିଶୀ ନାଚିବାକୁ ପ୍ରୋଗ୍ରାମ ଅଛି ?
କେତେବେଳେ ଓଡ଼ିଶୀ ନାଚିବାକୁ ପ୍ରୋଗ୍ରାମ ଅଛି ?
କେତେବେଳେ ପ୍ରୋଗ୍ରାମ ଅଛି ?
ଆଜି କେତେବେଳେ ପ୍ରୋଗ୍ରାମ ଅଛି ?
ତୋର ଆଜି ଓଡ଼ିଶୀ ନାଚିବାକୁ କେତେବେଳେ ପ୍ରୋଗ୍ରାମ ଅଛି ?

ନାଚିବ
ପାର୍ଟିରେ ନାଚିବ ?
ତୋ ପାର୍ଟିରେ ନାଚିବ
ଝରଣା କଣ ତୋ ପାର୍ଟିରେ ନାଚିବ ?

Digitized by srujanika@gmail.com

କାହିଁକି ?
କରୁଛ କାହିଁକି ?
ପ୍ରୋଗ୍ରାମ କରୁଛ କାହିଁକି ?
ତା ସାଙ୍ଗରେ ପ୍ରୋଗ୍ରାମ କରୁଛ କାହିଁକି ?
ଯାହା ସାଙ୍ଗରେ ଇଚ୍ଛା ତା ସାଙ୍ଗରେ ପ୍ରୋଗ୍ରାମ କରୁଛ କାହିଁକି ?
ଯେତେବେଳେ ସେତେବେଳେ ଯାହା ସାଙ୍ଗରେ ଇଚ୍ଛା ତା ସାଙ୍ଗରେ ପ୍ରୋଗ୍ରାମ କରୁଛ କାହିଁକି ?
ତୁ ଯେତେବେଳେ ସେତେବେଳେ ଯାହା ସାଙ୍ଗରେ ଇଚ୍ଛା ତା ସାଙ୍ଗରେ ପ୍ରୋଗ୍ରାମ କରୁଛ କାହିଁକି ?

ନାଚିବନି ।
ଏଥର ନାଚିବନି ।
ଝରଣା ନାଚିବନି ।
ନାଇଁ, ଝରଣା ଏଥର ନାଚିବନି ।

ନାଚିବି ।
ଏକା ନାଚିବି ।
ମୁଁ ନାଚିବି ।
ମୁଁ ଏକା ନାଚିବି ।

ନେଇ ଆସିବୁ ?
ବଜାରରୁ ନେଇ ଆସିବୁ ?
ଟିକେ ବଜାରରୁ ନେଇ ଆସିବୁ ?
କାନଫୁଲ ଟିକେ ବଜାରରୁ ନେଇ ଆସିବୁ ?
ନାଚଡ୍ରେସ ଆଉ ତାରକସୀ କାନଫୁଲ ଟିକେ ବଜାରରୁ ନେଇ ଆସିବୁ ।
ମିଶ୍ରଥପା, ମୋର ନାଚଡ୍ରେସ ଆଉ ତାରକସୀ କାନଫୁଲ ଟିକେ ବଜାରରୁ ନେଇ ଆସିବୁ ?

ଅଛି ।
ପ୍ରୋଗ୍ରାମ ଅଛି ।
ମୋର ପ୍ରୋଗ୍ରାମ ଅଛି ।
ସୂଚନା ଭବନରେ ମୋର ପ୍ରୋଗ୍ରାମ ଅଛି ।
ସନ୍ଧ୍ୟା ସାତଟା ବେଳେ ପର ସୂଚନା ଭବନରେ ମୋର ପ୍ରୋଗ୍ରାମ ଅଛି ।

ବୁଝିଲୁ ?
ଭଲକରି ନାଚିବୁ, ବୁଝିଲୁ ?
ଯା ତା କରି ନାଚିବୁନି, ଭଲକରି ନାଚିବୁ, ବୁଝିଲୁ ।
ତୁ କିନ୍ତୁ ଆଜି ଯା ତା କରି ନାଚିବୁନି, ଭଲକରି ନାଚିବୁ, ବୁଝିଲୁ ?

(ii) ରେ, ଆରେ, କିରେ, ହଇରେ, ହଇହେ, ହଇହୋ etc. are address words for men and occasionally these are also used for women.

(iii) ମାଲେ, ବାପାଲେ, ବାପ୍‌ରେ, ବାପ୍‌ରେ ବାପ୍ etc. as exclamatory words to express fear, sorrow, surprise etc. in daily life.

(iv) ମାଲେ, ଧନଲେ, ବାପାରେ, ଧନରେ, ବାବୁରେ etc. as affectionate terms are used to address juniors.

4. (i) କହିଲେ ନସରେ is an idiomatic expression used for that where a lot of things can be said.

(ii) ସତେ is equivalent to asking in English 'is it' or 'really'.

Digitized by srujanika@gmail.com

UNIT III

LESSON 44

Revision Lesson

The Circus

ସର୍କସ

ପ୍ରଭତ : ହରିଶ୍, ତୁ ତ ବାହାରିବାକୁ ଖାଲି ଡେରି କରୁଛୁ । ସେଆଡ଼େ ସର୍କସ ଆରମ୍ଭ ହେଇ ଯିବଣି ଯେ! ତୁ ଚଞ୍ଚଳ ଆସିଲେ ସିନା ହବ !

Prabhat : Harish, you are making it late to start. The circus might have begun by now. It will be good if you come soon.

ହରିଶ୍ : ମୁଁ ଏଇ ସାଙ୍ଗେ ସାଙ୍ଗେ ବାହାରିଲି । ମୋର ସବୁ କାମ ସରିଲାଣି । ସର୍କସ ଆରମ୍ଭ ହେଉ ନହେଉଣୁ ତ ଆମେ ପହଞ୍ଚିଲେ ଗଲା । ତୁ ଏତେ ବ୍ୟସ୍ତ ହେଉଛୁ କାହିଁକି ?

Harish : I will be out at once. I have finished all my work. I hope it would be all right if we reach as soon as the circus begins. Why are you getting so worried ?

ପ୍ରଭତ : ନାଇଁ ତୁ ଜାଣିନୁ । ଡେରି କରି ଗଲେ ଟିକେଟ ମିଳିବନି କି ଆଗରେ ବସିବାକୁ ଜାଗା ବି ମିଳିବନି । ସର୍କସ ଆରମ୍ଭ ହେବା ବେଳ ତ ପ୍ରାୟ ହେଇ ଗଲାଣି । ଯୋଉ ଭିଡ଼ ହେଉଛି କ'ଣ କହିବି । ତୁ ଚଞ୍ଚଳ ଆସିଲୁ ।

Prabhat : You really don't know. If you go late you will not get tickets, neither you will get seats in the front. It is almost time for the circus to begin. I cannot describe what rush is there ? Please come out quickly.

ହରିଶ୍ : ସର୍କସର ବାଘ, ଭାଲୁ, ଓଟ, ଜେବ୍ରା ସବୁ ତୁ ଦେଖିଲୁଣି ?

Harish : Have you seen all the tigers, bears, camels and zebras of the circus ?

Digitized by srujanika@gmail.com

ପ୍ରଭାତ : ହଁ କାଲି ସ୍କୁଲରୁ ଫେରୁ ଫେରୁ ପଗ ମୁଁ ରାସ୍ତାରେ ଓଟ ଆଉ ଜେବ୍ରା ଦେଖିଲି । ତୁ ସର୍କସର ଜୋକରକୁ ଦେଖିଲୁଣି ?

Prabhat : Yes. As I was returning from the school yesterday I saw camels and zebras on the road. Have you seen the joker of the circus ?

- ହରିଶ୍ : ନାଇଁ, ମୁଁ ଦେଖିନି । ଚାଲ, ଶୀଘ୍ର ସର୍କସ ପଡ଼ିଆକୁ ଯିବା । ଜୋକର ବୋଧେ ଷ୍ଟେଜକୁ ବାହାରିବଣି ।

Harish : No, I haven't.. Let us go to the circus field quickly. The joker might have been out on the stage.

ପ୍ରଭାତ : ହଉ ଚାଲ । ତତେ ସର୍କସ ଦେଖିବାକୁ ଭଲ ଲାଗେନି ?

Prabhat : O. K. let's go. Don't you like to see the circus ?

ହରିଶ୍ : ହଁ, ମତେ କେତେ ଯେ ଭଲ ଲାଗେ, କହିଲେ ନସରେ ।

Harish : Yes, I can't describe how much I like it.

Exercises

1. Substitute the underlined words with other appropriate words in the following sentences.

(i) (a) ଆଜି ଦିନସାରା କଣ ଝରି ବର୍ଷା ହେଲଣି ?

(b) ଏବେ ପର୍ଯ୍ୟନ୍ତ ବି ତମର କାମ ଆରମ୍ଭ ହେଇନି ?

(c) ସର୍କସ ପଡ଼ିଆକୁ ଚଞ୍ଚଳ ଚଞ୍ଚଳ ଚାଲ ।

(d) ଏତେ ଛୋଟ ଛୋଟ କଥାରେ ରାଗିବା ଠିକ୍ ନୁହଁ ।

(e) ସର୍କେସର ଜୋକର ହୁଏତ ଆସିସାରିବଣି ।

(ii) (a) ମୁଁ ସେଣ୍ଟର ଆସୁ ନଆସୁଣୁ ତାକୁ ବାଟରେ ଦେଖିଲି ।

(b) ସେ ତମକୁ ଡାକୁ ନଡାକୁଣୁ ତମେ ଆସି ପହଞ୍ଚିଲ ।

(c) ଦେଖୁ ଦେଖୁ ଟ୍ରେନଟା ଚାଲିଗଲା ।

(d) ବାଟରେ ଯାଉ ଯାଉ ମୁଁ ଝୁଣ୍ଟି ପଡ଼ିଲି ।

(e) ମୁଁ ଟଙ୍କା ଦେଉ ନଦେଉଣୁ ସେ ନେଇଗଲା ।

Digitized by srujanika@gmail.com

2. Substitute the underlined words with the words given in the brackets and make necessary changes in the following sentences:

   (a) ସେମାନେ ନିଶ୍ଚୟ ଯାଇ ପାରିବେଣି । (ତମେ)

   (b) ତମେ କାଲି ଏତେବେଳକୁ ଗଲଣି । (ସେ *fam.*)

   (c) ସର୍କସର ବାଘ ଭଲ୍ଲୁ ସବୁ ଆସିଗଲେଣି । (ତମ୍ବୁ)

   (d) କାଲି ଏତେବେଳକୁ ତୁ କଟକ ଯିବୁଣି । (ସେ *hon.*)

   (e) ଆମ ଜିନିଷପତ୍ର ସବୁ ପହଞ୍ଚିଲଣି । (ପଶୁପକ୍ଷୀ)

3. Make out complete sentences using each of the following parts of sentences:

   କହିଲେ ନସରେ, କେତେ ଯେ ଭଲଲଗେ, କ'ଣ କହିବି, ପଢି ସାରିଲେ ସିନା, ବାହାରେ ଯୋଉ ଥଣ୍ଡା।

4. The words given below have more than one meaning. Make sentences suggesting at least two of their meanings :

   ଖାଲି, ଡେରି, ପତ୍ର, ବଡି, ଠିକଣା।

5. Two groups of words are given below. Find out which words in Group A are linked with which other words in group B :

   Group A

   ଅନ୍ଧାର, ଥଣ୍ଡା, ଭଲ, ଠିକ୍, ଘର, ଗୋଷ୍ଠ, ମୋଟା, ଯିବା, ଦରକାରୀ, ସତ

   Group B

   ମୋଟି, କଥା, ଗତି, ଠିକଣା, ଗାଈ, ମିଛ, ଆସିବା, ବାହାର, ପବନ, ମନ୍ଦ

6. Write ten sentences on the topic, 'A visit to circus by school children'.

Digitized by srujanika@gmail.com

UNIT III

LESSON 45

Environment Tours

ପରିବେଶ ଭ୍ରମଣ

ଅଧ୍ୟାପକ : ଟୁର୍‌ରେ ଯିବାବେଳ ନହେଉଣୁ ଆପଣମାନେ ଅଯଥା କାହିଁକି ଉଛନ୍ନ ହେଉଛନ୍ତି ?

Lecturer Why are you getting so excited unnecessarily even before the time for tour has come ?

ଶିକ୍ଷାର୍ଥୀ : ସାର୍, ଟୁର୍‌ରେ ଆମେ କୁଆଡ଼େ କୁଆଡ଼େ ଯିବା ?

Learner : Sir, where would we be going on tour ?

ଅଧ୍ୟାପକ : ଏବର୍ଷ ଟୁର୍‌ରେ ଆମେ ପୁରୀ ଜିଲ୍ଲାର ତିନିଟା ଗାଁକୁ ଯିବା । ତାପରେ ସେଠୁ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଅଞ୍ଚଳକୁ ଯିବା । ଗାଁ ସ୍କୁଲମାନଙ୍କରେ ଆପଣମାନେ ସ୍କୁଲ ପିଲମାନଙ୍କ ସହିତ ମିଶିବେ, କଥାବାର୍ତ୍ତା କରିବେ ଏବଂ ସେମାନଙ୍କୁ ପଢ଼ାଇବେ । ଗାଁ ଲୋକ-ମାନଙ୍କ ସାଙ୍ଗରେ ବି ଆପଣଙ୍କର ପରି-ଚୟ ଓ ମିଳାମିଶା ହେବ ।

Lecturer : We will go to three villages of Puri district on tour this year. Then from there we will go to Sambalpur in western Orissa. You will mix with the students of the schools in the villages, talk to them and also you will teach them. You will also make acquintances with the villagers and mix with them.

ଶିକ୍ଷାର୍ଥୀ : ସାର୍, ସମ୍ବଲପୁରରେ ଆମେ ହୀରା-କୁଦ ବନ୍ଧ ଦେଖିବାକୁ ଯିବୁ ନା ?

Learners : Sir, will we be able to go to see Hirakuda dam at Sambalpur ?

ଅଧ୍ୟାପକ : ହଁ ଯିବେ । ପୁଣି ସେଠି ସମ୍ବଲପୁରୀ ଓଡ଼ିଆ ଭାଷା ବି ଶୁଣିବାକୁ ପାଇବେ ।

Lecturer : Yes, you will. You will also hear the Sambalpuri Oriya dialect there.

Digitized by srujanika@gmail.com

ଶିକ୍ଷାର୍ଥୀ : ସାର୍, ସମ୍ବଲପୁରୀ ଓଡ଼ିଆ କଣ ଆମେ ଶିଖୁଥିବା ଓଡ଼ିଆଠୁ ଅଲଗା ?	Learner Sir, is Sambalpuri Oriya different from Oriya we learn ?
ଅଧ୍ୟାପକ: ହଁ, କିଛି ପରିମାଣରେ ଅଲଗା । ଆପଣମାନେ ଗଲେ ତ ସେ କଥା ଜାଣି ପାରିବେ । ନଯାଉଣୁ କେମିତି ଜାଣିବେ ?	Lecturer : Yes, it is different to some extent. You will know it when you go there. How will you know unless you go there ?
ଶିକ୍ଷାର୍ଥୀ : ସାର୍, ଆମ ଟୁର୍ କେବେ ହେବ ?	Learner : Sir, when shall we begin our tour ?
ଅଧ୍ୟାପକ : ଏଇ ଜାନୁୟାରୀ ମାସରେ ତ ହେବା କଥା । ଅଥଚ ଏ ପର୍ଯ୍ୟନ୍ତ ହେଡ୍ ଅଫିସରୁ କିଛି ଖବର ଆସିଲା ନାହିଁ । ଏଇ ଭିତରେ ଖବର ଆସିପାରେ ।	Lecturer : It is to take place this January. But as yet no information has been received from the Head Office. Information may come presently.

Variation

A. ମୁଁ ନ ଆସୁଣୁ ତମେ କୁଆଡ଼େ ଯାଉଛ ?	A : Where are you going before I come ?
B. ନାଇଁ, ଦୁଇ ସାଙ୍ଗ ହେଇ ସ୍କୁଲକୁ ଯିବା ।	B : No where. Let us go together to the school.
A. ଆଜି କଣ ତମେ ସ୍କୁଲରେ ପଢ଼େଇବ ?	A : Are you going to teach in the school to-day?
B. ନା, ସାର୍ ମତେ ପଢ଼େଇବା କଥା କିଛି ନ କହୁଣୁ ମୁଁ କେମିତି ପଢ଼େଇବି ?	B : No. How can I teach unless Sir asks me to do so ?
A. ତମେ ସ୍କୁଲ ଯିବ କହୁଚ ଅଥଚ ସ୍କୁଲରେ ପଢ଼େଇବନି ବୋଲି କହୁଚ କେମିତି ?	A : You say that you will go to the school and yet how do you say that you will not teach ?

Digitized by srujanika@gmail.com

B. ନାଇଁ ସ୍କୁଲକୁ ଗଲେ ସାର୍ ଆଜି ପଢ଼େଇବାକୁ କହି ପାରନ୍ତି ।	B : Well, if I go to the school sir may ask me to teach today.

Vocabulary

ଅଞ୍ଚଳ	area
ଅଥଚ	whereas
ଅଯଥା	unnecessarily
ଅଲଗା	different
ଉଛନ୍ନ	restless
ଏଇଭିତରେ	in the mean time, presently
କିଛି ପରିମାଣରେ	to some extent
କୁଆଡ଼େ କୁଆଡ଼େ	where
ଗାଁ	village
ତାପରେ	then
ପଢ଼ାଇବା	to teach
ପରିଚୟ	to know each other
ପଶ୍ଚିମ ଓଡ଼ିଶା	western Orissa
ପାଇବା	to get
ବନ୍ଧ	dam
ମିଳାମିଶା	get-tog :ther
ମିଶିବା	to mix up
ଯିବାବେଳ	the time to go

Drills

I. Build up drill

ହେଉଛନ୍ତି ?
ଉଛନ୍ନ ହେଉଛନ୍ତି ?
କାହିଁକି ଉଛନ୍ନ ହେଉଛନ୍ତି ?
ଅଯଥା କାହିଁକି ଉଛନ୍ନ ହେଉଛନ୍ତି ?
ଆପଣମାନେ ଅଯଥା କାହିଁକି ଉଛନ୍ନ ହେଉଛନ୍ତି ?
ଯିବାବେଳ ନହେଉଣୁ ଆପଣମାନେ ଅଯଥା କାହିଁକି ଉଛନ୍ନ ହେଉଛନ୍ତି ?
ଟ୍ରେନ୍‌ରେ ଯିବାବେଳ ନହେଉଣୁ ଆପଣମାନେ ଅଯଥା କାହିଁକି ଉଛନ୍ନ ହେଉଛନ୍ତି ?

ଯିବା ?
କୁଆଡ଼େ ଯିବା ?
କୁଆଡ଼େ କୁଆଡ଼େ ଯିବା ?
ଟ୍ରେନ୍‌ରେ ଆମେ କୁଆଡ଼େ କୁଆଡ଼େ ଯିବା ?
ସାର୍, ଟ୍ରେନ୍‌ରେ ଆମେ କୁଆଡ଼େ କୁଆଡ଼େ ଯିବା ?

Digitized by srujanika@gmail.com

ଯିବା ।
ସମ୍ବଲପୁର ଅଞ୍ଚଳକୁ ଯିବା ।
ଓଡ଼ିଶାର ସମ୍ବଲପୁର ଅଞ୍ଚଳକୁ ଯିବା ।
ପଶ୍ଚିମ ଓଡ଼ିଶାର ସମ୍ବଲପୁର ଅଞ୍ଚଳକୁ ଯିବା ।
ସେଠୁ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଅଞ୍ଚଳକୁ ଯିବା ।
ତାପରେ ସେଠୁ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଅଞ୍ଚଳକୁ ଯିବା ।

ପଢ଼ାଇବେ ।
ସେମାନଙ୍କୁ ପଢ଼ାଇବେ ।
କଥାବାର୍ତ୍ତା କରିବେ ଏବଂ ସେମାନଙ୍କୁ ପଢ଼ାଇବେ ।
ସ୍କୁଲପିଲମାନଙ୍କ ସହିତ ମିଶିବେ, କଥାବାର୍ତ୍ତା କରିବେ ଏବଂ ସେମାନଙ୍କୁ ପଢ଼ାଇବେ ।
ଗାଁ ସ୍କୁଲମାନଙ୍କରେ ଆପଣମାନେ ସ୍କୁଲପିଲମାନଙ୍କ ସହିତ ମିଶିବେ, କଥାବାର୍ତ୍ତା କରିବେ ଏବଂ ସେମାନଙ୍କୁ ପଢ଼ାଇବେ ।

ହେବ ।
ମିଳାମିଶା ହେବ ।
ପରିଚୟ ଓ ମିଳାମିଶା ହେବ ।
ଆପଣଙ୍କର ପରିଚୟ ଓ ମିଳାମିଶା ହେବ ।
ଗାଁ ଲୋକମାନଙ୍କ ସାଙ୍ଗରେ ବି ଆପଣଙ୍କର ପରିଚୟ ଓ ମିଳାମିଶା ହେବ ।

ଯିବୁ ନା ?
ଦେଖିବାକୁ ଯିବୁ ନା ?
ହୀରାକୁଦ ବନ୍ଧ ଦେଖିବାକୁ ଯିବୁ ନା ?
ଆମେ ହୀରାକୁଦ ବନ୍ଧ ଦେଖିବାକୁ ଯିବୁ ନା ?
ସମ୍ବଲପୁରରେ ଆମେ ହୀରାକୁଦ ବନ୍ଧ ଦେଖିବାକୁ ଯିବୁ ନା ?
ସାର୍, ସମ୍ବଲପୁରରେ ଆମେ ହୀରାକୁଦ ବନ୍ଧ ଦେଖିବାକୁ ଯିବୁ ନା ?

ପାଇବେ ।
ଶୁଣିବାକୁ ପାଇବେ ।
ସମ୍ବଲପୁରୀ ଓଡ଼ିଆ ଭଷା ବି ଶୁଣିବାକୁ ପାଇବେ ।
ପୁଣି ସେଠି ସମ୍ବଲପୁରୀ ଓଡ଼ିଆ ଭଷା ବି ଶୁଣିବାକୁ ପାଇବେ ।

Digitized by srujanika@gmail.com

ଅଲଗା ?
ଓଡ଼ିଆଠୁ ଅଲଗା ?
ଆମେ ଶିଖୁଥିବା ଓଡ଼ିଆଠୁ ଅଲଗା ?
ସମ୍ବଲପୁରୀ ଓଡ଼ିଆ ଆମେ ଶିଖୁଥିବା ଓଡ଼ିଆଠୁ ଅଲଗା ?
ସାର୍, ସମ୍ବଲପୁରୀ ଓଡ଼ିଆ କଣ ଆମେ ଶିଖୁଥିବା ଓଡ଼ିଆଠୁ ଅଲଗା ?

ଅଲଗା ।
କିଛି ପରିମାଣରେ ଅଲଗା ।
ହଁ, କିଛି ପରିମାଣରେ ଅଲଗା ।

ପାରିବେ ।
ଜାଣି ପାରିବେ ।
ସେ କଥା ଜାଣି ପାରିବେ ।
ଆପଣମାନେ ଗଲେ ତ ସେ କଥା ଜାଣିପାରିବେ ।

ଜାଣିବେ ?
କେମିତି ଜାଣିବେ ?
ନଯାଇଣୁ କେମିତି ଜାଣିବେ ?

II. Substitution drill

(a) ଟୁରରେ ଯିବାବେଳ ନହେଉଣୁ ଆପଣମାନେ ଅଯଥା କାହିଁକି ଉଚ୍ଛନ୍ନ ହେଉଛନ୍ତି ?
ନଆସୁଣୁ ?
ନଯାଉଣୁ ,, ?
ନହେଉଣୁ ଆପଣମାନେ ମିଛରେ ?
,, ମିଛଟାରେ ,, ?
ଅଯଥା କାହିଁକି ବ୍ୟସ୍ତ ହେଉଛନ୍ତି ?

(b) ନ ଯାଉଣୁ କେମିତି ଜାଣିବେ ?
ନ ଆସୁଣୁ — ନ ଆସୁଣୁ କେମିତି ଜାଣିବେ ?
ନ କରୁଣୁ — ନ କରୁଣୁ କେମିତି ଜାଣିବେ ?
ନ ନେଉଣୁ — ନ ନେଉଣୁ କେମିତି ଜାଣିବେ ?
ନ ଦେଉଣୁ — ନ ଦେଉଣୁ କେମିତି ଜାଣିବେ ?

Digitized by srujanika@gmail.com

III. Transformation drill

(i) use of ଣୁ with negative imperfect participle—

(a) ମୁଁ ଯାଉ ଯାଉ ବସ୍‌ଟା ଚାଲିଗଲା ।
ମୁଁ ନଯାଉଣୁ ବସ୍‌ଟା ଚାଲିଗଲା ।

(b) ବେଳ ହେଉ ହେଉ ସେ ସ୍କୁଲରେ ପହଞ୍ଚିଲା ।
ବେଳ ନହେଉଣୁ ସେ ସ୍କୁଲରେ ପହଞ୍ଚିଲା ।

(c) ଆମେ ଆସୁ ଆସୁ ସେମାନେ ଟୁର୍‌ରେ ଗଲେ ।
ଆମେ ନଆସୁଣୁ ସେମାନେ ଟୁର୍‌ରେ ଗଲେ ।

(ii) Transformation of the sentences using ଅଥଚ in place of କିନ୍ତୁ—

(a) ତମେ ଯିବ କିନ୍ତୁ ମୁଁ ଯିବିନି ।
ତମେ ଯିବ ଅଥଚ ମୁଁ ଯିବିନି ?

(b) ତମେ ଆସିଲନି କିନ୍ତୁ ସେ ଆସିଲା ।
ତମେ ଆସିଲନି ଅଥଚ ସେ ଆସିଲା ।

(c) ମୁଁ ଗଲି କିନ୍ତୁ ତମେ ଗଲନି ।
ମୁଁ ଗଲି ଅଥଚ ତମେ ଗଲନି ।

Exercises

1. Fill up the blanks with appropriate words selected from within the brackets :

(ନକିଣୁ, ନପହଞ୍ଚୁଣୁ, ନଯାଉଣୁ, ନ ଶିଖୁଣୁ, ନଆସୁଣୁ)

(a) ମୁଁ ସମ୍ବଲପୁରରେ...................... ସେ ପହଞ୍ଚିଗଲା ।

(b) ଆପଣ ସମ୍ବଲପୁରୀ ଶାଢ଼ୀ...................... କାହିଁକି ବ୍ୟସ୍ତ ହେଉଛନ୍ତି ?

(c) ଆପଣମାନେ ଓଡ଼ିଆ ଭାଷା ପୁରାପୁରି...................... କହିବାକୁ ଆରମ୍ଭ କଲେଣି ।

(d) ସେ......................ତୁ କାହିଁକି ଯାଉଛୁ ?

(e) ଆପଣଙ୍କର ବଦଳି ଖବର......................ଆପଣ ମିଛରେ ବ୍ୟସ୍ତ ହେଲେ ?

Digitized by srujanika@gmail.com

2. Transform the underlined verbs into negative imperfect participle verbs:

    (a) ମୁଁ ଲେଖିବାକୁ ଆରମ୍ଭ କରୁ କରୁ ବେଳ ହୋଇଗଲା ।

    (b) ସେ କଥା କହୁ କହୁ ସାର୍ ଆସି ପହଞ୍ଚିଗଲେ ।

    (c) ପିଲାମାନେ ସ୍କୁଲକୁ ଆସୁ ଆସୁ ବର୍ଷାହେଲା ।

    (d) ଆଜି କ୍ଲାସରେ ପଢ଼ା ହେଉ ହେଉ ଛୁଟି ହେଇଗଲା ।

    (e) ସେ ଭାଷା ଶିଖୁ ଶିଖୁ କଥା କହିବ କେମିତି ?

3. Make sentences using the following:

    ଅଯଥା, ଉଚ୍ଛନ୍ନ, ପରିଚୟ, ମିଳାମିଶା, ସମ୍ବଲପୁରୀ, ଅଥଚ

4. Write ten sentences about Sambalpur.

Grammatical Note

1. To the negative imperfect participle, ଣୁ can be added as follows which will be equivalent to English 'no sooner' construction.

    ମୁଁ ନଯାଉଣୁ ସେ ଘରକୁ ଚାଲିଗଲା ।

    ପରୀକ୍ଷା ନହେଉଣୁ ଏତେ ବ୍ୟସ୍ତ କାହିଁକି ?

2. Some interrogative words like କ'ଣ, କୁଆଡ଼େ, କି, etc. when duplicated anticipate descriptive answers.

ତମେ କ'ଣ କ'ଣ ଖାଇବ ?	What are the things you like to eat ?
ଆପଣ କୁଆଡ଼େ କୁଆଡ଼େ ଯିବେ ?	What are the places you like to go ?
ସେ କି କି କଥା କହିଲେ ?	What are the things he has told you ?

3. ଅଥଚ is a conditional conjoint word like କିନ୍ତୁ, ମାତ୍ର, etc.

Cultural Note

1. The language-environmental tour is a part of the language teaching programme of the Regional Language Centres.

Digitized by srujanika@gmail.com

The duration of the tour is two weeks, and during this tour the language-trainees get the opportunity to know the socio-cultural conditions of the respective language groups they visit.

2. Orissa has 13 districts. The districts of Orissa are as follows :

Cuttack	କଟକ
Puri	ପୁରୀ
Balasore	ବାଲେଶ୍ୱର
Mayurbhanja	ମୟୂରଭଞ୍ଜ
Keonjhar	କେନ୍ଦୁଝର
Sundargarh	ସୁନ୍ଦରଗଡ଼
Sambalpur	ସମ୍ବଲପୁର
Bolangir	ବଲାଙ୍ଗିର
Kalahandi	କଳାହାଣ୍ଡି
Koraput	କୋରାପୁଟ
Phulbani	ଫୁଲବାଣି
Dhenkanal	ଢେଙ୍କାନାଳ
Ganjam	ଗଞ୍ଜାମ

3. Sambalpur district is in Western Orissa. The Sambalpuri Oriya is supposed to be a dialect of Oriya language. Sambalpur is world famous for Hirakud Dam and Sambalpuri sarees.

Digitized by srujanika@gmail.com

UNIT III

LESSON 46

Conversation with the Cowherd Boy

ଗାଈ ଜଗା ପିଲା ସହିତ କଥାବାର୍ତ୍ତା

ଗାଁ ଲୋକ : ହଇରେ ପିଲା, ତୋ ନାଁ କ'ଣ ?	The Villager : Ho you, what's your name ?
ନଟ : ଆଜ୍ଞା, ମୋ ନାଁ ନଟିଆ ।	Nata : Sir, my name is Natia.
ଗାଁ ଲୋକ : ଏ ଗାଈ ଗୋଠ କଣ ତୋ'ର ?	The Villager : Is this herd of cows yours ?
ନଟ : ହଁ, କାହିଁକି କ'ଣ ହେଲା କି ?	Nata : Yes. Why ? What has happened ?
ଗାଁ ଲୋକ : ପଲେ ଗୋରୁ ପଶି ଆମ ବଗିଚାରୁ ଅଧେ ଫୁଲଗଛ ଖାଇ ଗଲେଣି । ତୁ ଭଲା କେମିତି ଜଗିଛୁ ?	The Villager : A herd of cows had entered into our garden, and had nibbled almost half of the flower-plants. I wonder, how you guard them ?
ନଟ : ଆଜ୍ଞା, ଆପଣଙ୍କ ବଗିଚାର ଫାଟକ ଖୋଲା ଥିବାରୁ ଗାଈ ପଶି ଯାଇଥିଲେ । ମୁଁ ସେମାନଙ୍କୁ ଅଡ଼େଇ ବାହାରକୁ ନେଇ ଆସିଲିଣି ।	Nata : Sir, the cows entered because your garden-gate was open. I have already herded them out.
ଗାଁ ଲୋକ : ତୁ ଗାଈଗୁଡ଼ାକୁ ନ ଜଗି ଛାଡ଼ି ଦେବାରୁ ସେଗୁଡ଼ା ବାଡ଼ ଡେଇଁ ବଗିଚାରେ ପଶିଲେ । ଏ ଗାଈ ପଲକୁ ତୁ ଏଠୁ ଦୂରକୁ ଚରେଇବାକୁ ନେଇଯା ।	The Villager : Because you left them unguarded, they jumped over the fence and got into the garden. You take away the herd of cows from here to a distant place to graze.
ନଟ : ହଉ ନେଇଯାଉଛି ।	Nata : Yes, sir, I am taking them away.

Digitized by srujanika@gmail.com

Variation

A. ଗେଟ୍‌ଟା ଭଙ୍ଗି ଯାଇଥିବାରୁ ପଲେ ଛେଳି ପଶି ଆମ କାଗଜଫୁଲଗଛଟାକୁ ପୁରାପୁରି ଖାଇଗଲେ । ମୁଁ ଗାଳି ଦେବାରୁ ସେ ଛେଳି ଜଗା ଟୋକା ସେଗୁଡ଼ାକୁ ଗେଟ୍ ବାହାରକୁ ନେଇଗଲା ।

A : Because the gate was broken a herd of goats could get in and completely ate our bougenvallia plant. Because I scolded him that goat-herd boy took them out of the gate.

B. ଆପଣଙ୍କ ଚାକର ଟୋକାକୁ କହି ଗେଟ୍‌ଟା ମରାମତି କରେଇ ନେଉ ନାହାଁନ୍ତି କାହିଁକି ?

B : Why don't you get the gate repaired through your servant boy ?

A. ହଁ, ଗେଟ୍‌ଟାକୁ ମରାମତି କରେଇବା ନିହାତି ଦରକାର ପଡ଼ିଲାଣି । ମୁଁ ଆଜି ତାକୁ କହୁଛି ।

A : Yes, it is urgently required to get the gate repaired. I will talk to him today.

Vocabulary

ଅଡ଼େଇବା	to bring to order
ଅଧେ	half
କାହିଁକି	why
କାଗଜଫୁଲ	Bougenvallia
ଗାଈଗୋଠ	a herd of cows
ଗାଳିଦେବା	to scold
ଗେଟ୍	gate
ଗୋରୁ	cattle
ଚରିବା	to graze
ଚାକରଟୋକା	servant boy
ଛେଳି	goat
ଛେଳିଜଗା ଟୋକା	goat-herd boy
ପିଲା	boy
ଡେଇଁବା	to jump
ନିହାତି	absolutely/urgently
ପଶିବା	to enter
ପଲେ ଗୋରୁ	a herd of cows
ପୁରାପୁରି	totally/completely
ଫାଟକ	gate
ବାଡ଼	fence
ମରାମତି	repair
ହଇରେ	(an address)

Digitized by srujanika@gmail.com

Drills

I. Build up drill

ତୋର ?
କଣ ତୋ'ର ?
ଗାଈ ଗୋଠ କଣ ତୋ'ର ?
ଏ ଗାଈ ଗୋଠ କଣ ତୋ'ର ?

ହେଲ କି ?
କ'ଣ ହେଲ କି ?
କାହିଁକି କ'ଣ ହେଲ କି ?

ଗଲେଣି ।
ଖାଇ ଗଲେଣି ।
ଫୁଲଗଛ ଖାଇ ଗଲେଣି ।
ଅଧେ ଫୁଲଗଛ ଖାଇଗଲେଣି ।
ବଗିଚ୍ଚରୁ ଅଧେ ଫୁଲଗଛ ଖାଇଗଲେଣି ।
ଆମ ବଗିଚ୍ଚରୁ ଅଧେ ଫୁଲଗଛ ଖାଇଗଲେଣି ।
ଗୋରୁ ପଶି ଆମ ବଗିଚ୍ଚରୁ ଅଧେ ଫୁଲଗଛ ଖାଇ ଗଲେଣି ।
ପଲେ ଗୋରୁ ପଶି ଆମ ବଗିଚ୍ଚରୁ ଅଧେ ଫୁଲଗଛ ଖାଇ ଗଲେଣି ।

ଜଗିଛୁ ?
କେମିତି ଜଗିଛୁ ?
ଭଲ କେମିତି ଜଗିଛୁ ?
ତୁ ଭଲ କେମିତି ଜଗିଛୁ ?

ଯାଇଥିଲେ ।
ପଶି ଯାଇଥିଲେ ।
ଗାଈ ପଶି ଯାଇଥିଲେ ।
ଖୋଲା ଥିବାରୁ ପଶି ଯାଇଥିଲେ ।
ଖୋଲା ଥିବାରୁ ଗାଈ ପଶି ଯାଇଥିଲେ ।
ଫାଟକ ଖୋଲା ଥିବାରୁ ଗାଈ ପଶି ଯାଇଥିଲେ ।
ବଗିଚ୍ଚର ଫାଟକ ଖୋଲାଥିବାରୁ ଗାଈ ପଶି ଯାଇଥିଲେ ।
ଆପଣଙ୍କ ବଗିଚ୍ଚର ଫାଟକ ଖୋଲାଥିବାରୁ ଗାଈ ପଶି ଯାଇଥିଲେ ।
ଆଜ୍ଞା, ଆପଣଙ୍କ ବଗିଚ୍ଚର ଫାଟକ ଖୋଲାଥିବାରୁ ଗାଈ ପଶି ଯାଇଥିଲେ ।

Digitized by srujanika@gmail.com

ଆସିଲିଣି ।

ନେଇ ଆସିଲିଣି ।

ବାହାରକୁ ନେଇ ଆସିଲିଣି ।

ଅଢ଼େଇ ବାହାରକୁ ନେଇ ଆସିଲିଣି ।

ଅଢ଼େଇ ନେଇ ଆସିଲିଣି ।

ମୁଁ ସେମାନଙ୍କୁ ଅଢ଼େଇ ବାହାରକୁ ନେଇ ଆସିଲିଣି ।

ପଶିଲେ ।

ବଗିଚ୍ଚରେ ପଶିଲେ ।

ବାଡ଼ ଡ଼େଇଁ ପଶିଲେ ।

ବାଡ଼ ଡ଼େଇଁ ବଗିଚ୍ଚରେ ପଶିଲେ ।

ସେଗୁଡ଼ା ବାଡ଼ ଡ଼େଇଁ ବଗିଚ୍ଚରେ ପଶିଲେ ।

ଛାଡ଼ି ଦେବାରୁ ସେଗୁଡ଼ା ବାଡ଼ ଡ଼େଇଁ ବଗିଚ୍ଚରେ ପଶିଲେ ।

ନଜଗି ଛାଡ଼ି ଦେବାରୁ ସେଗୁଡ଼ା ବାଡ଼ ଡ଼େଇଁ ବଗିଚ୍ଚରେ ପଶିଲେ ।

ଗାଈଗୁଡ଼ାଙ୍କୁ ନଜଗି ଛାଡ଼ି ଦେବାରୁ ସେଗୁଡ଼ା ବାଡ଼ ଡ଼େଇଁ ବଗିଚ୍ଚରେ ପଶିଲେ ।

ତୁ ଗାଈଗୁଡ଼ାଙ୍କୁ ନ ଜଗି ଛାଡ଼ି ଦେବାରୁ ସେଗୁଡ଼ା ବାଡ଼ ଡ଼େଇଁ ବଗିଚ୍ଚରେ ପଶିଲେ ।

ନେଇଯା ।

ଚରେଇବାକୁ ନେଇଯା ।

ଦୂରକୁ ନେଇଯା ।

ଦୂରକୁ ଚରେଇବାକୁ ନେଇଯା ।

ଏଠୁ ଦୂରକୁ ଚରେଇବାକୁ ନେଇଯା ।

ଗାଈ ପଲକୁ ତୁ ଏଠୁ ଦୂରକୁ ଚରେଇବାକୁ ନେଇଯା ।

ଏ ଗାଈ ପଲକୁ ତୁ ଏଠୁ ଦୂରକୁ ଚରେଇବାକୁ ନେଇଯା ।

II. Substitution-Agreement drill

(a) ହଇରେ ଟୋକା, ତୋ ନାଁ କ'ଣ ?

ଆରେ — ଆରେ ଟୋକା, ତୋ ନାଁ କ'ଣ ?

କିରେ — କିରେ ଟୋକା, ତୋ ନାଁ କ'ଣ ?

ପିଲା — ହଇରେ ପିଲା, ତୋ ନାଁ କ'ଣ ?

(b) ଏ ଗାଈଗୋଠ କଣ ତୋ'ର ?

ପଲ — ଏ ଗାଈପଲ କଣ ତୋ'ର ?

Digitized by srujanika@gmail.com

(c) ପଲେ ଗୋରୁ ପଶି ଆମ ବଗିଚାରୁ ଅଧେ ଫୁଲଗଛ ଖାଇଗଲେଣି ।

ଛେଳି — ପଲେ ଛେଳି ପଶି ଆମ ବଗିଚାରୁ ଅଧେ ଫୁଲଗଛ ଖାଇଗଲେଣି ।

ମଇଁଷି — ପଲେ ମଇଁଷି ପଶି ଆମ ବଗିଚାରୁ ଅଧେ ଫୁଲଗଛ ଖାଇଗଲେଣି ।

ବାରିରୁ — ପଲେ ଗୋରୁ ପଶି ଆମ ବାରିରୁ ଅଧେ ଫୁଲଗଛ ଖାଇଗଲେଣି ।

ବାଡ଼ିରୁ — ପଲେ ଗୋରୁ ପଶି ଆମ ବାଡ଼ିରୁ ଅଧେ ଫୁଲଗଛ ଖାଇଗଲେଣି ।

ଭାଗେ — ପଲେ ଗୋରୁ ପଶି ଆମ ବଗିଚାରୁ ଭାଗେ ଫୁଲଗଛ ଖାଇଗଲେଣି ।

ଦିଭାଗ — ପଲେ ଗୋରୁ ପଶି ଆମ ବଗିଚାରୁ ଦିଭାଗ ଫୁଲଗଛ ଖାଇଗଲେଣି ।

(d) ଆପଣଙ୍କ ବଗିଚାର ଫାଟକ ଖୋଲାଥିବାରୁ ଗାଈ ପଶି ଯାଇଥିଲେ ।

ମେଲା — ଆପଣଙ୍କ ବଗିଚାର ଫାଟକ ମେଲା ଥିବାରୁ ଗାଈ ପଶି ଯାଇଥିଲେ ।

ଭଙ୍ଗା — ଆପଣଙ୍କ ବଗିଚାର ଫାଟକ ଭଙ୍ଗା ଥିବାରୁ ଗାଈ ପଶି ଯାଇଥିଲେ ।

III Transformation drill

Transformation of -ଇବା by -ଇଲା (suffix)

(a) ଫାଟକ ଖୋଲାଥିବାରୁ ଗାଈ ପଶି ଯାଇଥିଲେ ।
ଫାଟକ ଖୋଲାଥିଲାରୁ ଗାଈ ପଶି ଯାଇଥିଲେ ।

(b) ତୁ ନଜଗି ଛାଡ଼ି ଦେବାରୁ ସେଗୁଡ଼ା ବାଡ଼ ଡେଇଁ ବଗିଚାରେ ପଶିଲେ ।
ତୁ ନଜଗି ଛାଡ଼ି ଦେଲାରୁ ସେଗୁଡ଼ା ବାଡ଼ ଡେଇଁ ବଗିଚାରେ ପଶିଲେ ।

(c) ଗେଟ୍ ଭାଙ୍ଗିଯିବାରୁ ଛେଳି ବଗିଚାରେ ପଶିଲେ ।
ଗେଟ୍ ଭାଙ୍ଗିଗଲାରୁ ଛେଳି ବଗିଚାରେ ପଶିଲେ ।

Exercises

1. Substitute the underlined words with other appropriate words in the following sentences :

(a) ଗୋଟେ ଗାଈ ଭାଷାକେନ୍ଦ୍ର ବଗିଚାରେ ପଶିଥିଲେ ।

(b) ଆମ ବଗିଚାରେ ଏବର୍ଷ ଭଲ ପରିବା ହେଇଛି ।

(c) ହଇରେ ପିଲା, ତୋ ନାଁ କ'ଣ ?

(d) ହଇରେ ହେ ପିଲା, ଏଠିକି ଆସିଲୁ ।

(e) କବାଟ ଖୋଲା ଥିବାରୁ ଚୋର ପଶିଲା ।

Digitized by srujanika@gmail.com

2. Transform the -ଇବା forms to -ଇଲା forms in the underlined verbs in the following sentences :

   (a) ତମେ ଯିବାରୁ ସେ ଆସିଲେ ।

   (b) ଗେଟ୍ ଭାଙ୍ଗିବାରୁ ଛେଳି ଗଛ ଖାଇଗଲେ ।

   (c) ପିଲାଏ ଆସିବାରୁ କ୍ଲାସ ଆରମ୍ଭ ହେଲା ।

   (d) ସେ ଘରେ ଥିବାରୁ ମୁଁ ତାଙ୍କୁ ଭେଟିବାକୁ ଯାଇଥିଲି ।

   (e) ଆପଣ ଡାକିବାରୁ ମୁଁ ଆସିଲି ।

3. Make sentences using the following words :

   ଗୋଠ, ପଲ, ଅଧେ, ଗୋଛା, ପିଲା

4. Make as many questions as you can using each of the following sentences as answer :

   (a) ବଗିଚାର ଫାଟକ ଖୋଲାଥିବାରୁ ଗାଈ ପଶି ଯାଇଥିଲେ ।

   (b) ଗାଈଗୁଡ଼ାଙ୍କୁ ନଜଗି ଛାଡ଼ି ଦେବାରୁ ସେଗୁଡ଼ା ବାଡ ଡେଇଁ ବଗିଚାରେ ପଶିଲେ ।

Grammatical Note

1. ରୁ can be added to the infinitive to form conditional complex structure. The sub-ordinate clause to which ରୁ is affixed is the cause of the action indicated by the principal clause following it. The -ଇବା of the infinitive can take the variant -ଇଲା.

   ତୁ ଆସିବାରୁ ମୁଁ ଆସିଲି ।

   ତୁ ଆସିଲାରୁ ମୁଁ ଆସିଲି ।

   I came because/as you came.

   ଘର ଭାଙ୍ଗିଥିବାରୁ ଦିଜଣ ଲୋକ ମଲେ ।

   ଘର ଭାଙ୍ଗିଥିଲାରୁ ଦିଜଣ ଲୋକ ମଲେ ।

   Two persons died because/as the house was damaged.

2. କାଇଁକି is a colloquial variant of the interrogative word କାହିଁକି.
3. ଭଲ is used colloquially to put emphasis.

Digitized by srujanika@gmail.com

UNIT III

LESSON 47

A teacher-trainee talks to a villager

ଶିକ୍ଷାର୍ଥୀ ଓ ଗାଁ ଲୋକଙ୍କ ଭିତରେ କଥାବାର୍ତ୍ତା

ନୃପେନ୍ : ହୋ ବାବୁ, ଟିକେ ଶୁଣିଲ । ତମେ କଣ ଏଇ ଗାଁର ଲୋକ ?

Nrupen : Oh, Babu, please listen. Are you from this village ?

ଗାଁ ଲୋକ : ହଁ । କାହିଁକି ପଚାରୁଚ କହିଲ ?

Villager : Yes. Why do you ask, please ?

ନୃପେନ୍ : ନାହିଁ, ଆମେ ଏଠିକି ନୂଆ ଆସି-ଥିବାରୁ ଆଉ ଗାଁ ଭିତରକୁ ବାଟ ଜାଣି ନଥିବାରୁ ତମକୁ ପଚାରୁଛୁ ।

Nrupen : Oh, nothing. It's because we are new here and we do not know the way to the village, we are asking you.

ଗାଁ ଲୋକ : ବୁଝିଲ ବାବୁ, ମୁଁ ଟିକେ କାଲ । ତମେ ଟିକେ ବଡ଼ ପାଟିରେ କଥା କୁହ ।

Villager : Well, sir, I am a little deaf. Please talk loudly.

ନୃପେନ୍ : ଆରେ ଏ ଗାଁର ସ୍କୁଲକୁ ଯିବା ପାଇଁ ଟିକେ ଆମକୁ ବାଟଟା କହିଦିଅ ।

Nrupen : Oh, please, tell us the way to go to your village school.

ଗାଁ ଲୋକ : ଓହୋ, ତମେ ବାବୁମାନେ ସବୁ ଆମ ଗାଁ ଇସ୍କୁଲକୁ ଯିବ ? ସେ କଥା କହୁନ ? ଏଇ ଯୋଉ ବାଟ ସାମନାରେ ପଡ଼ିଛି ସେଇ ବାଟ ଦେଇ ସିଧା ଚାଲିଯାଅ । ଏ ବାଟ ତ ସିଧା ଯାଇ ଇସ୍କୁଲ ସାମନାରେ ସରିଛି ଆଉ ।

Villager : Oh, sirs, you all want to go to our village school ? Why don't you say so ? You go straight by the road which is in your front. This road goes straight to the school and ends there.

ନୃପେନ୍ : ଆଚ୍ଛା, ତମେ ଏଠି କ'ଣ କରୁଛ ?

Nrupen : O. K. But what are you doing here ?

Digitized by srujanika@gmail.com

ଗାଁ ଲୋକ : ଏଇନା ଧାନକଟା ବେଳ ହୋଇଥିବାରୁ ପରା ମୁଁ ଏଇ ପାଖ ଜମିରୁ ଧାନ କାଟୁଛି ।

Villager Oh, this is harvesting time and I am reaping paddy from the nearby field.

ନୃପେନ୍ : ହଉ, ଆମକୁ ବାଟ କହି ଦେଇଥିବାରୁ ତମକୁ ଧନ୍ୟବାଦ ।

Nrupen : O. K. Thank you for showing us the way.

Variation

A. କାଲି ମୋର କ୍ଲାସ ନଥିବାରୁ ମୁଁ ଆସିଲିନି ।

A : I didn't come yesterday as I didn't have any class.

B. ମୁଁ କିନ୍ତୁ ତମକୁ ଅପେକ୍ଷା କରିଥିଲି । ଆଜି ମୋର ବି ତ କ୍ଲାସ ନାହିଁ । ଚାଲ ଚଣ୍ଡୀ-ଖୋଲ ବୁଲିଯିବା ।

B : But I waited for you. I also don't have classes today. Let us make a trip to Chandikhol.

A. ନାଇଁ, କଣ୍ଟା ପଶିଥିବାରୁ ମୋ ଗୋଡ଼ ଭରି ଦରଜ ହେଉଛି । ମୁଁ ଛୋଟେଇ ଛୋଟେଇ ବହୁ କଷ୍ଟରେ ଏତକ ବାଟ ଆସିଛି ।

A : No. My foot is sore today because a thorn has cut into it. I have come all the way limping with great difficulty.

B. ଆଚ୍ଛା, ତାହେଲେ ଥାଉ, ଆଜି ଯିବାନି । କାଲି ରବିବାର । କାଲି ଯିବା ।

B : O. K., leave it. We will not go to-day. To-morrow is Sunday. We will go to-morrow.

A ହଉ ।

A : O. K.

Vocabulary

ଅପେକ୍ଷା wait
ଏଇନା now
ଏତକ this much

ଓହୋ (an expression of understanding/an expression of irritation etc.)

Digitized by srujanika@gmail.com

କଣ୍ଟା thorn
କାଲ deaf
ଛୋଟେଇ ଛୋଟେଇ limping
ଜମି land
ଦରଜ tender/sore
ଧାନ paddy
ପଚାରିବା to ask
ବଡ଼ପାଟିରେ loudly
ବହୁ କଷ୍ଟରେ with great difficulty
ବାଟ way
ବାଟଦେଇ through that way
ବାବୁମାନେ Babus/Sir
ସରିବା to finish
ସାମନା front
ସିଧାସିଧା straight
ହୋ (an address)

Drills

I. Build up drill

ଶୁଣିଲ ।
ଟିକେ ଶୁଣିଲ ।
ବାବୁ, ଟିକେ ଶୁଣିଲ ।
ହୋ ବାବୁ, ଟିକେ ଶୁଣିଲ ।

ଲୋକ ?
ଗାଁର ଲୋକ ?
ଏଇ ଗାଁର ଲୋକ ?
କଣ ଏଇ ଗାଁର ଲୋକ ?
ତମେ ଏଇ ଗାଁର ଲୋକ ?
ତମେ କଣ ଏଇ ଗାଁର ଲୋକ ?

କହିଲ ?
କାଇଁକି କହିଲ ?
କାଇଁକି ପଚାରୁଛ ?
କାଇଁକି ପଚାରୁଛ କହିଲ ?

ପଚାରୁଛୁ ।
ତମକୁ ପଚାରୁଛୁ ।
ବାଟ ଜାଣି ନଥିବାରୁ ତମକୁ ପଚାରୁଛୁ ।
ଗାଁ ଭିତରକୁ ବାଟ ଜାଣି ନଥିବାରୁ ତମକୁ ପଚାରୁଛୁ ।
ଏଠିକି ନୂଆ ଆସିଥିବାରୁ ଆଉ ଗାଁ ଭିତରକୁ ବାଟ ଜାଣି ନଥିବାରୁ ତମକୁ ପଚାରୁଛୁ ।
ନାଇଁ ଆମେ ଏଠିକି ନୂଆ ଆସିଥିବାରୁ ଆଉ ଗାଁ ଭିତରକୁ ବାଟ ଜାଣି ନଥିବାରୁ ତମକୁ ପଚାରୁଛୁ ।

Digitized by srujanika@gmail.com

ଜାଣ ।

ଟିକେ ଜାଣ ।

ମୁଁ ଟିକେ ଜାଣ ।

ବୁଝିଲ ବାବୁ, ମୁଁ ଟିକେ ଜାଣ ।

କୁହ ।

କଥା କୁହ ।

ବଡ଼ ପାଟିରେ କୁହ ।

ବଡ଼ ପାଟିରେ କଥା କୁହ ।

ଟିକେ ବଡ଼ ପାଟିରେ କଥା କୁହ ।

ତମେ ଟିକେ ବଡ଼ ପାଟିରେ କଥା କୁହ ।

କହିଦିଅ ।

ବାଟଟା କହିଦିଅ ।

ଆମକୁ କହିଦିଅ ।

ଆମକୁ ବାଟଟା କହିଦିଅ ।

ସ୍କୁଲକୁ ଯିବାପାଇଁ ଟିକେ ଆମକୁ ବାଟଟା କହିଦିଅ ।

ଗାଁର ସ୍କୁଲକୁ ଯିବାପାଇଁ ଟିକେ ଆମକୁ ବାଟଟା କହିଦିଅ ।

ଆରେ ଏ ଗାଁର ସ୍କୁଲକୁ ଯିବାପାଇଁ ଟିକେ ଆମକୁ ବାଟଟା କହିଦିଅ ।

ଯିବ ?

ଗାଁ ଇସ୍କୁଲକୁ ଯିବ ?

ଆମ ଗାଁ ଇସ୍କୁଲକୁ ଯିବ ?

ତମେ ବାବୁମାନେ ସବୁ ଆମ ଗାଁ ଇସ୍କୁଲକୁ ଯିବ ?

ଓହୋ, ତମେ ବାବୁମାନେ ସବୁ ଆମ ଗାଁ ଇସ୍କୁଲକୁ ଯିବ ?

କହୁନ ?

କଥା କହୁନ ?

ସେ କଥା କହୁନ ?

ଚାଲିଯାଅ ।

ସିଧା ଚାଲିଯାଅ ।

ସିଧା ସିଧା ଚାଲିଯାଅ ।

ସେଇ ବାଟଦେଇ ସିଧା ସିଧା ଚାଲିଯାଅ ।

ଏଇ ଯୋଉ ବାଟ ସାମନାରେ ପଡ଼ିଛି ସେଇ ବାଟଦେଇ ସିଧା ସିଧା ଚାଲିଯାଅ ।

Digitized by srujanika@gmail.com

ସରିଛି ।
ସାମନାରେ ସରିଛି ।
ଇସ୍କୁଲ ସାମନାରେ ସରିଛି ।
ସିଧା ଯାଇ ଇସ୍କୁଲ ସାମନାରେ ସରିଛି ।
ଏ ବାଟ ତ ସିଧାଯାଇ ଇସ୍କୁଲ ସାମନାରେ ସରିଛି ଆଉ ।

II. Substitution drill

(a) ହୋ ବାବୁ, ଟିକେ ଶୁଣିଲ ।
ଆସିଲ — ହୋ ବାବୁ, ଟିକେ ଆସିଲ ।
ଦେଖିଲ — ହୋ ବାବୁ, ଟିକେ ଦେଖିଲ ।

(b) ଆମେ ଏଠିକି ନୂଆ ଆସିଥିବାରୁ ଆଉ ଗାଁ ଭିତରକୁ ବାଟ ଜାଣି ନଥିବାରୁ ତମକୁ ପଚାରୁଛୁ ।
ଆମେ ସେଠିକି ନୂଆ ଯାଇଥିବାରୁ ଆଉ ଗାଁ ଭିତରକୁ ବାଟ ଜାଣି ନଥିବାରୁ ତମକୁ ପଚାରୁଛୁ ।

(c) ବୁଝିଲ ବାବୁ, ମୁଁ ଟିକେ କାଲୁ ।
ଜାଣିଲ — ଜାଣିଲ ବାବୁ, ମୁଁ ଟିକେ କାଲୁ ।
ଛୋଟା — ବୁଝିଲ ବାବୁ, ମୁଁ ଟିକେ ଛୋଟା ।
ବୋକା — ବୁଝିଲ ବାବୁ, ମୁଁ ଟିକେ ବୋକା ।

(d) ଆରେ ଏ ଗାଁର ସ୍କୁଲକୁ ଯିବାପାଇଁ ଟିକେ ଆମକୁ ବାଟ କହିଦିଅ ।
,, ,, ରାସ୍ତା ,, ।
,, ,, ଆମକୁ ବାଟ ବତେଇଦିଅ ।
,, ,, ,, ଦେଖେଇଦିଅ ।

(e) ଏଇ ଯୋଡ଼ ବାଟ ସାମନାରେ ପଡ଼ିଛି ସେଇ ବାଟଦେଇ ସିଧା ସିଧା ଚାଲିଯାଅ ।
,, ଆଗରେ ,, ,, ।
,, ସାମନାରେ ଯାଇଛି ,, ,, ।
,, ଆସିଛି ,, ,, ।
,, ସାମନାରେ ପଡ଼ିଛି ସେଇ ବାଟରେ ,, ।
,, ,, ରାସ୍ତାଦେଇ ,, ।
,, ,, ରାସ୍ତାରେ ,, ।
,, ,, ପଡ଼ିଛି ସେଇ ବାଟଦେଇ ନାକସିଧା ,, ।

Digitized by srujanika@gmail.com

(f) ଏ ବାଟ ତ ସିଧା ଯାଇ ଇସ୍କୁଲ ସାମନାରେ ସରିଛି ।

ସଳଖ — ଏ ବାଟତ ସଳଖ ଯାଇ ଇସ୍କୁଲ ସାମନାରେ ସରିଛି ।

ସିଧା ସଳଖ — ଏ ବାଟ ତ ସିଧା ସଳଖ ଯାଇ ଇସ୍କୁଲ ସାମନାରେ ସରିଛି ।

ଆଗରେ — ଏ ବାଟ ତ ସିଧା ଯାଇ-ଇସ୍କୁଲ ଆଗରେ ସରିଛି ।

ଶେଷ ହେଇଛି — ଏ ବାଟ ତ ସିଧା ଯାଇ ଇସ୍କୁଲ ସାମନାରେ ଶେଷହେଇଛି ।

ଛିଡ଼ିଛି — ଏ ବାଟ ତ ସିଧା ଯାଇ ଇସ୍କୁଲ ସାମନାରେ ଛିଡ଼ିଛି ।

(g) ଆମକୁ ବାଟ କହି ଦେଇଥିବାରୁ ତମକୁ ଧନ୍ୟବାଦ ।

ରସ୍ତା — ଆମକୁ ରସ୍ତା କହି ଦେଇଥିବାରୁ ତମକୁ ଧନ୍ୟବାଦ ।

ଦେଖେଇ — ଆମକୁ ବାଟ ଦେଖେଇ ଦେଇଥିବାରୁ ତମକୁ ଧନ୍ୟବାଦ ।

ବତେଇ — ଆମକୁ ବାଟ ବତେଇ ଦେଇଥିବାରୁ ତମକୁ ଧନ୍ୟବାଦ ।

III. Transformation drill

(i) Transformation into negative—

(a) ଆମେ ଏଠିକି ନୂଆ ଆସିଥିବାରୁ ତମକୁ ପଚ୍ରୁଛୁ ।
ଆମେ ଏଠିକି ନୂଆ ଆସି ନଥିବାରୁ ତମକୁ ପଚ୍ରୁଛୁ ।
ଆମେ ଏଠିକି ନୂଆ ନ ଆସିଥିବାରୁ ତମକୁ ପଚ୍ରୁଛୁ ।
ଆମେ ଏଠିକି ନୂଆ ଆସିଥିବାରୁ ତମକୁ ପଚ୍ରୁନୁ ।
ଆମେ ଏଠିକି ନୂଆ ଆସିନଥିବାରୁ ତମକୁ ପଚ୍ରୁନୁ ।
ଆମେ ଏଠିକି ନୂଆ ନଆସିଥିବାରୁ ତମକୁ ପଚ୍ରୁନୁ ।

(b) ସେ ଆସିବାରୁ ମୁଁ ଆସିଲି ।
ସେ ଆସିବାରୁ ମୁଁ ଆସିଲିନି ।
ସେ ନଆସିବାରୁ ମୁଁ ଆସିଲି ।
ସେ ନଆସିବାରୁ ମୁଁ ଆସିଲିନି ।

(c) ତୁ ଖାଇଲରୁ ସେ ରହିଲା ।
ତୁ ଖାଇଲରୁ ସେ ରହିଲାନି ।
ତୁ ନଖାଇଲରୁ ସେ ରହିଲା ।
ତୁ ନଖାଇଲରୁ ସେ ରହିଲାନି ।

(ii) Use of ବୋଲି in place of ରୁ—

(a) ଜ୍ଵର ଥିବାରୁ ମୁଁ ଆସିଲି ।
ଜ୍ଵର ଥିଲା ବୋଲି ମୁଁ ଆସିଲି ।

Digitized by srujanika@gmail.com

(b) ତମେ ଗଲରୁ ସେ ଖାଇଲେ ।
ତମେ ଗଲ ବୋଲି ସେ ଖାଇଲେ ।

(c) ଆପଣ ଘରେ ଥିବାରୁ ମୁଁ ଆସିଲିନି ।
ଆପଣ ଘରେ ଥିଲେ ବୋଲି ମୁଁ ଆସିଲିନି ।

(d) ଗୋଡ଼ ଦରଜ ହେବାରୁ ସେ ଚାଲି ପାରୁନି ।
ଗୋଡ଼ ଦରଜ ହେଲା ବୋଲି ସେ ଚାଲି ପାରୁନି ।

Exercises

1. Replace the underlined words in the following sentences with appropriate words chosen from inside the brackets :

(ବଡ଼ପାଟିରେ, ବୋକା!, କ'ଣପାଇଁ, ସାମନାରେ, ଜାଣିନୁବୋଲି)

(a) କାଇଁକି ଏ କଥା କହୁଚ କହିଲ ?
(b) ଆମେ ବାଟ ଜାଣି ନଥିବାରୁ ତମକୁ ପଚାରୁଛୁ ।
(c) ଆଜ୍ଞା ମୁଁ ଟିକେ କାଲୁ ।
(d) ପଢିଲା ବେଳେ ପାଟିକରି ପଢ଼ ।
(e) ତମେ ମୋ ଆଗରେ ଠିଆ ହୁଅ ନାହିଁ ।

2. Transform the following sentences into negative (Negate the principal clause) :

(a) ବର୍ଷା ହେବାରୁ ଭଲ ଫସଲ ହେଲା ।
(b) ତମେ ଭାଷାକେନ୍ଦ୍ରକୁ ଆସିବାରୁ ଭାଷା ଶିଖିଲ ।
(c) ସେ ପାଟିକରି ଡ଼ାକିବାରୁ ଲୋକ ଜମା ହେଲେ ।
(d) ମୁଁ ଯିବାରୁ ସେ ଆସିଲେ ।
(e) ଛୁଟି ହେବାରୁ ସେମାନେ ଘରକୁ ଗଲେ ।

3. Transform the following sentences into negative (Negate the sub-ordinate clause) :

(a) ମୁଁ ଆସିଲାରୁ ସେ ଆସିଲେ ।
(b) ସେ ଠିକ୍ ବାଟରେ ଯିବାରୁ ଡେରିରେ ପହଞ୍ଚିଲେ ।
(c) ଦେହ ଭଲ ହେବାରୁ ସେ ପୁଣି ସ୍କୁଲକୁ ଆସିଲେ ।

Digitized by srujanika@gmail.com

(d) ତମେ ଖାଇବାରୁ ସେ ଘରକୁ ଯିବାକୁ ଇଚ୍ଛା କଲେ ।

(e) ବେଶୀ ଖାଇବାରୁ ତା ପେଟ ଖରାପ ହେଲା ।

4. Make sentences using the following words :

(a) କାଲି, ବାଟ, ସିଧା, କଣ୍ଟା, ଦରକ

(b) ସିଧା ସିଧା, ଛୋଟେଇ ଛୋଟେଇ, ନୂଆ ନୂଆ, ଟିକେ ଟିକେ

5. Ask questions using the following question words :

କାହିଁକି, କେଉଁ କେଉଁ, କିଏ କିଏ, କାହାକାହା, କିକି

Grammatical Note

1. (i) The infinitive+conditional ରୁ construction is negated by prefixing negative ନ to the infinitive. The conditional ରୁ must not be confused with the post-position ରୁ which indicates 'from'.

ତମେ ଖାଇବାରୁ ମୁଁ ଖାଇଲି ।	I could eat because you ate
ତମେ ନଖାଇବାରୁ ମୁଁ ଖାଇଲି ।	I could eat because you did not eat.
ତମେ ଖାଇଲାରୁ ସେ ଆସିଲା ।	Because you ate he could come.
ତମେ ନଖାଇଲାରୁ ସେ ଆସିଲା ।	Because you did not eat he could come.

(ii) The infinitive + conditional ରୁ sentence can be negated in 3 ways : (a) when double negative markers are used indicating positive meaning, (b) when negative ନ is used in the sub-ordinate clause (c) when negative auxiliary ନାହିଁ/ନି is used in the main clause.

ତମେ ନଯିବାରୁ ତା କାମ ହେଲାନି ।	As you did not go his work could not be done.
ସେ ନଆସିବାରୁ ମୁଁ ଆସିଲି ।	I could come because he did not come.
ମନଦେଇ ପଢିବାରୁ ସେ ଫେଲ ହେଲେନି ।	He did not fail because he had read carefully.

Digitized by srujanika@gmail.com

Cultural Note

1. ଚଣ୍ଡୀଖୋଲ is a hillock and a popular picnic spot in the Cuttack district of Orissa, at a distance of about 80 K.m. from Bhubaneswar, towards the north. It has a perennial clear water stream.

2. ବାବୁ as a polite term can be used while addressing an unknown person. It is also used as a term of affection for children. It is used as a nick name, too.

Digitized by srujanika@gmail.com

UNIT III

LESSON 48

Test Lesson

Exercises

1. Substitute the underlined words with the most appropriate words from inside the brackets in the following sentences :

(i) (a) ତମେ ପୁଣି ଥରେ ନୂଆ ଭଷା ଶିଖିବାକୁ ଆସିପାର । (ହୋଇପାର, ଯାଇପାର)

(b) ଏପରି କଣ କେବେ ହୋଇଥାଇପାରେ ? (ଘଟିଥାଇପାରେ, ରହିଯାଇପାରେ)

(c) ତୁ ଏ କାମ କରିବା ପାଇଁ ଯତ୍ନ କରିପାରୁ । (ସୁବିଧା କରିପାରୁ, ଚେଷ୍ଟାକରିପାରୁ)

(d) ତା ପାଇଁ ଟିକେଟ ନମିଳିପାରେ । (ନହୋଇପାରେ, ନଯାଇପାରେ)

(e) ସେ ସିନେମା ନଯାଇପାରେ । (ନଆସିପାରେ, ନମିଳିପାରେ)

(ii) (a) ସେ ବର୍ତ୍ତମାନ କୁଆଡ଼କୁ ଯିବେନି । (କୋଉ, କୁଆଡ଼େ)

(b) ଆପଣ ବିନା କଥାରେ ରଗୁଛନ୍ତି । (କାରଣରେ, ବ୍ୟସ୍ତରେ)

(c) ବେଶୀ ପରିଶ୍ରମ କଲେ ଦେହ ଦୁର୍ବଳ ହୋଇପାରେ । (ଅଧିକ, ଯଥେଷ୍ଟ)

(d) ରନ୍ଧା ସରିଲେ ତମେ ସବୁ ଖାଇବ । (ଶେଷହେଲେ, ଗରମହେଲେ)

(e) ତୁ ଖାଇସାରି ଆମ ଘରକୁ ଆସିବୁ । (ଖାଇସାରିଲେ, ଶେଷହେଲେ)

(f) ଯାହାର ମନ ହେଉଛି ସେ ଯାଉ । (ଇଚ୍ଛା ହେଉଛି, ମନକରୁଛି)

(g) ମୋଟ ଉପରେ ସେ ବିଶେଷ କିଛି କହିଲେନି । (ମୋଟରେ, ଠିକଣାରେ)

(h) ସେ ଭୟଙ୍କର ରଗୀ । (ଭୀଷଣ, ତୀବ୍ର)

(i) ମୁଁ ଷ୍ଟେସନ ପହଞ୍ଚୁ ନପହଞ୍ଚୁଣୁ ଟ୍ରେନ ଛାଡ଼ିଦେଲା । (ଯାଉନଯାଉଣୁ , କରୁନକରୁଣୁ)

(j) ହଇରେ ହେ ପିଲା, ଏଠିକି ଟିକେ ଆସିଲୁ । (ଆରେ, ହୋ)

2. Substitute the underlined words with the words given in the brackets and make necessary changes in the sentences

(a) ତୁମେ ବର୍ତ୍ତମାନ ନିଜେ ପଢ଼ିପାର । (ତୁ)

(b) ସେ ବଢ଼ିଆ ତରକାରୀ ରାନ୍ଧିପାରେ । (ଆପଣ)

Digitized by srujanika@gmail.com

(c) ସେ କଥା କହିପାରୁନି । (ସେମାନେ)
(d) ତୁ ଏ କାମ ଏବେ କରି ନପାରୁ । (ମୁଁ)
(e) ମୁଁ ଏକା ଏକା ଯାଇପାରିବି । (ଆମେ *excl.*)
(f) ମିନାକ୍ଷୀ ସେଠିକି କେବେ ଯାଇ ପାରିବନି । (ଛାତ୍ରମାନେ)
(g) ପିଲାଏ ଘରକୁ ଗଲେଣି । (ଘଟୁଲ)
(h) ସେମାନେ ଷ୍ଟେସନରେ ପହଞ୍ଚି ସାରିବେଣି । (ଆମେ *incl.*)
(i) ତୁ ମନଦେଇ ପଢୁଥା । (ସେ *fam.*)
(j) ସେତେବେଳେ ସେ ଘରେ ନଥାଏ । (ସେ *hon.*)

3. Fill up the blanks choosing words from the brackets :

(i) (a) ସେମାନେ ପୂଜାଛୁଟିରେ ଭୁବନେଶ୍ୱର .... । (ଆସିପାରନ୍ତି/ଖାଇପାରନ୍ତି)
(b) ସେ ଖୁବ୍ ଭୋରରୁ .... । (ରହିପାରନ୍ତି/ଉଠିପାରନ୍ତି)
(c) ଟଙ୍କା......................ତମେ ନିଶ୍ଚୟ ବହି କିଣିବ । (ପାଇଲେ/ପାରିଲେ)
(d) ବେଳ......................ମୁଁ ତମ ଘରକୁ ବୁଲି ଆସିପାରେ । (ହେଲେ/କଲେ)
(e) ସେ ବହୁତ ପୁରସ୍କାର...................... । (ପାରିଲେଣି/ପାଇଲେଣି)
(f) କାଲି ଏତେବେଳକୁ ତୁ ଆସି .... । (ସାରିବୁଣି/କରିବୁଣି)

(ii) (a) ମୁଁ ଘରକଥା...................... କରିବାକୁ ଘରକୁ ଯାଉଛି । (ବୁଝାବୁଝି/ପଢ଼ାପଢ଼ି)
(b) ଏ ଖବର......................କାଗଜରେ ବାହାରିଥିଲା ? (କେବେକା/ଅବିକା)
(c) ଆଜି କଣ ତମର ବହୁତ......................ହେଉଛି କି ? (ପିଠାପଣା/ବଡ଼ାବଡ଼ି)
(d) ତମେ ତ ଭରି......................କଥା ସବୁ କହୁଛ । (ଭଡଭଡ଼/ବଡ଼ ବଡ଼)
(e) ଏତେ......................କଥାରେ ରାଗିଲେ ଚଳିବ ? (ମିଠା ମିଠା/ଛୋଟ ଛୋଟ)
(f) ....ତା ଉପରେ ମୋର ଆଦୌ ବିଶ୍ୱାସ ନାହିଁ । (ମୋଟରେ/ମୋଟାମୋଟି)
(g) ତମର କଥାରେ......................ନାହିଁ । (ଠିକ୍ଭୁଲ/ଠିକ ଠିକଣା)
(h) ସେ କାଲି......................ଆସିବଣି । (ସେତେବେଳକୁ/ଏତେବେଳକୁ)
(i) ମୁଁ କାମ ....ସେ ଆସି ପହଞ୍ଚିଥିଲା । (ସାରୁ ନସାରୁଣୁ/ସରୁଣୁ)
(j) କ୍ଲାସ ଆରମ୍ଭ......................ପିଲାମାନେ ଆସିଲେ । (ନହେଉଣୁ/ନଯାଉଣୁ)

4. Transform the following sentences according to the instruction given in the brackets :

(a) ତମେ ଖୁବ୍ ସକାଳୁ ଉଠ । (use habitual ପାରିବା)
(b) ତୁ ଘରକୁ ଯାଆ । (use present probability)

Digitized by srujanika@gmail.com

(c) ମୁଁ ଏକା ଏକା ବଜାରକୁ ଯାଇପାରିବି । (use negative)

(d) ସେ ବର୍ତ୍ତମାନ ଏ କାମ କରିପାରେ । (use negative)

(e) ସେମାନେ ଏ ଖବର ଜାଣିଥାଇ ପାରନ୍ତି । (use negative)

(f) ତୁ ଗୀତ ବୋଲିଲେ ମୁଁ ଖାଇବି । (use double negative markers)

(g) ତମେ ସଂଧ୍ୟାବେଳେ ଆସିବ । (combine using conditional non-finite verb)
ଆମେ ତାସ୍ ଖେଳିବା ।

(h) ଯଦି ତମେ ମନ ଦେଇ ପଢ଼ିବ ତେବେ ପରୀକ୍ଷାରେ ଭଲ କରିବ । (use conditional non-finite verb)

(i) ମୁଁ କଟକ ଯିବି । (combine using କିନ୍ତୁ)
ତୁ ଆଜି କଟକ ଯିବୁନି ।

(j) ସେ ଭାତ ଖାଉଥିଲା । (combine using ଯେତେବେଳେ, ସେତେବେଳେ)
ମୁଁ ରେଡ଼ିଓ ଶୁଣୁଥିଲି ।

(k) ସେ ନିଶ୍ଚୟ ସିନେମା ଯାଇଛି । (use another phrase-word in place of ନିଶ୍ଚୟ)

(l) ଯୋଉ ଲୋକମାନେ ଖାଇନାହାନ୍ତି ସେମାନେ ଖାଇବା ହଲ୍‌କୁ ଯାଆନ୍ତୁ । (transform into simple structure)

(m) ଯଦି ପରୀକ୍ଷା ହେବ ତେବେ ତମେ ପରୀକ୍ଷାରେ ଭଲ କରିବ । (transform into simple structure)

(n) ସେ ଆସୁ ଆସୁ ଟ୍ରେନ୍ ଛାଡ଼ିଗଲା । (use ଣି with ଆସୁ ଆସୁ)

(o) କବାଟ ଖୋଲାଥିଲା ବୋଲି ସେ ଘରକୁ ପଶିଗଲା । (use conditional ଲେ)

(p) ସେମାନେ ଡାକିବାରୁ ମୁଁ ଗଲି । (negate the main clause)

(q) ସେ ଲାଇବ୍ରେରୀ ଯାଇ ବହି ଆଣି କଟକ ଯିବ । (use interrogative)

(r) ତୁ ନିଦରେ ଶୋ । (use causative imperative)

(s) ବର୍ଷା ହେଉଛି । (combine using ନା)
ଝଡ଼ ହେଉଛି ।

(t) ମୁଁ ସଞ୍ଜବେଳେ ବସ୍ ଗଲି । (use imperfect participle)

5. Make complex sentences using the following correlatives:

(a) ଯେତେବେଳେ—ସେତେବେଳେ

(b) ଯଦି—ତେବେ

(c) ଯେପରି—ସେପରି

(d) ଯେହେତୁ—ସେହେତୁ

Digitized by srujanika@gmail.com

(e) ଯା—ତା
(f) ଯିଏ—ସିଏ
(g) ଯୋଉ—ସେଇ
(h) ଯାହାର—ତାହାର
(i) ଯେମିତି—ସେମିତି
(j) ଯେବେ—ତେବେ
(k) ଯେତେ—ସେତେ
(l) ଯେଡ଼େ—ସେଡ଼େ

6. Write fifteen sentences about why you have come to learn a language and about your difficulties while you learn it.

Digitized by srujanika@gmail.com

UNIT IV

LESSON 49

Journey to Mysore

ମହୀଶୂର ଯାତ୍ରା

ସ୍ନେହଲତା : ଶୁଣିଲି ବଡ଼ଦିନ ଛୁଟିରେ ତମେ ମହୀଶୂର ଯାଉଛ ?	Snehalata : I hear that you are going to Mysore during the X-mas holiday ?
ଲକ୍ଷ୍ମୀପ୍ରିୟା : ହଁ, କାହିଁକି କଣ ହେଲା କି ?	Laxmipriya : Yes. But why ? What's the matter ?
ସ୍ନେହଲତା : ମୁଁ ଯାଆନ୍ତି । ତମେ ଯାଆନ୍ତ, ମୁଁ ବି ତମ ସାଙ୍ଗରେ ଯାଆନ୍ତି ।	Snehalata : I like to go. When you go I would like to go with you.
ଲକ୍ଷ୍ମୀପ୍ରିୟା : ତେବେ ଭାରି ଭଲ ହୁଅନ୍ତା । ସାଙ୍ଗହୋଇ ଗେଷ୍ଟ ହାଉସରେ ରହନ୍ତେ ଆଉ ମହୀଶୂର, ବାଙ୍ଗାଲୋର ବି ବୁଲି ଦେଖନ୍ତେ । ଶୁଣିଛି, ବାଙ୍ଗାଲୋର କୁଆଡ଼େ ଭଲ ସହର ।	Laxmipriya : Oh, it would be fine. We will stay together in the Guest House, and we will move around seeing Mysore and Bangalore. I have heard that Bangalore is a nice city.
ସ୍ନେହଲତା : ତାହେଲେ ଟିକେଟ କଲାବେଳେ ମୋ ପାଇଁ ଟିକେଟ କରେଇ ଥିବ ।	Snehalata : Then please get a ticket for me when you buy your own ticket.
ଲକ୍ଷ୍ମୀପ୍ରିୟା : ବଡ଼ଦିନ ଛୁଟି ତ ପାଖେଇ ଆସିଲାଣି । ଟିକଟ ଶୀଘ୍ର କରିବାକୁ ପଡ଼ିବ । ଲୁଗାପଟା ବି ଧୋବାକୁ ଦେବାକୁ ପଡ଼ିବ ।	Laxmipriya : The X-mas holidays are now nearing. We have to book our tickets soon. Clothes are also to be given to the washerman.

Digitized by srujanika@gmail.com

ସ୍ନେହଲତା : ଆରେ, ମୋର ବି ତ ଶାଢ଼ୀ ଧୋବାଘରେ ପକାଇବାକୁ ଅଛି । ଧୋବା ଆସିଲେ ତମ ଶାଢ଼ୀ ମୋ ଶାଢ଼ୀ ଏକାଠି ଦେଇ ଦେଲେ ଭଲ ହୁଅନ୍ତା । ମୋ ଶାଢ଼ୀ ସବୁ ଅଲଗା ଆଲଣା ଉପରେ ଅଛି ।

Snehalata : Oh dear, I have also to give my sarees to the washerman. When the washerman comes it would be better if you give yours and my sarees together. My sarees are there separately on the stand.

ଲକ୍ଷ୍ମୀପ୍ରିୟା : ଆଚ୍ଛା ମୁଁ ଦେଇ ଦେବି ।

Laxmipriya : O. K. I will give them.

ସ୍ନେହଲତା: ତାହେଲେ ମୁଁ ଟିକେ ବଜାରକୁ ଯାଇ କେତେଟା ଦରକାରୀ ଜିନିଷ କିଣି ଆଣେ ।

Snehalata : Then let me go to the market and buy some necessary things.

ଲକ୍ଷ୍ମୀପ୍ରିୟା : ହଉ ।

Laxmipriya : All right.

Variation

A. ତୁ ତ ସେଲୁନ୍‌କୁ ଯାଇ ବାଳକାଟି ଆସିଲେ ଭଲ ହୁଅନ୍ତା ।

A : It would be better if you go to a saloon for a hair-cut.

B. ନାଇଁ, ଭଣ୍ଡାରୀ ଆସିଲେ ମୁଁ ବାଳକାଟିବି ।

B : No, I will have my hair cut when the barber comes here.

A. ବାପା ତ ସେଲୁନକୁ ଯାଉଛନ୍ତି । ତୁ ତାଙ୍କ ସାଙ୍ଗେ ଗଲେ ଭଲ ହୁଅନ୍ତା ।

A : The father is going to the saloon. It would better if you accompany him.

B. କାହିଁ ଅପା ତ ସେଲୁନ୍‌କୁ ଯାଉନି ? ମୁଁ କାହିଁକି ଯିବି ।

B : Why ? The sister is not going to the saloon. Why should I?

A. ଆରେ ଝିଅମାନେ କଣ ବାଳ କାଟନ୍ତି ଯେ ସେଲୁନ୍‌କୁ ଯିବେ ?

A : Oh, do the girls cut their hair so that they will go to the saloon ?

Digitized by srujanika@gmail.com

B. କାହିଁ, ଆମ ମିସ୍‌ମାନେ କେମିତି କାଟନ୍ତି ?
B : Why ? How our Misses cut their hair ?

A. ସେମାନେ ବିଦେଶୀ ବୋଲି କାଟନ୍ତି ନା । ତୁ ବାପାଙ୍କ ସାଙ୍ଗେ ଯା ।
A : They do it because they are foreigners. You go with your father.

B. ନା ମୁଁ ଯିବିନି । ଭଣ୍ଡାରୀ ଘରକୁ ଆସି ମୋ ବାଳ କାଟି ଦବ ।
B : No, I will not go. The barber should come home and cut my hair.

A. ତୁ ତ ଆଲା ଅବାଧ୍ୟ ପିଲା ।
A : Oh, what a disobedient child you are !

Vocabulary

ବଡ଼ଦିନ ଛୁଟି X-mas holiday
ପାଖେଇ nearing
ଲୁଗାପଟା clothes
ଧୋବା washerman
ଧୋବାଘର washerman's house
ଏକାଠି together
ଅଲଗା separately
ଆଲଣା cloth-stand
ସେଲୁନ୍ saloon
ବାଳକାଟିବା hair dressing/hair cut
ଭଣ୍ଡାରୀ barber
ଝିଅମାନେ girls
ମିସ୍ Miss.
ଅବାଧ୍ୟ disobedient
ପିଲା child

Drills

I. Build up drill

ଯାଉଛ ?
ମହୀଶୂର ଯାଉଛ ?
ତମେ ମହୀଶୂର ଯାଉଛ ?
ଛୁଟିରେ ତମେ ମହୀଶୂର ଯାଉଛ ?
ବଡ଼ଦିନ ଛୁଟିରେ ତମେ ମହୀଶୂର ଯାଉଛ ?
ଶୁଣିଲି ତମେ ମହୀଶୂର ଯାଉଛ ?
ଶୁଣିଲି ବଡ଼ଦିନ ଛୁଟିରେ ତମେ ମହୀଶୂର ଯାଉଛ ?

Digitized by srujanika@gmail.com

କ'ଣ ହେଲା ?

କ'ଣ ହେଲା କି ?

କାହିଁକି କ'ଣ ହେଲା କି ?

ହଁ, କାହିଁକି କ'ଣ ହେଲା କି ?

ଯାଆନ୍ତି ।

ସାଙ୍ଗରେ ଯାଆନ୍ତି ।

ତମ ସାଙ୍ଗରେ ଯାଆନ୍ତି ।

ମୁଁ ବି ତମ ସାଙ୍ଗରେ ଯାଆନ୍ତି ।

ତମେ ଯାଆନ୍ତ, ମୁଁ ବି ତମ ସାଙ୍ଗରେ ଯାଆନ୍ତି ।

ହୁଅନ୍ତା ।

ଭଲ ହୁଅନ୍ତା ।

ଭାରି ଭଲ ହୁଅନ୍ତା ।

ତେବେ ଭାରି ଭଲ ହୁଅନ୍ତା ।

ଦେଖନ୍ତେ ।

ବୁଲି ଦେଖନ୍ତେ ।

ବାଙ୍ଗାଲୋର ବି ବୁଲି ଦେଖନ୍ତେ ।

ମହୀଶୂର ବାଙ୍ଗାଲୋର ବି ବୁଲି ଦେଖନ୍ତେ ।

ଆଉ ମହୀଶୂର ବାଙ୍ଗାଲୋର ବି ଦେଖନ୍ତେ ।

ଗେଷ୍ଟହାଉସରେ ରହନ୍ତେ ଆଉ ମହୀଶୂର ବାଙ୍ଗାଲୋର ବି ବୁଲି ଦେଖନ୍ତେ ।

ସାଙ୍ଗହୋଇ ରହନ୍ତେ ଆଉ ମହୀଶୂର ବାଙ୍ଗାଲୋର ବି ବୁଲି ଦେଖନ୍ତେ ।

ସାଙ୍ଗହୋଇ ଗେଷ୍ଟହାଉସରେ ରହନ୍ତେ ଆଉ ମହୀଶୂର ବାଙ୍ଗାଲୋର ବି ବୁଲି ଦେଖନ୍ତେ ।

ସହର ।

ଭଲ ସହର ।

ଭାରି ଭଲ ସହର ।

କୁଆଡ଼େ ଭାରି ଭଲ ସହର ।

ବାଙ୍ଗାଲୋର କୁଆଡ଼େ ଭାରି ଭଲ ସହର ।

ଶୁଣିଛି, ବାଙ୍ଗାଲୋର କୁଆଡ଼େ ଭାରି ଭଲ ସହର ।

Digitized by srujanika@gmail.com

କରେଇଥିବ ।
ଟିକେଟ କରେଇଥିବ ।
ମୋ ପାଇଁ ଟିକେଟ କରେଇଥିବ ।
ଟିକେଟ କଲାବେଳେ ମୋ ପାଇଁ ଟିକେଟ କରେଇଥିବ ।
ତାହେଲେ ଟିକେଟ କଲାବେଳେ ମୋ ପାଇଁ ଟିକେଟ କରେଇଥିବ ।

ଆସିଲଣି ।
ପାଖେଇ ଆସିଲଣି ।
ଛୁଟି ତ ପାଖେଇ ଆସିଲଣି ।
ବଡ଼ ଦିନ ଛୁଟି ତ ପାଖେଇ ଆସିଲଣି ।

ପଡ଼ିବ ।
କରିବାକୁ ପଡ଼ିବ ।
ଶୀଘ୍ର କରିବାକୁ ପଡ଼ିବ ।
ଟିକେଟ ଶୀଘ୍ର କରିବାକୁ ପଡ଼ିବ ।

ପଡ଼ିବ ।
ଦେବାକୁ ପଡ଼ିବ ।
ଧୋବାକୁ ଦେବାକୁ ପଡ଼ିବ ।
ଲୁଗାପଟା ବି ଧୋବାକୁ ଦେବାକୁ ପଡ଼ିବ ।

II. Substitution-Agreement drill

(a) ମୁଁ ବି ସାଙ୍ଗରେ ଯାଉଛି ।

ଆମେ *excl.*	ଆମେ ବି ସାଙ୍ଗରେ ଯାଉଛୁ ।
ଆମେ *incl.*	ଆମେ ବି ସାଙ୍ଗରେ ଯାଉଛେ ।
ତୁ	ତୁ ବି ସାଙ୍ଗରେ ଯାଉଛୁ ।
ତମେ	ତମେ ବି ସାଙ୍ଗରେ ଯାଉଛ ।
ଆପଣ	ଆପଣ ବି ସାଙ୍ଗରେ ଯାଉଛନ୍ତି ।
ସେ *fam.*	ସେ ବି ସାଙ୍ଗରେ ଯାଉଛି ।
ସେ *hon.*	ସେ ବି ସାଙ୍ଗରେ ଯାଉଛନ୍ତି ।
ସେମାନେ	ସେମାନେ ବି ସାଙ୍ଗରେ ଯାଉଛନ୍ତି ।

Digitized by srujanika@gmail.com

(b) ଆମେ ଗେଷ୍ଟ ହାଉସ୍‌ରେ ରହନ୍ତେ ।

ଆମେ *excl.*	ଆମେ ଗେଷ୍ଟ ହାଉସରେ ରହନ୍ତୁ ।
ମୁଁ	ମୁଁ ଗେଷ୍ଟ ହାଉସ୍‌ରେ ରହନ୍ତି ।
ତୁ	ତୁ ଗେଷ୍ଟ ହାଉସ୍‌ରେ ରହନ୍ତୁ ।
ତମେ	ତମେ ଗେଷ୍ଟ ହାଉସ୍‌ରେ ରହନ୍ତ ।
ଆପଣ	ଆପଣ ଗେଷ୍ଟ ହାଉସ୍‌ରେ ରହନ୍ତେ ।
ସେ *fam.*	ସେ ଗେଷ୍ଟ ହାଉସ୍‌ରେ ରହନ୍ତା ।
ସେ *hon.*	ସେ ଗେଷ୍ଟ ହାଉସ୍‌ରେ ରହନ୍ତେ ।
ସେମାନେ	ସେମାନେ ଗେଷ୍ଟ ହାଉସ୍‌ରେ ରହନ୍ତେ ।

III. Transformation drill

(i) Transformation into simple future—

(a) ସେଲୁନ୍‌କୁ ଯାଇ ବାଳ କାଟିଲେ ଭଲ ହୁଅନ୍ତା ।
ସେଲୁନ୍‌କୁ ଯାଇ ବାଳ କାଟିଲେ ଭଲ ହେବ ।

(b) ଭଣ୍ଡାରୀ ଘରକୁ ଆସିଲେ ଭଲ ହୁଅନ୍ତା ।
ଭଣ୍ଡାରୀ ଘରକୁ ଆସିଲେ ଭଲ ହେବ ।

(c) ଧୋବା ଆସିଲେ ମୁଁ ଲୁଗା ଦିଅନ୍ତି ।
ଧୋବା ଆସିଲେ ମୁଁ ଲୁଗା ଦେବି ।

(ii) Transformation into negative (Note the change of meaning with the use of negative markers in the sentences)—

(a) ଭଣ୍ଡାରୀ ଆସିଲେ ତମେ ବାଳ କାଟନ୍ତ ।
ଭଣ୍ଡାରୀ ଆସିଲେ ତମେ ବାଳ କାଟନ୍ତନି ।
ଭଣ୍ଡାରୀ ନଆସିଲେ ତମେ ସେଲୁନ୍‌ରେ ବାଳ କାଟନ୍ତ ।

(b) ଧୋବାକୁ ଲୁଗା ଦେଲେ ସେ ଯାଆନ୍ତା ।
ଧୋବାକୁ ଲୁଗା ଦେଲେ ସେ ଯାଆନ୍ତାନି ।
ଧୋବାକୁ ଲୁଗା ନଦେଲେ ସେ ଯାଆନ୍ତା ।

(iii) Transformation into interrogative-negative (Note the change of meaning)—

(a) ଭଣ୍ଡାରୀ ଥିଲେ ତମେ ବାଳ କାଟନ୍ତ ।
ଭଣ୍ଡାରୀ ଥିଲେ ତମେ ବାଳ କାଟନ୍ତନି ?

Digitized by srujanika@gmail.com

(b) ରହିବାକୁ ସୁବିଧା ହେଲେ ମୁଁ ଯାଆନ୍ତି ।
ରହିବାକୁ ସୁବିଧା ହେଲେ ମୁଁ ଯାଆନ୍ତିନି ?

(c) ମହୀଶୂର ଯିବାକୁ ମନଥିଲେ ସେ ଯାଆନ୍ତା ?
ମହୀଶୂର ଯିବାକୁ ମନଥିଲେ ସେ ଯାଆନ୍ତାନି ?

Exercises

1. Substitute the underlined words with the words given in the brackets and make necessary changes in the following sentences :

(a) <u>ମୁଁ</u> ବି ତା ସାଙ୍ଗରେ ଚାକିରୀ କରନ୍ତି । (ତୁ)
(b) <u>ଆପଣ</u> ଆମ ପାଖରେ ରହନ୍ତେ । (ସେ *fam.*)
(c) <u>ଆମେ</u> ଆଜି ସିନେମା ଦେଖି ଯାଆନ୍ତେ । (ତମେ)
(d) <u>ତମେ</u> ଧୋବାକୁ ଲୁଗା ଦେଇ ଦିଅନ୍ତ । (ମୁଁ)
(e) <u>ତୁ</u> ତାଙ୍କ ଘରକୁ ଖାଇସାରି ଯାଆନ୍ତୁ । (ସେ *hon.*)
(f) <u>ସେ</u> କଣ କେବେହେଲେ ମହୀଶୂର ଯାଆନ୍ତା ? (ଆପଣ)
(g) <u>ମୁଁ</u> ବି ଘରେ ରହନ୍ତି । (ସେମାନେ)

2. Fill up the gaps selecting appropriate words from the brackets :

(ତେଲ, ବାଳ, ଲୁଗା, ଧୋବା, ମରାମତି, ମାଟିରେ, ତନ୍ତରେ, ସେଲୁନ୍)

(a) ତମ ଲୁଗା........................ଘରେ ପଡ଼ିଛି ।
(b) ଭଣ୍ଡାରୀ ଘର ଘର ବୁଲି.... .... କାଟେ ।
(c) ସେ କାହିଁକି........................ ରେ ଦାଢ଼ି କାଟୁନି ।
(d) ଧୋବା ଗାଁରେ ସମସ୍ତଙ୍କ .... କାଚେ ।
(e) କୁମ୍ଭାର .... ହାଣ୍ଡି ମାଠିଆ ଗଢ଼େ ।
(f) ଆମ ଗାଁ ତନ୍ତୀ...... ....ଲୁଗା ବୁଣେ ।
(g) ତେଲି................ ...... ବ୍ୟବସାୟ କରେ ।
(h) ମୁଁ ମୋଚିକୁ ଜୋତା........................କରିବାକୁ ଦିଅଛି ।

Digitized by srujanika@gmail.com

3. Transform the following sentences into present contigent :

(a) ସେଲୁନ୍‌ରେ ବାଳ କାଟିଲେ ଭଲ ହେବ ।
(b) ବଡ଼ଦିନ ଛୁଟିରେ ମହୀଶୂର ଗଲେ ସୁବିଧା ହେବ ।
(c) ତମେ ଆସିଲେ ମୁଁ ତମ ସାଙ୍ଗରେ ଯିବି ।
(d) ଧୋବା ଆସିଲେ ସେ ଲୁଗା ଦବ ।
(e) ତମେ ରହିଲେ ସେମାନେ ଯିବେ ।

4. Transform the following sentences into interrogative negative :

(a) ମହୀଶୂର ଗଲେ ବୁଲି ଦେଖନ୍ତେ ।
(b) ସେ ଭଣ୍ଡାରୀ ଦେଖିଲେ ସେଲୁନ୍‌କୁ ଯାଆନ୍ତେ ।
(c) ଧୋବାଘରକୁ ଲୁଗା ଦେଲେ ଭଲ ହୁଅନ୍ତା ।
(d) ଆପଣ ଆସିଲେ ସେ ଯାଆନ୍ତା ?
(e) ମୁଁ ରହିଲେ କଣ ତମେ ରହନ୍ତ ?

5. Write *fifteen* sentences on winning a lottery of your state.

Grammatical Note

1. (i) The contingent tense is formed as follows :

Verb stem + contingent + person-number suffix marker. -ଅନ୍ତ is the contingent tense suffix, to be added to the verb stem. -ଆନ୍ତ୍ is variant of -ଅନ୍ତ୍ where the verb stem ends in -ଆ.

ଯା+ଆନ୍ତ+ଇ=ଯାଆନ୍ତି

Note : The 2nd per. hon. and 3rd per. hon. plu. suffix -ଅନ୍ତ୍ should not be confused with contingent suffix -ଅନ୍ତ୍ or -ଆନ୍ତ୍.

(ii) In contingent tense the person-number suffix parallels those in the simple past tense.

ମୁଁ ଖାଆନ୍ତି ।	ମୁଁ ଖାଇଲି ।
ଆମେ ଖାଆନ୍ତୁ ।	ଆମେ ଖାଇଲୁ ।

Digitized by srujanika@gmail.com

ଆମେ ଖାଆନ୍ତେ ।	ଆମେ ଖାଇଲେ ।
ତୁ ଖାଆନ୍ତୁ ।	ତୁ ଖାଇଲୁ ।
ତମେ ଖାଆନ୍ତ ।	ତମେ ଖାଇଲ ।
ଆପଣ ଖାଆନ୍ତେ ।	ଆପଣ ଖାଇଲେ ।
ସେ ଖାଆନ୍ତା ।	ସେ ଖାଇଲା ।
ସେ ଖାଆନ୍ତେ ।	ସେ ଖାଇଲେ ।
ସେମାନେ ଖାଆନ୍ତେ ।	ସେମାନେ ଖାଇଲେ ।

(iii) The contingent tense is very often used in conditional constructions formed by conditional non-finite verb.

ବର୍ଷା ହେଲେ ଭଲ ହୁଅନ୍ତା ।
ତମେ ଗଲେ ମୁଁ ଯାଆନ୍ତି ।
ନାଗପୁର ଗଲେ ହୋଟେଲରେ ରହନ୍ତେ ।

(iv) The conditional non-finite construction with the contingent tense can be negated in 3 ways.

(a) by using double negative markers to get positive meaning.

(b) by using negative ନ for conditional negation.

(c) by using negative auxiliary ନାହିଁ/ନି for conditional negation.

Examples

(a) ସେ ନଗଲେ ମୁଁ ଯାଆନ୍ତିନି ।
ତୁ ନଖାଇଲେ ସେ ଯାଆନ୍ତାନି ।

(b) ସେ ନଗଲେ ମୁଁ ଯାଆନ୍ତି ।
ତୁ ନଖାଇଲେ ସେ ଯାଆନ୍ତା ।

(c) ସେ ଗଲେ ମୁଁ ଯାଆନ୍ତିନି ।
ତୁ ଖାଇଲେ ସେ ଯାଆନ୍ତାନି ।

Digitized by srujanika@gmail.com

UNIT IV

LESSON 50

Tuni Apa's Marriage

ଟୁନିଅପାର ବାହାଘର

ବାବୁ : ଟୁନିଅପା ବାହାଘରକୁ ନ ଯାଇଥିଲେ ଭଲ ହୋଇ ନଥାନ୍ତା । ନୁହେଁ ଲୋ ଲିପିଅପା ।

Babu It wouldn't have been good if we hadn't gone to Tuniapa's marriage. Isn't it Lipiapa ?

ଲିପି : ଟୁନିଅପା ବାହାଘରକୁ ନ ଯାଇଥାନ୍ତେ କେମିତି ? ନଯାଇଥିଲେ ସେ ମନ କଷ୍ଟ କରି ନଥାନ୍ତା ?

Lipi : How we wouldn't have gone to Tuniapa's marriage ? Wouldn't she have been unhappy if we had not gone there ?

ବାବୁ : ହଁ, ସେ ଭାରି ମନ ଖରାପ କରିଥାନ୍ତା । ବାହାଘରରେ ମୁଁ କିନ୍ତୁ ଭାରି ମଜା କଲି । ବର ଆସିଲା ବେଳେ ମୁଁ ଜାଣିଶୁଣି ବର ଉପରକୁ ବହୁତ ଅତରପାଣି ପକେଇଦେଲି । ବରର କାମିଜ ପୂରା ଓଦା ହୋଇଗଲା ।

Babu : Yes, she would have been most unhappy. But I had a lot of fun on the marriage occasion. I knowingly sprinkled a lot of scented water on the bride-groom when he came. His shirt was completely soaked.

ଲିପି : ହେଇ, ତୁ ଯେମିତି କାହିଁକି କଲୁ ? ଟୁନିଅପା ବର ତତେ ଖରାପ ଭାବିଥିବେ । ଯେ କୌଣସି ଲୋକ ତ ରଗନ୍ତା ।

Lipi : Hey, why did yeu do that ? Tuniapa's bridegroom must have thought bad of you. Any man at this would get angry.

Digitized by srujanika@gmail.com

ବାବୁ : ନାଇଁ, ଟୁନିଅପା ବର ଭାରି ଭଲ ଲୋକ । ସେ ଜମା ରାଗିଲେନି । ମତେ ଡାକି କେତେ କଥା ଟୁନିଅପା ବିଷୟରେ ପଚାରିଲେ । ଆଉ ଖରାପ ଭାବିବେ କାହିଁକି ?

Babu : Not at all. Tuniapa's husband is a very good man. He wasn't angry at all. He called me and asked many things about Tuniapa. Why should he think bad ?

ଲିପି : ଟୁନିଅପା ବିଦାହେଲାବେଳେ ଭାରି କାନ୍ଦିଲା । ମୁଁ ବି ବହୁତ କାନ୍ଦିଲି । ଟୁନିଅପାର ବାହାଘର ଆଉ କିଛି ଦିନ ପରେ ହୋଇଥିଲେ ଭଲ ହୋଇଥାନ୍ତା । ନୁହେଁରେ ?

Lipi · Tuniapa cried very much at the time of her farewell. I also cried much. It would have been good if Tuniapa's marriage would have taken place a little later. Isn't it ?

ବାବୁ : ହଁ ଯେ । ତାହେଲେ ବାହାଘର ଭୋଜି ତ ଡେରି ହୋଇଥାନ୍ତା । କିନ୍ତୁ ସତେଲେ, ଟୁନିଅପା ବାହାହେଲାରୁ ଭାରି ଖରାପ ଲାଗୁଛି । ମତେ ଡାକି କେତେ କାନ୍ଦିଲା । ମୁଁ ବି କାନ୍ଦିଲି ।

Babu : That's right. But that case the marriage feast would have been delayed. Really, I feel very bad at Tuniap's marriage. She called me and cried a lot. I also cried.

ଲିପି : ଜାଣିଛୁ, ଦି ମାସ ପରେ ଟୁନିଅପା ପୁଣି ଆସିବ ବୋଲି କହିଛି ।

Lipi : Do you know Tuniapa has promised to come back after two months.

ବାବୁ : ସତରେ? ଭାରି ମଜା ହେବ, ନୁହଁ ଲିପିଅପା ?

Babu : Is that so ? Oh ! we will have such fun. Isn't it Lipiapa ?

ଲିପି : ହଁ. ତୁ ଦିନ ଗଣୁଥା ।

Lipi : Yes, you just count the dates.

Digitized by srujanika@gmail.com

Variation

A : ଆଜି ଭୋଜି କରି ନଥିଲେ କଣ ହେଇ ନଥାନ୍ତା ? ଅନ୍ୟ ଯେ କୌଣସି ଦିନ ତ ଆମେ କରିପାରିଥାନ୍ତେ । କ୍ଲାସର ସମସ୍ତଙ୍କୁ ଖବର ବି ଦିଆଯାଇ ପାରିଥାନ୍ତା ।	**A** Wouldn't it had been alright if we hadn't the feast to-day. We could have had it on any other day. Then everyone of the class could have been informed.
B : ହଉ, ଆଜି ଏଇ ଛୋଟ ଭୋଜିଟା ହଉ ! ଆଉ ଥରେ ଭଲରେ କରି ସମସ୍ତଙ୍କୁ ଖବର ଦବା । ଆଜି ଭୋଜି ନ ହେଇଥିଲେ ସୁରେଶ ମନ ଦୁଃଖ କରିଥାନ୍ତା । ତତେ କଣ ତାହେଲେ ଭଲ ଲାଗିଥାନ୍ତା ? ସେ ଗୋଟାଏ କେତେ ଆଗ୍ରହରେ ଭୋଜି କରିବାକୁ ସବୁ ଯୋଗାଡ଼ କଲା, ଆଉ ଆମେ ନ କରନ୍ତେ କେମିତି ?	**B** : Well, let us have this small feast to-day. We will do it better next time, and we will inform all. Suresh would have felt unhappy if we would not have arranged the feast to-day. Would you have liked it then ? He arranged everything so eagerly for the feast and how could we have stopped that ?
A : ହଉ, ଫେର ଥରେ ଯେମିତି ହଉ ଭଲ କରି ଫିଷ୍ଟ କରିବା ।	**A** : Well, we will have it once again any how in a better way.
B : ହଉ, ସେ କଥା କଣ କିଏ ମନା କରୁଛି ?	**B** : Alright, who is going to say no to that ?

Vocabulary

ଅତରପାଣି scented water

ଆଉକିଛି ଦିନ ପରେ after a few days

ଓଦା drenched/soaked

କାନ୍ଦିବା to cry

କାମିଜ shirt

କେତେ ଆଗ୍ରହରେ with great interest

ଜାଣିଶୁଣି knowingly

ଦିନ ଗଣିବା to count days/dates/ to wait

ପାଣି ପକାଇବା to spray water/to throw water

ପୁଣି again

Digitized by srujanika@gmail.com

ଫେର again
ବିଦାହେଲବେଳେ while taking leave
ଭଲକରି in a better way
ଭାବିବା to think
ମନ କଷ୍ଟ unhappiness
ମନ ଦୁଃଖ unhappiness
ମନା କରିବା to deny
ଯେ କୌଣସି ଦିନ any day
ଯୋଗାଡ଼ arrangement
ରଗିବା to get angry
ସତେଲେ really

Drills

I. Build up drill.

ହେଇ ନଥାନ୍ତା ।
ଭଲ ହେଇ ନଥାନ୍ତା ।
ଯାଇଥିଲେ ଭଲ ହେଇନଥାନ୍ତା ।
ନଯାଇଥିଲେ ଭଲ ହେଇ ନଥାନ୍ତା ।
ବାହାଘରକୁ ନଯାଇଥିଲେ ଭଲ ହେଇନଥାନ୍ତା ।
ଟୁନିଅପା ବାହାଘରକୁ ନଯାଇଥିଲେ ଭଲ ହେଇନଥାନ୍ତା ।

କେମିତି ?
ଯାଇଥାନ୍ତେ କେମିତି ?
ନଯାଇଥାନ୍ତେ କେମିତି ?
ବାହାଘରକୁ ନଯାଇଥାନ୍ତେ କେମିତି ?
ଟୁନିଅପା ବାହାଘରକୁ ନଯାଇଥାନ୍ତେ କେମିତି ?

କରି ନଥାନ୍ତା ?
ମନକଷ୍ଟ କରି ନଥାନ୍ତା ?
ସେ ମନକଷ୍ଟ କରି ନଥାନ୍ତା ?
ଯାଇଥିଲେ ସେ ମନକଷ୍ଟ କରି ନଥାନ୍ତା ?
ନଯାଇଥିଲେ ସେ ମନ କଷ୍ଟ କରି ନଥାନ୍ତା ?

କରିଥାନ୍ତା ।
ମନ ଖରପ କରିଥାନ୍ତା ।
ଭରି ମନ ଖରପ କରିଥାନ୍ତା ।
ହଁ, ସେ ଭରି ମନ ଖରପ କରିଥାନ୍ତା ।

Digitized by srujanika@gmail.com

କଲି ।
ମଜା କଲି ।
ଭରି ମଜା କଲି ।
କିନ୍ତୁ ଭରି ମଜା କଲି ।
ମୁଁ କିନ୍ତୁ ଭରି ମଜା କଲି ।
ବାହାଘରରେ ମୁଁ କିନ୍ତୁ ଭରି ମଜା କଲି ।

ପକେଇଦେଲି ।
ଅତରପାଣି ପକେଇ ଦେଲି ।
ବହୁତ ଅତରପାଣି ପକେଇଦେଲି ।
ବର ଉପରକୁ ବହୁତ ଅତର ପାଣି ପକେଇ ଦେଲି ।
ଜାଣିଶୁଣି ବର ଉପରକୁ ବହୁତ ଅତର ପାଣି ପକେଇ ଦେଲି ।
ବର ଆସିଲାବେଳେ ମୁଁ ଜାଣିଶୁଣି ବର ଉପରକୁ ବହୁତ ଅତର ପାଣି ପକେଇ ଦେଲି ।

ହେଇଗଲା ।
ଓଦା ହେଇଗଲା ।
ପୁରା ଓଦା ହେଇଗଲା ।
ବରର କାମିଜ ପୁରା ଓଦା ହେଇଗଲା ।

କଲୁ ?
କାହିଁକି କଲୁ ?
ସେମିତି କାହିଁକି କଲୁ ?
ହେଇ, ତୁ ସେମିତି କାହିଁକି କଲୁ ?

ଭାବିଥିବେ ।
ଖରାପ ଭାବିଥିବେ ।
ତତେ ଖରାପ ଭାବିଥିବେ ।
ଟୁନିଅପା ବର ତତେ ଖରାପ ଭାବିଥିବେ ।

ଘଗଡ଼ା ।
ଯେ କୌଣସି ଲୋକ ତ ଘଗଡ଼ା ।

Digitized by srujanika@gmail.com

ଲୋକ ।
ଭଲ ଲୋକ ।
‘.ରି ଭଲ ଲୋକ ।
ନାଇଁ, ଟୁନିଅପା ବର ଭାରି ଭଲ ଲୋକ ।

ଲାଗିଲେନି ।
ଜମା ଲାଗିଲେନି ।
ସେ ଜମା ଲାଗିଲେନି ।

ପଚାରିଲେ ।
ଟୁନିଅପା ବିଷୟରେ ପଚାରିଲେ ।
କେତେ କଥା ଟୁନିଅପା ବିଷୟରେ ପଚାରିଲେ ।
ମତେ ଡାକି କେତେକଥା ଟୁନିଅପା ବିଷୟରେ ପଚାରିଲେ ।

II. Substitution drill

(a) ଟୁନିଅପା ବାହାଘରକୁ ନଯାଇଥିଲେ ଭଲ ହେଇନଥାନ୍ତା ।

ନରହିଥିଲେ	ଟୁନିଅପା ବାହାଘରକୁ ନରହିଥିଲେ ଭଲ ହେଇନଥାନ୍ତା ।
ନଆସିଥିଲେ	ଟୁନିଅପା ବାହାଘରକୁ ନଆସିଥିଲେ ଭଲ ହେଇନଥାନ୍ତା ।
ମନ୍ଦ	ଟୁନିଅପା ବାହାଘରକୁ ନଯାଇଥିଲେ ମନ୍ଦ ହେଇନଥାନ୍ତା ।
ଖରାପ	ଟୁନିଅପା ବାହାଘରକୁ ନଯାଇଥିଲେ ଖରାପ ହେଇନଥାନ୍ତା ।

(b) ସେ ଭାରି ମନ ଖରାପ କରିଥାନ୍ତା ।

ମନ ଦୁଃଖ	ସେ ଭାରି ମନ ଦୁଃଖ କରିଥାନ୍ତା ।
ମନକଷ୍ଟ	ସେ ଭାରି ମନ କଷ୍ଟ କରିଥାନ୍ତା ।

(c) ଦିମାସ ପରେ ଟୁନିଅପା ପୁଣି ଆସିବ ବୋଲି କହିଛି ।

ଫେର	ଦିମାସ ପରେ ଟୁନିଅପା ଫେର ଆସିବ ବୋଲି କହିଛି ।
ଆଉ ଥରେ	ଦିମାସ ପରେ ଟୁନିଅପା ଆଉଥରେ ଆସିବ ବୋଲି କହିଛି ।
ପୁଣିଥରେ	ଦିମାସ ପରେ ଟୁନିଅପା ପୁଣିଥରେ ଆସିବ ବୋଲି କହିଛି ।
ଫେର ଥରେ	ଦିମାସ ପରେ ଟୁନିଅପା ଫେର ଥରେ ଆସିବ ବୋଲି କହିଛି ।

III. Substitution-Agreement drill

(a) ସେ ଭାରି ମନ ଖରାପ କରିଥାନ୍ତା ।

ସେ *hon.*	ସେ ଭାରି ମନ ଖରାପ କରିଥାନ୍ତେ ।

Digitized by srujanika@gmail.com

ସେମାନେ	ସେମାନେ ଘରି ମନ ଖରପ କରିଥାନ୍ତେ ।
ତୁ	ତୁ ଘରି ମନ ଖରପ କରିଥାନ୍ତୁ ।,
ତମେ	ତମେ ଘରି ମନ ଖରପ କରିଥାନ୍ତ ।
ଆପଣ	ଆପଣ ଘରି ମନ ଖରପ କରିଥାନ୍ତେ ।
ମୁଁ	ମୁଁ ଘରି ମନ ଖରପ କରିଥାନ୍ତି ।
ଆମେ *excl.*	ଆମେ ଘରି ମନ ଖରପ କରିଥାନ୍ତୁ ।
ଆମେ *incl.*	ଆମେ ଘରି ମନ ଖରପ କରିଥାନ୍ତେ ।

(b) ଅନ୍ୟ ଯେ କୌଣସି ଦିନ ତ ଆମେ କରିପାରିଥାନ୍ତେ ।

ଆମେ *excl.*	ଅନ୍ୟ ଯେ କୌଣସି ଦିନ ତ ଆମେ କରିପାରିଥାନ୍ତୁ ।
ମୁଁ	ଅନ୍ୟ ଯେ କୌଣସି ଦିନ ତ ମୁଁ କରିପାରିଥାନ୍ତି ।
ତୁ	ଅନ୍ୟ ଯେ କୌଣସି ଦିନ ତୁ କରିପାରିଥାନ୍ତୁ ।
ତମେ	ଅନ୍ୟ ଯେ କୌଣସି ଦିନ ତ ତମେ କରିପାରିଥାନ୍ତ ।
ଆପଣ	ଅନ୍ୟ ଯେ କୌଣସି ଦିନ ତ ଆପଣ କରିପାରିଥାନ୍ତେ ।
ସେ *fam.*	ଅନ୍ୟ ଯେ କୌଣସି ଦିନ ତ ସେ କରିପାରିଥାନ୍ତା ।
ସେ *hon.*	ଅନ୍ୟ ଯେ କୌଣସି ଦିନ ତ ସେ କରିପାରିଥାନ୍ତେ ।
ସେମାନେ	ଅନ୍ୟ ଯେ କୌଣସି ଦିନ ତ ସେମାନେ କରିପାରିଥାନ୍ତେ ।

(c) ତୁନିଥପା ମନ କଷ୍ଟ କରି ନଥାନ୍ତା ?

ସେ *hon.*	ସେ ମନ କଷ୍ଟ କରି ନଥାନ୍ତେ ?
ସେ *fam.*	ସେ ମନ କଷ୍ଟ କରି ନଥାନ୍ତା ?
ସେମାନେ	ସେମାନେ ମନ କଷ୍ଟ କରି ନଥାନ୍ତେ ?
ତୁ	ତୁ ମନ କଷ୍ଟ କରି ନଥାନ୍ତୁ ?
ତମେ	ତମେ ମନ କଷ୍ଟ କରିନଥାନ୍ତ ?
ଆପଣ	ଆପଣ ମନ କଷ୍ଟ କରି ନଥାନ୍ତେ ?
ମୁଁ	ମୁଁ ମନ କଷ୍ଟ କରି ନଥାନ୍ତି ?
ଆମେ *excl.*	ଆମେ ମନ କଷ୍ଟ କରି ନଥାନ୍ତୁ ?
ଆମେ *incl.*	ଆମେ ମନ କଷ୍ଟ କରି ନଥାନ୍ତେ ?

IV. Transformation drill

1. Transformation into affirmative and interrogative (Transformation brings change of meaning)—

(i) (a) ବାହାଘରକୁ ନଯାଇଥିଲେ ଭଲ ହେଇନଥାନ୍ତା ।
ବାହାଘରକୁ ଯାଇଥିଲେ ଭଲ ହେଇଥାନ୍ତା ।

Digitized by srujanika@gmail.com

(b) ବାହାଘର ପରେ ନ ହେଇଥିଲେ ଭଲ ହେଇନଥାନ୍ତା ।
ବାହାଘର ପରେ ହେଇଥିଲେ ଭଲ ହେଇଥାନ୍ତା ।

(c) ଆଜି ଭେଜି ନ ହେଇଥିଲେ ସୁରେଶ ମନଦୁଃଖ କରିଥାନ୍ତା ।
ଆଜି ଭେଜି ହେଇଥିଲେ ସୁରେଶ ମନଦୁଃଖ କରିଥାନ୍ତା ।

(ii) (a) ନଯାଇଥିଲେ ସେ ମନ କଷ୍ଟ କରିନଥାନ୍ତା ।
ଯାଇଥିଲେ ସେ ମନ କଷ୍ଟ କରିଥାନ୍ତା ?

(b) ଆଜି ଭେଜି କରି ନଥିଲେ ଭଲ ହେଇ ନଥାନ୍ତା ।
ଆଜି ଭେଜି କରିଥିଲେ ଭଲ ହେଇଥାନ୍ତା ?

(iii) (a) ବାହାଘରକୁ ନଯାଇଥାନ୍ତେ କେମିତି ?
ବାହାଘରକୁ ଯାଇଥାନ୍ତେ କେମିତି ?

(b) ଆଉ ଆମେ ନ କରନ୍ତେ କେମିତି ?
ଆଉ ଆମେ କରନ୍ତେ କେମିତି ?

2. Transformation into negative—

(a) ସେ ମନ ଖରାପ କରିଥାନ୍ତା ।
ସେ ମନ ଖରାପ କରି ନ ଥାନ୍ତା ।

(b) ବାହାଘର ଭେଜି ବି ତ ଡେରି ହେଇଥାନ୍ତା ।
ବାହାଘର ଭେଜି ବି ତ ଡେରି ହେଇନଥାନ୍ତା ।

(c) କ୍ଲାସର ସମସ୍ତଙ୍କୁ ଖବର ବି ଦିଆଯାଇ ପାରିଥାନ୍ତା ।
କ୍ଲାସର ସମସ୍ତଙ୍କୁ ଖବର ବି ଦିଆଯାଇ ପାରି ନଥାନ୍ତା ।

(d) ଅନ୍ୟ ଯେ କୌଣସି ଦିନ ତ ଆମେ କରିପାରିଥାନ୍ତେ ।
ଅନ୍ୟ ଯେ କୌଣସି ଦିନ ତ ଆମେ କରିପାରି ନଥାନ୍ତେ ।

(e) ତେବେ ତାହେଲେ ଭଲ ଲଗିଥାନ୍ତା ।
ତେବେ ତାହେଲେ ଭଲ ଲଗି ନଥାନ୍ତା ।

3. Transformation into conditional negative and interrogative-negative with change of meaning—

(i) ବାହାଘରକୁ ଯାଇଥିଲେ ଭଲ ହେଇଥାନ୍ତା ।
ବାହାଘରକୁ ନଯାଇଥିଲେ ଭଲ ହେଇଥାନ୍ତା ।

Digitized by srujanika@gmail.com

ବାହାଘରକୁ ଯାଇଥିଲେ ଭଲ ହୋଇ ନଥାନ୍ତା ।
ବାହାଘରକୁ ନଯାଇଥିଲେ ଭଲ ହୋଇ ନଥାନ୍ତା ।

(ii) ଭୋଜି କରିଥିଲେ କଣ ହେଇଥାନ୍ତା ?
ଭୋଜି ନକରିଥିଲେ କଣ ହେଇଥାନ୍ତା ?
ଭୋଜି କରିଥିଲେ କଣ ହେଇନଥାନ୍ତା ?
ଭୋଜି ନକରିଥିଲେ କଣ ହେଇନଥାନ୍ତା ?

Exercises

1. Substitude the underlined words with the words given in the brackets and make necessary changes in the following sentences :

(a) ସେମାନେ ଆଜି ନନ୍ଦନକାନନ ଯାଇଥାନ୍ତେ । (ତୁ)
(b) ସେ କାଲି ଆମ ଘରକୁ ବୁଲି ଆସିଥାନ୍ତେ । (ତମେ)
(c) ମୁଁ ତମ ବାହାଘରକୁ ଯାଇଥାନ୍ତି । (ସେ *fam.*)
(d) ତମେ ବଜାରରୁ ଫଳ କିଣି ଘରକୁ ନେଇଥାନ୍ତ । (ଆପଣ)
(e) ସେ ତମ ବାହାଘର ଭୋଜି ଖାଇଥାନ୍ତେ । (ଆମେ *incl.*)

2. Complete the following incomplete sentences with perfect contingent (use the verbs given in the brackets) :

(a) ବାହାଘରକୁ ନଯାଇଥିଲେ ଟୁନିଅପା ମନ ଖରାପ........ ....? (କରିବା)
(b) ତମେ ଆସିଥିଲେ ସେମାନେ ଆଜି...................... । (ଆସିବା)
(c) ତୁ ନିମନ୍ତ୍ରଣ କରିଥିଲେ ମୁଁ ତମ ଘରକୁ .... ? (ଆସିବା)
(d) ବହି ମିଳିଥିଲେ ଆମେ ? (କିଣିବା)
(e) ସେ ଡାକିଥିଲେ ମୁଁ .... । (ଯିବା)

3. Transform the following sentences into negative/interrogative-negative :

(i) (a) ଟୁନିଅପା ନିଶ୍ଚୟ ମନ ଖରାପ କରିଥାନ୍ତା ।
(b) ତମେ ବି ଆମ ସାଙ୍ଗେ ଯାଇପାରିଥାନ୍ତ ।
(c) ତୁ ଗଲାବେଳକୁ ମୁଁ ପହଞ୍ଚିପାରିଥାନ୍ତି ।
(d) ତା ବାହାଘର ଦେଖିବାକୁ ମତେ ଭଲ ଲାଗିଥାନ୍ତା ।
(e) ଆସନ୍ତା ମାସରେ ମାମିଅପାର ବାହାଘର ହେଇଥାନ୍ତା ।

Digitized by srujanika@gmail.com

(ii) (a) ତମେ କଣ କେବେହେଲେ ସେଠିକି ଯାଇଥାନ୍ତ ?
(b) ତାଙ୍କ ବାହାଘର କଣ ହେଇଥାନ୍ତା ?
(c) ଆମ ଡିପାର୍ଟମେଣ୍ଟରେ ଭୋଜି କାହିଁକି ହେଉଥାନ୍ତା ?
(d) ତୋ ଘରକୁ କିଏ ଯାଇଥାନ୍ତା ?
(e) ତତେ କେମିତି ଡକାଯାଇ ପାରିଥାନ୍ତା ?

(iii) (a) ଦଶର ପରେ ଚୁନିଅପା ବାହାଘର ହେଇଥିଲେ ଭଲ ହେଇଥାନ୍ତା ।
(b) ଛୁଟିରେ ତୁ ଆସିଥିଲେ ଭଲ କରିଥାନ୍ତୁ ।
(c) ସେ ଆମକୁ ତାଙ୍କ ଭୋଜିକୁ ଡାକିଥିଲେ ଆମେ ଯାଇଥାନ୍ତେ ।
(d) ତମ ବାହାଘର ହେଇଥିଲେ ମୁଁ ଯାଇଥାନ୍ତି ।
(e) କ୍ଲାସ ଥିଲେ ଆମେ ଯାଇଥାନ୍ତୁ ।

4. Answer the following questions :

(a) ଚୁନିଅପା ବାହାଘରକୁ ନଯାଇଥିଲେ କ'ଣ ହେଇଥାନ୍ତା ?
(b) ବାହାଘରକୁ ନ ଯାଇଥିଲେ ଚୁନିଅପା କ'ଣ କରିଥାନ୍ତା ?
(c) ବାବୁ ବାହାଘରରେ କ'ଣ କଲ ?
(d) ବିଦାହେଲବେଳେ ଚୁନିଅପା କ'ଣ କଲ ?
(e) ଚୁନିଅପା ପୁଣି କେବେ ଆସିବାକୁ କହିଛି ?

5. Write *twenty* sentences about your sister's marriage.

Grammatical Note

1. (i) The perfect contingent tense is very often used in conditional non-finite constructions where the conditional non-finite is also in perfective form.

ତୁ ଆସିଥିଲେ ମୁଁ ଯାଇଥାନ୍ତି । If you would have come I would have gone.
ସେ ଖାଇଥିଲେ ମୁଁ ଖାଇଥାନ୍ତି । If he would have eaten I would have eaten.

(ii) When the perfect contingent tense in conditional non-finite construction is negated, the negation brings

Digitized by srujanika@gmail.com

change of meaning. The double negation indicates positive purpose.

ତମେ ଯାଇଥିଲେ ଭଲ ହୋଇ ଥାନ୍ତା ।	It would have been good if you would have gone.
ତମେ ଯାଇନଥିଲେ ଭଲ ହେଇନଥାନ୍ତା ।	It wouldn't have been good if you would not have gone.
ତମେ ନଯାଇଥିଲେ ଭଲ ହେଇଥାନ୍ତା ।	It would have been good if you would not have gone.
ତମେ ଯାଇଥିଲେ ଭଲ ହେଇନଥାନ୍ତା ।	It would not have been good if you would have gone.

(*Note* : The change of meaning and purpose in different negative constructions.)

Digitized by srujanika@gmail.com

UNIT IV

LESSON 51

Flood

ନଈବଢି

ଅମର : ଏ ବର୍ଷ ନଈବଢି ହୋଇଥିଲେ ଏତେ ବେଳକୁ ଆମେ ବଢି ଅଞ୍ଚଳକୁ ଯାଉଥାନ୍ତେ । ନୁହେଁ ?

Amar : Had there been flood this year we would have gone to the flooded areas by this time. Isn't it ?

ଆଲୋକ : ହଁ । କିନ୍ତୁ ଏ ବର୍ଷ ତ ବେଶୀ ବର୍ଷା ନାହିଁ । ନଈବଢି ହେବ କେମିତି ? ଏତିକି ଟିକେ ଟିକେ ବର୍ଷାରେ କଣ ବଢି ଆସିବ ?

Alok : Yes, But there isn't much rain this year. How the floods will come ? Will the floods come with this meagre rain ?

ଅମର : ବଢି ଆସିଥିଲେ କିନ୍ତୁ ଭାରି ମଜା ହଉଥାନ୍ତା । ଆମେ ଚୂଡ଼ା, ଚାଉଳ, ଲୁଗାପଟା ସବୁ ନେଇ ଡଙ୍ଗାରେ ବସି ରିଲିଫ୍ ବାଣ୍ଟିବାକୁ ଯାଉଥାନ୍ତେ ।

Amar : But it would have been a great fun if there had been flood. We would have been going in a boat with rice, puffed rice, clothes etc. to distribute relief.

ଆଲୋକ : ତୁ ରିଲିଫ୍ ବାଣ୍ଟିବୁ ବୋଲି କଣ ବଢି ହେବ ନା କ'ଣ ? ବଢି ହେଲେ ଲୋକଙ୍କର କି କ୍ଷତି ହେବ ସେ କଥା ଧରୁନୁ ବୋଧେ ?

Alok : Do you think there should be flood because you want to distribute relief ? Probably you don't realise what damage the floods will cause to people.

ଅମର : ବଢିରେ ଲୋକଙ୍କର ଯେତିକି କ୍ଷତି ହେଉଥାନ୍ତା ଆମେ କଣ ରିଲିଫ୍ ବାଣ୍ଟିବାକୁ ଯାଇ ସେତିକି ଅସୁବିଧାରେ ପଡୁ ନଥାନ୍ତେ

Amar Would we not be facing the same amount of trouble while distributing relief as people face in floods ?

Digitized by srujanika@gmail.com

ଆଲୋକ : ବାଃ, ରିଲିଫ୍ ବାଣ୍ଟିବା ଅସୁବିଧା ଆଉ ବଢ଼ିରେ ଲୋକଙ୍କ କ୍ଷତି କଣ ସମାନ କଥା ?	Alok : How strange ! Do you think the damage caused to people by floods and the troubles while distributing relief are the same ?
ଅମର : ନା, ମୁଁ ସେ କଥା କହୁନି । ତେବେ ବଢ଼ି ଆସିଥିଲେ ଆମକୁ ଯିବାକୁ ପଡ଼ି ନଥାନ୍ତା କି ?	Amar : No, I am not saying that. But had there been flood would we not be going there ?
ଆଲୋକ : ହଁ, ତା ହୁଏତ ପଡ଼ିଥାନ୍ତା ।	Alok Yes, that may be .

Variation

A : ବଢ଼ି ସାଙ୍ଗକୁ ବାତ୍ୟା ବି ଗୋଟାଏ ଘରି ବଡ଼ ବିପଦ । ନୁହେଁ ଆଲୋକ ?	A : The cyclone is also a great danger along with floods. Isn't it Alok ?
B : ହଁ । ଗତବର୍ଷ ପରି ଏବର୍ଷ ବାତ୍ୟା ହଉଥିଲେ ଆମେ ତ ବାତ୍ୟାଂଚଳକୁ ଏତେବେଳକୁ ଯାଉଥାନ୍ତେ ।	B : Yes. Had there been cyclone this year as had been last year we would be going to cyclone affected area by this time.
A : ଭଗବାନଙ୍କ ଦୟାରୁ ଏବର୍ଷ ସେମିତି ବଡ ବାତ୍ୟା କି ବଢ଼ି ନାହିଁ ।	A : By God's grace there has not been any big sized cyclone or flood this year.
B : ଗତବର୍ଷ ବାତ୍ୟା କଥା ମନେ ପକେଇଲୁ । ଏବର୍ଷ ସେମିତିକା ବାତ୍ୟା ହଉଥିଲେ ନା ଲୋକେ କି କଲବଲ ହଉନଥାନ୍ତେ ସତେ ?	B : Please remember the last year's cyclone. Really, had there been such a cyclone this year imagine to what an extent people would have been suffering ?
A : ହଁ, ଯାହା କହିଲୁ ସେ କଥା ସତ ।	A : Yes, what you say is correct.

Digitized by srujanika@gmail.com

Vocabulary

ଏତିକି — this much
ଏତେବେଳକୁ — by this time
କଲବଲ — great pain, great suffering
ଚାଉଳ — rice
ଚୁଡ଼ା — puffed rice
ଦୟା — pity
ବଢ଼ିଅଞ୍ଚଳ — flood affected area
ବାଂଟିବା — to distribute
ବାତ୍ୟା — cyclone
ବିପଦ — danger
ରିଲିଫ୍ — relief
ଲୁଗାପଟା — clothes

Drills

I. Build-up drill

ଯାଉଥାନ୍ତେ ।
ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।
ଆମେ ଯାଉଥାନ୍ତେ ।
ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।
ଏତେବେଳକୁ ଆମେ ଯାଉଥାନ୍ତେ ।
ଏତେବେଳକୁ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।
ନଈ ବଢ଼ି ହୋଇଥିଲେ ଏତେବେଳକୁ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।
ଏବର୍ଷ ନଈ ବଢ଼ି ହୋଇଥିଲେ ଏତେବେଳକୁ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।

ନାହିଁ ।
ବର୍ଷା ନାହିଁ ।
ବେଶୀ ନାହିଁ ।
ବେଶୀ ବର୍ଷା ନାହିଁ ।
କିନ୍ତୁ ଏ ବର୍ଷ ବେଶୀ ବର୍ଷା ନାହିଁ ।

କେମିତି ?
ହେବ କେମିତି ?
ନଈବଢ଼ି ହେବ କେମିତି ?

ଆସିବ ?
ବଢ଼ିଆସିବ ?
କଣ ବଢ଼ି ଆସିବ ?
ଏତିକି ଟିକେ ଟିକେ ବର୍ଷାରେ କଣ ବଢ଼ି ଆସିବ ?

Digitized by srujanika@gmail.com

ହଉଥାନ୍ତା !
ମଜା ହଉଥାନ୍ତା ।
ଭରି ମଜା ହଉଥାନ୍ତା ।
କିଛୁ ଭରି ମଜା ହଉଥାନ୍ତା ।
ବଢ଼ି ଆସିଥିଲେ କିଛୁ ଭରି ମଜା ହଉଥାନ୍ତା ।

ଯାଉଥାନ୍ତେ ।
ବାଣ୍ଟିବାକୁ ଯାଉଥାନ୍ତେ ।
ରିଲିଫ୍ ବାଣ୍ଟିବାକୁ ଯାଉଥାନ୍ତେ ।
ଡଙ୍ଗାରେ ବସି ରିଲିଫ୍ ବାଣ୍ଟିବାକୁ ଯାଉଥାନ୍ତେ ।
ଚୂଡ଼ା, ଗୁଡ଼, ଲୁଗାପଟା ସବୁ ନେଇ ଡଙ୍ଗାରେ ବସି ରିଲିଫ୍ ବାଣ୍ଟିବାକୁ ଯାଉଥାନ୍ତେ ।
ଆମେ ଚୂଡ଼ା, ଗୁଡ଼, ଲୁଗାପଟା ସବୁ ନେଇ ଡଙ୍ଗାରେ ବସି ରିଲିଫ୍ ବାଣ୍ଟିବାକୁ ଯାଉଥାନ୍ତେ ।

ବଢ଼ି ହେବ ନା କ'ଣ ?
କଣ ବଢ଼ି ହେବ ନା କ'ଣ ?
ତୁ ରିଲିଫ୍ ବାଣ୍ଟିବୁ ବୋଲି କଣ ବଢ଼ି ହେବ ନା କ'ଣ ?

ଭାବୁନୁ ବୋଧେ ?
ସେ କଥା ଭାବୁନୁ ବୋଧେ ?
କି କ୍ଷତି ହେବ ସେ କଥା ଭାବୁନୁ ବୋଧେ ?
ଲୋକଙ୍କର କି କ୍ଷତି ହେବ ସେ କଥା ଭାବୁନୁ ବୋଧେ ?
ବଢ଼ିହେଲେ ଲୋକଙ୍କର କି କ୍ଷତି ହେବ ସେ କଥା ଭାବୁନୁ ବୋଧେ ?

ପଡ଼ୁ ନଥାନ୍ତେ ?
ଅସୁବିଧାରେ ପଡ଼ୁ ନଥାନ୍ତେ ?
ସେତିକି ଅସୁବିଧାରେ ପଡ଼ୁ ନଥାନ୍ତେ ?
କଣ ରିଲିଫ୍ ବାଣ୍ଟିବାକୁ ଯାଇ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତେ ?
ଆମେ କଣ ରିଲିଫ୍ ବାଣ୍ଟିବାକୁ ଯାଇ ସେତିକି ଅସୁବିଧାରେ ପଡ଼ୁ ନ ଥାନ୍ତେ ?
ବଢ଼ିରେ ଲୋକଙ୍କର ଯେତିକି କ୍ଷତି ହେଉଥାନ୍ତା ଆମେ କଣ ରିଲିଫ୍ ବାଣ୍ଟିବାକୁ ଯାଇ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତେ ?

Digitized by srujanika@gmail.com

ସମାନ କଥା ?
କଣ ସମାନ କଥା ?
ରିଲିଫ୍ ବାଣ୍ଟିବା ଅସୁବିଧା ଆଉ ବଡ଼ିରେ ଲୋକଙ୍କ କ୍ଷତି କଣ ସମାନ କଥା ?
ବାଃ, ରିଲିଫ୍ ବାଣ୍ଟିବା ଅସୁବିଧା ଆଉ ବଢ଼ିରେ ଲୋକଙ୍କ କ୍ଷତି କଣ ସମାନ କଥା ।

କହୁନି ।
ସେ କଥା କହୁନି ।
ନା, ମୁଁ ସେ କଥା କହୁନି ।

II. Substitution drill

(a) ଏବର୍ଷ ନଇବଢ଼ି ହେଇଥିଲେ ଏତେବେଳକୁ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।

ଆସିଥିଲେ	ଏବର୍ଷ ନଇବଢ଼ି ଆସିଥିଲେ ଏତେବେଳକୁ ଆମେ ବଢ଼ିଅଞ୍ଚଳକୁ ଯାଉଥାନ୍ତେ ।
ବାତ୍ୟା	ଏବର୍ଷ ବାତ୍ୟା ହେଇଥିଲେ ଏତେବେଳକୁ ଆମେ ବାତ୍ୟାଅଞ୍ଚଳକୁ ଯାଉଥାନ୍ତେ ।

(b) ଏବର୍ଷ ତ ବେଶୀ ବର୍ଷା ନାହିଁ ।

ଖରା	ଏବର୍ଷ ତ ବେଶୀ ଖରା ନାହିଁ ।
ଶୀତ	ଏବର୍ଷ ତ ବେଶୀ ଶୀତ ନାହିଁ ।

(c) ଏତିକି ଟିକେ ଟିକେ ବର୍ଷାରେ କଣ ବଢ଼ି ଆସିବ ?

ସେତିକି	ସେତିକି ଟିକେ ଟିକେ ବର୍ଷାରେ କଣ ବଢ଼ି ଆସିବ ?
ଏମିତି	ଏମିତି ଟିକେ ଟିକେ ବର୍ଷାରେ କଣ ବଢ଼ି ଆସିବ ?
ସେମିତି	ସେମିତି ଟିକେ ଟିକେ ବର୍ଷାରେ କଣ ବଢ଼ି ଆସିବ ?
ଏପରି	ଏପରି ଟିକେ ଟିକେ ବର୍ଷାରେ କଣ ବଢ଼ି ଆସିବ ?
ସେପରି	ସେପରି ଟିକେ ଟିକେ ବର୍ଷାରେ କଣ ବଢ଼ି ଆସିବ ?
ଅଳ୍ପ ଅଳ୍ପ	ଏତିକି ଅଳ୍ପ ଅଳ୍ପ ବର୍ଷାରେ କଣ ବଢ଼ି ଆସିବ ?

(d) ବଢ଼ି ଆସିଥିଲେ ଆମକୁ ଯିବାକୁ ପଡ଼ି ନଥାନ୍ତା କି ?

ମତେ	ବଢ଼ି ଆସିଥିଲେ ମତେ ଯିବାକୁ ପଡ଼ି ନଥାନ୍ତା କି ?
ତତେ	ବଢ଼ି ଆସିଥିଲେ ତତେ ଯିବାକୁ ପଡ଼ି ନଥାନ୍ତା କି ?
ଆପଣଙ୍କୁ	ବଢ଼ି ଆସିଥିଲେ ଆପଣଙ୍କୁ ଯିବାକୁ ପଡ଼ି ନଥାନ୍ତା କି ?
ତାକୁ	ବଢ଼ି ଆସିଥିଲେ ତାକୁ ଯିବାକୁ ପଡ଼ି ନଥାନ୍ତା କି ?
ତାଙ୍କୁ	ବଢ଼ି ଆସିଥିଲେ ତାଙ୍କୁ ଯିବାକୁ ପଡ଼ି ନଥାନ୍ତା କି ?
ସେମାନଙ୍କୁ	ବଢ଼ି ଆସିଥିଲେ ସେମାନଙ୍କୁ ଯିବାକୁ ପଡ଼ି ନଥାନ୍ତା କି ?

Digitized by srujanika@gmail.com

III. Substitution-Agreement drill

(a) ନଈବଢ଼ି ହେଇଥିଲେ ଏତେବେଳକୁ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।

,,	,,	ମୁଁ	,,	ଯାଉଥାନ୍ତି ।
,,	,,	ତୁ	,,	ଯାଉଥାନ୍ତୁ ।
,,	,,	ତମେ	,,	ଯାଉଥାନ୍ତ ।
,,	,,	ଆପଣ	,,	ଯାଉଥାନ୍ତେ ।
,,	,,	ସେ *fam.*	,,	ଯାଉଥାନ୍ତା ।
,,	,,	ସେ *hon.*	,,	ଯାଉଥାନ୍ତେ ।
,,	,,	ସେମାନେ	,,	ଯାଉଥାନ୍ତେ ।
,,	,,	ଆମେ *excl*	,,	ଯାଉଥାନ୍ତୁ ।

(b) ଆମେ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତେ ?

ମୁଁ	ମୁଁ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତି ?
ତୁ	ତୁ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତୁ ?
ତମେ	ତମେ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତ ?
ଆପଣ	ଆପଣ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତେ ?
ସେ *fam.*	ସେ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତା ?
ସେ *hon.*	ସେ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତେ ?
ସେମାନେ	ସେମାନେ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତେ ?
ଆମେ *excl.*	ଆମେ ସେତିକି ଅସୁବିଧାରେ ପଡ଼ୁ ନଥାନ୍ତୁ ?

IV. Transformation drill

(i) Transformation into present contingent—

(a) ନଈବଢ଼ି ହେଇଥିଲେ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।
ନଈବଢ଼ି ହେଲେ ଆମେ ବଢ଼ି ଅଞ୍ଚଳକୁ ଯାଆନ୍ତେ ।

(b) ବଢ଼ିରେ ଲୋକଙ୍କର ଯେତିକି କ୍ଷତି ହଉଥାନ୍ତା ଆମେ କଣ ସେତିକି ଅସୁବିଧାରେ ପଡ଼ୁନଥାନ୍ତେ ?
ବଢ଼ିରେ ଲୋକଙ୍କର ଯେତିକି କ୍ଷତି ହୁଅନ୍ତା ଆମେ କଣ ସେତିକି ଅସୁବିଧାରେ ପଡ଼ନ୍ତେନି ?

(c) ବଢ଼ି ଆସିଥିଲେ ଆମକୁ ଯିବାକୁ ପଡ଼ି ନଥାନ୍ତା କି ?
ବଢ଼ି ଆସିଲେ ଆମକୁ ଯିବାକୁ ପଡ଼ନ୍ତାନି କି ?

Digitized by srujanika@gmail.com

(ii) Transformation into negative—

(a) ନଈବଢ଼ି ହେଇଥିଲେ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।
ନଈବଢ଼ି ନହେଇଥିଲେ ଆମେ ବଢ଼ି ଅଞ୍ଚଳକୁ ଯାଉନଥାନ୍ତେ ।

(b) ବାତ୍ୟା ହେଇଥିଲେ ଲୋକେ କଲବଲ ହଉଥାନ୍ତେ ।
ବାତ୍ୟା ନହେଇଥିଲେ ଲୋକେ କଲବଲ ହଉ ନଥାନ୍ତେ ।

(c) ନଈବଢ଼ି ଆସିଥିଲେ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।
ନଈବଢ଼ି ନଆସିଥିଲେ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।
ନଈବଢ଼ି ଆସିଥିଲେ ଆମେ ବଢ଼ି ଅଞ୍ଚଳକୁ ଯାଉନଥାନ୍ତେ ।

(d) ବାତ୍ୟା ହେଇଥିଲେ ଲୋକେ କଲବଲ ହଉଥାନ୍ତେ ।
ବାତ୍ୟା ନହେଇଥିଲେ ଲୋକେ କଲବଲ ହଉଥାନ୍ତେ ।
ବାତ୍ୟା ହେଇଥିଲେ ଲୋକେ କଲବଲ ହଉନଥାନ୍ତେ ।

(iii) Transformation into interrogative-negative—

(a) ବଢ଼ି ହେଇଥିଲେ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ।
ବଢ଼ି ହେଇଥିଲେ ଆମେ ବଢ଼ି ଅଞ୍ଚଳକୁ ଯାଉ ନଥାନ୍ତେ ?
ବଢ଼ି ନ ହେଇଥିଲେ ଆମେ ବଢ଼ି ଅଞ୍ଚଳକୁ ଯାଉଥାନ୍ତେ ?

(b) ବାତ୍ୟା ହେଇଥିଲେ ଲୋକେ କଲବଲ ହଉଥାନ୍ତେ ।
ବାତ୍ୟା ହେଇଥିଲେ ଲୋକେ କଲବଲ ହଉ ନଥାନ୍ତେ ?
ବାତ୍ୟା ନହେଇଥିଲେ ଲୋକେ କଲବଲ ହଉଥାନ୍ତେ ?

Exercises

1. Complete the following incomplete sentences with appropriate imperfect contingent (use the verbs given) :

(a) ପୂଜାରେ ଛୁଟି ହେଇଥିଲେ ଆମେ ଏତେବେଳକୁ ଘରକୁ.......................... । (ଯିବା)
(b) ସେ ମୋ ଉପରେ ରାଗି ନଥିଲେ ମୁଁ ତା କାମ...................... । (କରିବା)
(c) ସଭ ହଉଥିଲେ ମତେ ଯିବାକୁ............................ । (ପଡ଼ିବା)
(d) ଏବର୍ଷ ଝଡ଼ବର୍ଷା ହେଉଥିଲେ ଗରିବ ଲୋକେ ବଡ଼ କଷ୍ଟ................. । (ପାଇବା)
(e) ବଢ଼ି ଆସୁଥିଲେ ଅମର ଓ ଆଲୋକଙ୍କୁ ରିଲିଫ୍ ବାଣ୍ଟିବାକୁ....................... । (ପଡ଼ିବା)

Digitized by srujanika@gmail.com

2. Transform into negative (use double negative) :

(i) (a) ସେ ଗଲେ ତମ କାମ ହୁଅନ୍ତା ।
(b) ବର୍ଷା ହେଇଥିଲେ ବଢି ହେଇଥାନ୍ତା ।
(c) ତମେ ଡ଼ାକିଥିଲେ ଆମେ ଯାଉଥାନ୍ତୁ ।
(d) ସିନେମା ଆସୁଥିଲେ ମୁଁ ଦେଖି ପାରୁଥାନ୍ତି ।
(e) ଦରମା ପାଉଥିଲେ ମୁଁ ଖର୍ଚ୍ଚ କରିପାରୁଥାନ୍ତି ।

(ii) Transform into negative (negate perfect conditional non-finite) :

(a) କ୍ଲାସହେଇଥିଲେ ଆମେ ଆସିଥାନ୍ତୁ ।
(b) ଟଙ୍କାଏ ହେଇଥିଲେ ମୁଁ ଗୋଟିଏ କଣ୍ଢେଇ କିଣିଥାନ୍ତି ।
(c) ବାତ୍ୟା ହେଇଥିଲେ ଲୋକେ କଲବଲ ହେଇଥାନ୍ତେ ।
(d) କଥାଟା ଜାଣିପାରୁଥିଲେ ମୁଁ ତମକୁ କହୁଥାନ୍ତି ।
(e) ଆଖି ଖରାପ ହେଇଥିଲେ ମୁଁ ଚଷମା ପିନ୍ଧୁଥାନ୍ତି ।

(iii) Transform into negative (negate the main verb) :

(a) ବଡିରେ ଘଣ୍ଟା ବନ୍ଦ ହେଇଥିଲେ ଆମେ ଘରକୁ ଯାଉଥାନ୍ତେ ।
(b) ତତେ ଡାକୁଥିଲେ ତୁ ଆସୁଥାନ୍ତୁ ।
(c) ଟଙ୍କା ନେଉଥିଲେ ସେ କହୁଥାନ୍ତା ।
(d) ମତେ ଯିବାକୁ ପଡୁଥିଲେ ମୁଁ ଯାଉଥାନ୍ତି ।
(e) ସାର୍ ଯାଉଥିଲେ ଆମେ ତାଙ୍କ ସଙ୍ଗେ ଯାଉଥାନ୍ତୁ ।

3. Write *twenty* sentences on 'Had there been flood in your State this year ?'

Grammatical Note

1. (i) The imperfect contingent tense with perfect and imperfect conditional non-finite is formed as follows—

Digitized by srujanika@gmail.com

Perfect	Imperfect
ତମେ ଡାକିଥିଲେ ଆମେ ଯାଇଥାନ୍ତୁ । We would have gone if you would have called us.	ତମେ ଡାକିଥିଲେ ଆମେ ଯାଉଥାନ୍ତୁ ।
ସେ ଆସିଥିଲେ ମୁଁ ଆସିଥାନ୍ତି । I would have come if he would have come.	ସେ ଆସୁଥିଲେ ମୁଁ ଆସୁଥାନ୍ତି ।

(ii) Like perfect contingent tense when the imperfect contingent tense is negated, the negation brings change of meaning.

ତମେ ଆସୁଥିଲେ ମୁଁ ଆସୁଥାନ୍ତି ।
ତମେ ଆସୁ ନଥିଲେ ମୁଁ ଆସୁନଥାନ୍ତି ।
ତମେ ଆସୁ ନଥିଲେ ମୁଁ ଆସୁଥାନ୍ତି ।
ତମେ ଆସୁଥିଲେ ମୁଁ ଆସୁନଥାନ୍ତି ।

2. ନୁହେଁ in this lesson is used not as a negative verb but as a tag. ନୁହେଁ is used to draw the attention and to elicit response from the listener.

Digitized by srujanika@gmail.com

UNIT IV

LESSON 52

A Trip to Kashmir

କାଶ୍ମୀର ଯାତ୍ରା

ମିଟୁ : ବାପା ଯଦି ଆମକୁ କାଶ୍ମୀର ନେଇଯାଇ-ଥାନ୍ତେ ତେବେ ଭଲ ହୋଇଥାନ୍ତା । ବାପା ତ ଆମକୁ କାଶ୍ମୀର ନ ନେଇ କଲିକତା ନେଇଗଲେ ।

Mitu :- It would have been good if the father would have taken us to Kashmir. But the father took us to Calcutta instead of taking us to Kashmir.

ଟୁଲ୍‌ଟୁ : ଆରେ, ବାପା ତ କଲିକତା ଗଲେ ଆଉ ଆମକୁ କାଶ୍ମୀର କେମିତି ନେଇଥାନ୍ତେ ? ବାପାଙ୍କର ଯଦି କାଶ୍ମୀର ଟୁର୍ ପଡ଼ିଥାନ୍ତା ତାହେଲେ ଆମକୁ କଣ ନେଇ ନଥାନ୍ତେ ?

Tultu : Look ! How would the father take us to Kashmir when he went to Calcutta ? Would he not have taken us if he would have gone to Kashmir on tour?

ମିଟୁ : ହଁ ତ, ସେ କଥା କଣ ମୁଁ ମନା କରୁଛି ? ବାପା ଯଦି କାଶ୍ମୀର ଯାଉଥାନ୍ତେ ତେବେ ଆମେ ବି ତାଙ୍କ ସାଙ୍ଗରେ ଯାଉଥାନ୍ତେ । ବାପା ଆଉଥରେ କଲିକତା ଗଲେ ମୁଁ କିନ୍ତୁ ଆଉ ଯିବିନି ।

Mitu : Right, do I deny that ? If the father would have gone to Kashmir then we would have accompanied him too. But if the father goes to Calcutta once again I will not go with him.

ଟୁଲଟୁ : ମୁଁ ବି ଆଉ କଲିକତା ଯିବିନି । କିନ୍ତୁ ବାପା ଆଉ କୋଉଠିକି ଗଲେ ମୁଁ ନିଶ୍ଚେ ଯିବି । ତୁ ଯିବୁ ନା ନାହିଁ ?

Tultu : I will also not go to Calcutta. But if the father goes anywhere else I will surely go. Will you go or not ?

ମିଟୁ : ବୋଉ ଗଲେ ମୁଁ ଯିବି ।

Mitu : I will go if the mother goes.

Digitized by srujanika@gmail.com

ଟୁଲଟୁ : ବୋଉ ଯଦି ଏଥର ନଯାଇଥାନ୍ତା ତେବେ ତ ତୁ ଯାଇନଥାନ୍ତୁ । କିନ୍ତୁ ବୋଉ ଯଦି କାଶ୍ମୀର ନଯିବ ତୁ କଣ ଯିବୁନି ?

Tultu : If the mother would not have gone this time then you would not have gone too. But if the mother will not go to Kashmir will you not go there ?

ମିଟୁ : ବୋଉ ନିଶ୍ଚେ କାଶ୍ମୀର ଯିବ ।

Mitu : The mother will surely go to Kashmir.

ଟୁଲଟୁ : ହଉ ଦେଖିବା, ବାପା ଯଦି ବୋଉକୁ ନନେବେ ?

Tultu O. K., we will see. Suppose the father does not take the mother ?

ମିଟୁ : ନେବେନି ନା, ଭରି ନନେଇବାଲା, ଦେଖିବା କେମିତି ନେବେନି !

Mitu : How could that be ? As if he can't take ! We will see how he doesn't take her.

ଟୁଲଟୁ : ହଉ ଦେଖିବା !

Tultu : O. K., we will see.

Variation

ପପୁ : ତୁ ମତେ ଡ଼ାକିଥିଲେ ସିନା ମୁଁ ଖେଳିବାକୁ ଯାଇଥାନ୍ତି । ତୁ ଯେତେବେଳେ ଯାଇଥାନ୍ତୁ ମୁଁ ସେତେବେଳେ ଯାଇଥାନ୍ତି । ତୁ ଆଜି କୋଉଠି ଖେଳୁଥିଲୁ ?

A: If you would have called me I would have gone to play. I would have gone when you would have gone. Where were you playing to-day ?

ପିଟୁ : ମୁଁ ତ କଲେଜ ପଡ଼ିଆରେ ଖେଳୁଥିଲି । ତୁ ଗଲୁନି ସେଠିକି ? ତୁ ଯଦି ଆସିଥାନ୍ତୁ ଆମ ସାଙ୍ଗରେ କ୍ରିକେଟ ଖେଳିଥାନ୍ତୁ ।

B : I was playing in the College field. Why didn't you go there ? You would have played cricket with us if you would have come there.

Digitized by srujanika@gmail.com

ପପୁ :	ତମେ କଲେଜ ପଡ଼ିଆରେ ଖେଳୁଥିଲ ବୋଲି ଜାଣିଥିଲେ ସିନା ମୁ ଯାଇଥାନ୍ତି । କାଲି ମତେ ଡ଼ାକିବାକୁ ଯେମିତି ନଭୁଲୁ । ହଉ, ସଞ୍ଜ ହେଲଣି ମୁଁ ଯାଉଛି ।	A :	Had I known that you were playing in the college field I would have gone there. Don't forget to call me tomorrow. O. K. It is evening. Let me go.
ପିଙ୍କୁ :	ହଉ ଯା ।	B :	O. K.

Vocabulary

ଆଉଥରେ	again	ମନାକରିବା	to say no, to deny
କଲେଜ ପଡ଼ିଆ	college field	ସଞ୍ଜ	evening

Drills

I. Build up drill

ହେଇଥାନ୍ତା ।
ଭଲ ହେଇଥାନ୍ତା ।
ତେବେ ଭଲ ହେଇଥାନ୍ତା ।
କାଶ୍ମୀର ନେଇଯାଇଥାନ୍ତେ ତେବେ ଭଲ ହେଇଥାନ୍ତା ।
ଯଦି ଆମକୁ କାଶ୍ମୀର ନେଇଯାଇଥାନ୍ତେ ତେବେ ଭଲ ହେଇଥାନ୍ତା ।
ବାପା ଯଦି ଆମକୁ କାଶ୍ମୀର ନେଇଯାଇଥାନ୍ତେ ତେବେ ଭଲ ହେଇଥାନ୍ତା ।

ନେଇଗଲେ ।
କଲିକତା ନେଇଗଲେ ।
କାଶ୍ମୀର ନନେଇ କଲିକତା ନେଇଗଲେ ।
ଆମକୁ କାଶ୍ମୀର ନନେଇ କଲିକତା ନେଇଗଲେ ।
ବାପା ତ ଆମକୁ କାଶ୍ମୀର ନନେଇ କଲିକତା ନେଇଗଲେ ।

ନେଇଥାନ୍ତେ ?
କେମିତି ନେଇଥାନ୍ତେ ?
କାଶ୍ମୀର କେମିତି ନେଇଥାନ୍ତେ ?
ଆମକୁ କାଶ୍ମୀର କେମିତି ନେଇଥାନ୍ତେ ?
ଆଉ ଆମକୁ କାଶ୍ମୀର କେମିତି ନେଇଥାନ୍ତେ ?
ଆରେ, ବାପା ତ କଲିକତା ଗଲେ ଆଉ ଆମକୁ କାଶ୍ମୀର କେମିତି ନେଇଥାନ୍ତେ ?

Digitized by srujanika@gmail.com

ନେଇ ନଥାନ୍ତେ ?

କଣ ନେଇ ନଥାନ୍ତେ ?

ଆମକୁ କଣ ନେଇ ନଥାନ୍ତେ ?

ତାହେଲେ ଆମକୁ କଣ ନେଇ ନଥାନ୍ତେ ?

ଯଦି କାଶ୍ମୀର ଟୁର୍ ପଡ଼ିଥାନ୍ତା ତାହେଲେ ଆମକୁ କଣ ନେଇ ନଥାନ୍ତେ ?

କରୁଛି ?

ମନା କରୁଛି ?

ମୁଁ ମନା କରୁଛି ?

ସେ କଥା କଣ ମୁଁ ମନା କରୁଛି ?

ନାଁ ତ, ସେ କଥା କଣ ମୁଁ ମନା କରୁଛି ?

ଯାଉଥାନ୍ତେ ।

ସାଙ୍ଗରେ ଯାଉଥାନ୍ତେ ।

ତାଙ୍କ ସାଙ୍ଗରେ ଯାଉଥାନ୍ତେ ।

ଆମେ ବି ତାଙ୍କ ସାଙ୍ଗରେ ଯାଉଥାନ୍ତେ ।

ତେବେ ଆମେ ବି ତାଙ୍କ ସାଙ୍ଗରେ ଯାଉଥାନ୍ତେ ।

ଯଦି କାଶ୍ମୀର ଯାଉଥାନ୍ତେ ତେବେ ଆମେ ବି ତାଙ୍କ ସାଙ୍ଗରେ ଯାଉଥାନ୍ତେ ।

ବାପା ଯଦି କାଶ୍ମୀର ଯାଉଥାନ୍ତେ ତେବେ ଆମେ ବି ତାଙ୍କ ସାଙ୍ଗରେ ଯାଉଥାନ୍ତେ ।

ଯିବିନି ।

ଆଉ ଯିବିନି ।

ମୁଁ କିନ୍ତୁ ଆଉ ଯିବିନି ।

କଲିକତା ଗଲେ ମୁଁ କିନ୍ତୁ ଆଉ ଯିବିନି ।

ବାପା ଆଉଥରେ କଲିକତା ଗଲେ ମୁଁ କିନ୍ତୁ ଆଉ ଯିବିନି ।

ଯାଉନି ।

କଲିକତା ଯାଉନି ।

ଆଉ କଲିକତା ଯାଉନି ।

ମୁଁ ବି ଆଉ କଲିକତା ଯାଉନି ।

Digitized by srujanika@gmail.com

ଯିବି ।
ନିଶ୍ଚେ ଯିବି ।
ମୁଁ ନିଶ୍ଚେ ଯିବି ।
ଆଉ କୋଉଠିକି ଗଲେ ମୁଁ ନିଶ୍ଚେ ଯିବି ।
ବାପା ଆଉ କୋଉଠିକି ଗଲେ ମୁଁ ନିଶ୍ଚେ ଯିବି ।
କିନ୍ତୁ ବାପା ଆଉ କୋଉଠିକି ଗଲେ ମୁଁ ନିଶ୍ଚେ ଯିବି ।

ଯାଇ ନଥାନ୍ତୁ ।
ତୁ ଯାଇ ନଥାନ୍ତୁ ।
ତେବେ ତ ତୁ ଯାଇ ନଥାନ୍ତୁ ।
ବୋଉ ଯଦି ଏଥର ନ ଯାଇଥାନ୍ତା ତେବେ ତ ତୁ ଯାଇ ନଥାନ୍ତୁ ।

ଯିବୁନି ?
କଣ ଯିବୁନି ?
ତୁ କଣ ଯିବୁନି ?
ବୋଉ ଯଦି କାଶ୍ମୀର ନଯିବ ତୁ କଣ ଯିବୁନି ?
କିନ୍ତୁ ବୋଉ ଯଦି କାଶ୍ମୀର ନଯିବ ତୁ କଣ ଯିବୁନି ?

II. Transformation drill (To take out ଯଦି & ତେବେ, ଯେତେବେଳେ & ସେତେବେଳେ)

(a) ବାପା ଯଦି ଆମକୁ କାଶ୍ମୀର ନେଇଯାଇଥାନ୍ତେ ତେବେ ଭଲ ହେଇଥାନ୍ତା ।
ବାପା ଆମକୁ କାଶ୍ମୀର ନେଇଯାଇଥିଲେ ଭଲ ହେଇଥାନ୍ତା ।

(b) ବାପାଙ୍କର ଯଦି କାଶ୍ମୀର ଟୁର୍ ପଡ଼ିଥାନ୍ତା ତାହେଲେ ଆମକୁ କଣ ନେଇ ନଥାନ୍ତେ ?
ବାପାଙ୍କର କାଶ୍ମୀର ଟୁର୍ ପଡ଼ିଥିଲେ ଆମକୁ କଣ ନେଇ ନଥାନ୍ତେ ?

(c) ବୋଉ ଯଦି ଏଥର ନଯାଇଥାନ୍ତା ତେବେ ତ ତୁ ଯାଇ ନଥାନ୍ତୁ ।
ବୋଉ ଏଥର ନଯାଇଥିଲେ ତ ତୁ ଯାଇ ନଥାନ୍ତୁ ।

(d) ତୁ ଯେତେବେଳେ ଯାଇଥାନ୍ତୁ ମୁଁ ସେତେବେଳେ ଯାଇଥାନ୍ତି ।
ତୁ ଯାଇଥିଲେ ମୁଁ ଯାଇଥାନ୍ତି ।

Digitized by srujanika@gmail.com

Exercises

1. Using each of the following correlatives with contingent tenses frame conditional complex sentences :

   (a) ଯେତେବେଳେ।। ସେତେବେଳେ
   (b) ଯଦି ।। ତେବେ
   (c) ଯେତେ ।। ସେତେ
   (d) ଯେମିତି ।। ସେମିତି
   (e) ଯେବେ ।। ସେବେ

2. Use ଯଦି and ତେବେ in the following sentences :

   (a) ସେ କାଶ୍ମୀର ଯାଇଥିଲେ ଆମକୁ ନେଇଥାନ୍ତେ ।
   (b) ତୁ ଖେଳିବାକୁ ଆସିଥିଲେ ମୁଁ ତୋ ସାଙ୍ଗରେ ଯାଇଥାନ୍ତି ।
   (c) ଟ୍ରୁର୍ ପଡ଼ିଥିଲେ ଆମେ ଯାଇଥାନ୍ତେ ।
   (d) ତମେ ମତେ ଡାକୁଥିଲେ ମୁଁ ଆସୁଥାନ୍ତି ।
   (e) ସିନେମା ଆସୁଥିଲେ ସେ ଦେଖୁଥାନ୍ତା ।

3. Use double negative in the following sentences :

   (a) ସେ ଯଦି ସିନେମା ଯାଇଥାନ୍ତେ ତେବେ ମୁଁ ବି ଯାଇଥାନ୍ତି ।
   (b) ଯଦି ଭୋକ କରୁଥାନ୍ତା ତେବେ ସେ ଖାଇଥାନ୍ତା ।
   (c) ଯଦି ତା ମନ ଭଲଥାନ୍ତା ତେବେ ସେ ଯାଇଥାନ୍ତା ।
   (d) ଯଦି ସେ ଖେଳୁଥାନ୍ତା ତେବେ ମୁଁ ତାକୁ ଡାକିଥାନ୍ତି ।
   (e) ବାପା ଯଦି ଯାଇଥାନ୍ତେ ତେବେ ଆମକୁ କହିଥାନ୍ତେ ।

Grammatical Note

1. The interrogative sentence using contingent tense is formed as follows—

   ସେ ତ କାଶ୍ମୀର ଗଲେ ମୁଁ କେମିତି ଯାଇଥାନ୍ତି ?
   ତମେ ତ ସବୁ ଖାଇଲ ମୁଁ କେମିତି ଖାଇଥାନ୍ତି ?
   ସେମାନେ ଯାଇଥିଲେ ମୁଁ କାହିଁକି ଯାଇଥାନ୍ତି ?

Digitized by srujanika@gmail.com

2. ବାଲା can be suffixed to nouns and verbs as follows—

ଗାଁ ବାଲା	villager
ଘରବାଲା	owner of a house
ଦେଖିଲାବାଲା/ଦେଖିବାବାଲା	viewer
କଲାବାଲା/କରିବାବାଲା	doer

Digitized by srujanika@gmail.com

UNIT IV

LESSON 53

Revision Lesson

Arrangement of Cultural Function

ସାଂସ୍କୃତିକ ଉତ୍ସବର ଆୟୋଜନ

ଦେବବ୍ରତ : ଏବର୍ଷ ଆମ ଟ୍ରେନିମାନେ ମିଶି ଜାନୁୟାରୀ ପହିଲ ନୂଆବର୍ଷ ଦିନ ଗତବର୍ଷ ପରି ଗୋଟାଏ କଲ୍‌ଚରଲ୍ ପ୍ରୋଗ୍ରାମ୍ କଲେ ତ ହୁଅନ୍ତା । ଗତବର୍ଷ ଯଦି ବର୍ଷା ପବନ ନହୋଇଥାନ୍ତା ତେବେ ଆମ ପ୍ରୋଗ୍ରାମ କେତେ ଭଲ ହୋଇ ନଥାନ୍ତା ସତେ ।

Debabrata : It would be good if we the trainees can stage together a cultural programme this time on the New Year's Day, on the 1st January, as we did last year. If there would not have been rains and wind last year how much better our programme would have been ?

ବିଶ୍ୱଜିତ୍ : ଏବର୍ଷ ପୂଜା ବେଳକୁ କରିଥିଲେ ବି ଭଲ ହୋଇଥାନ୍ତା । କିନ୍ତୁ ପୂଜା ତ ଗଲାଣି, ସେଇ ନୂଆ ବର୍ଷ ଦିନ କରିବା । ଡ୍ରାମା, ଓଡ଼ିଶୀ ନାଚ ଆଉ କିଛି ମ୍ୟୁଜିକ ପ୍ରୋଗ୍ରାମ କଲେ ଭଲ ହୁଅନ୍ତା ।

Biswajit : It would have been good if we could have it during the Puja. But since the Puja is over, we will have it on the same New Year's Day. It would be good to have a drama, Odisi dance and some music programme.

ଦେବବ୍ରତ : ସେଥିପାଇଁ ଆଗରୁ ସବୁ ବନ୍ଦୋବସ୍ତ କରିବାକୁ ପଡ଼ିବ ନା ! ଡ୍ରାମା କରିବା ପାଇଁ ଆଉ କିଛି ଦିନ ଆଗରୁ ଠିକ୍ କରିଥିଲେ ସୁବିଧା ହୋଇଥାନ୍ତା । ନୁହେଁ ?

Debabrata : We have to make prior arrangements for that. It would have been convenient if we had arranged for the drama a little earlier. Isn't it ?

Digitized by srujanika@gmail.com

ବିଶ୍ୱଜିତ୍ : ବର୍ତ୍ତମାନ ବି ତ ସମୟ ଅଛି । ଯୋଉ ଡ୍ରାମା କରିବା କଥା ତାକୁ ବାଛି ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ରିହଲସାଲ ଆରମ୍ଭ କରିଦେଲେ ହେବ । ଓଡ଼ିଶୀ ନାଚ ଆଉ ମ୍ୟୁଜିକ୍ ପ୍ରୋଗ୍ରାମ ପାଇଁ ବି ବ୍ୟବସ୍ଥା କରିବାକୁ ପଡ଼ିବ ।

Biswajit : There is still time. Whatever drama to be staged, it's to be selected quickly, and rehearsal to start as soon as possible. Also arrangements to be made for the Odisi dance and music programme.

ଦେବବ୍ରତ : ଗତବର୍ଷ ପରି ଏବର୍ଷ ସବୁ ବିଭାଗର ଟ୍ରେନିମାନେ ମିଶିବେ ତ ?

Debabrata : Will the trainees of all Departments participate this year as they did last year.

ବିଶ୍ୱଜିତ୍ : ହଁ, କାହିଁକି ନ ମିଶିବେ ? ସମସ୍ତଙ୍କର ଯଦି ମନ ମିଳୁ ନଥାନ୍ତା ତେବେ ସମସ୍ତେ ଡ୍ରାମାରେ ମିଶିବାକୁ ଇଚ୍ଛା କରୁଥାନ୍ତେ କେମିତି ? ଆଉ ତୁ କଣ ବୁଝିପାରୁନୁ ସମସ୍ତେ ଯଦି ସହ-ଯୋଗ କରୁ ନଥାନ୍ତେ ତାହେଲେ ଆମ ପ୍ରୋଗ୍ରାମ ପ୍ରକୃତରେ ଏତେ ଭଲ ହଉ ନଥାନ୍ତା ବୋଲି ?

Biswajit : Yes, why not ? If they would not have thought alike then how else all had wished to participate in the drama ? Also don't you understand, if all would not have been cooperating, then our programmes would not have been that good ?

ଦେବବ୍ରତ : ହଉ ଦେଖାଯାଉ ଏଥର କ'ଣ ହେଉଛି ? ଭଗବାନଙ୍କ ଦୟାରୁ ସବୁ ଭଲରେ ଭଲରେ ହେଇଗଲେ ଭଲ ।

Debabrata Well, let's see what happens this time ? It would be good if everything goes well by God's grace.

Digitized by srujanika@gmail.com

Exercises

1. Substitute the underlined words by the words given in the brackets and bring necessary changes in the following sentences :

   (a) <u>ସେମାନେ</u> ଖୁସିରେ ଏ କାମ କରିଥାନ୍ତେ । (ମୁଁ)
   (b) <u>ତମେ</u> ବି ଆମ ସାଙ୍ଗରେ ଖାଆନ୍ତ । (ସେ *fam.*)
   (c) <u>ତୁ</u> ତ ସେଠିକି ଯାଇ ପାରିଥାନ୍ତୁ । (ଆପଣ)
   (d) <u>ଆପଣମାନେ</u> ବର୍ତ୍ତମାନ କ୍ଲାସକୁ ଯାଆନ୍ତେ ।(ଆମେ *excl.*)
   (e) <u>ଲକ୍ଷ୍ମୀପ୍ରିୟା</u> ଆଜି କଟକ ଯାଇଥାନ୍ତା । (ପଟ୍ଟନାୟକବାବୁ)

2. Fill up the blanks selecting words from inside the brackets:

   (କେମିତି, ଆଗରୁ, ଭଲରେ ଭଲରେ, ସତେ, କେବେ)

   (a) ତମେ ଯାଇଥିଲେ......................ଭଲ ହୋଇ ନଥାନ୍ତା ।
   (b) ....କଣ ସେ ସେ ଜାଗାକୁ ଯାଇଥାନ୍ତା ?
   (c) ସବୁ ବନ୍ଦୋବସ୍ତ......................କରିଥିଲେ ସୁବିଧା ହୋଇଥାନ୍ତା ।
   (d) ସମସ୍ତେ ନ ଆସିଥିଲେ ଡ୍ରାମା ହେଇଥାନ୍ତା...................... ?
   (e) ଆଛା, ସମସ୍ତେ......................ପହଞ୍ଚିଛନ୍ତ ?

3. Transform the following sentences according to the instruction given :

   (a) ପୂଜାଛୁଟିରେ ଯାଇଥିଲେ ମୋ କାମ ହେଇଥାନ୍ତା ! (use double negative)
   (b) ତମେ ଘରେ ଥିଲେ କଣ ଆମେ ଆସନ୍ତୁ ? -do-
   (c) ସେ ବଜାରକୁ ଗଲେ ତମେ ଆସିବ । (negate the conditional non-finite)
   (d) ସେମାନେ ମୋ ଅଫିସ୍‌କୁ ଆସିଥିଲେ ମୁଁ ସେମାନଙ୍କ କଥା ବୁଝିଥାନ୍ତି । (negate the conditional nonfinite)
   (e) ତତେ ଜର ହେଇଥିଲେ ମୁଁ ଡ଼ାକ୍ତର ଡାକିଥାନ୍ତି । (negate the main verb)

4. Use the following words in exclamatory sentences :

   କେତେ, କୁଆଡ଼େ, ନା, ବାଃ, ସତେ

5. Write *ten sentences* on, 'Had you been to Language Centre Last Year !'

Digitized by srujanika@gmail.com

UNIT IV

LESSON 54

Orissa Tour

ଓଡ଼ିଶା ଭ୍ରମଣ

ଶ୍ରୀକାନ୍ତ : ସନ୍ତୋଷ କେବେ ଆସୁଛି ? ତମେ ସବୁ ମସ କୁଆଡ଼େ ସାରା ଓଡ଼ିଶା ଭ୍ରମଣ କରିବାକୁ ଯାଉଛ ? କଣ ଯିବାକୁ ସବୁ ଠିକ୍ ଠାକ୍ ହେଲଣି ?

Srikanta When is Santosh coming ? Is it that you all are going to have a tour throughout Orissa ? Have you made arrangements for the same.

ବିଭୁତି : ହଁ । ତୁ ଚଲୁନୁ ଆମ ସାଙ୍ଗରେ । ସନ୍ତୋଷ ତ କାଲି ପଅରଦିନ ଭିତରେ ଆସିଯାଇପାରେ । ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାକୁ ଯିବାକୁ ଆମେ ସ୍ଥିର କରିଛୁ । ଏଇ ଦୁଇ ଚାରିଦିନ ଭିତରେ ପ୍ରଥମେ କଟକରୁ ବାହାରି ପଶ୍ଚିମ ଓଡ଼ିଶା ଯିବୁ । ସମ୍ବଲପୁରରେ ଆଠ ଦଶ ଦିନ ରହିବୁ ବୋଲି ଭବିଛୁ । ସେଠୁ ରାଉରକେଲା ଯିବା ପାଇଁ ଠିକ୍ ହେଇଛି । ପଶ୍ଚିମ ଓଡ଼ିଶାରୁ ଫେରି ଦକ୍ଷିଣ ଓଡ଼ିଶାକୁ ଯିବୁ । ତାପରେ ପୁରୀକୁ ଆସି ପୁରୀରେ ୧୦ ଦିନ ଖଣ୍ଡେ ରହି ବାଲେଶ୍ୱର ବାଟେ କଲିକତା ଯିବୁ ।

Bibhuti : Yes. Why don't you come along with us ? Santosh may come by tomorrow or day after. We have decided to go to almost all the districts of Orissa. We will start in two or four days time, from Cuttack to Western Orissa first. We may stay for eight or ten days at Sambalpur. From there we will go to Rourkella. Returning from Western Orissa we will go to Southern Orissa. Then we will come back to Puri and stay there for about ten days, and from there we will go to Calcutta through Balasore.

Digitized by srujanika@gmail.com

ଶ୍ରୀକାନ୍ତ : ତୁମେ ତ ସବୁ ଜିଲ୍ଲାକୁ ଯିବ । କିନ୍ତୁ ସେଠି ସବୁ ରହିବ କେଉଁଠି ?

Srikanta : You would be going to all the districts. But where will you stay there ?

ବିଭୂତି : ରହିବାପାଇଁ ମୁଁ ପରା ଆଜି ସବୁ ଜିଲ୍ଲାର ଡ଼ାକବଙ୍ଗଳାକୁ ଖବର ପଠେଇବି ବୋଲି ଠିକ୍ କଲି ।

Bibhuti : I have decided to-day to contact the dakbungalows in every district for our stay there.

ଶ୍ରୀକାନ୍ତ : ହଉ, ତାହେଲେ ମୁଁ ବି ତମ ସାଙ୍ଗରେ ଯିବି । ମୁଁ ଯାଉଛି ବର୍ତ୍ତମାନ ବାପାଙ୍କ ପାଖକୁ ଖଣ୍ଡେ ଚିଠି ଲେଖେ । କାରଣ ଏସବୁ ବୁଲାବୁଲି ପ୍ରୋଗ୍ରାମ ତ ପୁରାପୁରି ଗୋଟାଏ ମାସ କି ବେଶୀ ଲାଗିଯିବ । ତେଣୁ ବାପାଙ୍କୁ ଜଣେଇ ଦେଇ ଯିବା ଭଲ ହେବ । ମୋର ଚିଠି ଫିଟି ଯାହା ଘରକୁ ଆସିବ ସବୁ ରଖିଥିବେ । ଏଠିକି ପଠେଇବେନି ।

Srikanta : O.K., then I will also accompany you. Let me write a letter to my father now. Because this tour programme may take a full one month or more. Therefore if would be better to inform my father about this. He would be keeping all my letters at home instead of sending them here.

ବିଭୂତି : ତାହେଲେ ତୁ ରେଡି ହେଇ ବାହାର । ମୁଁ ଅନ୍ୟ ବନ୍ଦୋବସ୍ତ ସବୁ କରେ । ଟ୍ରେନ୍‌ରେ ନ ଯାଇ ବସ୍‌ରେ ଯିବା । ବୁଝିଲୁ ?

Bibhuti : Then you please get ready. Let me make other arrangements. We will go by bus instead of train. O.K. ?

ଶ୍ରୀକାନ୍ତ : ଆଜ୍ଞା ।

Srikanta : All right.

Vocabulary

ଚିଠିଫିଟି	letters	ଡାକବଙ୍ଗଳା	dakbungalow
ଠିକ୍ କରିବା	to decide	ଦଶଦିନ ଖଣ୍ଡେ	about ten days
ଠିକ୍‌ଠାକ୍	arrangement, ready	ଦକ୍ଷିଣ ଓଡ଼ିଶା	Southern Orissa
ଠିକ୍‌ହେବା	to be decided	ପଶ୍ଚିମ ଓଡ଼ିଶା	Western Orissa.

Digitized by srujanika@gmail.com

ପୁରପୁରି	totally	ଭେଟିବା	to meet
ବାଲେଶ୍ୱରବାଟେ	through Balasore	ସ୍ଥିର କରିବା	to decide
ବୁଲବୁଲି ପ୍ରୋଗ୍ରାମ	travel programme	ସେଇଥା	that
ଭ୍ରମଣ କରିବା	to travel		

Drills

I. Build up drill

ଆସୁଛି ?
କେବେ ଆସୁଛି ?
ସନ୍ତୋଷ ଆସୁଛି ?
ସନ୍ତୋଷ କେବେ ଆସୁଛି ?

ଯାଉଛ ?
ଭ୍ରମଣ କରିବାକୁ ଯାଉଛ ?
ଓଡ଼ିଶା ଭ୍ରମଣ କରିବାକୁ ଯାଉଛ ?
ସାର ଓଡ଼ିଶା ଭ୍ରମଣ କରିବାକୁ ଯାଉଛ ?
କୁଆଡ଼େ ସାର ଓଡ଼ିଶା ଭ୍ରମଣ କରିବାକୁ ଯାଉଛ ?
ତମେ ସବୁ ପର କୁଆଡ଼େ ସାର ଓଡ଼ିଶା ଭ୍ରମଣ କରିବାକୁ ଯାଉଛ ?

ହେଲଣି ?
ଠିକ୍‌ଠାକ୍ ହେଲଣି ?
ସବୁ ହେଲଣି ?
ସବୁ ଠିକ୍‌ଠାକ୍ ହେଲଣି ?
ଯିବାକୁ ସବୁ ଠିକ୍‌ଠାକ୍ ହେଲଣି ?
କଣ ଯିବାକୁ ସବୁ ଠିକ୍‌ଠାକ୍ ହେଲଣି ?

ସାଙ୍ଗରେ ।
ଆମ ସାଙ୍ଗରେ ।
ଗଲୁନୁ ଆମ ସାଙ୍ଗରେ ।
ତୁ ଗଲୁନୁ ଆମ ସାଙ୍ଗରେ ।

Digitized by srujanika@gmail.com

ଆସିଯାଇପାରେ ।
ପଅରଦିନ ଭିତରେ ଆସିଯାଇପାରେ ।
କାଲି ପଅରଦିନ ଭିତରେ ଆସିଯାଇପାରେ ।
ସନ୍ତୋଷ ତ କାଲି ପଅରଦିନ ଭିତରେ ଆସିଯାଇପାରେ ।

ସ୍ଥିର କରିଛୁ ।
ଆମେ ସ୍ଥିର କରିଛୁ ।
ସବୁ ଜିଲ୍ଲାକୁ ଯିବାକୁ ସ୍ଥିର କରିଛୁ ।
ପ୍ରାୟ ସବୁ ଜିଲ୍ଲାକୁ ଯିବାକୁ ସ୍ଥିର କରିଛୁ ।
ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାକୁ ଯିବାକୁ ସ୍ଥିର କରିଛୁ ।

ଯିବୁ ।
ଓଡ଼ିଶା ଯିବୁ ।
ପଶ୍ଚିମ ଓଡ଼ିଶା ଯିବୁ ।
କଟକରୁ ବାହାରି ପଶ୍ଚିମ ଓଡ଼ିଶା ଯିବୁ ।
ପ୍ରଥମେ କଟକରୁ ବାହାରି ପଶ୍ଚିମ ଓଡ଼ିଶା ଯିବୁ ।
ଦୁଇ ଚାରିଦିନ ଭିତରେ ପ୍ରଥମେ କଟକରୁ ବାହାରି ପଶ୍ଚିମ ଓଡ଼ିଶା ଯିବୁ ।
ଏଇ ଦୁଇ ଚାରିଦିନ ଭିତରେ ପ୍ରଥମେ କଟକରୁ ବାହାରି ପଶ୍ଚିମ ଓଡ଼ିଶା ଯିବୁ ।

ଭାବିଛୁ ।
ରହିବୁ ବୋଲି ଭାବିଛୁ ।
ଦଶଦିନ ରହିବୁ ବୋଲି ଭାବିଛୁ ।
ଆଠ ଦଶଦିନ ରହିବୁ ବୋଲି ଭାବିଛୁ ।
ସମ୍ବଲପୁରରେ ଆଠ ଦଶଦିନ ରହିବୁ ବୋଲି ଭାବିଛୁ ।

ଠିକ୍ ହେଇଛି ।
ଯିବାପାଇଁ ଠିକ୍ ହେଇଛି ।
ଗଞ୍ଜାମକୁ ଯିବାପାଇଁ ଠିକ୍ ହେଇଛି ।
ସେଠୁ ଗଞ୍ଜାମକୁ ଯିବାପାଇଁ ଠିକ୍ ହେଇଛି ।

ଯିବୁ ।
ଓଡ଼ିଶାକୁ ଯିବୁ ।
ଦକ୍ଷିଣ ଓଡ଼ିଶାକୁ ଯିବୁ ।
ପଶ୍ଚିମ ଓଡ଼ିଶାରୁ ଫେରି ଦକ୍ଷିଣ ଓଡ଼ିଶାକୁ ଯିବୁ ।

Digitized by srujanika@gmail.com

ଯିବୁ ।
କଲିକତା ଯିବୁ ।
ବାଲେଶ୍ୱରବାଟେ କଲିକତା ଯିବୁ ।
୧୦ ଦିନ ଖଣ୍ଡେ ରହି ବାଲେଶ୍ୱର ବାଟେ କଲିକତା ଯିବୁ ।
ପୁରୀରେ ୧୦ଦିନ ଖଣ୍ଡେ ରହି ବାଲେଶ୍ୱର ବାଟେ କଲିକତା ଯିବୁ ।
ପୁରୀକୁ ଆସି ପୁରୀରେ ୧୦ ଦିନ ଖଣ୍ଡେ ରହି ବାଲେଶ୍ୱର ବାଟେ କଲିକତା ଯିବୁ ।
ତା ପରେ ପୁରୀକୁ ଆସି ପୁରୀରେ ୧୦ ଦିନ ଖଣ୍ଡେ ରହି ବାଲେଶ୍ୱର ବାଟେ କଲିକତା ଯିବୁ ।

II. Transformation drill

(i) Change of verbs and tenses without changing the time—

(a) ସନ୍ତୋଷ କେବେ ଆସୁଛି ?
ସନ୍ତୋଷ କେବେ ଆସିବ ?

(b) କଣ ଯିବାକୁ ସବୁ ଠିକ୍‌ଠାକ୍ ହେଲାଣି ?
କଣ ଯିବାକୁ ସବୁ ଠିକ୍‌ଠାକ୍ କରୁଛ ?
କଣ ଯିବାକୁ ସବୁ ଠିକ୍‌ଠାକ୍ ହେଉଛି ?

(c) ସନ୍ତୋଷ ତ କାଲି ପଅରଦିନ ଭିତରେ ଆସିଯାଇପାରେ ।
ସନ୍ତୋଷ ତ କାଲି ପଅରଦିନ ଭିତରେ ଆସିଯାଉଛି ।
ସନ୍ତୋଷ ତ କାଲି ପଅରଦିନ ଭିତରେ ଆସିଯିବ ।

(d) ରହିବାପାଇଁ ମୁଁ ପର ଆଜି ସବୁ ଜିଲ୍ଲାର ଡାକବଙ୍ଗଳାକୁ ଖବର ପଠେଇବି ବୋଲି ଠିକ୍ କ
ରହିବାପାଇଁ ମୁଁ ପର ଆଜି ସବୁ ଜିଲ୍ଲାର ଡାକବଙ୍ଗଳାକୁ ଖବର ପଠେଇବି ବୋଲି ଠିକ୍‌କରୁଛି ।
ରହିବାପାଇଁ ମୁଁ ପର ଆଜି ସବୁ ଜିଲ୍ଲାର ଡାକବଙ୍ଗଳାକୁ ଖବର ପଠେଇବି ବୋଲି ଠିକ୍ କ

(e) ତାହେଲେ ମୁଁ ବି ତମ ସାଙ୍ଗରେ ଯିବି ।
ତାହେଲେ ମୁଁ ବି ତମ ସାଙ୍ଗରେ ଯାଉଛି ।

(ii) Use of ପାଇଁ in place of ବୋଲି—

(a) ସମ୍ବଲପୁରରେ ଆଠଦଶଦିନ ରହିବୁ ବୋଲି ଭାବିଛୁ ।
ସମ୍ବଲପୁରରେ ଆଠଦଶଦିନ ରହିବାପାଇଁ ଭାବିଛୁ ।

Digitized by srujanika@gmail.com

(b) ମୁଁ ସବୁ ଜିଲ୍ଲାର ଡ଼ାକବଙ୍ଗଳାକୁ ଖବର ପଠେଇବି ବୋଲି ଠିକ୍ କଲି ।
ମୁଁ ସବୁ ଜିଲ୍ଲାର ଡାକବଙ୍ଗଳାକୁ ଖବର ପଠେଇବା ପାଇଁ ଠିକ୍ କଲି ।

(iii) Use of ବୋଲି in place of ପାଇଁ—

(a) ସେଠୁ ଗଡରକେଲ ଯିବା ପାଇଁ ଠିକ୍ ହୋଇଛି ।
ସେଠୁ ଗଡରକେଲ ଯିବୁ ବୋଲି ଠିକ୍ ହୋଇଛି ।

(b) ଆଜି ଡାକବଙ୍ଗଳାକୁ ଖବର ପଠେଇବାପାଇଁ ଠିକ କଲି ।
ଆଜି ଡାକବଙ୍ଗଳାକୁ ଖବର ପଠେଇବି ବୋଲି ଠିକ୍ କଲି ।

Exercises

Change the verbs and tenses of the following sentences without changing the time

(a) ସେମାନେ କେବେ ଭଷା ଶିଖିସାରି ଯାଉଛନ୍ତି ?
(b) ମୁଁ ତେବେ ବର୍ତ୍ତମାନ ଉଠେ ।
(c) କାଲି ଏତେବେଳକୁ ମୁଁ କଲିକତା ଯାଉଥିବି ।
(d) ଆମେ ପ୍ରତିଦିନ ଦଶଟା ବେଳେ କ୍ଲାସକୁ ଯାଉ ।
(e) ଦିନେ ଦି ଦିନ ଭିତରେ ସବୁ ଖବର ଆମ ପାଖକୁ ଆସି ଯାଉଛି ।
(f) ତମେ ତେବେ ବାପାଙ୍କ ପାଖକୁ ଖଣ୍ଡେ ଚିଠି ଲେଖୁଚ ।
(g) ଓଡ଼ିଶା ବୁଲିବାପାଇଁ ମାସେ କି ବେଶୀ ଲଗିଯିବ ।
(h) ଆପଣଙ୍କର କଣ କାହାକୁ ଭେଟିବା କଥା ଥିଲା ?
(i) ସେ କଣ ଭଷା ଶିଖିଥାନ୍ତା ?
(j) ମୋର କଣ ଚିଠିପିଟି ଛିଛି ନାହିଁ ?

2. Use ବୋଲି in place of ପାଇଁ and ପାଇଁ in place of ବୋଲି in the following sentences :

(a) କ'ଣ ଯିବା ପାଇଁ ସବୁ ଠିକ୍ କଲଣି ?
(b) ସନ୍ତୋଷ, ଶ୍ରୀକାନ୍ତ ଓ ବିଭୂତି ସାଗ ଓଡ଼ିଶା ବୁଲିବା ପାଇଁ ଯିବେ ।
(c) ସେମାନେ ଡାକ ବଙ୍ଗଳାରେ ରହିବା ପାଇଁ ଠିକ୍ କରୁଛନ୍ତି ।
(d) ସମ୍ବଲପୁରରେ ଆଠ ଦଶଦିନ ରହିବୁ ବୋଲି ଭବିଛୁ ।
(e) ସେଠୁ ଗଡରକେଲା ଯିବୁ ବୋଲି ଠିକ୍ ହୋଇଛି ।

Digitized by srujanika@gmail.com

3. Write a passage in 10 sentences on your going home in mid-term-vacation.

Grammatical Note

1. Note the following two sentences—

   ବାଲ୍ମିକୀ ରାମାୟଣ ଲେଖିଛନ୍ତି ।

   ବାଲ୍ମିକୀ ରାମାୟଣ ଲେଖିଥିଲେ ।

   The first one is present perfect and the second one is past perfect in terms of tense. But both are in past time. Similarly in this lesson although the trip is planned for a future time different tenses are used.

2. Note the following uses of ବୋଲି—

   (a) ଦଶରଥ ବୋଲି ଜଣେ ରାଜା ଥିଲେ ।

   (b) ସେ ମୋର ଗୋଟିଏ ବୋଲି ପୁଅ ।

   (c) ସେ ଯିବେ ବୋଲି ଆସିଛନ୍ତି ।

   (d) ତମେ ଆସିଛ ବୋଲି ମୁଁ ଆସିଛି ।

Digitized by srujanika@gmail.com

UNIT IV

LESSON 55

The Patient and the Doctor

ରୋଗୀ ଓ ଡାକ୍ତର

ଡାକ୍ତରବାବୁ : ଆରେ ବନମାଳୀବାବୁ ଯେ ! ନମସ୍କାର । ଆପଣ ଏ ଅସମୟରେ କୁଆଡ଼େ ?

Doctor : Hallo, Banamalibabu ! *Namaskar*. What brings you here at this odd hour ?

ବନମାଳୀବାବୁ : ନମସ୍କାର । ଆରେ ଡାକ୍ତରଙ୍କ ପାଖରେ ସମୟ ଅସମୟ କ'ଣ ? କାଲିଠୁ ମୋ ସାନପୁଅକୁ ଭରି ଜର । ମୋ ସ୍ତ୍ରୀ ଭରି ବ୍ୟସ୍ତ ହେଉଛନ୍ତି । ମୁଁ କାଲି ଦିଲ୍ଲୀ ଯିବାର ଅଛି । ତେଣୁ ଔଷଧଟା ପୁଅ ପାଇଁ ନେଇ ଯିବାକୁ ଆସିଛି ।

Banamalibabu : *Namaskar*. Is there any even or odd time with a doctor ? My younger son is having high fever from yesterday. My wife is very much worried. I am to go to Delhi to-morrow. That's why I have come to take some medicine for my son.

ଡାକ୍ତରବାବୁ : କଣ ଥଣ୍ଡା ଜର ହେଉଛି ନା ଆଉ କ'ଣ ?

Doctor : Is it cold and fever or anything else ?

ବନମାଳୀବାବୁ : ହଁ ବୋଧେ ଥଣ୍ଡା ଜର । ବହୁତ କାଶୁଛି ଆଉ ତା ଛାତିରେ କଫ ଜମି ଯାଇଛି ।

Banamalibabu : Yes, probably cold and fever. He is frequently coughing and his chest appears to be con-jested.

ଡାକ୍ତରବାବୁ : ଆଚ୍ଛା, ଆପଣ ଏ ଔଷଧତକ ନେଇ ଯାଆନ୍ତୁ । ମୁଁ ସନ୍ଧ୍ୟାବେଳକୁ ଯାଇ ତାକୁ ଦେଖି ଆସିବି । ଇଞ୍ଜେକ୍ସନ୍ ଦରକାର

Doctor : O. K., you please take these medicines. I will go and see him in the evening.

Digitized by srujanika@gmail.com

ହେଲେ ବି ଦେଇ ଆସିବି । ଆପଣ ଦିଲ୍ଲୀ କାହିଁକି ଯିବେ ?

I will also give him an injection if necessary. Why are you going to Delhi ?

ବନମାଳୀବାବୁ : ଦିଲ୍ଲୀରେ ମୋର ଶିକ୍ଷାମନ୍ତ୍ରୀଙ୍କୁ ଭେଟିବାର ଅଛି । ତାଛଡ଼ା ଆଉ କେତେଟା ଛୋଟ ବଡ଼ କାମ ବି କରିବାର ଅଛି ।

Banamalibabu : I am to see the Education Minister in Delhi. Besides I have also a few other odd jobs to do.

ଡାକ୍ତରବାବୁ : ଶିକ୍ଷାମନ୍ତ୍ରୀଙ୍କର ପରା ଓଡ଼ିଶା ଆସିବାର କଥା ଥିଲା ?

Doctor : Isn't it that the Education Minister was scheduled to come to Orissa ?

ବନମାଳୀବାବୁ : ହଁ ସେ କଥା ବି ଡିପାର୍ଟମେଣ୍ଟରୁ ବୁଝିବାର କଥା । ସବୁକାମ ସାରି ଫେରି ଆସୁ ଆସୁ ସପ୍ତାହେ ଲାଗିପାରେ । ପୁଅଟାକୁ ଭୀଷଣ ଜର, ମନ ଭଲ ଲାଗିଲାନି । ସେଥିପାଇଁ ନିଜେ ଔଷଧ ନେବାକୁ ଚାଲି ଆସିଲି ।

Banamalibabu : Yes that's also to be found out from the Department. It may take about a week's time to finish all work before I return. As the son is having high fever I don't feel all right. That's why I have come myself for the medicine.

ଡାକ୍ତରବାବୁ : ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ସନ୍ଧ୍ୟାକୁ ଯାଇ ପୁଅକୁ ଦେଖି ଆସିବି । ଆଉ ଔଷଧ ଦରକାର ହେଲେ ଦେଇ ଆସିବି ।

Doctor : Please don't be worried. I will go in the evening and see the child and give him medicine if necessary.

ବନମାଳୀବାବୁ : ଆଚ୍ଛା, ବର୍ତ୍ତମାନ ତ ଆପଣଙ୍କ ପାଖରେ ରୋଗୀ ଭର୍ତ୍ତି ହେଉଛନ୍ତି । ମୁଁ ତେବେ ଆସୁଛି । ନମସ୍କାର ।

Banamalibabu : O. K., now your chamber is getting full of patients. Let me go. *Namaskar*.

ଡାକ୍ତରବାବୁ : ନମସ୍କାର ।

Doctor : *Namaskar*.

Digitized by srujanika@gmail.com

Vocabulary

ଅସମୟ	not in time, bad time	ଜର	fever
ଇଂଜେକ୍‌ସନ	injection	ଥଣ୍ଡାଜର	cold and fever
କାଶ	cough	ନିଜେ	self
କାଶିବା	to cough	ଭର୍ତ୍ତି	full
ଜମିଯିବା	conjestion	ରୋଗୀ	patient
		ଶିକ୍ଷାମନ୍ତ୍ରୀ	Education Minister

Drills

I. Build up drill

କୁଆଡ଼େ ?
ଅସମୟରେ କୁଆଡ଼େ ?
ଏ ଅସମୟରେ କୁଆଡ଼େ ?
ଆପଣ ଏ ଅସମୟରେ କୁଆଡ଼େ ?

କ'ଣ ?
ଅସମୟ କ'ଣ ?
ସମୟ ଅସମୟ କ'ଣ ?
ଡାକ୍ତରଙ୍କ ପାଖରେ ସମୟ ଅସମୟ କ'ଣ ?
ଆରେ ଡାକ୍ତରଙ୍କ ପାଖରେ ସମୟ ଅସମୟ କ'ଣ ?

ଜର ।
ଭରି ଜର ।
ସାନ ପୁଅକୁ ଜର ।
କାଲିଠୁ ମୋ ସାନ ପୁଅକୁ ଭରି ଜର ।

ହେଉଛନ୍ତି
ବ୍ୟସ୍ତ ହେଉଛନ୍ତି ।
ଭରି ବ୍ୟସ୍ତ ହେଉଛନ୍ତି ।
ମୋ ସ୍ତ୍ରୀ ଭରି ବ୍ୟସ୍ତ ହେଉଛନ୍ତି ।

Digitized by srujanika@gmail.com

ଅଛି ।

ଯିବାର ଅଛି ।

ଦିଲ୍ଲୀ ଯିବାର ଅଛି ।

କାଲି ଦିଲ୍ଲୀ ଯିବାର ଅଛି ।

ମୋର କାଲି ଦିଲ୍ଲୀ ଯିବାର ଅଛି ।

ଆସିଲି ।

ଯିବାକୁ ଆସିଲି ।

ନେଇ ଆସିଲି ।

ନେଇ ଯିବାକୁ ଆସିଲି ।

ପୁଅପାଇଁ ନେଇ ଯିବାକୁ ଆସିଲି ।

ଔଷଧଟା ପୁଅପାଇଁ ନେଇ ଯିବାକୁ ଆସିଲି ।

ତେଣୁ ଔଷଧଟା ପୁଅପାଇଁ ନେଇ ଯିବାକୁ ଆସିଲି ।

କ'ଣ ?

ଆଉ କ'ଣ ?

ଜର ହେଉଛି ନା ଆଉ କ'ଣ ?

ଥଣ୍ଡା ଜର ହେଉଛି ନା ଆଉ କ'ଣ ?

କଣ ଥଣ୍ଡା ଜର ହେଉଛି ନା ଆଉ କ'ଣ ?

ଜର ।

ଥଣ୍ଡା ଜର ।

ବୋଧେ ଥଣ୍ଡା ଜର ।

ହଁ ବୋଧେ ଥଣ୍ଡା ଜର ।

ଯାଇଛି ।

ଜମି ଯାଇଛି ।

କଫ ଜମି ଯାଇଛି ।

ଛାତିରେ କଫ ଜମି ଯାଇଛି ।

ତା ଛାତିରେ କଫ ଜମି ଯାଇଛି ।

ବହୁତ କାଶୁଛି ଆଉ ତା ଛାତିରେ କଫ ଜମି ଯାଇଛି ।

Digitized by srujanika@gmail.com

ନେଇ ଯାଆନ୍ତୁ ।
ଔଷଧତକ ନେଇ ଯାଆନ୍ତୁ ।
ଏ ଔଷଧତକ ନେଇ ଯାଆନ୍ତୁ ।
ଆପଣ ଏ ଔଷଧତକ ନେଇ ଯାଆନ୍ତୁ ।
ଆଚ୍ଛା, ଆପଣ ଏ ଔଷଧତକ ନେଇଯାଆନ୍ତୁ ।

II. Substitution drill

(a) ଆପଣ ଏ ଅସମୟରେ କୁଆଡ଼େ ?

ଅବେଳରେ	ଆପଣ ଏ ଅବେଳରେ/ଅବେଳାରେ କୁଆଡ଼େ ?
ଅସୁବିଧା ବେଳରେ	ଆପଣ ଏ ଅସୁବିଧା ବେଳରେ କୁଆଡ଼େ ?

(b) ଆରେ ଡାକ୍ତରଙ୍କ ପାଖରେ ସମୟ ଅସମୟ କ'ଣ ?

ବେଳ ଅବେଳ	ଆରେ ଡାକ୍ତରଙ୍କ ପାଖରେ ବେଳ ଅବେଳ କ'ଣ ?
ଭଲମନ୍ଦ	ଆରେ ଡାକ୍ତରଙ୍କ ପାଖରେ ଭଲମନ୍ଦ କ'ଣ ?
ସୁବିଧା ଅସୁବିଧା	ଆରେ ଡାକ୍ତରଙ୍କ ପାଖରେ ସୁବିଧା ଅସୁବିଧା କ'ଣ ?

(c) ମୋର କାଲି ଦିଲ୍ଲୀ ଯିବାର ଅଛି ।

ଆମର		ଆମର କାଲି ଦିଲ୍ଲୀ ଯିବାର ଅଛି ।
ତୋର		ତୋର କାଲି ଦିଲ୍ଲୀ ଯିବାର ଅଛି ।
ତମର		ତମର କାଲି ଦିଲ୍ଲୀ ଯିବାର ଅଛି ।
ଆପଣଙ୍କର		ଆପଣଙ୍କର କାଲି ଦିଲ୍ଲୀ ଯିବାର ଅଛି ।
ତାର		ତାର କାଲି ଦିଲ୍ଲୀ ଯିବାର ଅଛି ।
ତାଙ୍କର		ତାଙ୍କର କାଲି ଦିଲ୍ଲୀ ଯିବାର ଅଛି ।
ସେମାନଙ୍କର		ସେମାନଙ୍କର କାଲି ଦିଲ୍ଲୀ ଯିବାର ଅଛି ।
	ଆସିବାର	ମୋର କାଲି ଦିଲ୍ଲୀ ଆସିବାର ଅଛି ।
	ଫେରିବାର	ମୋର କାଲି ଦିଲ୍ଲୀ ଫେରିବାର ଅଛି ।
	ପହଞ୍ଚିବାର	ମୋର କାଲି ଦିଲ୍ଲୀ ପହଞ୍ଚିବାର ଅଛି ।

(d) ଦିଲ୍ଲୀରେ ମୋର ଶିକ୍ଷାମନ୍ତ୍ରୀଙ୍କୁ ଭେଟିବାର ଅଛି ।

ଦେଖାକରିବାର	ଦିଲ୍ଲୀରେ ମୋର ଶିକ୍ଷାମନ୍ତ୍ରୀଙ୍କୁ ଦେଖା କରିବାର ଅଛି ।
କହିବାର	ଦିଲ୍ଲୀରେ ମୋର ଶିକ୍ଷାମନ୍ତ୍ରୀଙ୍କୁ କହିବାର ଅଛି ।

Digitized by srujanika@gmail.com

(e) ପୁଅଟାକୁ ଭାଷଣ କର ।

ପିଲଟାକୁ	ପିଲଟାକୁ ଭାଷଣ କର ।
ଛୁଆଟାକୁ	ଛୁଆଟାକୁ ଭାଷଣ କର ।
ଘାନଟାକୁ	ଘାନଟାକୁ ଭାଷଣ କର ।
ସାନପୁଅଟାକୁ	ସାନପୁଅଟାକୁ ଭାଷଣ କର ।

III. Transformation drill

(i) The change of form without changing the meaning of the sentences—

(a) ମୋ ସ୍ତ୍ରୀ ଭାରି ବ୍ୟସ୍ତ ହେଉଛନ୍ତି ।
ମୋ ସ୍ତ୍ରୀ ମୋଟେ ଥୟ ହେଉନାହାଁନ୍ତି ।

(b) ମନ ଭଲ ଲାଗିଲାନି ।
ମନ ଖରାପ ଲାଗିଲା ।

(c) ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ।
ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି ?

(ii) (a) ମୋର ଶିକ୍ଷାମନ୍ତ୍ରୀଙ୍କୁ ଭେଟିବାର ଅଛି ।
ମୁଁ ଶିକ୍ଷାମନ୍ତ୍ରୀଙ୍କୁ ଭେଟିବାର ଅଛି ।

(b) ମୋର ଭୁବନେଶ୍ୱର ଯିବାର ଥିଲା ।
ମୁଁ ଭୁବନେଶ୍ୱର ଯିବାର ଥିଲା ।

(c) ମୁଁ କରିବାର ଥିଲା ।
ମୋର କରିବାର ଥିଲା ।

(d) ଆମେ ଦେଖିବାର କଥା ।
ଆମର ଦେଖିବାର କଥା ।

(iii) (a) ମୋର ଘରକୁ ଯିବାର ଅଛି ।
ମୋର ଘରକୁ ଯିବାକୁ ଅଛି ।

(b) ତାଙ୍କର ମନ୍ତ୍ରୀଙ୍କୁ ଭେଟିବାର ଥିଲା ।
ତାଙ୍କର ମନ୍ତ୍ରୀଙ୍କୁ ଭେଟିବାକୁ ଥିଲା ।

(c) ତମର କୁଆଡ଼େ ଯିବାର ଅଛି କି ?
ତମର କୁଆଡ଼େ ଯିବାକୁ ଅଛି କି ?

Digitized by srujanika@gmail.com

Exercises

1. Answer the following questions :

(i) (a) ବନମାଳୀବାବୁଙ୍କର କୁଆଡ଼େ ଯିବାର ଅଛି ?
(b) ବନମାଳୀବାବୁଙ୍କର କାହାକୁ ଭେଟିବାର ଅଛି ?
(c) କିଏ ଓଡ଼ିଶା ଆସିବାର କଥା ?
(d) ବନମାଳୀବାବୁ କି କଥା ଡିପାର୍ଟମେଣ୍ଟରୁ ବୁଝିବା କଥା ?
(e) ବନମାଳୀବାବୁଙ୍କ ମନ କାହିଁକି ଭଲ ଲାଗିଲାନି ?

(ii) (a) ଆପଣଙ୍କର ଏବେ କୁଆଡ଼େ ଯିବାକୁ ଅଛି ?
(b) କାଲି ଆପଣଙ୍କର କେତେବେଳେ କ୍ଲାସକୁ ଆସିବା କଥା ?
(c) ଆପଣଙ୍କ ବନ୍ଧୁଙ୍କର କାଲି କେତେବେଳେ ସିନେମା ଯିବାକୁ ଥିଲା କି ?
(d) ଆପଣ କଣ ଆଜି ଏଇ ଔଷଧ ଖାଇବାର କଥା ?
(e) ଡାଇରେକ୍ଟରଙ୍କର କଣ ଆସିବାକୁ ଥିଲା କି ?

2. Change the form of the following sentences without changing the meaning :

(a) ମୋ କାମ ସାରି ଫେରି ଆସୁ ଆସୁ ସନ୍ଧ୍ୟା ହେଇଯିବାରେ ।
(b) ମୋ ମନ ଜମା ଭଲ ଲାଗୁନି ।
(c) ଡାକ୍ତରଙ୍କ ପାଖରେ ବେଳ ଅବେଳ କ'ଣ ?
(d) ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି ?
(e) ମୁଁ କାଲି ଦିଲ୍ଲୀ ଯିବାର ଅଛି ।

Grammatical Note

1. In some constructions the personal pronoun can freely interchange with the possessive pronoun where the infinitival adjectives may or may not take ର. In such constructions a sense of probability is hidden in the purpose. Note the following constructions—

(a) ମୁଁ ଦିଲ୍ଲୀ ଯିବାର କଥା ।
ମୋର ଦିଲ୍ଲୀ ଯିବାର କଥା ।

(b) ମୁଁ ଦିଲ୍ଲୀ ଯିବା କଥା ।
ମୋର ଦିଲ୍ଲୀ ଯିବା କଥା ।

Digitized by srujanika@gmail.com

UNIT IV

LESSON 56

Convocation in the Language Centre

ଭାଷାକେନ୍ଦ୍ରରେ ସମାବର୍ତ୍ତନ ଉତ୍ସବ

ମୋହିତ : ଆଚ୍ଛା ସଂବିତ୍, ଆମର ଡିପ୍ଲୋମା ସାର୍ଟିଫିକେଟ କେବେ ଦିଆହେବାର କଥା ଜାଣିଛ ?

Mohit : Well Sambit, do you know when our Diploma Certificates are to be given?

ସଂବିତ୍ : ଶୁଣିଛି, ଏପ୍ରିଲମାସରେ କୋର୍ସ ସରିଲେ କନ୍‌ଭୋକେସନ୍ କରଯାଇ ସାର୍ଟିଫିକେଟ ଦିଆଯାଏ । ଏବର୍ଷ ବି ଏପ୍ରିଲ ୩୦ ତାରିଖରେ କନ୍‌ଭୋକେସନ କରଯାଇ ସାର୍ଟିଫିକେଟ ଦିଆଯିବା ପାଇଁ ଠିକ୍ ହୋଇଛି ବୋଲି ସାର୍ କହୁଥିଲେ ।

Sambit : I have heard that the Certificates are given in a convocation at the end of the course in April. The Sir told us that it has been decided to have the convocation this year on the 30th April, where the certificates will be distributed.

ମୋହିତ : ଆଚ୍ଛା କନ୍‌ଭୋକେସନ୍‌ରେ ଆଉ କ'ଣ କ'ଣ କରଯାଇଥାଏ କି ?

Mohit : Well, what other things are done in the convocation ?

ସବିତ୍ : ଲୁଆଡ଼େ ପ୍ରତି ବିଭାଗରୁ ଭାଷା ଶିକ୍ଷା ଦିଆଯାଇଥିବା ଟ୍ରେନିଂମାନଙ୍କ ମଧ୍ୟରୁ ଜଣ ଜଣକୁ ବଛାଯାଏ । ଆଉ ସେମାନେ ଲୁଆଡ଼େ ନିଜ ବିଭାଗ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦିଅନ୍ତି ।

Sambit : They say that one trainee from among the trainees in each language in each department, is chosen. It seems they move votes of thanks to all on behalf of their departments.

ମୋହିତ : ଆରେ ବାପ୍‌ରେ । କନ୍‌ଭୋକେସନ ପେଣ୍ଡାଲ ଉପରେ ଠିଆ ହୋଇ ଏତେ

Mohit : Oh God ! Do we have to stand on the convocation

Digitized by srujanika@gmail.com

ଲୋକଙ୍କ ଆଗରେ କହିବାକୁ ପଡ଼ିବ ନା କ'ଣ ? ବାବା, ସେ କାମ ମୋ ଦ୍ୱାର ଜମା ହୋଇ ପାରିବନି ।	pandal and to speak before so many people ? Oh dear! I cannot do that work at all.
ସମ୍ବିତ୍ : ଆରେ ଡର କ'ଣ ମ ! ମାଇକ୍ ପାଖରେ ଠିଆ ହୋଇ ତ ଆଖିବୁଜି ଯା ଆସିବ ତା କହିଯିବ । ଦଶମାସ କାଳ ଏଠି ରହି ଆମର ଭାଷା ଶିକ୍ଷା ହେବ । ଆଉ ଏଇ ପାଞ୍ଚ ସାତ ମିନିଟ୍ ଶିଖିଥିବା ଭାଷାରେ କହି ହେବନି ନା !	Sambit : Ah, what are you afraid of ? You just stand before the mike and closing your eyes speak whatever comes to your mind. We learn a language here by staying for 10 months. Can't we speak in the learnt language for five or seven minutes ?
ମୋହିତ : ନାଇଁରେ ବାବା ! ଶେଷରେ ତମକୁ ହିଁ ବୋଧେ କହିବାକୁ କୁହାଯିବ । ତମେ କହିବ । ମୋ ଦ୍ୱାର ଏ ସବୁ କୁହାକୁହି କାମ ପୁରାପୁରି ଅସମ୍ଭବ ।	Mohit : Oh, no, no ! Perhaps you will be requested to speak at last. And you please speak. It is absolutely impossible on my part to make these speeches.
ସମ୍ବିତ୍ : ଅସମ୍ଭବ କାହିଁକି ହେବ ? ଚେଷ୍ଟା କରଗଲେ ଅସମ୍ଭବ ବି ସମ୍ଭବ ହେବ ।	Sambit : Why impossible ? If you try even impossible will be possible.
ମୋହିତ : ତମେ ଅସମ୍ଭବକୁ ସମ୍ଭବ କର । ମୋ ଦ୍ୱାର ସେ ସବୁ ହେବନିରେ ବାବା !	Mohit : You please make impossible possible. Oh God, I can't do all that.

Vocabulary

ଆଖିବୁଜି	with closed eyes	କୁହାକୁହି	to speak
ଆରେ ବାପ୍ରେ	(an exclamation of fear—literary, 'Oh my father !')	ଡର	fear
		ତରଫ୍	on behalf

Digitized by srujanika@gmail.com

ଦଶମାସକାଳ	a period of ten months
ଦ୍ୱାରା	by
ବାଛିବା	to select, to choose
ବାବା	(an expression of disapproval or fear)
ଯା ଆସିବ ତା	whatever comes to the mind
ଶେଷରେ	at the end

Drills

I. Build up drill

ଜାଣିଛ ?
ଦିଆହେବାର କଥା ଜାଣିଛ ?
କେବେ ଦିଆହେବାର କଥା ଜାଣିଛ ?
ଡିପ୍ଲୋମା ସାର୍ଟିଫିକେଟ କେବେ ଦିଆହେବାର କଥା ଜାଣିଛ ?
ଆମର ଡିପ୍ଲୋମା ସାର୍ଟିଫିକେଟ କେବେ ଦିଆ ହେବାର କଥା ଜାଣିଛ ?

ଦିଆଯାଏ ।
ସାର୍ଟିଫିକେଟ ଦିଆଯାଏ ।
କନ୍‌ଭୋକେସନ୍ କରଯାଇ ସାର୍ଟିଫିକେଟ ଦିଆଯାଏ ।
କୋର୍ସ ସରିଲେ କନ୍‌ଭୋକେସନ୍ କରଯାଇ ସାର୍ଟିଫିକେଟ ଦିଆଯାଏ ।
ଏପ୍ରିଲ ମାସରେ କୋର୍ସ ସରିଲେ କନ୍‌ଭୋକେସନ୍ କରଯାଇ ସାର୍ଟିଫିକେଟ ଦିଆଯାଏ ।
ଶୁଣିଛି ଏପ୍ରିଲ ମାସରେ କୋର୍ସ ସରିଲେ କନ୍‌ଭୋକେସନ କରଯାଇ ସାର୍ଟିଫିକେଟ୍ ଦିଆଯାଏ ।

କହୁଥିଲେ ।
ସାର୍ କହୁଥିଲେ ।
ଠିକ୍ ହୋଇଛି ବୋଲି ସାର୍ କହୁଥିଲେ ।
ଦିଆଯିବା ପାଇଁ ଠିକ୍ ହୋଇଛି ବୋଲି ସାର୍ କହୁଥିଲେ ।
ସାର୍ଟିଫିକେଟ ଦିଆଯିବା ପାଇଁ ଠିକ୍ ହୋଇଛି ବୋଲି ସାର କହୁଥିଲେ ।
କନ୍‌ଭୋକେସନ୍ କରଯାଇ ସାର୍ଟିଫିକେଟ ଦିଆଯିବା ପାଇଁ ଠିକ୍ ହୋଇଛି ବୋଲି ସାର୍ କହୁଥିଲେ ।
ଏପ୍ରିଲ ୩୦ତାରିଖରେ କନ୍‌ଭୋକେସନ୍ କରଯାଇ ସାର୍ଟିଫିକେଟ ଦିଆଯିବା ପାଇଁ ଠିକ୍ ହୋଇଛି ବୋଲି ସାର୍ କହୁଥିଲେ ।
ଏବର୍ଷ ବି ଏପ୍ରିଲ ୩୦ ତାରିଖରେ କନ୍‌ଭୋକେସନ୍ କରଯାଇ ସାର୍ଟିଫିକେଟ ଦିଆଯିବା ପାଇଁ ଠିକ୍ ହୋଇଛି ବୋଲି ସାର୍ କହୁଥିଲେ ।

Digitized by srujanika@gmail.com

କରଯାଇଥାଏ କି ?

କ'ଣ କରଯାଇଥାଏ କି ?

କ'ଣ କ'ଣ କରଯାଇଥାଏ କି ?

ଆଉ କ'ଣ କ'ଣ କରଯାଇଥାଏ କି ?

କନ୍‌ଭୋକେସନ୍‌ରେ ଆଉ କ'ଣ କ'ଣ କରଯାଇଥାଏ କି ?

ଆଚ୍ଛା କନ୍‌ଭୋକେସନ୍‌ରେ ଆଉ କ'ଣ କ'ଣ କରଯାଇଥାଏ କି ?

ବଛାଯାଏ ।

ଜଣକୁ ବଛାଯାଏ ।

ଟ୍ରେନିମାନଙ୍କ ମଧ୍ୟରୁ ଜଣ ଜଣକୁ ବଛାଯାଏ ।

ଭାଷାଶିକ୍ଷା ଦିଆଯାଇଥିବା ଟ୍ରେନିମାନଙ୍କ ମଧ୍ୟରୁ ଜଣ ଜଣକୁ ବଛାଯାଏ ।

ପ୍ରତି ବିଭାଗରୁ ଭାଷାଶିକ୍ଷା ଦିଆଯାଇଥିବା ଟ୍ରେନିମାନଙ୍କ ମଧ୍ୟରୁ ଜଣ ଜଣକୁ ବଛାଯାଏ ।

କୁଆଡ଼େ ପ୍ରତି ବିଭାଗରୁ ଭାଷାଶିକ୍ଷା ଦିଆଯାଇଥିବା ଟ୍ରେନିମାନଙ୍କ ମଧ୍ୟରୁ ଜଣ ଜଣକୁ ବଛାଯାଏ ।

ଦିଅନ୍ତି ।

ଧନ୍ୟବାଦ ଦିଅନ୍ତି ।

ସମସ୍ତଙ୍କୁ ଧନ୍ୟବାଦ ଦିଅନ୍ତି ।

ନିଜ ବିଭାଗ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦିଅନ୍ତି ।

ନିଜ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦିଅନ୍ତି ।

କୁଆଡ଼େ ନିଜ ବିଭାଗ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦିଅନ୍ତି ।

ଆଉ ସେମାନେ କୁଆଡ଼େ ନିଜ ବିଭାଗ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦିଅନ୍ତି ।

କହିବାକୁ ପଡ଼ିବ ନା କ'ଣ ?

ଏତେ ଲୋକଙ୍କ ଆଗରେ କହିବାକୁ ପଡ଼ିବ ନା କ'ଣ ?

ପେଣ୍ଡାଲ ଉପରେ ଠିଆହୋଇ ଏତେ ଲୋକଙ୍କ ଆଗରେ କହିବାକୁ ପଡ଼ିବ ନା କ'ଣ ?

କନ୍‌ଭୋକେସନ୍ ପେଣ୍ଡାଲ ଉପରେ ଠିଆହୋଇ ଏତେ ଲୋକଙ୍କ ଆଗରେ କହିବାକୁ ପଡ଼ିବ ନା କ'ଣ ?

ବାପ୍ରେ କନ୍‌ଭୋକେସନ୍ ପେଣ୍ଡାଲ ଉପରେ ଠିଆହୋଇ ଏତେ ଲୋକଙ୍କ ଆଗରେ କହିବାକୁ ପଡ଼ିବ ନା କ'ଣ ?

ଆରେ ବାପ୍ରେ କନ୍‌ଭୋକେସନ ପେଣ୍ଡାଲ ଉପରେ ଠିଆହୋଇ ଏତେ ଲୋକଙ୍କ ଆଗରେ କହିବାକୁ ପଡ଼ିବ ନା କ'ଣ ?

ହୋଇପାରିବନି ।

ଜମା ହୋଇପାରିବନି ।

ମୋ ଦ୍ୱାରା ଜମା ହୋଇପାରିବନି ।

ସେ କାମ ମୋ ଦ୍ୱାରା ଜମା ହୋଇପାରିବନି ।

ବାବା, ସେ କାମ ମୋ ଦ୍ୱାରା ଜମା ହୋଇପାରିବନି ।

Digitized by srujanika@gmail.com

କ'ଣ ମ !
ତର କ'ଣ ମ !
ଆରେ କ'ଣ ମ!
ଆରେ ତର କ'ଣ ମ !

ହେବ ।
ଭାଷାଶିକ୍ଷା ହେବ ।
ଏଠି ରହି ଆମର ଭାଷାଶିକ୍ଷା ହେବ ।
ଦଶ ମାସ କାଳ ଏଠି ରହି ଆମର ଭାଷା ଶିକ୍ଷା ହେବ ।

କହି ହେବ ନି ନା !
ଶିଖିଥିବା ଭାଷାରେ କହି ହେବନି ନା !
ପାଞ୍ଚ ସାତ ମିନିଟ୍ ଶିଖିଥିବା ଭାଷାରେ କହି ହେବନି ନା !
ଆଉ ଏଇ ପାଞ୍ଚ ସାତ ମିନିଟ୍ ଶିଖିଥିବା ଭାଷାରେ କହି ହେବନି ନା !

II. Substitution drill

(a) ଆମ ଡିପ୍ଲୋମା ସାର୍ଟିଫିକେଟ୍ କେବେ ଦିଆହେବାର କଥା ଜାଣିଛ ?
,, ,, ,, ନିଆହେବାର କଥା ଜାଣିଛ ?
,, ,, ,, ପଠାହେବାର କଥା ଜାଣିଛ ?
,, ,, ,, ଅଣାହେବାର କଥା ଜାଣିଛ ?
,, ,, ,, ଲେଖାହେବାର କଥା ଜାଣିଛ ?
,, ,, ,, ଦେଖାହେବାର କଥା ଜାଣିଛ ?

(b) ଏପ୍ରିଲମାସରେ କନ୍‌ଭୋକେସନ୍ କରାଯାଇ ସାର୍ଟିଫିକେଟ ଦିଆଯାଏ ।
,, ,, କରାହୋଇ ,, ,, ।
,, ,, ,, ,, ପଠାଯାଏ ।
,, ,, ,, ,, ଦିଆହୁଏ ।
,, ,, ,, ,, ପଠାହୁଏ ।

(c) କନ୍‌ଭୋକେସନ୍‌ରେ ଆଉ କ'ଣ କ'ଣ କରାଯାଇଥାଏ କି ?
,, ,, କରାହୋଇଥାଏ କି ?
,, ,, ପଢ଼ାଯାଇଥାଏ କି ?
,, ,, ପଢ଼ାହୋଇଥାଏ କି ?
,, ,, ଡକାଯାଇଥାଏ କି ?
,, ,, ଡକାହୋଇଥାଏ କି ?

Digitized by srujanika@gmail.com

(d) ଆମ/ଆମର/ଆମକୁ/ଆମପାଇଁ	ସାର୍ଟିଫିକେଟ	ଦିଆଯିବାର କଥା	।
ମତେ/ମୋର/ମୋପାଇଁ	,,	,,	।
ତତେ/ତୋର/ତୋପାଇଁ	,,	,,	।
ତମ/ତମର/ତମକୁ/ତମପାଇଁ	,,	,,	।
ଆପଣଙ୍କ/ଆପଣଙ୍କର/ଆପଣଙ୍କୁ/ଆପଣଙ୍କପାଇଁ	,,	,,	।
ତା/ତାର/ତାକୁ/ତାପାଇଁ	,,	,,	।
ତାଙ୍କ/ତାଙ୍କର/ତାଙ୍କୁ/ତାଙ୍କପାଇଁ	,,	,,	।
ସେମାନଙ୍କ/ସେମାନଙ୍କର/ସେମାନଙ୍କୁ/ସେମାନଙ୍କପାଇଁ	,,	,,	।

III. Transformation drill

Transformation into interrogative negative—

ଆମ ଡିପ୍ଲୋମା ସାର୍ଟିଫିକେଟ ଦିଆ ହେବାର କଥା ଜାଣିଛ ?
ଆମ ଡିପ୍ଲୋମା ସାର୍ଟିଫିକେଟ ନ ଦିଆହେବାର କଥା ଜାଣିଛ ?
ଆମ ଡିପ୍ଲୋମା ସାର୍ଟିଫିକେଟ ଦିଆ ନହେବାର କଥା ଜାଣିନ ?
ଆମ ଡିପ୍ଲୋମା ସାର୍ଟିଫିକେଟ ଦିଆ ହେବାର କଥା ଜାଣିନ ?

Transformation into negative—

କନ୍‌ଭୋକେସନ କରାଯାଇ ସାର୍ଟିଫିକେଟ ଦିଆଯାଏ ।
କନ୍‌ଭୋକେସନ ନ କରାଯାଇ ସାର୍ଟିଫିକେଟ ଦିଆଯାଏ ।
କନ୍‌ଭୋକେସନ କରାନଯାଇ ସାର୍ଟିଫିକେଟ ଦିଆଯାଏ ।
କନ୍‌ଭୋକେସନ କରାଯାଇ ସାର୍ଟିଫିକେଟ ଦିଆଯାଏନି ।
କନ୍‌ଭୋକେସନ କରାନଯାଇ ସାର୍ଟିଫିକେଟ ଦିଆ ଯାଏନି ।

ଭଷା ଶିକ୍ଷା ଦିଆଯାଇଥିବା ଟ୍ରେନିମାନଙ୍କ ମଧ୍ୟରୁ ଜଣକୁ ବଛାଯାଏ ।
ଭଷାଶିକ୍ଷା ନ ଦିଆଯାଇଥିବା ଟ୍ରେନିମାନଙ୍କ ମଧ୍ୟରୁ ଜଣକୁ ବଛାଯାଏ ।
ଭଷାଶିକ୍ଷା ଦିଆଯାଇ ନଥିବା ଟ୍ରେନିମାନଙ୍କ ମଧ୍ୟରୁ ଜଣକୁ ବଛାଯାଏ ।
ଭଷାଶିକ୍ଷା ଦିଆଯାଇନଥିବା ଟ୍ରେନିମାନଙ୍କ ମଧ୍ୟରୁ ଜଣକୁ ବଛାଯାଏନି ।

ଚେଷ୍ଟା କରାଗଲେ ଅସମ୍ଭବ ବି ସମ୍ଭବ ହେବ ।
ଚେଷ୍ଟା ନକରାଗଲେ ଅସମ୍ଭବ ବି ସମ୍ଭବ ହେବ ।
ଚେଷ୍ଟା କରାନଗଲେ ଅସମ୍ଭବ ବି ସମ୍ଭବ ହେବ ।
ଚେଷ୍ଟା କରାନଗଲେ ଅସମ୍ଭବ ବି ସମ୍ଭବ ହେବନି ।

Digitized by srujanika@gmail.com

Exercises

1. Fill up the blanks choosing appropriate words from inside the brackets :

(a) ଏମିତିକା କଥା କେବେ......................ନଥିଲ । (ଦିଆହେଇ, ଶୁଣାଯାଇ)
(b) ଏପ୍ରିଲମାସରେ ପରୀକ୍ଷା......................ସାର୍ଟିଫିକେଟ ଦିଆଯାଇପାରେ । (ବସାଯାଇ, କରାଯାଇ)
(c) କନ୍‌ଭୋକେସନ କେବେ...............କି ? (କରାଯାଇଥାଏ, ଶୁଣାଯାଇଥାଏ)
(d) ଯଦି ସେ କହିଥାନ୍ତା ତା ପାଇଁ ବନ୍ଦୋବସ୍ତ ....ନଥାନ୍ତା କି ? (କରାଯାଇ, ଦିଆଯାଇ)
(e) ସୁବିଧା..............ଥିଲେ ସେ ଜୀବନରେ ବହୁତ ଉନ୍ନତି କରିପାରିଥାନ୍ତା । (ଦିଆହୋଇ, ନିଆହୋଇ)

2. Transform the following sentences into negative :

(a) ଆଜି ତ ଆମର ଦରମା ଦିଆଯିବାର କଥା ।
(b) ତାପାଇଁ ଲୁଗା କିଣାଯାଇଥିଲେ ସେ ଭାତ ଖାଉଥାନ୍ତା ।
(c) ତାପାଇଁ ସବୁ କରାଯାଇଛି ।
(d) ସାର୍ଟିଫିକେଟ ଦିଆଯାଇଥିବା ଟ୍ରେନିମାନଙ୍କ ମଧ୍ୟରୁ ବି ଜଣେ କହିବେ ।
(e) ଚେଷ୍ଟା କରାଗଲେ ସେ ମନଦେଇ ପଢ଼ନ୍ତା ।

3. Answer the following questions :

(a) ଏପ୍ରିଲମାସରେ କ'ଣ କରାଯାଇ କ'ଣ ଦିଆଯିବ ?
(b) କନ୍‌ଭୋକେସନରେ ଭାଷାଶିକ୍ଷା ଦିଆଯାଇଥିବା ଟ୍ରେନିମାନେ କ'ଣ କରନ୍ତି ?
(c) ଚେଷ୍ଟା କରାଗଲେ କ'ଣ ହେବ ?
(d) ଆପଣଙ୍କ ସ୍କୁଲରେ ବାର୍ଷିକ ଉତ୍ସବ କେବେ କରାହୁଏ ?
(e) ଆପଣମାନଙ୍କୁ ଓଡ଼ିଆ ବହି ଦିଆଗଲେ ଆପଣ ସ୍କୁଲରେ ପିଲାନ୍କୁ ଓଡ଼ିଆ ଭାଷା ପଢ଼ାଇବେ କି ?

4. Write the passive form of the following verbs and frame sentences using them :

କହିବା, ପଢିବା, ବସିବା, ଦେଖିବା, ରାନ୍ଧିବା, ଧୋଇବା, ଡାକିବା, ଶୁଣିବା, ଦେବା, ନେବା

Grammatical Note

1. In a passive construction the passive verb-stem is formed by adding -ଯା/-ହେ to the passive-stem as follows—

verb stem + passive suffix ଆ + ଯା / ହେ—

Digitized by srujanika@gmail.com

To this verb-stem the singular tense marker is added.

Verb stem + passive—ଆ + ଯା-/ ହେ + sing. tense marker
କର୍ +-ଆ + ଯା -/ ହେ+continuous tense marker (sing.)
କର ଯାଉଛି / କରା ହେଉଛି ।

Note : The passive -ଆ should not be confused with causative -ଆ. The verbs -ଦେବା and -ନେବା become ଦିଆ and ନିଆ respectively in passive stem. In Oriya all verbs cannot participate in passive constructions.

ଦିଆହେବା/ଯିବା
ନିଆହେବା/ଯିବା

In the passive constructions the action is supposed to be done by some one else.

ସାର୍ଟିଫିକେଟ କିଏ ଦବ ? (active)
Who will give the certificates ?

ସାର୍ଟିଫିକେଟ କାହାଦ୍ୱାରା ଦିଆହେବ ? (passive)
By whom the certificates will be given ?

2. ବାପ୍‌ରେ, ବାବା etc. are exclamatory words to express fear, surprise, likes and dislikes etc.

Cultural Note

After the completion of the 10 month course in the Language Centres, Diplomas are given to the trainees in the concerned languages by the C. I. I. L., in a convocation arranged for this purpose, at the end of the course.

Digitized by srujanika@gmail.com

UNIT IV

LESSON 57

About a Stranger

ଜଣେ ଅଜଣା ଲୋକ ବିଷୟରେ

ମିଟୁ : ତମ ଘରକୁ ଖରବେଳେ ଯେଉଁ ଦାଢ଼ିଆ ଲୋକଟା କିଏ ଆସିଥିଲା କିରେ ?

Mitu Who was that bearded man who came to your house at noon ?

ବାପୁ : ସେ ଲୋକଟା ଗୋଟାଏ ଠକ । ଆମ ଘରକୁ ଆସି ମିଛରେ ଉଆଡୁ ସିଆଡୁ ମନ୍ତ୍ର ସବୁ କରି ଟଙ୍କା ନେଇଯିବାକୁ ବସିଥିଲା ।

Bapu He was a cheat. He tried to take away money from us, by uttering unintelligible mantras.

ମିଟୁ : ମୁଁ ଜାଣେ ପରା, ବାପା ଯାହା କହୁଥିଲେ ସତ । ବାପା କହନ୍ତି, 'ଅଚିହ୍ନା ଅଜଣା ଲୋକକୁ କି ବିଶ୍ୱାସ ।' ସତରେ ଅଚିହ୍ନା, ଦାଢ଼ିଆ ଲୋକଗୁଡ଼ା ମହା ଠକ, ମହା ଅବିଶ୍ୱାସୀ ।

Mitu : I know whatever the father said was correct. The father says, "what belief is there for an unknown stranger !" Really these unknown bearded persons are all great cheats and highly treacherous.

ବାପୁ : ହଁ ପରା , ସେ ଆମକୁ ଠକି ଟଙ୍କା ନେଇ ଯାଇଥାନ୍ତା । ସେ ଆମକୁ ଆହୁରି କହୁଥିଲା ଯେ ସେ କ'ଣ ସବୁ ପୂଜା କରିବ । ବାପା ଆସି ଗାଳି ଦେଲାରୁ ଧରା ପଡ଼ିବା ଭୟରେ ପଳେଇଗଲା ।

Bapu : That's right. He would have cheated us and taken away money. He had also told us that he would do some pujas. But when the father came and scolded him he ran away for fear of being caught.

Digitized by srujanika@gmail.com

ମିଟୁ : ଯେତେ ଚେଷ୍ଟା କଲେ ହେଁ ସେ ଠକ-ଗୁଡ଼ାଙ୍କଠୁ ରକ୍ଷା ମିଳିବା କଷ୍ଟ । ସେ ବଦମାସଗୁଡ଼ାଙ୍କୁ ଦେଖିଲମାତ୍ରେ ଜେଲ ପଠାଯିବା ଦରକାର ।	Mitu : However you may try it is difficult to escape from such cheats. The moment you see those rascals you have to send them away to the jail.
ବାପୁ : କିନ୍ତୁ ଅସୁବିଧା କ'ଣ ଜାଣିଛୁ ? ପ୍ରକୃତରେ ଠକ କିଏ, ବଦମାସ୍ କିଏ ଜଣାଗଲ ବେଳକୁ ସେ ଚମ୍ପଟ୍ ।	Bapu : But do you know the difficulty ? By the time you find out who is a cheat or rascal he usually escapes.
ମିଟୁ : ଯାହା କହିଲୁ ସତ !	Mitu : Yes, that's right.

Vocabulary

ଅଚିହ୍ନା	unrecognized, unknown	ଧରପଡ଼ିବା ଭୟରେ	for fear of being caught
ଅଜଣା	unknown	ପଳେଇଯିବା	to run away
ଉଆଡୁ ସିଆଡୁ	meaningless	ବଦମାସ	rascal
କଷ୍ଟ	difficult	ବିଶ୍ୱାସ	faith
ଗାଳିଦେବା	to scold	ମନ୍ତ୍ର	mantras
ଚମ୍ପଟ	to disappear	ମହା ଅବିଶ୍ୱାସୀ	highly treacherous
ଜେଲ	jail	ମହାଠକ	great cheat
ଠକ	a cheat	ମାତ୍ରେ	immediately
ଠକିବା	to cheat	ମିଛରେ	by false-hood
ଦାଢିଆ	bearded man	ରକ୍ଷାମିଳିବା	to escape

Drills

I. Substitution drill

(a) ସେ ଲୋକଟା ଗୋଟାଏ ଠକ ।

ବଦମାସ	ସେ ଲୋକଟା ଗୋଟାଏ ବଦମାସ ।
ପାଜି	ସେ ଲୋକଟା ଗୋଟାଏ ପାଜି ।
ସଇତାନ	ସେ ଲୋକଟା ଗୋଟାଏ ସଇତାନ ।

Digitized by srujanika@gmail.com

(b) ଆମ ଘରକୁ ଆସି ମିଛରେ ଇଆଡୁ ସିଆଡୁ ମଣ୍ଡସବୁ କରି ଟଙ୍କା ନେଇଯିବାକୁ ବସିଥିଲ ।
,, ଯାଇ ,, ,, ,, ,, ,, ,, ।
,, ଆସି ,, ଆଜେବାଜେ ,, ,, ,, ,, ।

(c) ବାପା ଯାହା କହୁଥିଲେ ସତ ।
ଠିକ୍ ବାପା ଯାହା କହୁଥିଲେ ଠିକ୍ ।

(d) ଅଚିହ୍ନା, ଅଜଣା ଲୋକକୁ କି ବିଶ୍ୱାସ !
ଅଜଣା, ଅଶୁଣା ଅଜଣା, ଅଶୁଣା ଲୋକକୁ କି ବିଶ୍ୱାସ !

(e) ଯେତେ ଚେଷ୍ଟା କଲେହେଁ ସେ ଠକଗୁଡ଼ାଙ୍କଠୁ ରକ୍ଷା ମିଳିବା କଷ୍ଟ ।
,, ,, ,, ବି ,, ,, ,, ।
,, ,, ,, ମଧ୍ୟ ,, ,, ,, ।

(f) ସେ ବଦମାସଗୁଡାଙ୍କୁ ଦେଖିଲା ମାତ୍ରେ ଜେଲ ପଠାଯିବା ଦରକାର ।
,, ,, ,, ସାଙ୍ଗେ ସାଙ୍ଗେ ,, ,, ।
,, ,, କ୍ଷଣି ,, ,, ।

II. Transformation drill

1. Transformation from direct to indirect form—

(a) ବାପା କହନ୍ତି, "ଅଚିହ୍ନା, ଅଜଣା ଲୋକକୁ କି ବିଶ୍ୱାସ ।"
ବାପା କହନ୍ତି ଯେ ଅଚିହ୍ନା, ଅଜଣା ଲୋକକୁ ବିଶ୍ୱାସ ନାହିଁ ।

(b) ପ୍ରିନ୍ସିପାଲ କହିଲେ, "ମୁଁ ଆମେରିକା ଯାଉଛି ।"
ପ୍ରିନ୍ସିପାଲ କହିଲେ ଯେ ସେ ଆମେରିକା ଯାଉଛନ୍ତି ।

(c) ସାର୍ କହିଲେ "ଆଜି କ୍ଲାସ ହେବ ।"
ସାର୍ କହିଲେ ଯେ ଆଜି କ୍ଲାସ ହେବ ।

(d) ତମେ କହିଥିଲ "ତମେ ଓଡ଼ିଆ ଜାଣନି ।"
ତମେ କହିଥିଲ ଯେ ମୁଁ ଓଡ଼ିଆ ଜାଣିନି ।

(e) ସାର୍ କହିଲେ "ସେ ଚେଷ୍ଟା କରନ୍ତୁ, ପରୀକ୍ଷାରେ ଭଲ କରିବେ ।"
ସେ ଚେଷ୍ଟା କଲେ ପରୀକ୍ଷାରେ ଭଲ କରିବେ ବୋଲି ସାର୍ କହିଲେ ।

Digitized by srujanika@gmail.com

Exercises

1. Transform the following sentences from indirect to direct form :

   (a) ସେ କହିଲେ ଯେ ଠକମାନଙ୍କୁ ବିଶ୍ୱାସ ନାହିଁ ।
   (b) ପ୍ରଧାନମନ୍ତ୍ରୀ କହିଲେ ଯେ ଦେଶରେ ସମସ୍ତେ ସୁଖ ଶାନ୍ତିରେ ଅଛନ୍ତି ।
   (c) ରେଡିଓ କହୁଥିଲା ଯେ ମୁଖ୍ୟମନ୍ତ୍ରୀଙ୍କର ଦିଲ୍ଲୀ ଯିବାର ଅଛି ।
   (d) ସାର୍ କହିଲେ ଯେ ଆମେ ସବୁ ଆଜି ସିନେମା ଯିବୁ ।
   (e) ସେ କହିଲେ ଯେ ସେ ଜଣେ ଭଲ ଖେଳାଳୀ ।

2. Transform the following sentences from direct to indirect :

   (a) ସାର କହିଲେ, "ପିଲାଏ, ତମେ ପଢ଼ା କରି ଆଣିଛ ?
   (b) ଜଗତ କହିଲା, "ମୁଁ ତ ଠିକ୍ ସମୟରେ କ୍ଲାସକୁ ଆସିଛି ।"
   (c) ପ୍ରିନସିପାଲ କହିଲେ, "ଆପଣ ଚେଷ୍ଟା କରନ୍ତୁ, ଆପଣ ପାସ୍ କରିବେ ।"
   (d) ବାପା କହିଲେ, "ମୁଁ ଆସନ୍ତା ସପ୍ତାହରେ ଦିଲ୍ଲୀ ଯାଇ ପାରେ ।"
   (e) ଘର କହିଲେ, "ମୁନା ଭଳି ଭଲ ପିଲା ।"

3. Frame sentences using the following—

   (a) ଦାଡ଼ିଆ, ଅଚିହ୍ନା, ଅଜଣା, ଠକ, ବଦମାସ
   (b) କିଏ, ମାଛେ, ହେଁ, ଚମଟ, କି (exclamatory)

Grammatical Note

1. The direct and indirect or reported speech in Oriya is formed by using ଯେ and inverted coma respectively as follows—.

ମାନସ କହିଲା ଯେ ସେ କାଲି ଆସିବ ।	direct speech
ମାନସ କହିଲା "ମୁଁ କାଲି ଆସିବି ।"	indirect or reported speech
ମୁଁ କହିଲି ଯେ ବାପା କାଲି କଲିକତା ଯିବେ ।	direct speech
ମୁଁ କହିଲି "ବାପା କାଲି କଲିକତା ଯିବେ ।"	indirect or reported speech

2. ହେଁ is used to put emphasis in conditional non-finite structure.

   ଯେତେ କହିଲେ ହେଁ ସେ ବଦଳିଲାନି ।

Digitized by srujanika@gmail.com

UNIT IV

LESSON 58

A Sad News

ଦୁଃସମ୍ବାଦ

କିଶୋରବାବୁ : ଆରେ କୃଷ୍ଣବାବୁ ଯେ! ଜୁହାର ଜୁହାର । ଆପଣ କେବେ ଆସିଲେ କି ? ଶୁଣିଥିଲି ଆପଣ ଏଠି ନଥିଲେ ବୋଲି ।

Kishorebabu : Hallo, Krushnababu ! *Namaskar*. When did you come ? I heard that you were not here.

କୃଷ୍ଣବାବୁ : ନା, ମୁଁ ନଥିଲି ତ । ଦେଢ଼ମାସ ପାଇଁ ହାଇଦ୍ରାବାଦ ଯାଇଥିଲି ଗୋଟାଏ ଟ୍ରେନିଂରେ । ଜେଜେବାପାଙ୍କ ଦେହ ଖରପ ଟେଲିଗ୍ରାମ ପାଇ ମତେ ଆସିବାକୁ ହେଲା । ଜେଜେ ମତେ ଖୁବ୍ ଭଲ ପାଉଥିଲେ । ସେଥିପାଇଁ ଟେଲିଗ୍ରାମ ପାଇ ମୁଁ ଆଉ ରହି ପାରିଲି ନାଇଁ । ମତେ ସାଙ୍ଗେ ସାଙ୍ଗେ ଟ୍ରେନିଂ ଛାଡ଼ି ଆସିବାକୁ ପଡ଼ିଲା । ଜେଜେ ମତେ ଅପେକ୍ଷା କରି-ଥିଲେ ।

